# ଧରିତ୍ରୀ
DHARITRI

52 Years

ଭୁବନେଶ୍ୱର, ମଙ୍ଗଳବାର, ମାର୍ଚ୍ଚ ୨୪/୨୦୨୬ (୧୪ ପୃଷ୍ଠା) | Bhubaneswar, Tuesday, March 24/2026 | Page 14 | ₹ 7.00 | SAMBALPUR

୫୨ଶ ଭାଗ ୧୧୮ ସଂଖ୍ୟା | www.orissakhabar.com/www.dharitri.com | Printed at Sambalpur, Bhubaneswar, Rayagada & Angul | VOLUME 52 ISSUE 118 | ମୂଲ୍ୟ ₹୭/-




**ଅରୁନ୍ଧତୀ ପ୍ଲେୟର ଅଫ୍ ଦି ମନ୍ଥ**

ଫେବୃଆରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି ଭାରତୀୟ ମହିଳା ବୋଲର ଅରୁନ୍ଧତୀ ରେଡ୍ଡୀ।

୧୪

୦୪

**୭୦୦ କୋଟି ଟପିଲା ଧୁରନ୍ଧର-୨**

ଗତ ୫ ଦିନ ତଳେ ପରଦାକୁ ଆସିଥିବା ରଣବୀର ସିଂଙ୍କ ଅଭିନୀତ ଫିଲ୍ମ 'ଧୁରନ୍ଧର-୨'ର ଆୟ ୭୬୧ କୋଟି ଟଙ୍କାରେ ପହଞ୍ଚିଛି।



# ଆମେରିକାର ପଛଘୁଞ୍ଚା: ଇରାନ୍

## ଟ୍ରମ୍ପ୍‌ଙ୍କ ୫ ଦିନିଆ ଯୁଦ୍ଧ ବିରତି ଘୋଷଣା

**ହର୍ମୁଜ୍ ଷ୍ଟ୍ରେଟ୍ ଉପରୁ ପ୍ରତିବନ୍ଧକ ହଟାଇ ଏହାକୁ ୪୮ ଘଣ୍ଟା ମଧ୍ୟରେ ସ୍ୱାଭାବିକ କର ନଚେତ୍ ସବୁ ପାୱାର ପ୍ଲାଣ୍ଟକୁ ଆକ୍ରମଣ କରି ସାରା ଦେଶକୁ ଅନ୍ଧାର କରିଦିଆଯିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ରବିବାର ଇରାନ୍‌କୁ ଧମକ ଦେଇଥିଲେ। ହେଲେ ଏଥିରେ ଇରାନ ଆଦୌ ଭୟଭୀତ ନ ହୋଇ ଆମେରିକା ଆକ୍ରମଣ କଲେ ଉପସାଗରୀୟ ଦେଶଗୁଡ଼ିକ ଉପରେ ଆକ୍ରମଣ ଆହୁରି ଜୋରଦାର କରି ଜଳ ଯୋଗାଣ ବନ୍ଦ କରିଦେବାକୁ ପାଲଟା ଧମକ ଦେଇଥିଲା। କିନ୍ତୁ ୪୮ ଘଣ୍ଟିଆ ଅବଧି ଶେଷ ହେବାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ୍ ୫ ଦିନିଆ ଅପ୍ରତ୍ୟାଶିତ ଯୁଦ୍ଧ ବିରତି ଘୋଷଣା କରିଛନ୍ତି। ଏନେଇ ଉଭୟ ଦେଶ ମଧ୍ୟରେ କଥାବାର୍ତ୍ତା ହୋଇଥିବା ଟ୍ରମ୍ପଙ୍କ ଦାବିକୁ ଇରାନ୍ ଅସ୍ୱୀକାର କରିଛି। ପାଲଟା ଧମକକୁ ଭୟ କରି ଟ୍ରମ୍ପ ଏଭଳି ନିଷ୍ପତ୍ତି ନେବାକୁ ବାଧ ହୋଇଛନ୍ତି ବୋଲି ଇରାନ ମିଡିଆ ଦାବି କରିଛି।**

**ୱାଶିଂଟନ୍, ୨୩।୩**

ଇରାନ୍-ଆମେରିକା ଯୁଦ୍ଧକୁ ନେଇ ଅପ୍ରତ୍ୟାଶିତ ପରିବର୍ତ୍ତନ ଘଟିଛି। ଦୀର୍ଘ ୨୪ ଦିନର ଯୁଦ୍ଧ ପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ସୋମବାର ୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରିଛନ୍ତି। ପୂର୍ବ ଯୋଜନା ଅନୁସାରେ ଇରାନ୍‌ର ପାୱାର ପ୍ଲାଣ୍ଟ ଉପରେ ହେବାକୁ ଥିବା ଆକ୍ରମଣକୁ ୫ ଦିନ ପାଇଁ ସ୍ଥଗିତ ରଖାଯାଇଥିବା ସେ କହିଛନ୍ତି। ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ ଗତ ୨ ଦିନ ମଧ୍ୟରେ ଇରାନ୍ ସହ ହୋଇଥିବା ଆଲୋଚନା ଅତ୍ୟନ୍ତ ଫଳପ୍ରଦ ହୋଇଥିବା ଦର୍ଶାଇ ଟ୍ରମ୍ପ୍ ଏହି ନିଷ୍ପତ୍ତି ନେଇଥିବା କହିଛନ୍ତି। ସାମୟିକ ଯୁଦ୍ଧ ବିରତି ଦ୍ୱାରା ଆମେରିକା ଏବଂ ଇରାନ୍ ମଧ୍ୟରେ କୂଟନୈତିକ ସ୍ତରରେ ଆଲୋଚନାକୁ ଆହୁରି ବ୍ୟାପକ କରିବାକୁ ସୁଯୋଗ ମିଳିବ। ଆଲୋଚନା ମାଧ୍ୟମରେ ସମସ୍ତ ବିବାଦର ସମାଧାନ କରାଯାଇ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରିବା ଲାଗି ଉପାୟ ସ୍ଥିର କରାଯିବ ବୋଲି ଟ୍ରମ୍ପ୍ କହିଛନ୍ତି। ଏଥିପାଇଁ ଆଗାମୀ ୫ ଦିନରେ ଇରାନ୍‌ର କୌଣସି ପାୱାର ପ୍ଲାଣ୍ଟ ଉପରେ ଆକ୍ରମଣ ନ କରିବାକୁ ସେ ଆମେରିକାର ୱାର୍ ଡିପାର୍ଟମେଣ୍ଟକୁ ନିର୍ଦ୍ଦେଶ ଦେଇଥିବା ନିଜର 'ଟ୍ରୁଥ୍' ସୋସିଆଲ ମିଡିଆରେ ପୋଷ୍ଟ କରି ଉଲ୍ଲେଖ କରିଛନ୍ତି।

କିନ୍ତୁ ଟ୍ରମ୍ପ୍‌ଙ୍କ ଏଭଳି ଦାବିକୁ ଇରାନ୍ ସମ୍ପୂର୍ଣ୍ଣ ଅସ୍ୱୀକାର କରିଛି। ଆମେରିକା ସହ ପ୍ରତ୍ୟକ୍ଷ କିମ୍ବା ପରୋକ୍ଷ ଭାବେ ଇରାନ୍‌ର କୌଣସି ସ୍ତରରେ ଆଲୋଚନା ହୋଇନାହିଁ। ଏପରିକି କୌଣସି ମଧ୍ୟସ୍ଥ ଜରିଆରେ ମଧ୍ୟ ଆଲୋଚନା ହୋଇନାହିଁ ବୋଲି ଇରାନ୍‌ର ବହିର୍ବ୍ୟାପାର ମନ୍ତ୍ରଣାଳୟ ପକ୍ଷରୁ କୁହାଯାଇଛି। ଏହାବ୍ୟତୀତ ଇରାନ୍‌ର ସରକାରୀ ଗଣମାଧ୍ୟମ ଓ ଆଇଆର୍‌ଜିସି ମଧ୍ୟ ଟ୍ରମ୍ପ୍ ଦେଇଥିବା ମନ୍ତବ୍ୟକୁ ରୋକ୍‌ଠୋକ୍ ଅସ୍ୱୀକାର କରିଛନ୍ତି। ଅନ୍ୟପକ୍ଷରେ ଆଫ୍‌ଗାନିସ୍ତାନସ୍ଥିତ ଇରାନ୍ ରାଷ୍ଟ୍ରଦୂତ କାର୍ଯ୍ୟାଳୟ ପକ୍ଷରୁ ଟ୍ରମ୍ପ୍‌ଙ୍କୁ ତାଚ୍ଛଲ୍ୟ କରାଯିବା ସହ ଇରାନ୍‌ର କଡ଼ା ଜବାବ ଯୋଗୁ ଟ୍ରମ୍ପ୍ ପଛଘୁଞ୍ଚା ଦେବାକୁ ବାଧ ହୋଇଛନ୍ତି ବୋଲି 'X'ରେ ପୋଷ୍ଟ କରାଯାଇଛି। ଯୁଦ୍ଧ ବିରତି ନେଇ ଇରାନ୍ ସହ ଆମେରିକାର ଆଲୋଚନାକୁ ନେଇ ଟ୍ରମ୍ପ୍‌ଙ୍କ ଦାବି ଏବଂ ଇରାନ୍‌ର ଅସ୍ୱୀକାର ଏବେ ମଧ୍ୟପ୍ରାଚ୍ୟଠାରୁ ଆରମ୍ଭ କରି ବୈଶ୍ୱିକ ସ୍ତରରେ ଚର୍ଚ୍ଚା ବଢାଇଛି। ଉଲ୍ଲେଖଯୋଗ୍ୟ, ହର୍ମୁଜ୍ ଷ୍ଟ୍ରେଟ୍‌କୁ ୪୮ ଘଣ୍ଟା ମଧ୍ୟରେ ମୁକ୍ତ ନ କଲେ ଆମେରିକା ଇରାନ୍‌ର ସମସ୍ତ ପାୱାର ପ୍ଲାଣ୍ଟ ଉପରେ ☞ ପୃଷ୍ଠା-୪







ନ୍ୟୁୟର୍କର ଲା ଗାର୍ଡିଆ ବିମାନବନ୍ଦରରେ ରବିବାର ଏୟାର କାନାଡାର ଏକ ଯାତ୍ରୀବାହୀ ବିମାନ ଫାୟାର୍ ଟ୍ରକ୍ ସହ ଧକ୍କା ଖାଇବା ପରେ ନଷ୍ଟ ହୋଇଯାଇଛି।

# ଅଶୋଧିତ ତୈଳ ମୂଲ୍ୟ ୧୩% ଖସିଲା

## ବ୍ୟାରେଲ ପିଛା ବ୍ରେଣ୍ଟ୍ କ୍ରୁଡ୍ ୧୦୦ ଡଲାର

**ୱାଶିଂଟନ୍, ୨୩।୩**

ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ଇରାନ୍ ବିରୋଧରେ ୫ ଦିନିଆ ଯୁଦ୍ଧ ବିରତି ଘୋଷଣା କରିବା ପରେ ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ମୂଲ୍ୟରେ ୧୧ ପ୍ରତିଶତ ହ୍ରାସ ଘଟିଛି। ଟ୍ରମ୍ପ୍‌ଙ୍କ ୪୮ ଘଣ୍ଟିଆ ମହଲତ୍ ଅବଧି ଶେଷ ହେବାକୁ ଯାଉଥିବାରୁ ଏହାପରେ ଯୁଦ୍ଧ ସ୍ଥିତି ଭୟଙ୍କର ରୂପ ନେବା ଆଶଙ୍କାରେ ସୋମବାର ଅନ୍ତର୍ଜାତୀୟ ବଜାରରେ କାରବାର ଆରମ୍ଭ ହେବା କ୍ଷଣି ଅଶୋଧିତ ତୈଳ ମୂଲ୍ୟ ବଢ଼ିବାରେ ଲାଗିଥିଲା। ବ୍ରେଣ୍ଟ୍ କ୍ରୁଡ୍ ମୂଲ୍ୟରେ ୧ ପ୍ରତିଶତ ବୃଦ୍ଧି ଘଟି ଏହାର ବ୍ୟାରେଲ ପିଛା ମୂଲ୍ୟ ୧୧୩.୩୨ ଡଲାରରେ ପହଞ୍ଚିଥିଲାବେଳେ ଡବ୍ଲ୍ୟୁଟିଆଇ (ହ୍ୱାଇଟ୍ ଟେକ୍ସାସ୍ ଇଣ୍ଟରମିଡିଏଟ୍) କ୍ରୁଡ୍ ୨.୮ ପ୍ରତିଶତ ବୃଦ୍ଧିରେ ବ୍ୟାରେଲ ପିଛା ମୂଲ୍ୟ ୧୦୧.୦୧ ଡଲାରରେ ପହଞ୍ଚିଥିଲା। ☞ ପୃଷ୍ଠା-୪

# ୧ ଡଲାର= ୯୩.୫୩ ଟଙ୍କା

**ମୁମ୍ବାଇ, ୨୩।୩(ପି.ଟି.)**

## ପ୍ରଥମ ଥର ସର୍ବନିମ୍ନ ସ୍ତର ୯୪ ଅତିକ୍ରମ କରିଥିଲା



ଆମେରିକୀୟ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସୋମବାର ପ୍ରଥମ ଥର ପାଇଁ ୯୪ ମାର୍କ ଅତିକ୍ରମ କରି ୧ ଡଲାର ମୂଲ୍ୟ ସର୍ବନିମ୍ନ ୯୪.୦୩ ଟଙ୍କାରେ ପହଞ୍ଚିବା ପରେ କାରବାର ଶେଷ ବେଳକୁ ୯୩.୫୩ ରହିଛି। ବିଶେଷ କରି ଅଶୋଧିତ ତୈଳ ଦରରେ ସୁଧାର ଆସିବା ପରେ ଟଙ୍କା ମୂଲ୍ୟରେ ଉନ୍ନତି ଦେଖାଦେଇଛି। ଅନ୍ତର୍ଜାତୀୟ ବଜାରରେ ଅଶୋଧିତ ତୈଳ ଦର କ୍ରମାଗତ ବୃଦ୍ଧି ପାଇଚାଲିଥିବାବେଳେ ସୋମବାର ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୫ ଦିନ ପାଇଁ ଇରାନରେ ଯୁଦ୍ଧ ସ୍ଥଗିତ ରଖିବାକୁ ଘୋଷଣା କରିବା ପରେ ଅଶୋଧିତ ତୈଳ ଦର ୧୩ ପ୍ରତିଶତ ହ୍ରାସ ପାଇ ବ୍ୟାରେଲ ପ୍ରତି ଦର ୧୦୦ ଡଲାରରୁ ସାମାନ୍ୟ ଅଧିକ ରହିଛି। ଅନ୍ୟପକ୍ଷରେ ବିଦେଶୀ ନିବେଶକମାନେ ☞ ପୃଷ୍ଠା-୪

# ମେ' ୨୯ରେ ଓଟିଇଟି

## ୨୬ରୁ ଆରମ୍ଭ ଅନ୍‌ଲାଇନ ଫର୍ମ ପୂରଣ

**କଟକ, ୨୩।୩(କାର୍ତ୍ତିକ ସାହୁ)**

ମାଧ୍ୟମିକ ଶିକ୍ଷା ପରିଷଦ ଦ୍ୱାରା ପରିଚାଳିତ ୨୦୨୬ର ସଦ୍ୟ ଏବଂ ଚାକିରିରେ ଥିବା ପ୍ରାର୍ଥୀମାନଙ୍କ ନିମନ୍ତେ ଓଡ଼ିଶା ଟିଚର ଏଲିଜିବିଲିଟି ଟେଷ୍ଟ (ଓଟିଇଟି) ଆସନ୍ତା ମେ ୨୯ରେ ଅନୁଷ୍ଠିତ ହେବ। ଦୁଇଟି ସିଟିଙ୍ଗରେ ପରୀକ୍ଷା ହେବ। ପେପର-୧ ପରୀକ୍ଷା ସକାଳ ୯ଟାରୁ ୧୧ଟା ୩୦ ପର୍ଯ୍ୟନ୍ତ ଏବଂ ପେପର-୨ ପରୀକ୍ଷା ଅପରାହ୍ନ ୨ରୁ ୪ଟା ୩୦ ଯାଏ ଅନୁଷ୍ଠିତ ହେବ। ପରୀକ୍ଷାର୍ଥୀମାନଙ୍କ ଆଡମିଟ କାର୍ଡ ମେ ୧୫ରୁ ୱେବ୍‌ସାଇଟରେ ଉପଲବ୍ଧ ହେବ। ଏଥିନିମନ୍ତେ ଅନ୍‌ଲାଇନ ଫର୍ମ ପୂରଣ ପ୍ରକ୍ରିୟା ମାର୍ଚ୍ଚ ୨୬ ତାରିଖରୁ ଆରମ୍ଭ ହେବ। ସେହିଦିନଠାରୁ ବୋର୍ଡର ୱେବ୍‌ସାଇଟ www.bscodisha.nic.in ରେ ଲିଙ୍କ ଉପଲବ୍ଧ ହେବ। ଅନ୍‌ଲାଇନ ଫର୍ମ ଦାଖଲ ଓ ଦେୟ ପ୍ରଦାନ ଏପ୍ରିଲ ୯ ତାରିଖ ରାତି ୧୧ଟା ୪୫ ମିନିଟ୍ ପର୍ଯ୍ୟନ୍ତ କରାଯିବା ଶେଷ ସମୟ ସୀମା ଧାର୍ଯ୍ୟ ହୋଇଛି। ପରୀକ୍ଷା ସମ୍ପର୍କିତ ନିର୍ଦ୍ଦେଶାବଳୀ, ଯୋଗ୍ୟତା ପାଠ୍ୟକ୍ରମ ଆଦିର ସୂଚନା ବୋର୍ଡ ୱେବ୍‌ସାଇଟରେ ଉପଲବ୍ଧ ହୋଇଛି। କୌଣସି ପ୍ରାର୍ଥୀ ଫର୍ମ ପୂରଣ ବେଳେ ଦାଖଲ କରିଥିବା ବ୍ୟକ୍ତିଗତ ତଥ୍ୟ, ଠିକଣା, ☞ ପୃଷ୍ଠା-୪

**ଆଜିର ସମ୍ପାଦକୀୟ**

**ଆମେରିକା ଅପଦସ୍ଥ**





ଆସାମ କଂଗ୍ରେସ ସଭାପତି ତଥା ଜୋରହାଟ ଆସନର ଦଳୀୟ ପ୍ରାର୍ଥୀ ଗୌରବ ଗୋଗୋଇ ସୋମବାର ନାମାଙ୍କନ ପତ୍ର ଦାଖଲ ପାଇଁ ର୍‍ୟାଲିରେ ଯାଉଥିବାବେଳେ ସମର୍ଥକମାନଙ୍କୁ ଅଭିନନ୍ଦନ ଜଣାଉଛନ୍ତି।

# ଖୁବ୍‌ଶୀଘ୍ର କାର୍ଯ୍ୟକାରୀ ହେବ ମହିଳା ସଂରକ୍ଷଣ ଆଇନ

ନୂଆଦିଲ୍ଲୀ,୨୩।୩



କେନ୍ଦ୍ର ସରକାର ୨୦୧୧ ଜନଗଣନା ତଥ୍ୟ ଆଧାରରେ ମହିଳା ସ୍ଥାନ ସଂରକ୍ଷଣ ଆଇନ ଖୁବ୍‌ଶୀଘ୍ର କାର୍ଯ୍ୟକାରୀ କରିବାକୁ ଯାଉଥିବା ସୂତ୍ରରୁ ଜଣାପଡ଼ିଛି। ସରକାର ସାନି ଜନଗଣନା ତଥ୍ୟକୁ ଅପେକ୍ଷା ନ କରି ମହିଳା ସଂରକ୍ଷଣ ଆଇନ କାର୍ଯ୍ୟକାରୀ କରିବାକୁ ଯୋଜନା କରୁଛନ୍ତି। ପ୍ରସ୍ତାବିତ ନିୟମ ଅନୁଯାୟୀ ଲୋକ ସଭାର ଆସନ ସଂଖ୍ୟା ୫୪୩ରୁ ୮୧୬କୁ ବୃଦ୍ଧି ପାଇବାକୁ ଥିବାବେଳେ ସେଥିରୁ ୨୭୩ ଆସନ ମହିଳାମାନଙ୍କ ପାଇଁ ସଂରକ୍ଷିତ ରହିବ। ସାନି ଜନଗଣନା ଏବଂ ନିର୍ବାଚନମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ ପରେ ଉକ୍ତ ସଂରକ୍ଷଣ ଲାଗୁ କରାଯିବାକୁ ମୂଳ ଆଇନରେ ନିର୍ଦ୍ଧାରଣ କରାଯାଇଥିଲା। ତେବେ ସରକାର ତରବରିଆ ଭାବେ ଏହାକୁ ଲାଗୁ କରିବାକୁ ଆଗ୍ରହୀ ଥିବା କେତେକ ସୂତ୍ରରୁ ଦାବି କରାଯାଇଛି। ପାର୍ଲାମେଣ୍ଟର ନିମ୍ନ ସଦନରେ ମହିଳାଙ୍କ ପ୍ରତିନିଧିତ୍ୱ ବଢ଼ାଇବା ପାଇଁ ଆଇନରେ ସଂଶୋଧନ ନିମନ୍ତେ ଚଳିତ ବଜେଟ ଅଧିବେଶନରେ ବିଲ୍ ଆଣିବାକୁ କେନ୍ଦ୍ର ଲକ୍ଷ୍ୟ ରଖିଛି। ସମ୍ବିଧାନ ସଂଶୋଧନକୁ ସହଜରେ ଗୃହୀତ କରାଇବା ପାଇଁ ବ୍ୟାପକ ସମର୍ଥନ ଜୁଟାଇବା ଉଦ୍ଦେଶ୍ୟରେ ସରକାର ବିରୋଧୀ ଦଳଗୁଡ଼ିକ ସହ ପ୍ରାଥମିକ ଆଲୋଚନା ଚଳାଇଛନ୍ତି। କ୍ୟାବିନେଟ ଅନୁମୋଦନ ପରେ ସମ୍ଭବତଃ ଆସନ୍ତା ସପ୍ତାହରେ ପ୍ରଥମେ ରାଜ୍ୟ ସଭାରେ ଏହି ବିଲ୍ ଆଗତ କରାଯାଇପାରେ ବୋଲି ଆଶା କରାଯାଉଛି। ଲୋକ ସଭା ଏବଂ ରାଜ୍ୟ ବିଧାନସଭାଗୁଡ଼ିକରେ ମହିଳାମାନଙ୍କ ନିମନ୍ତେ ୩୩ ପ୍ରତିଶତ ସ୍ଥାନ ସଂରକ୍ଷଣ ପାଇଁ ୨୦୨୩ରେ ମହିଳା ସଂରକ୍ଷଣ ଆଇନ ଗୃହୀତ ହୋଇଥିଲେ ମଧ୍ୟ ନିର୍ବାଚନ ମଣ୍ଡଳୀ ସୀମା ପୁନଃନିର୍ଦ୍ଧାରଣ କାର୍ଯ୍ୟ ଅଟକିଥିବାରୁ ଏହା କାର୍ଯ୍ୟକାରୀ ହୋଇପାରି ନାହିଁ। ନିର୍ବାଚନମଣ୍ଡଳୀ ସୀମା ପୁନଃ ନିର୍ଦ୍ଧାରଣ ପୂର୍ବରୁ ଉକ୍ତ ଆଇନକୁ କାର୍ଯ୍ୟକାରୀ କରିବାକୁ ହେଲେ ଆଉ ଏକ ସମ୍ବିଧାନ ସଂଶୋଧନ ବିଲ୍ ଗୃହୀତ କରାଇବା ଆବଶ୍ୟକ।

# ପୁଣି ୧୮୦୦ ପଏଣ୍ଟ ଖସିଲା ସେନ୍‌ସେକ୍ସ

ମୁମ୍ବାଇ ,୨୩।୩

ମଧ୍ୟପ୍ରାଚ୍ୟ ଯୁଦ୍ଧ ସ୍ଥିତିକୁ ନେଇ ସୋମବାର ବିଏସ୍‌ଇ ସୂଚକାଙ୍କ ସେନ୍‌ସେକ୍ସ ୧୮୦୦ ପଏଣ୍ଟ ତଳକୁ ଖସିଥିଲାବେଳେ ନିଫ୍‌ଟିରେ ୬୦୨ ପଏଣ୍ଟ ହ୍ରାସ ଘଟିଛି। ଇରାନ୍ ପାୱାର ପ୍ଲାଣ୍ଟ ଉପରେ ଆମେରିକା ଆକ୍ରମଣ ଧମକ ଦେବା ପରେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ ସହ ଉପସାଗରୀୟ ଦେଶଗୁଡିକ ଉପରେ ଜୋର୍‌ଦାର ଆକ୍ରମଣ କରିବାକୁ ଇରାନ୍ ପାଲଟା ଧମକ ଦେବା ପରେ ମଧ୍ୟପ୍ରାଚ୍ୟ ସ୍ଥିତି ଆହୁରି ଗମ୍ଭୀର ହୋଇପଡ଼ିବା ନିବେଶକ ଆଶଙ୍କା କରିଥିଲେ। ଏହାକୁ ନେଇ ସୋମବାର କାରବାର ଆରମ୍ଭରେ ନିବେଶକ ଅଧିକ ମାତ୍ରାରେ ପୁଞ୍ଜି ପ୍ରତ୍ୟାହାର କରିବା ଆରମ୍ଭ କରିଥିଲେ। ମଧ୍ୟାହ୍ନ ସୁଦ୍ଧା ସେନ୍‌ସେକ୍ସରେ ୧୫୫୦ ପଏଣ୍ଟ ହ୍ରାସ ଘଟିଥିଲା। ପରେ କିଛିଟା ଉନ୍ନତି ପରିଲକ୍ଷିତ ହୋଇଥିଲେ ହେଁ କାରବାର ବନ୍ଦ ହେବା ବେଳକୁ ସେନ୍‌ସେକ୍ସରେ ୧୮୩୬ ପଏଣ୍ଟ ହ୍ରାସ ଘଟି ୭୨,୬୯୬ ପଏଣ୍ଟରେ ଏବଂ ଏନ୍‌ଏସ୍‌ଇ ସୂଚକାଙ୍କ ନିଫ୍‌ଟି ୬୦୨ ପଏଣ୍ଟ ହ୍ରାସ ଘଟି ୨୨,୫୧୨ ପଏଣ୍ଟରେ ବନ୍ଦ ରହିଛି।

# ପାକିସ୍ତାନରେ ଇଦ୍ ପାଳନ ବେଳେ ୪୦ ମୃତ

ପେଶାୱର,୨୩।୩(ପି.ଟି.)

ପାକିସ୍ତାନର ଖାଇବର ପାଖ୍‌ତୁନ୍‌ଖ୍ୱା ପ୍ରଦେଶରେ ୨ ଦିନିଆ ଇଦ୍ ଛୁଟି ପାଳନ ବେଳେ ବିଭିନ୍ନ ସ୍ଥାନରେ ୪୦ ଜଣଙ୍କ ମୃତ୍ୟୁ ଘଟିଛି। ଏହି ଉତ୍ସବ ସମୟରେ ମୋଟ ୧,୯୧୪ଟି ଜରୁରୀ କଲ୍ ମିଳିଥିଲା ବୋଲି ଜାତୀୟ ଜରୁରୀ ସେବା ପକ୍ଷରୁ କୁହାଯାଇଛି। ଏମର୍ଜେନ୍ସି‌ଟିମ୍ ୧,୨୬୧ ମେଡିକାଲ କେସ୍, ୬୨ଟି ଅଗ୍ନିକାଣ୍ଡ ଏବଂ ୩୩ଟି ସଂଘର୍ଷ ଓ ଅପରାଧ ଘଟଣାର ସମାଧାନ କରିଥିଲା। ସେହିପରି ୫ଟି ପାଣିରେ ବୁଡ଼ିଯିବା ଓ ୫୦ଟି ଅନ୍ୟ ଜରୁରୀ କଲ୍ ଆସିଥିଲା। ଏହିସବୁ ଘଟଣାରେ ୪୦ ଜଣଙ୍କ ମୃତ୍ୟୁ ଘଟିବା ସହ ୪୮ ଘଣ୍ଟା ମଧ୍ୟରେ ୧,୯୯୩ ଜଣଙ୍କୁ ଚିକିତ୍ସା ସହାୟତା ଯୋଗାଇ ଦିଆଯାଇଥିଲା। ଇଦ୍ ପାଇଁ ରାସ୍ତାରେ ଯାନବାହନ ଗହଳିରୁ ୪୮୪ଟି ସଡ଼କ ଦୁର୍ଘଟଣା ଘଟିଥିଲା।

# ଶକ୍ତି ସୁରକ୍ଷା, ଭାରତୀୟଙ୍କ ନିରାପତ୍ତାକୁ ଗୁରୁତ୍ୱ

## ପଶ୍ଚିମ ଏସିଆ ସଙ୍କଟ ଉପରେ ଲୋକ ସଭାରେ ପ୍ରଧାନମନ୍ତ୍ରୀଙ୍କ ଉଦ୍‌ବୋଧନ

ନୂଆଦିଲ୍ଲୀ,୨୩।୩



ପଶ୍ଚିମ ଏସିଆରେ ଯୁଦ୍ଧକୁ ନେଇ ସଙ୍କଟ ସୃଷ୍ଟି ହୋଇଥିବାବେଳେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ସୋମବାର ଲୋକ ସଭାରେ ଉଦ୍‌ବୋଧନ ଦେଇ ଭାରତର ଅର୍ଥନୀତି, ଶକ୍ତି ସୁରକ୍ଷା ଏବଂ ବିଦେଶରେ ଥିବା ନାଗରିକଙ୍କ ଉପରେ ପଡୁଥିବା ଯୁଦ୍ଧ ପ୍ରଭାବ ଉପରେ କହିଛନ୍ତି। ସମସ୍ତେ ଏକାଠି ହୋଇ ସଙ୍କଟର ଶାନ୍ତିପୂର୍ଣ୍ଣ ସମାଧାନ ପାଇଁ ସେ ଆହ୍ୱାନ ଦେଇଛନ୍ତି। ସେ କହିଛନ୍ତି, ୩ ସପ୍ତାହରୁ ଊର୍ଦ୍ଧ୍ୱ ସମୟ ହେଲା ଲାଗିରହିଥିବା ପଶ୍ଚିମ ଏସିଆ ସ୍ଥିତି ଅତ୍ୟନ୍ତ ଚିନ୍ତାଜନକ। ଏହା ବିଶ୍ୱ ଅର୍ଥନୀତି ଏବଂ ଲୋକମାନଙ୍କ ଜୀବନ ଉପରେ ବ୍ୟାପକ ପ୍ରତିକୂଳ ପ୍ରଭାବ ପକାଉଛି। ସଙ୍କଟର ଯଥାଶୀଘ୍ର ସମ୍ଭବ ସମାଧାନ ପାଇଁ ସାରା ବିଶ୍ୱ ସମସ୍ତ ପକ୍ଷଙ୍କୁ ଆହ୍ୱାନ ଦେଉଥିବା ପ୍ରଧାନମନ୍ତ୍ରୀ କହିଛନ୍ତି। ପୂର୍ବରୁ ବହିର୍ବ୍ୟାପାର ମନ୍ତ୍ରୀ ଏସ୍. ଜୟଶଙ୍କର, ପେଟ୍ରୋଲିୟମ୍ ମନ୍ତ୍ରୀ ହରଦୀପ୍ ସିଂ ପୁରୀ ପାର୍ଲାମେଣ୍ଟକୁ ମଧ୍ୟପ୍ରାଚ୍ୟ ଯୁଦ୍ଧଜନିତ ପ୍ରଭାବ ସମ୍ପର୍କରେ ଅବଗତ କରାଇଥିଲେ। ପାଖାପାଖି ୧ କୋଟି ଭାରତୀୟ ରହୁଥିବା ଓ ବିଭିନ୍ନ କାର୍ଯ୍ୟରେ ନିୟୋଜିତ ଥିବା ଉକ୍ତ ଉପସାଗରୀୟ ଅଞ୍ଚଳ ଆମ ପାଇଁ ଗୁରୁତ୍ୱପୂର୍ଣ୍ଣ। ଉକ୍ତ ସମୁଦ୍ର ଦେଇ ବହୁସଂଖ୍ୟାରେ ବ୍ୟବସାୟିକ ଜାହାଜ ଯାତାୟାତ କରିଥାନ୍ତି। ଏହି ସଙ୍କଟ ସମୟରେ ଭାରତର ପାର୍ଲାମେଣ୍ଟର ସର୍ବସମ୍ମତ ଓ ମିଳିତ ସ୍ୱର ବିଶ୍ୱରେ ପହଞ୍ଚିବା ଜରୁରୀ ବୋଲି ପ୍ରଧାନମନ୍ତ୍ରୀ କହିଛନ୍ତି। ଯୁଦ୍ଧରେ ସମ୍ପୃକ୍ତ ଦେଶ ଏବଂ ଯୁଦ୍ଧ ଦ୍ୱାରା ପ୍ରଭାବିତ ଦେଶଗୁଡ଼ିକ ସହ ଭାରତର ବ୍ୟାପକ ବାଣିଜ୍ୟ ସମ୍ପର୍କ ରହିଛି। ବିଶ୍ୱର ଅନ୍ୟ ଦେଶଗୁଡ଼ିକ ସହ ଭାରତର ବାଣିଜ୍ୟ ପାଇଁ ଉକ୍ତ ଅଞ୍ଚଳ ବିଶେଷ କରି ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଗୁରୁତ୍ୱପୂର୍ଣ୍ଣ ସାମୁଦ୍ରିକ ପଥ। ଅଶୋଧିତ ତୈଳ, ଗ୍ୟାସ୍, ସାର ଆଦି ଅତ୍ୟାବଶ୍ୟକ ସାମଗ୍ରୀ ଷ୍ଟ୍ରେଟ୍ ଅଫ୍ ହର୍ମୁଜ୍ ଦେଇ ଭାରତ ଆସିଥାଏ। ଯୁଦ୍ଧ ଆରମ୍ଭ ହେବା ପରେ ଜାହାଜ ଚଳାଚଳ ପାଇଁ ଚ୍ୟାଲେଞ୍ଜ ସୃଷ୍ଟି ହୋଇଛି।

ପ୍ରତିବନ୍ଧକ ସତ୍ତ୍ୱେ ନାଗରିକଙ୍କ ଉପରେ ପ୍ରଭାବ ସବୁଠୁ କମ୍ କରିବା ଦିଗରେ ସରକାର କାର୍ଯ୍ୟ କରୁଛନ୍ତି। ପେଟ୍ରୋଲ, ଡିଜେଲ, ଗ୍ୟାସ୍ ଯେପରି ସାଧାରଣ ପରିବାରଗୁଡ଼ିକୁ ଅଧିକ ପ୍ରଭାବିତ ନ କରିବ, ତାହା ସୁନିଶ୍ଚିତ କରିବା ପାଇଁ ସରକାର ଉଦ୍ୟମ ଚଳାଇଥିବା ମୋଦି କହିଛନ୍ତି। ସମସ୍ତ ପ୍ରକାର ସହାୟତା ଯୋଗାଇ ଦିଆଯାଉଛି ଏବଂ ଇରାନ ସମେତ ଉପସାଗୀୟ ଅଞ୍ଚଳରୁ ୩,୭୫,୦୦୦ରୁ ଊର୍ଦ୍ଧ୍ୱ ଭାରତୀୟଙ୍କୁ ଫେରାଇ ଅଣାଗଲାଣି। ଶକ୍ତି ସୁରକ୍ଷା ଲାଗି ସରକାର ଦୀର୍ଘମିଆଦୀ ପ୍ରସ୍ତୁତି ଚଳାଇଛନ୍ତି। ଏବେ ୪୧ଟି ତୈଳ ଓ ଗ୍ୟାସ୍ ଆମଦାନୀ କରାଯାଉଛି ଏବଂ ପର୍ଯ୍ୟାପ୍ତ ଇନ୍ଧନ ଗଚ୍ଛିତ ରଖାଯାଇଛି। ଭାରତର ରଣନୈତିକ ପେଟ୍ରୋଲିୟମ୍ ରିଜର୍ଭ ୫୩ ଲକ୍ଷ ଟନ୍ ହୋଇଥିବାବେଳେ ଅତିରିକ୍ତ ସାମର୍ଥ୍ୟ ପାଇଁ ନିର୍ମାଣ ଜାରି ରହିଛି। ଘରୋଇ ଶକ୍ତି ସଂସ୍କାର ଜରିଆରେ ଭାରତର ଇଥାନୋଲ ମିଶ୍ରିତ ଇନ୍ଧନ ବ୍ୟବହାର ଯଥେଷ୍ଟ ବୃଦ୍ଧି ପାଇଛି। ୧୦ବର୍ଷ ପୂର୍ବରୁ ଇଥାନୋଲ ବ୍ଲେଣ୍ଡିଂ ୧ରୁ ୧.୫% ଥିବାବେଳେ ଏବେ ଏହା ପାଖାପାଖି ୨୦ ପ୍ରତିଶତ ହୋଇଛି। ଜୀବାଶ୍ମ ଇନ୍ଧନ ଉପରୁ ନିର୍ଭରଶୀଳତା କମାଇବା ପାଇଁ ରେଳଲାଇନଗୁଡ଼ିକର ବୈଦ୍ୟୁତୀକରଣ, ମେଟ୍ରୋ ସମ୍ପ୍ରସାରଣ, ବିଦ୍ୟୁତ୍‌ଚାଳିତ ଗାଡ଼ି ବ୍ୟବହାର ବଢ଼ାଯାଉଛି। ଗ୍ରୀଷ୍ମ ଋତୁରେ ଶକ୍ତି ଚାହିଦା ବଢ଼ିବାକୁ ଥିବାବେଳେ ଭାରତ ପାଖରେ ପ୍ରଚୁର କୋଇଲା ଗଚ୍ଛିତ ରହିଥିବା ସହ ନବୀକରଣଯୋଗ୍ୟ ଶକ୍ତି ଭିତ୍ତିଭୂମି ବଢ଼ିଛି। କୋଭିଡ୍-୧୯ ମହାମାରୀ ସମୟ କଥା ମନେପକାଇ ପ୍ରଧାନମନ୍ତ୍ରୀ କହିଛନ୍ତି, ସେତେବେଳେ ବିଶ୍ୱ ଯୋଗାଣ ଶୃଙ୍ଖଳ ବାଧାପ୍ରାପ୍ତ ହେବାରୁ ୟୁରିଆ ଦର ଅନ୍ତର୍ଜାତୀୟ ବଜାରରେ ବ୍ୟାଗ୍ ପିଛା ୩,୦୦୦ ଟଙ୍କାରେ ପହଞ୍ଚିଥିଲା। ତେବେ ଭାରତୀୟ କୃଷକଙ୍କୁ ସରକାର ୩୦୦ ଟଙ୍କାରେ ୟୁରିଆ ପ୍ୟାକେଟ୍ ଯୋଗାଇଥିଲେ। ଯୁଦ୍ଧ ଯୋଗୁ ସୃଷ୍ଟ ବୈଶ୍ୱିକ ସମସ୍ୟା ଦୀର୍ଘଦିନ ପର୍ଯ୍ୟନ୍ତ ରହିପାରେ। ତେଣୁ କୋଭିଡ୍ ମହାମାରୀ ସମୟ ଭଳି ସବୁ ଦେଶ ଏକାଠି ହୋଇ ପ୍ରସ୍ତୁତି ଚଳାଇବାକୁ ପ୍ରଧାନମନ୍ତ୍ରୀ ଆହ୍ୱାନ ଦେଇଛନ୍ତି।

# ଏଆଇଏଡିଏମ୍‌କେ ୧୭୮, ଭାଜପା ୨୭ ଆସନରେ ଲଢ଼ିବ

## ତାମିଲନାଡୁରେ ଏନ୍‌ଡିଏର ଆସନ ବୁଝାମଣା ଚୂଡ଼ାନ୍ତ

ଚେନ୍ନାଇ,୨୩।୩

ତାମିଲନାଡୁରେ ହେବାକୁ ଯାଉଥିବା ବିଧାନସଭା ନିର୍ବାଚନ ଲାଗି ଏନ୍‌ଡିଏର ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ଭାଗବଣ୍ଟା ଚୂଡ଼ାନ୍ତ ହୋଇଛି। ୨୩୪ ଆସନ ମଧ୍ୟରୁ ଏଆଇଏଡିଏମ୍‌କେ ୧୭୮ଟି ଆସନରେ ଲଢ଼ିବାକୁ ଥିବାବେଳେ ଭାଜପା ୨୭ ଆସନରେ ପ୍ରାର୍ଥୀ ଦେବ। ଅନ୍ୟ ମେଣ୍ଟ ସହଯୋଗୀ ପିଏମ୍‌କେକୁ ୧୮ ଏବଂ ଏଏମ୍‌ଏମ୍‌କେକୁ ୧୧ ଆସନ ଦିଆଯାଇଛି। ସହଯୋଗୀ ଦଳଗୁଡ଼ିକ ମଧ୍ୟରେ ଆସନ ବୁଝାମଣା ସୁରୁଖୁରୁରେ ହୋଇଛି ଏବଂ ଆସନ ସଂଖ୍ୟା ଆନୁଷ୍ଠାନିକ ଭାବେ ଚୂଡ଼ାନ୍ତ ହୋଇଛି ବୋଲି ଏଆଇଏଡିଏମ୍‌କେ ନେତା ଇ. କେ. ପାଲାନିସ୍ୱାମୀ (ଇପିଏସ୍) କହିଛନ୍ତି। ଅନ୍ୟ ଦଳଗୁଡ଼ିକ ସହ ଆଲୋଚନା ଜାରି ରହିଛି ଓ ଖୁବ୍ ଶୀଘ୍ର ସେମାନଙ୍କ ପାଇଁ ମଞ୍ଜୁରୀ ଆସନ ସଂଖ୍ୟା ଘୋଷଣା କରାଯିବ ବୋଲି ସେ ସୂଚନା ଦେଇଛନ୍ତି। ଏନ୍‌ଡିଏ ମେଣ୍ଟର ବିଜୟ ସମ୍ଭାବନା ନେଇ ଇପିଏସ୍ ନିଶ୍ଚିତ ଅଛନ୍ତି। ଏନ୍‌ଡିଏ ଏକ ବିଜୟୀ ମେଣ୍ଟ ଏବଂ ସବୁ ଆସନରେ ବିଜୟୀ ହୋଇ ଏଆଇଏଡିଏମ୍‌କେ ସରକାର ଗଢ଼ିବ ବୋଲି ସେ କହିଛନ୍ତି।

# ୬୪,୦୦୦ କୋଟି ନିବେଶରେ କାର୍ଯ୍ୟକାରୀ ହେବ ୭ କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ

ନୂଆଦିଲ୍ଲୀ,୨୩।୩(ପି.ଟି.)

ଓଡ଼ିଶା, ମହାରାଷ୍ଟ୍ର ଏବଂ ପଶ୍ଚିମବଙ୍ଗରେ ୬୪,୦୦୦ କୋଟି ଟଙ୍କା ନିବେଶରେ ୭ଟି କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ କାର୍ଯ୍ୟକାରୀ ହେବାକୁ ଯାଉଥିବା କୋଇଲା ଓ ଖଣିମନ୍ତ୍ରୀ ଜି. କିଷନ ରେଡ୍ଡୀ ସୋମବାର ରାଜ୍ୟ ସଭାକୁ ସୂଚନା ଦେଇଛନ୍ତି। ଏହା କାର୍ଯ୍ୟକାରୀ ହେଲେ ଗ୍ୟାସ୍ ଆମଦାନୀ ହ୍ରାସ କରିବାରେ ସହାୟକ ହେବ। ୭ଟି କୋଇଲା ଗ୍ୟାସୀୟକରଣ ପ୍ରକଳ୍ପ ମଧ୍ୟରୁ ମହାରାଷ୍ଟ୍ରରେ ୪, ଓଡ଼ିଶାରେ ୨ ଏବଂ ପଶ୍ଚିମବଙ୍ଗରେ ଗୋଟିଏ ହେବାକୁ ଯାଉଛି। ଏହି ପ୍ରକଳ୍ପ ଜରିଆରେ କୋଇଲାକୁ ସାଇନ୍‌ଗ୍ୟାସ୍‌ରେ ପରିବର୍ତ୍ତନ କରାଯିବ, ଯାହାକୁ ମିଥାନୋଲ, ଆମୋନିଆ, ୟୁରିଆ, ହାଇଡ୍ରୋଜେନ୍, କୃତ୍ରିମ ପ୍ରାକୃତିକ ଗ୍ୟାସ, ପେଟ୍ରୋ କେମିକାଲ ଓ ତରଳୀକୃତ ଇନ୍ଧନ ଉତ୍ପାଦନରେ ବ୍ୟବହାର କରାଯିବ।

ପ୍ରଶ୍ନୋତ୍ତର କାଳରେ ଏକ ଅତିରିକ୍ତ ପ୍ରଶ୍ନର ଉତ୍ତରରେ ମନ୍ତ୍ରୀ କହିଛନ୍ତି, କେନ୍ଦ୍ର ସରକାର ଗତ ୧୨ ବର୍ଷ ମଧ୍ୟରେ କୋଇଲା ସେକ୍ଟରରେ ଅନେକ ସଂସ୍କାର ଆଣିଛନ୍ତି। କୋଇଲା ଖଣିଗୁଡ଼ିକ ବିନା ଅଭିଯୋଗରେ ସ୍ୱଚ୍ଛ ନିଲାମ ପ୍ରକ୍ରିୟାରେ ମଞ୍ଜୁର କରାଯାଉଛି। ଦେଶରେ ଶକ୍ତିର ଅଭାବ ନାହିଁ। କୋଇଲାଭିତ୍ତିକ ତାପଜ ବିଦ୍ୟୁତ୍ ପ୍ଲାଣ୍ଟଗୁଡ଼ିକରୁ ୭୩ରୁ ୭୪ ପ୍ରତିଶତ ବିଦ୍ୟୁତ ଉତ୍ପାଦନ ହେଉଛି। ଉତ୍ପାଦିତ କୋଇଲାର ୮୦ ପ୍ରତିଶତ ବିଦ୍ୟୁତ୍ ସେକ୍ଟରକୁ ଓ ଅବଶିଷ୍ଟ ଅନ୍ୟାନ୍ୟ କ୍ଷେତ୍ରକୁ ଯାଉଛି। ଭାରତରେ ୫ମ ସର୍ବାଧିକ କୋଇଲା ମହଜୁଦ ଥିବାବେଳେ ଏହା ଅନ୍ୟୂନ ୭୦ ବର୍ଷ ପର୍ଯ୍ୟନ୍ତ ଇନ୍ଧନ ଓ ଶକ୍ତି ଯୋଗାଇବ। ସରକାର ଏହାର ଉତ୍ତୋଳନ ବଢ଼ାଇଛନ୍ତି।

# ଫାୟାର୍ ଟ୍ରକ୍ ସହ ବିମାନ ଧକ୍କା

## ୨ ପାଇଲଟ୍ ମୃତ

ନ୍ୟୁୟର୍କ ,୨୩।୩

ନ୍ୟୁୟର୍କର ଲା ଗାର୍ଡିଆ ବିମାନ ବନ୍ଦରରେ ରବିବାର ଏୟାର କାନାଡାର ଏକ ଯାତ୍ରୀବାହୀ ବିମାନ ଏକ ଅଗ୍ନିଶମ ଟ୍ରକ୍ ସହ ଧକ୍କା ହେବାରୁ ବିମାନର ୨ ପାଇଲଟଙ୍କ ମୃତ୍ୟୁ ହେବା ସହ ୪୧ ଯାତ୍ରୀ ଗୁରୁତର ଆହତ ହୋଇଛନ୍ତି। ଏଥିସହ ସମ୍ପୃକ୍ତ ଟ୍ରକ୍‌ର ଦୁଇ ଡ୍ରାଇଭର ମଧ୍ୟ ଗୁରୁତର ଆହତ ହୋଇଛନ୍ତି। ଏୟାର ଟ୍ରାଫିକ୍ କଣ୍ଟ୍ରୋଲ୍ ରୁମ୍(ଏଟିସି)ରୁ ସିଗ୍ନାଲ ପାଇବା ପରେ ଉକ୍ତ ଟ୍ରକ୍ ରନ୍‌ୱେ ଦେଇ ଯାଉଥିଲାବେଳେ ଏହି ସମୟରେ ୭୨ ଯାତ୍ରୀଙ୍କୁ ନେଇ ଆସୁଥିବା ଏୟାର କାନାଡାର ଏକ ଆଞ୍ଚଳିକ ବିମାନ ଅବତରଣ କରିଥିଲା। ଏଟିସି ଅଧିକାରୀମାନେ ଟ୍ରକ୍‌କୁ ସୂଚନା ଦେଇ ଅଟକାଇବାକୁ ଉଦ୍ୟମ କରିବା ପୂର୍ବରୁ ବିମାନଟି ଟ୍ରକ୍ ସହ ଧକ୍କା ଖାଇଥିଲା। ଘଟଣାସ୍ଥଳରେ ହିଁ ୨ ପାଇଲଟଙ୍କ ମୃତ୍ୟୁ ହୋଇଥିବା କୁହାଯାଇଛି। ବିମାନ କର୍ମଚାରୀ ଏବଂ ଆହତ ଯାତ୍ରୀଙ୍କୁ ଚିକିତ୍ସା ଲାଗି ହସ୍ପିଟାଲରେ ଭର୍ତ୍ତି କରାଯାଇଥିଲେ ହେଁ ସେମାନଙ୍କ ମଧ୍ୟରୁ ଅଧିକାଂଶଙ୍କ ଅବସ୍ଥା ଗୁରତର ରହିଛି। ଏଟିସିର ପରିଚାଳନାଗତ ତ୍ରୁଟି ଯୋଗୁ ଏହି ଦୁର୍ଘଟଣା ଘଟିଥିବା ପ୍ରାରମ୍ଭିକ ଅନୁସନ୍ଧାନରୁ ଜଣାପଡ଼ିଛି।

# ସିଇସି ସରକାରଙ୍କ ଚାପରେ କାର୍ଯ୍ୟ କରୁଛନ୍ତି: ବିରୋଧୀ

ନୂଆଦିଲ୍ଲୀ,୨୩।୩ (ପି.ଟି.)

ମୁଖ୍ୟ ନିର୍ବାଚନ କମିଶନର (ସିଇସି) ଜ୍ଞାନେଶ କୁମାରଙ୍କ ବହିଷ୍କାର ଦାବିରେ ବିରୋଧୀ ଏମ୍‌ପିମାନେ ପାର୍ଲାମେଣ୍ଟରେ ନୋଟିସ ଦେଇଛନ୍ତି। ସିଇସି ସରକାରଙ୍କ ଚାପରେ କାର୍ଯ୍ୟ କରୁଛନ୍ତି ବୋଲି ବିରୋଧୀ ଅଭିଯୋଗ କରିବା ସହ ଏସ୍‌ଆଇଆର୍ ଜରିଆରେ ବହୁସଂଖ୍ୟାରେ ଭୋଟରଙ୍କ ନାଁ ତାଲିକାରୁ ହଟାଯିବା ନେଇ ତାଙ୍କୁ ଦାୟୀ କରିଛନ୍ତି। ସିଇସିଙ୍କ ନିଯୁକ୍ତିକୁ ନେଇ ମଧ୍ୟ ବିରୋଧୀ ପ୍ରଶ୍ନ ଉଠାଇଛନ୍ତି। ଗତ ୧୨ ତାରିଖରେ ପାର୍ଲାମେଣ୍ଟର ଉଭୟ ଗୃହରେ ଦାଖଲ ନୋଟିସ୍‌ରେ ସିଇସିଙ୍କ ବିରୋଧରେ ୭ଟି ଅଭିଯୋଗ ରହିଛି।



ପ୍ରୟାଗରାଜରେ ସୋମବାର ଏଲ୍‌ପିଜି ପାଇବା ପାଇଁ ଲୋକଙ୍କ ଲମ୍ବା ଧାଡ଼ି।

# ଇସ୍‌ଲାମାବାଦରେ ହୋଇପାରେ ଇରାନ୍-ଆମେରିକା ଆଲୋଚନା

ୱାଶିଂଟନ୍,୨୩।୩



୫ ଦିନିଆ ଯୁଦ୍ଧ ବିରତି ସହ ଇରାନ୍ ଉପରେ ଆକ୍ରମଣ ନ କରିବାକୁ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ ସୋମବାର ଘୋଷଣା କରିବା ପରେ ଇରାନ୍ ଏହାକୁ ଅସ୍ୱୀକାର କରିଛି। ଆମେରିକା ସହ କୌଣସି ସ୍ତରରେ ଆଲୋଚନା ହୋଇ ନାହିଁ ବୋଲି ଇରାନ୍ କହିଛି। କିନ୍ତୁ ବ୍ୟାକ୍ ଚାନେଲ୍‌ରେ ଇରାନ୍ ନେତାଙ୍କ ସହ ଆଲୋଚନା ହୋଇଛି ବୋଲି ଆମେରିକା ଦାବି କରିଛି। ଏହାସହିତ ଚଳିତ ସପ୍ତାହରେ ଉଭୟ ଦେଶ ମଧ୍ୟରେ ଇସ୍‌ଲାମାବାଦ୍‌ରେ ପୁଣି ଆଲୋଚନା ହେବ ବୋଲି ଆମେରିକା ଉପରାଷ୍ଟ୍ରପତି ଜେ.ଡି.ଭାନ୍ସ ସୂଚନା ଦେଇଥିବା ରଏଟର୍ ସୂତ୍ରରୁ ଜଣାପଡ଼ିଛି। ଦୁଇ ଦେଶ ମଧ୍ୟରେ ରହିଥିବା ବିବାଦର ସମାଧାନ ସହ ମଧ୍ୟପ୍ରାଚ୍ୟ ସ୍ଥିତିକୁ ସ୍ୱାଭାବିକ କରିବା ଉଦ୍ଦେଶ୍ୟରେ କିଛି ରାଷ୍ଟ୍ର ମଧ୍ୟସ୍ଥତା କରୁଥିଲାବେଳେ ଇସ୍‌ଲାମାବାଦ୍‌ରେ ବୈଠକ କରିବାକୁ ନିଷ୍ପତ୍ତି ହୋଇଥିବା ଭାନ୍ସ କହିଛନ୍ତି। ଏହି ବିଷୟକୁ ଇସ୍ରାଏଲର କେତେକ ଗଣମାଧ୍ୟମ ମଧ୍ୟ ସ୍ୱୀକାର କରିଛନ୍ତି। ତେବେ ଯୁଦ୍ଧ ବନ୍ଦ ପାଇଁ ଇରାନ୍ ଯେଉଁସବୁ ସର୍ତ୍ତ ରଖିଛି ତାହାକୁ ଆମେରିକା କେତେଦୂର ଗ୍ରହଣ କରିବ ତାହାକୁ ନେଇ ପ୍ରଶ୍ନ ଉଠିଛି। ହର୍ମୁଜ୍ ଷ୍ଟ୍ରେଟ୍ ପାଇଁ ନୂଆ ଅନ୍ତର୍ଜାତୀୟ ଆଇନ ଲାଗୁ, ପୁନଃ ଯୁଦ୍ଧ ନ ହେବା ନେଇ ଗ୍ୟାରେଣ୍ଟି, ଉପସାଗରୀୟ ଦେଶଗୁଡିକରେ ରହିଥିବା ସବୁ ଆମେରିକୀୟ ସାମରିକ ଘାଟି ବନ୍ଦ, ଯୁଦ୍ଧ ପାଇଁ ଇରାନ୍‌କୁ କ୍ଷତିପୂରଣ ଏବଂ ଉପସାଗରୀୟ ଦେଶଗୁଡିକରେ ଆଞ୍ଚଳିକ ସ୍ତରରେ ରହିଥିବା ବିବାଦର ସମାଧାନ କରିବାକୁ ଇରାନ୍ ୬ଟି ସର୍ତ୍ତ ରଖିଛି।





ରାଉରକେଲାସ୍ଥିତ ଏନ୍ଆଇଟି ପରିସରରେ ନୂତନ କ୍ୟାମ୍ପସ୍ ପାଇଁ କଟା ହେବାକୁ ଥିବା ଗଛଗୁଡ଼ିକୁ ଚିହ୍ନଟ କରାଯାଇଛି।

# ରାଜ୍ୟରେ ଅଛନ୍ତି ୧୫ ମାଓବାଦୀ: ମୁଖ୍ୟମନ୍ତ୍ରୀ

## ‘୩୧ ସୁଦ୍ଧା ଓଡ଼ିଶା ହେବ ମାଓବାଦୀ ମୁକ୍ତ’

**ଭୁବନେଶ୍ୱର, ୨୩।୩ (ରବିନାରାୟଣ ଜେନା)**

ଓଡ଼ିଶାକୁ ମାର୍ଚ୍ଚ ୩୧ ସୁଦ୍ଧା ମାଓବାଦୀ ମୁକ୍ତ କରିବାପାଇଁ କେନ୍ଦ୍ର ଓ ରାଜ୍ୟ ସରକାର ପ୍ରତିଶ୍ରୁତିବଦ୍ଧ। ଏହି ପରିପ୍ରେକ୍ଷୀରେ ମାର୍ଚ୍ଚ ଶେଷ ହେବାକୁ ହାତରେ ମାତ୍ର ୮ଦିନ ରହିଥିବାବେଳେ ଏବେ ବି ୧୫ ଜଣ ମାଓବାଦୀ ୩ ଜିଲାରେ ଲୁଚି ରହିଛନ୍ତି। ସେମାନଙ୍କ ଉପରେ ତୀକ୍ଷ୍ଣ ନଜର ରଖାଯାଇଛି। ଚଳିତମାସ ଶେଷ ସୁଦ୍ଧା ଓଡ଼ିଶାକୁ ମାଓବାଦୀ ମୁକ୍ତ କରାଯିବ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଗୃହକୁ ଜଣାଇଛନ୍ତି।

ବିଧାନସଭାରେ କଂଗ୍ରେସ ସଦସ୍ୟ ତାରା ପ୍ରସାଦ ବାହିନୀପତିଙ୍କ ପ୍ରଶ୍ନର ଉତ୍ତରରେ ମୁଖ୍ୟମନ୍ତ୍ରୀ ଦେଇଥିବା ତଥ୍ୟ ଅନୁଯାୟୀ, କେନ୍ଦ୍ର ସରକାରଙ୍କ ସିକ୍ୟୁରିଟି ରିଲେଟେଡ୍ ଏକ୍ସପେଣ୍ଡିଚର ଯୋଜନା ଅନୁଯାୟୀ, ବର୍ତ୍ତମାନ ରାଜ୍ୟର କେବଳ କନ୍ଧମାଳ ଜିଲାକୁ ମାଓବାଦୀ ପ୍ରଭାବିତ ଜିଲା ଭାବେ ବିବେଚନା କରାଯାଉଛି। ମାତ୍ର ମାଓବାଦୀପ୍ରବଣ ଜିଲା ଭାବେ ପୂର୍ବରୁ ପରିଗଣିତ ହେଉଥିବା ବୌଦ୍ଧ, ବଲାଙ୍ଗୀର, କଳାହାଣ୍ଡି, କୋରାପୁଟ, ମାଲକାନଗିରି, ନବରଙ୍ଗପୁର, ନୂଆପଡ଼ା ଏବଂ ରାୟଗଡ଼ା ଜିଲାକୁ ଏବେ ‘ଲିଗାସି ଆଣ୍ଡ୍ ଥ୍ରଷ୍ଟ’ ଜିଲା ଭାବେ ବିବେଚନା କରାଯାଉଛି। କିନ୍ତୁ ବାସ୍ତବରେ, କନ୍ଧମାଳ-କଳାହାଣ୍ଡି-ରାୟଗଡ଼ା ଜିଲା ସୀମାନ୍ତବର୍ତ୍ତୀ ଅଞ୍ଚ ☞ପୃଷ୍ଠା-୪




## ଏନ୍ଆଇଟି ପାଇଁ ହେବ ୨ ହଜାର ଗଛକଟା ପ୍ରସଙ୍ଗ

# ରିପୋର୍ଟ ଲୋଡ଼ିଲା ମନ୍ତ୍ରଣାଳୟ

**ଭୁବନେଶ୍ୱର, ୨୩।୩ (ରବିନାରାୟଣ ଜେନା)**

ରାଉରକେଲାସ୍ଥିତ ନ୍ୟାଶନାଲ ଇନ୍ଷ୍ଟିଚ୍ୟୁଟ୍ ଅଫ୍ ଟେକ୍ନୋଲୋଜି (ଏନ୍ଆଇଟି) କ୍ୟାମ୍ପସ୍‌ରେ ନୂତନ ଭବନ ନିର୍ମାଣ ପାଇଁ ୨ ହଜାରରୁ ଊର୍ଦ୍ଧ୍ୱ ଗଛ କଟାଯିବାକୁ ଯୋଜନା ହୋଇଛି। ଏନେଇ ପରିବେଶପ୍ରେମୀମାନେ ଅସନ୍ତୋଷ ପ୍ରକାଶ କରୁଥିବାବେଳେ କେନ୍ଦ୍ର ସରକାରଙ୍କ ଜଙ୍ଗଲ ଓ ପରିବେଶ ମନ୍ତ୍ରଣାଳୟ ପକ୍ଷରୁ ମାର୍ଚ୍ଚ ୨୦ରେ ରାଜ୍ୟ ସରକାରଙ୍କଠାରୁ ରିପୋର୍ଟ ତଲବ କରାଯାଇଛି। ମନ୍ତ୍ରଣାଳୟ ପକ୍ଷରୁ ସହ ଆୟୁକ୍ତ ସୁଜୋୟ ଦତ୍ତ ଓଡ଼ିଶା ଜଙ୍ଗଲ ବିଭାଗ ଅତିରିକ୍ତ ମୁଖ୍ୟଶାସନ ସଚିବ (ଏବେ ପ୍ରମୁଖ ସଚିବ ରହିଛନ୍ତି)ଙ୍କୁ ପତ୍ର ଲେଖି ଦର୍ଶାଇଛନ୍ତି, ଏନ୍ଆଇଟି କ୍ୟାମ୍ପସରେ ନୂତନ ଭବନ ନିର୍ମାଣ ପାଇଁ ଯେଉଁ ଜମି ଚିହ୍ନଟ କରାଯାଇଛି ତାହା ଉପରେ ଆପତ୍ତି ଆସିଛି। ପରିବେଶ କର୍ମୀ ଅଳୟ ସାମନ୍ତରାୟ ଅଭିଯୋଗ କରିଛନ୍ତି, ଏନ୍ଆଇଟି କ୍ୟାମ୍ପସ୍‌ରେ ପ୍ରସ୍ତାବିତ ଭବନ ଜମିରେ ଏବେ ୨ହଜାରରୁ ଊର୍ଦ୍ଧ୍ୱ ବଡ଼ ଗଛ ରହିଛି। ମାତ୍ର କ୍ୟାମ୍ପସ୍ ଭିତରେ ଏମିତି ବି ସ୍ଥାନ ରହିଛି, ଯେଉଁଠାରେ ଏତେ ସଂଖ୍ୟକ ଏବଂ ବଡ଼ ଗଛ କାଟିବାକୁ ପଡ଼ିବ ନାହିଁ। ମନ୍ତ୍ରଣାଳୟର ନିୟମ ଅନୁସାରେ ଉକ୍ତ ଅଞ୍ଚଳ ଅନୁଧ୍ୟାନ କରି ତୁରନ୍ତ ମନ୍ତ୍ରଣାଳୟକୁ ରିପୋର୍ଟ ଦେବାକୁ ସେ ଦର୍ଶାଇଛନ୍ତି।

ଅଭିଯୋଗକାରୀ ଅଳୟ କହିଛନ୍ତି, ପ୍ରସ୍ତାବିତ ସ୍ଥାନଟି ଘନ ସବୁଜ ଆବରଣର ଅଂଶ, ଯାହା ପରିବେଶୀୟ ସୁରକ୍ଷା ଅଞ୍ଚଳ ଓ ସ୍ଥାନୀୟ ପ୍ରଜାତି ଓ ପ୍ରାଣୀମାନଙ୍କର ବାସସ୍ଥାନ ଭାବେ କାମ କରୁଛି। ଏହାଛଡ଼ା କ୍ୟାମ୍ପସ ଭିତରେ ଏକ ବିକଳ୍ପ ସ୍ଥାନ ମଧ୍ୟ ରହିଛି, ଯେଉଁଠାରେ ସିଭିଲ ଇଞ୍ଜିନିୟରିଂ ବିଭାଗ ପାଇଁ ପୂର୍ବରୁ ଭିତ୍ତିଭୂମି କାମ ଆରମ୍ଭ ହୋଇଛି ଓ ସେଠାରେ ଗଛ କମ୍ ଥିବାରୁ ବଡ଼ ପରିମାଣରେ ଗଛ କାଟିବା ଆବଶ୍ୟକ ପଡ଼ିବ ନାହିଁ। ତେଣୁ ବିଭାଗ ଏବିଷୟରେ ସ୍ୱଷ୍ଟ ଭାବେ ଯାଞ୍ଚ କରି ସରକାରଙ୍କ ନିୟମ ଅନୁସାରେ ଆବଶ୍ୟକ ପଦକ୍ଷେପ ନେବା ଆବଶ୍ୟକ। ଏହି ଅଭିଯୋଗକ୍ରମେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ରିପୋର୍ଟ ଦେବାକୁ ସୁଜୋୟ ପ୍ରଦାନ କରିଥିବା ପତ୍ରରେ ଉଲ୍ଲେଖ କରିଛନ୍ତି।

ଅଳୟ ଏ ସମ୍ପର୍କରେ ମନ୍ତ୍ରଣାଳୟ ସହିତ ଜଙ୍ଗଲ ଓ ପରିବେଶ ବିଭାଗ, ଜିଲାପାଳ ଏବଂ ଜିଲା ବନ ଅଧିକାରୀଙ୍କୁ ମଧ୍ୟ ଅଭିଯୋଗ କରିଛନ୍ତି। ସେ କହିଛନ୍ତି, ଶିଳ୍ପନଗରୀ ରାଉରକେଲାରେ ଅବସ୍ଥିତ ଏନ୍ଆଇଟି କ୍ୟାମ୍ପସ୍ ସମଗ୍ର ସହର ପାଇଁ ଏକ ସବୁଜ ସୁରକ୍ଷା କବଚ ଭାବେ କାମ କରୁଛି। ଏହି କ୍ୟାମ୍ପସ୍‌ର ସବୁଜ ପରିବେଶ ବିଭିନ୍ନ ପ୍ରଜାତିର ପ୍ରାଣୀ ଓ ଉଦ୍ଭିଦ ପାଇଁ ଏକ ସ୍ୱର୍ଗ ସଦୃଶ। ପାଞ୍ଚ ଏକରରୁ ଅଧିକ ଅଞ୍ଚଳରେ ସିଭିଲ ☞ପୃଷ୍ଠା-୪


Letter NIT MOEFCC

Government of India
Ministry of Environment, Forest & Climate Change
Regional Office, Bhubaneswar
A/3, Chandrasekharpur
Bhubaneswar - 751 023

Telephone: 0674 - 2301213, 2301248, 2302452, 2302453, E-mail: roez.bsr-mef@nic.in

File No. 7(28)2026- FCE (NIT Rourkela) Date: 20th March, 2026

To
The Additional Chief Secretary,
Department of Forests, Environment and Climate Change,
Government of Odisha,
Bhubaneswar – 751001.

**Sub: Complaint received regarding felling of thousands of trees and to find an alternative place for new building construction within NIT Rourkela Campus-reg.**

Sir,

Kind attention is invited to the enclosed complaint dated 25.02.2026 received from Shri Alaya Samantaray regarding the proposed felling of more than 2,000 full-grown trees within the NIT Rourkela campus for construction of a new building.

The complainant has alleged that the proposed site forms part of a dense green cover serving as an ecological buffer zone and habitat for local flora and fauna. It has further been stated that an alternative site within the campus, where foundation work for the Civil Engineering Department has already been initiated and which reportedly involves minimal tree cover, may be considered to avoid large-scale felling of trees.

In this regard, it is requested that the matter may kindly be examined in detail and necessary action taken in accordance with the applicable rules and regulations. An Action Taken Report in the matter may also be furnished to this office at the earliest for further necessary action at this end.

Encl: As above (Copy of Complaint).

Yours faithfully,
Digitally signed by Sujoy Dutta
Date: 20-03-2026 15:12:25
Sujoy Dutta
Assistant Commissioner (Forestry)

Copy To:
1. The Principal Chief Conservator of Forests (Nodal), Government of Odisha, Bhubaneswar, Aranya Bhawan, Chandrasekharpur.

ମନ୍ତ୍ରଣାଳୟ ପକ୍ଷରୁ ରାଜ୍ୟ ସରକାରଙ୍କୁ ଦିଆଯାଇଥିବା ଚିଠିର ନକଲ।

# ଜୟଦେବଙ୍କୁ ହତ୍ୟା ଧମକ ଦେଇ ୨ ଗିରଫ



ପୋଲିସ ହେପାଜତରେ ୨ ଅଭିଯୁକ୍ତ।

**ହାଟଡ଼ିହୀ/ ବଡ଼ଲା, ୨୩।୩ (ଶୁଭକାନ୍ତ ନାୟକ/ ଦୁର୍ଗା ପ୍ରସାଦ ଆୟଚ)**

କେନ୍ଦୁଝର ଜିଲା ଆନନ୍ଦପୁର ବିଧାନସଭା କ୍ଷେତ୍ରର ପୂର୍ବତନ କଂଗ୍ରେସ ବିଧାୟକ ତଥା ପୂର୍ବତନ ମନ୍ତ୍ରୀ ଜୟଦେବ ଜେନାଙ୍କୁ ହତ୍ୟା ଧମକ ଘଟଣାରେ ନନ୍ଦିପଦା ପୋଲିସ ୨ ଜଣଙ୍କୁ ଗିରଫ କରିଛି। ଗିରଫ ଅଭିଯୁକ୍ତ ଦ୍ୱୟ ହେଲେ ଯାଜପୁର ଜିଲା ଯାଜପୁର ରୋଡ ଥାନା ଅଧୀନ ନୂଆଗାଁ ଗ୍ରାମର ହରମୋହନ ବାରିକ(୨୭) ଓ ☞ପୃଷ୍ଠା-୪

# ପହିଲାରୁ ଦିନ ୧୧ରୁ ଅପରାହ୍ନ ୩ଟା କାମ ବନ୍ଦ

## ଶ୍ରମ ବିଭାଗର ନୂଆ ମାର୍ଗଦର୍ଶିକା

**ଭୁବନେଶ୍ୱର, ୨୩।୩ (ରବିନାରାୟଣ ଜେନା)**

ରାଜ୍ୟରେ ଦିନକୁ ଦିନ ରୌଦ୍ରତାପ ବୃଦ୍ଧି ପାଉଛି। ଏହାକୁ ଦୃଷ୍ଟିରେ ରଖି ଅଂଶୁଘାତ ଆଶଙ୍କାକୁ ଏଡ଼ାଇବା ପାଇଁ ଶ୍ରମ ବିଭାଗ ପକ୍ଷରୁ ସୋମବାର ନୂତନ ମାର୍ଗଦର୍ଶିକା ଜାରି କରାଯାଇଛି। ଏପ୍ରିଲ ପହିଲାରୁ ଜୁନ୍ ୧୫ ତାରିଖ ପର୍ଯ୍ୟନ୍ତ ପ୍ରତ୍ୟହ ପୂର୍ବାହ୍ନ ୧୧ ଟାରୁ ଅପରାହ୍ନ ୩ଟା ମଧ୍ୟରେ ଶ୍ରମିକମାନଙ୍କୁ କାମ ନ କରିବାକୁ ବିଭାଗ ପକ୍ଷରୁ ବାରଣ କରାଯାଇଛି।

ରାଜ୍ୟରେ ସୃଷ୍ଟି ହୋଇଥିବା ପ୍ରଚଣ୍ଡ ରୌଦ୍ରତାପଜନିତ ଅଂଶୁଘାତରୁ ରକ୍ଷା ପାଇବା ପାଇଁ ବିଭାଗ ତରଫରୁ ବିହିତ ପଦକ୍ଷେପ ନେବା ନିମନ୍ତେ ସମସ୍ତ ରାଜସ୍ୱ କମିଶନର, ଜିଲାପାଳ ଓ ରାଜ୍ୟ ଶ୍ରମ କମିଶନରଙ୍କୁ ଆବଶ୍ୟକ ନିର୍ଦ୍ଦେଶନାମା ଜାରି କରାଯାଇଛି। ଏହାସହିତ ସରକାରଙ୍କ ସମସ୍ତ ବିଭାଗ ତଥା ଓଡ଼ିଶାରେ ଥିବା ଭାରତ ସରକାରଙ୍କ ସମସ୍ତ ବିଭାଗ, ବେସରକାରୀ ନିଯୁକ୍ତିଦାତା, ସମସ୍ତ ବାଣିଜ୍ୟ ଓ ଶିଳ୍ପ ସଂସ୍ଥା, ଦୋକାନ ଓ ବ୍ୟବସାୟ ପ୍ରତିଷ୍ଠାନର ମାଲିକ ଏବଂ ଠିକାଦାରମାନଙ୍କୁ ଅନୁରୋଧ କରାଯାଇଛି ଯେ, ସେମାନଙ୍କ ଅଧୀନରେ କାର୍ଯ୍ୟରତ ଶ୍ରମିକମାନଙ୍କୁ ଉପରୋକ୍ତ ସମୟରେ କାର୍ଯ୍ୟରେ ଲଗାଇବେ ନାହିଁ। ଆବଶ୍ୟକ ସ୍ଥଳେ କାର୍ଯ୍ୟନିର୍ଘଣ୍ଟର ସମୟ ପରିବର୍ତ୍ତନ କରିପାରିବେ। ଯଦି କୌଣସି କାର୍ଯ୍ୟ ଜରୁରୀ ବୋଲି ମନେହୁଏ କିମ୍ବା ଅତ୍ୟାବଶ୍ୟକୀୟ ସେବା ସହ ଜଡ଼ିତ ଥିବ, ଯେଉଁଥିରେ କି ଶ୍ରମିକମାନଙ୍କୁ ଉପରୋକ୍ତ ସମୟ ପାଇଁ ବିଶ୍ରାମ ଦିଆଯାଇପାରିବ ନାହିଁ, ତେବେ ନିଯୁକ୍ତିଦାତାମାନେ ଶ୍ରମିକମାନଙ୍କୁ ସମ୍ଭାବ୍ୟ ପ୍ରଚଣ୍ଡ ରୌଦ୍ରତାପରୁ ରକ୍ଷା କରିବା ପାଇଁ ସତର୍କତାମୂଳକ ପଦକ୍ଷେପ ଗ୍ରହଣ କରିବାକୁ ହେବ। ବିଶେଷକରି ଶୀତଳ ପାନୀୟ ଜଳର ସୁବ୍ୟବସ୍ଥା, ଛାୟା ପ୍ରଦାନ ନିମନ୍ତେ ଉପଯୁକ୍ତ ବ୍ୟବସ୍ଥା, ସ୍ୱାସ୍ଥ୍ୟସେବା ପାଇଁ ଡାକ୍ତରୀ ଚିକିତ୍ସାର ବ୍ୟବସ୍ଥା ଏବଂ ପ୍ରତ୍ୟେକ ଶ୍ରମିକଙ୍କ ପାଇଁ ଓଆର୍ଏସ୍ ପ୍ୟାକେଟ୍‌ର ବ୍ୟବସ୍ଥା କରିବା ବାଧ୍ୟତାମୂଳକ। ଜିଲାର ଚିକିତ୍ସାଧିକାରୀ (ସିଡିଏମ୍ଓ), ଉପମଣ୍ଡଳ ଚିକିତ୍ସାଧିକାରୀ, ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ର, କମ୍ୟୁନିଟି ହେଲ୍ଥ ସେଣ୍ଟର ଚିକିତ୍ସାଧିକାରୀ ତଥା କର୍ମଚାରୀ ରାଜ୍ୟ ବୀମା ଯୋଜନା ଅଧୀନ ଚିକିତ୍ସାଳୟଗୁଡ଼ିକର ଚିକିତ୍ସାଧିକାରୀଙ୍କୁ ରୌଦ୍ରତାପଜନିତ ପରିସ୍ଥିତିର ସମ୍ଭାବ୍ୟ ମୁକାବିଲା ପାଇଁ ସତର୍କ ରହିବାକୁ ଶ୍ରମ ବିଭାଗ ଉପସଚିବ ଅନୁରୋଧ କରିଛନ୍ତି।




| ପଲିସି ଅବଧି | ପ୍ରିମିଅମ୍ ପୈଠ ଅବଧି |
|---|---|
| 16 | 10 |
| 21 | 15 |
| 25 | 16 |

# ୧୦ ଦେଶକୁ ଫଳ, ପନିପରିବା ରପ୍ତାନି ହେଉଛି: ଉପମୁଖ୍ୟମନ୍ତ୍ରୀ

## ପଠାଯାଉଛି ୧୫୫.୬ ମେଟ୍ରିକ ଟନ୍

**ଭୁବନେଶ୍ୱର, ୨୩।୩ (ସୁନିତ୍ ମିଶ୍ର)**

୨୦୨୪-୨୫ ଆର୍ଥିକ ବର୍ଷରେ ୧୩,୧୮୪.୪୯ କୋଟି ଟଙ୍କାର କୃଷି ବଜେଟ ରାଜ୍ୟ ସରକାର ଆଣିଥିଲେ। ୨୦୨୫-୨୬ ଆର୍ଥିକ ବର୍ଷରେ ପୂର୍ବ ବର୍ଷ ତୁଳନାରେ ୧୩.୪୦ ପ୍ରତିଶତ ବଢ଼ାଇ ୧୪,୯୫୦.୭୧ କୋଟି ଟଙ୍କାର ବଜେଟ ଆଣିଥିଲେ। ୨୦୨୬-୨୭ ଆର୍ଥିକ ବର୍ଷରେ ୨୦୨୪-୨୫ ଆର୍ଥିକ ବର୍ଷ ତୁଳନାରେ ୧୪.୧୨ ପ୍ରତିଶତ ଅଧିକ ଟଙ୍କାର ବଜେଟ ଆଣାଯାଇଛି। ଚଳିତ ଥର ରାଜ୍ୟ ସରକାର ୧୫,୦୩୯.୮୯ କୋଟି ଟଙ୍କାର କୃଷି ବଜେଟ ଆଣିଛନ୍ତି। ଭାରତରେ ଓଡ଼ିଶାକୁ କୃଷି ଉନ୍ନତିକୁ ଏକ ପ୍ରମୁଖ ରାଜ୍ୟ ଭାବେ ଅବସ୍ଥାପିତ କରିବା ଦିଗରେ ରାଜ୍ୟ ସରକାର ସର୍ବାଗ୍ରେ କାର୍ଯ୍ୟ କରିଚାଲିଛନ୍ତି। ୨୦୨୫-୨୬ ଅଗ୍ରିମ ଆକଳନ ଅନୁଯାୟୀ, ଓଡ଼ିଶାର କୃଷି କ୍ଷେତ୍ରର ଅଭିବୃଦ୍ଧି ହାର ୫.୩%, ଯାହା ଭାରତର ହାରାହାରି ଅଭିବୃଦ୍ଧି ଅର୍ଥାତ୍ ୩.୧%କୁ ଅତିକ୍ରମ କରିଛି। ୨୦୨୪-୨୫ ମଧ୍ୟରେ ରାଜ୍ୟର ଖାଦ୍ୟଶସ୍ୟ ଉତ୍ପାଦନ ୧୫୦ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ ଏବଂ ଉଦ୍ୟାନ କୃଷି ଉତ୍ପାଦନ ୧୫୬ ଲକ୍ଷ ମେଟ୍ରିକ ଟନ୍‌ରୁ ଅଧିକ, ଯାହା ପୂର୍ବର ସମସ୍ତ ରେକର୍ଡକୁ ଅତିକ୍ରମ କରିଛି। ଓଡ଼ିଶା ୟୁକେ, ଫ୍ରାନ୍ସ, ବେଲଜିୟମ, ସୁଇଡେନ୍, ପୋଲାଣ୍ଡ, ଆୟର୍ଲାଣ୍ଡ, ଇଟାଲୀ, ଜର୍ମାନୀ, ୟୁଏଇ ଏବଂ କାତାର ସମେତ ୧୦ଟି ଦେଶକୁ ୧୫୫.୬ ମେଟ୍ରିକ ଟନ୍ ଫଳ ଓ ପନିପରିବା ରପ୍ତାନି କରୁଛି ବୋଲି ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ କହିଛନ୍ତି।



କନକ ବର୍ଦ୍ଧନ ସିଂଦେଓ

୨୦୨୬-୨୭ ଆର୍ଥିକ ବର୍ଷର କୃଷି ବିଭାଗର ବଜେଟ ସମ୍ପର୍କିତ ଖର୍ଚ୍ଚଦାବି ଆଲୋଚନା ପରେ ଗୃହରେ ମନ୍ତ୍ରୀ ସିଂଦେଓ କହିଛନ୍ତି, ସମୃଦ୍ଧ କୃଷକ ଯୋଜନାରେ ୨୦୨୪-୨୫ ଆର୍ଥିକ ବର୍ଷରୁ ଚାଷୀଙ୍କଠାରୁ ସର୍ବନିମ୍ନ ସହାୟକ ମୂଲ୍ୟ ସହିତ ଇନ୍‌ପୁଟ ସହାୟତା ଦେଇ କୁଇଣ୍ଟାଲ ପିଛା ୩୧୦୦ ଟଙ୍କାରେ ଧାନ କ୍ରୟ କରାଯାଉଛି। ୨୦୨୪-୨୫ ଖରିଫ ଋତୁରେ ୧୬.୬୦ ଲକ୍ଷ ଚାଷୀଙ୍କଠାରୁ ୭୩.୪୫ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଏଥିଲାଗି ଚାଷୀଙ୍କୁ ଇନ୍‌ପୁଟ ସହାୟତା ବାବଦକୁ ୫୮୭୬.୫୭ କୋଟି ପ୍ରଦାନ କରାଯାଇଛି। ସେହି ବର୍ଷର ରବି ଋତୁରେ ୩.୧୨ ଲକ୍ଷ ଚାଷୀଙ୍କଠାରୁ ୧୯.୧୮ ଲକ୍ଷ ମେଟ୍ରିକ ଟନ୍ ଧାନ କିଣାଯାଇଛି। ଓଡ଼ିଶା ରାଜ୍ୟ ଖାଉଟି ଯୋଗାଣ ନିଗମ ଦ୍ୱାରା ୧୫୩୪.୪୩ କୋଟି ଟଙ୍କାର ଇନ୍‌ପୁଟ୍ ସହାୟତା ପ୍ରଦାନ କରାଯାଇଛି। ☞ପୃଷ୍ଠା-୪

# ଆଜି କ'ଣ କେଉଁଠି

**ଭୁବନେଶ୍ୱର**
- ମିଶନ ଶକ୍ତି ବିଭାଗ ପକ୍ଷରୁ ବିଭିନ୍ନ ପାଣ୍ଠି ପ୍ରଦାନ କାର୍ଯ୍ୟକ୍ରମ, ସ୍ଥାନ: ମିଶନଶକ୍ତି ଭବନ, ସମୟ: ପୂର୍ବାହ୍ନ ୧୧ଟା।
- ସୂଚନା ଅଧିକାର ଆଇନ ସଚେତନତା କାର୍ଯ୍ୟକ୍ରମ ଓ କର୍ମଶାଳା, ସ୍ଥାନ: ଗୀତଗୋବିନ୍ଦ ସଦନ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ଏକାମ୍ର ସାଂସ୍କୃତିକ ପ୍ରକାଶନୀ ପକ୍ଷରୁ ଖବରଦାତା ସମ୍ମିଳନୀ, ସ୍ଥାନ: ଲିଙ୍ଗରାଜ ମାର୍କେଟ ଉପର ମହଲା, ସମୟ: ଅପରାହ୍ନ ୫ଟା।

**ଗଞ୍ଜାମ**
- ସାମାଜିକ ଜନ ଶୁଣାଣି, ସ୍ଥାନ: ବୁଗୁଡ଼ା ବ୍ଲକ ସଭାଗୃହ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଅନୁଗୋଳ**
- ବାର୍ଷିକ ଉତ୍ସବ କାର୍ଯ୍ୟକ୍ରମ 'ପ୍ରତିଭା, ସ୍ଥାନ: ଆଠମଲ୍ଲିକ ପିଏମ୍‌ଶ୍ରୀ ମହେନ୍ଦ୍ର ଉଚ୍ଚ ବିଦ୍ୟାଳୟ, ସମୟ: ସକାଳ ୬ଟା ୩୦।
- ରାମମନ୍ଦିର ପ୍ରତିଷ୍ଠା ଉପଲକ୍ଷେ ମାର୍ଜନ, ଶୋଧନ, ଗଙ୍ଗା ଆମନ୍ତ୍ରଣ, ପୂର୍ବାଧିବାସ କର୍ମାରମ୍ଭ, ସ୍ଥାନ: ଆଠମଲ୍ଲିକ ସହର ପୋଲିସ ବନ୍ଧ ନିକଟ, ସମୟ: ସକାଳ ୯ଟା।
- ବିଶ୍ୱ ଟିବି ଦିବସ ପାଳନ, ସ୍ଥାନ: ଅନୁଗୋଳ ସଭାଘର, ସମୟ: ସକାଳ ୯ଟା।
- ବ୍ରହ୍ମକୁମାରୀ ପକ୍ଷରୁ ପ୍ରବଚନ, ସ୍ଥାନ: ବାସନ୍ତୀପୂଜା ପଡ଼ିଆ, ସମୟ: ସନ୍ଧ୍ୟା ୬ଟା ୩୦।
- ମା' ମଙ୍ଗଳାଙ୍କ ବାର୍ଷିକ ଉତ୍ସବ ଉପଲକ୍ଷେ ବାଦଦଣ୍ଡ, ସ୍ଥାନ: କାଣ୍ଡସର ଦେଉଳ ସାହି ଓ କୁମ୍ଭାର ସାହି, ସମୟ: ରାତି ୯ଟା।

**ଜଗତ୍‌ସିଂହପୁର**
- ଏମ୍‌ପିଇଡିଏ ଏବଂ ଓମ୍ମା ମଧ୍ୟରେ ବର୍ଗୀକୃତ ଜାଲ ବ୍ୟବହାର ସମ୍ପର୍କରେ ବୁଝାମଣା ପତ୍ର ସ୍ୱାକ୍ଷର କାର୍ଯ୍ୟକ୍ରମ, ସ୍ଥାନ: ମାଛଧରା ବନ୍ଦର ପରିସର, ନେହେରୁ ବଙ୍ଗଳା, ପାରାଦୀପ, ସମୟ: ପୂର୍ବାହ୍ନ ୧୦ଟା।
- ଦିବଙ୍ଗତ ଖବରଦାତାଙ୍କ ପାଇଁ ଶ୍ରଦ୍ଧାଞ୍ଜଳି ସଭା, ସ୍ଥାନ: ନୂଆବଜାର ବିଜୁ ଟ୍ରଷ୍ଟ, ପାରାଦୀପ, ସମୟ: ପୂର୍ବାହ୍ନ ୧୧ଟା।

**କେନ୍ଦ୍ରାପଡ଼ା**
- ଶ୍ରୀରାମ ମହାଯଜ୍ଞ ସମିତି ପକ୍ଷରୁ ଶ୍ରୀରାମ ନବମୀ ମହୋତ୍ସବ ଉପଲକ୍ଷେ ଆଜ୍ଞାମାଳ ଶୋଭାଯାତ୍ରା, ସ୍ଥାନ: ମା' ମାଟିଆ ମଙ୍ଗଳା ପୀଠ, ରାଜନଗର, ସମୟ: ସକାଳ ୮ଟା।
- ଶ୍ରୀବାସନ୍ତୀ ଦୁର୍ଗାଙ୍କ ପୂଜାସୋବ, ସ୍ଥାନ: ଚଣ୍ଡିଆଗଡି ବଡତୋଟା, ଆଳି, ସମୟ: ସକାଳ ୮ଟା।
- ଶ୍ରୀରାମ ଚରିତ ମାନସ ନବାହ୍ନ ପାରାୟଣ ଓ ପ୍ରବଚନ ଜ୍ଞାନଯଜ୍ଞ, ଶ୍ରୀମହାବୀର ହନୁମାନ ଆଶ୍ରମ, ଗରାପୁର, କେନ୍ଦ୍ରାପଡ଼ା, ସମୟ: ସକାଳ ୮ଟା।
- ଜନଗଣନା ପ୍ରଶିକ୍ଷଣ ଶିବିର, ସ୍ଥାନ: ବ୍ଲକ କାର୍ଯ୍ୟାଳୟ ସଭାଗୃହ, ମହାକାଳପଡ଼ା, କେନ୍ଦ୍ରାପଡ଼ା, ସମୟ: ପୂର୍ବାହ୍ନ ୧୦ଟା।
- ଶ୍ରୀରାମାୟଣ ପ୍ରସାର ସମିତି ପକ୍ଷରୁ ଶ୍ରୀରାମ ମନ୍ଦିର ପ୍ରତିଷ୍ଠା ଉତ୍ସବ ଓ ନାମଯଜ୍ଞ, ସ୍ଥାନ: ମାରୁତି ମଣ୍ଡପ, ଜମପଡ଼ା, କେନ୍ଦ୍ରାପଡ଼ା, ସମୟ: ସନ୍ଧ୍ୟା ୬ଟା।
- ଶ୍ରୀ ନୀଳକଣ୍ଠେଶ୍ୱର ମହାଦେବ ମନ୍ଦିର ପ୍ରତିଷ୍ଠା ଉତ୍ସବ, ସ୍ଥାନ: ରାଜଗଡ, ରାଜନଗର, ସମୟ: ସନ୍ଧ୍ୟା ୬ଟା।
- ଦିବ୍ୟ ଜୀବନ ସଂଘର ଗରାପୁର ଶିବାନନ୍ଦ ଆଶ୍ରମ ସହଯୋଗରେ ଶ୍ରୀଜଗନ୍ନାଥଙ୍କ ୩୨ ବେଶ ପ୍ରଦର୍ଶନ, ସ୍ଥାନ: ଶ୍ରୀବଳଦେବଜୀଉଙ୍କ ରଥଦାଣ୍ଡ, ଇଚ୍ଛାପୁର, କେନ୍ଦ୍ରାପଡ଼ା ସହର, ସମୟ: ସନ୍ଧ୍ୟା ୬ଟା।
- ମା' ବାସନ୍ତୀ ପୂଜା କମିଟି ପକ୍ଷରୁ ବସନ୍ତକାଳୀନ ଦୁର୍ଗା ପୂଜା, ସ୍ଥାନ: ମା' ବାସୁଳେଇ ପୀଠ, ଚାଟରାଚକଡ଼ା, ଡେରାବିଶ, ସମୟ: ସନ୍ଧ୍ୟା ୬ଟା।

**ଯାଜପୁର**
- ଯଯାତି ମହୋତ୍ସବ ଉଦଯାପନୀ ଦିବସରେ ଦାନିଶ ଏବଂ ତାଙ୍କ ଦଳର ସାଂସ୍କୃତିକ କାର୍ଯ୍ୟକ୍ରମ, ସ୍ଥାନ: ଯାଜପୁର ପ୍ରଶାନିକ ଭବନ ପଡ଼ିଆ। ସମୟ: ସନ୍ଧ୍ୟା ୬ଟା।
- କମାଗଡ଼ ହିଙ୍ଗୁଳା ଯଜ୍ଞ ପୂର୍ଣ୍ଣାହୁତି ଉତ୍ସବ, ସ୍ଥାନ: କମାଗଡ଼ ହେଙ୍ଗୁଳା ପଡ଼ିଆ, ଧର୍ମଶାଳା, ସମୟ: ରାତି ୮ଟା।

**ନୟାଗଡ଼**
- ନୀଳମାଧବଙ୍କ ଚନ୍ଦନ ଲାଗି ବେଶର ୨୧ ତମ ଦିବସ, ସ୍ଥାନ: କଣ୍ଟିଲୋ ନୀଳମାଧବ ମନ୍ଦିର, ସମୟ:ପ୍ରାତଃ ୫ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ପୂଜାନୀତି, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସକାଳ ୯ଟା।
- ଶ୍ରୀ ରାମ ଚରିତ ମାନସ ନବାହ୍ନ ପାରାୟଣ ମହାଯଜ୍ଞ ଓ ପ୍ରବଚନ ଜ୍ଞାନଯଜ୍ଞର ସପ୍ତମ ଦିବସରେ ପାରାୟଣରେ ଶ୍ରୀରାମ ଓ ଭରତଙ୍କ ମିଳନ, ଜାନକୀ ହରଣ, ଜଟାୟୁ ମୋକ୍ଷ ପ୍ରସଙ୍ଗ, ସ୍ଥାନ: ଫତେଗଡ ରାମ ମନ୍ଦିର, ସମୟ:ସନ୍ଧ୍ୟା ୬ଟା।
- ବାସନ୍ତିକ ଦୁର୍ଗାପୂଜା ପାଇଁ ପ୍ରସ୍ତୁତି ବୈଠକ, ସ୍ଥାନ: ଖଣ୍ଡପଡା ବ୍ଲକ ଜଗନ୍ନାଥପ୍ରସାଦ ଦରଦା ମହିଷାଶୁଣୀ ପୀଠ, ସମୟ:ସନ୍ଧ୍ୟା ୬ଟା ୩୦।

**ରାୟଗଡ଼ା**
- ବିଜ୍ଞାନ ଏବଂ ଗଣିତ ମେଳା କାର୍ଯ୍ୟକ୍ରମ, ସ୍ଥାନ: ଏସ୍‌ଏସ୍‌ଡି ସରକାରୀ ଉଚ୍ଚ ବିଦ୍ୟାଳୟ, ଡାଙ୍ଗସୋରଡା, ଚନ୍ଦ୍ରପୁର, ସମୟ: ପୂର୍ବା ୧୦ଟା।
- ବିଏମ୍‌ଏସ୍ ପକ୍ଷରୁ ଶୋଭାଯାତ୍ରା, ବିକ୍ଷୋଭ, ସ୍ଥାନ: ଜିଲାପାଳଙ୍କ କାର୍ଯ୍ୟାଳୟ, ସମୟ: ପୂର୍ବାହ୍ନ ୧୧ଟା।
- ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର, ସ୍ଥାନ: ଏନ୍‌ଏସି କଲ୍ୟାଣ ମଣ୍ଡପ ଏବଂ ଗେଷ୍ଟ ହାଉସ, ଗୁଡାରି, ସମୟ: ଅପରାହ୍ନ ୪ଟା ୩୦।

**ନବରଙ୍ଗପୁର**
- ଡିଜିଟାଲ ଶାସନ ସହିତ ସ୍ମାର୍ଟ ଗ୍ରାମ ପଞ୍ଚାୟତ ଉପରେ ତାଲିମ, ସ୍ଥାନ: ଡାବୁଗାଁ ବ୍ଲକ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୧ଟା।
- ବିଶ୍ୱ ଯକ୍ଷ୍ମା ଦିବସ, ସ୍ଥାନ: ନବରଙ୍ଗପୁର ଜିଲା ମୁଖ୍ୟ ଚିକିତ୍ସାଳୟ କନ୍‌ଫରେନ୍ସ ହଲ୍, ସମୟ: ଅପରାହ୍ନ ୩ଟା ୩୦।
- ପୌରସଂସ୍ଥା ସମୀକ୍ଷା ବୈଠକ, ସ୍ଥାନ: ନବରଙ୍ଗପୁର, ସମୟ: ଅପରାହ୍ନ ୪ଟା।

**କୋରାପୁଟ**
- ମହିଳା ଡିଗ୍ରୀ ମହାବିଦ୍ୟାଳୟ ପକ୍ଷରୁ ରକ୍ତଦାନ ଶିବିର, ସ୍ଥାନ: ମହାବିଦ୍ୟାଳୟ ପରିସର, ସୁନାବେଡ଼ା, ସମୟ: ପୂର୍ବାହ୍ନ ୧୦ ଟା।
- ପଞ୍ଚଡା ହାଇସ୍କୁଲ ବାର୍ଷିକ ଉତ୍ସବ, ସ୍ଥାନ: ସ୍କୁଲ ପରିସର, ଲକ୍ଷ୍ମୀପୁର, ସମୟ: ପୂର୍ବାହ୍ନ ୧୦ଟା ୩୦।
- ମା'ମଙ୍ଗଳାଙ୍କ ଘଟ ପରିକ୍ରମା ଉତ୍ସବ, ସ୍ଥାନ: ମନ୍ଦିର ପରିସର, ସେମିଳିଗୁଡ଼ା ଗୋପବନ୍ଧୁ ନଗର, ସମୟ: ଅପରାହ୍ନ ୩ଟା।
- ମା'ଶୀତଳା ଠାକୁରାଣୀଙ୍କ ଘଟଯାତ୍ରା, ସ୍ଥାନ: କୋଟପାଡ଼, ସମୟ: ସନ୍ଧ୍ୟା ୬ଟା।

**ମାଲକାନଗିରି**
- ବାସନ୍ତୀ ପୂଜା ଆରମ୍ଭ, ସ୍ଥାନ: ଏମ୍‌ଭି –୧୦୮, ଏମ୍‌ଭି –୩୩ ଗ୍ରାମ, କୋରୁକୋଣ୍ଡା ବ୍ଲକ୍, ସମୟ: ସକାଳ ୬ଟା।

**ସମ୍ବଲପୁର**
- ସ୍ୱାଧୀନତା ସଂଗ୍ରାମୀ ନୃସିଂହ ଗୁରୁଙ୍କ ୧୨୫ତମ ଜୟନ୍ତୀ ଉପଲକ୍ଷେ ମାଲ୍ୟାର୍ପଣ କାର୍ଯ୍ୟକ୍ରମ, ସ୍ଥାନ : ମନ୍ଦଲିଆ ସ୍ଥିତ ପ୍ରତିମୂର୍ତ୍ତି ସ୍ଥଳ, ସମୟ : ସକାଳ ୮ଟା।
- ବାବା ବିଶାସହେ କୁଳତା ସମାଜ ପକ୍ଷରୁ ଚୈତ୍ର ନବରାତ୍ର ମହୋତ୍ସବରେ ଚଣ୍ଡୀପାଠ, ସ୍ଥାନ: ଠେମରା ସ୍ଥିତ ରାମଚଣ୍ଡୀ ପୀଠ, ସମୟ: ସକାଳ ୮ଟା।
- ମା'ମଙ୍ଗଳାଙ୍କ ବାସନ୍ତିକ ନବଦିନାତ୍ମକ ପୂଜା ଉପଲକ୍ଷେ ଚଣ୍ଡିପାଠ ଓ ଷଷ୍ଠୀ ପୂଜା, ସ୍ଥାନ: ଭୁତାପଡା, ସମୟ: ସକାଳ ୮ଟା ୩୦।
- ମା'କାମାକ୍ଷା ଦେବୀଙ୍କ ବାସନ୍ତିକ ନବଦିନାତ୍ମକରେ କାତ୍ୟାୟିନୀ ପୂଜା, ସ୍ଥାନ: ବୈଦାରନୂଆପାଲି କାମାକ୍ଷା ବିହାର, ସମୟ: ପୂର୍ବାହ୍ନ ୧୧ଟା।
- ଯବାନ ଇ ହିନ୍ଦ କ୍ଲବ ଆୟୋଜିତ ଚଳଚ୍ଚିତ୍ର ପ୍ରଚ୍ଛଦପଟ୍ଟ ଗାୟିକା ଲତା ମଙ୍ଗେସକର ସଙ୍ଗୀତ ନାଇଟ ସକାଶେ କଳାକାରଙ୍କ ଅଭ୍ୟାସ କାର୍ଯ୍ୟକ୍ରମ, ସ୍ଥାନ: ସାମ୍ବାଦିକ ଭବନ, ସମୟ: ସନ୍ଧ୍ୟା ୭ଟା।

**ବଲାଙ୍ଗୀର**
- ସ୍ପୋର୍ଟସ୍ ହଷ୍ଟେଲ ଛାତ୍ରଙ୍କ ଫୁଟ୍‌ବଲ ପ୍ରଶିକ୍ଷଣ, ସ୍ଥାନ: ଆରଏନ୍‌ସିଂଦେଓ ସ୍ପୋର୍ଟସ୍ କମ୍ପ୍ଲେକ୍ସ, ବଲାଙ୍ଗୀର, ସମୟ: ସକାଳ ୭ଟା।

**ରାଉରକେଲା**
- ଚୈତ୍ର ନବରାତ୍ରି, ସ୍ଥାନ: ଜଗଦା ମାଁ ବାଟ ମଙ୍ଗଳା ମନ୍ଦିର, ସମୟ: ସକାଳ ୭ଟା।
- ବାସନ୍ତୀକ ଦୁର୍ଗାପୂଜା ପୀଠେ ଷଷ୍ଠୀ, ସ୍ଥାନ: ସେକ୍ଟର–୩ ବାସନ୍ତୀ ପଡ଼ିଆ, ସମୟ: ସକାଳ ୮ଟା।
- କିଶୋରୀ ଋତୁସ୍ରାବ ଜନିତ ସଚେତନତା କର୍ମଶାଳା, ସ୍ଥାନ: ସେକ୍ଟର–୧୪ ଡିପିଏସ ସ୍କୁଲ, ସମୟ: ସକାଳ ୮ଟା ୪୫।
- ଶିଳ୍ପାୟନ ଓ ଶୈକ୍ଷିକ କର୍ମଶାଳା, ସ୍ଥାନ: ରାଉରକେଲା ଏନ୍‌ଆଇଟି ପ୍ରାଣକୃଷ୍ଣ ପରିଜା ଅଡିଟୋରିୟମ୍, ସମୟ: ପୂର୍ବାହ୍ନ ୧୦ଟା।
- ରାଉରକେଲା କଲେଜରେ ଆଲୋଚନାଚକ୍ର, ସ୍ଥାନ: ଉଦିତ ନଗର, ସମୟ: ପୂର୍ବାହ୍ନ ୧୧ଟା।
- ଚୈତ୍ର ଛଟ୍ ପର୍ବର ୩ୟ ଦିବସ ଓ ସନ୍ଧ୍ୟା ଆରତୀ, ସ୍ଥାନ: କୋଏଲ ନଦୀ କୂଳ, ସମୟ: ଅପରାହ୍ନ ୪ଟା।
- ଜାତୀୟ ସ୍ତରୀୟ ନାଟ୍ୟ ମହୋତ୍ସବର ତୃତୀୟ ସନ୍ଧ୍ୟା, ସ୍ଥାନ: ସିଭିକ୍ ସେଣ୍ଟର, ସମୟ: ସନ୍ଧ୍ୟା ୭ଟା।

**ସୁନ୍ଦରଗଡ଼**
- ଜିଲା ସ୍ତରୀୟ ଆଶା,ଗାଁ କଲ୍ୟାଣ ସମିତି ସମ୍ମେଳନ,ସ୍ଥାନ: ମାଡ୍ରିକାଲୋ ଭବନ,ସମୟ:ପୂର୍ବାହ୍ନ ୧୦ଟା।

**ବରଗଡ଼**
- ଚୈତ୍ର ନବରାତ୍ର ବାସନ୍ତୀକ ପୂଜା, ସ୍ଥାନ:ସମଲେଶ୍ୱରୀ ମନ୍ଦିର, ବରଗଡ଼,ସମୟ:ସକାଳ ୬ଟା।
- ହନୁମାନ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ: ପଧାନପାଲି, ବରଗଡ଼,ସମୟ:ସକାଳ ୬ଟା।
- ବାବା ବିଶ୍ୱନାଥ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ,ସ୍ଥାନ:ସନ୍ଧିବାହାଲ, ଗାଇସିଲେଟ,ସମୟ: ସକାଳ ୬ଟା।
- ବାସନ୍ତିକ ନବରାତ୍ର ଦୁର୍ଗାପୂଜା, ସ୍ଥାନ:ଦୁର୍ଗା ମନ୍ଦିର, ସୋହେଲା,ସମୟ:ସକାଳ ୭ଟା।
- ସମଲେଇ ମନ୍ଦିର ପ୍ରତିଷ୍ଠା ମହୋତ୍ସବ, ସ୍ଥାନ:ଗାଇସୀମା, ବରଗଡ଼, ସମୟ:ସକାଳ ୮ଟା।
- ରାମାୟଣ ପାରାୟଣ,ରାମଜୀ ମଠ, ଗାଇସିଲେଟ,ସମୟ:ସକାଳ ୯ଟା।
- ନୃସିଂହନାଥ ମହାପ୍ରଭୁଙ୍କ ଜନ୍ମୋତ୍ସବ ପାଳନ ପ୍ରସ୍ତୁତି ବୈଠକ, ସ୍ଥାନ: ନୃସିଂହନାଥ ମନ୍ଦିର ସମ୍ମିଳନୀ କକ୍ଷ, ପାଇକମାଳ, ସମୟ: ପୂର୍ବାହ୍ନ ୧୧ଟା।
- ଜିଲା ଯାଦବ ସାଂସ୍କୃତିକ ସମାଜର କଲ୍ୟାଣ ମଣ୍ଡପ ଉଦ୍‌ଘାଟନୀ ସମାରୋହ, ସ୍ଥାନ: ଘୁଲିପାଲି, ବରଗଡ଼, ସମୟ: ପୂର୍ବାହ୍ନ ୧୦ଟା।
- ସାଂସ୍କୃତିକ କାର୍ଯ୍ୟକ୍ରମ ଉଚ୍ଛ–୨୦୨୬, ସ୍ଥାନ: ଚେତନା ମଣ୍ଡପ, ସୋହେଲା, ସମୟ: ରାତି ୮ଟା ୩୦।

**କଳାହାଣ୍ଡି**
- ବିଶ୍ୱ ଟିବି ନିରାକରଣ ଦିବସ, ସ୍ଥାନ: ଭବାନୀପାଟଣାସ୍ଥିତ ଜିଲାପାଳଙ୍କ ସମ୍ମିଳନୀ କକ୍ଷ, ସମୟ: ପୂର୍ବାହ୍ନ ୧୦ଟା।
- ଦ୍ୱିତୀୟ ପର୍ଯ୍ୟାୟ ଜନଗଣନା ତାଲିମ ଶିବିର, ସ୍ଥାନ: ଭବାନୀପାଟଣା ମ୍ୟୁନିସିପାଲ ହାଇସ୍କୁଲ, ସମୟ: ପୂର୍ବାହ୍ନ ୧୦ଟା।

**ବୌଦ୍ଧ**
- ବୌଦ୍ଧରେ ବିଶ୍ୱ ଯକ୍ଷ୍ମା ଦିବସ ପାଳନ କାର୍ଯ୍ୟକ୍ରମ, ସ୍ଥାନ: ଟାଉନ ହଲ ବୌଦ୍ଧ, ସମୟ: ପୂର୍ବାହ୍ନ ୧୦ଟା ୩୦।

**ଦେବଗଡ଼**
- ବାସନ୍ତିକ ନବରାତ୍ର ପୂଜାର ଷଷ୍ଠ ଦିବସ,ସ୍ଥାନ: ଦେବଗଡ଼ ସହର ମା' କନକଦୁର୍ଗା, ମା' ଦକ୍ଷିଣକାଳୀ ଓ ଶନି ମନ୍ଦିର, ସମୟ: ସକାଳ ୯ଟା।
- ସମୂହ ହନୁମାନ ଚାଳିଶା ପାଠ, ସ୍ଥାନ: ଦେବଗଡ଼ ଗୋପାଳଜୀ ମନ୍ଦିର, ହନୁମାନ ବାଟିକା, ସମୟ: ସନ୍ଧ୍ୟା ୭ଟା।
- ମା' କନକଦୁର୍ଗାଙ୍କ ସନ୍ଧ୍ୟା ଆଳତି, ସ୍ଥାନ: ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର, ସମୟ: ସନ୍ଧ୍ୟା ୭ଟା।

**ସୁବର୍ଣ୍ଣପୁର**
- ପଞ୍ଚକୁଣ୍ଡୀୟ ବିଶ୍ୱଶାନ୍ତି ମହାଯଜ୍ଞ, ସ୍ଥାନ: ଗୌଡ଼ଗାଡ, ବୀରମହାରାଜପୁର ବ୍ଲକ, ସମୟ: ସକାଳ ୮ଟା।
- ସୁବର୍ଣ୍ଣପୁରରେ ଡ. ପ୍ରବୀଣ ଭାଇ ତୋଗାଡିଆଙ୍କ ବୁଦ୍ଧିଜୀବୀ ସମ୍ମିଳନୀ, ସ୍ଥାନ: ଯୋଗାଳୟ ପରିସର, ସମୟ: ସନ୍ଧ୍ୟା ୬ଟା।
- ସୁବର୍ଣ୍ଣପୁର ର ଇଷ୍ଟଦେବୀ ସୁରେଶ୍ୱରୀଙ୍କ ସନ୍ଧ୍ୟା ଆଳତୀ ଓ ବିଶେଷ ପୂଜା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା।
- ତରଭା ମା' ପାଟ ମାହେଶ୍ୱରୀ ମନ୍ଦିରରେ ସନ୍ଧ୍ୟା ଆଳତୀ ଓ ପୂଜାର୍ଚ୍ଚନା, ସ୍ଥାନ: ମନ୍ଦିର ପରିସର, ସମୟ: ସନ୍ଧ୍ୟା ୬ଟା ୩୦।

**ନୂଆପଡ଼ା**
- ସୋରୀ ବଂଶର ଶୀଶ୍ରୀ ବୁଢାଦେଓଙ୍କ ଗାଦି ଯାତ୍ରା ଅବସରରେ ନିଶିପୂଜା, ସ୍ଥାନ: କୋମନା ବ୍ଲକ ବୃଦ୍ଧିକୋମନା ପଞ୍ଚାୟତ ପଣ୍ଡରାପଥର ଗାଁ, ସମୟ: ଅପରାହ୍ନ ୫ଟା।
- ଲିଟିଲ ଷ୍ଟାର ପବ୍ଲିକ ସ୍କୁଲ ୧୩ତମ ବାର୍ଷିକ ଉତ୍ସବ, ସ୍ଥାନ: ଏଲ୍‌ଏସ୍‌ପିଏସ୍ ଖଡିଆଳ, ସମୟ: ଅପରାହ୍ନ ୪ଟା।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଛତା ଗାଁ, ସମୟ: ପ୍ରାତଃ ୪ଟା ୧୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ଉପଲକ୍ଷେ କଳସ ଯାତ୍ରା ଓ ଅଧିବାସ, ସ୍ଥାନ: ବୋଡେନ ବ୍ଲକ ବିନୋପୁର, ସମୟ: ଅପରାହ୍ନ ୪ଟା।
- ଶ୍ରୀଜଗନ୍ନାଥ ମନ୍ଦିର ପ୍ରତିଷ୍ଠା ଉତ୍ସବ ଉପଲକ୍ଷେ ଚବିଶ ପ୍ରହର ଅଖଣ୍ଡ ଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଭୂଲିଆସିକୁଆଁ ଗାଁ, ସମୟ: ପ୍ରାତଃ ୫ଟା ୧୫।
- ଷୋହଳ ପ୍ରହର ନାମଯଜ୍ଞ ପୂର୍ଣ୍ଣାହୁତି ଓ ଦଧିହାଣ୍ଡି ଭଗ୍ନ, ସ୍ଥାନ: ବୋଡେନ ବ୍ଲକ ରୁନିବସା ଗାଁ, ସମୟ: ସକାଳ ୯ଟା ୫୨।
- ଶ୍ରୀଶ୍ରୀ ଅଖଣ୍ଡ ଷୋହଳ ପ୍ରହର ନାମଯଜ୍ଞ ନାମ ଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ କୁଳିଗାଁ, ସମୟ: ପ୍ରାତଃ ୪ଟା ୪୫।
- ଷୋହଳ ପ୍ରହର ଅଖଣ୍ଡ ନାମଯଜ୍ଞ ନାମଧାରଣ ଅବ୍ୟାହତ ଓ ଆଳତି, ସ୍ଥାନ: ଖଡିଆଳ ବ୍ଲକ ଗୋଡଧୂଆପଦର, ସମୟ: ପ୍ରାତଃ ୫ଟା ୦୬।

**ଝାରସୁଗୁଡ଼ା**
- ମା' କାତ୍ୟାୟିନୀଙ୍କ ପୂଜା, ସ୍ଥାନ: ବେହେରାମାଲ ଦୁର୍ଗାମନ୍ଦିର, ସମୟ: ସକାଳ ୮ଟା।
- କନକଦୁର୍ଗା ମନ୍ଦିରରେ ବାସନ୍ତିକ ଦୁର୍ଗାପୂଜା, ସ୍ଥାନ: କନକ ଦୁର୍ଗାମନ୍ଦିର, ରେଳ ଷ୍ଟେଶନ ଛକ, ଝାରସୁଗୁଡ଼ା, ସମୟ: ସକାଳ ୮ଟା।

# ୭୦୦କୋଟି ଟପିଲା ଧୁରନ୍ଧର–୨



**ମୁମ୍ବାଇ:** ରଣବୀର ସିଂହଙ୍କ ଅଭିନୀତ ତଥା ଆଦିତ୍ୟ ଧରଙ୍କ ନିର୍ଦ୍ଦେଶିତ 'ଧୁରନ୍ଧର–୨' ଏବେ ସବୁଠି ପ୍ରଶଂସା ସାଉଁଟି ଚାଲିଛି। ବକ୍ସ ଅଫିସରେ ଜୟଯାତ୍ରା ଜାରି ରଖିଥିବାବେଳେ ଏହି ସ୍ପାଏ ଆକ୍ସନ ଫିଲ୍ମଟି ଭାରତରେ ୧୨୧ କୋଟି ଟଙ୍କାର ନେଟ ସଂଗ୍ରହ ରେକର୍ଡ କରିଛି, ଯାହା ଏହାର ପ୍ରଥମ ସପ୍ତାହାନ୍ତରେ ଘରୋଇ ନେଟ ଆୟ ୪୬୬ କୋଟି ଟଙ୍କାରେ ପହଞ୍ଚିଛି। ଏହି ଫିଲ୍ମର ବିଦେଶ କାରବାର ୨୧୧ କୋଟି ଟଙ୍କା ହୋଇଥିବାବେଳେ ମୋଟ ଆୟ ୭୬୧ କୋଟି ଟଙ୍କାରେ ପହଞ୍ଚିଥିବା ଜଣାପଡ଼ିଛି।



# ଢଗଢମାଳି

(କ୍ରମେ ଲୋକମୁଖରୁ ଓ ଜନମାନସରୁ ବିସ୍ମୃତ ହେଉଥିବା ଢଗଢମାଳିକୁ ପାଠିକା–ପାଠକଙ୍କ ନିକଟରେ ପହଞ୍ଚାଇବା ସକାଶେ ଧରିତ୍ରୀର ପ୍ରୟାସ)

କଖାରୁ ଚୋପି
ବେଲକାଲ ଦେଖି ଗଡ଼ିଲେ ଗୋପୀ।

ଈପ୍‌ସିତ ଇଚ୍ଛା ପୂରଣ କରିବା ପାଇଁ ସ୍ୱାର୍ଥସନ୍ଧିତ୍ସୁ ବ୍ୟକ୍ତି ବେଳକାଳ ଉଣ୍ଡି ପହଞ୍ଚି ଯାଇଥାନ୍ତି। କେତେବେଳେ ଆସିଲେ ମନୋବାଞ୍ଛା ଅଚିରେ ପୂରଣ ହୋଇପାରିବ, ସେ ବିଦ୍ୟା ତାଙ୍କୁ ବେଶ୍ ଭଲଭାବେ ଜଣାଯାଇଥାଏ। ପରୋକ୍ଷରେ ନିଜ ମନର ମଣିଷ ସହ ଭେଟ କରିବାର ପ୍ରକୃଷ୍ଟ ସମୟ ପ୍ରେମୀ ପାଖେ ଅଛପା ରହୁ ନ ଥିବା ଅର୍ଥରେ ଏଭଳି ଉକ୍ତି ପ୍ରକାଶ କରାଯାଇଛି।

**କୁଡ଼ିଆ ଘରର କାନ୍ଥ
ମୋତେ ନ ବୋଲିବୁ ପାକୋଇ ବୋଲି
ସରସାରେ ଗଲା ଦାନ୍ତ।**

ସାଧାରଣତଃ ମହିଳାମାନେ ନିଜ ପ୍ରକୃତ ବୟସକୁ ଅନ୍ୟ ଆଗରେ ପ୍ରକାଶ ଲାଗି କୁଣ୍ଠାବୋଧ କରିଥାନ୍ତି। ଏପରିସ୍ଥିତିରେ ବାର୍ଦ୍ଧକ୍ୟ ଅବସ୍ଥାରେ ଉପନୀତ ହୋଇଥିବା ମହିଳା ନିଜ ବୟସକୁ ଲୁଚାଇ ରଖିବା ନେଇ ଅପଚେଷ୍ଟା କରି ବସୁଥିବା ଅର୍ଥରେ ଏଭଳି ଉକ୍ତି ଉଲ୍ଲେଖ କରାଯାଇଛି।

ଓଡ଼ିଆ ଢଗଢମାଳି ଓ ଲୋକଗୀତ – ଫ୍ରେଣ୍ଡସ ପବ୍ଲିଶର୍ସ




ସୋମବାର ଅପରାହ୍ନ ୫ଟାରେ ମହାକାଶରୁ ଉତ୍ତୋଳିତ ପାଣିପାଗର ଚିତ୍ର।

## ଆମେରିକାର ପଛଘୁଞ୍ଚା...

ଆକ୍ରମଣ କରିବ ବୋଲି ଟ୍ରମ୍ପ ରବିବାର ଧମକ ଦେଇଥିଲେ। କିନ୍ତୁ ଟ୍ରମ୍ପଙ୍କ ଧମକକୁ ନେଇ ଇରାନ୍ ଆଦୌ ବିଚଳିତ ନ ହେବା ସହ ଆମେରିକା ଆକ୍ରମଣ କଲେ ହର୍ମୁଜ୍ ଷ୍ଟ୍ରେଟ୍‌କୁ ସମ୍ପୂର୍ଣ୍ଣ ବନ୍ଦ କରିଦିଆଯିବ ବୋଲି ଇରାନ୍ ପାଲଟା ଧମକ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡିକର ତୈଳ ଓ ଗ୍ୟାସ୍ ପ୍ରକଳ୍ପ ଉପରେ ଜୋରଦାର୍ ଆକ୍ରମଣ କରାଯିବା ସହ ସେହିସବୁ ଦେଶର ୱାଟର୍ ଡିସାଲାଇନେଶନ ପ୍ଲାଣ୍ଟ ଉପରେ ଆକ୍ରମଣ କରି ପାନୀୟଜଳ ଯୋଗାଣ ବନ୍ଦ କରିଦେବାକୁ ଇରାନ୍ ଧମକ ଦେଇଥିଲା। ଏହାଛଡ଼ା ଉପସାଗରୀୟ ଦେଶଗୁଡିକରେ ମାଇନ୍ସ ଲଗାଇ ଆକ୍ରମଣ କରାଯିବ ବୋଲି ମଧ୍ୟ ଇରାନ୍ ଧମକ ଦେଇଥିଲା। ସୋମବାର ରାତିରେ ଟ୍ରମ୍ପଙ୍କ ୪୮ ଘଣ୍ଟିଆ ମହଲତ୍ ଶେଷ ହେବାକୁ ଯାଉଥିଲାବେଳେ ଯୁଦ୍ଧ ସ୍ଥିତି ଆହୁରି ଭୟଙ୍କର ରୂପ ନେବବୋଲି ଆଶଙ୍କା ବଢ଼ିଥିଲା। ହେଲେ ଏହାର କିଛି ଘଣ୍ଟା ପୂର୍ବରୁ ଟ୍ରମ୍ପ ଯୁଦ୍ଧ ବିରତି ଘୋଷଣା କରିଛନ୍ତି।

## ଅଶୋଧିତ ତୈଳ...

ହେଲେ ଇରାନ୍ ସହ ହୋଇଥିବା ଆଲୋଚନା ଫଳପ୍ରଦ ହୋଇଛି ଏବଂ ଆଗକୁ ମଧ୍ୟପ୍ରାଚ୍ୟ ସ୍ଥିତି ସ୍ୱାଭାବିକ କରିବା ଲାଗି ପଥ ଉନ୍ମୁକ୍ତ ହୋଇଛି ବୋଲି ଟ୍ରମ୍ପ 'ଟ୍ରୁଥ୍' ସୋସିଆଲ ମିଡିଆରେ ପୋଷ୍ଟ କରିବା ପରେ ଏହାର ପ୍ରଭାବ ତୁରନ୍ତ ତୈଳ ବଜାର ଉପରେ ଅନୁଭୂତ ହେବା ସହ ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ହ୍ରାସ ଘଟିବା ଆରମ୍ଭ ହୋଇଥିଲା। ଅପରାହ୍ନ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍‌ମୂଲ୍ୟ ପୂର୍ବତୁଳନାରେ ୭.୭ ପ୍ରତିଶତ କମ୍ ରହିବା ସହ ହ୍ରାସ ଧାରା ଜାରି ରହିଥିଲା। ତେବେ କାରବର ଶେଷ ସୁଦ୍ଧା ବ୍ରେଣ୍ଟ କ୍ରୁଡ୍ ମୂଲ୍ୟରେ ଅନ୍ୟୂନ ୧୩ ପ୍ରତିଶତ ହ୍ରାସ ଘଟି ଏହାର ବ୍ୟାରେଲ ପିଛା ମୂଲ୍ୟ ୧୦୦ ଡଲାର ପାଖାପାଖି ରହିଥିବା ଜଣାପଡ଼ିଛି।

## ୧ ଡଲାର...

ନିରନ୍ତର ଅଂଶଧନ ବିକ୍ରି କରିଚାଲିଥିବାରୁ ଟଙ୍କା ମୂଲ୍ୟ ନିମ୍ନଗାମୀ ହୋଇଚାଲିଥିଲା। ଆମେରିକୀୟ ଡଲାର ଶକ୍ତିଶାଳୀ ହେଉଥିବାବେଳେ ଘରୋଇ ଶେୟାର ବଜାରରେ ଅବନତି ଯୋଗୁ ଟଙ୍କା ମୂଲ୍ୟ କମୁଥିବା ଫରେକ୍ସ ଟ୍ରେଡରମାନେ କହିଥିଲେ। ତେବେ ଅଶୋଧିତ ତୈଳ ଦର ହ୍ରାସ ପାଇବାରୁ ଡଲାର ତୁଳନାରେ ଟଙ୍କା ମୂଲ୍ୟ ସର୍ବନିମ୍ନ ସ୍ତରରୁ ବୃଦ୍ଧି ପାଇ ୯୩.୫୩ରେ ପହଞ୍ଚିଥିଲା।
ଇଣ୍ଟରବ୍ୟାଙ୍କ ଫରେନ୍ ଏକ୍ସଚେଞ୍ଜରେ ସୋମବାର କାରବାର ଆରମ୍ଭରେ ଟଙ୍କା ମୂଲ୍ୟ ୯୩.୮୪ ଥିବାବେଳେ କ୍ରମେ ଏହା ୯୪ ମାର୍କ ଅତିକ୍ରମ କରି ଡଲାର ତୁଳନାରେ ଅସ୍ଥାୟୀ ଭାବେ ୯୪.୦୩ରେ ପହଞ୍ଚିଥିଲା। ପରେ ଏହା୯୩.୫୩କୁ

**ପ୍ରଥମ ପୃଷ୍ଠାରୁ...**

ବୃଦ୍ଧି ପାଇଥିଲା। ଗତ ଶୁକ୍ରବାର ଡଲାର ତୁଳନାରେ ଟଙ୍କା ମୂଲ୍ୟ ୬୪ ପଇସା ହ୍ରାସ ପାଇ ୯୩.୫୩ ରହିଥିଲା। ପଶ୍ଚିମ ଏସିଆରେ ଭୂରାଜନୈତିକ ଉତ୍ତେଜନା ବଢ଼ିଚାଲିଥିବାବେଳେ ଘରୋଇ ମାର୍କେଟ ଦୁର୍ବଳ ରହିଛି। ଏଥିସହିତ ବିଦେଶୀ ପୁଞ୍ଜି ପ୍ରତ୍ୟାହାର ଯୋଗୁ ଟଙ୍କା ମୂଲ୍ୟ ହ୍ରାସ ପାଉଥିବା ମିରାଏ ଆସେଟ୍ ଶେୟାରଖାନ୍‌ର ରିସର୍ଚ୍ଚ ଆନାଲିଷ୍ଟ ଅନୁଜ ଚୌଧରୀ କହିଛନ୍ତି। ଡଲାର ତୁଳନାରେ ଟଙ୍କା ମୂଲ୍ୟ ୯୩.୬୦ରୁ ୯୪.୪୦ ମଧ୍ୟରେ ରହିବ ବୋଲି ସେ ଆଶା କରିଛନ୍ତି। ସୋମବାର ବମ୍ବେ ଷ୍ଟକ୍ ଏକ୍ସଚେଞ୍ଜ ସେନ୍‌ସେକ୍ସ ୧,୮୩୬.୫୭ ପଏଣ୍ଟ ବା ୨.୪୬ ପ୍ରତିଶତ ହ୍ରାସ ପାଇ ୭୨,୬୯୬.୩୯ ପଏଣ୍ଟ ଥିବାବେଳେ ଏନ୍‌ଏସ୍‌ଇ ନିଫ୍ଟି ୪୮୪.୩୦ ପଏଣ୍ଟ ବା ୨.୧୦ ପ୍ରତିଶତ ହ୍ରାସ ପାଇ ୨୨,୬୩୦.୨୦ ପଏଣ୍ଟ ରହିଛି। ବିଦେଶୀ ସଂସ୍ଥାଗତ ନିବେଶକ (ଏଫ୍‌ଆଇଆଇ) ଶୁକ୍ରବାର ୫,୫୧୮.୩୯ କୋଟି ଟଙ୍କାର ଅଂଶଧନ ବିକ୍ରି କରିଥିବା ଏକ୍ସଚେଞ୍ଜ ତଥ୍ୟରୁ ଜଣାପଡ଼ିଛି।

## ମେ' ୨୯ରେ...

ଜାତି ବିଷୟ ଆଦି ପରବର୍ତ୍ତୀ ସମୟରେ ପରିବର୍ତ୍ତନ କରାଯାଇପାରିବ ନାହିଁ। ପ୍ରାର୍ଥୀମାନେ ସେମାନଙ୍କ ଦ୍ୱାରା ପ୍ରଦତ୍ତ ତଥ୍ୟ ମିଥ୍ୟା ବା ଅସତ୍ୟ ଜଣାପଡିଲେ ତାଙ୍କର ଆବେଦନକୁ ନାକଚ କରାଯିବା ସହ ତାଙ୍କ ବିରୋଧରେ ଆଇନ ଅନୁଯାୟୀ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

## ରାଜ୍ୟରେ ଅଛନ୍ତି...

କିଛି ଅଞ୍ଚଳରେ ପ୍ରାୟ ୧୫ଜଣ ମାଓବାଦୀଙ୍କ ଉପସ୍ଥିତି ରହିଛି। ଏହାବ୍ୟତୀତ ରାଜ୍ୟର ଅନ୍ୟ କୌଣସି ଅଞ୍ଚଳରେ ମାଓବାଦୀମାନଙ୍କର ଉପସ୍ଥିତି ନାହିଁ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ତଥ୍ୟ ଅନୁଯାୟୀ, ଗତ ୨ ବର୍ଷ ମଧ୍ୟରେ ରାଜ୍ୟରେ ୯୬ ମାଓବାଦୀ ଆତ୍ମସମର୍ପଣ କରିଛନ୍ତି। ସେମାନଙ୍କୁ ସମାଜର ମୁଖ୍ୟସ୍ରୋତକୁ ଫେରାଇ ଆଣିବା ପାଇଁ ରାଜ୍ୟ ସରକାରଙ୍କ 'ଆତ୍ମ–ସମର୍ପଣ ଏବଂ ପୁନର୍ବାସ' ନୀତି ଅନୁଯାୟୀ ଆର୍ଥିକ ସହାୟତା, ବାସଗୃହ, ମାସିକ ଷ୍ଟାଇପେଣ୍ଡ ସହିତ ସର୍ବାଧିକ ୩୬ ମାସ ପର୍ଯ୍ୟନ୍ତ ଧନ୍ଦାମୂଳକ ତାଲିମ, ବିବାହ ସହାୟତା, ସ୍ୱାସ୍ଥ୍ୟ କାର୍ଡ, ରାଶନ କାର୍ଡ ଆଦି ପ୍ରଦାନ କରାଯାଉଛି। ଏହି ପରିପ୍ରେକ୍ଷୀରେ ୨୦୨୬ ମାର୍ଚ୍ଚ ୩୧ ତାରିଖ ସୁଦ୍ଧା ଓଡ଼ିଶାକୁ ସମ୍ପୂର୍ଣ୍ଣ ଭାବରେ ମାଓବାଦୀମୁକ୍ତ ରାଜ୍ୟ କରିବାକୁ ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛି।
ସୂଚନାଯୋଗ୍ୟ, ମାର୍ଚ୍ଚ୬ରେ ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା ଓଡ଼ିଶା ଗସ୍ତରେ ଆସି କହିଥିଲେ, ମାଓବାଦୀ ବିରୋଧରେ କେନ୍ଦ୍ର ଏବଂ ଓଡ଼ିଶା ସରକାରଙ୍କ ପକ୍ଷରୁ ଯେଉଁ ଅଭିଯାନ ଆରମ୍ଭ ହୋଇଥିଲା ତାହା ଏବେ ସଫଳ ହେବାକୁ ଯାଉଛି। ମାର୍ଚ୍ଚ ୩୧ ସୁଦ୍ଧା ଓଡ଼ିଶା ସମେତ ସାରା ଦେଶ ମାଓବାଦୀମୁକ୍ତ ହେବ। ସାରା ଦେଶ ମାଓବାଦୀମୁକ୍ତ ହେବା ପରେ ପ୍ରଭାବିତ ଅଞ୍ଚଳରେ ବିକାଶ ତ୍ୱରାନ୍ୱିତ ହେବ।

## ରିପୋର୍ଟ ଲୋଡ଼ିଲା...

ଇଞ୍ଜିନିୟରିଂ ବିଭାଗ ପାଇଁ ପୂର୍ବରୁ ଭିତ୍ତିପ୍ରସ୍ତର ପଡ଼ିଥିବାରୁ, ନୂତନ ଭବନଗୁଡ଼ିକୁ ସେଠାରେ ସହଜରେ ନିର୍ମାଣ କରାଯାଇପାରିବ। କିନ୍ତୁ ଏହା ପରିବର୍ତ୍ତେ ଏନ୍‌ଆଇଟି ପ୍ରଶାସନ ଅନ୍ୟ ଏକ ସ୍ଥାନରେ ଗଛ କାଟିବା ପ୍ରସ୍ତାବ ରଖିଛନ୍ତି। ଏନ୍‌ଆଇଟି ପ୍ରଶାସନକୁ ନୂତନ ଭବନ ପ୍ରକଳ୍ପକୁ ପୁନଃବିଚାର କରି ବିକଳ୍ପ ସ୍ଥାନ ଖୋଜିବାକୁ ନିର୍ଦ୍ଦେଶ ଦେବାକୁ ଅଳୟ ଅନୁରୋଧ କରିଥିଲେ।

## ଜୟଦେବଙ୍କୁ ହତ୍ୟା...

ରାକେଶ ନଟିଆ(୨୯)। ସୂଚନାଯୋଗ୍ୟ, ପୂର୍ବତନ ବିଧାୟକ ଜେନାଙ୍କୁ ମୋବାଇଲ ନମ୍ବର ୮୯୮୪୭୯୦୩୭୨ରୁ ହ୍ୱାଟ୍ସଆପ ଯୋଗେ ମେସେଜ ମାଧ୍ୟମରେ ହତ୍ୟା ଧମକ ଆସିଥିଲା। ଏହାକୁ ନେଇ ସେ ହାଟଡ଼ିହୀ ବ୍ଲକ୍ ନନ୍ଦିପଦା ଥାନାରେ ଅଭିଯୋଗ କରିଥିଲେ। ପୋଲିସ ମାମଲା(ନଂ.୧୦୪/୨୬)ରୁଜୁ କରିଥିଲା। କେନ୍ଦୁଝର ଏସ୍‌ପି ନୀତିନ କୁଶଲ ଦାଗଡୁଙ୍କ ନିର୍ଦ୍ଦେଶ କ୍ରମେ ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା ଘଟଣାର ତଦନ୍ତ ଆରମ୍ଭ କରିଥିଲେ। ପଣ୍ଡାଙ୍କ ତତ୍ତ୍ୱାବଧାନରେ ନନ୍ଦିପଦା ପୋଲିସ ଏବଂ ଅନ୍ୟ ପୋଲିସ କର୍ମଚାରୀଙ୍କୁ ନେଇ ବିଭିନ୍ନ ଟିମ୍ ଗଠନ ହୋଇଥିଲା। ଟିମ୍‌ରେ ଥିବା ନନ୍ଦିପଦା ଥାନା ଅଧିକାରୀ ଧର୍ମେନ୍ଦ୍ର ଶାନ୍ତି, ଇନ୍ସପେକ୍ଟର ବଳିଆ ବାରିକ, ଏସ୍‌ଆଇ ସୁଷମା ସୁନ୍ଦରୀ ସେଠୀ, ଗୋପାଳ ମିଶ୍ର ପ୍ରମୁଖଙ୍କ ସମେତ ପୋଲିସ କର୍ମଚାରୀମାନେ ଅଭିଯୁକ୍ତଙ୍କ ଗାଁରେ ଚଢ଼ାଉ କରି ଧରିବାରେ ସକ୍ଷମ ହୋଇଛନ୍ତି। ଆନନ୍ଦପୁର ଏସ୍‌ଡିପିଓ କମଳ କୁମାର ପଣ୍ଡା କହିଛନ୍ତି, ଅଭିଯୁକ୍ତ ରାକେଶ ନଟିଆ ଗତ ପଞ୍ଚାୟତ ନିର୍ବାଚନରେ କଂଗ୍ରେସ ସମର୍ଥିତ ପ୍ରାର୍ଥୀ ଭାବେ ନିର୍ବାଚନ ଲଢ଼ିଥିଲେ। ୫୦ ଖଣ୍ଡ ଭୋଟ ପାଇ ପରାଜିତ ହୋଇଥିଲେ। ରାକେଶଙ୍କ ପ୍ରରୋଚନାରେ ହରମୋହନ ଏପରି ଧମକ ଦେଇଥିବା ତଦନ୍ତ ସମୟରେ ଜଣାପଡ଼ିଛି।

## ୧୦ ଦେଶକୁ....

୨୦୨୬–୨୭ ବର୍ଷ ପାଇଁ ଏହି ଯୋଜନାରେ ୬୦୮୮.୪୦ କୋଟି ଟଙ୍କାର ବ୍ୟବସ୍ଥା କରାଯାଇଛି। ଗତ ୧୩ ତାରିଖ ସୁଦ୍ଧା ରାଜ୍ୟର ୩୪.୨୪ ଲକ୍ଷ ହିତାଧିକାରୀଙ୍କୁ ପି.ଏମ୍ କିଷାନ ଯୋଜନାର ୨୨ ତମ କିସ୍ତି ବଣ୍ଟାଯାଇଛି। ରାଜ୍ୟରେ ୧୦ ଜଣ ଉଦ୍ୟୋଗୀଙ୍କୁ ୨୯,୭୫୮ ଟନ୍ କ୍ଷମତା ବିଶିଷ୍ଟ ଶୀତଳ ଭଣ୍ଡାର ପ୍ରତିଷ୍ଠା ଲାଗି ୮୩.୧୭ କୋଟି ଟଙ୍କାର କାର୍ଯ୍ୟାଦେଶ ପ୍ରଦାନ କରାଯାଇଥିବା ସେ କହିଛନ୍ତି। ଶେଷରେ ଗୃହରେ କୃଷି ବିଭାଗର ୧୫,୦୩୯.୮୯ କୋଟି ଟଙ୍କାର ଖର୍ଚ୍ଚଦାବି ପାରିତ ହୋଇଛି।

# ଆଜିର ରାଶିଫଳ

ଜ୍ୟୋତିର୍ବିଦ୍ୟା ବିଶାରଦ ପ୍ରସନ୍ନ କୁମାର ମହାପାତ୍ର
ମଙ୍ଗରାଜପୁର ଶାସନ, କାଦୁଆ, ଗଞ୍ଜାମ
Email–pkmahapatro@gmail.com

**ମେଷ**
ଧନଭାବସ୍ଥ ଚନ୍ଦ୍ର ପ୍ରଭାବରେ ଆଜି ପାରିବାରିକ ସ୍ଥିତି, କର୍ମକ୍ଷେତ୍ର ଓ ଅର୍ଥ ସମ୍ପର୍କ ଭଲ ରହିବ। ମିତ୍ରମାନେ ପ୍ରଶଂସା ଗାଇ କାମ ହାସଲର ଅପଚେଷ୍ଟା କରିପାରନ୍ତି। ତଥାପି ଏକ ନିର୍ଦ୍ଦିଷ୍ଟ କାମ ସକାଶେ ରଖିଥିବା ଧନ ଭିନ୍ନ ବାଟରେ ଖର୍ଚ୍ଚ ହୋଇଯାଇପାରେ। ଅବହେଳାଜନିତ କର୍ମକ୍ଷେତ୍ରରେ ଉପରିସ୍ଥ କର୍ମଚାରୀଙ୍କ ରୋଷର ଶିକାର ହୋଇପାରନ୍ତି।

**ବୃଷ**
ରାଶିରେ ଚନ୍ଦ୍ରଙ୍କ ସ୍ଥିତି ବିଭିନ୍ନ ପ୍ରକାର କାମର ଚିନ୍ତା ମନକୁ ଆନ୍ଦୋଳିତ କରିପାରେ। ଦୀର୍ଘଦିନରୁ ଅପେକ୍ଷା କରିଥିବା ଖବରଟି ଆଜି ଅପରାହ୍ନେ ପାଇପାରନ୍ତି। ସ୍ୱାସ୍ଥ୍ୟରେ ଉନ୍ନତି ପରିଲକ୍ଷିତ ହେବାରୁ ସାମୟିକ ଖୁସି ରହିବେ। ରବି ଓ ଚନ୍ଦ୍ରଙ୍କ ସ୍ଥିତିଜନିତ ଉଚ୍ଚ ଆଶା ଅବଶ୍ୟ ପୂରଣହେବା ଆଶା କରାଯାଇପାରେ।

**ମିଥୁନ**
ଏକାଦଶଭାବରେ ରବିଙ୍କ ସ୍ଥିତି ପ୍ରଭାବରେ ବନ୍ଧୁ ସମ୍ପର୍କ ସୃଷ୍ଟି ସୂଚନା ରହିଛି। ସଂଗଠନ, ରାଜନୀତି କିମ୍ବା ଆନୁଷ୍ଠାନିକ କାମରେ ନେତୃତ୍ୱ ନେଇ ପ୍ରଶଂସିତ ହେବେ। ସହକର୍ମୀଙ୍କ ସାହାଯ୍ୟର ପ୍ରତିଶ୍ରୁତି ପାଇ ଆଶ୍ୱସ୍ତି ଅନୁଭବ କରିବେ। ଶିଳ୍ପ, ବାଣିଜ୍ୟ, ବ୍ୟବସାୟ ଏବଂ ପରିବହନ ପରିପ୍ରେକ୍ଷୀରେ ଭ୍ରମଣ ସୁଯୋଗ ଲାଭ କରିବେ।

**କର୍କଟ**
କର୍ମାଧିପ ଏକାଦଶସ୍ଥ ଯୋଗୁ ପ୍ରତ୍ୟେକ କାର୍ଯ୍ୟ କୁଶଳତାର ସହ ସମାପନ କରିପାରିବେ। ଆତ୍ମୀୟଙ୍କ ସାହାଯ୍ୟରେ ପାରିବାରିକ ସମସ୍ୟା ସମାଧାନ ହେବା କଷ୍ଟକର ହେବ। କର୍ମାରମ୍ଭରେ ପ୍ରତିକୂଳ ପରିସ୍ଥିତି ଯୋଗୁ ଯୋଜନାଗୁଡ଼ିକ ସମ୍ପୂର୍ଣ୍ଣ ହେବ ନାହିଁ। ବନ୍ଧୁଙ୍କ ପରାମର୍ଶରେ ଧର୍ମକାର୍ଯ୍ୟରେ ନିଜକୁ ନିୟୋଜିତ କରିପାରନ୍ତି।

**ସିଂହ**
କର୍ମକ୍ଷେତ୍ରରେ ଫାଇଲ୍ କାମରେ ବ୍ୟସ୍ତ ରହିବା ସହ ଅଧିକାଂଶ ଟେନ୍‌ସନ ଲାଗି ରହିବ। ମାଙ୍ଗଳିକ କାମ ପରିପ୍ରେକ୍ଷୀରେ ଘରୋଇ ସମସ୍ୟା ସମାଧାନ ପାଇଁ ଚେଷ୍ଟା କରିପାରନ୍ତି। ଯାତ୍ରା ସମୟରେ ସତର୍କତା ଅବଲମ୍ବନ ନ କଲେ ବିବାଦରେ ପଡ଼ିବେ। କ୍ରୀଡ଼ା, ସଙ୍ଗୀତ, ଯାତ୍ରା, ବାଣିଜ୍ୟ, ରାଜନୀତିରୁ ପ୍ରଶଂସିତ ହେବେ।

**କନ୍ୟା**
ବୁଧଙ୍କ ଅଶୁଭତ୍ୱରୁ ଯେତେ ଭଲ କାମ କଲେ ମଧ କର୍ମକ୍ଷେତ୍ରରୁ ଅଭିଯୋଗ ଆସିବ। ଆତ୍ମୀୟଙ୍କ ଅସହଯୋଗରୁ ଦୁର୍ବଳ କାର୍ଯ୍ୟରେ ବ୍ୟସ୍ତତା ବୃଦ୍ଧିପାଇବ। ବନ୍ଧୁଙ୍କ ନିକଟରୁ ବକେୟା ଆଦାୟକୁ କେନ୍ଦ୍ରକରି ଝଗଡ଼ା ସୃଷ୍ଟି ହୋଇପାରେ। ଔଷଧ, ବହିପତ୍ର, ଲୁଗାପଟା ଦୋକାନ ତଥା ପରିବହନ କ୍ଷେତ୍ରରେ ଆଶା ଅନୁରୂପ ଫଳ ପାଇବେ।

**ତୁଳା**
ଉଚ୍ଚସ୍ଥ ଶୁକ୍ର ପସନ୍ଦପୂର୍ଣ୍ଣ କରାଇବାରେ ସୁନ୍ଦର ପରିବେଶ ସୃଷ୍ଟି କରିପାରନ୍ତି। ଭୁଲ୍ ବୁଝାମଣାରେ ନିକଟସ୍ଥ ବ୍ୟକ୍ତିଙ୍କ ଆପଣଙ୍କ ପ୍ରତି ଥିବା ମନୋଭାବ ବଦଳିଯାଇପାରେ। କଚେରି ମାମଲା କ୍ଷେତ୍ରରେ ସମସ୍ୟା ସମାଧାନ ହୋଇଯିବ। କଳହ ଲାଗିଥିବା ସହକର୍ମୀଟି ପ୍ରତି ସତର୍କ ନ ରହିଲେ ଅସୁବିଧାର ସମ୍ମୁଖୀନ ହୋଇପାରନ୍ତି।

**ବିଛା**
ସ୍ୱାସ୍ଥ୍ୟହାନି ସାଙ୍ଗକୁ ବିଭିନ୍ନ ପ୍ରକାର ଦୁଶ୍ଚିନ୍ତା କାରଣରୁ ମନୋବଳ କ୍ରମଶଃ ହ୍ରାସପାଇବ। ତଥାପି ଆପଣ ମନ ବୁଝିଲା ଭଳି କଥା କହି ପାଖ ପଡ଼ୋଶୀଙ୍କୁ ଆପଣେଇ ନେବେ। ସକାଳ ସମୟରେ ଶୁଣା କଥାକୁ ବିଶ୍ୱାସକରି ଟେନ୍‌ସନ ବଢ଼ିପାରେ। ପରିଜନଙ୍କ ସହ ଅଧିକ ଭ୍ରମଣ ଯୋଗୁ କ୍ଳାନ୍ତି ଓ ଆଳସ୍ୟ ଅନୁଭବ କରିପାରନ୍ତି।

**ଧନୁ**
ଆପଣଙ୍କୁ ସହାନୁଭୂତି ଦେଖାଇ ବନ୍ଧୁ ସାହାଯ୍ୟର ପ୍ରତିଶ୍ରୁତି ଦେଇପାରନ୍ତି। ଚେଷ୍ଟା କରୁଥିବା ଯୋଜନାଟିକୁ କାର୍ଯ୍ୟକାରୀ କରିବାରେ ବିଶିଷ୍ଟ ବ୍ୟକ୍ତିଙ୍କ ପରାମର୍ଶ ସାହାଯ୍ୟ କରିବ। ଯେଉଁଥିପାଇଁ ଆଶଙ୍କା କରୁଛନ୍ତି ସେଥିରେ କିଛି ବିପଦ ଘଟିବା ସମ୍ଭାବନା ନାହିଁ। ଅନ୍ୟ ଉପରେ ଦୋଷ ଢାଳିବାକୁ ଚେଷ୍ଟାକଲେ ସମାଲୋଚିତ ହେବାକୁ ପଡ଼ିପାରେ।

**ମକର**
ପରିବାରରେ କୁହୁଳୁଥିବା ଅଶାନ୍ତି ହଠାତ୍ ପରିବେଶକୁ ବଦଳାଇ ଦେଇପାରେ। ପରିବାରର ଆବଶ୍ୟକତା ପୂରଣ ସକାଶେ ଧାରକରଜ କରି କାମ ତୁଲାଇ ନେବେ। ଈର୍ଷାପରାୟଣ ମନୋଭାବ ପୋଷଣକରି ସମ୍ପର୍କୀୟ ଟାହିଟାପରା କରିପାରନ୍ତି। ସବୁକଥା ପଛକୁ ପକାଇ ଅନ୍ୟମାନଙ୍କ ମନନେଇ ଚଳିବାକୁ ଚେଷ୍ଟାକଲେ ଉପକୃତ ହେବେ।

**କୁମ୍ଭ**
କର୍ମକ୍ଷେତ୍ରରେ ମନ ଭୁଲାଣିଆ କଥା କହି ସହକର୍ମୀଙ୍କ ଦ୍ୱାରା କାମଟି କରାଇନେବେ। ପରିବାର,ବନ୍ଧୁ ସମ୍ପର୍କ, ସଭାସମିତି କ୍ଷେତ୍ରରେ ଛୋଟ କଥାକୁ ଧରି ବସନ୍ତୁ ନାହିଁ। କିଣାବିକା କାରବାରରେ ସତର୍କତା ଅଭାବରୁ ଅପଦସ୍ଥ ହେବା ସମ୍ଭାବନା ରହିଛି। ଯାତ୍ରା ସମୟରେ ଜିନିଷପତ୍ର ପ୍ରତି ସତର୍କ ରହନ୍ତୁ, ନତୁବା କିଛି ହରାଇବାକୁ ପଡ଼ିପାରେ।

**ମୀନ**
କର୍ମକ୍ଷେତ୍ରରେ ଦକ୍ଷତାକୁ ନେଇ ପ୍ରତିଷ୍ଠା ଓ ପ୍ରଶଂସା ପାଇବେ। ବୁଧଙ୍କ ଦୁର୍ବଳତା କାରଣରୁ ଦାୟିତ୍ୱ ନେଇଥିବା ଲୋକ ଠିକ୍ ଖବର ଦେବାରେ ହେଳା କରିପାରନ୍ତି। ଅର୍ଥ ଆଦାୟ କରିବାରେ ଯେତେ ଚେଷ୍ଟା କଲେ ମଧ୍ୟ ନେଇଥିବା ବ୍ୟକ୍ତିଟି ବିଭିନ୍ନ କଥା କହି ମିଥ୍ୟା ପ୍ରତିଶ୍ରୁତି ହିଁ ଦେବେ। ବିବାଦୀୟ ଘଟଣା ଜଟିଳ ଆଡ଼କୁ ଗତି କରିପାରେ।

ଆଜି ମାର୍ଚ୍ଚ ୨୪ ତାରିଖ, ବିଶ୍ୱ ଯକ୍ଷ୍ମା ଦିବସ, ଚୈତ୍ର ଶୁକ୍ଳ ଷଷ୍ଠୀଯୁକ୍ତ ସପ୍ତମୀ ମଙ୍ଗଳବାର, ଶ୍ରୀମନ୍ଦିର ବେଢ଼ା ସ୍ଥିତ ସୂର୍ଯ୍ୟଦେବଙ୍କ ଚୈତ୍ର ଗୁଣ୍ଡିଚାଯାତ୍ରା, ପୀଠେ ବାସନ୍ତିକ ସପ୍ତମୀପୂଜା, ବାସନ୍ତିକ ମୃଣ୍ମୟୀଦେବୀଙ୍କ ଷଷ୍ଠୀ ପୂଜା, ଚୈତ୍ର ମଙ୍ଗଳବାର ଓଷା। ରାଶି ନକ୍ଷତ୍ର–ରୋହିଣୀ/ବୃଷ, ଷଷ୍ଠୀର ଏକୋଦ୍ଦିଷ୍ଟ ଓ ପାର୍ବଣଶ୍ରାଦ୍ଧ। ସକାଳ ଘ. ୦୮।୫୨ ଗତେ, ଘ.୧୦।୪୦ ମଧ୍ୟେ, ଘ. ୦୧।୦୫ ଗତେ, ଘ.୦୧।୨୩ ମଧ୍ୟେ ଶୁଦ୍ଧ ଶୁଭବେଳା। ଅପରାହ୍ନ ଘ.୦୨।୫୪ ଗତେ, ଘ.୦୪।୨୪ ମଧ୍ୟେ ରାହୁକାଳ।




# ସୁରୁଖୁରୁରେ ହେଉ ରତ୍ନଭଣ୍ଡାର ଗଣତି: ଆଇନ ମନ୍ତ୍ରୀ




ଶ୍ରୀମନ୍ଦିର କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ ସମୀକ୍ଷା ବୈଠକରେ ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ, ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥଙ୍କ ସମେତ ଜିଲାସ୍ତରୀୟ ଅଧିକାରୀ ଓ ପରିଚାଳନା କମିଟି ସଦସ୍ୟବୃନ୍ଦ।

**ପୁରୀ, ୨୩।୩(ଅଜିତ୍ କୁମାର ମହାନ୍ତି)**

## ରାଜ୍ୟ ସରକାରଙ୍କ ମାର୍ଗଦର୍ଶିକାରେ ହେବ ସମସ୍ତ କାର୍ଯ୍ୟ

ଦିନକ ପରେ ଅର୍ଥାତ ମାର୍ଚ୍ଚ ୨୫ରୁ ଶ୍ରୀମନ୍ଦିର ରତ୍ନଭଣ୍ଡାର ଅଳଙ୍କାରର ଗଣତିମଣତିର ଶୁଭାରମ୍ଭ ପ୍ରକ୍ରିୟା ଆରମ୍ଭ ହେବ। ଏନେଇ ସମସ୍ତ ପ୍ରସ୍ତୁତି ଶେଷ ହୋଇଛି। ମାର୍ଚ୍ଚ ୨୫ ତାରିଖ ମଧ୍ୟାହ୍ନ ୧୨ଟା ୯ରୁ ୧ଟା ୪୫ ମଧ୍ୟରେ ରହିଛି ଶୁଭ ମୁହୂର୍ତ୍ତ। ତେବେ ରତ୍ନଭଣ୍ଡାରର ଗଣତି ମଣତି ପ୍ରକ୍ରିୟା ଯେଭଳି ସୁଚାରୁରୂପେ ଶେଷହେବ ସେନେଇ ସୋମବାର ଆଇନ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର କାର୍ଯ୍ୟାଳୟରେ ଏକ ସମୀକ୍ଷା ବୈଠକ କରିଛନ୍ତି। ବୈଠକରେ ରତ୍ନଭଣ୍ଡାର ତଦାରଖ କମିଟି ଅଧ୍ୟକ୍ଷ ଜଷ୍ଟିସ ବିଶ୍ୱନାଥ ରଥ, ମୁଖ୍ୟ ପ୍ରଶାସକ ଡ. ଅରବିନ୍ଦ ପାଢ଼ୀ, ଜିଲାପାଳ ତଥା ଶ୍ରୀମନ୍ଦିର ଉପମୁଖ୍ୟ ପ୍ରଶାସକ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସମେତ ପ୍ରାଧିକୃତ ସେବାୟତ ଜେମୋଲୋଷ୍ଟି, ଆରବିଆଇ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ।

ବୈଠକ ପରେ ଆଇନମନ୍ତ୍ରୀ ହରିଚନ୍ଦନ କହିଛନ୍ତି, ଅଳଙ୍କାରର ଗଣତିମଣତି ସୁରୁଖୁରୁରେ ସମାପନ ହେବା ପାଇଁ ଆମେ ସମସ୍ତେ ମହାପ୍ରଭୁଙ୍କ ନିକଟରେ ଶରଣାପନ୍ନ ହୋଇଛୁ। ଯେଉଁମାନେ ଏଥିରେ ସାମିଲ ହେବେ ସେମାନେ ସରକାରଙ୍କ ପକ୍ଷରୁ କରାଯାଇଥିବା ମାଗଦର୍ଶିକାକୁ ସମ୍ପୂର୍ଣ୍ଣ ଭାବେ ଅନୁପାଳନ କରି କାର୍ଯ୍ୟ କରିବେ। ମେଳକ କରିବା ପ୍ରଥମ କାର୍ଯ୍ୟ, ପରେ ତାକୁ ସୁରକ୍ଷିତ ଭାବରେ ରଖିବା। ୪୬ ବର୍ଷ ଧରି ରତ୍ନଅଳଙ୍କାରର ଗଣତି ହୋଇ ନ ଥିଲା। ଦୀର୍ଘ ବର୍ଷ ପରେ ଏହା ଏକ ଶୁଭ ମୁହୂର୍ତ୍ତ ଆସିଛି। ମହାପ୍ରଭୁଙ୍କ ପ୍ରତିଟି ଅଳଙ୍କାରର ଡିଜିଟାଲ ଫଟୋଗ୍ରାଫି କରାଯାଇ ସୁରକ୍ଷିତ ଭାବେ ରଖିବା ଉପରେ ଗୁରୁତ୍ୱ ଦିଆଯାଇଛି। ଏଥିପାଇଁ ଏକ୍ସପର୍ଟ ଟିମ୍ ନିୟୋଜିତ ହୋଇଛନ୍ତି। ଠାକୁରଙ୍କ ନୀତିକାନ୍ତି ଓ ଭକ୍ତଙ୍କ ଦର୍ଶନ ଯେଭଳି ପ୍ରଭାବିତ ନ ହେବ ସେନେଇ ଗୁରୁତ୍ୱ ଦିଆଯାଇଛି। ଗଣତି ମଣତି କାର୍ଯ୍ୟ କେବେ ସରିବ ତାହା କହିହେବ ନାହିଁ। ନିର୍ଦ୍ଦିଷ୍ଟ ସମୟ କହିବା ଠିକ୍ ହେବ ନାହିଁ। ୧୯୭୮ ମସିହା ତାଲିକା ଅନୁସାରେ ବର୍ତ୍ତମାନର ମେଳକ କରାଯିବ। ଦୁର୍ମୂଲ୍ୟ ରତ୍ନଥିବାରୁ ଜେମୋଲୋଷ୍ଟି ୨ଜଣଙ୍କୁ ଟିମ୍‌ରେ ରଖାଯାଇଛି। ଗଣତିମଣତି ନେଇ ଯାହା ଦାୟିତ୍ୱ ନିର୍ବାହ କରିବା କଥା ତାହା କରିବୁ ବୋଲି ଆଇନମନ୍ତ୍ରୀ କହିଛନ୍ତି।

# ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ଅସୁସ୍ଥ



ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସାଧୀନ ପୂର୍ଣ୍ଣମାସୀ।

**ଫୁଲବାଣୀ, ୨୩।୩ (ରାକେଶ କୁମାର ରାଉତ)**

ଆଦିବାସୀ ସନ୍ଥ ପଦ୍ମଶ୍ରୀ ପୂର୍ଣ୍ଣମାସୀ ଜାନୀ ଅସୁସ୍ଥ ହୋଇପଡିଛନ୍ତି। ତାଙ୍କୁ ପ୍ରଥମେ ଖଜୁରିପଡା ମେଡିକାଲରେ ଭର୍ତ୍ତି କରାଯାଇଥିଲା। ସେଠାରେ ପ୍ରାଥମିକ ଚିକିତ୍ସା ପରେ ଫୁଲବାଣୀସ୍ଥିତ ଜିଲା ମୁଖ୍ୟ ଚିକିତ୍ସାଳୟକୁ ସ୍ଥାନାନ୍ତର କରାଯାଇଛି। ତାଙ୍କର ଗୋଡ, ହାତ ଫୁଲିବା ସହ ରକ୍ତହୀନତା ଥିବା ଜଣାପଡିଛି। ବର୍ତ୍ତମାନ ତାଙ୍କୁ ଜିଲା ମୁଖ୍ୟ ଚିକିତ୍ସାଳୟର ଭେଷଜ ବିଭାଗରେ ରଖି ଚିକିତ୍ସା କରାଯାଉଛି। ପୂର୍ଣ୍ଣମାସୀଙ୍କ ସ୍ୱାସ୍ଥ୍ୟାବସ୍ଥା ଏବେ ସ୍ଥିର ଥିବା ଡାକ୍ତର କହିଛନ୍ତି। ସୂଚନାଯୋଗ୍ୟ, ରବିବାର ସକାଳେ ସେ ଅସୁସ୍ଥ ଅନୁଭବ କରିଥିଲେ। ସ୍ଥାନୀୟ ଡାକ୍ତରଖାନାରେ ଚିକିତ୍ସା ପରେ ଫୁଲବାଣୀ ସ୍ଥାନାନ୍ତର କରାଯାଇଥିଲା। ପୂର୍ଣ୍ଣମାସୀଙ୍କ ବୟସ ଏବେ ୮୨। ଜଣେ ଆଦିବାସୀ ସନ୍ଥ ଏବଂ ଆଶୁକବି ଭାବେ ଜଣାଶୁଣା ପୂର୍ଣ୍ଣମାସୀଙ୍କୁ ୨୦୨୧ରେ ପଦ୍ମଶ୍ରୀ ସମ୍ମାନରେ ସମ୍ମାନିତ କରାଯାଇଥିଲା। ତାଡିସରୁ ବାଇ ଭାବରେ ପରିଚିତ ପୂର୍ଣ୍ଣମାସୀଙ୍କ ରାଜ୍ୟ ତଥା ରାଜ୍ୟ ବାହାରେ ବହୁ ସଂଖ୍ୟାରେ ଅନୁଗାମୀ ରହିଛନ୍ତି।

# ଟ୍ରଲରରେ ଶ୍ୱାସରୁଦ୍ଧ ହୋଇ ୨ ମତ୍ସ୍ୟଜୀବୀ ମୃତ

**ବାଲେଶ୍ୱର, ୨୩।୩(ବାଞ୍ଛାନିଧି ଦେ)**

ବାଲେଶ୍ୱର ବଳରାମଗଡ଼ି ସାମୁଦ୍ରିକ ଥାନା ଅଞ୍ଚଳରେ ସୋମବାର ଏକ ଅଭାବନୀୟ ଘଟଣା ଘଟିଛି। ଏକ ଟ୍ରଲରରୁ ମାଛ ବାହାର କରୁଥିବା ସମୟରେ ଶ୍ୱାସରୁଦ୍ଧ ହୋଇ ୨ଜଣ ମତ୍ସ୍ୟଜୀବୀଙ୍କର ମୃତ୍ୟୁ ଘଟିଛି। ମୃତ ମତ୍ସ୍ୟଜୀବୀ ହେଲେ ବାସୁଦେବପୁର ଥାନା ଅଡୁଆଁ ଗ୍ରାମର ପ୍ରଭାକର ମଲ୍ଲିକ (୩୨) ଓ ଶଶିନା ମଲ୍ଲିକ (୨୯)। ପୋଲିସ ଘଟଣାସ୍ଥଳରେ ପହଞ୍ଚି ତଦନ୍ତ ଜାରି ରଖିଛି।

ବଡ଼ଶଙ୍ଖ-୨ ନାମକ ଟ୍ରଲରରେ ମତ୍ସ୍ୟଜୀବୀ ଓ କର୍ମଚାରୀମାନେ ସମୁଦ୍ରକୁ ମାଛ ଧରିବାକୁ ଯାଇଥିଲେ। ସୋମବାର ଟ୍ରଲର ବଳରାମଗଡ଼ି ମାଛଧରା କେନ୍ଦ୍ରରେ ପହଞ୍ଚିବା ପରେ ସେଥିରୁ ମାଛ ବାହାର କରାଯାଉଥିଲା। ଟ୍ରଲରରେ ଥିବା ଚାମ୍ବରରୁ ମୃତକଦ୍ୱୟ ଦୀର୍ଘ ସମୟ ଧରି ନ ବାହାରିବାରୁ ଅନ୍ୟମାନେ ସେମାନଙ୍କୁ ଚେତାଶୂନ୍ୟ ଅବସ୍ଥାରେ ବାହାର କରିଥିଲେ। ସେମାନଙ୍କୁ ସଙ୍ଗେ ସଙ୍ଗେ ଜିଲା ମୁଖ୍ୟ ଚିକିତ୍ସାଳୟକୁ ନିଆଯାଇଥିଲା। ହେଲେ ଡାକ୍ତର ଉଭୟଙ୍କୁ ମୃତ ବୋଲି ଘୋଷଣା କରିଥିଲେ। ଚାମ୍ବରରେ ବିଷାକ୍ତ ଗ୍ୟାସ ନିର୍ଗତ ଯୋଗୁ ଶ୍ୱାସରୁଦ୍ଧ ହୋଇ ମୃତ୍ୟୁ ଘଟିଥିବା ଅନୁମାନ କରାଯାଉଛି। ପୋଲିସ ଘଟଣାର ତଦନ୍ତ ଜାରି ରଖିଛି।

# କାନ୍ଥ ଭୁଶୁଡ଼ି ଶିଶୁକନ୍ୟା ମୃତ, ମା'; ଭଉଣୀ ଗୁରୁତର

**ତିହିଡ଼ି, ୨୩।୩(ସଞ୍ଜିତ ବଳ)**

ବାପଘରକୁ ୨ ଝିଅଙ୍କୁ ସାଙ୍ଗରେ ଧରି ମା' ବୁଲିବାକୁ ଆସିଥିଲେ। କେବେ ବି ଭାବି ନ ଥିଲେ, କୋଠାଘର ଛାତ ଉପରେ ତିଆରି ହୋଇଥିବା କାନ୍ଥ ଭୁଶୁଡ଼ି ତାଙ୍କୁ ଗୋଟିଏ ଝିଅକୁ ହରାଇବାକୁ ପଡ଼ିବ। ଭଦ୍ରକ ଜିଲା ତିହିଡ଼ି ବ୍ଲକ ପୀରହାଟ ଥାନା ଅଧୀନ ସାହାପୁର ପଞ୍ଚାୟତର କାଶୀପୁର ଗ୍ରାମରେ ରବିବାର ସନ୍ଧ୍ୟାରେ କାନ୍ଥ ଭୁଶୁଡ଼ି ପଡ଼ିବାରୁ ଜଣେ ଶିଶୁକନ୍ୟାଙ୍କ ମୃତ୍ୟୁ ଘଟିଥିବା ବେଳେ ତାଙ୍କ ମା' ଓ ଭଉଣୀ ଗୁରୁତର ହୋଇଛନ୍ତି।

ସୂଚନା ଅନୁଯାୟୀ, ତିହିଡ଼ି ଥାନା ଅଟକ ପଞ୍ଚାୟତ ଅଧୀନ ନନ୍ଦପୁର ଗ୍ରାମର ପ୍ରଫୁଲ୍ଲ ବେହେରାଙ୍କ ସ୍ତ୍ରୀ ଭାରତୀ(୩୦) ୨ ଝିଅ ପୂଜାରାଣୀ (୪) ଓ ଲିଜା(୨)ଙ୍କୁ ନେଇ କିଛିଦିନ ପୂର୍ବେ ବାପଘର କାଶୀପୁର ଗାଁକୁ ବୁଲିବାକୁ ଯାଇଥିଲେ। ଭାରତୀଙ୍କ ବାପା ନାରାୟଣ ବେହେରା କିଛିଦିନ ପୂର୍ବେ ତାଙ୍କ ଘର ଛାତ ଉପରେ କାନ୍ଥ ତିଆରି କରିଥିଲେ। ରବିବାର ସନ୍ଧ୍ୟାରେ ୨ଝିଅ ଘର ସାମ୍ନାରେ ଖେଳୁଥିବା ବେଳେ ଭାରତୀ ସେଠାରେ ଠିଆ



ସାହାପୁର ପଞ୍ଚାୟତର କାଶୀପୁର ଗ୍ରାମରେ କୋଠାଘର ଛାତ ଉପର କାନ୍ଥ ଭୁଶୁଡ଼ି ପଡ଼ିଛି।

ହୋଇଥିଲେ। ଏହି ସମୟରେ ନାରାୟଣଙ୍କ ଘରର ଛାତ ଉପରେ ନିର୍ମିତ କାନ୍ଥ, ଘରର କାନିସ୍ ଭୁଶୁଡ଼ି ଭାରତୀ ଓ ତାଙ୍କ ୨ ଝିଅଙ୍କ ଉପରେ ପଡ଼ିଥିଲା। ଫଳରେ ସାନଝିଅ ଲିଜାଙ୍କ ମୃତ୍ୟୁ ଘଟିଥିବା ବେଳେ ଭାରତୀ ଓ ତାଙ୍କ ବଡ଼ଝିଅ ପୂଜା ଗୁରୁତର ହୋଇଥିଲେ। ଗୁରୁତର ମା' ଝିଅଙ୍କୁ ଚିକିତ୍ସା ନିମନ୍ତେ ପ୍ରଥମେ ତିହିଡ଼ି ଓ ପରେ ଭଦ୍ରକ ଜିଲା ମୁଖ୍ୟ ଚିକିତ୍ସାଳୟରେ ଭର୍ତ୍ତି କରାଯାଇଥିଲା। କାନ୍ଥ ଭୁଶୁଡ଼ି ସେଠାରେ ଥୁଆ ହୋଇଥିବା ଏକ ବାଇକ୍ ମଧ୍ୟ ଭାଙ୍ଗିରୁଜି ଯାଇଛି।

# ଭିଏଲ୍‌ଡବ୍ଲ୍ୟୁ, ଯନ୍ତ୍ରୀଙ୍କ ଠିକାଦାରି ଗାଁ ବିକାଶରେ ବାଧକ

**କଟକ ସଦର, ୨୩।୩ (ସୁଶାନ୍ତ କୁମାର ଜେନା)**

## ଦ୍ୱନ୍ଦ୍ୱାତ୍ମକ ତଥ୍ୟରୁ ଦୁର୍ନୀତିର ଗନ୍ଧ

- ଲୋକାଲ ଫଣ୍ଡ୍ ଅଡିଟ୍-ବ୍ଲକ ଉତ୍ତରରେ ରହୁନି ତାଳମେଳ
- ବିନା ଆଇଟି ରିଟର୍ନ ଫାଇଲ୍‌ରେ କିପରି ଏତେ ଟଙ୍କାର କାମ କରୁଛନ୍ତି ସରକାରୀ କର୍ମଚାରୀ

୨୦୧୮ ଜୁଲାଇରୁ ତ୍ରିସ୍ତରୀୟ ପଞ୍ଚାୟତିରାଜ ଅନୁଷ୍ଠାନରେ ସମସ୍ତ କାର୍ଯ୍ୟ ବିଭାଗୀୟ ତତ୍ତ୍ୱାବଧାନରେ କରାଯିବ ବୋଲି ରାଜ୍ୟ ପଞ୍ଚାୟତିରାଜ ଓ ପାନୀୟ ଜଳ ବିଭାଗ ନିୟମ କରିଛି। ତଦନୁଯାୟୀ ୯ ବର୍ଷ ହେବ ପଞ୍ଚାୟତ, ବ୍ଲକ ଓ ଜିଲା ପରିଷଦ ମଞ୍ଜୁର କରୁଥିବା ବିଭିନ୍ନ ଉନ୍ନୟନମୂଳକ କାର୍ଯ୍ୟ ପାଇଁ ପଞ୍ଚାୟତ କାର୍ଯ୍ୟ ନିର୍ବାହୀ ଅଧିକାରୀ(ଭିଏଲ୍‌ଡବ୍ଲ୍ୟୁ), କନିଷ୍ଠ ଓ ସହକାରୀ ଯନ୍ତ୍ରୀ ବହୁ କୋଟି ଟଙ୍କାର କାମ କରୁଛନ୍ତି। କହିବାକୁ ଗଲେ ଏବେ ଏମାନେ ବଡ଼ ବଡ଼ ସରକାରୀ ଠିକାଦାର ପାଲଟିଛନ୍ତି। ଏହି ଯନ୍ତ୍ରୀମାନେ କାର୍ଯ୍ୟ କରିବା ପାଇଁ କୌଣସି ଅଗ୍ରୀମ ନେଉ ନ ଥିବାରୁ ଏତେ ଟଙ୍କା କେଉଁଠୁ ଆଣି ଖର୍ଚ୍ଚ କରୁଛନ୍ତି, ତାହାକୁ ନେଇ ପ୍ରଶ୍ନ ଉଠୁଛି। ଅନ୍ୟପକ୍ଷରେ ସରକାରୀ ଅଧିକାରୀଙ୍କ ଠିକାଦାରି ଯୋଗୁ ପଞ୍ଚାୟତରୁ ବ୍ଲକ୍ ପର୍ଯ୍ୟନ୍ତ ଦୁର୍ନୀତି ବଢ଼ି ଚାଲିଥିବା କୁହାଯାଉଛି, ଯାହା ଗାଁ ବିକାଶରେ ବଡ଼ ବାଧକ ସାଜୁଛି। ତେବେ ଏହି ପ୍ରସଙ୍ଗରେ କଟକ ଜିଲାର ଦୁଇ ପ୍ରଶାସନିକ ସଂସ୍ଥାର ଦ୍ୱନ୍ଦ୍ୱାତ୍ମକ ତଥା ଭିନ୍ନ ତଥ୍ୟ ସାରା ରାଜ୍ୟରେ ଚାଲିଥିବା ଏହି ବ୍ୟବସ୍ଥାରେ ବଡ଼ ଦୁର୍ନୀତିର ସୂଚନା ଦେଉଛି। ୱାର୍କଅର୍ଡର ପାଇବା ପରେ ଭିଏଲ୍‌ଡବ୍ଲ୍ୟୁ ଅବା ଯନ୍ତ୍ରୀମାନେ ବାକିରେ କାମ କରିଥାନ୍ତି ବୋଲି କଟକ ଜିଲା ଅତିରିକ୍ତ ଉନ୍ନୟନ ଅଧିକାରୀ ଲିଖିତ ଭାବେ ରାଜ୍ୟ ସୂଚନା କମିଶନରଙ୍କ ନିକଟରେ ତଥ୍ୟ ଦାଖଲ କରିଥିଲେ। ମାତ୍ର ପଞ୍ଚାୟତିରାଜ ଅନୁଷ୍ଠାନରେ ହିସାବ ସମୀକ୍ଷା କରୁଥିବା ଲୋକାଲ ଫଣ୍ଡ୍ ଅଡିଟ ଭିନ୍ନ ଉତ୍ତର ପ୍ରଦାନ କରିଛି। ଯନ୍ତ୍ରୀମାନେ ପ୍ରଥମେ ନିଜ ହାତରୁ ଅର୍ଥ ଖର୍ଚ୍ଚ କରି ପରେ ବିଲ୍ ନେଇଥାନ୍ତି ବୋଲି ଲୋକାଲ ଫଣ୍ଡ୍ ଅଡିଟ୍ ନିର୍ଦ୍ଦେଶାଳୟର ଯୁଗ୍ମ ନିର୍ଦ୍ଦେଶକ ପତ୍ର ସଂଖ୍ୟା ୮୯୫/୧୩।୨।୨୦୨୬ରେ ସୂଚନା ଦେଇଛନ୍ତି, ଯାହା ସାଧାରଣ ଲୋକଙ୍କ ମଧ୍ୟରେ ସନ୍ଦେହ ଓ ଦ୍ୱନ୍ଦ୍ୱ ସୃଷ୍ଟି କରିବା ସହ ୨ ସଂସ୍ଥାର ଅସଲ ଗୁମର ଖୋଲିଦେଇଛି।

ସୂଚନାଯୋଗ୍ୟ, ପୂର୍ବରୁ ପଲ୍ଲିସଭା ମାଧ୍ୟମରେ ପ୍ରକଳ୍ପ ଚୟନ ସହ ସ୍ଥାନୀୟ ପ୍ରତିନିଧିଙ୍କ ନାମରେ କାମ କରିବାକୁ ପ୍ରସ୍ତାବ ଦିଆଯାଉଥିଲା। ପରେ ସମ୍ପୃକ୍ତ ବ୍ୟକ୍ତିଙ୍କ ନାମରେ ୱାର୍କ ଅର୍ଡର ଓ ବିଲ୍ ମଧ୍ୟ ହେଉଥିଲା। ବିଶେଷକରି ସ୍ଥାନୀୟ ପ୍ରତିନିଧି ଦାୟିତ୍ୱ ନେଉଥିବାରୁ ଓ ଅଧିକାରୀଙ୍କ ଯାଞ୍ଚ ଭୟ ରହୁଥିବାରୁ ଯେକୌଣସି ବିକାଶମୂଳକ କାମର ମାନ ଭଲ ହେଉଥିଲା। ମାତ୍ର ପୂର୍ବ ସରକାର ପତ୍ର ସଂଖ୍ୟା ୧୩୨୨୦/୧୩।୭।୨୦୧୮ରେ ନୂଆ ନିୟମ କରି ଆଉ ଗ୍ରାମ ବା ଶ୍ରମିକ ପ୍ରତିନିଧିଙ୍କ ଦ୍ୱାରା ପ୍ରକଳ୍ପ କାମ କରାଯିବ ନାହିଁ ବୋଲି ଘୋଷଣା କଲେ। ସମସ୍ତ କାମ ଯନ୍ତ୍ରୀ ଓ ପଞ୍ଚାୟତସ୍ତରୀୟ ଅଧିକାରୀ କରିବେ ବୋଲି ନିର୍ଦ୍ଦେଶନାମା ଜାରି କଲେ। ସେବେଠାରୁ ପ୍ରକଳ୍ପର ୱାର୍କଅର୍ଡର ଅଧିକାରୀଙ୍କ ନାମରେ ଦିଆଯିବା ସହ ବିଲ୍ ସିଧାସଳଖ ଭିଏଲ୍‌ଡବ୍ଲ୍ୟୁ ଓ ଯନ୍ତ୍ରୀମାନଙ୍କ ଆକାଉଣ୍ଟକୁ ଯାଉଛି। ଫଳରେ ସେମାନେ ମନଇଚ୍ଛା କାମ କରୁଛନ୍ତି। ଅନ୍ୟପକ୍ଷରେ ସେମାନେ ବେତନଭୋଗୀ ହୋଇଥିବାରୁ ବାର୍ଷିକ ବିନା ଅଗ୍ରୀମରେ ୫ରୁ ୧୦ କୋଟି ଟଙ୍କାର ସରକାରୀ କାର୍ଯ୍ୟ କରିଥାନ୍ତି।

ତେବେ କେଉଁ ସୂତ୍ରରୁ ଏହି ଅର୍ଥ ଯନ୍ତ୍ରୀଙ୍କ ପାଖକୁ ଆସେ ବୋଲି ପତ୍ର ସଂଖ୍ୟା ୨୬୯୪/୧୯୧୦/୨୦୨୨ରେ ରାଜ୍ୟ ପଞ୍ଚାୟତିରାଜ ବିଭାଗ ପକ୍ଷରୁ କଟକ ସଦର ବିଡିଓ ଏବଂ କଟକ ଜିଲା ପରିଷଦର ଅତିରିକ୍ତ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ପ୍ରଥମ ଅପିଲ କର୍ତ୍ତୃପକ୍ଷ ସେମାନଙ୍କ ଉତ୍ତର ରାଜ୍ୟ ସୂଚନା ଆୟୁକ୍ତଙ୍କୁ ଜଣାଇଥିଲେ। ଅଧିକାରୀମାନେ ବାକିରେ କାମ କରିବା ସହ ବିଲ୍ ଫାଇଲ୍‌ରେ କ୍ରେଡିଟ ଭାଉଚର୍ ସଂଯୋଗ କରିଥାନ୍ତି ବୋଲି ଉଲ୍ଲେଖ ଥିଲା। ମାତ୍ର ଲୋକାଲ ଫଣ୍ଡ୍ ଅଡିଟ ସଂସ୍ଥା ଏହି ଉତ୍ତରକୁ ଅଗ୍ରାହ୍ୟ କରି ଯନ୍ତ୍ରୀମାନେ ପ୍ରଥମେ ହାତରୁ ବିଭିନ୍ନ ସାମଗ୍ରୀ କିଣି କ୍ୟାଶ୍ ମେମୋ ଫାଇଲରେ ସଂଯୋଗ କରୁଥିବା ଅଡିଟ ଜାଣିପାରିଛି। ମାତ୍ର ଅଦ୍ୟାବଧି କୌଣସି ଯନ୍ତ୍ରୀ ନିଜର ବାର୍ଷିକ ଆୟକର ରିଟର୍ନ ଦାଖଲ ବେଳେ ଏସବୁ କାର୍ଯ୍ୟ ସଂକ୍ରାନ୍ତରେ କୌଣସି ସୂଚନା ଦେଇ ନ ଥାଆନ୍ତି ବୋଲି କଟକସ୍ଥିତ ଆୟକର ବିଭାଗର ଜଣେ ବରିଷ୍ଠ ଅଧିକାରୀ ନିଜ ପରିଚୟ ଗୋପନ ରଖି ଜଣାଇଛନ୍ତି। ଏନେଇ ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରଶାନ୍ତ କୁମାର ନାୟକଙ୍କୁ ପଚାରିବାରୁ ଜିଲାର ବିଡିଓମାନଙ୍କ ସହ ଆଲୋଚନା କରିବେ ବୋଲି କହିଛନ୍ତି।

# ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ

**ଯୋଡ଼ା ୨୩।୩(ମାନସ ମହାନ୍ତି)**

କେନ୍ଦୁଝର ଜିଲା ଯୋଡ଼ାସ୍ଥିତ ମୁର୍ଗାମହାଦେବ ଷ୍ଟେଶନ ନିକଟରେ ଏକ ମାଲବାହୀ ଟ୍ରେନ୍ ଲାଇନ୍‌ଚ୍ୟୁତ ହୋଇଛି। ଫଳରେ ବାଂଶପାଣି ଏବଂ ଟାଟା ନଗର ମଧ୍ୟରେ ରେଳ ଚଳାଚଳ ବାଧାପ୍ରାପ୍ତ ହୋଇଛି। ଅନେକ ଟ୍ରେନ ବାତିଲ ହେବା ସହ ରୁଟ୍ ପରବର୍ତ୍ତନ କରାଯାଇଛି। ବାଂଶପାଣି ରେଳ ଷ୍ଟେଶନରେ ବ୍ରହ୍ମପୁରରୁ ଟାଟା ନଗର ଯାଉଥିବା ବନ୍ଦେ ଭାରତ ଟ୍ରେନ୍ ଦୀର୍ଘ ତିନି ଘଣ୍ଟା ଧରି ଅଟକି ରହିଛି।

ପ୍ରକାଶ ଯେ, ମାଲବାହୀ ଟ୍ରେନ୍‌ଟି ପୂର୍ବାହ୍ନରେ ମୁର୍ଗାମହାଦେବ ଷ୍ଟେଶନ ନିକଟରେ ଲାଇନଚ୍ୟୁତ୍ ହୋଇଥିଲା। କେଉଁଆଡ଼େ ଯାଉଥିବା ଠିକ୍ ସୂଚନା ନ ଥିବା ବେଳେ ଲାଇନଚ୍ୟୁତ ପରେ ବଡ଼ବିଲ-ପୁରୀ ଇଣ୍ଟରସିଟି ଏକ୍ସପ୍ରେସକୁ ବାତିଲ କରାଯାଇଛି। ସାପ୍ତାହିକ ବିଶାଖା ଏକ୍ସପ୍ରେସକୁ ରାଉରକେଲା-ଝାରସୁଗୁଡ଼ା ଦେଇ ବିଶାଖାପାଟଣା ପଠାଯାଇଛି। ସେହିପରି ଦିଲ୍ଲୀ ଆନନ୍ଦ ବିହାର ଏକ୍ସପ୍ରେସକୁ ଟାଟା ନଗର ହିଜିଳି ରୁଟ୍ ପରିବର୍ତ୍ତନ କରାଯାଇଛି। ଟାଟା ନଗରରୁ ବ୍ରହ୍ମପୁର ଯାଉଥିବା ବନ୍ଦେ ଭାରତ ଏକ୍ସପ୍ରେସ ବାଂଶପାଣି ରେଳ ଷ୍ଟେଶନକୁ ପହଞ୍ଚି ପାରି ନ ଥିବାରୁ ଯାତ୍ରୀମାନେ ବାଂଶପାଣି ରେଳ ଷ୍ଟେଶନ ଏବଂ ବାଂଶପାଣିରୁ ଡାଙ୍ଗୁଆପୋଷି ମଧ୍ୟରେ ଅଟକି ରହିଛନ୍ତି। ବଡ଼ବିଲ-ପୁରୀ ଟ୍ରେନ୍‌କୁ ଅପେକ୍ଷାରତ ମହିଳା ଯାତ୍ରୀ ପ୍ରଣତି ଷଡ଼ଙ୍ଗୀ କହିଛନ୍ତି, ପୂର୍ବାହ୍ନ ୧୧ଟା ୧୫ ମିନିଟରୁ ସେ ନିଜର ଛୋଟ ଛୁଆଙ୍କୁ ଧରି ଭୁବନେଶ୍ୱର ଯିବା ପାଇଁ ଅଟକି ରହିଛନ୍ତି। ସେହିପରି ଭୁବନେଶ୍ୱରରେ ଅଧ୍ୟୟନ କରୁଥିବା କଲେଜ ଛାତ୍ର ମହମ୍ମଦ ସାଦିକ, ଅର୍ମାନ ଖାନ୍ କହିଛନ୍ତି, ସେମାନଙ୍କ ଶୀତତାପ ବଗିରେ ଟିକେଟ ହୋଇଥିଲା। ତିନି ଘଣ୍ଟାରୁ ଉର୍ଦ୍ଧ୍ୱ ସମୟ ହେଲା ଅଟକି ରହିଛନ୍ତି। ଟିକେଟ ଟଙ୍କା ଫେରସ୍ତ ପାଇବେ କି ନାହିଁ ସନ୍ଦିହାନ ଅବସ୍ଥାରେ ଅଛନ୍ତି। ବନ୍ଦେଭାରତ ଟ୍ରେନ୍‌ରେ ଥିବା ଟିଟିଇ ଆର୍‌କେ ମିଞ୍ଜଙ୍କ ସୂଚନା ଅନୁଯାୟୀ, ଘରୋଇ ବସ ଜରିଆରେ ଚାଇଁବସା ଏବଂ ଟାଟା ନଗର ଯାଉଥିବା ପ୍ରାୟ ୧୨୬ ଜଣ ଯାତ୍ରୀଙ୍କୁ ପଠାଯିବାର ବ୍ୟବସ୍ଥା କରାଯାଇଥିବା ରେଳ ମନ୍ତ୍ରଣାଳୟ ପକ୍ଷରୁ ତାଙ୍କୁ ସୂଚନା ମିଳିଛି।

10001/139/2526

ବିଶ୍ୱ ଯକ୍ଷ୍ମା ଦିବସ
୨୪ ମାର୍ଚ୍ଚ ୨୦୨୬
ସଭିଙ୍କର ରଖେ ଧ୍ୟାନ, ଟିବି ମୁକ୍ତ ଭାରତ ଅଭିଯାନ

ଯକ୍ଷ୍ମା ରୋଗର ବିଭିନ୍ନ ଲକ୍ଷଣ
- କଫ ସହିତ କାଶ
- କଫରେ ରକ୍ତ ପଡ଼ିବା
- ଛାତିରେ ଦରଜ ହେବା
- ଜ୍ୱର ହେବା
- ରାତିରେ ଝାଳ ବୋହିବା
- ଶରୀରର ଓଜନ ହ୍ରାସ ହେବା
- ଭୋକ ନଲାଗିବା
- ଥକା ଲାଗିବା
- ନିଶ୍ୱାସ ନେବାରେ କଷ୍ଟ ହେବା
- ଗଳାରେ ଗ୍ରନ୍ଥି ବା ଅନ୍ୟ ଅଙ୍ଗରେ ଫୁଲିବା



ଆପଣଙ୍କୁ ଲକ୍ଷଣବିହୀନ ଯକ୍ଷ୍ମା ହୋଇପାରେ ଯଦି;
- ୫ ବର୍ଷ ମଧ୍ୟରେ ଆପଣଙ୍କୁ ଯକ୍ଷ୍ମା ସଂକ୍ରମଣ ହୋଇଥିବ
- ଧୂମପାନ ଓ ମଦ୍ୟପାନ କରୁଥିବେ (ଏବେ କିମ୍ବା ପୂର୍ବରୁ)
- ବିଗତ ୩ ବର୍ଷରେ ଯକ୍ଷ୍ମା ରୋଗୀଙ୍କ ସଂସ୍ପର୍ଶରେ ଆସିଥିବେ
- ୬୦ ବର୍ଷ କିମ୍ବା ତା'ଠାରୁ ଅଧିକ ବୟସ ହୋଇଥିବ
- ମଧୁମେହରେ ପୀଡ଼ିତ ବ୍ୟକ୍ତି ହୋଇଥିବେ
- ଅପପୁଷ୍ଟିର ଶିକାର ବ୍ୟକ୍ତି ହୋଇଥିବେ

ତୁରନ୍ତ ଯକ୍ଷ୍ମା ପରୀକ୍ଷା କରାଇ ନିଅନ୍ତୁ, ରୋଗ ଚିହ୍ନଟ ହେଲେ ସମ୍ପୂର୍ଣ୍ଣ ଚିକିତ୍ସା କରାଇ ନିଅନ୍ତୁ।
'ନିକ୍ଷୟ' ସମ୍ପର୍କ ନିଃଶୁଳ୍କ ହେଲ୍ପଲାଇନ ୧୮୦୦-୧୧-୬୬୬୬
"ଆମେ ଯକ୍ଷ୍ମାକୁ ଶେଷ କରିପାରିବା; ଭାରତର ନେତୃତ୍ୱରେ, ଜନ ସହଯୋଗ ବଳରେ"
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ବିଭାଗ, ଓଡ଼ିଶା ସରକାର
facebook.com/HFWOdisha
@HFWOdisha
http://www.health.odisha.gov.in/
OIPR-10001/10003/2/25-26/0027

ଯେ ପର୍ଯ୍ୟନ୍ତ ତୁମେ ନିଜକୁ ଠିକ୍ ଉପଦେଶଟିଏ ଦେଇ ନ ପାରିଛ– ସେ ପର୍ଯ୍ୟନ୍ତ ତୁମେ ତାହା ଅନ୍ୟକୁ ଦେଇପାରିବ ନାହିଁ। ଯେଉଁ ଉପଦେଶଟି ତୁମେ ନିଜେ ପାଳି ନାହଁ– ତାକୁ ତୁମେ ଅନ୍ୟକୁ ପାଳିବା ପାଇଁ କହିପାରିବ ନାହିଁ।–ଶ୍ରୀମା

-ବାସନ୍ତିକ ଦୁର୍ଗାଦେବ୍ୟାଃ
ସପ୍ତମୀ ପୂଜା ଓ ଶ୍ରୀମନ୍ଦିରରେ
ଚୈତ୍ର ଗୁଣ୍ଡିଚା ଯାତ୍ରା



# ଆମେରିକା ଅପଦସ୍ଥ

ଷ୍ଟ୍ରେଟ୍ ଅଫ୍ ହର୍ମୁଜକୁ ୪୮ ଘଣ୍ଟା ମଧ୍ୟରେ ସମ୍ପୂର୍ଣ୍ଣ ଖୋଲା ନ କଲେ ଇରାନକୁ ଭୟାବହ ସ୍ଥିତିରେ ସମ୍ମୁଖୀନ ହେବାକୁ ପଡ଼ିବ ବୋଲି ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ୨୨ ମାର୍ଚ୍ଚରେ ଚେତାବନୀ ଦେଇଥିଲେ। ହେଲେ ଚେତାବନୀ ଅବଧି ପୂରି ନ ଥିବା ବେଳେ ଇରାନ୍‌ର ଶକ୍ତି ପ୍ଲାଣ୍ଟ ଓ ସେହି ସଂକ୍ରାନ୍ତ ଭିତ୍ତିଭୂମି ଉପରେ ୫ ଦିନ ପାଇଁ ଆକ୍ରମଣ ସ୍ଥଗିତ ରଖିବାକୁ ନିଜ ଆଡୁ ଟ୍ରମ୍ପ୍ ତାଙ୍କ ସାମରିକ ବାହିନୀକୁ ନିର୍ଦ୍ଦେଶ ଦେଇଛନ୍ତି। ଇରାନ୍ ସହ ଉତ୍ତମ ଓ ସକାରାତ୍ମକ ଆଲୋଚନା ହୋଇଥିବାରୁ ଏଭଳି ନିଷ୍ପତ୍ତି ନିଆଯାଇଛି ବୋଲି ଟ୍ରମ୍ପ୍ ସାମାଜିକ ଗଣମାଧ୍ୟମରେ ପ୍ରକାଶ କରିଥିଲେ। ଏହା ପରେ ଇରାନ୍ ଗଣମାଧ୍ୟମ ଟ୍ରମ୍ପ୍‌ଙ୍କ ଦାବିକୁ ଅସ୍ୱୀକାର କରିବା ସହ ଆମେରିକା ସହିତ କୌଣସି ଭାବେ ପ୍ରତ୍ୟକ୍ଷ ବା ପରୋକ୍ଷ ଆଲୋଚନା ହୋଇ ନ ଥିବା କହିଛି। ଏହା ଦର୍ଶାଉଛି ଯେ, ଇରାନ୍ ତା'ର ସ୍ୱାଭିମାନକୁ ବଞ୍ଚାଇବା ପାଇଁ ନିର୍ଭୀକ ଭାବେ ଯୁଦ୍ଧର ସମ୍ମୁଖୀନ ହେବାକୁ ପ୍ରସ୍ତୁତ ଅଛି।

ଉପରଲିଖିତ ଘଟଣାକ୍ରମକୁ ତର୍ଜମା କଲେ ଗୋଟିଏ ବିଷୟ ସିଦ୍ଧ ହେଉଛି ଯେ, ଇରାନ୍ କୌଣସି ଭାବେ ଆମେରିକାର ଧମକକୁ ସହ୍ୟ କରିବା ଲାଗି ଇଚ୍ଛୁକ ନୁହେଁ। ତା' ନତାଞ୍ଜ ଆଣବିକ କେନ୍ଦ୍ରକୁ ଆମେରିକା ଆକ୍ରମଣ କରିଥିବା ବେଳେ ଇରାନ୍ ମଧ୍ୟ କଡ଼ା ଜବାବ ଦେବାକୁ ଯାଇ ଡିଏଗୋ ଗାର୍ସିଆରେ ଥିବା ଆମେରିକା–ବ୍ରିଟେନ୍‌ର ସାମରିକ ଘାଟି ଉପରେ ବାଲିଷ୍ଟିକ୍ ମିଶାଇଲ୍ ଆକ୍ରମଣ କରିଥିଲା। ଏବେ ଆମେରିକା ସାମୟିକ ସମୟ ପାଇଁ ଯୁଦ୍ଧ ସ୍ଥଗିତ ନିଷ୍ପତ୍ତି ନେବା ନେଇ ବିଭିନ୍ନ ପ୍ରକାର ଆଲୋଚନା ହେଉଛି। ସେଥିମଧ୍ୟରେ ଯେଉଁ ବିଷୟ ଗ୍ରହଣଯୋଗ୍ୟ ହେଉଛି, ତାହା ହେଲା ଇରାନ୍ ପକ୍ଷରୁ ଆମେରିକାକୁ ଦିଆଯାଇଥିବା ଧମକ। ଇରାନ୍ କହିଥିଲା ଯେ, ଯଦି ଆମେରିକା ତା' ତୈଳ ଓ ଶକ୍ତି ଭିତ୍ତିଭୂମି ଉପରେ ଆକ୍ରମଣ କରେ ତେବେ ପଶ୍ଚିମ ଏସିଆରେ ଥିବା ଲବଣମୁକ୍ତକରଣ ପ୍ରକଳ୍ପଗୁଡ଼ିକୁ ଟାର୍ଗେଟ କରିବ। ଉଲ୍ଲେଖଯୋଗ୍ୟ ଯେ, ଗଲ୍ଫ କୋଅପରେଶନ କାଉନସିଲ (ଜିସିସି) ସଦସ୍ୟଭୁକ୍ତ ବାହାରିନ୍, କୁଏଟ୍, ଓମାନ, କାତାର, ସାଉଦି ଆରବ, ସଂଯୁକ୍ତ ଆରବ ଏମିରେଟ୍ସ (ୟୁଏଇ) ସହିତ ସେହିସବୁ ଦେଶରେ ଆମେରିକାର ସାମରିକ ଘାଟି ମଧ୍ୟ ଲବଣମୁକ୍ତ ଜଳ ବ୍ୟବହାର କରିଥାଆନ୍ତି। ଲବଣମୁକ୍ତ ପ୍ରକଳ୍ପରେ ସମୁଦ୍ର ଜଳକୁ ବିଶୋଧନ କରାଯାଇ ପାନୀୟ ଜଳରେ ପରିଣତ କରାଯାଏ। ସମ୍ପୃକ୍ତ ଭୂଖଣ୍ଡରେ ମଧୁର ଜଳ ସବୁଠୁ ଅଧିକ ଗୁରୁତ୍ୱ ବହନ କରେ। ସେହି ଦୃଷ୍ଟିରୁ ଦେଖିଲେ ଇରାନ୍‌ର ଧମକରେ ଉପରୋକ୍ତ ଦେଶଗୁଡ଼ିକ ଭୟଭୀତ ହୋଇ ଯୁଦ୍ଧକୁ ସ୍ଥଗିତ ରଖିବା ପାଇଁ ଆମେରିକାକୁ କହିଥାଇପାରନ୍ତି। ଇରାନ୍ ଉପରେ ଆମେରିକା ଓ ଇସ୍ରାଏଲ ମିଳିତ ଆକ୍ରମଣରେ ମଧ୍ୟପ୍ରାଚ୍ୟର ଉପରୋକ୍ତ ଦେଶଗୁଡ଼ିକ ବେଶି କ୍ଷତି ସହିଲେଣି। ସେହିସବୁ ରାଷ୍ଟ୍ରଗୁଡ଼ିକରେ ଆମେରିକାର ସାମରିକ ଘାଟି ଥିବାରୁ ଇରାନ୍ କାହାରିକୁ ଛାଡ଼ି ନାହିଁ। ସେହିପରି ଟ୍ରମ୍ପ୍ ନିଜ ଦେଶ ଭିତରେ ଯୁଦ୍ଧକୁ ନେଇ ଘୋର ବିରୋଧର ସମ୍ମୁଖୀନ ହେଉଥିବାରୁ ଚାପରେ ପଡ଼ି ଆକ୍ରମଣ ନିଷ୍ପତ୍ତି ବଦଳାଇଥାଇପାରନ୍ତି ବୋଲି ମଧ୍ୟ ଆଲୋଚନା ହେଉଛି।

> **ଟ୍ରମ୍ପ୍ ଭାବିଥିଲେ ଆମେରିକାର ସାମରିକ ଡରାଣରେ ଇରାନ୍ କାକୁସ୍ଥ ହୋଇ ତାଙ୍କ ଶରଣାପନ୍ନ ହେବ। କିନ୍ତୁ ଇରାନ୍ ସୁପର ରଣକୌଶଳ ପ୍ରଦର୍ଶନ କରି ଟ୍ରମ୍ପ୍‌ଙ୍କୁ ଆଣ୍ଠେଇ ଦେଲା। ଫଳରେ ଆମେରିକାର ସମ୍ମାନ ବିଶ୍ୱସ୍ତରରେ ଭୂଲୁଣ୍ଠିତ ହେଲା ବୋଲି କୁହାଯାଇପାରେ। ଏଥିରୁ ବୁଝିବାକୁ ହେବ ଯେ, ଅହଂକାର ପ୍ରଦର୍ଶନ କରି ଅନ୍ୟକୁ ନ୍ୟୂନ ଦେଖୁଥିବା ବ୍ୟକ୍ତିମାନେ ଭୁଲ୍ ନିଷ୍ପତ୍ତି ଯୋଗୁ ସମୟକ୍ରମେ ଅପଦସ୍ଥ ହୋଇଥାଆନ୍ତି।**

ଯୁଦ୍ଧ ସ୍ଥିତିରେ ବିରାମ ଲାଗିବା ନେଇ ଟ୍ରମ୍ପ୍‌ଙ୍କ ନିଷ୍ପତ୍ତି ଅବଶ୍ୟ ବିଶ୍ୱ ବଜାରକୁ ଉତ୍ଥାନ ଆଡ଼କୁ ନେଇଛି। ୫ ଦିନ ପାଇଁ ଆକ୍ରମଣ ବନ୍ଦ ରହିବା ନେଇ ଟ୍ରମ୍ପ୍‌ଙ୍କ ସୋସିଆଲ ମିଡିଆର ବାର୍ତ୍ତା ପହଞ୍ଚିବା ପରେ ଅଶୋଧିତ ତୈଳ ମୂଲ୍ୟ ବ୍ୟାରେଲ ପିଛା ୧୧୮ରୁ ୧୦୧କୁ ଖସି ଆସିଛି। ସେହିପରି ସୁନା ଦର ୧୦ ଗ୍ରାମ୍ ପିଛା ୧୨ ହଜାର ଟଙ୍କା ଓ ରୁପା କିଲୋଗ୍ରାମରେ ୨୦ ହଜାର ଟଙ୍କା କମିଯାଇଛି। ତେବେ ଭାରତ ପାଇଁ ସ୍ଥିତି ହଠାତ୍ ଅନୁକୂଳ ନ ହୋଇ ଡଲାର ତୁଳନାରେ ଭାରତୀୟ ମୁଦ୍ରା ୯୪ ଟଙ୍କା ଛୁଇଁବା ଚିନ୍ତା ସୃଷ୍ଟି କରିଛି। ଏଭଳି ଅର୍ଥନୈତିକ ପରିସ୍ଥିତି ପାଇଁ ଭାରତ ସରକାର ଖୋଦ୍ ଦାୟୀ। ଆରମ୍ଭରୁ ଇସ୍ରାଏଲକୁ ସମର୍ଥନ କରି ଭାରତ ଏକ ଅସୁବିଧାଜନକ ସ୍ଥିତିରେ ପଡ଼ିଯାଇଛି। ଭାଜପାର ଆଭ୍ୟନ୍ତରୀଣ ମୁସଲମାନ ବିରୋଧୀ ରାଜନୀତିକୁ ଯେତେବେଳେ ଅନ୍ତର୍ଜାତୀୟ ସ୍ତରରେ କାର୍ଯ୍ୟକାରୀ କରାଯାଉଛି, ତାହା ଦେଶ ପାଇଁ ଜଟିଳ ପରିସ୍ଥିତି ସୃଷ୍ଟି କରୁଛି। ଗୋଟିଏ ପଟେ ଭୋଟ ପାଇବାର ଲୋଭ ଅନ୍ୟପଟେ ଅନ୍ତର୍ଜାତୀୟ ସମ୍ପର୍କରେ ବିଶୃଙ୍ଖଳା ଭାରତକୁ ଅସ୍ୱାଭାବିକ ସ୍ଥିତିକୁ ନେଇଯାଉଛି।

ଆଉ ଏକ ବିଷୟ ହେଉଛି, ଆମେରିକା ଯୁଦ୍ଧ ସ୍ଥଗିତ ନେଇ ନିଷ୍ପତ୍ତି ନେଇଥିଲେ ମଧ୍ୟ ଇସ୍ରାଏଲ ପୂର୍ବ ଭଳି ଇରାନ୍ ଉପରେ ଆକ୍ରମଣ ଜାରି ରଖିଛି। ଏହା ନିଶ୍ଚିତ ଭାବେ ଏକ ବିରୋଧାଭାସ ସ୍ଥିତି ସୃଷ୍ଟି କରିଛି। ଆମେରିକା ଓ ଇସ୍ରାଏଲ ମିଳିତ ସମର ଅଭିଯାନ ଚଳାଇଥିବା ବେଳେ ଗୋଟିଏ ଦେଶ ନୀରବ ରହିବା ଯୁଦ୍ଧ ମୋଡ଼ କେଉଁ ଆଡ଼କୁ ଯିବ କହିହେଉ ନାହିଁ। ଏହା ଜଣାଶୁଣା ଯେ, ଅଶାନ୍ତ ମଧ୍ୟପ୍ରାଚ୍ୟରେ ଇସ୍ରାଏଲ ନିଜର ସ୍ଥାୟିତ୍ୱ ବଜାୟ ରଖିବା ଲାଗି ଇରାନ୍‌କୁ ଧମକାଇ ରଖିବାକୁ ଚାହିଁଥାଏ। କିନ୍ତୁ ଏତେସବୁ ଭିତରେ ଯେଉଁ ବିଷୟ ଅନ୍ତର୍ଜାତୀୟ ସ୍ତରରେ ନୂଆ ଚର୍ଚ୍ଚା ସୃଷ୍ଟି କଲା ତାହା ହେଉଛି ଆମେରିକାର ଆଧିପତ୍ୟ ଏହି ଯୁଦ୍ଧ ଯୋଗୁ ବଡ଼ ଧକ୍କା ଖାଇଲା। ଟ୍ରମ୍ପ୍ ଭାବିଥିଲେ ଆମେରିକାର ସାମରିକ ଡରାଣରେ ଇରାନ୍ କାକୁସ୍ଥ ହୋଇ ତାଙ୍କ ଶରଣାପନ୍ନ ହେବ। କିନ୍ତୁ ଇରାନ୍ ସୁପର ରଣକୌଶଳ ପ୍ରଦର୍ଶନ କରି ଟ୍ରମ୍ପ୍‌ଙ୍କୁ ଆଣ୍ଠେଇ ଦେଲା। ଫଳରେ ଆମେରିକାର ସମ୍ମାନ ବିଶ୍ୱସ୍ତରରେ ଭୂଲୁଣ୍ଠିତ ହେଲା ବୋଲି କୁହାଯାଇପାରେ। ଏଥିରୁ ବୁଝିବାକୁ ହେବ ଯେ, ଅହଂକାର ପ୍ରଦର୍ଶନ କରି ଅନ୍ୟକୁ ନ୍ୟୂନ ଦେଖୁଥିବା ବ୍ୟକ୍ତିମାନେ ଭୁଲ୍ ନିଷ୍ପତ୍ତି ଯୋଗୁ ସମୟକ୍ରମେ ଅପଦସ୍ଥ ହୋଇଥାଆନ୍ତି।

# ପେଟ୍ରୋଡଲାର ସାମ୍ରାଜ୍ୟ



ଡ. ରଜନୀକାନ୍ତ ଖୁଣ୍ଟିଆ

ପୃଥିବୀର କୌଣସି ଏକ ପେଟ୍ରୋଲ୍ ପମ୍ପରେ ଗାଡ଼ିରେ ଇନ୍ଧନ ଭରିବା ଦୃଶ୍ୟ ସାଧାରଣ ହୋଇପାରେ, କିନ୍ତୁ ଏହା ପ୍ରଚ୍ଛଦପଟରେ ଏକ ବିଶାଳ ଆର୍ଥିକ ବ୍ୟବସ୍ଥା କାମ କରୁଥାଏ, ଯାହା ମଧ୍ୟପ୍ରାଚ୍ୟର ତୈଳ ଖଣି, ନ୍ୟୁୟର୍କର ଆର୍ଥିକ ବଜାର ଓ ବିଶ୍ୱର ବିଭିନ୍ନ ଦେଶର କେନ୍ଦ୍ରୀୟ ବ୍ୟାଙ୍କକୁ ଏକ ଅଦୃଶ୍ୟ ସୂତ୍ରରେ ଯୋଡ଼ିଥାଏ। ନୂଆଦିଲ୍ଲୀରୁ ନାଇରୋବି, ଟୋକିଓରୁ ଟରଣ୍ଟୋ ପର୍ଯ୍ୟନ୍ତ ଆଧୁନିକ ବିଶ୍ୱ ଅର୍ଥନୀତିରେ ସେହି ବ୍ୟବସ୍ଥାଟି ହେଉଛି ପେଟ୍ରୋଡଲାର। ଗତ ପାଞ୍ଚ ଦଶକ ଧରି ପେଟ୍ରୋଡଲାର ବିଶ୍ୱ ବ୍ୟବସାୟ, ଭୂରାଜନୀତି ଓ ଆର୍ଥିକ ଶକ୍ତିକୁ ପ୍ରଭାବିତ କରିଆସୁଛି ଓ ଏହା ଆମେରିକୀୟ ଡଲାରକୁ ବିଶ୍ୱର ପ୍ରମୁଖ ମୁଦ୍ରା ଭାବେ ପ୍ରତିଷ୍ଠା କରିଛି। କିନ୍ତୁ ବର୍ତ୍ତମାନ ବିଶ୍ୱ ଅର୍ଥନୀତିରେ ଶକ୍ତି, ଭୂରାଜନୀତିକ ପ୍ରତିଯୋଗିତା ତଥା ପୁନଃନବୀକରଣ ଶକ୍ତି ବୃଦ୍ଧି ଏହି ବ୍ୟବସ୍ଥାର ଭବିଷ୍ୟତକୁ ନେଇ ନୂତନ ପ୍ରଶ୍ନ ଉଠାଇଛି ଏବଂ ପରିବର୍ତ୍ତନର ଏକ ନୂତନ ପର୍ଯ୍ୟାୟରେ ପ୍ରବେଶ କରିଛି।

ପେଟ୍ରୋଡଲାର ଶବ୍ଦ ଦୁଇଟି ଶବ୍ଦରୁ ଗଠିତ; ପେଟ୍ରୋଲିୟମ ଓ ଡଲାର। ଏହାର ଅର୍ଥ ହେଉଛି ବିଶ୍ୱ ବଜାରରେ ଅଶୋଧିତ ତୈଳର ବ୍ୟବସାୟ ମୁଖ୍ୟତଃ ଆମେରିକୀୟ ଡଲାରରେ ହେବା। ପୃଥିବୀର ପ୍ରାୟ ସମସ୍ତ ଦେଶ ତେଲ ଆମଦାନୀ କରନ୍ତି। ଯେହେତୁ ତୈଳର ମୂଲ୍ୟ ଡଲାରରେ ନିର୍ଦ୍ଧାରିତ, ସେଥିପାଇଁ ସମସ୍ତ ଦେଶକୁ ତୈଳ କିଣିବା ପାଇଁ ଡଲାର ସଂଗ୍ରହ କରିବାକୁ ପଡ଼େ। ଏହି ବ୍ୟବସ୍ଥା ଡଲାରକୁ ବିଶ୍ୱର ସର୍ବାଧିକ ପ୍ରଭାବଶାଳୀ ମୁଦ୍ରାରେ ପରିଣତ କରିଦେଇଛି। ପେଟ୍ରୋଡଲାରର କାହାଣୀ ୧୯୭୦ ଦଶକରେ ଆରମ୍ଭ ହୋଇଥିଲା। ଦ୍ୱିତୀୟ ବିଶ୍ୱଯୁଦ୍ଧ ପରେ ବିଶ୍ୱ ଆର୍ଥିକ ବ୍ୟବସ୍ଥା ବ୍ରେଟନ୍‌ଉଡ୍‌ସ ବ୍ୟବସ୍ଥା ଉପରେ ନିର୍ଭର କରୁଥିଲା, ଯେଉଁଠାରେ ଡଲାର ସୁନା ସହିତ ଜଡ଼ିତ ଥିଲା। ୧୯୭୧ ରେ ଆମେରିକା ରାଷ୍ଟ୍ରପତି ରିଚାର୍ଡ ନିକ୍ସନ ଡଲାରକୁ ସୁନା ସହିତ ବଦଳାଇବା ବ୍ୟବସ୍ଥାକୁ ବନ୍ଦ କରିଦେଲେ। ଏହା ବ୍ରେଟନ୍‌ଉଡ୍‌ସ ବ୍ୟବସ୍ଥାର ଶେଷ ଘୋଷଣା ଥିଲା ଓ ବିଶ୍ୱ ଅର୍ଥନୀତିରେ ଡଲାରର ଭବିଷ୍ୟତ ନେଇ ସନ୍ଦେହ ସୃଷ୍ଟି କଲା। ଏହି ପରିସ୍ଥିତିରେ ଆମେରିକା ସାଉଦି ଆରବ ଓ ଅର୍ଗାନାଇଜେଶନ ଅଫ୍ ଦି ପେଟ୍ରୋଲିୟମ ଏକ୍ସପୋର୍ଟିଂ କଣ୍ଟ୍ରିଜ୍ ବା ଓପିଇସି ଦେଶଗୁଡ଼ିକ ସହ ଚୁକ୍ତି କଲା। ଏହି ଚୁକ୍ତି ଅନୁସାରେ ବିଶ୍ୱ ବଜାରରେ ଅଶୋଧିତ ତୈଳ ବିକ୍ରୟ କେବଳ ଡଲାରରେ ହେଲା। ବଦଳରେ ଆମେରିକା ସେହି ଦେଶଗୁଡ଼ିକୁ ସାମରିକ ସୁରକ୍ଷା ଓ ରାଜନୈତିକ ସମର୍ଥନ ଦେଲା। ଏହା ପରେ ବିଶ୍ୱର ସମସ୍ତ ଦେଶ ଅଶୋଧିତ ତୈଳ କିଣିବା ପାଇଁ ଡଲାର ସଂଗ୍ରହ କରିବାକୁ ବାଧ୍ୟ ହେଲେ। ଏହିପରି ଭାବରେ ପେଟ୍ରୋଡଲାର ସାମ୍ରାଜ୍ୟର ଆରମ୍ଭ ହେଲା।

ଅଶୋଧିତ ତୈଳ ଏବେ ମଧ୍ୟ ବିଶ୍ୱ ଅର୍ଥନୀତିର ମୂଳଶକ୍ତି। ଇଣ୍ଟରନ୍ୟାଶନାଲ ଏନର୍ଜି ଏଜେନ୍ସି (ଆଇଇଏ)ଅନୁସାରେ ପୃଥିବୀରେ ପ୍ରତିଦିନ ପ୍ରାୟ ୧୦୦ ମିଲିୟନ ବ୍ୟାରେଲ ତେଲ ବ୍ୟବହୃତ ହୁଏ। ବିଶ୍ୱ ତେଲ ବ୍ୟବସାୟର ମୂଲ୍ୟ ପ୍ରତିବର୍ଷ ଦୁଇ ଟ୍ରିଲିୟନ ଡଲାରରୁ ଅଧିକ। ଏହି ବ୍ୟବସାୟ ଡଲାରରେ ହେବାରୁ ସମସ୍ତ ଦେଶକୁ ଡଲାର ରିଜର୍ଭ ରଖିବାକୁ ପଡ଼େ। ଅନ୍ତର୍ଜାତୀୟ ମୁଦ୍ରାପାଣ୍ଠି ଆଇଏମ୍‌ଏଫ୍ ଅନୁସାରେ ବିଶ୍ୱର ପ୍ରାୟ ୫୮% ବିଦେଶୀ ମୁଦ୍ରା ଭଣ୍ଡାର ଡଲାରରେ ରହିଛି। ଯଦିଓ ପୂର୍ବରୁ ଏହା ପ୍ରାୟ ୭୦% ଥିଲା, ତଥାପି ଡଲାର ସର୍ବପ୍ରମୁଖ ମୁଦ୍ରା। ପେଟ୍ରୋଡଲାର ବ୍ୟବସ୍ଥାର ମୂଳ ଧାରଣା ସରଳ। ଯେହେତୁ ତେଲର ମୂଲ୍ୟ ଡଲାରରେ ନିର୍ଦ୍ଧାରିତ, ତେଣୁ ଯେକୌଣସି ଦେଶ ତେଲ କିଣିବାକୁ ରପ୍ତାନି, ବିଦେଶୀ ନିବେଶ କିମ୍ବା ବିଦେଶୀ ମୁଦ୍ରା ବଜାର ମାଧ୍ୟମରେ ଡଲାର ଅର୍ଜନ କରନ୍ତି। ତୈଳ ଉତ୍ପାଦନକାରୀ ଦେଶଗୁଡ଼ିକ ଏହି ଡଲାରକୁ ପୁନର୍ବାର ଆମେରିକାର ବ୍ୟାଙ୍କ ଓ ଆର୍ଥିକ ବଜାରରେ ନିବେଶ କରନ୍ତି। ଏହାକୁ ପେଟ୍ରୋଡଲାର ରିସାଇକ୍ଲିଂ ବୋଲି କୁହାଯାଏ। ଏହି ପ୍ରକ୍ରିୟା ଡଲାର ଚାହିଦାକୁ ସ୍ଥାୟୀ କରି ରଖେ।

ପେଟ୍ରୋଡଲାର ବ୍ୟବସ୍ଥା କେବଳ ଅର୍ଥନୀତିକ ନୁହେଁ, ଏହା ଭୂରାଜନୀତିକ ଭାବରେ ଶକ୍ତିଶାଳୀ ଭୂମିକା ଗ୍ରହଣ କରେ। ଡଲାରର ପ୍ରଭୁତ୍ୱ ଆମେରିକାକୁ ବିଶ୍ୱ ଅର୍ଥନୀତିରେ ବିଶେଷ ଶକ୍ତି ଦେଇଛି। ଅନେକ ଅନ୍ତର୍ଜାତୀୟ ବ୍ୟବସାୟ ଓ ଋଣ ଡଲାରରେ ହୁଏ। ଏହି ପ୍ରଭାବ ଦ୍ୱାରା ଆମେରିକା ଅନ୍ୟ ଦେଶଗୁଡ଼ିକ ଉପରେ ଆର୍ଥିକ ପ୍ରତିବନ୍ଧକ ଲାଗୁ କରିପାରେ। କୌଣସି ଦେଶକୁ ଡଲାର ଆଧାରିତ ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରୁ ବାହାର କରାଇଲେ ସେହି ଦେଶର ଅର୍ଥନୀତି ଗଭୀର ସଙ୍କଟରେ ପଡ଼ିପାରେ। ଏହି କାରଣରୁ ତେଲ ସମୃଦ୍ଧ ଅଞ୍ଚଳଗୁଡ଼ିକ ବିଶ୍ୱ ରାଜନୀତିରେ ବହୁତ ଗୁରୁତ୍ୱ ଧାରଣକରେ। ଭାରତ ପୃଥିବୀର ତୃତୀୟ ସର୍ବାଧିକ ତୈଳ ଉପଭୋକ୍ତା ଦେଶ। ଦେଶର ପ୍ରାୟ ୮୫% ତେଲ ବିଦେଶରୁ ଆମଦାନୀ କରାଯାଏ। ଯେହେତୁ ତେଲ ବ୍ୟବସାୟ ଡଲାରରେ ହୁଏ, ସେଥିପାଇଁ ଭାରତକୁ ବହୁ ପରିମାଣର ଡଲାର ସଂଗ୍ରହ କରିବାକୁ ପଡ଼େ। ୨୦୨୩–୨୪ ଆର୍ଥିକ ବର୍ଷରେ ଭାରତ ତୈଳ ଆମଦାନୀ ପାଇଁ ପ୍ରାୟ ୧୩୨ ବିଲିୟନ ଡଲାର ଓ ୨୦୨୪–୨୫ ଆର୍ଥିକ ବର୍ଷରେ ପ୍ରାୟ ୧୪୫ ବିଲିୟନ ଡଲାର ବ୍ୟୟ କରିଛି। ତୈଳ ମୂଲ୍ୟ ବଢ଼ିଲେ ଭାରତର ଆମଦାନୀ ଖର୍ଚ୍ଚ ବଢ଼ିଯାଏ ଓ ବ୍ୟବସାୟରେ କ୍ଷତି ବୃଦ୍ଧି ପାଏ। ଯଦି ତୈଳ ମୂଲ୍ୟ ପ୍ରତି ବ୍ୟାରେଲ ୧୦ ଡଲାର ବଢ଼େ, ତେବେ ଭାରତର ଆମଦାନୀ ବିଲ୍ ପ୍ରାୟ ୧୨୧୫ ବିଲିୟନ ଡଲାର ବଢ଼ିପାରେ। ଡଲାରର ଚାହିଦା ବଢ଼ିଲେ ଭାରତୀୟ ମୁଦ୍ରାର ମୂଲ୍ୟ କମିପାରେ। ଭାରତୀୟ ମୁଦ୍ରା ଦୁର୍ବଳ ହେଲେ ତୈଳ ଆମଦାନୀ ଆହୁରି ମହଙ୍ଗା ହୋଇଯାଏ। ତୈଳ ମୂଲ୍ୟ ବଢ଼ିଲେ ପରିବହନ, ଶିଳ୍ପ ଓ କୃଷି ଖର୍ଚ୍ଚ ବଢ଼ିଯାଏ। ଏହା ଦ୍ୱାରା ଦେଶରେ ମୁଦ୍ରାସ୍ଫୀତି ବୃଦ୍ଧି ପାଏ।

ବର୍ତ୍ତମାନ ବିଶ୍ୱ ଅର୍ଥନୀତି ଧୀରେ ଧୀରେ ପରିବର୍ତ୍ତିତ ହେଉଛି। କିଛି ଦେଶ ତୈଳ ବ୍ୟବସାୟରେ ଡଲାର ବଦଳରେ ଅନ୍ୟ ମୁଦ୍ରା ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଏହା ସହିତ ପୁନଃ ନବୀକରଣ ଶକ୍ତିର ଉନ୍ନତି ମଧ୍ୟ ଭବିଷ୍ୟତରେ ତେଲ ଉପରେ ନିର୍ଭରତାକୁ କମାଇପାରେ। ଚାଇନା, ଋଷିଆ ଓ କିଛି ଦେଶ ତୈଳ ବ୍ୟବସାୟରେ ଡଲାର ବଦଳରେ ଅନ୍ୟ ମୁଦ୍ରା ବ୍ୟବହାର କରିବାକୁ ଚେଷ୍ଟା କରୁଛନ୍ତି। ଚାଇନା ୟୁଆନ୍ ଆଧାରିତ ଅନ୍ତର୍ଜାତୀୟ ବଜାର ଆରମ୍ଭ କରିଛି। ବିଶ୍ୱର ବିଭିନ୍ନ ସରକାର ସୌର ଶକ୍ତି, ପବନ ଶକ୍ତି, ବିଦ୍ୟୁତ୍‌ଚାଳିତ ଯାନ ଓ ଗ୍ରୀନ୍ ହାଇଡ୍ରୋଜେନ ପ୍ରଯୁକ୍ତିରେ ବିଶାଳ ନିବେଶ କରୁଛନ୍ତି। ଅନ୍ତର୍ଜାତୀୟ ପୁନଃ ନବୀକରଣ ଶକ୍ତି ଏଜେନ୍ସି (ଆଇଆର୍‌ଇଏନ୍‌ଏ) ଅନୁସାରେ ୨୦୨୩ରେ ବିଶ୍ୱର ପ୍ରାୟ ୩୦% ବିଦ୍ୟୁତ ଉତ୍ପାଦନ ପୁନଃ ନବୀକରଣ ଶକ୍ତି ଉତ୍ସରୁ ହୋଇଥିଲା। ଏହି ପରିବର୍ତ୍ତନ ପାଇଁ ଭାରତ ମଧ୍ୟ ପ୍ରସ୍ତୁତି ଆରମ୍ଭ କରିଛି। ୨୦୩୦ ପର୍ଯ୍ୟନ୍ତ ୫୦୦ ଗିଗାୱାଟ୍ ଅଜୀବାଶ୍ମ ଇନ୍ଧନ ଶକ୍ତି କ୍ଷମତା ସୃଷ୍ଟି କରିବା ଭାରତର ଲକ୍ଷ୍ୟ। ସୌର ଓ ପବନ ଶକ୍ତି ଉତ୍ପାଦନରେ ଭାରତ ବିଶ୍ୱର ଦ୍ରୁତ ବୃଦ୍ଧିଶୀଳ ବଜାରଗୁଡ଼ିକ ମଧ୍ୟରେ ଗଣ୍ୟ। ଏହା ସହିତ ଭାରତ କିଛି ଅନ୍ତର୍ଜାତୀୟ ବ୍ୟବସାୟକୁ ଡଲାର ପରିବର୍ତ୍ତେ ଭାରତୀୟ ମୁଦ୍ରାରେ ସମାଧାନ କରିବା ଉପାୟ ମଧ୍ୟ ଖୋଜୁଛି। ଏହି ପଦକ୍ଷେପଗୁଡ଼ିକର ଲକ୍ଷ୍ୟ ହେଉଛି ବିଶ୍ୱ ମୁଦ୍ରା ପରିବର୍ତ୍ତନର ଅସ୍ଥିରତାରୁ ଦେଶକୁ ସୁରକ୍ଷିତ କରିବା ସହିତ ଆର୍ଥିକ ସ୍ଥିରତାକୁ ମଜଭୁତ କରିବା। ଏହି ସମସ୍ତ ପରିବର୍ତ୍ତନ ଚେଷ୍ଟାରେ ସମଗ୍ର ଅନ୍ତର୍ଜାତୀୟ ବଜାରରେ ଏକ ବହୁମୁଖୀ ମୁଦ୍ରା ବ୍ୟବସ୍ଥା ଗଠନର ସମ୍ଭାବନା ରହିଛି, ଯେଉଁଠାରେ ଏକମାତ୍ର ମୁଦ୍ରାର ପ୍ରଭୁତ୍ୱ ପରିବର୍ତ୍ତେ ଅନେକ ପ୍ରମୁଖ ମୁଦ୍ରା ବିଶ୍ୱ ଅର୍ଥନୀତିରେ ଭାଗୀଦାର ହେବ।

ନିକଟ ଭବିଷ୍ୟତରେ ପେଟ୍ରୋଡଲାର ପ୍ରଣାଳୀ ହଠାତ୍ ଅନ୍ତର୍ଦ୍ଧାନ ହେବାର ସମ୍ଭାବନା ନାହିଁ। ଆଜି ମଧ୍ୟ ଆମେରିକୀୟ ଡଲାର ବିଶ୍ୱ ଆର୍ଥିକ ବଜାର, ଅନ୍ତର୍ଜାତୀୟ ବ୍ୟବସାୟ ଓ ବିଦେଶୀ ନିବେଶରେ ପ୍ରମୁଖ ଭୂମିକା ନିଭାଉଛି। ଆମେରିକାର ଆର୍ଥିକ ସଂସ୍ଥାଗୁଡ଼ିକ ବିଶ୍ୱର ସବୁଠାରୁ ବିଶ୍ୱସନୀୟ ଓ ସକ୍ରିୟ ବଜାରଗୁଡ଼ିକ ମଧ୍ୟରେ ରହିଛନ୍ତି। ବିଶ୍ୱ ଉର୍ଜା ବଜାରରୁ ଡଲାରକୁ ପରିବର୍ତ୍ତନ କରିବାକୁ ହେଲେ ସମଗ୍ର ଅନ୍ତର୍ଜାତୀୟ ଆର୍ଥିକ ବ୍ୟବସ୍ଥାରେ ବଡ଼ ପରିବର୍ତ୍ତନ ଆବଶ୍ୟକ। ପେଟ୍ରୋଡଲାର ବ୍ୟବସ୍ଥା ଆଧୁନିକ ବିଶ୍ୱ ଅର୍ଥନୀତିର ଏକ ଶକ୍ତିଶାଳୀ ସାମ୍ରାଜ୍ୟ। ତୈଳ ଓ ଡଲାରର ଏହି ସମ୍ପର୍କ ବିଶ୍ୱ ରାଜନୀତି, ଅର୍ଥନୀତି ଓ ଶକ୍ତି ସନ୍ତୁଳନକୁ ପ୍ରଭାବିତ କରିଆସୁଛି। ଭାରତ ପାଇଁ ଏହି ବ୍ୟବସ୍ଥାର ପ୍ରଭାବ ଅତ୍ୟନ୍ତ ଗମ୍ଭୀର। ତେଣୁ ଭବିଷ୍ୟତରେ ଶକ୍ତି ସୁରକ୍ଷା, ବିକଳ୍ପ ଶକ୍ତି ଉତ୍ସରେ ଉନ୍ନତି ଓ ଆର୍ଥିକ ରଣନୀତି ଭାରତର ଅର୍ଥନୀତିକ ସ୍ଥିରତା ପାଇଁ ଆବଶ୍ୟକ। ତୈଳ, ମୁଦ୍ରା ଓ ଶକ୍ତିର ଏହି ସମ୍ପର୍କ ଆଗାମୀ ଦିନରେ ବିଶ୍ୱ ଅର୍ଥନୀତିର ଯେ ଦିଗ ନିର୍ଣ୍ଣୟ କରିବ, ଏଥିରେ ତିଳେମାତ୍ର ସନ୍ଦେହ ନାହିଁ।

ମୋ: ୯୯୩୭୨୮୫୬୭୨



# ଜୀବନର ନୈତିକ ମୂଲ୍ୟବୋଧ



ସଂଗ୍ରାମ କେଶରୀ ପୃଷ୍ଟି

କଥାରେ ଅଛି–'ଥିଲେ ଥାଉ ପଛେ ଗୁଣ ହଜାର, ଚରିତ୍ର ନଥିଲେ ସବୁ ଅସାର।' ସୁତରାଂ ଆମ ଜୀବନରେ ନୈତିକ ମୂଲ୍ୟବୋଧର ଏକ ମୁଖ୍ୟ ଆଧାର ହେଉଛି – ଚରିତ୍ର। ଯାହା ବ୍ୟକ୍ତିତ୍ୱକୁ ସୁଦୃଢ଼, ସୁସଂଯତ ଓ ସୁସଙ୍ଗଠିତ କରିଥାଏ। ଏହା ସମାଜ ପାଇଁ ସାଜିଥାଏ ଆଲୋକବର୍ତ୍ତିକା, ଅନ୍ୟମାନଙ୍କ ପାଇଁ ପାଲଟି ଯାଇଥାଏ ଉଚ୍ଚ ଆଦର୍ଶ ଓ ପ୍ରେରଣାର ଉତ୍ସ। ନୈତିକତା ହେଉଛି ମାନବ ଜୀବନର ଭିତ୍ତିଭୂମି। ସତ୍ୟ ଓ ନ୍ୟାୟ ହେଉଛି ଏହାର ଦୁଇଟି ଚକ୍ଷୁ। ନୈତିକତା ବିହୀନ ଶିକ୍ଷା ହେଉଛି ଆଲୋକ ବିହୀନ ଦୀପ ସଦୃଶ। ଏହା ହେଉଛି ଶାନ୍ତି ଓ ସମ୍ମାନର ଆଧାର। ଯେଉଁଠି ନୈତିକତା ରହେ, ସେଇଠି ବିଶ୍ୱାସ ଓ ସମ୍ମାନ ଜନ୍ମ ନିଏ। ଏହା ହିଁ ମଣିଷକୁ ମହାନ କରେ।

ଏକ ସୁସ୍ଥ, ସୁନ୍ଦର ଓ ବଳିଷ୍ଠ ବ୍ୟକ୍ତିତ୍ୱ ଗଠନ ପରିପ୍ରେକ୍ଷୀରେ ଆମ ଜୀବନ ପାଇଁ ଯେଉଁ ଉପାଦାନ ଏକାନ୍ତ ଅପରିହାର୍ଯ୍ୟ, ତାହା ହେଉଛି ନୈତିକ ମୂଲ୍ୟବୋଧ। ଏକ ସୁସ୍ଥ ଓ ଶୃଙ୍ଖଳିତ ସମାଜ ଗଠନ ଦିଗରେ ଏହାର ଭୂମିକା ଗୁରୁତ୍ୱପୂର୍ଣ୍ଣ। ନୈତିକ ମୂଲ୍ୟବୋଧ ଜଣେ ବ୍ୟକ୍ତିକୁ ଉଚିତ ଓ ଅନୁଚିତ ଜାଣିବାକୁ ପର୍ଯ୍ୟାପ୍ତ ସୁଯୋଗ ଦିଏ। ଆମ କାର୍ଯ୍ୟକଳାପକୁ ଶୃଙ୍ଖଳିତ ଓ ପରିମାର୍ଜିତ କରାଇଥାଏ। ନୈତିକ ମୂଲ୍ୟବୋଧ ଆଧାରିତ ଜୀବନ ସଫଳତା ଆଡକୁ ବାଟ କଢ଼ାଏ। ଜୀବନର ଚଲାପଥକୁ କରିଥାଏ କୁସୁମିତ।

ନୈତିକ ମୂଲ୍ୟବୋଧ କେତୋଟି ଆଦର୍ଶର ସ୍ତୁପ ଉପରେ ସଂସ୍ଥାପିତ। ଯାହାର ସମ୍ମିଳିତ ଉଦ୍ୟମ ହିଁ ବ୍ୟକ୍ତିତ୍ୱର ଉର୍ଜାକୁ ଉଦ୍ଭାସିତ କରିଥାଏ। ତନ୍ମଧ୍ୟରୁ ସତ୍ୟବାଦିତା ଓ ସାଧୁତା ଉଲ୍ଲେଖନୀୟ। ମହାତ୍ମା ଗାନ୍ଧୀଙ୍କ ତ୍ୟାଗ ଓ ତିତୀକ୍ଷା ନେପଥ୍ୟରେ ଥିବା ସତ୍ୟବାଦିତା ପ୍ରଣିଧାନଯୋଗ୍ୟ, ଯାହା ଆମ ସ୍ୱାଧୀନତାର ସ୍ୱପ୍ନକୁ ସାକାର କରିପାରିଥିଲା। ସେହିପରି ସତ୍ୟ ରକ୍ଷା କରିବାକୁ ଯାଇ ରାଜା ଦଶରଥ ପୁତ୍ର ରାମଚନ୍ଦ୍ରଙ୍କୁ ଚଉଦ ବର୍ଷ ପାଇଁ ବନକୁ ନିର୍ବାସିତ କରିଥିଲେ। ସତ୍ୟବାଦୀ ପାଖରେ ହିଁ ସାଧୁତାର ସ୍ୱରୂପ ପ୍ରକଟିତ ହୋଇଥାଏ। ଧର୍ମରାଜ ଯୁଧିଷ୍ଠିର ସତ୍ୟ ଓ ନ୍ୟାୟର ଅବତାର ହୋଇ ସୁଦ୍ଧା ତାଙ୍କର ସେହି ପଦିଏ କଥା 'ନରେ ବା କୁଞ୍ଜରେ ଅଶ୍ୱତ୍ଥମା ହତ' ହିଁ ତାଙ୍କୁ କଳଙ୍କିତ କରିଦେଇଥିଲା।

ଦୟା ଓ କ୍ଷମା ମଣିଷପଣିଆର ପରିଚାୟକ। ପରକୁ ଆପଣାର କରିବାର, ଶତ୍ରୁକୁ ମିତ୍ରରେ ପରିବର୍ତ୍ତନ କରିବାର, ଅପରିଚିତକୁ ପରିଚିତ କରାଇବାର ଏହା ଏକ ମହୌଷଧି। ହିଂସାକୁ ଦମନ କରିବାରେ ମଧ୍ୟ ଏହା ସାମର୍ଥ୍ୟ ରଖିଥାଏ। 'ବୁଦ୍ଧଂ ଶରଣଂ ଗଚ୍ଛାମି'ର ସେହି ମହାମନ୍ତ୍ର ଦିନେ ମଗଧ ସମ୍ରାଟ ଅଶୋକଙ୍କୁ ଚଣ୍ଡାଶୋକରୁ ଧର୍ମାଶୋକରେ ପରିବର୍ତ୍ତନ କରାଇପାରିଥିଲା। ସେ ହିଂସା ପରିହାର କରି ଅହିଂସା ନୀତିକୁ ଆପଣାଇ ନେଇଥିଲେ। ମନରେ ଦୟାଭାବ ଉଦ୍ରେକ ହୋଇପାରିଥିଲା ବୋଲି ତ ଦସ୍ୟୁ ରତ୍ନାକର ପାଲଟି ଯାଇଥିଲେ ବାଲ୍ମୀକି। ସେହିପରି ଋଷି ବିଶ୍ୱାମିତ୍ର ବ୍ରହ୍ମର୍ଷି ବଶିଷ୍ଠଙ୍କ ପୁତ୍ରମାନଙ୍କୁ ଗୋଟି ଗୋଟି କରି ହତ୍ୟା କରିଥିଲେ ମଧ୍ୟ ବଶିଷ୍ଠ ତାଙ୍କୁ ଉଦାର ହୃଦୟରେ କ୍ଷମା ପ୍ରଦାନ କରି ମହାନତାର ପରିଚୟ ଦେଇଥିଲେ।



ନୈତିକ ମୂଲ୍ୟବୋଧର ଅନ୍ୟ ଏକ ସ୍ତମ୍ଭ ହେଉଛି – ସହନଶୀଳତା। ଜୀବନରେ କେତେ ଯେ ଝଡ଼ଝଞ୍ଜା ଆସେ ତାହା କହିହେବନି। ଏସବୁ ଭିତରେ ସବୁ ସମୟରେ, ସବୁ ପରିସ୍ଥିତିରେ ନିଜର ଅସାମାନ୍ୟ ଧୈର୍ଯ୍ୟ ଓ ସହନଶୀଳତାର ପରୀକ୍ଷା ଦେଇ ଆଗକୁ ବଢୁଥିବା ମଣିଷଟି ଜୀବନରେ ସଫଳ ହୁଏ। ପାହାଚ ତଳର ଘାସପରି ପ୍ରତି ମୁହୂର୍ତ୍ତରେ ଦଳିଚକଟି ହେଉଥିଲେ ବି ତା' ଭିତରେ ଥାଏ ବଞ୍ଚିବାର ସ୍ୱପ୍ନଟିଏ। ଫଳଭାରରେ ନଇଁ ପଡ଼ିଥିବା ଗଛକୁ ଦେଖିଲେ ତା' ଭିତରେ ଉପଲବ୍ଧି କରିହୁଏ ସହନଶୀଳତାର ପରାକାଷ୍ଠା। ଧୈର୍ଯ୍ୟଧରି ସମୟ ସହିତ ଚାଲିପାରିଲେ ଜୀବନ ସାର୍ଥକ ହୁଏ। ଭାଙ୍ଗିପଡ଼ିଲେ କିଛି ସମାଧାନ ହୁଏନାହିଁ, ସେଥିପାଇଁ ପରିସ୍ଥିତି ସହିତ ମୁକାବିଲା କରିବାକୁ ପଡ଼ିଥାଏ। ଆଉ ଏଥିପାଇଁ ଆବଶ୍ୟକ ହୋଇଥାଏ ଧୈର୍ଯ୍ୟ ଓ ସାହସ।

ଅନୁଶାସନ ଆମ ଜୀବନଧାରଣ ଶୈଳୀକୁ ପ୍ରଭାବିତ କରିଥାଏ। ନିର୍ଦ୍ଦିଷ୍ଟ ନୀତି ନିୟମର ପରିବେଷ୍ଟନୀ ମଧ୍ୟରେ ରହି ଆଗକୁ ବଢ଼ିବାର ପରିକଳ୍ପନା ନୈତିକ ମୂଲ୍ୟବୋଧକୁ ଜନ୍ମ ଦେଇଥାଏ। ଅନୁଶାସନ ସମାଜରେ ଏକ ସ୍ୱତନ୍ତ୍ର ପରିଚୟ ସୃଷ୍ଟି କରିପାରେ। ତା' ସୀମା ସରହଦ ଡେଇଁ ବାହାରକୁ ବାହାରିବାର ଧୃଷ୍ଟତା ଅନର୍ଥ ସୃଷ୍ଟି କରେ। ଅଳୀକ କ୍ଷମତା ବା ମୋହମାୟାଠାରୁ ଉର୍ଦ୍ଧ୍ୱରେ ରହି ଅନୁଶାସନ ମଧ୍ୟରେ କାର୍ଯ୍ୟ କରିବାର ପ୍ରତିବଦ୍ଧତା ଏକ ସୁସ୍ଥ ମାନବୀୟ ଚେତନାର ପରିଚାୟକ। ଅନୁଶାସନ ମଧ୍ୟରେ ରହି ଧାଡ଼ି ବାନ୍ଧି ଚାଲିବାର ଯେଉଁ ମହାନ ଶିକ୍ଷା ଆମେ ପିମ୍ପୁଡ଼ିଠାରୁ ପାଉଛୁ, ତାହା ଅନୁକରଣୀୟ।

କୃତଜ୍ଞତା ହିଁ ମାନବୀୟ ଚେତନାର ପରିପ୍ରକାଶ। କୃତଜ୍ଞତା ମଣିଷକୁ ମହାନ କରେ। ତା' ବ୍ୟକ୍ତିତ୍ୱକୁ ବିକଶିତ କରେ। କୃତଜ୍ଞତା ଭାବ ଟିକକ ପାଇଁ ତ ମଣିଷ ମଣିଷକୁ ଅବେଳରେ ସାହାଯ୍ୟ କରିବାକୁ ଆଗେଇ ଆସେ। କୃତଜ୍ଞତା ଜଣାଇବାକୁ ଯାଇ ମାଙ୍କଡମାନେ ବି ରାମଚନ୍ଦ୍ରଙ୍କ ପାଇଁ ସେଦିନ ସମୁଦ୍ରରେ ବାନ୍ଧି ଦେଇଥିଲେ ସେତୁବନ୍ଧ। କୃତଜ୍ଞତା ଜଣାଇବାକୁ ସେଦିନ ନିଜର କଅଁଳା ବାଛୁରୀକୁ କ୍ଷୀର ପିଆଇ ବାଘ ପାଖକୁ ଫେରି ଆସିଥିଲା ବଉଳା ଗାଈ। କି ମହନୀୟତା ଭାବ ସତରେ ! ହେଲେ କୃତଜ୍ଞତାକୁ ବୁଝୁ ନ ଥିବା ମଣିଷ କୃତଘ୍ନ ପାଲଟିଯାଏ ସମାଜ ଆଖିରେ। ଥରେ କୃତଘ୍ନର ମୋହର ବାଜିଲେ ସମାଜ ତାକୁ ଆଉ ଆଖିରେ ବି ଚାହେଁ ନାହିଁ।

ନୈତିକ ମୂଲ୍ୟବୋଧର ସଂଜ୍ଞା ନିରୂପଣ କରିବାକୁ ଯାଇ ସ୍ୱାମୀ ବିବେକାନନ୍ଦ କହିଛନ୍ତି : 'ନୈତିକ ମୂଲ୍ୟବୋଧ ହେଉଛି ଜୀବନର ଆଲୋକ, ଯାହା ଆମକୁ ଠିକ୍ ପଥରେ ଚାଲିବାରେ ସାହାଯ୍ୟ କରେ।' ସମୁଦ୍ରତଟର ବତିଘର ଦିଗହରା ଜାହାଜ ପାଇଁ ପଥପ୍ରଦର୍ଶନ କରିଥାଏ। ଅବାଟରେ ଯିବାକୁ ରୋକିଥାଏ। ଠିକ୍ ସେମିତି ଆମର ନୈତିକ ମୂଲ୍ୟବୋଧ ଆମର ଜୀବନକୁ ଗଠନ କରେ ତଥା ଆମର ନିଷ୍ପତ୍ତି ନେବା ପ୍ରକ୍ରିୟାକୁ ପ୍ରଭାବିତ କରିଥାଏ। ନୈତିକ ମୂଲ୍ୟବୋଧର ଭାବ ଟିକକ ଶୈଶବରୁ ହିଁ ଆମ ପିଲାଙ୍କ ଭିତରେ ସୃଷ୍ଟି କରିବା ଆବଶ୍ୟକ। ଜଣେ ବଡ଼ ମଣିଷ ନୁହେଁ ବରଂ ଜଣେ ଭଲ ମଣିଷ ହେବାର ମାନସିକତା ଆମ ଭିତରେ ଆଣିପାରିଲେ ନୈତିକ ମୂଲ୍ୟବୋଧର ପରିପ୍ରକାଶ ଘଟିବ।

ମୋ: ୯୪୩୭୫୪୭୧୪୬

## ଏଇ ଭାରତରେ

ଟେକ୍ସଟାଇଲ ବର୍ଜ୍ୟ ବା ବୟନଶିଳ୍ପରୁ ବାହାରୁଥିବା ଅଦରକାରୀ କନାକୁ ମୁମ୍ବାଇର ତିନିଜଣ ବନ୍ଧୁ ଅପସାଇକ୍ଲିଂ କରିବାକୁ ସକ୍ଷମ ହୋଇଛନ୍ତି। ୨୦୧୧ରେ ବେର୍ଭଲି ଲୁଇସ, ଦିଲଶାଦ ମେହରଶାହି ଓ ଗୀତାଞ୍ଜଳି ଗୌର ଟେକ୍ସଟାଇଲ ବର୍ଜ୍ୟର ପୁନଃ ବ୍ୟବହାର ପାଇଁ ନିଷ୍ପତ୍ତି ନେଇ ପ୍ରଥମେ ସେମାନେ 'ମାନ୍' ସଂସ୍ଥା ଆରମ୍ଭ କରିଥିଲେ। ଏଠାରେ ସେମାନେ ମୁମ୍ବାଇର ଦିବ୍ୟାଙ୍ଗଙ୍କୁ ଟେଲରିଂ ଓ ହସ୍ତକଳା ପ୍ରଶିକ୍ଷଣ ଦେଉଛନ୍ତି। ଏବେ ମାନ୍ ସଂସ୍ଥାରେ ୫୦ରୁ ୬୦ ପ୍ରଶିକ୍ଷକ ୧୨୦୦ ଦିବ୍ୟାଙ୍ଗଙ୍କୁ ପ୍ରଶିକ୍ଷଣ ଦେଉଛନ୍ତି। ଅଦରକାରୀ କନାରୁ ବିଭିନ୍ନ ଜିନିଷ ତିଆରି କରିବା ଲାଗି ସେମାନେ 'କର୍ମାନ' ନାମକ ଆଉ ଏକ ସଂସ୍ଥା ଗଢ଼ିଛନ୍ତି। ମାନ୍‌ରୁ ପ୍ରଶିକ୍ଷିତ ଦିବ୍ୟାଙ୍ଗମାନେ କର୍ମାନ ବ୍ରାଣ୍ଡର ଜିନିଷ ତିଆରି କରୁଛନ୍ତି। ଟେକ୍ସଟାଇଲ ବର୍ଜ୍ୟ ସଂଗ୍ରହ କରାଯାଇ ସେଥିରୁ ଆକର୍ଷଣୀୟ ବ୍ୟାଗ, ପୋଷାକ ଓ ଅନ୍ୟାନ୍ୟ ଜିନିଷ ପ୍ରସ୍ତୁତ କରାଯାଉଛି। ଏହି ଉତ୍ପାଦକୁ ନେଇ ସେମାନେ ୨ କୋଟି ଟଙ୍କା ବ୍ୟବସାୟିକ କାରବାର କରିବାକୁ ସକ୍ଷମ ହୋଇଛନ୍ତି। ଏବେ ୫୦ ଜଣ କାରିଗର କର୍ମାନରେ କାମ କରୁଛନ୍ତି। ଦିବ୍ୟାଙ୍ଗଙ୍କୁ ମଧ୍ୟ ହସ୍ପିଟାଲିଟି, ରିଟେଲ, ମାନୁଫାକ୍ଚରିଂ, କର୍ପୋରେଟ ଅଫିସ ଏବଂ ମାର୍କେଟିଂରେ କାର୍ଯ୍ୟ ସମ୍ପର୍କରେ ପ୍ରଶିକ୍ଷଣ ଦିଆଯାଉଛି।

## ୫୦ ବର୍ଷ ତଳର ଧରିତ୍ରୀ

### ୨୪ ମାର୍ଚ୍ଚ ୧୯୭୬

- କଂଗ୍ରେସ ପାର୍ଲାମେଣ୍ଟାରୀ ପାର୍ଟିର ବୈଠକ ବସି ୱାଇ.ବି. ଚରନଙ୍କୁ ସର୍ବସମ୍ମତି କ୍ରମେ ନେତା ରୂପେ ନିର୍ବାଚିତ କରାଯାଇଛି।
- ରାଷ୍ଟ୍ରୀୟ ସ୍ୱୟଂ ସେବକ ସଂଘ, ଆନନ୍ଦବାର୍ଗ, ଜମାଏତ ଉଲ୍ ଉଲେମା ଓ ଅନ୍ୟ ୨୪ ସଙ୍ଗଠନ ଉପରେ ଜାରୀ ହୋଇଥିବା ନିଷେଧାଦେଶକୁ କେନ୍ଦ୍ର ସରକାର ପ୍ରତ୍ୟାହାର କରିନେଇଛନ୍ତି।

## ଚିରନ୍ତନୀ

ଦେଖ ଗୋଲାପ ଦେଖ ଲୋ ଯୁଇ
କବି–ଲଲାଟେ ଅଧର ଛୁଇଁ
ଜଳଇ ମହା ହୁତାଶ ତହିଁ
ଲାଗଇ ପଦେ ତପତ ଭୂଇଁ ।
–(କବିର ବ୍ୟଥା)
–କାଳିନ୍ଦୀ ଚରଣ ପାଣିଗ୍ରାହୀ

## ସୁ–ଡୋ–କୁ

su|do|ku
Puzzles by Srikant Ghosh

| | | | | | | | | |
|---|---|---|---|---|---|---|---|---|
| 1 | 6 | | 5 | | | | | |
| 3 | | | | | | | | 7 |
| | | | | 8 | | | 4 | |
| | | | | | | | 8 | 4 |
| | 8 | 5 | | | 7 | | | 1 |
| | | | | 6 | | 3 | | |
| 7 | | | 4 | | | 9 | | |
| | 5 | 6 | | 7 | | | | |
| | | | | 5 | 8 | | | 6 |

ଏହାର ଉତ୍ତର ଆସନ୍ତାକାଲି ପ୍ରକାଶ ପାଇବ

ଉପରେ ପ୍ରଦତ୍ତ ସୁଡୋକୁର ଏପରି ସମାଧାନ କରିବାକୁ ହେବ, ଯେପରି ପ୍ରତ୍ୟେକ ଧାଡ଼ି, ସ୍ତମ୍ଭ ଓ ଆୟତାକାର ବାକ୍ସ ଭିତରେ ୧ରୁ ୯ ପର୍ଯ୍ୟନ୍ତ ଅଙ୍କ ରହିବ।

| | | | | | | | | |
|---|---|---|---|---|---|---|---|---|
| 3 | 8 | 1 | 5 | 6 | 2 | 4 | 7 | 9 |
| 4 | 6 | 7 | 3 | 8 | 9 | 2 | 5 | 1 |
| 2 | 5 | 9 | 1 | 4 | 7 | 6 | 8 | 3 |
| 7 | 4 | 8 | 6 | 1 | 3 | 5 | 9 | 2 |
| 5 | 2 | 3 | 8 | 9 | 4 | 1 | 6 | 7 |
| 9 | 1 | 6 | 7 | 2 | 5 | 8 | 3 | 4 |
| 6 | 9 | 5 | 4 | 7 | 1 | 3 | 2 | 8 |
| 8 | 7 | 4 | 2 | 3 | 6 | 9 | 1 | 5 |
| 1 | 3 | 2 | 9 | 5 | 8 | 7 | 4 | 6 |

ଗତକାଲିର ଉତ୍ତର

## ପାଠକ ଶ୍ରେଷ୍ଠ ବିଚାରକ

### ରାଶନ କାର୍ଡରେ ଗହମ ଦିଆଯାଉ

ମହାଶୟ,

ଏବେ ଗରିବଙ୍କୁ ଚାଉଳ ଯୋଗାଇ ଦିଆଯାଉଛି। କିନ୍ତୁ ଗହମ ମିଳୁନାହିଁ। ପୂର୍ବରୁ ପ୍ରତି ରାଶନ କାର୍ଡରେ ୨୦ କିଲୋ ଗହମ ଦିଆଯାଉଥିଲା। ଏହା ଦ୍ୱାରା ଲୋକେ ଉପକୃତ ହେଉଥିଲେ। କାଳକ୍ରମେ ତାହା କମିଯାଇ ସମ୍ପୂର୍ଣ୍ଣ ବନ୍ଦ କରିଦିଆଗଲା। ଓଡ଼ିଶା ଧାନ ଉତ୍ପାଦନରେ ଶ୍ରେଷ୍ଠ ହୋଇଥିବା ହେତୁ ସମସ୍ତେ କ'ଣ ଭାତ, ପଖାଳ ଖାଇବାକୁ ବାଧ୍ୟ। ବୟସ୍କ ଲୋକେ ଏବଂ ମଧୁମେହ ରୋଗୀମାନେ କେବଳ ଅଟା (ରୋଟି) ଖାଉଛନ୍ତି। ବର୍ତ୍ତମାନ ଅଟା କିଲୋ ୫୦ ଟଙ୍କା ହେଲାଣି। ଦର ମଧ୍ୟ ଦିନକୁ ଦିନ ବଢ଼ିଚାଲିଛି। ଏହା ବହୁତ ବାଧୁଛି। ତେଣୁ ସରକାର ପ୍ରତି କାର୍ଡରେ ଅନ୍ତତଃ ପକ୍ଷେ ୧୦ କିଲୋ ଗହମ ଦିଅନ୍ତୁ।

–ରାମଚନ୍ଦ୍ର ଦାଶ, ମୋତିଗଞ୍ଜ, ବାଲେଶ୍ୱର

ପାଠକ ଶ୍ରେଷ୍ଠ ବିଚାରକ ସ୍ତମ୍ଭକୁ ପତ୍ର ପଠାଇବାର ଠିକଣା: ସମ୍ପାଦକ, ଧରିତ୍ରୀ, ବି–୧୫, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର–୭୫୧୦୧୦
କେବଳ ସମ୍ପାଦକଙ୍କୁ ପତ୍ର, ଖବର ପାଇଁ ବ୍ୟବହାର କରନ୍ତୁ : E-mail: edit.dharitri@gmail.com (Use only for letters to Editor, news & news photos) କେବଳ ବିଜ୍ଞାପନ ପାଇଁ ବ୍ୟବହାର କରନ୍ତୁ: E-mail:advt@dharitri.com :miku11@yahoo.com (Use only for advertisements,commercial queries)

# ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତ

ଆମ ଭାରତୀୟ ସଂସ୍କୃତି ଓ ସଭ୍ୟତାର ଅନୁପ୍ରେରକ ହେଉଛନ୍ତି ମାତୃଶକ୍ତି। ପରିବାରଭିତ୍ତିକ ଆମ ସଂସ୍କୃତିରେ ନାରୀ ହେଉଛି ପରିବାରର ମୂଳାଧାର। ସେ ମା' ରୂପରେ କେବଳ ଜନ୍ମଦାତ୍ରୀ ନୁହେଁ, ବରଂ ସଂସ୍କାରର ଆଦ୍ୟଗୁରୁ ତ କେତେବେଳେ ପୁଣି ଭଉଣୀ ରୂପରେ ସ୍ନେହ ଏବଂ ଆନନ୍ଦର ସୂତ୍ରଧର, ଆଉ ପୁଣି କେତେବେଳେ ସହଧର୍ମିଣୀ ରୂପେ ସୁଖ-ଦୁଃଖ ତଥା ସଫଳତା-ବିଫଳତା, ସାଥୀ ଏବଂ ବାନ୍ଧବୀ ଆକାରରେ ସହଯୋଗୀ ଅଟେ। ସେ ପରିବାରକୁ ସଂଗଠିତ ରଖିବା ସହ ସାଂସ୍କୃତିକ ଐତିହ୍ୟକୁ ପିଢ଼ି ପର ପିଢ଼ିକୁ ପରିବହନ କରେ। ତାହାରି କୋଳରେ ଝୁଲି ଝୁଲି ଗଢ଼ିଉଠେ ସମୃଦ୍ଧ ସମାଜ। ବିକଶିତ ସମାଜ ପ୍ରତି ନାରୀର ଗୁରୁତ୍ୱପୂର୍ଣ୍ଣ ଯୋଗଦାନକୁ ଆମ ସରକାର ହୃଦବୋଧ କରିଛନ୍ତି। ମାତୃତ୍ୱର ସୁରକ୍ଷା ତଥା ଭାରତୀୟ ମହିଳାମାନଙ୍କ ମଧ୍ୟରେ ଦ୍ୱିତୀୟ ସର୍ବାଧିକ ସାଧାରଣ କର୍କଟ ରୋଗ ଭାବେ ଚିହ୍ନଟ ହୋଇଥିବା ଜୀବନଘାତୀ ରୋଗଗୁଡ଼ିକ ମଧ୍ୟରୁ ଅନ୍ୟତମ ଜରାୟୁ ଗ୍ରୀବା କର୍କଟକୁ ସମ୍ପୂର୍ଣ୍ଣ ରୂପେ ବିଲୁପ୍ତ କରିବା ପାଇଁ ଦେଶର ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଗତ ଫେବୃଆରୀ ୨୮ ତାରିଖ ରାଜସ୍ଥାନର ଆଜ୍‌ମେରଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ 'ଜାତୀୟ ମାନବ ପାପିଲୋମା ଭାଇରସ୍(ଏଚ୍‌ପିଭି) ଟିକାକରଣ ଅଭିଯାନ'ର ଶୁଭାରମ୍ଭ କରିଛନ୍ତି। ଦେଶବ୍ୟାପୀ ଏହି ଅଭିଯାନ ନିମନ୍ତେ ୧୭,୦୦୦ କୋଟି ଟଙ୍କାର ବ୍ୟୟବରାଦ କରାଯାଇଛି। ଓଡ଼ିଶା ପରିପ୍ରେକ୍ଷୀରେ ମଧ୍ୟ ଭୁବନେଶ୍ୱରସ୍ଥିତ କୃଷି ଭବନରେ ଆୟୋଜିତ କାର୍ଯ୍ୟକ୍ରମରେ ଲୋକପ୍ରିୟ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହାର ଶୁଭାରମ୍ଭ କରିଛନ୍ତି। ଏହି ଅଭିଯାନରେ ରାଜ୍ୟର ମୋଟ ୩,୩୬,୬୭୧ ଜଣ କିଶୋରୀଙ୍କୁ ଟିକାକରଣ କରାଯିବାର ବ୍ୟାପକ ଲକ୍ଷ୍ୟ ରଖାଯାଇଛି।

ସଂକ୍ଷିପ୍ତରେ ବୁଝିବାକୁ ଗଲେ ଜରାୟୁ ବା ଗର୍ଭାଶୟର ନିମ୍ନଭାଗକୁ ଗ୍ରୀବା(ସର୍ଭିକ୍ସ) କୁହାଯାଏ ଏବଂ ଏହି ଅଂଶରେ କର୍କଟ ରୋଗ ଉତ୍ପନ୍ନ ହୁଏ। ମାନବ ପାପିଲୋମା ଭାଇରସ୍ ଶରୀରରେ ଦୀର୍ଘ ସମୟ ଧରି ରହିବା ଫଳରେ ଧୀରେ ଧୀରେ କର୍କଟ ରୂପ ଧାରଣକରେ। କିନ୍ତୁ ଏହାର ଆରମ୍ଭରେ କୌଣସି ଲକ୍ଷଣ ଦେଖାଯାଏନାହିଁ, ଯାହାଦ୍ୱାରା ଅନେକ ମହିଳା ଏହାକୁ ପ୍ରଥମେ ଜାଣିପାରନ୍ତି ନାହିଁ ଓ ଶେଷ ଅବସ୍ଥାରେ ରୋଗ ଚିହ୍ନଟ କରାନ୍ତି। ବିଶେଷକରି ଗ୍ରାମାଞ୍ଚଳରେ ନିୟମିତ ସ୍ୱାସ୍ଥ୍ୟ ପରୀକ୍ଷା ଓ ସଚେତନତାର ଅଭାବ


ଡ. ମୁକେଶ ମହାଲିଙ୍ଗ
ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ

ରୋଗକୁ ଅଧିକ ଭୟାବହ କରିଦେଇଛି। ବୈଜ୍ଞାନିକ ଅନୁସନ୍ଧାନ ଅନୁଯାୟୀ, ପ୍ରାୟ ୯୯.୭% ଜରାୟୁ ଗ୍ରୀବା କର୍କଟ ରୋଗର ମୂଳ କାରଣ ହେଉଛି ମାନବ ପାପିଲୋମା ଭାଇରସ୍ ସଂକ୍ରମଣ। କିନ୍ତୁ ଏହି ମାରାତ୍ମକ ରୋଗର ସଂକ୍ରମଣକୁ ନିବାରଣ କରିବା ପାଇଁ ଆମ ସରକାର ଅଣ୍ଟା ଭିଡ଼ିଛନ୍ତି। ଯେଉଁ ଟିକାର ମୂଲ୍ୟ ବାହାରେ ପ୍ରାୟ ଚାରି ହଜାର ଟଙ୍କା, ତାହାର ନିଃଶୁଳ୍କ ବ୍ୟବସ୍ଥା କରାଯାଇଛି। ଏହି ଟିକା ଶରୀରକୁ ମାନବ ପାପିଲୋମା ଭାଇରସ୍ ବିରୋଧରେ ସୁରକ୍ଷା ଦିଏ ଓ ଭବିଷ୍ୟତରେ କର୍କଟର ସମ୍ଭାବନାକୁ ଏଡ଼ାଇଥାଏ। ଏହା ଏକ ପ୍ରତିରୋଧମୂଳକ ଟିକା ହୋଇଥିବାରୁ ରୋଗ ହେବା ପୂର୍ବରୁ ହିଁ ସୁରକ୍ଷା ପ୍ରଦାନକରେ। ଏହି ଟିକା ୦.୫ ମିଲିଲିଟର ପରିମାଣରେ ବାମହାତର ଉପର ଭାଗ ମାଂସପେଶୀରେ ଦିଆଯାଇଥାଏ। ପୂର୍ବରୁ ଏହା ଦୁଇ କିମ୍ବା ତିନିଥର ନେବାକୁ ପଡୁଥିଲା, ହେଲେ ବର୍ତ୍ତମାନ ଏହି ଟିକା ଉନ୍ନତମାନର ହୋଇଥିବା ଫଳରେ ମାତ୍ର ଗୋଟିଏଥର ହିଁ ପର୍ଯ୍ୟାପ୍ତ, ଯାହାକି ଏହାକୁ ଅଧିକ ସହଜ ଓ ସୁବିଧାଜନକ କରିଛି।

ଯେଉଁ କିଶୋରୀମାନଙ୍କ ବୟସ ୧୪ ବର୍ଷରୁ ଊର୍ଦ୍ଧ୍ୱ କିନ୍ତୁ ୧୫ ବର୍ଷ ପୂରଣ କରିନାହାନ୍ତି, ସେମାନଙ୍କୁ ଏହି ଟିକା ଦିଆଯିବ। ଏହି ବୟସରେ ଟିକାଦେବାର ମୂଳ ଉଦ୍ଦେଶ୍ୟ ହେଉଛି ଭାଇରସ୍ ସଂକ୍ରମଣ ହେବା ପୂର୍ବରୁ ଶରୀରକୁ ସୁରକ୍ଷିତ ରଖିବା। ତିନିମାସିଆ ଲକ୍ଷ୍ୟ ଥିବା ଏହି କାର୍ଯ୍ୟକ୍ରମରେ ବର୍ତ୍ତମାନ ପର୍ଯ୍ୟନ୍ତ ଓଡ଼ିଶାରେ ୨୪,୩୨୯ କିଶୋରୀଙ୍କୁ ଟିକାକରଣ କରାଯାଇଛି। ଟିକାକରଣ ଆରମ୍ଭର ପ୍ରଥମ ମାସରେ ଜିଲା ମୁଖ୍ୟ ଚିକିତ୍ସାଳୟ, ଉପଖଣ୍ଡ ଚିକିତ୍ସାଳୟ ଏବଂ ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଟିକା ଦିଆଯିବ। ପରବର୍ତ୍ତୀ ଦୁଇ ମାସରେ ପ୍ରାଥମିକ ସ୍ୱାସ୍ଥ୍ୟକେନ୍ଦ୍ରରେ ଏହାକୁ ବିସ୍ତାର କରାଯିବ, ଯାହାଦ୍ୱାରା ଦୂର ଅଞ୍ଚଳର ଲୋକମାନେ ସୁବିଧା ପାଇପାରିବେ। ପରେ ଏହାକୁ ନିୟମିତ ଟିକାକରଣ କାର୍ଯ୍ୟକ୍ରମରେ ସାମିଲ କରାଯିବ। ପ୍ରତିଦିନ(ଛୁଟିଦିନ ବ୍ୟତୀତ) ସକାଳ ୯ଟାରୁ ଅପରାହ୍ନ ୨ଟା ପର୍ଯ୍ୟନ୍ତ ଏହି ଟିକାକରଣ କାର୍ଯ୍ୟକ୍ରମ ଚାଲିବ। ଟିକା ନେବା ପୂର୍ବରୁ ପେଟପୂରା ଖାଦ୍ୟ ଖାଇବା ଆବଶ୍ୟକ। ଟିକାକରଣ କେନ୍ଦ୍ରକୁ ମା'-ବାପା କିମ୍ବା ଅଭିଭାବକଙ୍କ ସହିତ ଯିବା ଉଚିତ। ଠିକ୍ ଯୋଗ୍ୟତା ନିଶ୍ଚିତ କରିବା ପାଇଁ ଟିକା ନେବା ସମୟରେ ବୟସ ପ୍ରମାଣପତ୍ର ଯଥା ଆଧାର କାର୍ଡ, ବିଦ୍ୟାଳୟ ପରିଚୟପତ୍ର କିମ୍ବା ଜନ୍ମ ପ୍ରମାଣପତ୍ର ଆଣିବା ଆବଶ୍ୟକ। ଯଦି ଉଚିତ ପରିଚୟପତ୍ର ନାହିଁ ତା'ହେଲେ ଟିକାକରଣ କେନ୍ଦ୍ରରେ ଥିବା ବୟସ ଘୋଷଣା ପତ୍ରରେ ଅଭିଭାବକ ସ୍ୱାକ୍ଷର କରିବାକୁ ହେବ। ପଞ୍ଜୀକରଣ ପାଇଁ ଏକ ବୈଧ ମୋବାଇଲ୍ ନମ୍ବର ଜରୁରୀ ଜରୁରୀ ଏବଂ ଓଟିପି ମାଧ୍ୟମରେ ସମ୍ମତି ନିଆଯିବ। ଯଦି ଉକ୍ତ ସ୍ଥାନରେ ନେଟ୍‌ୱର୍କ ନ ଥାଏ, ତେବେ ଅଭିଭାବକଙ୍କୁ ଲିଖିତ ସ୍ୱୀକୃତି ଦେବାକୁ ପଡ଼ିବ। ଅଭିଯାନକୁ ଅଧିକ ସହଜ ଓ ସ୍ୱଚ୍ଛ କରିବା ପାଇଁ ହିତାଧିକାରୀ ନିଜେ ମଧ୍ୟ ସାର୍ବଜନୀନ ଟିକାକରଣ ପ୍ଲାଟ୍‌ଫର୍ମ (ୟୁ-ୱିନ୍ ପୋର୍ଟାଲ୍) ମାଧ୍ୟମରେ ପଞ୍ଜୀକରଣ କରିବାର ସୁବିଧା ରହିଛି। ଟିକା ନେବା ପରେ ୩୦ ମିନିଟ୍ ପର୍ଯ୍ୟନ୍ତ କେନ୍ଦ୍ରର ପର୍ଯ୍ୟବେକ୍ଷଣରେ ରଖାଯିବ। ଏହାପରେ ହାଲୁକା ଯନ୍ତ୍ରଣା କିମ୍ବା ସାମାନ୍ୟ ଜ୍ୱର ହେବା ସ୍ୱାଭାବିକ, କିନ୍ତୁ ଏହା ଦୁଇ ତିନିଦିନରେ ଭଲ ହୋଇଯାଏ। ଏହା ବ୍ୟତୀତ ଏହି ଟିକାର କୌଣସି ଗୁରୁତର ପ୍ରତିକ୍ରିୟା ନାହିଁ। ଋତୁସ୍ରାବ ସମୟରେ ମଧ୍ୟ ଏହି ଟିକା ନେବା ସମ୍ପୂର୍ଣ୍ଣ ସୁରକ୍ଷିତ। ତଥାପି ଯଦି ପୂର୍ବରୁ କୌଣସି ଟିକା ନେବା ପରେ ଆଲର୍ଜି, ଗର୍ଭଧାରଣ କିମ୍ବା ଗୁରୁତର ଅସୁସ୍ଥ (ତୀବ୍ର ରକ୍ତହୀନତା, ନିମୋନିଆ, ଜ୍ୱର ଇତ୍ୟାଦି) ହୋଇଥାନ୍ତି ସେମାନେ ଏହି ଟିକା ନେବା ଉଚିତ୍ ନୁହେଁ। ଯଦି ଏହି ଅଭିଯାନ ପୂର୍ବରୁ କେହି ମାନବ ପାପିଲୋମା ଭାଇରସ୍ ଟିକା ନେଇଥାନ୍ତି, ତେବେ ତାଙ୍କୁ ପୁଣି ଏହା ନେବାର ଆବଶ୍ୟକତା ନାହିଁ। ଶୀତଳ ଶୃଙ୍ଖଳ(କୋଲ୍ଡ ଚେନ୍) ମାଧ୍ୟମରେ ଟିକାଗୁଡ଼ିକର ପରିବହନ ଓ ଯୋଗାଣ ବ୍ୟବସ୍ଥାକୁ ସୁନିଶ୍ଚିତ କରାଯାଇଛି।

ନାରୀ ସୁସ୍ଥ ହେଲେ ଯାଇ ସଶକ୍ତ ପରିବାରର ପରିକଳ୍ପନା କରାଯାଇପାରିବ। ଏହାକୁ ଅନୁଭବ କରି ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ୭୫ତମ ଜନ୍ମଦିନ ଅବସରରେ ୧୭ ସେପ୍ଟେମ୍ବର ୨୦୨୫ରେ ଆମ ସରକାରଙ୍କ ଦ୍ୱାରା 'ସୁସ୍ଥ ନାରୀ, ସଶକ୍ତ ପରିବାର' ଅଭିଯାନ ଆରମ୍ଭ କରାଯାଇଥିଲା। ଏଥିରେ ସ୍ୱାସ୍ଥ୍ୟକର୍ମୀମାନେ ଘରକୁ ଘର ଯାଇ ମହିଳାମାନଙ୍କୁ ସ୍କ୍ରିନିଙ୍ଗ କରିବା ସହ ବ୍ୟାପକ ଜନସଚେତନତା କରାଯାଇଛି। ଏଥିରେ ଏକ କୋଟିରୁ ଅଧିକ(୧୦୭.୭୮ ଲକ୍ଷ) ମହିଳା ଅଂଶଗ୍ରହଣ କରିଥିଲେ। ୧.୦୨ ଲକ୍ଷ ସ୍ୱାସ୍ଥ୍ୟ ଶିବିର ଆୟୋଜିତ କରାଯାଇଥିବା ବେଳେ ୨୫.୩୮ ଲକ୍ଷ ମହିଳାଙ୍କୁ ହାଇପରଟେନ୍‌ସନ୍ ଏବଂ ଡାଇବେଟିସ୍, ୯.୬୪ ଲକ୍ଷ କର୍କଟ, ୧୨.୦୬ ଲକ୍ଷ ଆନିମିଆ, ୧.୬୩ ଲକ୍ଷ ସିକଲ୍‌ସେଲ୍, ୭.୯୮ ଲକ୍ଷଙ୍କୁ ଯକ୍ଷ୍ମା ସ୍କ୍ରିନିଙ୍ଗ୍ କରାଯାଇଥିଲା। ଏହି ଅଭିଯାନରେ ୨୯,୮୨୯ ୟୁନିଟ୍ ରକ୍ତ ସଂଗ୍ରହ ସହ ୧୨,୪୫୧ ନିକ୍ଷୟ ମିତ୍ର ପଞ୍ଜୀକୃତ କରାଯାଇଥିଲା। ସେହିପରି ୩୧୧ କୋଟି ଟଙ୍କାର ବ୍ୟୟବରାଦରେ 'ମୁଖ୍ୟମନ୍ତ୍ରୀ କର୍କଟ ଚିକିତ୍ସା ଅଭିଯାନ' ଆରମ୍ଭ ହେବାକୁ ଯାଉଛି। ଏହା ମାଧ୍ୟମରେ ବ୍ୟାପକ ଗୋଷ୍ଠୀ ସଚେତନତା, ଗ୍ରାମାଞ୍ଚଳସ୍ତରରେ ସ୍କ୍ରିନିଙ୍ଗ୍, କର୍କଟ ପରୀକ୍ଷା ଶିବିର କରାଯିବା ସହ ଉନ୍ନତମାନର କର୍କଟ ଚିକିତ୍ସା ଯୋଗାଇ ଦିଆଯିବ। କର୍କଟ ଚିକିତ୍ସାଳୟ ମାଧ୍ୟମରେ ଏହାର ଆଗୁଆ ନିରୂପଣ, ସମୟୋଚିତ ଚିକିତ୍ସା, ବ୍ୟକ୍ତିଗତ ଯତ୍ନ ଓ ଅତ୍ୟାଧୁନିକ ଜ୍ଞାନକୌଶଳ ତଥା ଏହି କ୍ଷେତ୍ରରେ ଗବେଷଣା ଏବଂ ନବସୃଜନର ଆବଶ୍ୟକତାକୁ ଅନୁଭବ କରି ଡିଜିଟାଲ ହବ୍ ଆଣ୍ଡ ସ୍ପୋକ୍ ମଡେଲ କାର୍ଯ୍ୟକାରୀ କରାଯିବ। ଚଳିତ କେନ୍ଦ୍ର ବଜେଟରେ ୧୭ଟି କର୍କଟ ଔଷଧରେ ଆମଦାନି ଶୁଳ୍କ ଛାଡ଼ କରିବା ସହ ପୂର୍ବରୁ ୧୨% ଓ ୫% ଜିଏସ୍‌ଟି ଥିବା କର୍କଟ ଔଷଧକୁ ଜିଏସ୍‌ଟି ଶୂନ୍ୟ ଓ ଅନ୍ୟ କେତେକ କର୍କଟ ଔଷଧକୁ ୧୨%ରୁ ହ୍ରାସକରି ୫% କରାଯିବା କର୍କଟ ରୋଗର ନିରାକରଣ ପ୍ରତି ଆମ ଦୃଢ଼ତାର ପରିଚୟ ଦିଏ। ନାରୀ ଶିକ୍ଷିତ ହେଲେ ପରିବାର ଶିକ୍ଷିତ ହୁଏ, ନାରୀ ସୁରକ୍ଷିତ ରହିଲେ ସମାଜ ସୁରକ୍ଷିତ ରୁହେ ଓ ନାରୀ ସମୃଦ୍ଧ ହେଲେ ଭାରତ ସମୃଦ୍ଧ ତଥା ବିକଶିତ ହୋଇପାରିବ। ଏହାକୁ ହୃଦୟଙ୍ଗମ କରି ସୁସ୍ଥ ମାତୃତ୍ୱରୁ ସୁରକ୍ଷିତ ଭବିଷ୍ୟତର ଦୂରଦୃଷ୍ଟିକୁ ଅନୁଭବ କରିବା ସହ ଆମ ସରକାର ମାନବ ପାପିଲୋମା ଭାଇରସ୍ ସଂକ୍ରମଣ ନିବାରଣ ନିମନ୍ତେ ଟିକାକରଣ ଅଭିଯାନ ଆରମ୍ଭ କରିଛନ୍ତି। ଏହା କେବଳ ଏକ ସ୍ୱାସ୍ଥ୍ୟ କାର୍ଯ୍ୟକ୍ରମ ନୁହେଁ, ବରଂ ନାରୀ ଓ ମାତୃତ୍ୱର ସୁରକ୍ଷା ପାଇଁ ଆମ ସଂକଳ୍ପ। ତେଣୁ କିଶୋରୀମାନେ ସାମିଲ ହେବା ସହ ମା'-ବାପା ଓ ଅଭିଭାବକ ଏଥିରେ ସହଯୋଗ କରିବାକୁ ମୋର ନିବେଦନ।

# ବିବାଦୀୟ ସ୍ଥାନରେ ବାସନ୍ତୀ ପୂଜା ବନ୍ଦ

ଭୋଗରାଇ, ୨୩।୩(ପ୍ରଦୀପ ଦାସ)



ରାତି ପାହିଲେ ମଧୁ ପାର୍ବଣ। ମା' ବାସନ୍ତୀ ଦେବୀଙ୍କ ଷଷ୍ଠୀ ପୂଜା। ମଣ୍ଡପଗୁଡ଼ିକ ରଙ୍ଗୀନ ଆଲୋକମାଳାରେ ଉଦ୍ଭାସିତ ହେଉଛି। ଏଭଳି ସ୍ଥିତିରେ ବାଲେଶ୍ୱର ଜିଲା ଭୋଗରାଇ ବ୍ଲକ ଗୋପୀନାଥପୁର ଗ୍ରାମର ବାସନ୍ତୀ ପଡିଆରେ ସାର୍ବଜନୀନ ପୂଜାକୁ ନେଇ ପ୍ରଶାସନ ଅନୁମତି ନ ଦେବାରୁ ଗ୍ରାମ ପରିବେଶ ଅଶାନ୍ତ ହୋଇଛି।

ଗତବର୍ଷ ଏହି ସ୍ଥାନରେ ୨ଗୋଷ୍ଠୀ ଭିନ୍ନ ଭାବେ ୨ଟି ବାସନ୍ତୀ ପୂଜା କରିବାକୁ ଅଡି ବସିଥିବା ବେଳେ ସେଠାରେ କିଛିଦିନ ଧରି ଉତ୍ତେଜନା ପ୍ରକାଶ ପାଇଆସିଥିଲା। ଏହି ବିବାଦୀୟ ଘଟଣା ଜିଲା ପ୍ରଶାସନ ଅବଗତ ହେବା ପରେ ଭୋଗରାଇ ଥାନା ପରିସରରେ ଜିଲାପାଳଙ୍କ ନିର୍ଦ୍ଦେଶକ୍ରମେ ୨ ଗୋଷ୍ଠୀକୁ ଡାକି ପ୍ରଶାସନ ଆପୋଷ ସମାଧାନ ହେବା ଲାଗି ପ୍ରୟାସ କରାଯାଇଥିଲେ ମଧ୍ୟ ତାହା ସଫଳ ହୋଇ ନ ଥିଲା। ପରେ ମଧ୍ୟରାତ୍ରିରେ ୨ଟିପୂଜା ମଣ୍ଡପରେ ମା' ବାସନ୍ତୀଙ୍କ ସହିତ ପାର୍ଶ୍ୱଦେବୀଦେବଙ୍କ ମୁଣ୍ଡ କାଟ ଘଟଣାକୁ କେନ୍ଦ୍ର କରି ପଞ୍ଚାୟତ ଅଶାନ୍ତ ହୋଇପଡିଥିଲା।

- ୧୬୩ ଧାରା ଜାରି
- ୧୧ଦିନ ହେବନି ପୂଜା, ମେଳା, ସଭାସମିତି ଓ ଶୋଭାଯାତ୍ରା

ଶାନ୍ତିଶୃଙ୍ଖଳା ନିମନ୍ତେ ସେଠାରେ ଉପଖଣ୍ଡ ମାଜିଷ୍ଟ୍ରେଟ ବାଲେଶ୍ୱରଙ୍କ ୧୬୩ ଭାରତୀୟ ନାଗରିକ ସୁରକ୍ଷା ସଂହିତା ଆଦେଶନାମା ଜାରି କରିଥିଲେ। ଚଳିତବର୍ଷ ମଧ୍ୟ ଏହି ସ୍ଥାନରେ ଅନୁରୂପ ଭାବେ ସାର୍ବଜନୀନ ମା' ବାସନ୍ତୀଙ୍କ ମୂର୍ତ୍ତି ନିର୍ମାଣକୁ ନେଇ ପୁଣି ବିବାଦମାନସ୍ଥିତ ଉପୁଜିବାରୁ ଖାତା ନଂ. ୨୭୫ ପ୍ଲଟ ନଂ. ୧୦୫୧, ୧୦୫୩ ଓ ୧୦୫୪ ବାସନ୍ତୀ ପଡିଆ ଅଞ୍ଚଳ ଓ ବାପୁଜୀ ପାଠାଗାର ନିକଟସ୍ଥ ଅଞ୍ଚଳରେ ବାଲେଶ୍ୱର ଉପଖଣ୍ଡ ମାଜିଷ୍ଟ୍ରେଟଙ୍କ ନିର୍ଦ୍ଦେଶକ୍ରମେ ୧୬୩ ଜାରି କରାଯାଇଛି। ସେଠାରେ ୧୧ଦିନ କୌଣସି ସଭାସମିତି, ଧର୍ମଘଟ, ଆନ୍ଦୋଳନ ଶୋଭାଯାତ୍ରା ହୋଇପାରିବ ନାହିଁ ବୋଲି କାନ୍ଥବାଡ଼ରେ ପ୍ରଶାସନ ନୋଟିସ ଲଗାଇବା ସହିତ ଉଭୟ ପୂଜା କମିଟିକୁ ନୋଟିସ୍ ଦେଇ ଆଇନ ଉଲଂଘନ କଲେ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି ପ୍ରଶାସନ ଭୋଗରାଇ ଥାନା ମାଧ୍ୟମରେ ଚେତାବନୀ ଦେଇଛନ୍ତି। ଏହି ଘଟଣାକୁ ନେଇ ୨ ଗୋଷ୍ଠୀ ମଧ୍ୟରେ ଅସନ୍ତୋଷ କୁହୁଳିବାରେ ଲାଗିଛି।

# ଟ୍ରାକ୍ଟର ଓଲଟି ୪ ଶିଶୁଙ୍କ ସମେତ ୧୫ ଗୁରୁତର

ଉମରକୋଟ, ୨୩।୩
(ସନ୍ତୋଷ ଶତପଥୀ)

ବିବାହ କାର୍ଯ୍ୟରେ ଯୋଗ ଦେବାକୁ ଯିବା ସମୟରେ ଭାରସ୍ୟମ ହରାଇ ଓଲଟିଲା ଟାକ୍ଟର। ଏଥିରେ ଥିବା ୨୫ଙ୍କ ମଧ୍ୟରୁ ୧୫ ଜଣ ଗୁରୁତର ଅଛନ୍ତି। ଗୁରୁତରଙ୍କ ମଧ୍ୟରେ ୪ଜଣ ଶିଶୁ ଥିବା ଜଣାପଡ଼ିଛି। ସୂଚନାନୁଯାୟୀ ନବରଙ୍ଗପୁର ଜିଲା ଡାବୁଗାଁ ବ୍ଲକ ପର୍ଶୁବେଡ଼ା ଗ୍ରାମରୁ ଉମରକୋଟ ବ୍ଲକ ତୋହରା ପଞ୍ଚାୟତର ପଣ୍ଡ୍ରିପକନା ଗ୍ରାମକୁ ବିବାହ ଉତ୍ସବରେ ଯୋଗ ଦେବାକୁ ଯାଉଥିଲେ। ଏହି ସମୟରେ କେରିପଦର ନିକଟରେ ଭାରସ୍ୟମ ହରାଇ ଟ୍ରାକ୍ଟରଟି ଓଲଟି ପଡ଼ିଥିଲା। ସମସ୍ତ ଗୁରୁତରଙ୍କୁ ଆମ୍ବୁଲାନ୍ସ ଯୋଗେ ଉମରକୋଟ ଉପଖଣ୍ଡ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରାଯାଇଛି।


ଗୁରୁତରଙ୍କୁ ଚିକିତ୍ସା ପାଇଁ ନିଆଯାଉଛି।

# ୧୦ବର୍ଷରେ ମୁଖ କର୍କଟରେ ୩୧୫୭ ଜଣଙ୍କ ମୃତ୍ୟୁ

ଭୁବନେଶ୍ୱର, ୨୩।୩(ବନ୍ଦନା ସେଠୀ)

ରାଜ୍ୟରେ ଗୁଟ୍‌ଖା ଓ ତମାଖୁଜନିତ ପଦାର୍ଥର ବହୁଳ ବ୍ୟବହାର ହେଉଥିବାବେଳେ ଏହି କାରଣରୁ ମୁଖ କର୍କଟ ରୋଗ ଦ୍ରୁତ ଗତିରେ ବଢ଼ି ଚାଲିଛି। ଏସବୁ ନିଶା ଦ୍ରବ୍ୟରେ ଥିବା ବିଷାକ୍ତ ନିକୋଟିନ ଓ ରାସାୟନିକ ପଦାର୍ଥ ମୁଖ, ଗଳା ଓ ଫୁସଫୁସ କର୍କଟର ମୁଖ୍ୟ କାରଣ ସାଜୁଛି। ଗତ ୧୦ବର୍ଷରେ ରାଜ୍ୟରେ କେବଳ ମୁଖ କର୍କଟ ରୋଗରେ ୩ହଜାର ୧୫୭ଜଣ ଲୋକଙ୍କ ମୃତ୍ୟୁ ହୋଇଛି। ସୋମବାର ବିଧାନସଭାରେ କଂଗ୍ରେସ ବିଧାୟକ ପବିତ୍ର ସାଉଁତାଙ୍କ ପ୍ରଶ୍ନର ଉତ୍ତରରେ ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରୀ ଡ. ମୁକେଶ ମହାଲିଙ୍ଗ ଏହି ତଥ୍ୟ ରଖିଛନ୍ତି। ଗୁଟ୍‌ଖା ଓ ତମାଖୁ ଜନିତ ପଦାର୍ଥର ବ୍ୟବହାର



ନିୟନ୍ତ୍ରଣ କରିବା ପାଇଁ ସିଗାରେଟ ଓ ଅନ୍ୟାନ୍ୟ ତମାଖୁ ଜାତୀୟ ଦ୍ରବ୍ୟ ନିୟନ୍ତ୍ରଣ ଅଧିନିୟମ ୨୦୦୩ ଦ୍ୱାରା ସର୍ବସାଧାରଣ ଧୂମପାନ ଏବଂ ୧୮ ବର୍ଷରୁ କମ୍ ବୟସର ବ୍ୟକ୍ତି ଓ ଶିକ୍ଷା ଅନୁଷ୍ଠାନର ୧୦୦ ଗଜ ଦୂରତା ମଧ୍ୟରେ ତମାଖୁ ବିକ୍ରୟକୁ ବାରଣ କରାଯାଇଛି। ଏଥିସହ ଗତ ୧୦ ବର୍ଷ ମଧ୍ୟରେ ୬୨ହଜାର ୫୪୨ଜଣ ଉଲ୍ଲଂଘନକାରୀଙ୍କଠାରୁ ୮କୋଟି ୩୪ଲକ୍ଷ ୫୨ହଜାର ୫୫୨ଟଙ୍କା ଜରିମାନା ଆଦାୟ କରାଯାଇଛି। ଧୂଆଁ ବିହୀନ ତମାଖୁକୁ ବନ୍ଦ କରିବାକୁ ରାଜ୍ୟ ସରକାର ଚଳିତବର୍ଷ ଜାନୁଆରୀ ୨୧ରେ ଏକ ନିର୍ଦ୍ଦେଶନାମା ଜାରି କରିଥିବା ସ୍ୱାସ୍ଥ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି।


Jharkhand Tourism
Nature's Hidden Jewel

**Directorate of Tourism,**
**Government of Jharkhand**
**MDI Building, 2nd floor, HEC Campus, Dhurwa, Ranchi-04 Tele Fax : 0651-2331828**
**Email: dirjhakhandtourism@gmail.com/ jtdcltd@gmail.com**

Ref. No.:- 305/2026 Dated:- 23/03/2026

Jharkhand Tourism Development Corporation Ltd. (JTDCL), Ranchi—A Govt. of Jharkhand Undertaking—is inviting applications for a senior contractual position to lead hospitality operations, estate management, service quality, and revenue growth. Key qualifications, experience requirements, number of posts, and remuneration details are provided below:

**HIRING ON CONTRACT – 2026**

**Applications are invited for the post of:General Manager (Hospitality & Estate) – 01 Post**

| | |
|---|---|
| Eligibility | Bachelor's degree in Hotel/Hospitality/Tourism Management; 12 years' experience in tourism/hospitality including 6 years in 5 star or above hotels. |
| Age Limit | Max 45 years (relaxation as per Govt. norms). |
| Remuneration | ₹1,06,500/- per month + applicable deductions. |
| Contract | 5 years (initially 1 year, extendable annually). |
| Selection | Multiple interview rounds |
| Last Date to Apply | 11.04.2026 (5 PM) (Extended) |

For Application Form & Complete Details:- Visit https://jtdcl.jharkhand.gov.in/
Apply by Speed Post to: Managing Director, JTDCL, 6th Floor, JUPMI Building, Dhurwa, Ranchi – 834004.
Sd/-
PR 375851 Tourism, Art Culture Sports And Youth Affairs (25-26).D Deputy Director



**कार्यपालक अभियंता का कार्यालय**
**ग्रामीण विकास विशेष प्रमण्डल, चतरा**

**ई–निविदा आमंत्रण सूचना।**

डी0एम0एफ0टी0 मद से चतरा जिलान्तर्गत योजनाओं के क्रियान्वयन हेतु ग्रामीण विकास विभाग (ग्रामीण कार्य मामले), झारखण्ड सरकार द्वारा समुचित श्रेणी के निबंधित संवेदको से द्वि (Two) लिफाफा पद्धति के अंतर्गत निविदा आमंत्रित की जाती है। ई–निविदा सूचना संख्या :– RDD/SD/CHATRA/10/2025-26/RE-1

1. कार्य की विस्तृत विवरणी :–

| ग्रुप० सं० | प्रखण्ड | पंचायत | ग्राम | कार्य का नाम | प्राक्कलित राशि | अग्रधन की राशि | परिमाण विपत्र का मूल्य | कार्य पूर्ण करने की अवधि | लिफाफा पद्धति |
|---|---|---|---|---|---|---|---|---|---|
| 1 | टण्डवा | बचरा उत्तरी | हेमनदाग | Construction of High Level RCC Girder Bridge on Hemandag Nala at-Hemandag Main Road, Bachratand. | 28435310.00 | 568800.00 | 10000.00 | 18 माह | द्वि (Two) |

2. वेबसाईट में निविदा प्रकाशन की तिथि – 01.04.2026
3. ई–निविदा प्राप्ति की तिथि एवं समय – दिनांक–01.04.2026 से दिनांक–15.04.2026 के अपराह्न 05:00 बजे तक
4. ई–निविदा खोलने का स्थान – कार्यपालक अभियंता का कार्यालय, ग्रामीण विकास विशेष प्रमण्डल, चतरा।
5. ई–निविदा खोलने की तिथि एवं समय – 17.04.2026 अपराह्न 02:00 बजे
6. ई–निविदा आमंत्रित करने वाले पदाधिकारी का नाम एवं पता :– कार्यपालक अभियंता, ग्रामीण विकास विशेष प्रमंडल, चतरा।
7. ई–निविदा प्रकोष्ठ का दूरभाष सं० – 9431060939 (संबंधित कार्यपालक अभियंता का दूरभाष नम्बर)
8. परिमाण विपत्र की राशि घट–बढ़ सकती है, तदनुसार अग्रधन की राशि देय होगी।
9. निविदा शुल्क एवं अग्रधन की राशि केवल Online Mode द्वारा स्वीकार्य होगी।
10. निविदा भुल्क एवं अग्रधन की राशि का ई–भुगतान जिस खाता से किया जायेगा, उसी खाते में अग्रधन की राशि वापस होगी। अगर खाता को बन्द कर दिया जाता है तो उसकी सारी जवाबदेही आपकी होगी।
विस्तृत जानकारी के लिये वेबसाईट www.jharkhandtenders.gov.in एवं कार्यालय की सूचना पट्ट पर देखा जा सकता है।

कार्यपालक अभियंता,
ग्रामीण विकास विशेष प्रमंडल, चतरा।

PR.NO.375855 Rural Development(25-26):D



**KEONJHAR CENTRAL CO-OPERATIVE BANK LTD.**
AT/PO : KEONJHARGARH, KEONJHAR - 758001 (Odisha)
କେନ୍ଦୁଝର କେନ୍ଦ୍ର ସମବାୟ ବ୍ୟାଙ୍କ ଲିଃ
ସା:ପୋ - କେନ୍ଦୁଝରଗଡ଼, କେନ୍ଦୁଝର-୭୫୮୦୦୧ (ଓଡ଼ିଶା)
Email : kendujharccb@gmail.com
Telephone : (06766) 255183, 251745, Fax : 253137
No.KCCB/8342/2025-26 Date : 23.03.2026

**QUOTATION CALL NOTICE**

Sealed quotations are hereby invited from Registered Renowned Architectural Firms / Engineering Consultancy Firm for the interior works of Conference Hall, Anandapur Branch of Keonjhar Central Co-operative Bank. So, the intending bidders/firms may obtain detail information and inspect the Bidding Documents at Office of the Chief Executive Officer, Keonjhar Central Co-operative Bank, Keonjhar-758001 from 11.00 A.M. of the Dt.24.03.2026 to 5.00 P.M. of the Dt.02.04.2026
Sd./- Chief Executive Officer



**ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା**
ସଚିବାଳୟ ମାର୍ଗ, ଭୁବନେଶ୍ୱର-୭୫୧୦୦୧
ଫୋନ୍- (୦୬୭୪) ୨୩୯୩୫୨୪
ଇପିବିଏକ୍ସ: (୦୬୭୪) ୨୩୯୧୫୪୨, ୨୩୯୦୧୪୧
ଫାକ୍ସ:(୦୬୭୪) ୨୩୯୩୯୫୨, ୱେବ୍‌ସାଇଟ୍ www.oshb.org
ପତ୍ରସଂଖ୍ୟା ୫୯ (A) ତା.୦୯.୦୩.୨୬

**ବିଜ୍ଞାପନ**

No.13001/761/2526:ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛି କି ଛେଣ୍ଡ, ତୃତୀୟ ପର୍ଯ୍ୟାୟ, ରାଉରକେଲା ଗୃହ ନିର୍ମାଣ ପ୍ରକଳ୍ପରେ ଘର ନଂ. ଏଚ୍‌ଆଇଜି-ବି-୧୦୧ (HIG-B-101) କୁ (୧) ଶ୍ରୀମତୀ ଶୁଭ୍ରା ଦାସ, ସ୍ୱାମୀ-ସ୍ୱ ରଣେନ୍ଦ୍ର ମୋହନ ଦାସ, (୨) ଶ୍ରୀ ଦେବାଶିଷ ଦାସ, ପିତା-ସ୍ୱ ରଣେନ୍ଦ୍ର ମୋହନ ଦାସ, (୩) ଶ୍ରୀ ମିଥୁନ ଦାସ, ପିତା-ସ୍ୱ ରଣେନ୍ଦ୍ର ମୋହନ ଦାସ, ଘର ନଂ.-ଏଚ୍‌ଆଇଜି-ବି-୧୦୧, ଛେଣ୍ଡ, ତୃତୀୟ ପର୍ଯ୍ୟାୟ, ପୋ-ରାଉରକେଲା-୧୫, ଥାନା- ଛେଣ୍ଡ, ଜିଲ୍ଲା-ସୁନ୍ଦରଗଡ଼ଙ୍କୁ ଆବଣ୍ଟନ କରାଯାଇଥିଲା। ବର୍ତ୍ତମାନ ଆବଣ୍ଟନଗ୍ରହୀତା ଶ୍ରୀମତୀ ଶୁଭ୍ରା ଦାସ ନିଜେ ଏବଂ ଶ୍ରୀ ଦେବାଶିଷ ଦାସ ଓ ଶ୍ରୀ ମିଥୁନ ଦାସଙ୍କର କ୍ଷମତାପ୍ରାପ୍ତ ଅଧିକାରୀ ଭାବେ ଉକ୍ତ ଗୃହଟିକୁ ତୃତୀୟ ପକ୍ଷ ଅନ୍ତରୀଣ ଆଧାରରେ ଲୀନା ଠାକୁର, ସ୍ୱାମୀ- ଅକ୍ଷୟ କୁମାର ଠାକୁର, ସା-ଘର ନଂ.-ଏଚ୍‌ଆଇଜି-ବି-୧୭୬, ଛେଣ୍ଡ, ତୃତୀୟ ପର୍ଯ୍ୟାୟ କଳିଙ୍ଗ ବିହାର, ପୋ-ରାଉରକେଲା, ଥାନା-ଛେଣ୍ଡ, ଜିଲ୍ଲା-ସୁନ୍ଦରଗଡ଼ଙ୍କ ନାମରେ ମାଲିକାନା ପରିବର୍ତ୍ତନ କରିବା ପାଇଁ ଏହି କର୍ତ୍ତୃପକ୍ଷଙ୍କୁ ଅନୁରୋଧ କରିଅଛନ୍ତି।
ଉକ୍ତ ପ୍ରକଳ୍ପ ଗୃହର ମାଲିକାନା ପରିବର୍ତ୍ତନ ସମ୍ବନ୍ଧରେ ଯଦି କାହାର କିଛି ଦାବି/ଆପତ୍ତି ଥାଏ, ତା'ହେଲେ ଏହି ନୋଟିସ୍ ପ୍ରକାଶନର ପନ୍ଦର ଦିନ ମଧ୍ୟରେ ଉପଯୁକ୍ତ ପ୍ରମାଣ ସହ ନିମ୍ନ ସ୍ୱାକ୍ଷରକାରୀଙ୍କୁ ଲିଖିତ ଭାବେ ଜଣାଇବେ। ତତ୍‌ପରେ ଏ ସମ୍ବନ୍ଧରେ କୌଣସି ଆପତ୍ତି ଅଭିଯୋଗ ଶୁଣାଯିବ ନାହିଁ ଏବଂ ଗୃହଟିର ମାଲିକାନା ପରିବର୍ତ୍ତନ ଆଇନ ଅନୁଯାୟୀ କରାଯାଇପାରେ।
ସ୍ୱା./- ପ୍ରଶାସନିକ ଅଧିକାରୀ
ଓଡ଼ିଶା ରାଜ୍ୟ ଗୃହ ନିର୍ମାଣ ସଂସ୍ଥା
OIPR-13001/13030/1/25-26/0115



**ମୁଖ୍ୟ ନିର୍ମାଣ ଯନ୍ତ୍ରୀଙ୍କ କାର୍ଯ୍ୟାଳୟ, ଗ୍ରାମ୍ୟ ନିର୍ମାଣ ମଣ୍ଡଳ, ବ୍ରହ୍ମପୁର**
(ଗ୍ରାମ୍ୟ / ପୋଷ୍ଟ - ଆୟପୁଆ, ଆୟକର ଭବନ ନିକଟରେ, ବ୍ରହ୍ମପୁର - ୭୬୦୦୧୧, ଗଞ୍ଜାମ, ଓଡ଼ିଶା)
**OFFICE OF THE CHIEF CONSTRUCTION ENGINEER, RURAL WORKS CIRCLE, BERHAMPUR**
(At/PO-Ambapua, Near Income Tax Office, Berhampur-760011, Ganjam, Odisha)
(E-Mail : serwbpr2004@yahoo.com, Tel No.: 0680-2404287)

**NOTICE**
**FOR PRADHAN MANTRI GRAM SADAK YOJANA (PMGSY)**
**NATIONAL COMPETITIVE BIDDING THROUGH "e"-Procurement**
**Bid Identification No. Online Tender/63-2025-26/PMGSY/BPR**

**No.25001/361/2526** : **The Chief Construction Engineer, Rural Works Circle, Berhampur on behalf of Odisha State Rural Road Agency invites the percentage** rate bids in electronic tendering system for construction of Roads & Bridges under Pradhan Mantri Gram Sadak Yojana **(Balance Work)** in the districts of **Kandhamal for 01 (One)** number of packages with estimated cost totalling to **Rs.7.18 Cr (Approximate)** including their maintenance for five years from the eligible contractors registered with **State PWD/ CPWD/MES/Railways**. The registered bidder of outside Odisha, can also participate in this process, but shall have to subsequently undergo registration with the appropriate authority of the State Govt. preferably within a month of the deadline for bid submission, but prior to signing of the contract
Date of release of Invitation for Bids through e-procurement. Dtd. 26.03.2026
**Availability of Bid Documents and mode of submission :** The bid document is available online and should be submitted online in www.pmgsytenders.gov.in. The bidder would be required to register in the web-site which is free of cost. For submission of the bids, the bidder is required to have a valid Digital Signature Certificate (DSC) from one of the authorized Certifying Authorities. The bidders are required to submit (a) original Demand Draft towards the cost of bid document and (b) original bid security in approved form and (c) original affidavit regarding correctness of information furnished with bid document as per provisions of Clause 4.4 B (a) (ii) of ITB with **Chief Construction Engineer, Rural Works Circle, Berhampur // Superintending Engineer, R.W.Division, Phulbani on a date not later than three working days after the opening of technical qualification part of the Bid, either by registered post or by hand,** failing which the bids shall be declared non-responsive.
**Last Date/Time for receipt of bids through e-procurement: 09.04.2026 upto 5.30 P.M**
**For further details and corrigendum (if any) please log on to www.pmgsytenders.gov.in.**
Sd./- Chief Engineer
OIPR-25001/25071/1/25-26/0025 R.W.Circle, Berhampur



**OFFICE OF THE SUPERINTENDING ENGINEER, ELECTRICAL CIRCLE (R&B) NIRMAN SOUDHA, BHUBANESWAR**
E-mail : seec.bbsr2010@gmail.com
**Bid Identification No.S.E.E.C (R&B) 37/2025-26**
**No.1163/Date 20.03.2026**

**No.34001/253/2526** : The Superintending Engineer, Electrical Circle (R&B), Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.26.03.2026 at 05.00 P.M. to dt.10.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.13.04.2026 at 11.30 A.M. in the Office of the Superintending Engineer, Electrical Circle (R&B), Odisha, Bhubaneswar. Further details can be seen from the e-procurement portal www.tendersorissa.gov.in.
Addendum / Corrigendum, if required, will be available only in the Website.
Sd./- Superintending Engineer
OIPR-34001/34006/1/25-26/0026 Electrical Circle (R&B), Odisha, BBSR



No.14001/24/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4818/25-26/762 Dated : 18.03.2026
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : Comprehensive Annual Maintenance Contract (CAMC) for OTIS Make Lift No.3 (Serial No. OTIS MY 3614) and Lift No. 4 (Serial No. OTIS MY 3615) at IDCO Towers, Janpath, Bhubaneswar.

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-152/2025-26 | 25.03.2026 at 17.00 Hrs. | 04.04.2026 at 17.00 Hrs. |

Further details can be seen from the e-procurement portal, www.tendersodisha.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website.**
Sd./- Divisional Head (Elect)-I
OIPR-14001/14003/1/25-26/0002 IDCO, Bhubaneswar



No.4001/85/2526
idco | ODISHA NEW OPPORTUNITIES
**OFFICE OF THE DIVISIONAL HEAD (ELECTRICAL)-I, IDCO, IDCO TOWER, BHUBANESWAR**
Tender Call Notice No. BBSR/ELECT/E-4819/25-26/767 Dated : 18.03.2026
**NOTICE INVITING TENDER UNDER NATIONAL COMPETITIVE BIDDING THROUGH e-Procurement**

1. Name of the work : **Comprehensive Annual Maintenance Contract (CAMC) For ThyssenKrupp Make Lift No. 6 (Serial No. 3-28-S7280) and Lift No. 7 (Serial No. 3-28-S7281) at Annex Building, IDCO Towers, Janpath, Bhubaneswar.**

| Procurement Officer | Bid Identification No. | Availability of Tender on-Line for Bidding | |
|---|---|---|---|
| | | From | To |
| 1 | 2 | 3 | 4 |
| D.H. (Elect)-I, IDCO, IDCO Tower, Janpath, Bhubaneswar | Bid ID. No. BBSR/ELECT/ e-151/2025-26 | 25.03.2026 at 17.00 Hrs. | 04.04.2026 at 17.00 Hrs. |

Further details can be seen from the e-procurement portal, www.tendersodisha.gov.in. Corrigendum or Addendum if any will not be published in newspapers and can be seen **in e-procurement portal** as well as in **IDCO website.**
Sd./- Divisional Head (Elect)-I
OIPR-4001/4075/1/25-26/0028 IDCO, Bhubaneswar

**ଶିବିରରୁ ୩୩ ୟୁନିଟ୍ ରକ୍ତ ସଂଗ୍ରହ**

ବ୍ରଜରାଜନଗର, (ବିଜୟ ବରାଡ଼): ସହିଦ୍ ଭଗତ୍ ସିଂ ବଳିଦାନ ଦିବସ ଉପଲକ୍ଷେ ରାଷ୍ଟ୍ରହିତ ରକ୍ଷା ସଂଘ ପକ୍ଷରୁ ରକ୍ତ ଦାନ ଶିବିର ବ୍ରଜରାଜନଗର ପୌର ପରିଷଦ କଲ୍ୟାଣ ମଣ୍ଡପ ପରିସରରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ପୂର୍ବତନ ବିଧାୟିକା ଅଳକା ମହାନ୍ତି ଯୋଗଦେଇ ଶିବିରକୁ ଉଦ୍‌ଘାଟନ କରିଥିଲେ। ଏହି ଶିବିରରୁ ମୋଟ ୩୩ ୟୁନିଟ୍ ରକ୍ତ ସଂଗ୍ରହ କରାଯାଇଥିଲା। ରାଷ୍ଟ୍ରହିତ ରକ୍ଷା ସଂଘର ସଭାପତି ରାଧାକାନ୍ତ ପ୍ରଧାନ, ମୁଖ୍ୟ ପୃଷ୍ଠପୋଷକ ରବି ସୋନି କାର୍ଯ୍ୟକ୍ରମରେ ସହାୟତା କରିଥିଲେ।

# ସୁରକ୍ଷା, ଶୃଙ୍ଖଳା ଉପରେ ଗୁରୁତ୍ୱାରୋପ

- ରାମ ନବମୀ, ହନୁମାନ ଜୟନ୍ତୀ ପାଇଁ ସମନ୍ୱୟ କମିଟି ବୈଠକ
- ମୁତୟନ ହେବେ ୩୦ ପ୍ଲାଟୁନ୍ ପୋଲିସ ଫୋର୍ସ
- ସିସି କ୍ୟାମେରା, ଡ୍ରୋନ ନଜରରେ ରହିବ ସମ୍ବେଦନଶୀଳ ସ୍ଥାନ



ଶାନ୍ତି ଓ ସମନ୍ୱୟ କମିଟି ବୈଠକରେ ମଞ୍ଚାସୀନ ଅଧିକାରୀମାନେ।

ସମ୍ବଲପୁର, ୨୩।୩(ପ୍ରମୋଦ ବହିଦାର)

ସମ୍ବଲପୁରରେ ଆସନ୍ତା ୨୬ ତାରିଖରେ ରାମ ନବମୀ ଓ ଏପ୍ରିଲ ୧୪ତାରିଖରେ ପାଳିତ ହେବ ହନୁମାନ ଜୟନ୍ତୀ। ଉଭୟ ଉତ୍ସବକୁ ଶାନ୍ତିଶୃଙ୍ଖଳାର ସହ ପାଳନ କରିବା ପାଇଁ ଜିଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦରଙ୍କ ଅଧ୍ୟକ୍ଷତାରେ ସୋମବାର ଶାନ୍ତି ଓ ସମନ୍ୱୟ କମିଟି ବୈଠକ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଉଭୟ ପର୍ବକୁ ସୁରକ୍ଷିତ ଓ ଶୃଙ୍ଖଳାର ସହିତ ପାଳନ କରିବାକୁ ଏହି ବୈଠକରେ ବିଶେଷ ଗୁରୁତ୍ୱ ଦିଆଯାଇଥିଲା। ସ୍ଥାନୀୟ ଜିଲା ପରିଷଦ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ବୈଠକରେ ଉତ୍ତରାଞ୍ଚଳ ଆଇଜି ହିମାଂଶୁ ଲାଲ, ଏସ୍‌ପି ମୁକେଶ କୁମାର ଭାମୁ, ଏସ୍‌ଏମ୍‌ସି ଆୟୁକ୍ତ ରେହାନ ଖତ୍ରୀଙ୍କ ସମେତ ଜିଲା ପ୍ରଶାସନ ଓ ପୋଲିସ ବିଭାଗର ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ। ଏଥିରେ ସବରର ବହୁ ବିଶିଷ୍ଟ ବ୍ୟକ୍ତି, ବିଭିନ୍ନ ଅନୁଷ୍ଠାନ କର୍ମକର୍ତ୍ତା ଏବଂ ସମନ୍ୱୟ କମିଟି ସଦସ୍ୟମାନେ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। ସେଥିମଧ୍ୟରେ ଉତ୍ସବର ସମୟରେ ସହରରେ ପାନୀୟ ଜଳ, ଆଲୋକୀକରଣ, ପରିମଳ ବ୍ୟବସ୍ଥା, ସଫେଇ, ମଶା ଉପଦ୍ରବ ରୋକିବାକୁ ଦାବି ହୋଇଥିଲା। ତେବେ ବିନା କାରଣ ଓ ପୂର୍ବ ସୂଚନାରେ ବିଦ୍ୟୁତ ସଂଯୋଗ ଛିନ୍ନ କରାଯାଉଥିବା ଏବଂ ପୋଲିସ ପକ୍ଷରୁ ସୁରକ୍ଷା ଆଳରେ ସାଧାରଣ ଜନତା, ସମାଜସେବୀ, କେତେକ ଛାତ୍ରଙ୍କ ନାମରେ ଧାରା ୧୦୭ରେ ନୋଟିସ ଜାରିକୁ ନେଇ ସାଧାରଣରେ ଅସନ୍ତୋଷ ପ୍ରକାଶ କରାଯାଇଥିଲା। ତେବେ ଏହାର ସମାଧାନ କରାଯିବ ବୋଲି ଆଇଜି ପ୍ରତିଶ୍ରୁତି ଦେଇଥିଲେ। ସେହିପରି ସେ ଗତବର୍ଷ ଶୃଙ୍ଖଳିତ ହନୁମାନ ଜୟନ୍ତୀ ପାଳନ ପରି ଚଳିତ ବର୍ଷ ମଧ୍ୟ ସମାନ ଢଙ୍ଗରେ ସହଯୋଗ କରିବାକୁ ଜନସାଧାରଣଙ୍କ ସହିତ ହନୁମାନ ଜୟନ୍ତୀ ଆୟୋଜନ କମିଟିର କର୍ମକର୍ତ୍ତାଙ୍କୁ ସେ ନିବେଦନ କରିଥିଲେ।

ଏସ୍‌ପି ଭାମୁ କହିଥିଲେ, ରାମନବମୀ ଓ ହନୁମାନ ଜୟନ୍ତୀ ଉତ୍ସବର ସୁରୁଖୁରୁ ପରିଚାଳନା ପାଇଁ ଜିଲା ପ୍ରଶାସନ ଓ ପୋଲିସ ବିଭାଗ ପକ୍ଷରୁ ପ୍ରସ୍ତୁତି କରାଯାଇଛି। ଏଥିରେ ସୁରକ୍ଷାକୁ ସର୍ବାଧିକ ପ୍ରାଥମିକତା ଦିଆଯିବ। ସହରର ବିଭିନ୍ନ ସ୍ଥାନ ବିଶେଷ କରି ବିଭିନ୍ନ ସମ୍ବେଦନଶୀଳ ସ୍ଥାନ ଉପରେ ସିସି କ୍ୟାମେରା, ଡ୍ରୋନ କ୍ୟାମେରା ଜରିଆରେ ତୀକ୍ଷ୍ଣ ନଜର ରଖାଯିବ। ଏଥିସହ ବେଆଇନ୍ ନିଶାଦ୍ରବ୍ୟ ବିକ୍ରି ଉପରେ କଟକଣା ଜାରି କରାଯିବ। ଶାନ୍ତି ଭଙ୍ଗ କରୁଥିବା ଅସାମାଜିକ ତତ୍ତ୍ୱଙ୍କ ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ଏସ୍‌ପି କହିଛନ୍ତି। ମଙ୍ଗଳବାରଠାରୁ ସହରରେ ସୁରକ୍ଷା ଜନିତ ଫ୍ଲାଗମାର୍ଚ୍ଚ ଆରମ୍ଭ ହେବ। ତେବେ ଉତ୍ସବ ସମୟରେ ସୁରକ୍ଷା ପାଇଁ ୩୦ ପ୍ଲାଟୁନ ପୋଲିସ ଫୋର୍ସ ମୁତୟନ କରାଯିବ। ଆବଶ୍ୟକସ୍ଥଳେ ପୋଲିସ ଫୋର୍ସକୁ ବୃଦ୍ଧି କରାଯିବ। ୧୦୭ରେ ନୋଟିସ ଜାରିକୁ ନେଇ ସୃଷ୍ଟି ଅସନ୍ତୋଷକୁ ନେଇ ସେ ଏହାକୁ ପ୍ରଶାସନ ପକ୍ଷରୁ କେବଳ ଏକ ପ୍ରତିଷେଧାତ୍ମକ ବ୍ୟବସ୍ଥା ବୋଲି ଏସ୍‌ପି ସ୍ପଷ୍ଟ କରିଥିଲେ।

ଉତ୍ସବ ସମୟରେ ସହରରେ ଆଲୋକୀକରଣ, ପାନୀୟ ଜଳଠାରୁ ଅରମ୍ଭ କରି ପରିମଳ, ସଫେଇ, ଡ୍ରେନେଜ୍ ଆଦି ପରିଚାଳନାକୁ ଗୁରୁତ୍ୱ ଦିଆଯିବ ବୋଲି ଜିଲାପାଳ ବୋନ୍ଦେର ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅତିରିକ୍ତ ଆରକ୍ଷୀ ଅଧିକ୍ଷକ ଅଜୟ କୁମାର ମିଶ୍ର, ଶ୍ରୀମନ୍ତ ବାରିକ, ଶଶାଙ୍କ ଶେଖର ବେହୁରା(ଡିଆଇବି), ଜିଲା ପରିଷଦ ଉନ୍ନୟନ ଓ କାର୍ଯ୍ୟନିର୍ବାହୀ ଅଧିକାରୀ ପ୍ରସନ୍ନ ପାତ୍ର, ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡା ପ୍ରମୁଖ ମଞ୍ଚାସୀନ ଥିଲେ।

## ସ୍ୱାଧୀନତା ସଂଗ୍ରାମୀଙ୍କୁ ଶ୍ରଦ୍ଧାଞ୍ଜଳି

ଝାରସୁଗୁଡ଼ା, ୨୩।୩(ଆଶିଷ ରଞ୍ଜନ ଦାଶ)

ସ୍ୱାଧୀନତା ସଂଗ୍ରାମୀ ଶହୀଦ ଭଗତ୍ ସିଂ, ସୁଖଦେବ ଏବଂ ରାଜଗୁରୁଙ୍କ ବଳିଦାନକୁ ମନେ ପକାଇ ସୋମବାର ମଙ୍ଗଳ ବଜାରସ୍ଥିତ ଝାରସୁଗୁଡ଼ା ଯୁବ ସଂଘ ମୁଖ୍ୟ କାର୍ଯ୍ୟାଳୟ ପରିସରରେ ଶ୍ରଦ୍ଧାଞ୍ଜଳିସଭା ଅନୁଷ୍ଠିତ ହୋଇଯାଇଛି। ଏଥିରେ ବହୁ ସଂଖ୍ୟାରେ ଯୁବନେତା, ସାମାଜିକ କର୍ମୀ ଏବଂ ସ୍ଥାନୀୟ ବାସିନ୍ଦା ଯୋଗଦେଇ ୧୯୩୧ ମାର୍ଚ୍ଚ ୨୩ ତାରିଖରେ ଫାଶୀ ପାଇଥିବା ଭଗତ୍ ସିଂ, ଶିବରାମ ରାଜଗୁରୁ ଏବଂ ସୁଖଦେବ ଥାପରଙ୍କ ବୀରତ୍ୱକୁ ସମ୍ମାନ ଜଣାଇଥିଲେ। ଏହି ଅବସରରେ ଶହୀଦମାନଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ ସହ ପ୍ରଦୀପ ପ୍ରଜ୍ୱଳନ କରାଯାଇ ୨ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ଝାରସୁଗୁଡ଼ା ଯୁବ ସଂଘ ସଭାପତି ପୁରୁଷୋତ୍ତମ ମହାନ୍ତି କହିଥିଲେ, ଭଗତ୍ ସିଂ କେବଳ ଏକ ନାମ ନୁହନ୍ତି, ସେ ଏକ ଭାବନା। ଯାହା ପ୍ରତ୍ୟେକ ଭାରତୀୟଙ୍କ ମନରେ ଦେଶପ୍ରେମର ନିଆଁ ଜାଳିଦିଏ।

## ୨ ରେଲୱେ କର୍ମଚାରୀ ପୁରସ୍କୃତ




ରେଲୱେ କର୍ମଚାରୀଙ୍କୁ ମଣ୍ଡଳ ପ୍ରବନ୍ଧକ ପୁରସ୍କୃତ କରୁଛନ୍ତି।

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ସମ୍ବଲପୁର ମଣ୍ଡଳ ରେଳ ପ୍ରବନ୍ଧକ ସୁବାଷ ଚନ୍ଦ୍ର ଚୌଧରୀ ସୋମବାର ସତର୍କତା ଏବଂ ସୁରକ୍ଷିତ ଟ୍ରେନ ଚଳାଚଳ ପ୍ରତିକର୍ତ୍ତବ୍ୟନିଷ୍ଠା ପାଇଁ ୨ଜଣ ଲୋକେ ପାଇଲଟଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। ଟିଟିଲାଗଡ଼ ମେଲ ଏକ୍ସପ୍ରେସର ଲୋକୋ ପାଇଲଟ ଜି.ଏନ. ସାହୁ ଏବଂ ସିନିୟର ଟେକ୍ନିସିଆନ ପୁରୁଷୋତ୍ତମ ବାଗଙ୍କୁ ନିରାପତ୍ତା ନିୟମ ପାଳନ ପାଇଁ ଏହି ପୁରସ୍କାର ପ୍ରଦାନ କରାଯାଇଛି। ସେମାନଙ୍କ କର୍ତ୍ତବ୍ୟ ପ୍ରତି ନିଷ୍ଠା ଓ ସମର୍ପଣ ପାଇଁ ଉଭୟଙ୍କୁ ପ୍ରମାଣପତ୍ର ଏବଂ ନଗଦ ପୁରସ୍କାର ପ୍ରଦାନ କରି ସମ୍ମାନୀତ କରାଯାଇଛି। ଏହି ଅବସରରେ ସମ୍ବଲପୁରର ଅତିରିକ୍ତ ମଣ୍ଡଳ ରେଳ ପ୍ରବନ୍ଧକ ମନଜିତ ସିଂହ ସନସନୱାଲ, ସିନିୟର ଡିଭିଜନାଲ ଇଲେକ୍ଟ୍ରିକାଲ ଇଞ୍ଜିନିୟର ଧିରେନ୍ଦ୍ର ସିଂ, ସିନିୟର ଡିଭିଜନାଲ ମେକାନିକାଲ ଇଞ୍ଜିନିୟର ମନୀଷ କୁମାର ସିହ୍ନା ରାୟ, ବରିଷ୍ଠ ମଣ୍ଡଳ ନିରାପତ୍ତା ଅଧିକାରୀ, ସମ୍ଭିତ ସୌରଭ ନାୟକ ଉପସ୍ଥିତ ଥିଲେ।

## ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା

ଝାରସୁଗୁଡ଼ା, ୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ସଦର ବ୍ଲକ୍ ଅନ୍ତର୍ଗତ ବଡ଼ମାଳ ବାପୁଜୀ ସରକାରୀ ଉଚ୍ଚ ପ୍ରାଥମିକବିଦ୍ୟାଳୟଠାରେ ସୋମବାର ୧୭ଟି କ୍ଲଷ୍ଟରର ବିଭିନ୍ନ ବିଦ୍ୟାଳୟରୁ ଆସିଥିବା ୩୪ ଜଣ ଶିକ୍ଷୟିତ୍ରୀ, ଶିକ୍ଷକଙ୍କୁ ନେଇ କ୍ଲଷ୍ଟରୀୟ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତି କର୍ମଶାଳା ଅନୁଷ୍ଠିତ ହୋଇଯାଇଛି। ଶିକ୍ଷୟିତ୍ରୀ, ଶିକ୍ଷକ ପାଠ୍ୟକ୍ରମ ଆଧାରିତ ଏଫ୍‌ଏଲ୍‌ଏନ୍ ଶ୍ରେଣୀ ପାଇଁ ଭାଷା ଓ ଗଣିତ ଶିକ୍ଷା ନିମନ୍ତେ ବିଭିନ୍ନ ଶିକ୍ଷଣ ସାମଗ୍ରୀ ପ୍ରସ୍ତୁତ କରିଥିଲେ। ଏଥିରେ ଅତିଥି ଭାବେ ଗୋଷ୍ଠୀ ଶିକ୍ଷା ଅଧିକାରୀ ଅନିଲ କୁମାର ପଟେଲ, ଅତିରିକ୍ତ ଗୋଷ୍ଠୀ ଶିକ୍ଷା ଅଧିକାରୀ ସୁଶାନ୍ତ କୁମାର ହୋତା ଯୋଗଦେଇଥିଲେ। ପ୍ରଧାନ ଶିକ୍ଷୟିତ୍ରୀ କମଳା ସାହୁ ,ସିଆର୍‌ସିସି ବିକାଶ ନାଏକ ଓ ସୂରଜ ପଟେଲ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

# ଜଳ ସଞ୍ଚୟ ଜୀବନକୁ ସୁରକ୍ଷିତ ରଖିବ

**ଆଇଆଇଏମ ସମ୍ବଲପୁରରେ ବିଶ୍ୱ ଜଳ ଉତ୍ସବ**

ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ଆଇଆଇଏମ ସମ୍ବଲପୁରରେ ୟୁଥ ଫର୍ ୱାଟର-ଇଣ୍ଡିଆ ଦ୍ୱାରା ଆମର ଜଳାଶୟ, ଆମର ଗୌରବ ବିଷୟକୁ ନେଇ ବିଶ୍ୱ ଜଳ ଉତ୍ସବ ସୋମବାର ଆୟୋଜିତ ହୋଇଛି । ଯୁବ ଗୋଷ୍ଠୀର ନେତୃତ୍ୱରେ ଲୋକଙ୍କ ସକ୍ରିୟ ସହଯୋଗରେ ଜଳ ସଂରକ୍ଷଣ ଓ ଜଳବାୟୁ କାର୍ଯ୍ୟ ପ୍ରତି ସଚେତନତା ବୃଦ୍ଧିକରିବା ଏହିକାର୍ଯ୍ୟକ୍ରମର ଲକ୍ଷ୍ୟ ରଖାଯାଇଛି। ଏହି ଅବସରରେ ଆଇଆଇଏମ ସମ୍ବଲପୁରର ନିର୍ଦ୍ଦେଶକ ପ୍ରଫେସର ମହାଦେବ ଜୈସୱାଲ ମୁଖ୍ୟ ଅତିଥିଭାବେ ଯୋଗଦେଇଥିଲେ। ୟୁଥ ଫର୍ ୱାଟରର ରଞ୍ଜନ ପଣ୍ଡା, ଉଦ୍ୟମୀ ଓ ଲେଖକ ଦେବୁ ପଟ୍ଟନାୟକ, ଏଗ୍ରୋନୋମିଷ୍ଟ ରାଜଶ୍ରୀ ପୁରୋହିତ ଏବଂ ଏଜେଏସଏ ଇଣ୍ଡିଆର ବ୍ୟବସ୍ଥାପନ ନିର୍ଦ୍ଦେଶକ ମନୋରଞ୍ଜନ ବେହେରା ଉପସ୍ଥିତ ଥିଲେ। ଏହିଅବସରରେ ୟୁଥ ଫର୍ ୱାଟର-ଇଣ୍ଡିଆର ୭ମ ବାର୍ଷିକୀ ମଧ୍ୟ ପାଳନ କରାଯାଇଥିଲା। ଜଳ ପରିଚାଳନା କ୍ଷେତ୍ରରେ କରାଯାଇଥିବା ଉଲ୍ଲେଖନୀୟ କାର୍ଯ୍ୟକୁ ଏହି ଅବସରରେ ସମ୍ମାନିତ କରାଯାଇଥିଲା। ସଭାକୁ ସମ୍ବୋଧନ କରି ମୁଖ୍ୟ ଅତିଥି ପ୍ରଫେସର ପ୍ରଫେସର ଜୈସୱାଲ କହିଥିଲେ, ଆଇଆଇଏମ ସମ୍ବଲପୁର କେବଳ ଶ୍ରେଣୀକକ୍ଷରେ ସୀମିତ ନ ରହି ସମାବେଶୀ ଓ ନବୀନତାମୂଳକ ଶିକ୍ଷାକୁ ପ୍ରୋତ୍ସାହନ ଦେଉଛି । ମନୁଷ୍ୟ ଓ ଯନ୍ତ୍ର ଏକାସାଥିରେ ଉନ୍ନତି କରୁଥିବା ସମୟରେ ଦାୟିତ୍ୱବାନ ହୋଇ ପ୍ରକୃତିକୁ ସୁରକ୍ଷା ଦେବାକୁ ପଡିବ। ଆଜି ଜଳକୁ ସଞ୍ଚୟ କରିବାମାନେ ଆସନ୍ତାକାଲିର ଜୀବନକୁ ସୁରକ୍ଷିତ ରଖିବା ବୋଲି ସେ କହିଥିଲେ।ଏହି ଅବସରରେ ରଞ୍ଜନ ପଣ୍ଡା ଛାତ୍ରୀଛାତ୍ରଙ୍କ ଜଳ ସଂରକ୍ଷଣ ପାଇଁ ପ୍ରେରିତ କରିଥିଲେ। ରାଜଶ୍ରୀ ପୁରୋହିତ କହିଥିଲେ, ସୁରକ୍ଷିତ ପାନୀୟ ଜଳର ଅଭାବରୁ ମହିଳାମାନେ ସବୁଠାରୁ ଅଧିକ ପ୍ରଭାବିତ । ଦାୟିତ୍ୱଶୀଳ ଜଳ ପରିଚାଳନାରେ ମହିଳାମାନଙ୍କ ଭୂମିକା ଗୁରୁତ୍ୱପୂର୍ଣ୍ଣ। ୟୁଥ ଫର୍ ୱାଟର-ଇଣ୍ଡିଆ ସହ ଆଇଆଇଏମ୍ ସମ୍ବଲପୁରର ମିଳିତ ଆନୁକୂଲ୍ୟରେ ସମୁଦାୟମୁଖୀ ପ୍ରୟାସ ମାଧ୍ୟମରେ ଯୁବ ନେତୃତ୍ୱାଧୀ ପରିବର୍ତ୍ତନକୁ ପ୍ରୋତ୍ସାହନ ଦେବାକୁ ଚେଷ୍ଟା କରାଯାଇଥିଲା।

## କୌଶଲ୍ୟା ନାଏକଙ୍କୁ ରାଜ୍ୟ ଫରେଷ୍ଟ୍ରି ଆୱାର୍ଡ

କୁଚିଣ୍ଡା, ୨୩।୩(ବିରଞ୍ଚି ଦର୍ଶୀ)



ପଦକ, ପ୍ରମାଣପତ୍ର ସହ କୌଶଲ୍ୟା ନାଏକ।

ସମ୍ବଲପୁର ଜିଲା ବାମରା ବନଖଣ୍ଡ ଅଧୀନ କିନାବଗା ବିଟ୍ ଫରେଷ୍ଟ ଗାର୍ଡ ସୁଶ୍ରୀ କୌଶଲ୍ୟା ନାଏକଙ୍କୁ ବିଶ୍ୱ ବନଦିବସ ଅବସରରେ ରାଜ୍ୟ ଫରେଷ୍ଟ୍ରି ଆୱାର୍ଡ ପ୍ରଦାନ କରାଯାଇଛି। ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ବିଭାଗ ପକ୍ଷରୁ ଭୁବନେଶ୍ୱର ଲୋକସେବା ଭବନ କନଭେନଶନ ସେଣ୍ଟରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଏହି ପୁରସ୍କାର ପ୍ରଦାନ କରିଛନ୍ତି। ସମ୍ବଲପୁର ସର୍କଲର କୌଶଲ୍ୟା ଏହି ପୁରସ୍କାର ପାଇଁ ମନୋନୀତ ହୋଇଥିଲେ। ସୁଶ୍ରୀ ନାଏକ ବାମରା ଟିଏଫ କଲେଜରୁ ସ୍ନାତକ ପରେ ରାଜନୀତିରେ ମନ ବଳାଇଥିଲେ। ୨୦୦୯ ମସିହାରେ ସେ ବାମରା ବ୍ଲକ ସଦର ପଞ୍ଚାୟତର ସମିତି ସଭ୍ୟଭାବେ ନିର୍ବାଚିତ ହୋଇଥିଲେ। ତେବେ ୨୦୧୨ରେ ଫରେଷ୍ଟ ଗାର୍ଡଭାବେ ନିଜ କର୍ମମୟ ଜୀବନ ଆରମ୍ଭ କରିଥିଲେ। ଟ୍ରେନିଂ ସମୟରେ ତାଙ୍କର ଦକ୍ଷତା ଯୋଗୁ ୨୦୨୧ ମସିହା ମହିଳା ଦିବସରେ ସମ୍ବଲପୁର ସର୍କଲ କାର୍ଯ୍ୟାଳୟରେ ଆୟୋଜିତ କାର୍ଯ୍ୟକ୍ରମରେ ତାଙ୍କୁ ଉତ୍ତମ ଫରେଷ୍ଟ ଗାର୍ଡ ପୁରସ୍କାର ପ୍ରଦାନ କରାଯାଇଥିଲା। ନିଜ କର୍ମମୟ ଜୀବନରେ ସେ ଥରେ ହାତୀ ଆକ୍ରମଣର ଶିକାର ହୋଇ ଗୁରୁତର ଆହତ ହୋଇଥିଲେ। ଏହା ସତ୍ତ୍ୱେ ସେ ନିଷ୍ଠାର ସହ କାର୍ଯ୍ୟ ତୁଲାଇଥିବାରୁ ତାଙ୍କୁ ଏହି ସମ୍ମାନ ମିଳିଥିବା ନାଏକ କହିଛନ୍ତି।


**OFFICE OF THE NOTIFIED AREA COUNCIL, KHANDAPADA**

At/P.O/P.S.- Khandapada, Dist-Nayagarh, PIN-752077
e-mail: nackpg89@gmail.com
Tender Call Notice No.588, Date: 19.3.26
E-Procurement Notice No. KPG-NAC-02/2025-26

13001/733/2526

1. Name of the Works : Civil Works
2. No. of Works : 12 Nos.
3. Value of Work : As per DTCN
4. Class of Contractor : D & C
5. Period of Completion : As per DTCN
6. Date & Time of availability of Bid documents in Portal : 23.03.2026 (10.00 A.M.) to 04/04/2026 (5.30 P.M.)
7. Last date & Time for Online Receiving of Bid : 04/04/2026 upto 5.30 P.M.
8. Last date of submission of Original documents : 06/04/2026 upto 1.00 P.M.
9. Date of Opening of Bid : 06.04.2026 at 3.00 P.M.

Further details can be seen from e-Procurement portal https://tendersodisha.gov.in.

Sd./- Executive Officer
N.A.C., Khandapada

OIPR-13001/13147/1/25-26/0003

**ODISHA HYDRO POWER CORPORATION LTD.**

(A Government of Odisha Undertaking)
OFFICE OF THE SENIOR GENERAL MANAGER (ELECTRICAL),
UPPER KOLAB HYDRO ELECTRIC PROJECT
AT/PO:BARINIPUT, DIST-KORAPUT - 764006, ODISHA
Phone: (06854) 242001 (O), Fax: (06854) 242038, E-mail: sgmel.ukhep@gmail.com
TENDER CALL NOTICE NO UKHEP-54/2025-26, DATED, 16.03.2026

No.4001/83/2526: Sealed tenders are invited in two part i.e. (1) Technical Bid & (2) Price Bid in separate sealed envelopes from Govt. registered Contractors/Agencies having valid Registration Certificate issued by Govt. Authority, IT PAN, GST Regn Certificate, valid HT/EHT License issued by ELBO, valid contract labour license & fulfilling the eligibility criteria as per the tender specification for the work as mentioned below.

| Description of Work | Cost of tender paper in Rs. (Non-refundable) | EMD in Rs. (Refundable) |
| --- | --- | --- |
| Annual Maintenance Contract for Maintenance of 4x80 MW Hydro Generator and its Auxiliaries, Turbine and its Auxiliaries, Other Equipments with their Auxiliaries, Station Services Equipments and 04 Nos. BF Valves with their Auxiliaries of UKHEP, Bariniput for One Year on Job Contract basis. | 11,800/- (Rs.10,000/-+ 18% GST) | 72,300/- |

The sale of Tender Paper will be from : Dt.20.03.2026 to 11.00 Hrs. of Dt.07.04.2026
The Last date & time of receipt of tender : 12.00 Hrs. of Dt.07.04.2026
The date and time of opening of tender : 12.30 Hrs. of Dt.07.04.2026
N.B.: The due date and time of opening of Price Bids will be intimated later on to the Technically qualified bidders.
For details of tender documents, Terms & Conditions, downloading, please visit our website www.ohpcltd.com.

Sd./- C&P Head,
Upper Kolab H.E.Project, Bariniput

OIPR-4001/4002/1/25-26/0010

**OFFICE OF THE MUNICIPAL COUNCIL, DHENKANAL**

DHENKANAL (ODISHA), PIN-759001
Tel.No.06762-224401(O), Fax No.06762-223355
E-mail: dhenkanalm.hud@gmail.com

No.795 Date:16.3.26

NOTICE INVITING EXPRESSION OF INTEREST

No.13001/753/2526: Dhenkanal Municipality invites tender from experienced, competent and eligible Bidders in two envelope system for Preparation of Detailed Project Report (DPR) for "Different Development work such as Market Complex/Multiplex/Multi-Purpose Centre/Acoustic-sheets for celling Sound Proof wall paneling system with other work in Auditorium & other Beautification work etc. within Dhenkanal Municipality Area" including soil testing and vetting from the Govt. Engineering College if required in Dhenkanal Municipality as scheduled under:-

| Tender Inviting Officer | Availability of tender for bidding | Date & Timing of Opening of tender |
| --- | --- | --- |
| Executive Officer Dhenkanal Municipality | Dt.17.03.2026, 10.00 AM to Dt.25.03.2026 upto 3.00 P.M. | Dt.25.03.2026 at 4.30 PM |

The details can be available in the Office of the Municipality, Dhenkanal on working days from Dt.17.03.2026 at 10.00 AM to Dt.25.03.2026 upto 3.00 P.M. and can be downloaded from the Dhenkanal Municipality website www.dhenkanalmunicipality.com

Sd./- Executive Officer
Dhenkanal Municipality

OIPR-13001/13146/1/25-26/0026

**OFFICE OF THE MUNICIPAL COUNCIL, DEOGARH**

Phone No. : 06641-295020 E-mail : eo-deogarhmncp@gov.in
No.820/DMC Dt : 17.03.2026

"e"-procurement Notice

Bid Identification No.EO/DM/06/2025-26

No.13001/741/2526 : Bid documents consisting of specification, the schedule of quantities and the set of terms and conditions of contract and other necessary documents can be seen in the Gov. Website i.e. www.tendersodisha.gov.in

1. Nature of work : Civil work
2. No. of works : 13 No.
3. Estimated cost : As per NIT
4. Period of completion : As per NIT
5. Date and time of availability of the Documents in the Portal : From 11 hours of 19.03.2026 to 17 hours of 30.03.2026
6. Last date/time for receipt of Bids in the portal : Dt.30.03.2026 at 17 hours
7. Original Document Submit : Dt.31.03.2026 at 16 hours
8. Bids received online shall be opened on : Dt.31.03.2026 at 17 hours
9. Name and address of the Officer inviting Bid : Executive Officer Deogarh Municipality

Further the details can be seen from the procurement Portal www.tendersodisha.gov.in

Sd./- Executive Officer
Deogarh Municipality

OIPR-13001/13088/1/25-26/0024

**ବାରିପଦା ପୌରପରିଷଦ କାର୍ଯ୍ୟାଳୟ**

ସଂଖ୍ୟା-୧୩୭୧, ତା.୧୯.୦୩.୨୦୨୬
Tel-06792-252703, Website:www.baripadamunicipality.in, e-mail:baripadam.hud@nic.in

**ନିଲାମ ଇସ୍ତାହାର**

No.13001/727/2526: ଏତଦ୍ୱାରା ସର୍ବସାଧାରଣଙ୍କ ଅବଗତି ନିମନ୍ତେ ଜଣାଇ ଦିଆଯାଉଅଛିକି ବାରିପଦା ପୌରପରିଷଦ ଅନ୍ତର୍ଗତ ତିନିକୋଣିଆ ଦୋକି ପଡ଼ିଆକୁ ତା.୧.୪.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୭ ରିଖ ପର୍ଯ୍ୟନ୍ତ ୧(ଏକ) ବର୍ଷ ନିମନ୍ତେ ନିଲାମ ଦିଆଯିବା ପାଇଁ ସ୍ଥିର କରାହୋଇଛି । ଇଚ୍ଛୁକ ବ୍ୟକ୍ତି/ଅନୁଷ୍ଠାନ ପୌରପରିଷଦର ନିର୍ଦ୍ଧାରିତ ସର୍ତ୍ତ ଅନୁଯାୟୀ ପୌରପାଳିକା କାର୍ଯ୍ୟାଳୟରୁ ତା.୨୦.୦୩.୨୦୨୬ ରିଖ ଠାରୁ ତା.୩୧.୦୩.୨୦୨୬ ରିଖ ମଧ୍ୟରେ ଟ.୫,୦୦୦.୦୦ (ପାଞ୍ଚ ହଜାର) ବିନିମୟରେ ଫର୍ମ କ୍ରୟ କରିପାରିବେ । ଉକ୍ତ ଫର୍ମଗୁଡିକୁ ଉଭୟ ସ୍ପିଡ୍ ପୋଷ୍ଟ କିମ୍ବା ପୌରପାଳିକା କାର୍ଯ୍ୟାଳୟ ଡ୍ରପ ବାକ୍ସ ମଧ୍ୟରେ ନିବିଦା ଫର୍ମ ପକାଇପାରିବେ । ଉକ୍ତ ଫର୍ମ ପକାଇବାର ଶେଷ ତାରିଖ ତା.୩୧.୦୩.୨୦୨୬ ରିଖ ଦିବା ୩ ଘଟିକା । ଏହି ନିର୍ଦ୍ଧାରିତ ସମୟ ସୁଦ୍ଧା ନିବିଦା ଫର୍ମ ଦାଖଲ ହେବା ଆବଶ୍ୟକ । ନିବିଦାଗୁଡିକ ସେହିଦିନ ଅର୍ଥାତ୍ ତା.୩୧.୦୩.୨୦୨୬ ରିଖ ଅପରାହ୍ଣ ୪ ଘଟିକା ସମୟରେ କର୍ତ୍ତୃପକ୍ଷଙ୍କ କାର୍ଯ୍ୟାଳୟ ପ୍ରକୋଷ୍ଠରେ ନିବିଦା ଦାତା/ କ୍ଷମତା ପ୍ରାପ୍ତ ପ୍ରତିନିଧିଙ୍କ ଉପସ୍ଥିତିରେ ଖୋଲାଯିବ । ଏହି ନିବିଦା ସମ୍ବନ୍ଧୀୟ ବିବରଣୀ କାର୍ଯ୍ୟାଳୟ ଦୋକାନ ଗୃହ ବିଭାଗରୁ କାର୍ଯ୍ୟଦିବସ ମାନଙ୍କରେ ଅବଗତ ହୋଇପାରିବେ । ଧାର୍ଯ୍ୟ ତାରିଖ ଓ ସମୟ ଗତେ ପ୍ରାପ୍ତ ନିବିଦାଗୁଡିକ ବିଚାରଯୋଗ୍ୟ / ଗ୍ରହଣଯୋଗ୍ୟ ହେବ ନାହିଁ ।

ସ୍ୱା./-କାର୍ଯ୍ୟନିର୍ବାହୀ ଅଧିକାରୀ
ବାରିପଦା ପୌରପରିଷଦ

OIPR-13001/13078/1/25-26/0030

**OFFICE OF THE MUNICIPAL COUNCIL : KEONJHARGARH**

email - keonjharm.hud@rediffmail.com
Invitation for Bids (IFB) 'e' Procurement NOTICE
Bid Identification No. ODULB_KGM-22/2025-26
Letter No.5017/KGM/Date.17.03.2026

No.13001/738/2526 : On behalf of the Municipal Council, Keonjhargarh, Executive Officer, Keonjhargarh Municipality invites online Bid in Single cover system through e-Procurement.

1. Nature of work : Civil Work and Electrical Work
2. No. of Work : 30 Nos.
3. Value of works : Rs.2,56,100/- to 34,14,195/-
4. Date & Time of availability of Bid document in the portal : From 19.03.2026 at 11.00 A.M. up to 30.03.2026 at 5.30 P.M.
5. Date of Opening of bid in portal : 31.03.2026 at 11.00 A.M.
6. Name & address of the officer Inviting Bid : EO, Keonjhargarh Municipality

Further details can be seen from Website : www.tendersorissa.gov.in

Sd./- Executive Officer
Keonjhargarh Municipality

OIPR-13001/13115/1/25-26/0003

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER, SAMBALPUR (R&B) DIVISION-I, SAMBALPUR**

E-mail – exeengsbp@rediffmail.com
No.34001/246/2526
e-procurement Notice
BID IDENTIFICATION No: SE / R AND B / SBP / 30 / 2025-26
Order No.1117 Dtd. 13.03.2026

1. The **Superintending Engineer, Sambalpur (R&B) Division No-I, Sambalpur** on behalf of Governor of Odisha, invites **Percentage Rate** bids in **Single / Double Cover System** in **ONLINE MODE** for **Road Works, Building (Civil, E.I. & P.H.) & Electrical Works** as detailed in the **DTCN** from the eligible Class of Contractors.
2. No. of works : 16 (Sixteen)
3. Tender Cost : Rs.10,000/-, Rs.6,000/- & Rs.4,000/- (On Line)
4. Class of Contractor :"B", "C" and "D" Class Contractor
5. Date and time Available in Website & receipt of Bids : **11.00 A.M. 26.03.2026 to 16:00 P.M. of 07.04.2026**.
6. Date of Opening of Tender: **08.04.2026 at 11:30 A.M.**
7. The Bidders have to participate in ONLINE bidding only. Further details can be seen from the Web Site.
8. Any Corrigendum / Addendum will be displayed in the website **www.tendersodisha.gov.in** only.

Sd./- Superintending Engineer
Sambalpur (R&B) Division-I

OIPR-34001/34042/1/25-26/0001

**GOVERNMENT OF ODISHA**
**DEPARTMENT OF WATER RESOURCES**
**OFFICE OF THE SUPERINTENDING ENGINEER, SAMBALPUR IRRIGATION DIVISION, SAMBALPUR**

E-mail id - sidsambalpur@gmail.com
Quotation Call Notice No. SESID:03/2025-26

No.32001/237/2526 : Sealed quotations are invited from interested reputed Travel Agencies/Tour Operators or private individuals for providing **1 (one)** no of AC Petrol/ Diesel driven vehicle (TUV-300/ Bolero/ Sumo Gold/ Ertiga) having sitting capacity not more than ten including driver, which shall conform to the Terms and conditions (Annexure-A) for official use in the office of the **Asst. Executive Engineer** on monthly rent basis. The bidder (s) can furnish offer for one or more vehicles, but separate application form for individual vehicle should be furnished.

1) The application form of quotation containing General Bid Information & Terms and conditions for hiring of vehicles etc. will be available with the cashier of this office and can be obtained from **23.03.2026 to 30.03.2026 up to 17.00 PM** on the working days during working hour.
2) The completed quotation in all respect should reach the undersigned on or before **30.03.2026** by **17.00 PM** and shall be opened on 31.03.2026 at **11.30 PM** in presence of the bidders or their authorized representatives who wish to be present.
3) The authority reserves the rights to reject any or all quotations without assigning any reason thereof.
4) Further details can be seen in the website Govt. of Odisha www.odisha.gov.in

Sd./- Superintending Engineer,
Sambalpur Irrigation Division, Sambalpur

OIPR-32001/32530/1/25-26/0017

**GOVERNMENT OF ODISHA**
**OFFICE OF THE SUPERINTENDING ENGINEER**
**RURAL WORKS DIVISION, SUNABEDA**

e-mail : eerw_sunabeda@yahoo.co.in
e-Procurement Notice for Road works
Identification No Online Tender/13/RWD-SBD/2025-26

No.25001/358/2526
Letter No.1077/ Date : 18.03.2026

1. Name of the work : Road works Narayanpatna block, 2. Total Number of works : 2 nos works, 3. Estimated Cost : 5.00 to 17.00 lakhs, 4. Class of Contractor : "C" & "D" Class, 5. Period of Completion : 5 days, 6. Other details :

| Procurement Officer | Bid Identification No. | Availability of Tender on-line for bidding | |
| --- | --- | --- | --- |
| | | From | To |
| Superintending Engineer, R.W. Division, Sunabeda | Online Tender/13/ RWD-SBD/2025-26 | 19.03.2026 at 11:00 A.M. | 25.03.2026 upto 01:00 P.M. |

Further details can be seen from the website : www.tendersorissa.gov.in.

Sd./- Superintending Engineer,
Rural Works Division, Sunabeda

OIPR-25001/25059/1/25-26/0001

**GOVERNMENT OF ODISHA, DEPARTMENT OF P.R & D.W.**
**INVITATION FOR BIDS (IFB)**
Identification No. GONDIA BLOCK-02/2025-26
E-mail address:- ori-gandia@nic.in

19001/94/2526

| Sl. No. | Name of Works | Approx. Value of work. (Rs.in lakhs) | Class of Contractor | Bid Security (Rs.) | Cost of documents (Non-refundable) | Period of Completion |
| --- | --- | --- | --- | --- | --- | --- |
| 1 | 2 | 3 | 4 | 5 | 6 | 7 |
| 1 | Construction of Office building with Market Complex of GPLF in Letheka, GP | 24.54 | 'C' or 'D' | 24546.00 | 6000.00 | Eight Calendar Months |
| 2 | Construction of Administrative Building at Pingua Degree College, Pingua | 25.97 | 'C' or 'D' | 25976.00 | 6000.00 | Eight Calendar Months |
| 3 | Development of Infrastructure at Kapilash Mahavidyalaya, Gondia | 23.60 | 'C' or 'D' | 23606.00 | 6000.00 | Eight Calendar Months |
| 4 | Infrastructure Development of Sridhara Swamy Mahavidyalaya Sadangi | 24.49 | 'C' or 'D' | 24493.00 | 6000.00 | Eight Calendar Months |
| 5 | Construction of Office Building with Market Complex of GPLF in Poruhakhoja GP | 24.59 | 'C' or 'D' | 24591.00 | 6000.00 | Eight Calendar Months |

For detailed information, please visit the website https://dhenkanal.odisha.gov.in

Sd./- Block Development Officer, Gondia

OIPR-19001/19418/1/25-26/0001

**OFFICE OF THE NOTIFIED AREA COUNCIL, KARANJIA DIST-MAYURBHANJ**

Email ID - karanjian.hud@ori.nic.in
No.570/NAC, Date : 13.03.2026
"e" Procurement Notice
BID Identification No. NAC-KJA-08/2025-26

No.13001/749/2526 : Bid Documents consisting of Work, Estimated Cost, Cost of Tender Paper, EMD and time of completion, Class of contractors and the set of terms and conditions of contract and other necessary documents can be seen in Govt. website i.e. www.tendersorissa.gov.in

1. Name of the Work : Civil Construction works as mentioned in website
2. No. of works : As per DTCN
3. Estimated Cost : As per DTCN
4. Class of Contractor : As per DTCN
5. Period of Completion : As per DTCN
6. Date & Time of availability of Bid document in the portal : Dt.16.03.2026 to 25.03.2026 up to 3.00 P.M.
7. Last date/Time for receipt of bids in the portal : Dt.25.03.2026 at 3.00 P.M.
8. Submission of Bid documents, (Tender Paper Cost, EMD, Affidavit) & others documents as per DTCN dropping on the Office Tender BOX Otherwise tender will be rejected : Dt.26.03.2026 during office hours
9. Date & time of opening of Technical Bid documents : Dt.30.03.2026 at 11.30 P.M.
10. Date & time of Opening of Financial bid documents : After technical Evaluation
11. Name and address of the Officer inviting Bid : Executive Officer, Karanjia N.A.C.

The authority reserves the right to reject any or all the tenders without assigning any reason thereof. Further details can be seen from the procurement portal i.e. www.tendersorissa.gov.in

Sd./- Executive Officer
Karanjia N.A.C.

OIPR-13001/13119/1/25-26/0002

**OFFICE OF THE SUPERINTENDING ENGINEER ELECTRICAL CIRCLE (R&B) NIRMAN SOUDHA BHUBANESWAR**

E-mail : seec.bbsr2010@gmail.com
Bid Identification No.S.E.E.C (R&B) 36/2025-26
No 1104/Date 18-03-2026

No.34001/238/2526 : The Superintending Engineer, Electrical Circle (R&B) Odisha, Bhubaneswar on behalf of the Governor of Odisha invites percentage rate bids for E.I. works which are to be received through online bidding, double cover system as detailed in :https://tendersorissa.gov.in. The details of bid documents will be available in the above website from dt.25.03.2026 at 05.00 P.M. to dt.09.04.2026 up to 05.00 P.M. The bidders must possess compatible Digital Signature Certificate of Class II or III. Bids received online shall be opened dt.10.04.2026 at 11.30 A.M. in the Office of the Superintending Engineer, Electrical Circle (R&B) Odisha, Bhubaneswar. Further details can be seen from the e-procurement portal www.tendersorissa.gov.in. Addendum / Corrigendum, if required, will be available only in the Website.

Sd./- Superintending Engineer
Electrical Circle (R&B) Odisha, BBSR

OIPR-34001/34006/1/25-26/0025

**ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ**

କୋକସରା (ଦୁଷ୍ମନ୍ତ କୁମାର ପାଟଯୋଷୀ): କୋକସରା ବ୍ଲକ ଡହଗାଁରେ ଭାଗବତ ଟୁଙ୍ଗି ପ୍ରତିଷ୍ଠା ଉତ୍ସବ ସୋମବାର ଉଦ୍‌ଯାପିତ ହୋଇଯାଇଛି। କର୍ତ୍ତା ଭାବରେ ଅର୍ଜୁନ ପୂଝାରୀ ଓ ତାଙ୍କ ପତ୍ନୀ ରମେ ପୂଝାରୀ, ପୂଜକ ଜ୍ୟୋତିର୍ବିଦ ଭୂପେଶ ତିୱାରୀ ଦାୟିତ୍ୱ ତୁଲାଇଥିଲେ। ମଙ୍ଗଳ ଧ୍ୱନି, ପୂଜାର୍ଚ୍ଚନା ଓ ବେଦମନ୍ତ୍ର ଉଚ୍ଚାରଣ ମଧ୍ୟରେ ପ୍ରତିଷ୍ଠା କାର୍ଯ୍ୟ ସମ୍ପନ୍ନ ହୋଇଥିଲା। ଏହି ଅବସରରେ ନାମ ସଂକୀର୍ତ୍ତନ, ଭଜନ କୀର୍ତ୍ତନ ଓ ଧାର୍ମିକ ଆଲୋଚନା ହୋଇଥିଲା। ଭାଗବତ ଟୁଙ୍ଗିର ସଭାପତି ବଳରାମ ପୂଝାରୀ, ଉପସଭାପତି ଜବର ପୂଝାରୀ ତଥା ଗ୍ରାମବାସୀ ଉପସ୍ଥିତ ଥିଲେ।



## ସଂକ୍ଷେପରେ

### ୬୨ ଅଭିଯୋଗର ଶୁଣାଣି କଲେ ଜିଲାପାଳ

**ବୋଡ଼େନ,୨୩।୪ (ଟିକେଶର ନାଗ):** ନୂଆପଡ଼ା ଜିଲା ବୋଡ଼େନ ବ୍ଲକରେ ସୋମବାର ଜିଲାପାଳଙ୍କ ଅଭିଯୋଗ ଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ମଧୁସୂଦନ ଦାଶଙ୍କ ସହ ବନଖଣ୍ଡ ଅଧିକାରୀ (ପ୍ରାନ୍ତୀୟ) ଅଜିଜ ଖାନ, ବନଖଣ୍ଡ ଅଧିକାରୀ (କେନ୍ଦୁପତ୍ର) କେ ମାଧବୀଲତା, ଆଇଏଫ୍‌ଏସ୍ ପ୍ରୋବେଶନର ଅର୍ଣ୍ଣବ ସାମନ୍ତରାୟ, ଜିଲା ମୁଖ୍ୟ ଉନ୍ନୟନ ଅଧିକାରୀ ଲମ୍ବୋଦର ଧରୁଆ, ଉପ ଜିଲାପାଳ ସୁର୍ମି ସୋରେନ, ଜିଲା ମୁଖ୍ୟ ଚିକିତ୍ସାଧିକାରୀ ଡା. ଧନେଶ୍ୱର ସେଠୀ, ବୋଡ଼େନ ପଞ୍ଚାୟତ ସମିତି ଅଧ୍ୟକ୍ଷା ପ୍ରେମଶିଳା ନାଗ ପ୍ରମୁଖ ଉପସ୍ଥିତ ଥିଲେ। ଶିବିରରେ ୪୦ ବ୍ୟକ୍ତିଗତ ଓ ୨୨ ଗୋଷ୍ଠୀଗତ ଏଭଳି ମୋଟ ୬୨ଗୋଟି ଅଭିଯୋଗର ଶୁଣାଣି ଜିଲାପାଳ କରିଥିଲେ। ଏହିସବୁ ଅଭିଯୋଗ ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ସମ୍ପୃକ୍ତ ଜିଲାସ୍ତରୀୟ ଅଧିକାରୀମାନଙ୍କୁ ସେ ନିର୍ଦ୍ଦେଶ ଦେଇଥିଲେ। ଖଇରଭାଡି ଗ୍ରାମର ହିରେନ୍ଦ୍ରି ବାଗ ଓ ବିନପୁର ଗ୍ରାମର ଶ୍ୟାମବନ୍ଧୁ ପାଣିଗ୍ରାହୀଙ୍କୁ ରେଡ୍‌କ୍ରସ ପାଣ୍ଠିରୁ ୧୦ ହଜାର ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ବୋଡ଼େନ ତହସିଲଦାର ସରିତା ଗୁପ୍ତା, ଡେପୁଟି କଲେକ୍ଟର ଚିନ୍ମୟ ସାଗର ପ୍ରମୁଖ ଶିବିର ପରିଚାଳନାରେ ସହଯୋଗ କରିଥିଲେ। ଏହିଉପଲକ୍ଷେ ବ୍ଲକ ପରିସରରେ ବରିଷ୍ଠ ନାଗରିକଙ୍କ ପାଇଁ ଏକ ସ୍ୱାସ୍ଥ୍ୟ ଶିବିର ଆୟୋଜନ କରାଯାଇଥିଲା।

### ୯୦ ସଫଳ ମହିଳା, ଯୁବତୀ ପ୍ରଶିକ୍ଷାର୍ଥୀଙ୍କୁ ମାନପତ୍ର ପ୍ରଦାନ

**ଲାଞ୍ଜିଗଡ଼,୨୩।୩(ରମେଶ ଚନ୍ଦ୍ର ନାୟକ):** ଲାଞ୍ଜିଗଡ଼ ବ୍ଲକ ବିଶ୍ୱନାଥପୁର କୁଆଙ୍ଗବସା ଭିଆର୍‌ଓ ପକ୍ଷରୁ ମହିଳା ଓ ଯୁବତୀଙ୍କୁ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ ଦ୍ୱାରା ସଫଳ ପ୍ରଶିକ୍ଷାର୍ଥୀଙ୍କୁ ସୋମବାର ମାନପତ୍ର ପ୍ରଦାନ କରାଯାଇଛି। ଗ୍ରାମାଞ୍ଚଳର ମହିଳାମାନଙ୍କୁ ସ୍ୱାବଲମ୍ବୀ କରିବା ଲକ୍ଷ୍ୟ ନେଇ କୁଆଙ୍ଗବସାଠାରେ ଭିଆର୍‌ଓ ପକ୍ଷରୁ ଗ୍ରାମ ଗୁଡ଼ିକରେ ପ୍ରଶିକ୍ଷଣ କେନ୍ଦ୍ର ଖୋଲି ମହିଳା ଓ ଯୁବତୀଙ୍କୁ ସିଲେଇ, ଫିନାଇଲ ପ୍ରସ୍ତୁତି ସହ ବିଭିନ୍ନ ପ୍ରକାର ଧନ୍ଦାମୂଳକ ଶିକ୍ଷା ପ୍ରଦାନ କରିଆସୁଛି। ସେହିପରି ଚଳିତ ବର୍ଷ ମଧ୍ୟ କୁଆଙ୍ଗବସା ଠାରେ ସଂଯୋଜିକା ପାର୍ବତୀ ମହାରଣାଙ୍କ ନେତୃତ୍ୱରେ ୯ ଗୋଟି ଗାଁରେ ଗୋଟିଏ ଗୋଟିଏ କେନ୍ଦ୍ର ରହିଥିବା ବେଳେ ପ୍ରତି ଗାଁର କେନ୍ଦ୍ରରେ ୧୦ ଜଣ ଲେଖାଏ ପ୍ରଶିକ୍ଷାର୍ଥୀ ପ୍ରଶିକ୍ଷଣ ନେଇଥିଲେ। ଏ ନେଇ ସୋମବାର ସଂଯୋଜିକା ମହାରଣାଙ୍କ ସଭାପତିତ୍ୱରେ ଏକ ବାର୍ଷିକ ପ୍ରମାଣ ପତ୍ର ବଣ୍ଟନ ଉତ୍ସବ ଅନୁଷ୍ଠିତ ହୋଇଥିଲା। ଉକ୍ତ ଉତ୍ସବରେ ଅତିଥିଭାବେ ସଂସ୍ଥାର ଆଞ୍ଚଳିକ ମହାପ୍ରବନ୍ଧକ ଫାଦର ଜର୍ଜ ଆଣ୍ଟୋନୀ ଆଣ୍ଟୋନୀ, କମଳାକାନ୍ତ ରାଜ, ଫାଦର ମାରିଆନୟଗମ, ମିଷ୍ଟର ଫିଟର ବସ୍କୋ ସମେତ ମିସ ନିର୍ମଳା ପ୍ରମୁଖ ଯୋଗଦେଇ ସମସ୍ତ ପ୍ରଶିକ୍ଷାର୍ଥୀଙ୍କୁ ପ୍ରମାଣପତ୍ର ବଣ୍ଟନ କରିଥିଲେ। ଶେଷରେ ସଂଯୋଜିକା ମହାରଣା ଉପସ୍ଥିତ ସମସ୍ତଙ୍କୁ ଧନ୍ୟବାଦ ଅର୍ପଣ କରିଥିଲେ।



# ସରିଲା ଖରିଫ ଧାନକିଣା, ୬୪,୩୧,୭୭୮ କୁଇଣ୍ଟାଲ ସଂଗ୍ରହ

- ଉଠିପାରିଲାନି ଧାନ, ଲାପ୍ସ ହେଲା ଟୋକନ
- ଧାନବସ୍ତା ରଖି ଚାଷୀଙ୍କ ରାସ୍ତାରୋକୋ

**ଭବାନୀପାଟଣା,୨୩।୩ (ଉତ୍ତମ କୁମାର ଦାଶ)**



ଧାନ ବସ୍ତା ରଖି ଚାଷୀ ରାସ୍ତା ଅବରୋଧ କରିଛନ୍ତି।

କଳାହାଣ୍ଡି ଜିଲାରେ ଗତ ନଭେମ୍ବର ୨୯ ତାରିଖଠାରୁ ଚାଲିଥିବା ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଶନିବାର ଶେଷ ହୋଇଛି। ଚଳିତ ଖରିଫରେ ଜିଲାରେ ୬୬ଲକ୍ଷ ୮ହଜାର କୁଇଣ୍ଟାଲ ଧାନ ବିକ୍ରୟ ପାଇଁ ଟାର୍ଗେଟ ମଗାଯାଇଥିଲା। ସେଥିରୁ ୬୪ ଲକ୍ଷ ୩୧ ହଜାର ୭୭୮ କୁଇଣ୍ଟାଲ ଧାନ ସଂଗ୍ରହ ହୋଇଛି। ଏଥିରେ ୨୩୦ଟି ମଣ୍ଡି ଜରିଆରେ ୧ ଲକ୍ଷ ୧୭ହଜାର ୭୦୨ ଜଣ ଚାଷୀ ୬୬ଲକ୍ଷ ୮ହଜାର କୁଇଣ୍ଟାଲ ଧାନ ବିକ୍ରି କରିଛନ୍ତି। ଗତବର୍ଷ ଜିଲାରେ ଖରିଫ ଧାନ ସଂଗ୍ରହ ୬୦ ଲକ୍ଷ ୯୬ହଜାର ୬୩୯ କୁଇଣ୍ଟାଲ ଅଧିକ ରହିଥିଲା। ଯାହାକି ଗତ ବର୍ଷଠାରୁ ଏଥର ୩ଲକ୍ଷ ୩୫ହଜାର ୨୯ କୁଇଣ୍ଟାଲ ଅଧିକ ରହିଛି। ଶେଷ ଦିନରେ ଅର୍ଥାତ୍ ଶନିବାର ଧର୍ମଗଡ଼ ବ୍ଲକ ବୋଡ଼େନ ମଣ୍ଡିରେ ଜଣେ ଚାଷୀ ୩୯.୯୯ କୁଇଣ୍ଟାଲ ଧାନ ବିକ୍ରି କରିଥିବା ଜଣାପଡିଛି। ଏଥର ଜିଲାରେ ୨୩୦ଟି ମଣ୍ଡିରେ ୯୭ଟି ମିଲର୍ସ ନିଯୁକ୍ତ ହୋଇଥିଲେ। ମଣ୍ଡି ଆରମ୍ଭରୁ ଚାଷୀ ଟୋକନ ସମସ୍ୟା, ମିଲର୍ସଙ୍କ ଆନ୍ଦୋଳନ ଓ ଶ୍ରମିକ ସମସ୍ୟାରେ ଛନ୍ଦି ହୋଇପଡିଥିଲେ। ଏଥିପାଇଁ ଜିଲାରେ ଧାନ ଉଠାଣ ପ୍ରକ୍ରିୟା ମନ୍ଥର ହୋଇଥିଲା। ଫଳରେ ଗତବର୍ଷ ଫେବୃଆରୀ ୧୦ରେ ମଣ୍ଡି ଶେଷ ହୋଇଥିବାବେଳେ ଏଥର କିନ୍ତୁ ମାର୍ଚ୍ଚ ୨୧ରେ ଶେଷ ହୋଇଛି। ଆବଶ୍ୟକୀୟ ଅନୁଯାୟୀ ଟୋକନ ନ ଆସିବା ଓ ଟୋକନ ଲାପ୍ସ ଯୋଗୁ ଅନେକ ଚାଷୀ ମଣ୍ଡିରେ ଧାନ ବିକ୍ରି କରିପାରି ନ ଥିବା ଜଣାପଡିଛି। ଫଳରେ ବଳକା ଧାନକୁ ଚାଷୀ ଘରକୁ ନେଇଯାଉଥିବା ଦେଖିବାକୁ ମିଳିଥିଲା। ଏହାରି ଭିତରେ ସୋମବାର ଜିଲାର ନର୍ଲା ବ୍ଲକ ତୁଲାପଡ଼ା ସୋସାଇଟିର ଜାମପଦର ମଣ୍ଡିର ୨୦ରୁ ଊର୍ଦ୍ଧ୍ୱ ଚାଷୀଙ୍କ ଟୋକନ ଲାପ୍ସ ହୋଇଯିବାରୁ ଧାନ ବିକ୍ରି କରିପାରି ନାହାନ୍ତି। ଫଳରେ ଧାନ ବସ୍ତା ରଖି ଏହି ଚାଷୀମାନେ ଭବାନୀପାଟଣାରୁ ଭୁବନେଶ୍ୱରକୁ ସଂଯୋଗ କରୁଥିବା ରାଜ୍ୟ ରାଜପଥ ଅବରୋଧ କରିଥିଲେ। ଏଥିଯୋଗୁ ଏହି ରାସ୍ତାରେ ଯାତାୟାତ ବାଧାପ୍ରାପ୍ତ ହୋଇଥିଲା। ଅପରାହ୍ନରେ ଜିଲା ଯୋଗାଣ ବିଭାଗ ପକ୍ଷରୁ ଧାନ ଉଠାଣ କରାଯିବା ନେଇ ପ୍ରତିଶ୍ରୁତି ପରେ ରାସ୍ତାରୋକୋ ହଟିଥିଲା। ଏ ନେଇ ଜିଲା ମୁଖ୍ୟ ଯୋଗାଣ ଅଧିକାରୀ ସୁଜାତା ମିଶ୍ରଙ୍କୁ ପଚାରିବାରୁ ଜିଲାରେ ଚଳିତ ଖରିଫ ଧାନ ସଂଗ୍ରହ ଗତ ବର୍ଷଠାରୁ ଅଧିକ ହୋଇଛି। ଜାମପଦର ଚାଷୀଙ୍କ ଟୋକନ ଲାପ୍ସ ହୋଇଯିବାରୁ ଧାନ ଉଠିପାରି ନାହିଁ ବୋଲି ସେ କହିଥିଲେ।

# କଳାହାଣ୍ଡି ଗ୍ରାମସଭା ମହିଳା ମହାସଂଘ ଗଠିତ




କଳାହାଣ୍ଡି ଗ୍ରାମସଭା ମହିଳା ମହାସଂଘ କର୍ମକର୍ତ୍ତା।

**ଭବାନୀପାଟଣା,୨୩।୩(ଉତ୍ତମ କୁମାର ଦାଶ)**

ଭବାନୀପାଟଣା କୃଷି ମହାବିଦ୍ୟାଳୟର ଆଞ୍ଚଳିକ ଗବେଷଣା ଓ ପ୍ରଯୁକ୍ତିବିଦ୍ୟା ସ୍ଥାନାନ୍ତର କେନ୍ଦ୍ରରେ କଳାହାଣ୍ଡି ଗ୍ରାମସଭା ମହିଳା ମହାସଂଘ ଗଠିତ। ଏଥିରେ ଜଙ୍ଗଲ ଅଧିକାର ଆଇନ ୨୦୦୬ ଓ ଏହାର ସଂଶୋଧିତ ନିୟମାବଳୀ ୨୦୧୨ ପ୍ରାବଧାନ ଅନୁସାରେ ଗୋଷ୍ଠୀ ଜଙ୍ଗଲ ଅଧିକାର ଶିରୋନାମା ପାଇଥିବା କଳାହାଣ୍ଡି ଜିଲାର କୋକସରା, ଜୟପାଟଣା, ଜୁନାଗଡ, ଭବାନୀପାଟଣା, ଲାଞ୍ଜିଗଡ, ଥୁଆମୂଳ ରାମପୁର ଓ ମଦନପୁର ରାମପୁର ବ୍ଲକର ଗ୍ରାମସଭାର ମହିଳା ସଭ୍ୟାମାନେ ଯୋଗଦେଇଥିଲେ। ଗ୍ରାମସଭାର ଗୋଷ୍ଠୀ ଜଙ୍ଗଲ ସମ୍ବଳ ପରିଚାଳନା କମିଟି ଓ ଗ୍ରାମସଭାର ସଭ୍ୟମାନେ ଉପସ୍ଥିତ ହୋଇ କଳାହାଣ୍ଡି ଗ୍ରାମସଭା ମହାସଂଘକୁ ସୁଦୃଢ଼ କରିବା ପାଇଁ ମହିଳା ନେତୃତ୍ୱର ବିକାଶ ଏବଂ ଏକତା ସହିତ ଗୋଷ୍ଠୀ ଜଙ୍ଗଲର ସଂରକ୍ଷଣ, ଜୈବ ବିବିଧତାର ସୁରକ୍ଷା ଓ ପରିଚାଳନାରେ ମହିଳାମାନଙ୍କ ଦାୟିତ୍ୱ, କର୍ତ୍ତବ୍ୟ ଓ ଅଧିକାର ବିଷୟରେ ଆଲୋଚନା ହୋଇଥିଲା। କଳାହାଣ୍ଡି ଗ୍ରାମସଭା ମହିଳା ମହାସଂଘର ଏକ କାର୍ଯ୍ୟକାରୀ କମିଟି ବିଭିନ୍ନ ବ୍ଲକରୁ ୧୩ ଜଣ ମହିଳା ନେତ୍ରୀଙ୍କୁ ସର୍ବସମ୍ମତି କ୍ରମେ ମନୋନୀତ କରାଯାଇଥିଲା। ଏଥିରେ ଶୈଳେନ୍ଦ୍ର ପାତ୍ରଙ୍କୁ ସଭାନେତ୍ରୀ, ବୁନି ମାଝୀଙ୍କୁ ଆବାହିକା ଓ କୁନ୍ତୀ ନାଏକଙ୍କୁ ସମ୍ପାଦିକା ଭାବରେ ମନୋନୀତ କରି କଳାହାଣ୍ଡି ଗ୍ରାମସଭା ମହାସଂଘର ସମ୍ପାଦକ ଅଶୋକ ମାଝୀଙ୍କ ଦ୍ୱାରା ଶପଥ ପାଠ କରଯାଇଥିଲା। ମନୋନୀତ ସଦସ୍ୟମାନେ ଦାୟିତ୍ୱ ଗ୍ରହଣ କରି ଶପଥ ଗ୍ରହଣ ସହ ମହିଳା ନେତୃତ୍ୱ ଓ ସମୁଦାୟ ଶାସନକୁ ସୁଦୃଢ଼ କରିବା ପ୍ରତି ନିଜର ପ୍ରତିବଦ୍ଧତା ବ୍ୟକ୍ତ କରିଥିଲେ।



ରାସ୍ତା ଅବରୋଧ ଯୋଗୁ ଗାଡ଼ିମୋଟର ଅଟକି ରହିଛି।

# ରାସ୍ତା ମରାମତି ଦାବିରେ ଏନ୍‌ଏଚ୍ ଅବରୋଧ

**ନୂଆପଡ଼ା,୨୩।୩ (ମକାରୁ ବେମାଲ)**

ରାସ୍ତା ମରାମତି ଦାବିରେ ଜାତୀୟ ରାଜପଥ ଅବରୋଧ କରିବାକୁ ବାଧ ହେଲେ ଲୋକେ। ଏପରି ଘଟଣା ସୋମବାର ନୂଆପଡ଼ା ଜିଲା ଖରିଆର ରୋଡ୍ ଅଞ୍ଚଳରେ ଦେଖିବାକୁ ମିଳିଛି। ସୂଚନାକ୍ରମେ ଖରିଆର ରୋଡ୍ ସହର ଦେଇ ଯାଇଥିବା ୩୫୩ ନମ୍ବର ଜାତୀୟ ରାଜପଥ ଉପରେ ୱାର୍ଡ ନଂ.୯ ଶଙ୍କର ମନ୍ଦିର ନିକଟରେ ରେଲୱେ ଓଭରବ୍ରିଜ୍ କାର୍ଯ୍ୟ ୨ବର୍ଷ ହେବ ଚାଲିଛି। ଏହି ରାସ୍ତା ପଡ଼ୋଶୀ ରାଜ୍ୟ ଛତିଶଗଡ଼ର ରାଜଧାନୀ ରାୟପୁରକୁ ସଂଯୋଗ କରୁଛି। ତେଣୁ ଏହି ରାସ୍ତାଦେଇ ପ୍ରତ୍ୟହ ସହସ୍ରାଧିକ ହାଲୁକା ଓ ଭାରିଯାନ ଚଳାଚଳ କରୁଛି। ଅନ୍ୟପକ୍ଷେ ଖରିଆର ଜୋଙ୍କ ଥାନାଠାରୁ ରେଳଧାରଣା ପର୍ଯ୍ୟନ୍ତ ବ୍ରିଜ୍‌ର ଉଭୟ ପାର୍ଶ୍ୱରେ ସର୍ଭିସ ରୋଡ୍ ରହିଛି। ଏହି ରାସ୍ତା ଅବସ୍ଥା ଅତି ଶୋଚନୀୟ ହୋଇ ଖାଲଖମା ହୋଇଯାଇଥିବାରୁ ଯାତାୟାତରେ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି। ଏପରି କି ପ୍ରତ୍ୟହ ଛୋଟବଡ଼ ଦୁର୍ଘଟଣା ଘଟିବାରେ ଲାଗିଛି। ଖରିଆର ରୋଡ୍ ସହର ଜିଲାର ବାଣିଜ୍ୟିକ କେନ୍ଦ୍ର ହୋଇଥିବାବେଳେ ଚୈତ୍ର ନବରାତ୍ର ଚାଲିଥିବାରୁ ସବୁବେଳେ ଗହଳି ଲାଗି ରହିଛି। ଉଭୟ ପାର୍ଶ୍ୱ ରାସ୍ତା ଶୋଚନୀୟ ହୋଇଥିଲେ ମଧ୍ୟ ବ୍ରିଜ୍ କାମ କରୁଥିବା ଠିକାସଂସ୍ଥା ଧ୍ୟାନ ଦେଉନାହିଁ। ଏହାକୁ ବିରୋଧକରି ସୋମବାର ଭାଜପା ଯୁବନେତା ଗୋଲଡି ଅଗ୍ରୱାଲଙ୍କ ନେତୃତ୍ୱରେ ଅଞ୍ଚଳର ଶତାଧିକ ଜନସାଧାରଣ ଏକତ୍ରିତ ହୋଇ ଠିକା ସଂସ୍ଥା କାର୍ଯ୍ୟାଳୟ ଘେରାଉ କରିବା ସହ ଜାତୀୟ ରାଜପଥ ଅବରୋଧକରି ଧାରଣାରେ ବସିଥିଲେ। ଠିକା ସଂସ୍ଥା କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ଆନ୍ଦୋଳନକାରୀଙ୍କ ସହ ଆଲୋଚନାକରି ସଙ୍ଗେ ସଙ୍ଗେ ରାସ୍ତା କାର୍ଯ୍ୟ ଆରମ୍ଭ କରିବାରୁ ଆନ୍ଦୋଳନ ପ୍ରତ୍ୟାହୃତ ହୋଇଥିଲା। ଆନ୍ଦୋଳନରେ ପ୍ରେମ ଅଗ୍ରୱାଲ, କାଉନସିଲର ବେଣୁ ଦୀପ, ସଞ୍ଜୁ ସୋନୀ, ଲେଖରାମ ସାହୁ, ରମେଶ ବରମନ, ମନୋଜ ମିଶ୍ର, ପପୁ ରାଓଲ, ମୈକୁ ଯାଦବ ପ୍ରମୁଖ ସାମିଲ ଥିଲେ।

# ବ୍ରହ୍ମପୁତ୍ର ଛାତ୍ରାବାସର ବାର୍ଷିକ ଉତ୍ସବ

**ଖଡ଼ିଆଳ,୨୩।୩ (ସୁଜିତ କୁମାର ପ୍ରଧାନ)**

ନୂଆପଡ଼ା ଜିଲା ଖଡ଼ିଆଳ ସ୍ୱୟଂଶାସିତ ମହାବିଦ୍ୟାଳୟର ବ୍ରହ୍ମପୁତ୍ର ଛାତ୍ରାବାସର ବାର୍ଷିକ ଉତ୍ସବ ଅନୁଷ୍ଠିତ ହୋଇଯାଇଛି। ଏଥିରେ ମହାବିଦ୍ୟାଳୟ ଅଧ୍ୟକ୍ଷ ପ୍ରଶାନ୍ତ କୁମାର ପଣ୍ଡା ଅଧ୍ୟକ୍ଷତା କରିଥିଲେ। ମହାବିଦ୍ୟାଳୟର ପ୍ରାକ୍ତନ ଅଧ୍ୟକ୍ଷ ଡ. ଫଣିନ୍ଦ୍ରମ ସିଂହଦେଓ ମୁଖ୍ୟ ଅତିଥି, ପ୍ରାକ୍ତନ ପ୍ରାଧ୍ୟାପକ ଲୋହିତାକ୍ଷ ଯୋଶୀ ମୁଖ୍ୟବକ୍ତା ଓ ପ୍ରାକ୍ତନ ଅଧ୍ୟକ୍ଷ ଡ. ହରେନ୍ଦ୍ର କୁମାର ପଣ୍ଡା, ବିଶ୍ୱଜିତ ପାଢ଼ୀ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଯୋଗଦେଇଥିଲେ। ଛାତ୍ରାବାସର ମୁଖ୍ୟ ପରିଚାଳକ ଅଧାପକ ଗୁଣବନ୍ତ ସାହୁ ଅତିଥି ପରିଚୟ ଓ ସାଧାରଣ ସମ୍ପାଦକ ପାର୍ଥିବ ବାଗ ବାର୍ଷିକ ବିବରଣୀ ପାଠ କରିଥିଲେ। ଛାତ୍ରାବାସର ଉଚିତ ଉପଯୋଗ, ଚରିତ୍ର ଗଠନ, ଭବିଷ୍ୟତ ଜୀବନ ନିମନ୍ତେ ବର୍ତ୍ତମାନର ପ୍ରସ୍ତୁତି ସମ୍ପର୍କରେ ଅତିଥିମାନେ ଉଦ୍‌ବୋଧନ ଦେଇଥିଲେ। ଅନ୍ୟମାନଙ୍କ ମଧ୍ୟରେ ଅଧ୍ୟାପକ ଡ. ସରୋଜ କୁମାର ପଣ୍ଡା, ଛାତ୍ରୀନିବାସ ପରିଚାଳିକା ସନ୍ତୋଷୀ ଶର୍ମା, ଅଧ୍ୟାପକ ଡ. ଶୁଭ୍ରାଂଶିଷ ବାରିକ, ଅଧ୍ୟାପକ ହରିହର ବେଶ୍ରା, ଅଧ୍ୟାପିକା ରାଜଲକ୍ଷ୍ମୀ କରୁଆଁ ପ୍ରମୁଖ ଉପସ୍ଥିତ ଥିଲେ। ଛାତ୍ରାବାସର ସହ ପରିଚାଳକ ଅଧ୍ୟାପକ ରମାକାନ୍ତ ସିଂହ ସାହାଣୀ ଧନ୍ୟବାଦ ଅର୍ପଣ କରିଥିଲେ। ଶେଷରେ ଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା।

# ଅଦରକାରୀ ଜିନିଷକୁ ନୂଆ ରୂପ ଦେଇ ଚର୍ଚ୍ଚାରେ ନିହାରିକା



ମୋବିଲ ଜାର୍‌କୁ କାଟି ହାତୀ ରୂପ ଦେଉଛନ୍ତି ନିହାରିକା।

**ଖଡ଼ିଆଳ,୨୩।୩ (ସୁଜିତ କୁମାର ପ୍ରଧାନ)**

ଅଦରକାରୀ ଜିନିଷକୁ ନୂଆରୂପ ଦେଇ ଚର୍ଚ୍ଚାରେ ଅଛନ୍ତି ନୂଆପଡ଼ା ଜିଲା ଖଡ଼ିଆଳ ଶାନ୍ତିନଗର ବାସିନ୍ଦା ନିହାରିକା ପାଢ଼ୀ। ନିହାରିକା ଆଇସିଡିଏସ୍ ବିଭାଗରେ ଚାକିରି କରନ୍ତି। ପେସା ତାଙ୍କର ଚାକିରି ହୋଇଥିଲେ ବି ନିଶା କିନ୍ତୁ ଅଦରକାରୀ ଜିନିଷକୁ ସୁନ୍ଦର ଭାବରେ ସଜାଇବା। ଆମେ ଅନେକ ସମୟରେ କୌଣସି ଜିନିଷ ବ୍ୟବହାରକଲା ପରେ ତାକୁ ଫିଙ୍ଗିଦେଉ। କିନ୍ତୁ ନିହାରିକା ଏସବୁକୁ ନୂତନ ରୂପ ଦେବାରେ ସିଦ୍ଧହସ୍ତ। ଅବ୍ୟବହୃତ ଓ ଅଦରକାରୀ ଜିନିଷକୁ ସେ ସୁନ୍ଦର କଳାକୃତିର ରୂପ ଦିଅନ୍ତି। ଆମେ ପାଣି ପିଇଲା ପରେ ବୋତଲକୁ ଫିଙ୍ଗିଦେଉ। ସେ କିନ୍ତୁ ଏହାକୁ ଚଢ଼େଇର ରୂପ ଦିଅନ୍ତି। ସେହିପରି ମୋବିଲ ଜାର୍‌ରେ ହାତୀ, ନଡ଼ିଆ କତାରେ ସୁନ୍ଦର ଫୁଲ, ଷଢ଼େଇରେ କଇଁଛ ଓ ଶ୍ରୀଜଗନ୍ନାଥଙ୍କ ପ୍ରତିକୃତି ତିଆରି କରନ୍ତି। ଏସବୁ ଜିନିଷରେ ସେ ନିଜ ଘରକୁ ସଜାଇ ରଖିଛନ୍ତି। ଘରର କାନ୍ଥ ଠାରୁ ପାହାଚ, ଫୁଲକୁଣ୍ଡଠାରୁ ଗଛ ଯାଏ ସୁନ୍ଦର କଳାକୃତିରେ ଶୋଭା ପାଉଛି। ଯାହାକୁଥରେ ଦେଖିଲେ ବାରମ୍ବାର ଦେଖିବାକୁ ମନ ହୁଏ। କହିବାକୁ ଗଲେ ତାଙ୍କ ପାଖରେ କୌଣସି ଜିନିଷ ଅଦରକାରୀ ନୁହେଁ। ସଜାଇ ଜାଣିଲେ ସବୁ ଜିନିଷ ସୁନ୍ଦର। ନିହାରିକା ଅନେକ ସମୟର ପଡ଼ୋଶୀଙ୍କ ଘରୁ ଅବ୍ୟବହୃତ ଜିନିଷ ଆଣି ତାହାକୁ ସୁନ୍ଦର ଡିଜାଇନ ଦିଅନ୍ତି। ତାଙ୍କର ଏହି କଳାକାରୀ ପାଇଁ ସ୍ୱାମୀ ଗୌତମ ସବୁବେଳେ ସହଯୋଗ କରିଥାନ୍ତି। ଅନ୍ୟମାନଙ୍କୁ ଏ ନେଇ ତାଲିମ ଦେବାକୁ ତାଙ୍କର ଇଚ୍ଛା ଅଛି ବୋଲି ନିହାରିକା କହିଛନ୍ତି। ଏଥିପାଇଁ ତାଙ୍କୁ ପ୍ରଶଂସା କରିଛନ୍ତି ଖଡ଼ିଆଳ ଏନ୍‌ଏସି କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ୱାଧୀନ ମହାରଣା। ତାଙ୍କର ଏହି କଳା ଅନ୍ୟମାନଙ୍କୁ ପ୍ରେରଣା ଦେବ ଓ ପ୍ଲାଷ୍ଟିକ୍‌ମୁକ୍ତ ଜିଲା ଗଠନରେ ସହାୟକ ହୋଇପାରିବ ବୋଲି ସେ କହିଛନ୍ତି।

# କଳାରୁଦ୍ର ଯୁବକ ସଂଘ ପକ୍ଷରୁ ଶହୀଦ ଦିବସ

**କର୍ଲାମୁଣ୍ଡା,୨୩।୩(ପ୍ରଦୀପ କୁମାର ସାହୁ)**

ଭାରତ ସରକାର ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନ ମୋ ଭାରତ କଳାହାଣ୍ଡି ଶାଖା ନେତୃତ୍ୱରେ ସୋମବାର କଳାହାଣ୍ଡି ଜିଲା କର୍ଲାମୁଣ୍ଡା ବ୍ଲକ କୁଶୁର୍ଲା ହଜାରୀପଡା କଳାରୁଦ୍ର ଯୁବକ ସଂଘ ପକ୍ଷରୁ ଶହୀଦ ୩ ସ୍ୱାଧୀନତା ବିପ୍ଳବୀ ଭଗତ ସିଂହ, ସୁଖଦେବ ଏବଂ ରାଜଗୁରୁଙ୍କ ଉଦ୍ଦେଶ୍ୟରେ ଅମର ଯୁକ୍ତ ୩ ମହାବିଦ୍ୟାଳୟଠାରୁ ଯୋରାଡବରା ଛକ ପର୍ଯ୍ୟନ୍ତ ଏକ ସଡ଼କ ସୁରକ୍ଷା ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ପରେ ଆୟୋଜିତ ସଭାରେ କବିତା ପଠନ କରି ପୂର୍ବତନ ସେନା ଅଧିକାରୀ ସୁରେନ୍ଦ୍ର ଭୋଇଙ୍କୁ ସମ୍ମାନିତ କରାଯାଇଥିଲା। ଏଥିରେ ମୁଖ୍ୟଅତିଥି ଜିଲା ପରିଷଦ ଅଧ୍ୟକ୍ଷ ପୁଷ୍ପେନ୍ଦ୍ର କୁମାର ସିଂଦେଓ, ସମ୍ମାନିତ ଅତିଥି ଭାବେ କର୍ଲାମୁଣ୍ଡା ବ୍ଲକ ଉପାଧ୍ୟକ୍ଷ ସୁରେନ୍ଦ୍ର ଭୋଇ, ଅମର ଯୁକ୍ତ ୩ ମହାବିଦ୍ୟାଳୟ ଅଧ୍ୟକ୍ଷ ନବୀନ କୁମାର ପ୍ରଧାନ, ଜାତୀୟ ସେବା ଯୋଜନା ଅଧିକାରୀ ରାଜେନ୍ଦ୍ର ଗହୀର, ଅଧ୍ୟାପିକା ସସ୍ମିତା ସାହୁ, ଅଧ୍ୟାପକ ନରେଶ ବିଶି ପ୍ରମୁଖ ଉପସ୍ଥିତ ରହି ସହଯୋଗ କରିଥିଲେ।



ଶହୀଦ ଦିବସ ଅବସରରେ ପୂର୍ବତନ ସେନା ଅଧିକାରୀଙ୍କୁ ସମ୍ମାନିତ କରାଯାଉଛି।

# ଗ୍ରାମସଭା ଅନୁମତି ଅପେକ୍ଷାରେ ଥଇଥାନ ପ୍ରକଳ୍ପ

**ଥୁଆମୂଳ ରାମପୁର, ୨୩।୩ (ଦୁର୍ଗା କୀର୍ତ୍ତି)**

କଳାହାଣ୍ଡି ଜିଲା ଥୁଆମୂଳ ରାମପୁର ତହସିଲ ଅନ୍ତର୍ଗତ କୁରୁକୁଟି ମୌଜାରେ ପ୍ରସ୍ତାବିତ ଥଇଥାନ କଲୋନି ନିର୍ମାଣ ଓ ଜମି ଅଧିଗ୍ରହଣକୁ ନେଇ ପ୍ରଶାସନ ଏବଂ ସ୍ଥାନୀୟ ଗ୍ରାମବାସୀଙ୍କ ମଧ୍ୟରେ ଅଶାନ୍ତି ଦେଖାଦେଇଛି। ସିଜିମାଳୀ ଖଣି ପ୍ରକଳ୍ପ ଦ୍ୱାରା ପ୍ରଭାବିତ ପରିବାରକୁ ସ୍ଥାୟୀ ଭାବେ ବସବାସ କରାଇବା ପାଇଁ କୁରୁକୁଟି ମୌଜାର ଥୁଆଗୁଡ଼ା ଗ୍ରାମ ନିକଟରେ ପ୍ରାୟ ୪୨ ଏକର ଜମିରେ କଲୋନି ନିର୍ମାଣ ପାଇଁ ଯୋଜନା ରହିଛି। ମାତ୍ର ଏହି ପ୍ରକ୍ରିୟାରେ ଗ୍ରାମସଭାର ଭୂମିକା ଓ ସ୍ଥାନୀୟ ଲୋକଙ୍କ ସମ୍ମତିକୁ ନେଇ ବିବାଦ ଉପୁଜିଛି। ଫଳରେ ବିଗତ ୬ ଦିନ ହେଲା ନିର୍ମାଣ କାର୍ଯ୍ୟ ବନ୍ଦ ରହିଛି। ଗ୍ରାମବାସୀଙ୍କ କହିବା ଅନୁଯାୟୀ, କୌଣସି ପ୍ରକଳ୍ପ ଆରମ୍ଭ ପୂର୍ବରୁ ବିଧିବଦ୍ଧ ଭାବେ ଗ୍ରାମସଭା ଆୟୋଜନକରି ସ୍ଥାନୀୟ ଲୋକଙ୍କ ମତାମତ ନେବା ଆବଶ୍ୟକ। କୁରୁକୁଟି ମୌଜାରେ ଥିବା ଜମିକୁ ପ୍ରଥମେ ସେହି ଅଞ୍ଚଳର ଭୂମିହୀନ ଗ୍ରାମବାସୀଙ୍କୁ ପ୍ରଦାନ କରାଯାଉ ଏବଂ ବଳକା ଜମିକୁ ସ୍କୁଲ କିମ୍ବା କଲେଜ ପରି ସାର୍ବଜନୀନ ଶିକ୍ଷାନୁଷ୍ଠାନ ପାଇଁ ସଦୁପଯୋଗ କରାଯାଉ। ବିଶେଷକରି ଜମି ହସ୍ତାନ୍ତର ପ୍ରକ୍ରିୟାରେ 'ଫର୍ମ-ବି' ଓ 'ଫର୍ମ-ସି' ନିୟମାବଳୀ କଡ଼ାକଡ଼ି ପାଳନ କରିବାକୁ ଲୋକେ ଜିଦ୍ ଧରିଛନ୍ତି। ବିବାଦର ସମାଧାନ ପାଇଁ କର୍ଲାପାଟ ଥାନା ଅଧିକାରୀ ଶ୍ରୀକାନ୍ତ କୋଲକାଙ୍କ ସମେତ ସଦର ଏସ୍‌ଡିପିଓ ନରେଶ ପ୍ରଧାନ, ଭବାନୀପାଟଣା ଉପଜିଲାପାଳ ପ୍ରଭାତ ପରିଡ଼ା ଘଟଣାସ୍ଥଳରେ ପହଞ୍ଚି ଗ୍ରାମବାସୀଙ୍କ ସହ ଆଲୋଚନା କରିଛନ୍ତି। ତଥାପି ଗ୍ରାମସଭାର ଚୂଡ଼ାନ୍ତ ନିଷ୍ପତ୍ତି ପର୍ଯ୍ୟନ୍ତ କୌଣସି ନିର୍ମାଣ କାର୍ଯ୍ୟ ଆଗେଇ ନେବାକୁ ଗ୍ରାମବାସୀ ସମ୍ମତି ପ୍ରକାଶ କରିନାହାନ୍ତି। ଘଟଣାସ୍ଥଳରେ ଟ୍ରକ୍ ଓ ଜେସିବି ସମେତ ବିଭିନ୍ନ ଯାନବାହନ ଅଟକି ରହିଛି। ଶାନ୍ତିଶୃଙ୍ଖଳା ରକ୍ଷା ପାଇଁ ପୋଲିସ ମୁତୟନ ରହିଛନ୍ତି।



ଦାବି ପୂରଣ ନେଇ ଘଟଣାସ୍ଥଳରେ ବସିରହିଛନ୍ତି ଗ୍ରାମବାସୀ।

# ପୁରୁଣା କୋଠା ହସ୍ତାନ୍ତର ନ ହୋଇ ନୂଆ କୋଠା ନିର୍ମାଣ

**ଲାଖବାହାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର**

- ନିମ୍ନମାନର ଅଭିଯୋଗ ପରେ କାମ ବନ୍ଦ, ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ଲୋକେ

**ଲାଞ୍ଜିଗଡ଼,୨୩।୩(ରମେଶ ଚନ୍ଦ୍ର ନାୟକ)**



ଲାଖବାହାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ର କୋଠା ଅଧାପନ୍ତରିଆ।

କଳାହାଣ୍ଡିଜିଲା ଲାଞ୍ଜିଗଡ଼ ବ୍ଲକ ଲାଖବାହାଲି ଉପ ସ୍ୱାସ୍ଥ୍ୟକେନ୍ଦ୍ରର ପୁରୁଣା କୋଠା ତିଆରି ହୋଇ ହସ୍ତାନ୍ତର ହୋଇ ନ ଥିବାବେଳେ ପୁଣି ଏକ ନୂଆ କୋଠା ନିର୍ମାଣ କାମ ଆରମ୍ଭ ହୋଇଛି। ହେଲେ ନିମ୍ନମାନର କାମ ନେଇ ପଞ୍ଚାୟତବାସୀ ବିରୋଧ କରିବା ପରେ ଠିକାଦାର ୨ବର୍ଷ ହେଲା କାମ ବନ୍ଦ କରିଛନ୍ତି। ଏଣୁ ଜରୁରିକାଳୀନ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ଲୋକେ ବଞ୍ଚିତ ହେଉଥିବା ପ୍ରକାଶ କରିଛନ୍ତି। ସୂଚନା ଅନୁସାରେ, ଲାଖବାହାଲି ପଞ୍ଚାୟତରେ ୧୭ ଗୋଟି ଗ୍ରାମ ରହିଥିବା ବେଳେ ବାରଗୁଡ଼ା, ପଣସପଦର, ପଟାଙ୍ଗପଦର, ସରଗୁଡା, ବଣ୍ଡେଲ, ଡକରିଗୁଡା ଭଳି ଗାଁକୁ ରାସ୍ତା ନାହିଁ। ଫଳରେ ଏହିସବୁ ଗାଁ ଲୋକେ ଗୁରୁତର ରୋଗୀ, ଗର୍ଭବତୀ ଓ ପ୍ରସୂତି ମହିଳାଙ୍କୁ ଖଟିଆରେ ବୋହି ମୁଖ୍ୟ ରାସ୍ତାକୁ ଆଣିଥାନ୍ତି। ଲୋକେ ପ୍ରାଥମିକ ସ୍ୱାସ୍ଥ୍ୟସେବାରୁ ବଞ୍ଚିତ ରହୁଥିବା ବେଳେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ବ୍ଲକ ଓ ଜିଲା ସ୍ୱାସ୍ଥ୍ୟ ବିଭାଗରେ ବାରମ୍ବାର ଅଭିଯୋଗ କରିଥିଲେ। ପରେ ୨୦୧୫ରେ ଏକ ଉପସ୍ୱାସ୍ଥ୍ୟକେନ୍ଦ୍ର ସ୍ଥାପନ ପାଇଁ ସରକାର ଅନୁମତି ଦେଇଥିଲେ। ଏଥିପାଇଁ କୋଠା ନିର୍ମାଣ ଆରମ୍ଭହୋଇ ୨୦୧୬ରେ ସମ୍ପୂର୍ଣ୍ଣ ହୋଇଥିଲା। କିନ୍ତୁ କୌଣସି କାରଣରୁ ୧୦ ବର୍ଷ ବିତିଯାଇଥିଲେ ମଧ୍ୟ ସ୍ୱାସ୍ଥ୍ୟ ବିଭାଗକୁ ହସ୍ତାନ୍ତର କରାଯାଇ ନାହିଁ। ଏପରିସ୍ଥଳେ ପୁଣି ଥରେ ୨୦୨୩ରେ ପୂର୍ବ ସ୍ୱାସ୍ଥ୍ୟକେନ୍ଦ୍ରଠାରୁ ୩୦୦ ମିଟର ବ୍ୟବଧାନରେ ଆଉ ଏକ କୋଠା ନିର୍ମାଣ କାମ ଆରମ୍ଭ ହୋଇଥିଲା। ହେଲେ ଫଳକ ଲାଗି ନ ଥିବାରୁ ବ୍ୟୟ ଅଟକଳ ମୂଲ୍ୟ ଓ କାମ ଶେଷ ତାରିଖ ଜାଣି ନ ଥିବା ଯୋଗୁ ନିୟମ ଉଲ୍ଲଂଘନ କରି କାମ ଚାଲୁଥିବା ଲାଖବାହିଲି ପଞ୍ଚାୟତବାସୀ ଅଭିଯୋଗ କରି ବିରୋଧ କରିଥିଲେ। ଫଳରେ ପ୍ରାୟ ୩ବର୍ଷ ହେବ କାମ ବନ୍ଦ ରହିଛି। ଏ ନେଇ ସରପଞ୍ଚ ପଦ୍ମିନୀ ମାଝୀଙ୍କୁ ପଚାରିବାରୁ ବର୍ତ୍ତମାନ ସ୍ୱାସ୍ଥ୍ୟ ଉପକେନ୍ଦ୍ର ୩ବର୍ଷ ହେଲା କାମ ବନ୍ଦ ପଡ଼ିଛି। ବାରମ୍ବାର ପ୍ରଶାସନ ନିକଟରେ ଅଭିଯୋଗ କଲେ ବି ଶୁଣୁନାହାନ୍ତି। ଫଳରେ ସ୍ୱାସ୍ଥ୍ୟସେବାରେ ଅସୁବିଧା ଦେଖାଦେଇଛି। ଲାଞ୍ଜିଗଡ଼ ଗୋଷ୍ଠୀ ସ୍ୱାସ୍ଥ୍ୟ ଅଧିକାରୀ ଭବାନୀ ଶଙ୍କର ଲେଙ୍କାଙ୍କୁ ପଚାରିବାରୁ ଏହାର ଦାୟିତ୍ୱ ବ୍ଲକର ଥିବାବେଳେ ବିଭିନ୍ନ ଜାଗାରେ ଏଭଳି ଉପକେନ୍ଦ୍ର ଅଧା କାମ ହୋଇ ବନ୍ଦ ରହିଛି, ବିଡିଓଙ୍କୁ ପଚାରିଲେ ଜଣାପଡିବ। ବିଡିଓ ଶଶାଙ୍କ ପାତ୍ରଙ୍କୁ ପଚାରିବାରୁ ଉପ ସ୍ୱାସ୍ଥ୍ୟକେନ୍ଦ୍ର ତିଆରି କରୁଥିବା ଠିକାଦାର କାମ ଛାଡ଼ିଚାଲିଯିବା ପରେ କାମ ବନ୍ଦ ଅଛି। ଆସନ୍ତା ୧ ସପ୍ତାହ ମଧ୍ୟରେ କୋଠା କାର୍ଯ୍ୟ ଆରମ୍ଭ ହେବ ବୋଲି ପ୍ରକାଶ କରିଥିଲେ।

**ଡ୍ରେନ୍ କାମ ଅର୍ଦ୍ଧ ନିର୍ମିତ**

ପଦ୍ମପୁର(ପ୍ରଦୀପ୍ତ ଦାଶ): ପଦ୍ମପୁର ପୂର୍ତ୍ତ ବିଭାଗ ତରଫରୁ ସହର ମୁଖ୍ୟ ରାସ୍ତାରେ ଚାଲିଥିବା ଉନ୍ନୟନ ମୂଳକ ରାସ୍ତା କାମ ସହିତ ଡ୍ରେନ୍ କାମ ଅର୍ଦ୍ଧ ନିର୍ମିତ ଅବସ୍ଥାରେ ପଡ଼ିଛି। ଯାହାକି ଲୋକଙ୍କ ଦୁର୍ଦ୍ଦଶାର କାରଣ ପାଲଟିଛି। ରାସ୍ତା ଓ ଡ୍ରେନ୍ ନିର୍ମାଣ କରି ମଝିରେ ମାଟି ଖୋଳି ଠିକାଦାର ଚାଲିଯାଇଥିବାରୁ ବିପର୍ଯ୍ୟସ୍ତ ରାସ୍ତାରେ ଅନେକ ବୟସ୍କ ବ୍ୟକ୍ତି, ଦୁଇଚକିଆ ଚାଳକମାନେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏ ସମ୍ପର୍କରେ ପୂର୍ତ୍ତ ବିଭାଗର ସହକାରୀ ନିର୍ବାହୀ ଯନ୍ତ୍ରୀ ଚିନ୍ମୟ ଶେଖର ସାହୁଙ୍କୁ ପଚାରିବାରୁ ଶୀଘ୍ର କାମ କାରାଯିବ ବୋଲି ସେ କହିଛନ୍ତି।

# ପୋଷ୍ଟକାର୍ଡରେ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖିଲେ ଚାଷୀ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ)**



- ଧାନବିକ୍ରି ଅବ୍ୟବସ୍ଥା ନେଇ ବଢୁଛି ଅସନ୍ତୋଷ
- ୧୬ଦିନରେ ଧାରଣା, ସମସ୍ୟା ଅସମାହିତ
- ଜନ ପ୍ରତିନିଧି, ପ୍ରଶାସନ ଉପରେ ବିକ୍ଷୋଦ୍‌ଗାର

ଆଉ ସପ୍ତାହକ ପରେ ଖରିଫ୍ ଧାନ ସଂଗ୍ରହ ପ୍ରକ୍ରିୟା ସରିଯିବ। ଅନ୍ୟପଟେ ବର୍ତ୍ତମାନ ରବିଧାନ ସଂଗ୍ରହ ପ୍ରକ୍ରିୟା ପାଇଁ ଚାଷୀ ପଞ୍ଜୀକରଣ ଚାଲିଛି। କିନ୍ତୁ ବିଭାଗୀୟ ଅବହେଳା ଯୋଗୁ ପଞ୍ଜୀକରଣରୁ ବାଦ୍ ପଡ଼ିଥିବା ବରଗଡ଼ ଜିଲାର ଅନେକ ଚାଷୀ ଏପର୍ଯ୍ୟନ୍ତ ଖରିଫ୍‌ରେ ଅମଳ ଧାନ ବିକ୍ରି କରିପାରି ନାହାନ୍ତି। ସ୍ଥାନୀୟ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କୁ ବାରମ୍ବାର ଜଣାଇବା ସତ୍ତ୍ୱେ କିଛି ସୁଫଳ ମିଳିନାହିଁ। ଏହାର ପ୍ରତିବାଦରେ ଗତ ୯ତାରିଖରୁ ଜିଲାର ଭେଡ଼େନ ବ୍ଲକ ଅନ୍ତର୍ଗତ ସହରାଟିକ୍ରା ମଣ୍ଡି ଉପରେ ନିର୍ଭରଶୀଳ ଚାଷୀମାନେ ଧାନ ଗଦା କରି ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଦିନରାତି ଧାରଣାରେ ବସିଛନ୍ତି। ଏହାସତ୍ତ୍ୱେ ସମସ୍ୟାର ସମାଧାନ ନ ହେବାରୁ ଜନ ପ୍ରତିନିଧି ଏବଂ ପ୍ରଶାସନିକ ଅଧିକାରୀଙ୍କ ଉପରୁ ଆସ୍ଥା ହରାଇ ସୋମବାର ଚାଷୀମାନେ ପୋଷ୍ଟକାର୍ଡ ମାଧ୍ୟମରେ ସିଧାସଳଖ ମୁଖ୍ୟମନ୍ତ୍ରୀଙ୍କୁ ଚିଠି ଲେଖି ସମସ୍ୟାର ସମାଧାନ ପାଇଁ ନିବେଦନ କରିଛନ୍ତି। ସମସ୍ୟାର ସମାଧାନ ଦିଗରେ ତ୍ୱରିତ୍ ପଦକ୍ଷେପ ନିଆ ନ ଗଲେ ଆଗକୁ ଆନ୍ଦୋଳନ ତୀବ୍ର କରାଯିବ ବୋଲି ଚାଷୀମାନେ ଚେତାବନୀ ଦେଇଛନ୍ତି।

ସୂଚନା ଅନୁଯାୟୀ, ଗତବର୍ଷ ନଭେମ୍ବର ୨୮ତାରିଖରୁ ବରଗଡ଼ ଜିଲାରେ ଖରିଫ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭ ହୋଇଥିଲା। ତେବେ ବିଭାଗୀୟ ଅଧିକାରୀଙ୍କଠାରେ ଆବଶ୍ୟକ କାଗଜାତ ଦାଖଲ ସତ୍ତ୍ୱେ ଜିଲାର ୪୮୦ ଚାଷୀ ଧାନ ପଞ୍ଜୀକରଣରୁ ବାଦ୍ ପଡ଼ିଥିବାରୁ ଧାନ ସଂଗ୍ରହ ପ୍ରକ୍ରିୟା ଆରମ୍ଭରୁ ଚାଷୀ ଅସନ୍ତୋଷ ଦେଖାଯାଇଥିଲା। ଜିଲାପାଳଙ୍କଠାରୁ ଆରମ୍ଭ କରି ସ୍ଥାନୀୟ ବିଧାୟକ, ଯୋଗାଣମନ୍ତ୍ରୀ ଏବଂ ମୁଖ୍ୟମନ୍ତ୍ରୀଙ୍କୁ ଏ ନେଇ ପୂର୍ବରୁ ଅବଗତ କରାଯାଇଥିଲା। ମାତ୍ର କିଛି ସୁଫଳ ନ ମିଳିବାରୁ ଚାଷୀମାନେ ଗତବର୍ଷ ନଭେମ୍ବର ମାସ ୧୦ତାରିଖରୁ ଜିଲାପାଳଙ୍କ କାର୍ଯ୍ୟାଳୟ ଆଗରେ ଧାରଣାରେ ବସିଥିଲେ। ସେତେବେଳେ ଅତାବିରା ବିଧାୟକ ନୀହାର ରଞ୍ଜନ ମହାନନ୍ଦ ଧାରଣାସ୍ଥଳକୁ ପହଞ୍ଚି ସମସ୍ୟାର ସମାଧାନ ନେଇ ପ୍ରତିଶ୍ରୁତି ଦେବାରୁ ଧାରଣାକୁ ସ୍ଥଗିତ ରଖାଯାଇଥିଲା। ତେବେ ପରବର୍ତ୍ତୀ ସମୟରେ କେତେକ ଚାଷୀଙ୍କ ଟୋକନ ଆସିଥିଲା। ମାତ୍ର ଅନେକ ଚାଷୀଙ୍କୁ ଏପର୍ଯ୍ୟନ୍ତ ଟୋକନ ମିଳି ପାରି ନ ଥିବାରୁ ସେମାନେ ଗତ ୯ତାରିଖରୁ ଜିଲାପାଳଙ୍କ ଅଫିସ ଆଗରେ ଧାରଣାରେ ବସିଛନ୍ତି।

ଧାରଣାକୁ ବିଜେଡି, କଂଗ୍ରେସ, ବିଭିନ୍ନ ଚାଷୀ ସଂଗଠନ ଏବଂ ଅନୁଷ୍ଠାନ ସମର୍ଥନ ଜଣାଇଛନ୍ତି। କିନ୍ତୁ କୌଣସି ବିଧାୟକ ଉକ୍ତ ଧାରଣାକୁ ଏଥର ଆଲୋଚନା ପାଇଁ ସୁଦ୍ଧା ପହଞ୍ଚିନ ଥିବାବେଳେ ସମସ୍ୟା ଯେଉଁଠିମିରେକୁ ସେହି ଠିମିରେ ରହିଛି। ଫଳରେ ଚାଷୀମାନେ ସିଧାସଳଖ ପୋଷ୍ଟକାର୍ଡରେ ନିଜ ସମସ୍ୟା ଉଲ୍ଲେଖ କରି ଡାକ ଦ୍ୱାରା ମୁଖ୍ୟମନ୍ତ୍ରୀଙ୍କ ନିକଟକୁ ପଠାଇଛନ୍ତି। ଧାରଣାସ୍ଥଳୀରୁ ସମସ୍ତ ଚାଷୀ ସମସ୍ୟା ଲିଖିତ ପୋଷ୍ଟକାର୍ଡ ଧରି ଶୋଭାଯାତ୍ରାରେ ବରଗଡ଼ ମୁଖ୍ୟ ଡାକଘରକୁ ଯାଇଥିଲେ ଏବଂ ସେଠାରେ ରହିଥିବା ଡାକବାକ୍ସରେ ସେହି ପୋଷ୍ଟକାର୍ଡଗୁଡ଼ିକୁ ପକାଇଥିଲେ। ସଂଯୁକ୍ତ କୃଷକ ସଂଗଠନର ଉପଦେଷ୍ଟା ରମେଶ ମହାପାତ୍ରଙ୍କ ସମେତ ଅନେକ ଚାଷୀ ଏଥିରେ ସାମିଲ ଥିଲେ।

## ୨୭ ପର୍ଯ୍ୟନ୍ତ ଚାଲିବ ଖେଳାଳି ପଞ୍ଜୀକରଣ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ)**

**୧୬ରୁ କମ୍ ବୟସ ବର୍ଗର କ୍ରିକେଟ**

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚଳିତ ମାସ ଶେଷ ସପ୍ତାହରେ ହେବାକୁ ଥିବା ଆନ୍ତଃଜିଲା ୧୬ ବର୍ଷରୁ କମ ବୟସ ବର୍ଗର କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲା ଜୁନିୟର କ୍ରିକେଟ ଖେଳାଳିମାନଙ୍କ ପଞ୍ଜୀକରଣ ଚଳିତ ମାସ ୨୦ରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ୨୦୧୦ ସେପ୍ଟେମ୍ବର ୧ତାରିଖରୁ ୨୦୧୨ ସେପ୍ଟେମ୍ବର ୧ତାରିଖ ମଧ୍ୟରେ ଜନ୍ମ ହୋଇଥିବା ଖେଳାଳି ଭାଗ ନେଇ ପାରିବେ। ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଦୁଇ ବର୍ଷର ମାର୍କ ଶିଟ୍, ସ୍କୁଲ ବୋନାଫାଇଡ୍ ସାର୍ଟିଫିକେଟ୍‌ର ପିଡିଏଫ୍ ଫାଇଲ କରି ରଜତ କୁମାର ଦାଶ, ମନୋଜ ପାତ୍ରଙ୍କ ମୋବାଇଲ ନମ୍ବରକୁ ପଠାଇବା ପାଇଁ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ଖେଳାଳି ଜୁନିୟର ଇଣ୍ଟ୍ରା କ୍ଲବ କିମ୍ବା ଆନ୍ତଃ ଜିଲା ସ୍କୁଲ ପ୍ରତିଯୋଗିତାରେ ଭାଗ ନେଇଥିବେ ଏବଂ ଉପରୋକ୍ତ ବୟସ ବର୍ଗରେ ଅଛନ୍ତି, ସେମାନେ ଖେଳିପାରିବେ। ଯେଉଁ ବାହାର ରାଜ୍ୟ ଖେଳାଳି ଥିବେ, ସେମାନେ ଜିଲାରେ ବର୍ଷେ ଅବଧି ରହି ସାରିଥିଲେ ସେମାନେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ, ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ, ପାଠ ପଢୁଥିବା ପ୍ରମାଣପତ୍ର, ପାସ୍‌ପୋର୍ଟ ଦେଇ ଭାଗ ନେଇପାରିବେ। ଯେଉଁ ଖେଳାଳି ଅନ୍ୟ ଜିଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ, ସେ ଏନ୍‌ଓସି ଦେଇ ପଞ୍ଜୀକରଣ କରିପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

## ସଂକ୍ଷେପରେ

### ରେଳ ଧାରଣାରେ ଯୁବକଙ୍କ ମୃତଦେହ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ବ୍ଲକ ଅନ୍ତର୍ଗତ ବରାହଗୋଡ଼ା-କୁର୍ଲା ରାସ୍ତାରେ ରହିଥିବା ରେଲୱେ ଲେଭେଲ କ୍ରସିଂର ଅନତିଦୂରରେ ରେଳଧାରଣାରୁ ସୋମବାର ଜଣେ ଯୁବକଙ୍କ ମୃତଦେହ ଉଦ୍ଧାର ହୋଇଛି। ମୃତକଙ୍କ ପରିଚୟ ଜଣାପଡି ନଥିବାବେଳେ ସେ ବରଗଡ଼ ଆଖପାଖ ଅଞ୍ଚଳର ହୋଇଥିବେ ବୋଲି ଅନୁମାନ କରାଯାଉଛି। ଘଟଣାସ୍ଥଳ ପାଖରେ ଏକ ସାଇକେଲ ଥିବାରୁ ତାହା ମୃତକଙ୍କ ବୋଲି ଅନୁମାନ ହେଉଛି। ତେବେ ଏହା ଆତ୍ମହତ୍ୟା ନା ଦୁର୍ଘଟଣା କିମ୍ବା ମୃତ୍ୟୁ ପଛରେ ଅନ୍ୟ କିଛି କାରଣ ରହିଛି, ତାହା ଜଣାପଡି ନାହିଁ। ସମ୍ବଲପୁର ଜିଆର୍‌ପି ଶବ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ପଠାଇବା ସହିତ ଅଧିକ ତଦନ୍ତ ଚଳାଇଛି।

### ସମଲେଶ୍ୱରୀଙ୍କ ସ୍କନ୍ଦମାତା ବେଶ



**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ର ଅଧିଷ୍ଠାତ୍ରୀ ଗ୍ରାମ୍ୟଦେବୀ ମାଁ ସମଲେଇଙ୍କ ବାସନ୍ତୀକ ନବରାତ୍ର ପୂଜା ଚାଲିଛି। ପଞ୍ଚମ ଦିବସ ସୋମବାରରେ ଦେବୀ ସ୍କନ୍ଦମାତା ବେଶରେ ଦର୍ଶନ ଦେଇଛନ୍ତି। ଦେବୀଙ୍କୁ ଏହି ବେଶରେ ଦର୍ଶନ କରିବା ପାଇଁ ସକାଳୁ ଭକ୍ତମାନେ ଧୂପ, ଦୀପ, ଫୁଲ ଧରି ମନ୍ଦିରକୁ ପହଞ୍ଚି ମାଁ ସମଲେଶ୍ୱରୀଙ୍କ ଦର୍ଶନ କରୁଛନ୍ତି। ଦେବୀଙ୍କ ପୀଠରେ ସକାଳୁ ଭକ୍ତଙ୍କ ସମାଗମ ହୋଇଛି। ଦେବୀଙ୍କ ଦର୍ଶନ ପାଇଁ ଭକ୍ତଙ୍କ ସକାଶେ ମନ୍ଦିର କମିଟି ପକ୍ଷରୁ ସୁବ୍ୟବସ୍ଥା କରାଯାଇଥିଲା।

### ୬ ବାଲି ଚୋରି ହାଇୱା ଜବତ

**ଅତାବିରା, ୨୩।୩(ଯୁଧିଷ୍ଠିର ମହାପାତ୍ର):** ବରଗଡ଼ ଜିଲା ମାଇନିଂ ବିଭାଗ ସହ ଅତାବିରା ଥାନା ପୋଲିସ ପକ୍ଷରୁ ସୋମବାର ସନ୍ଧ୍ୟାରେ ୬ଟି ବାଲି ଚୋରି ହାଇୱା ଜବତ କରାଯାଇଛି । ବରଗଡ଼ ସମ୍ବଲପୁର ୫୩ ନମ୍ବର ଜାତୀୟ ରାଜପଥର ସ୍ଥାନୀୟ ବିଏସ୍‌ଏନ୍‌ଏଲ୍ ଛକରେ ହାଇୱା ଗୁଡ଼ିକ ଅଟକାଇ ଥାନାକୁ ଅଣାଯାଇଥିଲା । ଅତାବିରା ପୋଲିସ ପକ୍ଷରୁ ତିନୋଟି ହାଇୱା ବିରୋଧରେ ( ନଂ. ୧୧୪, ୧୧୫,୧୧୬/୨୬) ମାମଲା ରୁଜୁ କରାଯାଇଥିବା ବେଳେ ଅନ୍ୟ ତିନୋଟି ହାଇୱା ବିରୋଧରେ ବରଗଡ଼ ମାଇନିଂ ବିଭାଗ ପଦକ୍ଷେପ ନେବେ ବୋଲି ଅତାବିରା ଆଇଆଇସି ପ୍ରକାଶ କର୍ଣ୍ଣ କହିଛନ୍ତି। ସୂଚନାଯୋଗ୍ୟ, ଚଳିତ ମାସ ୧୫ ତାରିଖ ବାଲି ଚୋରା ଚାଲାଣ ବେଳେ ୮ ହାଇୱା ଜବତ ୨ଟି ମାମଲା ସହ ୩ଲକ୍ଷ ୬୬ ହଜାର ଜରିମାନା ଆଦାୟ କରାଯାଇଥିଲା।

## ଛାତ୍ରୀଛାତ୍ରଙ୍କ ନାଚରେ ଦୁଲୁକିଲା ଚେତନା ମଣ୍ଡପ



**ସୋହେଲା,୨୩।୩(ଅଶ୍ୱିନୀ କୁମାର ପାତ୍ର)**

**ସାଂସ୍କୃତିକ କାର୍ଯ୍ୟକ୍ରମ ଉଛବ ୨୦୨୬**

ସୋହେଲାରେ ହେଉଥିବା ଚୈତ୍ର ବାସନ୍ତିକ ଦୁର୍ଗାପୂଜା ଅବସରରେ ଅନୁଷ୍ଠିତ ସାଂସ୍କୃତିକ କାର୍ଯ୍ୟକ୍ରମ ଉଛବ ୨୦୨ର ଚତୁର୍ଥ ସନ୍ଧ୍ୟାରେ ସ୍ଥାନୀୟ ଏବଂ ଆଖ ପାଖର ଶିକ୍ଷା କେନ୍ଦ୍ର ଗୁଡିକର ଛାତ୍ରୀଛାତ୍ର ନୃତ୍ୟ ପରିବେଷଣ କରିଥିଲେ। ଏହା ଦେଖିବାକୁ ଲୋକଙ୍କ ପ୍ରବଳ ଭିଡ଼ ଜମିଥିଲା। ଛାତ୍ରୀଛାତ୍ରଙ୍କ ନୃତ୍ୟରେ ଝୁମିଲା ସୋହେଲା ଚେତନା ମଣ୍ଡପ। ସରକାରୀ ହାଇସ୍କୁଲ ପାଣିମୋରା, କରଂଡୋଳା ହାଇସ୍କୁଲ, ଶ୍ରୀଅରବିନ୍ଦ ପୂର୍ଣ୍ଣାଙ୍ଗ ଶିକ୍ଷାକେନ୍ଦ୍ର ସୋହେଲା, ସରସ୍ୱତୀ ଶିଶୁ ମନ୍ଦିର ସୋହେଲା, ପବ୍ଲିକ ସ୍କୁଲ ସୋହେଲା, ପିଏମ୍‌ଶ୍ରୀ ବାଳିକା ହାଇସ୍କୁଲ ସୋହେଲାର ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ। କ୍ଷୀରୋଦ୍ର ସାହୁ ମଞ୍ଚ ସଂଯୋଜନା କରିଥିଲେ। ସୋମବାରଠାରୁ ଏହି ମଞ୍ଚରେ ପାଞ୍ଚଦିନ ଧରି ରାଜ୍ୟସ୍ତରୀୟ କ୍ଷୁଦ୍ର ନାଟକ ଗୁଡ଼ିକ ମଞ୍ଚସ୍ଥ ହେବ। ଓଡ଼ିଶାର ବଛା ବଛା ଦଶଟି ନାଟକ ଦଳ ପ୍ରତ୍ୟହ ଦୁଇଟି ନାଟକ ପରିବେଷଣ କରିବେ।

## ସମସ୍ୟାର ସମାଧାନ କରିବାକୁ ନିର୍ଦ୍ଦେଶ

**ଝାରବନ୍ଧ,୨୩।୩(ଦେବେନ୍ଦ୍ର ସାହୁ):** ଝାରବନ୍ଧ ପଞ୍ଚାୟତ ସମିତି କାର୍ଯ୍ୟାଳୟ ପରିସରରେ ଜିଲାପାଳ ଆଦିତ୍ୟ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ମିଳିତ ଅଧ୍ୟକ୍ଷତାରେ ଜନ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି । ଜିଲାପାଳ ଗୋୟଲ ଏବଂ ଆରକ୍ଷୀ ଅଧିକ୍ଷକ ପ୍ରହଲ୍ଲାଦ ସହାୟ ମୀନାଙ୍କ ସମେତ ଜିଲା ପରିଷଦ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା କାର୍ଯ୍ୟ ନିର୍ବାହୀ ଅଧିକାରୀ ଲଲାଟ କୁମାର ଲୁହ। ଉପଜିଲାପାଳ ସ୍ନେହା ଅରୁଗୁଲା, ଝାରବନ୍ଧ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପର୍ଶୁରାମ ପଣ୍ଡା, ଝାରବନ୍ଧ ତହସିଲଦାର ଅଲେଖ ଘୁଟା, ଜିଲା ମୁଖ୍ୟ ଚିକିତ୍ସା ଅଧିକାରୀ କୁବେର ଚନ୍ଦ୍ର ମହନ୍ତ ଏବଂ ଉପଖଣ୍ଡ ଆରକ୍ଷୀ ଅଧିକ୍ଷକ ପାଣ୍ଡବ ଶବର ଉପସ୍ଥିତ ରହି ଲୋକଙ୍କ ଅଭିଯୋଗ ଶୁଣିଥିଲେ । ଉକ୍ତ ଶିବିରରେ ସମୁଦାୟ ୮୩ ଅଭିଯୋଗ ଆସିଥିଲେ। ସେଥିରୁ ୪୮ ବ୍ୟକ୍ତିଗତ ଏବଂ ୩୫ ଗୋଟି ସାମୁହିକ ଅଭିଯୋଗର ଶୁଣାଣି କରି ଅନ୍ୟ ସମସ୍ତ ସମସ୍ୟା ଗୁଡିକର ସମାଧାନ କରିବାକୁ ଜିଲାପାଳ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଛନ୍ତି।

## ୨୦ କେଜି ଗଞ୍ଜେଇ ଜବତ, ୨ ଗିରଫ



ଗିରଫ ଅଭିଯୁକ୍ତମାନଙ୍କ ସହ ଜବତ ଗଞ୍ଜେଇ।

**ବରପାଲି,୨୩।୩(ଚିତ୍ତରଞ୍ଜନ ସାହୁ)**

ଗଞ୍ଜେଇ ଚାଲାଣ ଅଭିଯୋଗରେ ବରପାଲି ପୋଲିସ ସୋମବାର ୨ ଅଭିଯୁକ୍ତଙ୍କୁ ଗିରଫ କରି କୋର୍ଟ ଚାଲାଣ କରିଛି। ସେମାନେ ହେଲେ ମଧ୍ୟପ୍ରଦେଶର ଦାମୋହ ଜିଲାର କମଲେଶ ଯାଦବ(୩୮), ପ୍ରବୀନ କୁମାର ଅହିୱାର (୫୪)। ପୋଲିସ ବରପାଲି-ବଲାଙ୍ଗୀର ରାସ୍ତାର ରାବଣଗୁଡ଼ା ଛକରେ ଏକ ବାଇକ୍‌ରେ ଗଞ୍ଜେଇ ଚାଲାଣ ହେଉଥିବା ବେଳେ ଅଭିଯୁକ୍ତଙ୍କୁ ଧରିଥିଲା। ତାଙ୍କଠାରୁ ୨୦ କେଜି ୮୧୦ ଗ୍ରାମ୍ ଗଞ୍ଜେଇ,ଏକ ବାଇକ୍, ଦୁଇଟି ମୋବାଇଲ ଫୋନ, ନଗଦ ୧୫୧୦ ଟଙ୍କା ଜବତ କରିଛି। ଏ ନେଇ ବରପାଲି ଥାନାରେ ନଂ. ୧୨୭/୨୬ରେ ମାମଲା ରୁଜୁ ହୋଇଛି। ଗଞ୍ଜେଇ ଜବତ ବେଳେ ମାଜିଷ୍ଟ୍ରେଟ ଭାବରେ ବରପାଲି ତହସିଲଦାର ରୁକ୍ମଣ ମେହେର ଉପସ୍ଥିତ ଥିଲେ। ବରପାଲି ରାସ୍ତାକୁ ଚୋରା ଗଞ୍ଜେଇ ରାସ୍ତା ଭାବରେ ନିୟମିତ ବ୍ୟବହାର କରାଯାଉଥିବାରୁ ଉକ୍ତ ରାସ୍ତାରେ ପୋଲିସ ପାଟ୍ରୋଲିଂକୁ କଡ଼ାକଡ଼ି କରିବା ପାଇଁ ଦାବି ହେଉଛି।

## ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ କାବ୍ୟ ଫଗୁଣ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ)**



ସାହିତ୍ୟ ଉତ୍ସବ କାବ୍ୟ ଫଗୁଣ କାର୍ଯ୍ୟକ୍ରମରେ ସମ୍ମାନିତ କରାଯାଉଛି।

ବରଗଡ଼ର ଏକ ହୋଟେଲ ସମ୍ମିଳନୀ କକ୍ଷରେ ରବିବାର ରାଜ୍ୟସ୍ତରୀୟ ସାହିତ୍ୟ ଉତ୍ସବ କାବ୍ୟ ଫଗୁଣ ଅନୁଷ୍ଠିତ ହୋଇଯାଇଛି। ବରଗଡ଼ ସାହିତ୍ୟ ସଂସଦ ପକ୍ଷରୁ ବ୍ୟଙ୍ଗ କବି ମନୋରଞ୍ଜନ ସାହୁଙ୍କ ଆବାହକତ୍ୱରେ ଅନୁଷ୍ଠିତ ଏହି କାର୍ଯ୍ୟକ୍ରମରେ ଓଡିଶା ସାହିତ୍ୟ ଏକାଡେମୀର ପୂର୍ବତନ ସଦସ୍ୟ ଡଃ ଶିବପ୍ରିୟା ମିଶ୍ର ଯୋଗଦେଇ କାର୍ଯ୍ୟକ୍ରମକୁ ଉଦ୍‌ଘାଟନ କରିଥିଲେ।ସୋନପୁରର କବି ଆଶିଷ ମିଶ୍ର ଓ ଭବାନୀପାଟଣାର ଐଶ୍ୱର୍ଯ୍ୟା ପ୍ରଧାନଙ୍କୁ କବିତା ପାଇଁ ମାନପତ୍ର ଓ ଉତ୍ତରୀୟ ଦେଇ ସମ୍ମାନିତ କରାଯାଇଥିଲା। ଗାୟକ ଅଶୋକ ପଶାୟତ ଓ କବି ହେମାଙ୍ଗିନୀ ଦାଶ ମାନପତ୍ର ପାଠ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଅଧ୍ୟାପିକା ଡ. ସଂଘମିତ୍ରା ମିଶ୍ର ଓ ଡ.ସୁନୀତି ଦେବତା ଆଲୋଚିକା ଭାବେ ଯୋଗଦେଇ ଲେଖିକାଙ୍କ ସଂସାର, ସ୍ୱପ୍ନ, ସଂଶୟ, ସମସ୍ୟା ଓ ସମାଧାନ ବିଷୟ ଉପରେ ବକ୍ତବ୍ୟ ରଖିଥିଲେ। ଉଭୟ ଅଧିବେଶନରେ ସାହିତ୍ୟିକା ଡ. ଭଗବତୀ କର ସଭାପତିତ୍ୱ କରିଥିଲେ। ତୃତୀୟ ଅଧିବେଶନରେ କବି ଜିତାରାଣୀ ଦାଶଙ୍କ ଅଧ୍ୟକ୍ଷତାରେ ବହୁଭାଷୀ କବିତା ପାଠୋତ୍ସବ ଅନୁଷ୍ଠିତ ହୋଇଥିଲା। କବିତା ପାଠ କାର୍ଯ୍ୟକ୍ରମକୁ ଅଧ୍ୟାପିକା ସୁଷମା ଦାଶ ଓ କବୟିତ୍ରୀ ସବିତା ମହରା ସଂଯୋଜନା କରିଥିଲେ। ଡ. ଅଶୋକ ମହାପାତ୍ରଙ୍କ ଶେଷ ସ୍ୱର୍ଶ ପରେ ସଭା ସମାପ୍ତ ହୋଇଥିଲା।ଡଃ ଅଶୋକ ମହାପାତ୍ର ମଞ୍ଚ ପରିଚାଳନା କରିଥିଲେ।କବି ରୋହିତ ଦାଶ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ । କବି ଦାମୋଦର ସାହୁ ସହଯୋଗ କରିଥିଲେ।

## ଶ୍ରଦ୍ଧାଳୁଙ୍କୁ ପାନୀୟ ଜଳ, ସରବତ ବଣ୍ଟନ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ):** ବରଗଡ଼ ଜିଲା ଭଟଲି ବ୍ଲକର ଗୋପାଳପୁର ଗ୍ରାମରେ ସମଲେଶ୍ୱରୀ ଓ ଶିବ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଚାଲିଛି। ଏହି ଅବସରରେ ସ୍ଥାନୀୟ ଗୋପାଳପୁର ମଧ୍ୟ ଇଂରାଜୀ ବିଦ୍ୟାଳୟର ୧୯୯୩ ମସିହାର ଛାତ୍ରୀଛାତ୍ରଙ୍କ ଆନୁକୂଲ୍ୟରେ ରବିବାର ଶ୍ରଦ୍ଧାଳୁମାନଙ୍କୁ ବିଶୁଦ୍ଧ ପାନୀୟ ଜଳ ଓ ଦହି ସରବତ ବଣ୍ଟନ କରାଯାଇଥିଲା। ଏହି କାର୍ଯ୍ୟକ୍ରମକୁ ପ୍ରଧାନ ଶିକ୍ଷକ ଉଛବ ଭୁଏ ଆନୁଷ୍ଠାନିକ ଭାବେ ଉଦ୍‌ଘାଟନ କରିଥିଲେ। ଶିକ୍ଷକ ଅଷ୍ଟମନ୍ୟୁ ବାରିକ କାର୍ଯ୍ୟକ୍ରମ ସଂଯୋଜନା କରିଥିଲେ। ଏଥିରେ ଗୋପାଳପୁର ଆଶ୍ରମ ସ୍କୁଲର ଇକୋ କ୍ଲବ ଛାତ୍ରଛାତ୍ରୀ ସକ୍ରିୟ ଅଂଶଗ୍ରହଣ କରିଥିଲେ। ସମସ୍ତ ସ୍ୱେଚ୍ଛାସେବୀମାନଙ୍କୁ ଡିଇଓ ଜ୍ୟୋତିକାନ୍ତ ସାହୁ ଏଡିଇଓ ସରୋଜ କୁମାର ଭୁଏ ଏବଂ ବିଇଓ ଡ. ସୁରେନ୍ଦ୍ର ସାହୁଙ୍କ ସମେତ ଜିଲାର ସମସ୍ତ ବିଇଓ ସାଧୁବାଦ ଜଣାଇଛନ୍ତି।

## ଭାଜପାର ମହାଅଭିଯାନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ



**ଘଣ୍ଟାପଡ଼ା,୨୩।୩ (ପ୍ରଭାତ କୁମାର ସାହୁ)**

ବୌଦ୍ଧ ଜିଲା କଣ୍ଟାମାଳ ବ୍ଲକ ଘଣ୍ଟାପଡ଼ାରେ ଭାଜପା ପକ୍ଷରୁ ମଣ୍ଡଳସ୍ତରୀୟ ପଣ୍ଡିତ ଦୀନଦୟାଲ ଉପାଧ୍ୟାୟ ମହାଅଭିଯାନ ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ ହୋଇଯାଇଛି। ରବିବାର ଆରମ୍ଭ ହୋଇଥିବା ଏହି ଶିବିରରେ କଣ୍ଟାମାଳ ବିଧାୟକ କହ୍ନାଇ ଚରଣ ଡାଙ୍ଗ ମୁଖ୍ୟଅତିଥି, ୪ ନଂ. ଜିଲା ପରିଷଦ ସଦସ୍ୟ ରାକେଶ କୁମାର ତ୍ରିପାଠୀ ସମ୍ମାନୀତ ଅତିଥି, ପୂର୍ବତନ ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ନବିନ ମହାପାତ୍ର, ଗୋପାଳ ପୁରୋହିତ, ବରିଷ୍ଠ ଭାଜପା ସଦସ୍ୟ ଚିତ୍ତରଞ୍ଜନ ପାତ୍ର, ଜିଲା ସାଧାରଣ ସମ୍ପାଦକ ପିନାକଧର ରଣା ପ୍ରମୁଖ ପ୍ରଶିକ୍ଷକ ବକ୍ତା ଭାବେ ଉପସ୍ଥିତ ରହି ଭାରତୀୟ ଜନତା ପାର୍ଟିର ପୃଷ୍ଠଭୂମି, ଇତିହାସ, କାର୍ଯ୍ୟପଦ୍ଧତି, ଜନକଲ୍ୟାଣ କାର୍ଯ୍ୟକ୍ରମ, କ୍ରମବିକାଶ ଉପରେ ଆଲୋକପାତ କରିଥିଲେ। ସେହିପରି ସାନ୍ଧ୍ୟକାଳୀନ ଶିବିରରେ ଜିଲା ସଭାପତି ପ୍ରେମାନନ୍ଦ ମିଶ୍ର ଓ ଉପସଭାପତି ଶ୍ୟାମସୁନ୍ଦର ପୁରୋହିତ ଉପସ୍ଥିତ ଥିଲେ। ଶାରୀରିକ ପ୍ରଶିକ୍ଷକ ଯାଦବ ପ୍ରସାଦ ସାହୁ କର୍ମୀମାନଙ୍କୁ ଯୋଗ, ପ୍ରାଣାୟମ ଉପରେ ପ୍ରଶିକ୍ଷଣ ଦେଇଥିଲେ। ଘଣ୍ଟାପଡ଼ା ମଣ୍ଡଳ ସଭାପତି ଗୋପୀନାଥ କହଁର ଅଧ୍ୟକ୍ଷତା କରିଥିଲେ। ତୀର୍ଥବାସୀ ରଣା ସଭା ପରିଚାଳନା ଓ କର୍ମୀ ଅମୂଲ୍ୟ ନାୟକ, ରାଜୀବ ରଣା, ସୂର୍ଯ୍ୟ ଦେହୁରୀ, ଋଷି ରଣା, ସୁରେଶ ମହାପାତ୍ର, ରୋଶନ ନାୟକ ପ୍ରମୁଖ ସହଯୋଗ କରିଥିଲେ।

## ଆନିମିଆ ନିରାକରଣ, ତମାଖୁ ନିୟନ୍ତ୍ରଣକୁ ଗୁରୁତ୍ୱ

**ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ)**

ବରଗଡ଼ ଜିଲାପାଳଙ୍କ ସମ୍ମିଳନୀ କକ୍ଷଠାରେ ସୋମବାର ଜାତୀୟ ସିକଲ ସେଲ ଆନିମିଆ ନିରାକରଣ ଏବଂ ଜାତୀୟ ତମାକୁ ନିୟନ୍ତ୍ରଣ କାର୍ଯ୍ୟକ୍ରମ ସମ୍ପର୍କିତ ଜିଲାସ୍ତରୀୟ ସମନ୍ୱୟ ବୈଠକ ଅନୁଷ୍ଠିତ ହୋଇଛି। ଏଥିରେ ଅତିରିକ୍ତ ଜିଲାପାଳ ମହେନ୍ଦ୍ର ମହାପାତ୍ରଙ୍କ ଅଧ୍ୟକ୍ଷତା କରିଥିଲେ। ବୈଠକରେ ଉଭୟ କାର୍ଯ୍ୟକ୍ରମର ସଫଳ କାର୍ଯ୍ୟନ୍ୱୟନ ପାଇଁ ସମସ୍ତ ବିଭାଗଙ୍କ ମଧ୍ୟରେ ସମନ୍ୱୟ ଓ ପ୍ରୟାସର ଆବଶ୍ୟକତା ଉପରେ ଗୁରୁତ୍ୱ ଦିଆଯାଇଥିଲା। ବିଦ୍ୟାଳୟ ଓ କଲେଜ ଛାତ୍ରୀଛାତ୍ରଙ୍କ ମଧ୍ୟରେ ସିକଲ ସେଲ ଆନିମିଆର ପ୍ରତିରୋଧ, ପୂର୍ବ ଚିହ୍ନଟ ଓ ପରିଚାଳନା ସହିତ ତମାଖୁ ବ୍ୟବହାରର କୁପ୍ରଭାବ ସମ୍ପର୍କରେ ବ୍ୟାପକ ସଚେତନତା ସୃଷ୍ଟି କରିବାକୁ ନିର୍ଦ୍ଦେଶ ଦିଆଯାଇଥିଲା। ସେହିପରି ସ୍ଥାନୀୟ ଲୋକ ପ୍ରତିନିଧି, ଜିଲାସ୍ତରୀୟ ଅଧିକାରୀ ଏବଂ ଅନ୍ୟାନ୍ୟ କର୍ମଚାରୀଙ୍କ ପାଇଁ ପ୍ରଶିକ୍ଷଣ ଓ ଓରିଏଣ୍ଟେସନ କାର୍ଯ୍ୟକ୍ରମ ଆୟୋଜନ କରିବାକୁ ନିଷ୍ପତ୍ତି ନିଆଯାଇଥିଲା।



ଆନିମିଆ ନିରାକରଣ, ତମାଖୁ ନିୟନ୍ତ୍ରଣ ସମନ୍ୱୟ ବୈଠକ ।

## ପରମ୍ପରାର ପୁନରାବୃତ୍ତି, ଡାଲଖାଇ ମହୋତ୍ସବ

**ଡାଲଖାଇକୁ ସଙ୍ଗୀତ ନାଟକ ଏକାଡେମୀରେ ତାଲିକାଭୁକ୍ତ କରାଯିବ**

**ପଦ୍ମପୁର,୨୩।୩(ପ୍ରଦୀପ୍ତ ଦାଶ)**



ଡାଲଖାଇ ନୃତ୍ୟ ପରିବେଷଣ କରାଯାଉଛି।

ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ବିଭାଗ ସୌଜନ୍ୟରେ ପଦ୍ମପୁରର ସଙ୍ଗୀତ ସମିତି ଆନୁକୂଲ୍ୟରେ ଡାଲଖାଇ ମହୋତ୍ସବ-୨୦୨୫-୨୬ ମହାସମାରୋହରେ ଅନୁଷ୍ଠିତ ହୋଇଯାଇଛି। ସକାଳ ବେଳା, ବଡ଼ ବନ୍ଧ ପୋଖରୀରେ ବାଲିକଡ଼ା, ଘାଟରେ ପୂଜା ଓ ଅନ୍ୟାନ୍ୟ ରୀତିନୀତି ପାରମ୍ପରିକ ଡାଲଖାଇ ନୃତ୍ୟଶିଳ୍ପୀ ଓ ମଞ୍ଚ ଶିଳ୍ପୀମାନଙ୍କ ଦ୍ୱାରା ମିଳିତ ଭାବରେ ଅନୁଷ୍ଠିତ ହୋଇଥିଲା। ପରେ ପୁତୁଲାପୂଜା, ଶିବ ପାର୍ବତୀଙ୍କ ସାତଘର ଭ୍ରମଣ ଓ ପାଦଧୂଆ ପରେ ଏକ ବିରାଟ ଶୋଭାଯାତ୍ରା ସହରର ବିଭିନ୍ନ ରାସ୍ତା ଅତିକ୍ରମ କରି ରାଜାଜୀ ଟାଉନ ହଲକୁ ପହଞ୍ଚି ଥିଲା। ଟାଉନ ହଲ ପ୍ରାଙ୍ଗଣରେ ନିର୍ମିତ ଡାଲଖାଇ କୁଠିକୁ ବରଗଡ଼ ଏମ୍‌ପି ଉଦ୍‌ଘାଟନ କରିଥିଲେ। ଡାଲଖାଇର ଉତ୍ପତ୍ତି ସ୍ଥଳ ବୋଡ଼ାସମ୍ବର୍ ଡାଲଖାଇ ଏକାଡେମୀ ଏବଂ ଗଁଡାବଜାକୁ ଓଡ଼ିଶା ସଙ୍ଗୀତ ନାଟକ ଏକାଡେମୀରେ ତାଲିକାଭୁକ୍ତ କରିବାକୁ ରାଜ୍ୟ ସରକାରଙ୍କୁ ସୁପାରିସ କରିବାକୁ ଘୋଷଣା କରିଥିଲେ। ଡାଲଖାଇ କୋଠିରେ ପାରମ୍ପରିକ ପୂଜା ଅନୁଷ୍ଠିତ ହେବା ସହିତ ଧୂନକେଲ ବାଦ୍ୟର ଆଧାରରେ ଡାଲଖାଇ ଗାଥା ପରିବେଷିତ ହେବା ସହିତ କୁଠି ଡାଲଖାଇ ନୃତ୍ୟ ପରିବେଷିତ ହୋଇଥିଲା। ଦ୍ୱିତୀୟ ପର୍ଯ୍ୟାୟରେ ପ୍ରଫେସର କେଶରଞ୍ଜନ ପ୍ରଧାନଙ୍କ ଅଧ୍ୟକ୍ଷତା ଓ ନାଟ୍ୟକାର ଅଶୋକ ବହିଦାରଙ୍କ ସଂଯୋଜନାରେ ଡାଲଖାଇର ସାଂପ୍ରତିକ ପ୍ରାସଙ୍ଗିକତା ବିଷୟ ଉପରେ ଆୟୋଜିତ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଥିଲା। ସଙ୍ଗୀତ ସମିତିର ସଭାପତି ରାଜେଶ ଗୁର୍ଲା ସ୍ୱାଗତ ଭାଷଣ ଦେଇଥିଲେ। ଡ. ଦୁର୍ଗାଶିଷ ପଟ୍ଟନାୟକ ଓ ଲାଇବ୍ରେରିଆନ ମନୋଜ କୁମାର ସାହୁ ଭିତ୍ତିପ୍ରବନ୍ଧ ପାଠ କରିଥିବା ବେଳେ ଡ. ପ୍ରମୋଦ କୁମାର ପାଢ଼ୀ, ଆସୋସିଏଟ ପ୍ରଫେସର ରାଧାକାନ୍ତ ସୁନା ଓ ଯୁବ ଗବେଷକ ସୁନୀଲ ମହାନନ୍ଦ ବିଭିନ୍ନ ଦିଗ ଉପରେ ଆଲୋଚକ ଭାବେ ଆଲୋକପାତ କରିଥିଲେ।

## ସଂକ୍ଷେପରେ

### ପ୍ରାକ୍ତନ ଛାତ୍ରୀଛାତ୍ରଙ୍କ ସମାବେଶ

**ରାଉରକେଲା, ୨୩।୩(ସଙ୍ଗୀତା ଜେନା):** ଉଦିତନଗର ହାଇସ୍କୁଲ ଆଲୁମ୍ନି ଆସୋସିଏଶନପକ୍ଷରୁ ଅଷ୍ଟମ ବାର୍ଷିକ ବନ୍ଧୁମିଳନ ତଥା ପଞ୍ଚସଖା ଶିକ୍ଷା ସେତୁ ଅଭିଯାନ ଅବସରକାଳୀନ ସମ୍ବର୍ଦ୍ଧନା ସଭା ଉଦିତନଗର ମ୍ୟୁନିସିପାଲ ଲାଇବ୍ରେରୀ ମଣ୍ଡପରେ ରବିବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ସୁନ୍ଦରଗଡ଼ ଟେରିଟୋରିଆଲ ରେଞ୍ଜ୍ ରାଉରକେଲା ଅଧୀନସ୍ଥ ବାଣିଜ୍ୟ କର ଓ ଜିଏସ୍‌ଟି ବିଭାଗର ଅତିରିକ୍ତ ଆୟୁକ୍ତ ପ୍ରକାଶ ଚନ୍ଦ୍ର ଡୋରା ମୁଖ୍ୟ ଅତିଥି ଭାବେ ଯୋଗଦାନ କରି ଶିକ୍ଷା ସମାଜର ମୂଳ ଭିତ୍ତିସ୍ତମ୍ଭ। ପୂର୍ବତନ ଛାତ୍ରୀଛାତ୍ର ଏକାଠି ହୋଇ ନବପିଢ଼ିଙ୍କୁ ସଠିକ୍ ମାର୍ଗଦର୍ଶନ ଦେବା ଆବଶ୍ୟକ ବୋଲି କହିଥିଲେ। ପିଏମ୍‌ଶ୍ରୀ ହାଇସ୍କୁଲର ପ୍ରଧାନ ଶିକ୍ଷୟିତ୍ରୀ ସୁଶ୍ରୀ ଗାୟତ୍ରୀ ସେଠୀ, ବିଶ୍ରା ବ୍ଲକ ଶିକ୍ଷା ଅଧିକାରୀ ସୁପ୍ରଭାତ ବେହେରା ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ଶିକ୍ଷା କର୍ମଚାରୀ ଅଶୋକ ଗୌଡ଼, ଅମିତ ମଲ୍ଲିକ, ନିରଞ୍ଜନ ପ୍ରଧାନ ଓ ଅବସରପ୍ରାପ୍ତ ଶିକ୍ଷକ ଅଶୋକ ମାହାନାଙ୍କୁ ସମ୍ମାନିତ କରାଯାଇଥିଲା। ପ୍ରକାଶ ଚନ୍ଦ୍ର ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ।

# ଶହୀଦ ଭଗତ ସିଂଙ୍କ ଅବଦାନ ଅବିସ୍ମରଣୀୟ



କାର୍ଯ୍ୟକ୍ରମରେ ଉପସ୍ଥିତ କାର୍ଯ୍ୟକର୍ତ୍ତାଗଣ ।

**ରାଉରକେଲା, ୨୩।୩(ସଙ୍ଗୀତା ଜେନା)**

ଅଲ ଇଣ୍ଡିଆ ଡିଏସ୍‌ଓ, ଡିୱାଇଓ, ମହିଳା ସାଂସ୍କୃତିକ ସଙ୍ଗଠନ ତଥା ମଧୁସୂଦନ ଶିକ୍ଷା ନିବାସ ପକ୍ଷରୁ ସୋମବାର ପୂର୍ବାହ୍ନ ୧୧ଟାରେ ୯୬ତମ ଭଗତ ସିଂ, ଶୁକଦେବ ଓ ରାଜଗୁରୁଙ୍କ ଫାଶୀ ଦିବସ ପାଳିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷୟିତ୍ରୀ ଝିଲିମା ମହାନ୍ତିଙ୍କ ସଭା ପରିଚାଳନାରେ ଏଆଇଏମ୍‌ଏସ୍ ସଙ୍ଗଠନର ଜିଲା ସମ୍ପାଦିକା ବିଦ୍ୟୁତ୍‌ମହନ୍ତ, ଏଆଇଡିଏସ୍‌ଓର ଜିଲା ଆବାହକ ବିରେନ ନାଏକ, ଏଆଇଡିୱାଇଓର ଷ୍ଟିଲ ଟାଉନଶିପ୍ ସମ୍ପାଦକ ଆଲୋକ ବେହେରା ବକ୍ତବ୍ୟ ରଖିଥିଲେ। ମାତ୍ର ୨୩ ବର୍ଷ ବୟସରେ ଦେଶ ମାତୃକାକୁ ବ୍ରିଟିଶ ଶାସନ ଶୋଷଣରୁ ମୁକୁଳେଇବା ପାଇଁ ସାଥୀ ଶୁକଦେବ, ରାଜଗୁରୁଙ୍କ ସହ ଫାଶୀ ଖୁଣ୍ଟରେ ହସି ହସି ଝୁଲିପଡିଥିଲେ ଶହୀଦ ଭଗତ ସିଂ। ଦେଶ ସ୍ୱାଧୀନ ହୋଇ ୭୯ବର୍ଷ ବିତିଯାଇଥିଲେ ମଧ ଆଜିବି ଶହୀଦମାନଙ୍କ ସ୍ୱପ୍ନ ଅପୂରଣ ହୋଇ ରହିଛି ବୋଲି ସେମାନେ ଉଦ୍‌ବୋଧନ ଦେଇଥିଲେ।

ସେହିପରି ଭାରତର ଗଣତାନ୍ତ୍ରିକ ଯୁବ ଫେଡେରେଶନ, ଭାରତର ଛାତ୍ର ଫେଡେରେଶନ ସୁନ୍ଦରଗଡ଼ ଜିଲା କମିଟି ଓ ଶହୀଦ ଭଗତ ସିଂହ ସ୍ମୃତି କମିଟି ପକ୍ଷରୁ ଶହୀଦ ଭଗତ ସିଂହ, ଶୁକଦେବ ଏବଂ ରାଜଗୁରୁଙ୍କ ୯୫ତମ ଫାଶୀ ଦିବସ ସୋମବାର ପାଳିତ ହୋଇଯାଇଛି। ଏହି ପରିପ୍ରେକ୍ଷୀରେ ରାଉରକେଲା ଛେଣ୍ଡ କଲୋନୀସ୍ଥିତ ଶହୀଦ ଭଗତ ସିଂହଙ୍କ ପ୍ରତିମୂର୍ତ୍ତିରେ ମାଲ୍ୟାର୍ପଣ କରାଯାଇଥିଲା। ଏଥିରେ ଶହୀଦ ଭଗତ ସିଂହ ସ୍ମୃତି କମିଟି ଅଧକ୍ଷ ତଥା ଶ୍ରମିକ ନେତା ବିଷ୍ଣୁ ମହାନ୍ତି ଯୋଗଦେଇ ଭାରତର ସ୍ୱାଧୀନତା ଆନ୍ଦୋଳନରେ ଭଗତ ସିଂହଙ୍କ ଅବଦାନ ଇତିହାସରେ ସର୍ବଦା ସ୍ୱର୍ଣ୍ଣାକ୍ଷରରେ ଲିପିବଦ୍ଧ ହୋଇ ରହିବ ବୋଲି କହିଥିଲେ। ସ୍ମୃତି କମିଟି ଉପାଧକ୍ଷ ଚନ୍ଦ୍ରଭାନୁ ଦାସ ସ୍ୱାଗତ ଭାଷଣ ଦେଇଥିବା ବେଳେ ସମ୍ପାଦକ ରାଜକିଶୋର ପ୍ରଧାନ କାର୍ଯ୍ୟକ୍ରମ ସଂଯୋଜନା ଓ ସାଧାରଣ ସମ୍ପାଦକ ବିଶ୍ୱଜିତ ମାଝୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଡିୱାଇଏଫ୍‌ଆଇ ଜିଲା ସଭାପତି ଶେଖର ଶର୍ମାଙ୍କ ସଭାପତିତ୍ୱରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ଐତିହାସିକ ପ୍ରଫେସର ଡ. ପ୍ରଭାତ ମଲ୍ଲିକ ମୁଖ୍ୟ ବକ୍ତା ଭାବେ ଯୋଗଦେଇ ଆଜିର ଯୁବଛାତ୍ର ସମାଜ ଶହୀଦ ଭଗତ ସିଂହଙ୍କ ଆଦର୍ଶରେ ଅନୁପ୍ରାଣିତ ହୋଇ ଦେଶ ଗଠନରେ ନିଜର ଯୋଗ୍ୟ ଭୂମିକା ପାଳନ କରିବାକୁ ଆହ୍ୱାନ ଦେଇଥିଲେ। ଆଇନଜୀବୀ ସୁଜୟ ପାଣି, ଗୁରୁଦ୍ୱାର ପ୍ରବନ୍ଧକ କମିଟିର ସନ୍ତୋଷ ସିଂହ ପ୍ରମୁଖ ଶହୀଦଙ୍କ ସ୍ମୃତିଚାରଣ କରିଥିଲେ। ଶ୍ରମିକ ନେତା ଜାହାଙ୍ଗୀର ଅଲ୍ଲୀ, ବିମାନ ମାଇତି, ବସନ୍ତ ନାୟକ, ସିପିଆଇଏମ୍ ଜିଲା ସମ୍ପାଦକ ମଣ୍ଡଳୀ ସଦସ୍ୟ ଶ୍ରୀମନ୍ତ ବେହେରା, ଗୁରୁଦ୍ୱାରା ପ୍ରବନ୍ଧକ କମିଟିର ବଲବୀର ସିଂହ, ସିସିୟୁଏର ଆବାହକ ଭାଗିରଥି ଗୁଡୁଙ୍କ ସମେତ ବହୁ ବ୍ୟକ୍ତି ବିଶେଷ ଉପସ୍ଥିତ ଥିଲେ।

## ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା


ଶିବିରରେ ରୋଗୀମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଉଛି।

**ରାଉରକେଲା, ୨୩।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ସେକ୍ଟର-୫ ଗୋଲଘରସ୍ଥିତ ବ୍ରହ୍ମାକୁମାରୀ ରାଜଯୋଗ ଧ୍ୟାନ କେନ୍ଦ୍ର ପକ୍ଷରୁ ରବିବାର ଏକ ନିଃଶୁଳ୍କ ସ୍ୱାସ୍ଥ୍ୟ ପରୀକ୍ଷା ଶିବିର ଆୟୋଜିତ ହୋଇଯାଇଛି। ଶିବିରରେ ୧୦୦ରୁ ଊର୍ଦ୍ଧ୍ୱ ରୋଗୀଙ୍କ ସ୍ୱାସ୍ଥ୍ୟ ପରୀକ୍ଷା କରାଯାଇ ଆବଶ୍ୟକ ପରାମର୍ଶ ପ୍ରଦାନ କରାଯାଇଥିଲା। ଚକ୍ଷୁ ବିଶେଷଜ୍ଞ ଡା. ରବୀନ୍ଦ୍ର କୁମାର ମହାତୋ, ସ୍ତ୍ରୀ ରୋଗ ଓ ପ୍ରସୂତି ବିଭାଗ ଡା. ସତ୍ୟଜିତ ପଣ୍ଡା, ମେଡିସିନ୍ ବିଶେଷଜ୍ଞ ଡା. ସୁରେଶ ବଂଶଲ, ଆଇଏମ୍‌ଏ ଅଧକ୍ଷ ଡାକ୍ତର ପଣ୍ଡିତ ସାହୁ, ଆଇଏମ୍‌ଏ ସଚିବ ଡାକ୍ତର ଦୁଃଖିଆ ମୁର୍ମୁ, ଡାକ୍ତର ପ୍ରଦୀପ ରଥ, କାଜୁଆଲିଟି ଡାକ୍ତର ଅମିତ କୁମାର ମହାପାତ୍ର, ଚେଷ୍ଟ ଓ ଟିବି ବିଭାଗ ଡାକ୍ତର ଡାକ୍ତର ଭବାନୀ ଶଙ୍କର ରାଉତ ସୋରେନ, ସର୍ଜରୀ ବିଭାଗ ଡାକ୍ତର ଜି. ବି. ଜି.ବି. ବେହେରା, କାଜୁଆଲିଟି ଡାକ୍ତର ନିଶିଶ ସତପଥୀ, ଅର୍ଥୋପେଡିକ୍ ଡାକ୍ତର ଅମରେଶ ଜେନା ଏବଂ ମେଡିକାଲ ଅଫିସର ଡାକ୍ତର ଅନ୍ୱେଷା ଦେ ପ୍ରମୁଖ ଯୋଗଦେଇ ରୋଗୀମାନଙ୍କ ସ୍ୱାସ୍ଥ୍ୟ କରୀକ୍ଷା କରିଥିଲେ। ସିନିୟର ଫାର୍ମାସିଷ୍ଟ ହିମାଂଶୁ ଶେଖର ସାମଲ, ଅଜିତ କୁମାର, ନର୍ସିଂ ଷ୍ଟାଫ୍ ସବିତା ଆଚାର୍ଯ୍ୟ, ନିରୁପମା ସାହୁ, ଲ୍ୟାବ ଟେକ୍ନିସିଆନ୍ ସୁଶାନ୍ତ କୁମାର ସାହୁ ପ୍ରମୁଖ ସହଯୋଗ କରିଥିଲେ। ଆଇଏମ୍‌ଏ ରାଉରକେଲା ସିଟି ବ୍ରାଞ୍ଚ ଏବଂ ରାଉରକେଲା ସରକାରୀ ଡାକ୍ତରଖାନା ସହଯୋଗରେ ଏହି ଶିବିର ପରିଚାଳିତ ହୋଇଥିଲା।

## ଶ୍ରୀଅରବିନ୍ଦ ଯୋଗ ମନ୍ଦିରର ଆଲୋଚନାଚକ୍ର

**ରାଉରକେଲା, ୨୩।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲା ପିଏମ୍ ଶ୍ରୀ ସରକାରୀ ଉଚ୍ଚ ବିଦ୍ୟାଳୟ ପକ୍ଷରୁ ସୋମବାର ଶ୍ରୀ ଅରବିନ୍ଦଙ୍କ ୧୫୩ତମ ଜୟନ୍ତୀ ଏବଂ ଆଲୋଚନାଚକ୍ର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ପ୍ରଧାନ ଶିକ୍ଷୟିତ୍ରୀ ସୁଦୀପ୍ତା ବେହେରାଙ୍କ ଆବାହକତ୍ୱରେ ଆୟୋଜିତ ଆଲୋଚନାଚକ୍ରରେ ବରିଷ୍ଠ ଶିକ୍ଷୟିତ୍ରୀ ସୁଜାତା ତ୍ରିପାଠୀ ସଭାପତିତ୍ୱ କରିଥିଲେ। ଏଥିରେ ଡ. ଜ୍ୟୋତ୍ସ୍ନା ପଟ୍ଟନାୟକ ମୁଖ୍ୟ ଅତିଥି, ବିଶ୍ୱନାଥ ସାହୁ ମୁଖ୍ୟ ବକ୍ତା ଭାବେ ଯୋଗ ଦେଇଥିଲେ। ପାଠଶାଳାର ବରିଷ୍ଠ ଶିକ୍ଷକ ସରୋଜ କୁମାର ଜେନା ଓ ମିନତୀ ଖମାରୀ ଦେଶପ୍ରେମ ଉପରେ ଆଲୋଚନା କରିଥିଲେ। ବରିଷ୍ଠ ଶିକ୍ଷିକା ନିରୁପମା ପତି ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ନିବେଦିତା ସାହୁ, ସରୋଜ ଜେନା, ପୂଜା ସ୍ୱାଇଁ, ହରିଶଙ୍କର କାମିଲା, ସୁଶାନ୍ତ ରୟ, ସୁରେଖା ନାୟକ, ବନିତା ସ୍ୱାଇଁ ସହଯୋଗ କରିଥିଲେ। ଶିକ୍ଷୟିତ୍ରୀ ମିନତୀ ଖମାରୀ ଧନ୍ୟବାଦ ଅର୍ପଣ କରିଥିଲେ।


ଆଲୋଚନାଚକ୍ରରେ ମଞ୍ଚାସୀନ ଅତିଥି।


ଅତିଥିମାନଙ୍କ ସହ କୁନି କୁନି କଳାକାର।

## ରଶ୍ମିପ୍ରଭା ସାହିତ୍ୟ ଅନୁଷ୍ଠାନର ନବମ ବାର୍ଷିକୋତ୍ସବ

**ରାଉରକେଲା, ୨୩।୩(ବିପ୍ଳବ ରଞ୍ଜନ ଦାଶ)**

ରାଉରକେଲାର ରଶ୍ମିପ୍ରଭା ସାହିତ୍ୟ ଅନୁଷ୍ଠାନ ପକ୍ଷରୁ ଇସ୍ପାତ ସାହିତ୍ୟ ସଂସଦ ପରିସରରେ ରବିବାର ନବମ ବର୍ଷିକୋତ୍ସବ ପାଳିତ ହୋଇଯାଇଛି। ଲେଖିକା ମଞ୍ଜୁଳା କୁମାରୀ ରଥଙ୍କ ପୌରୋହିତ୍ୟରେ ଆୟୋଜିତ କାର୍ଯ୍ୟକ୍ରମରେ ବିଦ୍ୟାଳୟ ଓ ଗଣଶିକ୍ଷା ବିଭାଗର ପ୍ରାକ୍ତନ ଯୁଗ୍ମ ନିର୍ଦ୍ଦେଶକ ଡା. ମନସ୍ୱିନୀ ଦାଶ ମୁଖ୍ୟ ଅତିଥି ଏବଂ ସାହିତ୍ୟିକା ତଥା ଚିକିତ୍ସିକା ଡାକ୍ତର ଗୀତାଞ୍ଜଳି ପତ୍ରୀ ସମ୍ମାନୀତ ଅତିଥି ଭାବେ ଯୋଗ ଦେଇଥିଲେ। ଏହି ଅବସରରେ ମଞ୍ଜୁଳା କୁମାରୀ ରଥଙ୍କ ଗଳ୍ପ ସଂକଳନ 'ଅନ୍ତର୍ଦାହ', ସୁକାନ୍ତି ନାୟକଙ୍କ କବିତାଙ୍କ ସଙ୍କଳନ 'ଭାବରୁ ଅକ୍ଷର', ବନଲତା ମିଶ୍ରଙ୍କ କବିତା ସଙ୍କଳନ 'ପ୍ରତିବିମ୍ବ' ଏବଂ ତ୍ରୈଲୋକ୍ୟନାଥ ମହାପାତ୍ରଙ୍କ ଶିଶୁକବିତା ସଙ୍କଳନ 'କଅଁଳ କି' ପୁସ୍ତକଗୁଡ଼ିକ ଲୋକାର୍ପିତ ହୋଇଥିଲା। ଲୋକାର୍ପିତ ପୁସ୍ତକଗୁଡ଼ିକୁ ଯଥାକ୍ରମେ ପ୍ରଶାନ୍ତ ପତି, ବ୍ରଜେନ୍ଦ୍ର ଦାଶ, ସୁସ୍ମିତା ମହାପାତ୍ର ଏବଂ ବିଜୟିନୀ ଜେନା ସମୀକ୍ଷା କରିଥିଲେ। ଦ୍ୱିତୀୟ ପର୍ଯ୍ୟାୟରେ ଶିକ୍ଷାବିତ୍ ପ୍ରଶାନ୍ତ କୁମାର ପତିଙ୍କ ଅଧକ୍ଷତାରେ 'ଓଡ଼ିଶା ବାଣୀ ଭଣ୍ଡାରକୁ ମାହାଙ୍ଗୀର ଅବଦାନ' ଶୀର୍ଷକ ଆଲୋଚନା ହୋଇଥିଲା। ଏଥିରେ ଇସ୍ପାତ ସାହିତ୍ୟ ସଂସଦର ସଭାପତି ନୃସିଂହ ଚରଣ ବିଶ୍ୱାଳ ସ୍ୱାଗତ ଭାଷଣ ଦେଇଥିଲେ। ଶିକ୍ଷାବିତ୍ ଡ. ନଗେନ କୁମାର ଦାସ ଅତିଥି ଏବଂ ଗବେଷକ ଅଧାପକ ଉମାକାନ୍ତ ପ୍ରଧାନ ମୁଖ୍ୟବକ୍ତା ଭାବେ ଯୋଗ ଦେଇଥିଲେ। ପରେ ବରିଷ୍ଠ ଲେଖିକା ବିଷ୍ଣୁପ୍ରିୟା ମହାପାତ୍ର, ଡ. ମନସ୍ୱିନୀ ଦାଶ, ଅଧାପକ ଉମାକାନ୍ତ ପ୍ରଧାନ, ଡ. କୀର୍ତ୍ତିଚନ୍ଦ୍ର ମହିଦାର, ପଣ୍ଡିତ ତ୍ରୈଲୋକ୍ୟ ନାଥ ମହାପାତ୍ର, ମନୋଜ କୁମାର ମିଶି, ନୃସିଂହ ଚରଣ ବିଶ୍ୱାଳ ଓ ସୁସ୍ମିତା ମହାପାତ୍ରଙ୍କୁ ରଶ୍ମିପ୍ରଭା ସାରସ୍ୱତ ସମ୍ମାନ ପ୍ରଦାନ କରାଯାଇଥିଲା। ଏହାସହିତ ପୂର୍ବରୁ ଅନୁଷ୍ଠିତ ଗଳ୍ପ ପ୍ରତିଯୋଗିତାର ବିଚାରକ ବିଜୟିନୀ ଜେନା ଓ କବିତା ପ୍ରତିଯୋଗିତାର ବିଚାରକ ସବିତା ବହିଆଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ବରିଷ୍ଠ ଶିଶୁ ସାହିତ୍ୟିକ ସତ୍ୟବ୍ରତ ଦାସଙ୍କ ଅଧକ୍ଷତାରେ କବିତା ପାଠୋତ୍ସବ ହୋଇଥିଲା। ଏଥିରେ ଇସ୍ପାତ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି ପ୍ରତାପ କୁମାର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ମନୋଜ ନନ୍ଦ, ସହ ସମ୍ପାଦକ ଶ୍ୱେତ କୁମାର ବେହେରା, ସୁମିତ୍ରା ମିଶ୍ର, ମମତା ଜେନା, ପୁଷ୍ପଲତା ବିଶ୍ୱାଳ ପ୍ରମୁଖ ସହଯୋଗ କରିଥିଲେ।

## ରାଇଫଲ୍ ସଫା କରୁଥିବା ବେଳେ ଗୁଳି ଫୁଟି ଯବାନଙ୍କ ମୃତ୍ୟୁ

**ରାଉରକେଲା, ୨୩।୩(ସଙ୍ଗୀତା ଜେନା)**


ଅଜୟ କିଶୋର ଖାଖା।

ଓଡ଼ିଶା ସୀମାନ୍ତ ଝାଡଖଣ୍ଡର ପଶ୍ଚିମ ସିଂଭୂମ ଟୋଣ୍ଟୋ ଥାନାରେ ରବିବାର ରାଇଫଲ୍ ସଫା କରୁଥିବାବେଳେ ଗୁଳି ଫୁଟିବାରୁ ଜଣେ ଯବାନଙ୍କ ମୃତ୍ୟୁ ହୋଇଛି। ମୃତକ ହେଲେ ଝାଡ଼ଖଣ୍ଡ ଗୁମଲା ଜିଲାର ଅଜୟ କିଶୋର ଖାଖା(୪୧)। ସୋମବାର ସକାଳେ ମୃତଦେହ ବ୍ୟବଚ୍ଛେଦ ପରେ ପରିବାରବର୍ଗଙ୍କୁ ହସ୍ତାନ୍ତର କରାଯାଇଛି। ଟୋଣ୍ଟୋ ଏସ୍‌ଡିପିଓ ଅଜିତ କେର୍କେଟାଙ୍କ ସୂଚନା ଅନୁସାରେ, ସିଆରପିଏଫ୍ ୧୭୪ ବାଟାଲିୟନ୍‌ର ଯବାନ ଅଜୟ କିଛିଦିନ ହେଲା ସରଣ୍ଡାରେ ନିୟୋଜିତ ଥିଲେ। ରବିବାର ରାତିରେ ସେ ତାଙ୍କ ଇନ୍‌ସାସ ରାଇଫଲ୍ ସଫା କରୁଥିବା ବେଳେ ସେଥିରୁ ଗୁଳି ଫୁଟିଥିଲା। ଗୁରୁତର ଅବସ୍ଥାରେ ତାଙ୍କୁ କିରିବୁରୁ ଡାକ୍ତରଖାନାକୁ ନିଆଯାଇଥିଲା। ସେଠାରେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ ବୋଲି ଏସଡ଼ିପିଓ ସୂଚନା ଦେଇଥିଲେ। ଚାଇଁବାସା ଏସ୍‌ପି ଅମିତ ରେଣୁ ଯବାନଙ୍କ ମୃତ୍ୟ ସମ୍ପର୍କରେ ସୂଚନା ପ୍ରଦାନ କରିଛନ୍ତି। ଅପରପକ୍ଷେ, ମାନସିକ ଭାରସାମ୍ୟ ହରାଇ ଯବାନ ଜଣକ ଆତ୍ମହତ୍ୟା କରିଥିବା ଆଲୋଚନା ହେଉଛି।

## ବିଦ୍ୟାର୍ଥୀଙ୍କୁ ପାଠ୍ୟ ଉପକରଣ, ଫଳ ବଣ୍ଟନ

**ରାଉରକେଲା, ୨୩।୩(ବିପ୍ଳବ ରଞ୍ଜନ ଦାଶ)**

ପଦ୍ମାଳୟା ସାଂସ୍କୃତିକ ଅନୁଷ୍ଠାନ ପକ୍ଷରୁ ରାଉରକେଲା ସେକ୍ଟର-୫ ଗୋଲଘର ଅଞ୍ଚଳରେ ଥିବା ବିଶ୍ୱ ଭାରତୀ ବିଦ୍ୟା ମନ୍ଦିରରେ ସୋମବାର ଏକ ସାମାଜିକ କାର୍ଯ୍ୟକ୍ରମ ଆୟୋଜିତ ହୋଇଯାଇଛି। ଅନୁଷ୍ଠାନର ଉପସଭାପତି ଗଙ୍ଗାଧର ଦାଶ ଶ୍ରୀମଦ୍ ଭଗବତ ଗୀତା ଉପରେ ଆଲୋକପାତ କରିବା ସହିତ ଉତ୍ତମ ବିଦ୍ୟାର୍ଥୀ, ଉତ୍ତମ ଭବିଷ୍ୟତ ନିର୍ମାଣ ଉପରେ ପରାମର୍ଶ ଦେଇଥିଲେ। ସମ୍ପାଦିକା ନିଶିପଦ୍ମା ନନ୍ଦ ଛାତ୍ରୀଛାତ୍ରଙ୍କୁ ସୁଚରିତ୍ର ଗଠନ, ଶିକ୍ଷକ ଓ ପିତାମାତାଙ୍କ ଉପଦେଶ ମାନି ଚଳିବାକୁ ଉପଦେଶ ଦେଇଥିଲେ। ପ୍ରଧାନ ଶିକ୍ଷକ ସୁକାନ୍ତ ପାଣ୍ଡୁଆ ସ୍କୁଲ ଉପରେ ସୂଚନା ଦେଇଥିଲେ। ଏହି ଅବସରରେ ପ୍ରାୟ ୪୦ ବିଦ୍ୟାର୍ଥୀଙ୍କୁ ଖାତା, କଲମ, ଫଳ ଓ ବିସ୍କୁଟ ବଣ୍ଟନ କରାଯାଇଥିଲା। ଉପଦେଷ୍ଟା ଜଗନ୍ନାଥ ରାଉତ, ବାଳକୃଷ୍ଣ ସାହୁ, କୋଷାଧକ୍ଷ ଶଶାଙ୍କ ଶେଖର ପଣ୍ଡା, ଯୁଗ୍ମ କୋଷାଧକ୍ଷା ମୀନତି ତ୍ରିପାଠୀ, ସଦସ୍ୟ ବନୋଜ ଦାସ ସହଯୋଗ କରିଥିଲେ। ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକ ଉପସ୍ଥିତ ଥିଲେ।


ବିଦ୍ୟାର୍ଥୀମାନଙ୍କ ସହ ଅନୁଷ୍ଠାନର ସଦସ୍ୟଗଣ।

## ସାଇବର କ୍ରାଇମ୍ ଇନ୍‌ଭେଷ୍ଟିଗେଶନ କର୍ମଶାଳା ଉଦ୍‌ଯାପିତ

**ରାଉରକେଲା, ୨୩।୩(ଦିନେଶ ମିଶ୍ର):** ଛେଣ୍ଡସ୍ଥିତ ବିପିୟୁଟି ପରିସରସ୍ଥ ସୁଭାଷ ବୋଷ ଅଡିଟୋରିୟମ୍ ପ୍ରେକ୍ଷାଳୟରେ ରାଉରକେଲା ପୋଲିସ ପକ୍ଷରୁ ଚାଲିଥିବା ୪ ଦିନିଆ ସାଇବର କ୍ରାଇମ୍ ଇନ୍‌ଭେଷ୍ଟିଗେଶନ କର୍ମଶାଳା ସୋମବାର ଉଦ୍‌ଯାପିତ ହୋଇଯାଇଛି। ରାଉରକେଲା ଏସ୍‌ପି ନିତେଶ ୱାଧୱାନୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କର୍ମଶାଳାର ଉଦ୍‌ଯାପନୀ ଉତ୍ସବରେ ପଶ୍ଚିମାଞ୍ଚଳ ଡିଆଇଜି ବ୍ରିଜେଶ କୁମାର ରାୟ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଦିନକୁ ଦିନ ବିଭିନ୍ନ ସମୟରେ ସାଇବର କ୍ରାଇମ ବଢୁଥିବାରୁ ଏହି କର୍ମଶାଳା ପୋଲିସ ଅଧିକାରୀ ଓ କର୍ମଚାରୀଙ୍କୁ ସହାୟକ ହେବ ବୋଲି କହିଥିଲେ। କର୍ମଶାଳାରେ ରାଉରକେଲା ପୋଲିସ ଅଧୀନରେ ଥିବା ୨୪ଟି ଥାନାର ଅଧିକାରୀଙ୍କ ସମେତ ବହୁ ସବ୍‌ଇନ୍ସପେକ୍ଟର ଓ ହାବିଲଦାରଙ୍କୁ ମିଶାଇ ପ୍ରାୟ ୧୨୦ରୁ ଊର୍ଦ୍ଧ୍ୱ କର୍ମଚାରୀ ଉପସ୍ଥିତ ଥିଲେ। ସାଇବର ଏକ୍ସପର୍ଟ ଅଧିକାରୀ ଅଶୋକ ସିଂ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ସାଇବର ଅପରାଧକୁ ରୋକିବା ପାଇଁ ହେଲେ ପ୍ରଥମେ ଡିଜିଟାଲ ସଚେତନତା ରହିବା ଜରୁରୀ ବୋଲି ରାଉରକେଲା ଏସ୍‌ପି ୱାଧୱାନି କହିଥିଲେ। ରାଉରକେଲା ଅତିରିକ୍ତ ଏସ୍‌ପି ରାଜକିଶୋର ମିଶ୍ର ମଞ୍ଚ ପରିଚାଳନା ଏବଂ ଶ୍ରାବଣୀ ନାୟକ ଧନ୍ୟବାଦ ଅର୍ପଣ କରିଥିଲେ।

## ଷୋହଳ ପ୍ରହର ନାମଯଜ୍ଞ ସମ୍ପନ୍ନ



ଭକ୍ତମାନେ ନାମ ସଂକୀର୍ତ୍ତନ କରୁଛନ୍ତି।

**ରାଉରକେଲା, ୨୩।୩(ବିପ୍ଳବ ରଞ୍ଜନ ଦାଶ)**

ନୂଆଗାଁ ବ୍ଲକ ଖୁଣ୍ଟଗାଁ ନାମଯଜ୍ଞ କମିଟି ପକ୍ଷରୁ ସ୍ଥାନୀୟ ଶିବ ମନ୍ଦିର ପ୍ରାଙ୍ଗଣରେ ଚାଲିଥିବା ଷୋହଳ ପ୍ରହର ନାମଯଜ୍ଞ ସୋମବାର ସମ୍ପନ୍ନ ହୋଇଛି। ଏହି ଉପଲକ୍ଷେ ଗତ ୨୦ ତାରିଖରେ ଶୁଭାଧିବାସ ଓ କଳସ ଯାତ୍ରା ହୋଇଥିବା ବେଳେ ୨୧ ତାରିଖ ସକାଳେ ଷୋହଳ ପ୍ରହର ନାମଯଜ୍ଞ ଆରମ୍ଭ ହୋଇଥିଲା। ୨୨ରେ ଅହୋରାତ୍ର ନାମଯଜ୍ଞ ଏବଂ ୨୩ରେ ପୂର୍ଣ୍ଣାହୁତି, ନଗର କୀର୍ତ୍ତନ ଓ ମହାପ୍ରସାଦ ସେବନ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ମନୋଜ ସାହୁ ଏବଂ ସ୍ତ୍ରୀ ସବିତା ସାହୁ କର୍ତ୍ତା ଏବଂ ପୂଜକ ଶିବ ନନା ପୂଜା ଦାୟିତ୍ୱ ତୁଲାଇଥିଲେ। ଆୟୋଜକ କମିଟି ସଭାପତି ହୁଲାସ ମାହାତୋ, ସମ୍ପାଦକ ମନୋଜ ସାହୁ, କୋଷାଧକ୍ଷ ଦୀପା ସାହୁ ଓ ରଥୁ ବାରିକ, ଷ୍ଟୋର କିପର ବିହାରୀ ସାହୁ ଓ ନରେଶ ସାହୁ ସହଯୋଗ କରିଥିଲେ।

## ଆଭା-ଅନ୍ୱେଷର ପୁରସ୍କାର ବିତରଣୀ ଉତ୍ସବ

**ରାଉରକେଲା, ୨୩।୩(ଦିନେଶ ମିଶ୍ର)**

ରାଉରକେଲା ଡେଲିମାର୍କେଟ ସ୍ଥିତ ସହର ସରକାରୀ ଉଚ୍ଚ ବିଦ୍ୟାଳୟରେ ଆଭା-ଅନ୍ୱେଷ ପକ୍ଷରୁ ୧୦ମ ବାର୍ଷିକ ପୁରସ୍କାର ବିତରଣୀ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ସଙ୍ଗଠନର ସଭାପତି ଆର୍ତ୍ତତ୍ରାଣ ଜେନାଙ୍କ ଅଧ୍ୟକ୍ଷତାରେ ଆୟୋଜିତ ସଭାରେ ରାଉରକେଲା ଡ୍ରଗ୍ସ ଇନ୍ସପେକ୍ଟର ମନୋଜ ମହାପାତ୍ର ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏହି ପୁରସ୍କାର ବିତରଣୀ ଉତ୍ସବ ଛାତ୍ରୀଛାତ୍ରମାନଙ୍କ ଭିତରେ ଲୁଚି ରହିଥିବା ପ୍ରତିଭାର ବିକାଶରେ ସହାୟକ ହେବ ବୋଲି କହିଥିଲେ। ବୀର ବିର୍ସା ମୁଣ୍ଡା ସୀମାନ୍ତ ଆଞ୍ଚଳିକ ମହାବିଦ୍ୟାଳୟର ଅଧକ୍ଷ ପ୍ରସନ୍ନ କୁମାର ଧଳ, ରଞ୍ଜିତ କୁମାର ବିଶ୍ୱାଳ, ଭାସ୍କର ନନ୍ଦ ସମ୍ମାନିତ ଅତିଥି ଭାବେ ଯୋଗ ଦେଇଥିଲେ। ସମ୍ପାଦକ ଶରତ କୁମାର ପତି ବାର୍ଷିକ ବିବରଣୀ ପାଠ ଏବଂ ବରିଷ୍ଠ ସଦସ୍ୟ ବଳରାମ ଶତପଥୀ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ପୂର୍ବରୁ ଆୟୋଜିତ ବିଭିନ୍ନ ପ୍ରତିଯୋଗିତାର ୭୦ରୁ ଊର୍ଦ୍ଧ୍ୱ କୃତୀ ପ୍ରତିଯୋଗୀଙ୍କୁ ପୁରସ୍କୃତ କରାଯାଇଥିଲା। ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ହୋଇଥିଲା।


ଉତ୍ସବରେ ଉପସ୍ଥିତ ମଞ୍ଚାସୀନ ଅତିଥିଗଣ।

## ବସନ୍ତ ସମାରୋହ: ୨୦ ପ୍ରତିଯୋଗୀ ସମ୍ମାନିତ

**ରାଉରକେଲା, ୨୩।୩(ଦିନେଶ ମିଶ୍ର)**


ଜଣେ କଳାକାରଙ୍କୁ ସମ୍ବର୍ଦ୍ଧିତ କରାଯାଉଛି।

ରାଉରକେଲା ଛେଣ୍ଡସ୍ଥିତ ମ୍ୟୁଜିକ୍ ସର୍କଲ ପରିସରରେ ତିନିଦିନ ଧରି ଚାଲିଥିବା ୪୯ତମ ବସନ୍ତ ମହୋତ୍ସବ ନିନାଦ ରବିବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ଉତ୍ସବରେ ଆର୍‌ଏସ୍‌ପି କାର୍ମିକ ବିଭାଗର ନିର୍ବାହୀ ନିର୍ଦ୍ଦେଶକ ବିଶ୍ୱରଞ୍ଜନ ପଲାଇ ମୁଖ୍ୟ ଅତିଥି, ମାରୱାଡି ଯୁବାମଞ୍ଚର ସଭାପତି ଅନାମିକା ମିତ୍ତଲ, ଚ୍ୟାମ୍ବର ଅଫ୍ କମର୍ସର ସଭାପତି ମଳୟ ମଣ୍ଡଳ, ରାକେଶ ସିଂହ ପ୍ରମୁଖ ସମ୍ମାନିତ ଅତିଥି ଭାବେ ଉପସ୍ଥିତ ଥିଲେ। ମୁଖ୍ୟ ଉପଦେଷ୍ଟା ଡକ୍ଟର ସମର ମୁଦାଲି ମଞ୍ଚ ପରିଚାଳନା ସହ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ଅବସରରେ ଅନୁଷ୍ଠାନର ପକ୍ଷରୁ ଲକ୍ଷ୍ମୀକାନ୍ତ ପାଲିତଙ୍କୁ ଚଳିତ ବର୍ଷର ବସନ୍ତ ସମ୍ମାନରେ ସମ୍ମାନିତ କରାଯାଇଥିଲା। ସେହିପରି ନାଟ୍ୟକାର ଶଙ୍କର ପ୍ରସାଦ ତ୍ରିପାଠୀଙ୍କୁ 'ମୁକ୍ତିକାନ୍ତ ନାଟ୍ୟ ସମ୍ମାନ', ଡ. ଆଲୋକ ବରାଳଙ୍କୁ 'ପ୍ରଭାତ ନଳିନୀ ସାହିତ୍ୟ ସମ୍ମାନ ଏବଂ ଡ. ପ୍ରିୟଙ୍କା ଦାସଙ୍କୁ ଡ. ପ୍ରଭାତ କୁମାର ଚାନ୍ଦ ସ୍ମୃତି ସମ୍ମାନରେ ସମ୍ମାନିତ କରାଯାଇଥିଲା। ପ୍ରଥମ ଅଧିବେଶନରେ ସାମୁହିକ ଲୋକନୃତ୍ୟ ଓ ବାଦ୍ୟଯନ୍ତ୍ର ପ୍ରତିଯୋଗିତାର ୨୦ ଜଣ କୃତୀ ପ୍ରତିଯୋଗୀଙ୍କୁ ସମ୍ମାନିତ କରାଯାଇଥିଲା। ଏହି ଅବସରରେ ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ମ୍ୟୁଜିକ ସର୍କଲର ବରିଷ୍ଠ ସଦସ୍ୟ ପ୍ରଦୀପ୍ତ କୁମାର ସାହୁ, ବିବେକାନନ୍ଦ ପଣ୍ଡା, ସନ୍ତୋଷ କୁମାର ମଲ୍ଲିକ, ଲକ୍ଷ୍ମଣନାଥ ଦାସ, ନିଖିଳେଶ୍ୱର ଦାଶ ପ୍ରମୁଖ ସହଯୋଗ କରିଥିଲେ। ବରିଷ୍ଠ ଉପାଧକ୍ଷ ଅଭୟ କୁମାର ଦାସ ଧନ୍ୟବାଦ ଅର୍ପଣ କରିଥିଲେ।

**କଖାରୁମାଳରେ ଅଷ୍ଟପ୍ରହର ନାମଯଜ୍ଞ**

ଦେବଗଡ଼,(ଶଶାଙ୍କ ଶେଖର ଝଙ୍କର): ଦେବଗଡ଼ ଜିଲ୍ଲା ରିଆମାଳ ବ୍ଲକ୍ଅଧୀନ କଖାରୁମାଳ ଗ୍ରାମରେ ଅଷ୍ଟପ୍ରହର ନାମଯଜ୍ଞ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏହି ଉପଲକ୍ଷେ ରବିବାର କଳସ ଯାତ୍ରା ଅନୁଷ୍ଠିତ ହୋଇଥିଲା। ସୋମବାର ସକାଳେ ବିଭିନ୍ନ ପୂଜାର୍ଚ୍ଚନା ସହ ସଭାପତି ସାଧୁ ଚରଣ ପ୍ରଧାନ ଓ ସମ୍ପାଦକ ସତ୍ୟା ସାହୁଙ୍କ ତତ୍ତ୍ୱାବଧାନରେ ନାମଯଜ୍ଞ ହୋଇଥିଲା। ଏଥିରେ କାଦୋପଡ଼ା, ଚନ୍ଦ୍ରପୁର, ପୁଡ଼ାଖୋଲ, କୁମାଳ, ଦଶଘରିଆ, ତାରଙ୍ଗ, ଖାରବେଡା ଆଦି ଅଞ୍ଚଳର ୪୦ରୁ ଊର୍ଦ୍ଧ୍ୱ ସଙ୍କୀର୍ତ୍ତନ ମଣ୍ଡଳୀ ସାମିଲ ହୋଇଥିଲା। ପ୍ରଦୀପ ସାହୁ, ମନୋଜ ସ୍ୱାଇଁ, ବୁଲୁ ସାହୁ, ହାବିଲ ସାହୁ, ପୂର୍ଣ୍ଣ ସ୍ୱାଇଁଙ୍କ ସମେତ ଅନ୍ୟମାନେ କାର୍ଯ୍ୟକ୍ରମରେ ସହଯୋଗ କରିଥିଲେ।

## ସଂକ୍ଷେପରେ

### ସ୍କନ୍ଦମାତା ବେଶରେ ଦର୍ଶନ ଦେଲେ ମା' କନକଦୁର୍ଗା



ଦେବଗଡ଼,୨୩।୩(ଶଶାଙ୍କ ଶେଖର ଝଙ୍କର)- ବାସନ୍ତିକ ନବରାତ୍ର ପୂଜାର ସୋମବାର ପଞ୍ଚମ ଦିବସରେ ଦେବଗଡ଼ ମଠସାହିସ୍ଥିତ ମା' କନକଦୁର୍ଗା ମନ୍ଦିର ଚଳଚଞ୍ଚଳ ହୋଇଉଠିଥିଲା। ଏହି ଅବସରରେ ବିଭିନ୍ନ ପୂଜାର୍ଚ୍ଚନା ପରେ ମା' କନକଦୁର୍ଗାଙ୍କୁ ସ୍କନ୍ଦମାତା ବେଶରେ ସଜ୍ଜିତ କରାଯାଇଥିଲା। ଏହି ବେଶ ଦର୍ଶନ କରିବା ପାଇଁ ମନ୍ଦିରରେ ବହୁସଂଖ୍ୟକ ଶ୍ରଦ୍ଧାଳୁଙ୍କ ସମାଗମ ହୋଇଥିଲା। ସେହିପରି ମା' ଦକ୍ଷିଣକାଳୀ ଓ ଶନି ମନ୍ଦିରରେ ମଧ୍ୟ ବାସନ୍ତିକ ନବରାତ୍ର ପୂଜାର୍ଚ୍ଚନା ଚାଲିଛି।

### ବିଷାକ୍ତ ଧୂଆଁ: ଜନଜୀବନ ଅସ୍ତବ୍ୟସ୍ତ

ଲଖନପୁର,୨୩।୩(ଗୌତମ ସାହୁ)

ଚୁନ କାରଖାନାରୁ ବାହାରୁଥିବା ବିଷାକ୍ତ ଧୂଆଁ ଯୋଗୁ ଲଖନପୁର ବ୍ଲକ୍ ସୀମାନ୍ତ କନକତୋରା ଗ୍ରାମର ଡ଼ିପାପଡ଼ା, ନାଏକପଡ଼ାବାସୀଙ୍କ ଜନଜୀବନ ଅସ୍ତବ୍ୟସ୍ତ ହୋଇପଡିଛି। ସୂଚନା ଅନୁଯାୟୀ, ଓଡ଼ିଶା ସୀମାନ୍ତ ଜିରୋ ପଏଣ୍ଟ କନକତୋରାରୁ ପ୍ରାୟ ୩୦୦ ମିଟର ଦୂରତାରେ ପଡ଼ୋଶୀ ରାଜ୍ୟ ଛତିଶଗଡ଼ ଅନ୍ତର୍ଭୁକ୍ତ ବଡ଼ମାଲସ୍ଥିତ ଏକ ଘରୋଇ କ୍ଷୁଦ୍ର ଶିଳ୍ପ ଚୁନ କାରଖାନାରୁ ବିଷାକ୍ତ ଧୂଆଁ ବାହାରୁଛି। ଏହି ଧୂଆଁ ପବନର ଗତିରେ ଓଡ଼ିଶା ମୁହାଁ ହେଲେ ସ୍ଥାନୀୟ ଲୋକଙ୍କୁ ନିଶ୍ୱାସ ନେବାରେ ଅସୁବିଧା ହେଉଛି। ଏଥିସହ ପରିବେଶ ପ୍ରଦୂଷିତ ହୋଇ କୃତ୍ରିମ କୁହୁଡି ସୃଷ୍ଟି ହେଉଛି। ଏଥିଯୋଗୁ ଗମନାଗମନରେ ବ୍ୟାଘାତ ସୃଷ୍ଟି ହେବା ସହ ଦୁର୍ଘଟଣାକୁ ଏଡାଇ ଦିଆଯାଇ ନ ପାରେ ବୋଲି କନକତୋରା ନିବାସୀ ଯୁବ ଆଇନଜୀବୀ ଶ୍ରୀବନ୍ତ କୁମାର ଚଇନି କହିଛନ୍ତି। ଆଗାମୀ ଦିନରେ ଏହି ପ୍ରଦୂଷଣ କରୁଥିବା ସଂସ୍ଥା ବିରୋଧରେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ ପାଇଁ ଜିଲା ପ୍ରଶାସନର ଦୃଷ୍ଟି ଆକର୍ଷଣ କରାଯିବ ବୋଲି ସେ କହିଛନ୍ତି। ସେହିପରି ଯୁବ ସାମାଜିକ କର୍ମୀ ସଞ୍ଜୟ କୁମାର ମେହେର କହିଛନ୍ତି, ଏହି ପ୍ରଦୂଷଣକାରୀ ସଂସ୍ଥା ସରକାରୀ ନିୟମ ଉଲ୍ଲଙ୍ଘନ କରି ନିରୀହ ଜନସାଧାରଣଙ୍କ ଜୀବନ ସହିତ ଖେଳ ଖେଳୁଛି। ଏହି ଅଞ୍ଚଳରେ ପ୍ରଦୂଷଣ ମାପ ଯନ୍ତ୍ର ସ୍ଥାପନ ସହ ଏଭଳି ବେଆଇନ କାର୍ଯ୍ୟ ପାଇଁ ଜିଲା ପ୍ରଶାସନ ଦୃଢ଼ ପଦକ୍ଷେପ ଗ୍ରହଣ କରିବା ପାଇଁ ସେ ଦାବି କରିଛନ୍ତି। ଏନେଇ ଜିଲା ପ୍ରଦୂଷଣ ନିୟନ୍ତ୍ରଣ ଅଧିକାରୀ ହିରଣ୍ୟ କୁମାର ନାୟକଙ୍କ ପ୍ରତିକ୍ରିୟା ମିଳିପାରିନାହିଁ।

### ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟ କ୍ୟାବିନ୍‌ରେ ପୋକ ସାଲୁବାଲୁ

ଝାରସୁଗୁଡ଼ା, ୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲା ମୁଖ୍ୟ ଚିକିତ୍ସାଳୟରେ ଠିକ୍ ଭାବେ ସଫେଇ ହେଉ ନ ଥିବାରୁ ଚଟାଣରେ ପୋକ ସାଲୁବାଲୁ ହେଉଥିବା ଅଭିଯୋଗ ହୋଇଛି। ଜିଲା ମୁଖ୍ୟ ଚିକିତ୍ସାଳୟର ଏକ କ୍ୟାବିନ୍‌ରେ ଚିକିତ୍ସିତ ହେଉଥିବା ଜଣେ ମହିଳାଙ୍କ ସ୍ୱାମୀ ପରିଚୟ ଗୋପନ ରଖି କହିଛନ୍ତି, ଶନିବାରଠାରୁ ଉକ୍ତ ଚିକିତ୍ସାଳୟରେ ଠିକ୍ ଭାବେ ସଫେଇ କରାଯାଉ ନାହିଁ। ଏଥିଯୋଗୁ ଚିକିତ୍ସାଳୟର ସାଧାରଣ ୱାର୍ଡଠାରୁ ଆରମ୍ଭ କରି କ୍ୟାବିନ ପର୍ଯ୍ୟନ୍ତ ପୋକ ସାଲୁବାଲୁ ହେଉଛନ୍ତି। ସଫେଇବେଳେ ବିଭିନ୍ନ ରାସାୟନିକ ପଦାର୍ଥ ପ୍ରୟୋଗ କରାଯାଉ ନ ଥିବାରୁ ବାହାରୁ ପୋକଗୁଡିକ ଚିକିତ୍ସାଳୟରେ ପଶୁଛନ୍ତି। ଏଥିଯୋଗୁ ରୋଗୀ ଓ ସେମାନଙ୍କ ସମ୍ପର୍କୀୟ ଶୋଇବା ପାଇଁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଗତ ୩ ଦିନ ହେବ ଝାରସୁଗୁଡ଼ା ଜିଲାରେ ବର୍ଷା ହେଉଥିବାବେଳେ ମୁଖ୍ୟ ଚିକିତ୍ସାଳୟରେ ବୁଦା ଜଙ୍ଗଲ ରହୁଥିବାରୁ ପୋକ ପଶି ଆସୁଛନ୍ତି। ଏନେଇ ଚିକିତ୍ସାଳୟ ମ୍ୟାନେଜର ଅତିଶ କୁମାରଙ୍କୁ ପଚାରିବାରୁ ସେପରି କୌଣସି ଅଭିଯୋଗ ଆମ ପାଖକୁ ଆସିନାହିଁ। ତଥାପି ପରିମଳ ବ୍ୟବସ୍ଥା ଉପରେ ଗୁରୁତ୍ୱ ଦେବୁ ବୋଲି ସେ କହିଛନ୍ତି।

# ସମାଧାନ ହେଉନି ବିସ୍ଥାପିତଙ୍କ ସମସ୍ୟା

## ୨ ବର୍ଷ ହେଲାଣି ଆର୍‌ପିଡିସି ବୈଠକ ହୋଇନି

ଝାରସୁଗୁଡ଼ା, ୨୩।୩(ଆଶିଷ ରଞ୍ଜନ ଦାଶ)

ଝାରସୁଗୁଡ଼ା ଜିଲାରେ ୨ ବର୍ଷ ହେବ ପୁନର୍ବାସ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳ ବିକାଶ ପରାମର୍ଶଦାତା କମିଟି(ଆର୍‌ପିଡିସି) ବୈଠକ କରାଯାଇନାହିଁ। ଏଥିଯୋଗୁ ବିଭିନ୍ନ କମ୍ପାନୀ ଦ୍ୱାରା ବିସ୍ଥାପିତ ହୋଇଥିବା ଲୋକଙ୍କ ସମସ୍ୟାର ସମାଧାନ ହୋଇପାରିନାହିଁ। ଏହାକୁ ନେଇ ସେମାନଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି। ତୁରନ୍ତ ଆର୍‌ପିଡିସି ବୈଠକ କରିବା ପାଇଁ ଦାବି ହୋଇଛି।

ସୂଚନା ଅନୁଯାୟୀ, ଝାରସୁଗୁଡ଼ା ଏକ ଶିଳ୍ପ ସମୃଦ୍ଧ ଜିଲା। ଏଠାରେ ପ୍ରାୟ ୨୫ ବର୍ଷ ମଧ୍ୟରେ ଶତାଧିକ ଛୋଟ, ବଡ଼ କମ୍ପାନୀ ଖୋଲିଛି। ଏଥିପାଇଁ ସ୍ଥାନୀୟ ଅଞ୍ଚଳର ଲୋକଙ୍କୁ ପୂର୍ବରୁ ବିସ୍ଥାପିତ କରାଯାଇଥିବାବେଳେ କେତେକ ସ୍ଥାନରେ ଏହି ପ୍ରକ୍ରିୟା ଏବେ ଚାଲିଛି। ଏନ୍‌ଏଲ୍‌ସି କମ୍ପାନୀ ସମ୍ବନ୍ଧୀୟ ଆର୍‌ପିଡିସି ବୈଠକ ଚଳିତବର୍ଷ ଜାନୁଆରୀରେ ସମ୍ବଲପୁରରେ ହୋଇଥିଲା। ହେଲେ ଝାରସୁଗୁଡ଼ା ଜିଲାରେ କୌଣସି ବିସ୍ଥାପିତଙ୍କ ସମସ୍ୟାକୁ ନେଇ ଗତ ୨ ବର୍ଷ ଭିତରେ ଏହି ବୈଠକ ହୋଇନାହିଁ। ରାଜ୍ୟ ସରକାରଙ୍କ ପୁନର୍ବାସ ଓ ସ୍ଥାନାନ୍ତରଣ ନୀତି ଅନୁଯାୟୀ, ଶିଳ୍ପାୟନ ଯୋଗୁ ବିସ୍ଥାପିତ ହୋଇଥିବା ଲୋକଙ୍କ ସମସ୍ୟାର ସମାଧାନ ପାଇଁ ଆର୍‌ପିଡିସି ବୈଠକର ଭୂମିକା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ। ନିୟମ ଅନୁଯାୟୀ, ଜିଲାପାଳଙ୍କ କାର୍ଯ୍ୟାଳୟରେ ପ୍ରତି ୩ ମାସରେ ଥରେ ଏହି ବୈଠକ ହେବା ଆବଶ୍ୟକ। ସାଧାରଣତଃ ଆର୍‌ଡିସି ଏହି ବୈଠକରେ ଅଧ୍ୟକ୍ଷତା କରନ୍ତି ଏବଂ ଜିଲାପାଳ ଏହାର ସମସ୍ତ ବ୍ୟବସ୍ଥା ପରିଚାଳନା କରନ୍ତି। ଏହି କମିଟିରେ ସ୍ଥାନୀୟ ବିଧାୟକ, ଏମ୍‌ପି, କମ୍ପାନୀର ବରିଷ୍ଠ ଅଧିକାରୀ ଏବଂ ବିସ୍ଥାପିତ ଲୋକଙ୍କ ପ୍ରତିନିଧି ସାମିଲ ହୋଇଥାନ୍ତି। ବୈଠକରେ ବିସ୍ଥାପିତ ପରିବାରକୁ ଠିକ୍ ସମୟରେ ଏବଂ ଠିକ୍ ପରିମାଣର ଆର୍ଥିକ ସହାୟତା ମିଳୁଛି କି ନାହିଁ, ତାହାର ତଦାରଖ କରାଯାଏ। ସ୍ଥାନୀୟ ପ୍ରଭାବିତ ଲୋକଙ୍କୁ ସମ୍ପୃକ୍ତ କମ୍ପାନୀରେ କିପରି ଅଧିକରୁ ଅଧିକ ନିଯୁକ୍ତି ମିଳିବ, ସେ ନେଇ ରୋଡ୍‌ମ୍ୟାପ ପ୍ରସ୍ତୁତ ହୁଏ। ନୂତନ ପୁନର୍ବାସ କଲୋନିରେ ପାନୀୟ ଜଳ, ବିଦ୍ୟୁତ, ରାସ୍ତାଘାଟ ଏବଂ ସ୍ୱାସ୍ଥ୍ୟସେବା ଯୋଗାଇ ଦେବାକୁ କମ୍ପାନୀକୁ ନିର୍ଦ୍ଦେଶ ଦିଆଯାଏ। ପାର୍ଶ୍ୱବର୍ତ୍ତୀ ବିକାଶ ପାଣ୍ଠି ବା କମ୍ପାନୀର ସିଏସ୍‌ଆର୍ ପାଣ୍ଠିରୁ ଗ୍ରାମର ସ୍କୁଲ, ମନ୍ଦିର ଏବଂ ଖେଳପଡ଼ିଆର ଉନ୍ନତୀକରଣ ପାଇଁ ଯୋଜନା କରାଯାଏ। ହେଲେ ଦୁଃଖର କଥା ୨୦୨୪ ଜାନୁଆରୀଠାରୁ ଆର୍‌ପିଡିସି ବୈଠକ ହୋଇ ନ ଥିବା ଜଣାପଡିଛି। ଫଳରେ ବିସ୍ଥାପିତ ଲୋକଙ୍କ ମୌଳିକ ସମସ୍ୟା ସମାଧାନ ହେଉଛି କି ନାହିଁ, ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ କମ୍ପାନୀଗୁଡିକ ସିଏସ୍‌ଆର୍ ଫଣ୍ଡରୁ ଖର୍ଚ୍ଚ କରି ଅଞ୍ଚଳ ବିକାଶ କରୁଛନ୍ତି କି ନାହିଁ ସେ ସମ୍ପର୍କରେ ଜଣାପଡୁନି। ଏନେଇ ଜିଲାପାଳ କୁଣାଲ ମୋତିରାମ ଚହ୍ୱାଣ କହିଛନ୍ତି, ଆର୍‌ପିଡିସି ବୈଠକ ନିଶ୍ଚିତ ଭାବରେ କରାଯିବ। ବିଭିନ୍ନ ସମୟରେ କମ୍ପାନୀ ସମ୍ବନ୍ଧୀୟ ଅଭିଯୋଗଗୁଡିକ ଆସୁଛି ଏବଂ ତାହାର ସମାଧାନ ମଧ୍ୟ କରାଯାଇଛି। ଜିଲା ପୁନର୍ବାସ ଏବଂ ଥଇଥାନ ବିଭାଗର ପ୍ରଶାସନିକ ମୁଖ୍ୟ ବିଶ୍ୱକେସନ ପାଣ୍ଡେଙ୍କୁ ପଚାରିବାରୁ ସେ ଏ ସମ୍ପର୍କରେ ମତାମତ ଦେବାକୁ ମନା କରିଥିଲେ। ସେହିପରି ଉକ୍ତ ବିଭାଗର ପିଡି ଲଳିତ ସୋରେନ ଆରପିଡିସି ବୈଠକ ଗତ ଦିନରେ କରାଯାଇଛି ବୋଲି ସଫେଇ ଦେଇ ଅଧିକ କିଛି କହିବାକୁ ମନା କରିଥିଲେ।

# ୪୩ ଅଭିଯୋଗର ଶୁଣାଣି କଲେ ଜିଲାପାଳ



ଶିବିରରେ ଜିଲାପାଳ ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି।

ଦେବଗଡ଼,୨୩।୩(ଶଶାଙ୍କ ଶେଖର ଝଙ୍କର)

ଦେବଗଡ଼ ଜିଲା ତିଲେଇବଣି ବ୍ଲକ୍ ତାଲକୁଣ୍ଡି ଗ୍ରାମପଞ୍ଚାୟତ ସମ୍ମିଳନୀ କକ୍ଷଠାରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି ଶିବିର ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ କବୀନ୍ଦ୍ର କୁମାର ସାହୁ ଯୋଗଦେଇ ୪୩ଟି ଅଭିଯୋଗ ଗ୍ରହଣ କରିଥିଲେ। ବିଶେଷକରି ହାଇଟେକ୍ ପଟ୍ଟା ସଂଶୋଧନ, ପାନୀୟଜଳ, ନଳକୂପ, ଷ୍ଟ୍ରିଟ୍‌ଲାଇଟ, ପ୍ରଧାନମନ୍ତ୍ରୀ ଆବାସ, ମୋବାଇଲ ନେଟ୍‌ୱର୍କ ଓ ରାସ୍ତା ମରାମତି ସମ୍ପର୍କିତ ଅଭିଯୋଗ ହୋଇଥିଲା। ଜିଲାପାଳ ଅଭିଯୋଗଗୁଡିକ ଶୁଣିବା ପରେ ତୁରନ୍ତ ସମାଧାନ ପାଇଁ ବିଭାଗୀୟ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ। ଏହି ଶିବିରରେ ସମସ୍ତ ବିଭାଗର ଜିଲାସ୍ତରୀୟ ଅଧିକାରୀ ଉପସ୍ଥିତ ଥିଲେ।

# ଶହୀଦ ଦିବସରେ ପଦଯାତ୍ରା




ପଦଯାତ୍ରାରେ ଛାତ୍ରୀଙ୍କ ସମେତ ଅନ୍ୟମାନେ।

ଦେବଗଡ଼,୨୩।୩(ଶଶାଙ୍କ ଶେଖର ଝଙ୍କର)

ଭାରତ ସରକାରଙ୍କ ଯୁବ ବ୍ୟାପାର ଓ କ୍ରୀଡ଼ା ମନ୍ତ୍ରଣାଳୟ ଅଧୀନସ୍ଥ ମେରା ଯୁବା ଭାରତ ପକ୍ଷରୁ ତିଲେଇବଣି ବ୍ଲକ୍ ଜାମ୍ବୁନାଳୀ ଖେଳପଡିଆଠାରେ ସୋମବାର ଶହୀଦ ଦିବସ ପାଳିତ ହୋଇଯାଇଛି। ଭାଇ ଭାଇ ଯୁବକ ସଂଘ ସଭାପତି ରଞ୍ଜନ କୁମାର ବିଶ୍ୱାଳଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ ସମ୍ବଲପୁର ଏମ୍‌ପିଙ୍କ ପ୍ରତିନିଧି ଯୋଗେଶ ଚନ୍ଦ୍ର ପ୍ରଧାନ, ଦୁଧିଆନାଳି ସରପଞ୍ଚ ଉଦିତ୍ କୁମାର ନାୟକ, ଅବସରପ୍ରାପ୍ତ ଅତିରିକ୍ତ ଶିକ୍ଷା ଅଧିକାରୀ ତରଣୀସେନ ପ୍ରଧାନ, ଉଚ୍ଚ ବିଦ୍ୟାଳୟର ଶିକ୍ଷକ ଡୋଳାନନ୍ଦ ପ୍ରଧାନ ପ୍ରମୁଖ ଅତିଥି ଭାବରେ ଯୋଗଦେଇ ଅବସରପ୍ରାପ୍ତ ସେନା ସୁବେଦାର ମେଜର ବିପିନ ବିହାରୀ ସାହୁ, ଅବସରପ୍ରାପ୍ତ ସୁବେଦାର ରୁପାନନ୍ଦ ସାହୁ ଓ ଅବସରପ୍ରାପ୍ତ ଯବାନ ବୈକୁଣ୍ଠ ନାଏକଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମେରା ଯୁବା ଭାରତର ପ୍ରଦୀପ କୁମାର ବିଶ୍ୱାଳଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ବିଦ୍ୟାଳୟର ଛାତ୍ରୀ, ମହିଳା ଓ ଯୁବକମାନେ ପଡିଆଠାରୁ ପଦଯାତ୍ରାରେ ବାହାରି ଗ୍ରାମ ପରିକ୍ରମା କରିଥିଲେ। ଏହି ଅବସରରେ ଯୁବଗୋଷ୍ଠୀଙ୍କ ଦ୍ୱାରା ସ୍ୱଚ୍ଛତା କାର୍ଯ୍ୟକ୍ରମ କରାଯାଇଥିଲା।

# ୨୭ ପର୍ଯ୍ୟନ୍ତ ଚାଲିବ ଖେଳାଳି ପଞ୍ଜୀକରଣ

## ୧୬ରୁ କମ୍ ବୟସ ବର୍ଗର କ୍ରିକେଟ

ବରଗଡ଼,୨୩।୩(ପ୍ରେମାନନ୍ଦ ଖମାରୀ)

ଓଡ଼ିଶା କ୍ରିକେଟ ଆସୋସିଏଶନ ପକ୍ଷରୁ ଚଳିତ ମାସ ଶେଷ ସପ୍ତାହରେ ହେବାକୁ ଥିବା ଆନ୍ତଃଜିଲା ୧୬ ବର୍ଷରୁ କମ ବୟସ ବର୍ଗର କ୍ରିକେଟ ପ୍ରତିଯୋଗିତା ପାଇଁ ବରଗଡ଼ ଜିଲା ଜୁନିୟର କ୍ରିକେଟ ଖେଳାଳିମାନଙ୍କ ପଞ୍ଜୀକରଣ ଚଳିତ ମାସ ୨୦ରୁ ଆରମ୍ଭ ହୋଇଛି । ଏହା ଆସନ୍ତା ୨୭ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ପ୍ରତିଯୋଗିତାରେ ୨୦୧୦ ସେପ୍ଟେମ୍ବର ୧ତାରିଖରୁ ୨୦୧୨ ସେପ୍ଟେମ୍ବର ୧ତାରିଖ ମଧ୍ୟରେ ଜନ୍ମ ହୋଇଥିବା ଖେଳାଳି ଭାଗ ନେଇ ପାରିବେ। ଖେଳାଳିମାନେ ନିଜର ଆଧାର କାର୍ଡ, ଡିଜିଟାଲ ଜନ୍ମ ପ୍ରମାଣ ପତ୍ର, ଦୁଇ ବର୍ଷର ମାର୍କ ଶିଟ୍, ସ୍କୁଲ ବୋନାଫାଇଡ୍ ସାର୍ଟିଫିକେଟ୍‌ର ପିଡିଏଫ୍ ଫାଇଲ କରି ରଜତ କୁମାର ଦାଶ, ମନୋଜ ପାତ୍ରଙ୍କ ମୋବାଇଲ ନମ୍ବରକୁ ପଠାଇବା ପାଇଁ ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ଅନୁରୋଧ କରାଯାଇଛି। ଯେଉଁ ଖେଳାଳି ଜୁନିୟର ଇଣ୍ଟ୍ରା କ୍ଲବ କିମ୍ବା ଆନ୍ତଃ ଜିଲା ସ୍କୁଲ ପ୍ରତିଯୋଗିତାରେ ଭାଗ ନେଇଥିବେ ଏବଂ ଉପରୋକ୍ତ ବୟସ ବର୍ଗରେ ଅଛନ୍ତି, ସେମାନେ ଖେଳିପାରିବେ। ଯେଉଁ ବାହାର ରାଜ୍ୟ ଖେଳାଳି ଥିବେ, ସେମାନେ ଜିଲାରେ ବର୍ଷେ ଅବଧି ରହି ସାରିଥିଲେ ସେମାନେ ଏକ ବର୍ଷର ବାସିନ୍ଦା ସାର୍ଟିଫିକେଟ, ନିଜ ବାପାଙ୍କ ଚାକିରି କରୁଥିବା ସାର୍ଟିଫିକେଟ, ପାଠ ପଢୁଥିବା ପ୍ରମାଣପତ୍ର, ପାସ୍‌ପୋର୍ଟ ଦେଇ ଭାଗ ନେଇପାରିବେ। ଯେଉଁ ଖେଳାଳି ଅନ୍ୟ ଜିଲା କିମ୍ବା ଅନ୍ୟ ରାଜ୍ୟ ପାଇଁ ଖେଳିଥିବେ, ସେ ଏନ୍‌ଓସି ଦେଇ ପଞ୍ଜୀକରଣ କରିପାରିବେ ବୋଲି ଜିଲା କ୍ରିକେଟ ଆସୋସିଏଶନ ପକ୍ଷରୁ ସୂଚନା ଦିଆଯାଇଛି।

# ବିନା ହେଲ୍‌ମେଟ୍‌ରେ ଯାଉଥିଲେ, ମଦ୍ୟପାନ ଚାଲାଣ କଟିଲା

## ପରିବହନ ବିଭାଗର ବିଚିତ୍ର ନୀତି

ଝାରସୁଗୁଡ଼ା/ଲଇକେରା, ୨୩।୩(ଆଶିଷ ରଞ୍ଜନ ଦାଶ/ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ବ୍ଲକ୍ ରେଙ୍ଗାଲବେଡା ନିକଟରେ ଜିଲା ପରିବହନ ବିଭାଗ ଅଧିକାରୀଙ୍କ ତରଫରୁ ସୋମବାର ପୂର୍ବାହ୍ନରେ ଯାନବାହାନ ଯାଞ୍ଚ କରାଯାଉଥିଲା। ଏହି ସମୟରେ ରଞ୍ଜିତ କୁମାର ସା ନାମକ ବ୍ୟକ୍ତି ସାଲେଟିକ୍ରାରୁ ଲଇକେରା ଯାଉଥିଲେ। ହେଲେ ସେ ହେଲ୍‌ମେଟ୍ ପିନ୍ଧି ନ ଥିବାରୁ ପରିବହନ ବିଭାଗର ଅଧିକାରୀ ତାଙ୍କୁ ଅଟକାଇ ଚାଲାଣ କାଟିଥିଲେ। ଏଥିସହ ଚାଲାଣ ରସିଦ୍ ଦେଇ ଛାଡି ଦେଇଥିଲେ। ସେଥିରେ ଇଂଲିଶରେ ଲେଖା ହୋଇଥିବାରୁ ସେ ଲଇକେରା ପହଞ୍ଚିବା ପରେ ଅନ୍ୟମାନଙ୍କୁ ପଢାଇବାରୁ ଜାଣିବାକୁ ପାଇଲେ ଯେ ତାଙ୍କୁ ମଦ୍ୟପାନ କରିଥିବା ଅଭିଯୋଗରେ ୧୦ ହଜାର ଟଙ୍କା ଜରିମାନା କରାଯାଇଛି। ସେ ତୁରନ୍ତ ଜିଲା ପରିବହନ ବିଭାଗ ଅଧିକାରୀଙ୍କ କାର୍ଯ୍ୟାଳୟକୁ ଆସି ଅଭିଯୋଗ କରିଥିଲେ। ତାଙ୍କ ଆଗରୁ ଅନ୍ୟଜଣେ ବାଇକ ଚାଳକଙ୍କୁ ମଦ୍ୟପାନ କରିଥିବା ନେଇ ମେଶିନରେ ଫୁଙ୍କାଇ ପରୀକ୍ଷା କରାଯାଇଥିଲା। ହେଲେ ରଞ୍ଜିତ୍‌ଙ୍କୁ କୌଣସି ମେଶିନରେ ଫୁଙ୍କାଇ ନ ଥିଲେ କି ସେ କେବେ ମଦ୍ୟପାନ କରନ୍ତି ନାହିଁ ବୋଲି କହିଥିଲେ। ତେଣୁ ରଞ୍ଜିତ ହେଲ୍‌ମେଟ୍ ପିନ୍ଧି ନଥିବା ଅଭିଯୋଗରେ ଫାଇନ ନ କାଟି ଅନ୍ୟବ୍ୟକ୍ତି ମଦ୍ୟପାନ କରିଥିବା ଚାଲାଣ ରଞ୍ଜିତଙ୍କ ନାମରେ ପରିବହନ ବିଭାଗ ଅଧିକାରୀମାନେ କାଟିଥିବା ଅଭିଯୋଗ ହୋଇଛି। ଏନେଇ ଜିଲା ପରିବହନ ଅଧିକାରୀ ପ୍ରମୟ କୁମାର ମିଶ୍ର କହିଛନ୍ତି, ମଙ୍ଗଳବାର ଘଟଣାର ତଦନ୍ତ କରାଯିବ। ଯଦି ରଞ୍ଜିତ ମଦ୍ୟପାନ କରି ନ ଥିବେ ତେବେ ଏହି ଚାଲାଣକୁ କ୍ୟାନ୍‌ସଲ୍ କରାଯିବ। କାରଣ ମଦ୍ୟପାନ କରିଥିବା ଲୋକଙ୍କୁ ମେଶିନରେ ଫୁଙ୍କାଇଲେ ତାଙ୍କର ଭିଡିଓ ସେଭ ହୋଇ ରହିଥାଏ ବୋଲି ସେ କହିଛନ୍ତି।

# ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା: ବିପଦକୁ ଆମନ୍ତ୍ରଣ

ଝାରସୁଗୁଡ଼ା, ୨୩।୩ (ଆଶିଷ ରଞ୍ଜନ ଦାଶ)



ଝାରସୁଗୁଡ଼ା ପୌର ପରିଷଦ ଅଧୀନ ୧୩ ନମ୍ବର ୱାର୍ଡର ବାଲିଜୋରିଠାରେ ୩ଟି ବିଦ୍ୟୁତ୍ ଟ୍ରାନ୍ସଫର୍ମର ମୁକୁଳା ଅବସ୍ଥାରେ ରହିଛି। ଫଳରେ ଏହା ବିପଦକୁ ଆମନ୍ତ୍ରଣ କରୁଥିବା ସ୍ଥାନୀୟ ଲୋକେ ଅଭିଯୋଗ କରିଛନ୍ତି। ସ୍କୁଲ, ଅଙ୍ଗନୱାଡି କେନ୍ଦ୍ରକୁ ଛାତ୍ରୀଛାତ୍ର ଯାଉଥିବା ରାସ୍ତାରେ ଏହି ଟ୍ରାନ୍ସଫର୍ମରଗୁଡିକ ରହିଛି। ରାସ୍ତାକଡ଼ରେ ଏହି ଟ୍ରାନ୍ସଫର୍ମରଗୁଡ଼ିକ ଥିବାରୁ ଲୋକେ ଗମନାଗମନ ସମୟରେ ମଧ୍ୟ ଭୟ କରୁଛନ୍ତି। ଏନେଇ ସ୍ଥାନୀୟ ଜନସାଧାରଣ ବିଦ୍ୟୁତ୍ ବିଭାଗ କାର୍ଯ୍ୟାଳୟରେ ଜଣାଇଥିଲେ ସୁଦ୍ଧା କୌଣସି ସୁଫଳ ମିଳୁନାହିଁ। ତୁରନ୍ତ ବିଦ୍ୟୁତ୍ ବିଭାଗ ଏଥିପ୍ରତି ଦୃଷ୍ଟି ଦେବା ପାଇଁ ଦାବି ହୋଇଛି। ଏନେଇ ବିଦ୍ୟୁତ୍ ବିଭାଗ ଏସ୍‌ଡିଓ ନକୁଳ କିଷାନ କହିଛନ୍ତି, ସହରାଞ୍ଚଳରେ ଥିବା ମୁକୁଳା ଟ୍ରାନ୍ସଫର୍ମର ଚତୁଃପାର୍ଶ୍ୱରେ ବାଉଣ୍ଡ୍ରି ନିର୍ମାଣ ପାଇଁ ଉପରିସ୍ଥ ଅଧିକରୀଙ୍କୁ ଲିଖିତ ଭାବରେ ଅବଗତ କରାଯାଇଛି।

# ୧୧୪ କୋଟି ହିନ୍ଦୁ ସଙ୍ଗଠିତ ହେଲେ ଭାରତ ବିଶ୍ୱଗୁରୁ ହୋଇପାରିବ




ମଞ୍ଚରେ ପ୍ରବୀଣ ତୋଗାଡ଼ିଆ ଉଦ୍‌ବୋଧନ ଦେଉଛନ୍ତି।

## ବୀର ହିନ୍ଦୁ ବିଜେତା ହିନ୍ଦୁ ସମ୍ମିଳନୀ

ବ୍ରଜରାଜନଗର, ୨୩।୩ (ବିଜୟ ବରାଡ଼)

ଝାରସୁଗୁଡ଼ା ଜିଲା ବ୍ରଜରାଜନଗର ପୌରପାଳିକା ଅନ୍ତର୍ଗତ ତେଲନପାଲିସ୍ଥିତ ଶ୍ରୀରାମ ମନ୍ଦିର ପ୍ରାଙ୍ଗଣରେ ବୀର ହିନ୍ଦୁ ବିଜେତା ହିନ୍ଦୁ ସମ୍ମିଳନୀ ସୋମବାର ଅନୁଷ୍ଠିତ ହୋଇଯାଇଛି। ଏଥିରେ ମୁଖ୍ୟ ଅତିଥି ଭାବେ ଅନ୍ତରାଷ୍ଟ୍ରୀୟ ହିନ୍ଦୁ ପରିଷଦ ସଭାପତି ଡ. ପ୍ରବୀଣ ତୋଗାଡିଆ ଯୋଗଦେଇ ହିନ୍ଦୁ ସମାଜର ଏକତା ଓ ସୁରକ୍ଷା ଉପରେ ବକ୍ତବ୍ୟ ଦେଇଛନ୍ତି। ଜନସଂଖ୍ୟା ଅସନ୍ତୁଳନ ଓ ସୁରକ୍ଷା ଉପରେ ଚିନ୍ତାପ୍ରକଟ କରି ସେ କହିଛନ୍ତି, ହିନ୍ଦୁ ଯେଉଁଠି କମିଛନ୍ତି, ସେଠାରେ ଆମେ କଟିଛୁ। ସେ କଶ୍ମୀରର ଉଦାହରଣ ଦେଇ ସଚେତନ କରାଇଥିଲେ ଯେ, ସଂଖ୍ୟା କମିଲେ କିଭଳି ପରିସ୍ଥିତି ସୃଷ୍ଟି ହୁଏ। ଏଥିସହ ସେ ବାଂଲାଦେଶରେ ହିନ୍ଦୁଙ୍କ ହତ୍ୟା ଓ ନିର୍ଯାତନା ଉପରେ ଗଭୀର ଚିନ୍ତା ପ୍ରକଟ କରି ଦେଶରୁ ଅନୁପ୍ରବେଶକାରୀଙ୍କୁ ବାହାର କରିବା ପାଇଁ ଦୃଢ଼ ଦାବି କରିଛନ୍ତି। ଭାରତର ୧୧୪ କୋଟି ହିନ୍ଦୁ ସଙ୍ଗଠିତ ହେଲେ ହିଁ ଭାରତ ବିଶ୍ୱଗୁରୁ ହୋଇପାରିବ। ଏହି ଅବସରରେ ତୋଗାଡିଆ ଉପସ୍ଥିତ ଶ୍ରୋତାଙ୍କୁ ୫ଟି ସଂକଳ୍ପ କରାଇଥିଲେ। ପ୍ରତି ଶନିବାର ଏବଂ ମଙ୍ଗଳବାର ନିଜ ଘର ଏବଂ ନିକଟସ୍ଥ ମନ୍ଦିରରେ ସାମୂହିକ ହନୁମାନ ଚାଳିଶା ପାଠ କରିବା, ଦେଶର ସୁରକ୍ଷା ପାଇଁ ଅନୁପ୍ରବେଶକାରୀଙ୍କୁ ଚିହ୍ନଟ କରିବା, ହିନ୍ଦୁମାନେ ନିଜ ଧର୍ମ ପ୍ରତି ସଜାଗ ରହିବା, ନିଜର ପରମ୍ପରା ଓ ସଂସ୍କୃତିକୁ ବଜାୟ ରଖିବା, ନିଜର ଧର୍ମ ଓ ସଂସ୍କୃତିର ରକ୍ଷା ପାଇଁ ବଦ୍ଧପରିକର ହେବାକୁ ଶ୍ରୋତାମାନେ ଶପଥ କରିଥିଲେ।

# ସଭାପତି, ସମ୍ପାଦକ ପଦବୀ ପାଇଁ ହେବ ନିର୍ବାଚନ

## ୨୮ରେ ଝାରସୁଗୁଡ଼ା ଜିଲା ଓକିଲ ସଂଘ ଭୋଟ୍

ଝାରସୁଗୁଡ଼ା, ୨୩।୩ (ଆଶିଷ ରଞ୍ଜନ ଦାଶ)

ଆସନ୍ତା ୨୮ରେ ଝାରସୁଗୁଡ଼ା ଜିଲା ଓକିଲ ସଂଘ ନିର୍ବାଚନ ଅନୁଷ୍ଠିତ ହେବ। ତେବେ ବିଭିନ୍ନ ପଦବୀ ପାଇଁ ଏକକ ପ୍ରାର୍ଥିପତ୍ର ଦାଖଲ ହୋଇଥିଲା। ହେଲେ ସଭାପତି ଓ ସମ୍ପାଦକ ପଦବୀ ପାଇଁ ଏକାଧିକ ପ୍ରାର୍ଥୀ ରହିଥିବାରୁ ନିର୍ବାଚନ ହେବ। ଏନେଇ ସୋମବାର ଅପରାହ୍ନରେ ବେହେରାମାଲସ୍ଥିତ ପୁରୁଣା କୋର୍ଟ ପରିସରରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଜିଲା ଓକିଲ ସଂଘର ନିର୍ବାଚନ ଅଧିକାରୀ ବି. ନାଗେଶ୍ୱରୀ ସୂଚନା ଦେଇଛନ୍ତି। ସେ କହିଛନ୍ତି, ଆସନ୍ତା ୨୮ ତାରିଖ ସକାଳ ସାଢେ ୭ଟାରୁ ଅପରାହ୍ନ ୩ଟା ପର୍ଯ୍ୟନ୍ତ ନିର୍ବାଚନ ହେବ ଏବଂ ଭୋଟ ଗଣତି ୪ଟାରେ ଆରମ୍ଭ କରାଯିବ। ସଭାପତି ପଦବୀ ପାଇଁ ତ୍ରିନାଥ ଗୁଆଲ ଓ ରଘୁମଣୀ ପଟେଲ ଏବଂ ସମ୍ପାଦକ ପଦବୀ ନିମନ୍ତେ ମନୀଷ କୁମାର ବାଜପେୟୀ ଓ ନୀଳାଦ୍ରି ବିହାରୀ ପଣ୍ଡା ନିର୍ବାଚନ ଲଢିବେ।

# ଆଜି ସମଲେଶ୍ୱରୀ ମନ୍ଦିର ପ୍ରତିଷ୍ଠା କାର୍ଯ୍ୟକ୍ରମ

## ସ୍ଥିତି ଅନୁଧ୍ୟାନ କଲେ ପୂର୍ବତନ ବିଧାୟିକା

ଲଇକେରା,୨୩।୩(ରଞ୍ଜନ କୁମାର ମେହେର)

ଝାରସୁଗୁଡ଼ା ଜିଲା ଲଇକେରା ମୁଖ୍ୟ ରାସ୍ତାପାର୍ଶ୍ୱରେ ନବନିର୍ମିତ ମା' ସମଲେଶ୍ୱରୀ ମନ୍ଦିରର ପ୍ରତିଷ୍ଠା କାର୍ଯ୍ୟକ୍ରମ ମଙ୍ଗଳବାର ଅନୁଷ୍ଠିତ ହେବ। ଏଥିପାଇଁ ବିଭିନ୍ନ ରୀତିନୀତିରେ ପୂଜାର୍ଚ୍ଚନା କରାଯିବ। ପୂର୍ବତନ ମନ୍ତ୍ରୀ ସ୍ୱର୍ଗତ ନବ କିଶୋର ଦାସଙ୍କ ପ୍ରଚେଷ୍ଟାରେ ଏହି ମନ୍ଦିର ନିର୍ମାଣ ଆରମ୍ଭ ହୋଇଥିବାବେଳେ ତାଙ୍କ ଝିଅ ତଥା ପୂର୍ବତନ ବିଧାୟିକା ଦୀପାଳି ଦାସ ଏବଂ ଗ୍ରାମବାସୀଙ୍କ ପ୍ରଚେଷ୍ଟାରେ ଏହା ସମ୍ପୂର୍ଣ୍ଣ ହୋଇଛି। ତେଣୁ ସୋମବାର ଦୀପାଳି ଉକ୍ତ ମନ୍ଦିରରେ ପହଞ୍ଚି ପ୍ରତିଷ୍ଠା କାର୍ଯ୍ୟକ୍ରମ ପାଇଁ ସ୍ଥିତି ଅନୁଧ୍ୟାନ କରିଥିଲେ। ଏହି ସମୟରେ ଲଇକେରା ଗ୍ରାମର ଟଙ୍କଧର ନାଏକ, ପୂର୍ବତନ ଜିଲା ପରିଷଦ ସଦସ୍ୟ ଭୁପାଲ ବେହେରା, ସାମାଜିକ କର୍ମୀ ମନୋଜ ବେହେରା, ଅର୍ଜୁନ ମେହେର, ସୁରେନ୍ଦ୍ର ପଟେଲ, ପଞ୍ଚାନନ ନାଏକ, ଦୟାକରଣ ଅଗ୍ରୱାଲଙ୍କ ସମେତ ମନ୍ଦିର କମିଟି ସଦସ୍ୟ ଉପସ୍ଥିତ ଥିଲେ।



ପୂର୍ବତନ ବିଧାୟିକା ଦୀପାଳି ଦାସ ମନ୍ଦିର ପ୍ରତିଷ୍ଠା ଉତ୍ସବ କାର୍ଯ୍ୟକ୍ରମ ତଦାରଖ କରୁଛନ୍ତି।

# ୨୪ ଆବେଦନକାରୀଙ୍କୁ ମିଳିଲା ଜମିପଟ୍ଟା

## ହାଇଟେକ୍ ସର୍ଭେ ରିଭିଜନ ମାମଲା

ଦେବଗଡ଼,୨୩।୩(ଶଶାଙ୍କ ଶେଖର ଝଙ୍କର)

ସରକାରଙ୍କର ଏକ ଯୁଗାନ୍ତକାରୀ ପଦକ୍ଷେପ ସ୍ୱରୂପ ଓଡ଼ିଶା ସର୍ଭେ ଓ ସେଟେଲମେଣ୍ଟ ନିୟମ-୧୯୬୨ରେ ସଂଶୋଧନ ମୁତାବକ ଏକ ନୂତନ ଅଧ୍ୟାୟ ୩୪ (ଜି)କୁ ଯୋଗ କରାଯାଇଛି। ଏନେଇ ଦେବଗଡ଼ ଜିଲା ରିଆମାଳ ତହସିଲ କାର୍ଯ୍ୟାଳୟରେ ସୋମବାର ଅନୁଷ୍ଠିତ କାର୍ଯ୍ୟକ୍ରମରେ ଅତିରିକ୍ତ ଜିଲାପାଳ ରେବେକା ବିଲୁଙ୍ଗ, ତହସିଲଦାର ବିଜୟଲକ୍ଷ୍ମୀ ନାୟକ, ଅତିରିକ୍ତ ତହସିଲଦାର ପ୍ରେମ ପ୍ରକାଶ ହର ଓ ହରମେନ୍ଦର୍ ଭୋଇ ଯୋଗଦେଇଥିଲେ। ଏହିଅନୁଯାୟୀ ତହସିଲଦାରଙ୍କୁ ହାଇଟେକ୍ ସର୍ଭେ ରିଭିଜନ ମାମଲା ଆଧାରିତ



ଜମି ପଟ୍ଟା ପାଇଥିବା ୨୪ ଆବେଦନକାରୀ।

ସେଟେଲମେଣ୍ଟ ମାମଲାର ଫଇସଲା ପାଇଁ କ୍ଷମତା ପ୍ରଦାନ କରାଯାଇଛି। ଏହି ସଂଶୋଧିତ ନିୟମ ପ୍ରକାଶ ପାଇବା ପରେ ଜିଲାପାଳଙ୍କ କାର୍ଯାଳୟରେ ଅତିରିକ୍ତ ଜିଲାପାଳଙ୍କ ବିଚାରାଧୀନ ଥିବା ୧୩୧ଟି ମାମଲାକୁ ରିଆମାଳ ତହସିଲଦାରଙ୍କୁ ନୂତନ ଆଇନ ଅନୁଯାଇ ଫଇସଲା କରିବା ପାଇଁ ହସ୍ତାନ୍ତର କରାଯାଇଥିଲା। ଫଳରେ ତହସିଲ କାର୍ଯ୍ୟାଳୟର ସକ୍ରିୟ ପଦକ୍ଷେପ ଯୋଗୁ ତନ୍ମଧ୍ୟରୁ ୨୪ଟି ମାମଲାର ଫଇସଲା କରାଯାଇ ଆବେଦନକାରୀଙ୍କୁ ଜମି ପଟ୍ଟା ପ୍ରଦାନ କରାଯାଇଛି। ଅବଶିଷ୍ଟ ମାମଲାର ଦ୍ରୁତ ଫଇସଲା ପାଇଁ ତହସିଲ କାର୍ଯ୍ୟାଳୟରେ ଆବଶ୍ୟକ ପଦକ୍ଷେପ ନିଆଯାଉଛି। ସରକାରଙ୍କ ଏହି ପଦକ୍ଷେପ ଦ୍ୱାରା ବହୁଦିନ ଧରି ପଡି ରହିଥିବା ମାମଲାର ଦ୍ରୁତ ଫଇସଲା ସମ୍ଭବ ହୋଇପାରିଛି।

## ବ୍ରିଜ ତଳୁ ଅଜଣା ବ୍ୟକ୍ତିଙ୍କ ମୃତଦେହ ଜବତ

ସୁନ୍ଦରଗଡ (ଜୟ ନାରାୟଣ ମେଣ୍ଡୁଲି): ସୁନ୍ଦରଗଡ ଟାଉନଥାନା ଅନ୍ତର୍ଗତ ଲୁହୁରାଡିପା ରୋହିଦାସପଡା ନିକଟ ଏକ ପୋଲ ତଳୁ ପୋଲିସ ସୋମବାର ଜଣେ ଅଜଣାବ୍ୟକ୍ତିଙ୍କ ମୃତଦେହ ଜବତ କରିଛି। ପୋଲତଳେ ମୃତଦେହ ପଡିଥିବା ସ୍ଥାନୀୟ ଲୋକେ ଦେଖି ପୋଲିସକୁ ସୂଚନା ଦେଇଥିଲେ। ଖବର ପାଇ ପୋଲିସ ମୃତଦେହ ଜବତ କରି ବ୍ୟବଚ୍ଛେଦ ପରେ ଜିଲା ମୁଖ୍ୟ ଡାକ୍ତରଖାନା ମର୍ଗହାଉସରେ ରଖି ତଦନ୍ତ ଆରମ୍ଭ କରିଛି। ଏନେଇ ଟାଉନ ଥାନାରେ କେସ୍ ନମ୍ବର ୧୯/୨୬ରେ ଏକ ଅପମୃତ୍ୟୁ ମାମଲା ରୁଜୁ ହୋଇଛି।

### ସଂକ୍ଷେପରେ

## ଯୁବକଙ୍କ ଝୁଲନ୍ତାମୃତଦେହ ଜବତ

ଲହୁଣୀପଡ଼ା, ୨୩।୩(ଦାଶରଥି ପଣ୍ଡା): ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ଥାନା ବଡ଼ ପୁରୁଣାପାଣି ପଞ୍ଚାୟତ ଅନ୍ତର୍ଗତ ବଡ଼ବାହାଲ ଗ୍ରାମରେ ରବିବାର ବିଳମ୍ବିତ ରାତିରେ ଜଣେ ଯୁବକଙ୍କ ଝୁଲନ୍ତା ମୃତଦେହ ଜବତ ହୋଇଛି। ମୃତକ ହେଲେ ବଂଶୀଧର ମୁଣ୍ଡା (୧୯)। ଏନେଇ ପୋଲିସ ଏକ ଅପମୃତ୍ୟୁ ମାମଲା ରୁଜୁ କରି ଘଟଣାର ତଦନ୍ତ ଚଳାଇଛି। ସୂଚନା ଅନୁସାରେ, ବଂଶୀଧର ରାତିରେ ଖାଇ ସାରିବା ପରେ ଘର ବାହାରକୁ ଯାଇଥିଲେ। ଅନେକ ସମୟ ପର୍ଯ୍ୟନ୍ତ ଘରକୁ ନ ଫେରିବାରୁ ପରିବାର ଲୋକେ ବହୁ ଖୋଜାଖୋଜି କରିଥିଲେ। ପରେ ବିଳମ୍ବିତ ରାତିରେ ଘର ନିକଟ ଏକ ମହୁଲ ଗଛରେ ତାଙ୍କର ଝୁଲନ୍ତା ମୃତଦେହ ଦେଖି ଲହୁଣୀପଡ଼ା ପୋଲିସକୁ ଖବର ଦେଇଥିଲେ। ପୋଲିସ ମୃତଦେହ ଜବତ କରି ସୋମବାର ବ୍ୟବଚ୍ଛେଦ ପରେ ପରିବାର ଲୋକଙ୍କୁ ହସ୍ତାନ୍ତର କରିଛି।

## ବନ୍ଧମୁଣ୍ଡାରେ ଶହୀଦ ଦିବସ ପାଳିତ

ବନ୍ଧମୁଣ୍ଡା, ୨୩।୩(ସୁବ୍ରତ ଦେ): ଦେଶର ମହାନ ବିପ୍ଳବୀ ଶହୀଦ ଭଗତ ସିଂହ, ରାଜଗୁରୁ ଓ ସୁଖଦେବଙ୍କ ଶହୀଦ ଦିବସ ଅବସରରେ ସୋମବାର ସନ୍ଧ୍ୟାରେ ବନ୍ଧମୁଣ୍ଡା ଡି-ସେକ୍ଟର ସ୍ଥିତ ଶହୀଦ ଭଗତ ସିଂହ କ୍ଲବରେ ଏକ ଶ୍ରଦ୍ଧାଞ୍ଜଳି କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା। କ୍ଲବ ପକ୍ଷରୁ ଆଙ୍ଗନୱାଡିର ଛୋଟ ପିଲାମାନଙ୍କୁ ପୁସ୍ତକ, ସ୍ଲେଟ ଓ ଚକ ବଣ୍ଟନ କରାଯାଇଥିଲା। ସନ୍ଧ୍ୟା ସମୟରେ କ୍ଲବର ସମସ୍ତ ସଦସ୍ୟ ଏକତ୍ରିତ ହୋଇ ବୀର ଶହୀଦମାନଙ୍କ ସ୍ମୃତିରେ ଶ୍ରଦ୍ଧାଞ୍ଜଳି ଅର୍ପଣ କରି ତାଙ୍କ ଆଦର୍ଶରେ ଅନୁପ୍ରାଣିତ ହେବାକୁ ସଂକଳ୍ପ ନେଇଥିଲେ। ଏହି ଅବସରରେ କ୍ଲବର ଏସ ରମଇୟା, ପ୍ରବଳ ଦେ, ବିଷ୍ଣୁ ତରାଇ, ଓମ ପ୍ରକାଶ, ଏଲ ରାମାକ୍ରିଷ୍ଣା, ଚନ୍ଦନ ତରାଇ, ଅସିତ ଦାସ ପ୍ରମୁଖ ଉପସ୍ଥିତ ଥିଲେ।

# ହୋଇପାରୁନି ପିଚୁ, ଉଡୁଛି ଧୂଳି

### ଯାତାୟାତରେ ଲୋକେ ହନ୍ତସନ୍ତ

ବନ୍ଧମୁଣ୍ଡା, ୨୩।୩(ସୁବ୍ରତ ଦେ)



ଜରାଇକେଲାରୁ ରାଉରକେଲା ପର୍ଯ୍ୟନ୍ତ ନିର୍ମାଣାଧୀନ ଜାତୀୟ ରାଜପଥ ୩୨୦ଡି ବର୍ତ୍ତମାନ ସ୍ଥାନୀୟ ଲୋକମାନଙ୍କ ପାଇଁ ବଡ଼ ସମସ୍ୟାର କାରଣ ପାଲଟିଛି। ବିଶେଷକରି ବନ୍ଧମୁଣ୍ଡା ଡି କେବିନରୁ କପାଟମୁଣ୍ଡା ପର୍ଯ୍ୟନ୍ତ ସଡ଼କ ନିର୍ମାଣ ସମୟରେ ଉଡୁଥିବା ଧୂଳି ଯୋଗୁ ଲୋକେ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ଏହି ରାସ୍ତାରେ ପ୍ରତିଦିନ ଯାତାୟାତ କରୁଥିବା ବାଇକ ଚାଳକମାନେ ସବୁଠାରୁ ଅଧିକ ପ୍ରଭାବିତ ହେଉଛନ୍ତି। ସେହିପରି ସ୍କୁଲ-କଲେଜକୁ ଯାଉଥିବା ଛାତ୍ରୀଛାତ୍ରମାନେ ମଧ ବହୁ ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ରାସ୍ତାରେ ପାଣି ଛିଟା ଯାଉନାହିଁ। ଫଳରେ ଦିନ ସାରା ଧୂଳି ଉଡୁଛି। ଧୂଳି ପ୍ରଦୂଷଣ ଯୋଗୁ ଲୋକେ କାଶ, ଆଲର୍ଜି ଓ ଶ୍ୱାସ ସମ୍ବନ୍ଧୀୟ ରୋଗରେ ପୀଡ଼ିତ ହେଉଥିବା ସ୍ଥାନୀୟ ଲୋକେ କହିଛନ୍ତି। ଠିକ୍ ସେହିପରି ସନ୍ତୋଷପୁର ଓ କପରଣ୍ଡା ଅଞ୍ଚଳରେ ମଧ ସମାନ ସ୍ଥିତି ଜାରି ରହିଛି। ଶୀଘ୍ର ଏହି ସମସ୍ୟାର ସମାଧାନ ପାଇଁ ଅଞ୍ଚଳବାସୀ ସୁନ୍ଦରଗଡ଼ ଜିଲାପାଳଙ୍କୁ ଅନୁରୋଧ କରିଛନ୍ତି। ଏହି ସମ୍ପର୍କରେ ଏନ୍‌ଏଚ୍ ବିଭାଗର ଏସ୍‌ଡିଓ ତାରିଣୀକାନ୍ତ ମାହାନ୍ତଙ୍କୁ ପଚାରିବାରୁ, ରାସ୍ତାରେ ପାଣି ଛିଟା ଯାଉଛି। ଖୁବ୍‌ଶୀଘ୍ର ରାସ୍ତାଗୁଡ଼ିକୁ ପିଚୁ କରିବାକୁ ଚେଷ୍ଟା ଚାଲିଛି ବୋଲି କହିଛନ୍ତି।

## ବ୍ଲକ୍‌ସ୍ତରୀୟ ଲୋକକଳା ସମାରୋହ

ସୁନ୍ଦରଗଡ, ୨୩।୩(ଜୟ ନାରାୟଣ ମେଣ୍ଡୁଲି)

ଓଡ଼ିଆ ଭାଷା ସାହିତ୍ୟ, ସଂସ୍କୃତି ଏବଂ ସୂଚନା ଓ ଲୋକ ସମ୍ପର୍କ ବିଭାଗ ଆନୁକୂଲ୍ୟରେ ସୁନ୍ଦରଗଡ ଜିଲା ସବଡେଗା ବ୍ଲକ ଉପେନ୍ଦ୍ର ହାଇସ୍କୁଲ ପ୍ରାଙ୍ଗଣରେ ରବିବାର ବ୍ଲକ ସ୍ତରୀୟ ଲୋକକଳା ସମାରୋହ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥିଭାବେ ଉପବାଚସ୍ପତି ଭବାନୀ ଶଙ୍କର ଭୋଇ ଯୋଗଦେଇ କଳାକାରଙ୍କୁ ପ୍ରାଚୀନ କଳାର ପ୍ରଚାର ପ୍ରସାର ପାଇଁ ସରକାରଙ୍କ ପକ୍ଷରୁ ସମସ୍ତ ପ୍ରକାର ସହାୟତା ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦେଇଥିଲେ। କଳା ସଂସ୍କୃତି କେନ୍ଦ୍ର ହେଉ କିମ୍ବା ଭାଗବତ ଟୁଙ୍ଗୀ ଓ କଳାକାର ଭତ୍ତା ବିଷୟରେ ସେ ସହଯୋଗ କରିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ। ସମ୍ମାନିତ ଅତିଥିଭାବେ ସମ୍ବଲପୁର ଆକାଶବାଣୀର ସଙ୍ଗୀତ ନିର୍ଦ୍ଦେଶକ ରମେଶ ସୁନା, ଉତ୍ସବର ପରାମର୍ଶ ଦାତା ସୁଧାଂଶୁ ଚୌଧୁରୀ, ଆୟୋଜକ କମିଟିର ଉପସଭାପତି ଭାସ୍କର ମଗର, ଉପଦେଷ୍ଟା ପବିତ୍ରତଣ୍ଡୀ, ମା' ଗାଙ୍ଗେଶ୍ୱରୀ କ୍ଲବର ସଭାପତି ବିପିନ ବେହେରା, ପଙ୍କଜ ବେହେରା, ସମ୍ପାଦିକା କଳ୍ପନା ବେହେରା, ଖଗେଶ୍ୱର କଣ୍ଟା, ଆନନ୍ତ କୁମାର ଡୁଙ୍ଗଡୁଙ୍ଗ, ରତନଲାଲ ବୁଝୁରା କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ନୃତ୍ୟ ପରିବେଷଣ କରାଯାଉଛି।

ଲହୁଣୀପଡା, ୨୩।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ାସ୍ଥିତ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ବ୍ଲକ ପଡ଼ିଆଠାରେ ଅନୁଷ୍ଠିତ ହୋଇଯାଇଛି। ଏହି ବାର୍ଷିକ ଉତ୍ସବରେ ମୁଖ୍ୟ ଅତିଥିଭାବେ ଲହୁଣୀପଡା ସରପଞ୍ଚ ନେଲସନ ହେମ୍ବ୍ରମ, ସମ୍ମାନିତ ଅତିଥିଭାବେ ବରିଷ୍ଠ ଆଇନଜୀବୀ ଧୀରଜ କୁମାର ସାହୁ ଯୋଗଦେଇଥିଲେ। ବିଦ୍ୟାଳୟର ଅଧକ୍ଷା ସଂଘମିତ୍ରା ମିଶ୍ର ଅଧକ୍ଷତା କରିଥିଲେ। ଶିକ୍ଷକ ଗିରିଧାରୀ ସାହୁ ପରିଚୟ ଓ ମଞ୍ଚ ପରିଚାଳନା କରିଥିଲେ। ଇଂଣ୍ଡୋ ଇଂରାଜୀ ବିଦ୍ୟାଳୟର ପ୍ରତିଷ୍ଠାତା ସ୍ୱର୍ଗତ ମିହିର ବରୁଣ ମୁଖାର୍ଜୀଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଦୀପ ପ୍ରଜ୍ୱଳନ ପରେ ଅତିଥିମାନେ କାର୍ଯ୍ୟକ୍ରମକୁ ଆନୁଷ୍ଠାନିକଭାବେ ଉଦ୍‌ଘାଟନ କରିଥିଲେ। ଲହୁଣୀପଡା ଇଣ୍ଡୋ ବିଦ୍ୟାଳୟର ଅଧକ୍ଷା ଅନିତା ଜୟସ୍ୱାଲ ବାର୍ଷିକ ବିବରଣୀ ପାଠ କରିବା ସହିତ ବିଦ୍ୟାଳୟର ବିଭିନ୍ନ ବିଷୟ ସମ୍ପର୍କରେ ଆଲୋକପାତ କରିଥିଲେ। କେବଳ ଧନୀ ଓ ସହରାଞ୍ଚଳର ପିଲାମାନେ ହିଁ ଇଂରାଜୀ ବିଦ୍ୟାଳୟରେ ପାଠ ପଢିବା ସୁଯୋଗ ପାଇବେ ତାହା ନୁହେଁ, ସୁବିଧା ସୁଯୋଗ ମିଳିଲେ ସମସ୍ତ ଛାତ୍ରୀଛାତ୍ର ମାନେ ଉପଯୁକ୍ତ ଶିକ୍ଷା ପାଇପାରିବେ ବୋଲି ଅତିଥିମାନେ ବକ୍ତବ୍ୟ ପ୍ରଦାନ କରିଥିଲେ। ବିଭିନ୍ନ ପ୍ରକାର ପ୍ରତିଯୋଗିତାରେ ଅଂଶଗ୍ରହଣ କରି କୃତକାର୍ଯ୍ୟ ହୋଇଥିବା ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ସଭା ଶେଷରେ ବିଦ୍ୟାଳୟ କାଉନସିଲର ଫିରୋଜ ଖାନ ଧନ୍ୟବାଦ ଅର୍ପଣ କରିଥିଲେ। ଏହି କାର୍ଯ୍ୟକ୍ରମକୁ ବଣାଇଁ ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଶିକ୍ଷୟିତ୍ରୀ ଶିକ୍ଷକଙ୍କ ସମେତ କିରଣ ବାଳା ଜେନା, ସଞ୍ଜୁକ୍ତା ନାଏକ ଓ ଲହୁଣୀପଡା ଇଣ୍ଡୋ ଇଂରାଜୀ ବିଦ୍ୟାଳୟର ଜ୍ୟୋତି ଟପ୍ପୋ, ରୋଜାଲିନ ମାହାନ୍ତ, ସସ୍ମିତା ମୁଣ୍ଡା, ଶାନ୍ତିଲତା ତନ୍ତି, ଗୁଲଫସା ଫିରଦୋସ, ଅନନ୍ୟା ମାହାନ୍ତ ପ୍ରମୁଖ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଏହି କାର୍ଯ୍ୟକ୍ରମରେ ବହୁ ସଂଖ୍ୟକ ଅଭିଭାବିକା ଅଭିଭାବକ ଉପସ୍ଥିତ ଥିବା ଦେଖିବାକୁ ମିଳିଥିଲା। ଶେଷରେ ଛାତ୍ରୀଛାତ୍ର ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରିଥିଲେ।

# ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ



ମଦଭାଟି ଉଚ୍ଛେଦ ଦାବିରେ ଜିଲାପାଳଙ୍କୁ ଭେଟିବାକୁ ଆସିଥିବା ମଙ୍ଗସପୁର ପଞ୍ଚାୟତର ମହିଳା ପୁରୁଷ ।

ସୁନ୍ଦରଗଡ, ୨୩।୩(ଜୟ ନାରାୟଣ ମେଣ୍ଡୁଲି)

### ମଦ ଭାଟି ସମ୍ପୂର୍ଣ୍ଣ ଉଚ୍ଛେଦ ଦାବି

ଟାଙ୍ଗରପାଲି ବ୍ଲକ ମଙ୍ଗସପୁର ଗ୍ରାମ ପଞ୍ଚାୟତରେ ମଦଭାଟି ସମ୍ପୂର୍ଣ୍ଣ ଉଚ୍ଛେଦ ଦାବିରେ ମହିଳାମାନେ ସୋମବାର ଅପରାହ୍ଣରେ ଜିଲାପାଳଙ୍କୁ ଦାବିପତ୍ର ପ୍ରଦାନ କରିଛନ୍ତି। ମଙ୍ଗସପୁର ସରପଞ୍ଚ ଶ୍ରୀମତି ମୁଣ୍ଡାଙ୍କ ନେତୃତ୍ୱରେ ପଞ୍ଚାୟତର କେତେଜଣ ମହିଳା ଓ ପୁରୁଷ ତାଙ୍କ ଅଞ୍ଚଳରେ ଚାଲୁଥିବା ମଦ ଭାଟି ସମ୍ପୂର୍ଣ୍ଣ ବନ୍ଦ କରିବା ଦାବିରେ ପୁଣି ଥରେ ଜିଲାପାଳଙ୍କ ନିକଟରେ ପହଞ୍ଚି ଏହି ଦାବି ପତ୍ର ଦେଇଛନ୍ତି। ତେବେ ତାଙ୍କ ଅଞ୍ଚଳରେ କୌଣସି ମଦ କାରବାର ପାଇଁ ଅନୁମତି ଦିଆଯିବ ନାହିଁ ବୋଲି ପୂର୍ବରୁ ଅର୍ଥାତ୍ ଗତ ୧୭ ଫେବୃଆରୀରେ ଜିଲାପାଳଙ୍କୁ ଦାବି ପତ୍ର ଦେଇଥିଲା ବେଳେ ଆଜି ପର୍ଯ୍ୟନ୍ତ ଜିଲା ପ୍ରଶାସନ କୌଣସି ନିଷ୍ପତ୍ତି ନେଇ ନାହିଁ କିମ୍ବା ପ୍ରଶାସନିକ ସ୍ତରରେ ଏ ନେଇ କିଛି ପଦକ୍ଷେପ ନେଲେ କି ନାହିଁ ତାହା ମଧ ପଞ୍ଚାୟତ ବାସୀଙ୍କୁ ଅବଗତ କରାଯାଇ ନ ଥିବା କଥା ସେମାନେ ଅଭିଯୋଗ କରିଛନ୍ତି। ତେବେ ପୁଣି ଥରେ ତାଙ୍କ ନିଷ୍ପତ୍ତି ସେମାନେ ଜିଲାପାଳଙ୍କୁ ଜଣାଇଛନ୍ତି।

## ଓଏଭିରେ ପଢ଼ିବେ ସରବାହାଲ ସ୍କୁଲର ୬ ଛାତ୍ରୀଛାତ୍ର




ହେମଗିର, ୨୩।୩(ଚୈତନ୍ୟ ପଟେଲ )

ସୁନ୍ଦରଗଡ଼ ଜିଲା ହେମଗିର ବ୍ଲକ ଅନ୍ତର୍ଗତ ଲଇକେରା କ୍ଲଷ୍ଟରର ସରକାରୀ ପ୍ରାଥମିକ ବିଦ୍ୟାଳୟ ସରବାହାଲର ୬ ଜଣ ଛାତ୍ରୀଛାତ୍ର ଓଡ଼ିଶା ଆଦର୍ଶ ବିଦ୍ୟାଳୟ(ଓଏଭି)ରେ ପଢ଼ିବା ପାଇଁ ଚୟନ ହୋଇଛନ୍ତି। ରବିବାର ପ୍ରକାଶିତ ଫଳ ଅନୁସାରେ ସ୍କୁଲର ଲିପି ଓରାମ, ସୌମ୍ୟାରାଣୀ ଓରାମ, ମୀରା ଭୋଇ, ଧନେଶ୍ୱର ଓରାମ, ନୋଦିତ ଓରାମ ଓ ଅର୍ଚ୍ଚିତା ଖଡ଼ିଆ ଆଦର୍ଶ ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଛନ୍ତି। ଏହି ସଫଳତା ପାଇଁ ଅଭିଭାବକ ଓ ଶିକ୍ଷୟିତ୍ରୀ, ଶିକ୍ଷକଙ୍କ ମହଲରେ ଖୁସିର ଲହରି ଖେଳିଯାଇଛି।

## ଖୁଣ୍ଟଗାଁ ମଣ୍ଡଳ ଭାଜପାର ପ୍ରଶିକ୍ଷଣ ବର୍ଗ

ଲହୁଣୀପଡ଼ା, ୨୩।୩(ଦାଶରଥି ପଣ୍ଡା)

ସୁନ୍ଦରଗଡ଼ ଜିଲା ଲହୁଣୀପଡ଼ା ବ୍ଲକ ଅନ୍ତର୍ଗତ ହଳଦୀକୁଦର ଶିଶୁ ମନ୍ଦିରଠାରେ ସୋମବାର ଭାଜପା ଖୁଣ୍ଟଗାଁ ମଣ୍ଡଳର ପଣ୍ଡିତ ଦୀନ୍ ଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ମହା ଅଭିଯାନ ସମ୍ପନ୍ନ ହୋଇଯାଇଛି। ମଣ୍ଡଳ ସଭାପତି ନିରାକାର ନାଏକ ତଥା ମଣ୍ଡଳ ପ୍ରଭାରୀ ଶଙ୍କର ଲୋହାରଙ୍କ ସଂଯୋଜନାରେ କାର୍ଯ୍ୟକର୍ତ୍ତା ଓ ପଦାଧିକାରୀମାନେ ୨ ଦିନିଆ ପ୍ରଶିକ୍ଷଣ ନେଇଛନ୍ତି। ପ୍ରଶିକ୍ଷଣ ବର୍ଗକୁ ରାଉରକେଲା ଭାଜପା ସାଙ୍ଗଠନିକ ଜିଲା ସଭାପତି ପୂର୍ଣ୍ଣିମା କେରକେଟା ଉଦ୍‌ଘାଟନ କରିଥିଲେ। ପ୍ରଥମ ଦିନର ପ୍ରଶିକ୍ଷଣରେ ରାଉରକେଲା ଜିଲା ପ୍ରଶିକ୍ଷଣ ସଂଯୋଜକ ଜଗବନ୍ଧୁ ବେହେରା ଓ ବକ୍ତା ସତ୍ୟପଦ ଶର୍ମା, ବକ୍ତା ଅଭିରାମ ମହାକୁଳ ପ୍ରଶିକ୍ଷଣ ପ୍ରଦାନ କରିଥିଲେ। ଦ୍ୱିତୀୟ ଦିନରେ ବକ୍ତାଭାବେ ପ୍ରତାପ ଦାସ, ସତ୍ୟପ୍ରିୟ ସାହୁ ଓ ଅନିଲ କୁମାର ମାହାନ୍ତ ପ୍ରଶିକ୍ଷଣ ଦେଇଥିଲେ। ପ୍ରଶିକ୍ଷଣ ବର୍ଗରେ ଖୁଣ୍ଟଗାଁ ମଣ୍ଡଳ ପ୍ରତିନିଧି ପ୍ରଦୀପ କୁମାର ସ୍ୱାଇଁ, ମହୁଲପଦା ସରପଞ୍ଚ ସୌଭାଗ୍ୟ ନାୟକ, ତାଳ ବାହାଲି ପୂର୍ବତନ ସରପଞ୍ଚ ବୁଧୁ ନାଏକ, ପୂର୍ବତନ ମଣ୍ଡଳ ସଭାପତି ଗଙ୍ଗାଧର ମାହାନ୍ତ, ଖୁଣ୍ଟଗାଁ ମଣ୍ଡଳ ସାଧାରଣ ସମ୍ପାଦକ ନିରଞ୍ଜନ ନାଏକ, ବରିଷ୍ଠ କାର୍ଯ୍ୟକର୍ତ୍ତା ଡମ୍ବରୁଧର ପ୍ରଧାନ, ରତ୍ନାକର ନାଏକ, ଚୌଧୁରୀ ପ୍ରଧାନ, ବୀରବର ନାଏକ, ଭୈରବ କିସାନ, ଆରତି ନାଏକ, ଲୀଳାବତୀ ନାଏକ, ଭକ୍ତ ଚରଣ ମାହନ୍ତ, ନକୁଳ ମାହାନ୍ତ, ପୁଣ୍ଡି ମୁଣ୍ଡାରୀ, ମଙ୍ଗଳ ସିଂ ମୁଣ୍ଡାରୀ, ଲୋକନାଥ ବାରିକ, ଡୋଳାନନ୍ଦ ଦାସ ପ୍ରମୁଖ ସହଯୋଗ କରିଥିବାବେଳେ ମଣ୍ଡଳର ସମସ୍ତ ମଣ୍ଡଳ ପଦାଧିକାରୀ, ଶକ୍ତିକେନ୍ଦ୍ର ପ୍ରମୁଖ, ସହ ପ୍ରମୁଖ, ପ୍ରଭାରୀ, ବୁଥ ସଭାପତି ଓ ସମସ୍ତ ସକ୍ରିୟ କାର୍ଯ୍ୟକର୍ତ୍ତା ପ୍ରଶିକ୍ଷଣ ନେଇଥିଲେ।

## ଶହୀଦଙ୍କ ବଳିଦାନ, ଦେଶପ୍ରେମ ଉପରେ ଆଲୋଚନା

ସୁନ୍ଦରଗଡ଼, ୨୩।୩(ଜୟ ନାରାୟଣ ମେଣ୍ଡୁଲି)




ଶହୀଦ ଦିବସରେ ବାହାରିଥିବା ପଦଯାତ୍ରା।

### ଏନ.ଏମ ନର୍ସିଂ କଲେଜରେ ଶହୀଦ ଦିବସ

'ମାଇ ଭାରତ' ସୁନ୍ଦରଗଡ଼ ପକ୍ଷରୁ ସୋମବାର ଏନ.ଏମ. ନର୍ସିଂ କଲେଜ ପରିସରରେ ଶହୀଦ ଦିବସ ପାଳିତ ହୋଇଯାଇଛି। ଅତିଥି ଓ ଆୟୋଜକମାନେ ଦେଶର ସ୍ୱାଧୀନତା ଓ ସମ୍ମାନ ପାଇଁ ନିଜ ଜୀବନ ବଳିଦାନ ଦେଇଥିବା ଅମର ଶହୀଦମାନଙ୍କୁ ସ୍ମରଣ କରିବା ସହିତ ତାଙ୍କର ତ୍ୟାଗ, ସାହସ ଓ ଦେଶପ୍ରେମକୁ ଯୁବପିଢ଼ୀଙ୍କ ମନରେ ସ୍ଥାନ ଦେବା ଏହି କାର୍ଯ୍ୟକ୍ରମର ପ୍ରଧାନ ଉଦ୍ଦେଶ୍ୟ ବୋଲି କହିଥିଲେ। କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥିଭାବେ ସାମାଜିକ କର୍ମୀ ଜନାର୍ଦ୍ଦନ ପାଣିଗ୍ରାହୀ, ମୁଖ୍ୟ ବକ୍ତା ଭାବରେ ଅବସରପ୍ରାପ୍ତ ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପଟେଲ ଓ ବିଶିଷ୍ଟ ଅତିଥି ଭାବରେ ଅବସର ପ୍ରାପ୍ତ ଆର୍ମି ଅଫିସର ଜୟନ୍ତ କୁମାର ଦାସ ଯୋଗ ଦେଇଥିଲେ। ଶହୀଦ ଦିବସ ଅବସରରେ ତାଙ୍କୁ ମାଇ ଭାରତ ପକ୍ଷରୁ ଉତ୍ତରୀୟ ଓ ପୁଷ୍ପଗୁଚ୍ଛ ଦେଇ ସମ୍ମାନିତ କରାଯାଇଥିଲା। ଅତିଥିମାନେ ତାଙ୍କ ଉଦବୋଧନରେ ଶହୀଦମାନଙ୍କ ଅପରିମିତ ବଳିଦାନ ଓ ଦେଶପ୍ରେମର ଉଦାହରଣ ଉପସ୍ଥାପନ କରି କହିଥିଲେ ଯେ, ଆଜିର ଯୁବପିଢ଼ୀଙ୍କୁ ସେହି ଆଦର୍ଶରୁ ପ୍ରେରଣା ନେଇ ସମାଜ ଓ ଦେଶର ଉନ୍ନତି ପାଇଁ ଆଗକୁ ବଢ଼ିବା ଆବଶ୍ୟକ। ସେମାନେ ଯୁବକମାନଙ୍କୁ ନିଷ୍ଠା, ଶୃଙ୍ଖଳା ଓ କର୍ତ୍ତବ୍ୟବୋଧ ସହ କାମ କରିବାକୁ ଆହ୍ୱାନ ଦେଇଥିଲେ। କାର୍ଯ୍ୟକ୍ରମ ପ୍ରାରମ୍ଭରେ ଶହୀଦମାନଙ୍କ ଫଟୋ ଚିତ୍ରରେ ପୁଷ୍ପମାଲ୍ୟ ସହିତ ଦୀପ ପ୍ରଜ୍ୱଳନ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଥିଲା। ନର୍ସିଂ ଛାତ୍ରୀମାନେ ଏହି କାର୍ଯ୍ୟକ୍ରମରେ ଯୋଗଦେଇ ଦେଶପ୍ରେମ ଓ ଦାୟିତ୍ୱବୋଧର ଗଭୀରତାକୁ ଅନୁଭବ କରିଥିଲେ। ଏହା ସହିତ ଯୁବମାନଙ୍କୁ ଦେଶର ଏକତା, ଅଖଣ୍ଡତା ଓ ସମ୍ମାନକୁ ରକ୍ଷା କରିବା ପାଇଁ ସଦା ସଚେତନ ଓ ପ୍ରତିବଦ୍ଧ ରହିବାକୁ ସଙ୍କଳ୍ପ ନେଇଥିଲେ। ଏହି ଦିବସକୁ ସ୍ମରଣ କରିବାକୁ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା ଏବଂ ଶହୀଦ ମାନଙ୍କ ପାଇଁ ବିଭିନ୍ନ ସ୍ଲୋଗାନ ଦିଆଯାଇଥିଲା। ଶେଷରେ କଲେଜର ଅଧକ୍ଷା ଦୀପ୍ତି ମହାପାତ୍ର ଧନ୍ୟବାଦ ପ୍ରଦାନ କରିଥିଲେ।

## ଭଗତ ସିଂଙ୍କ ଶହୀଦ ଦିବସ

କୁଆଁରମୁଣ୍ଡା, ୨୩।୩(ମହେନ୍ଦ୍ର କୁମାର ସାହୁ)

କୁଆଁରମୁଣ୍ଡା ବାଇପାସ ରୋଡରେ ଥିବା ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ଶହୀଦ ଦିବସରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇଥିଲା। ଭଗତ ସିଂଙ୍କୁ କିଭଳି ଅମାନୁଷିକ ଭାବରେ ଫାଶୀ ଦଣ୍ଡ ତତ୍କାଳୀନ ବ୍ରିଟିଶ ସରକାର ଦେଇଥିଲେ ସେ ନେଇ ଉପସ୍ଥିତ ଲୋକେ ମତବ୍ୟକ୍ତ କରିଥିଲେ। ଏହି କାର୍ଯ୍ୟକ୍ରମରେ ସଞ୍ଜୀବ ପ୍ରତାପ ସିଂଦେଓ, ଶୈଳେଶ ତିୱାରୀ, ଟୁକୁ ମହାପାତ୍ର, ରାଜେଶ କେରକେଟା, ଶରତ ତନ୍ତୀ, ବବଲୁ ସହଦେଓ, କୁଆଁରମୁଣ୍ଡା ଭାରପ୍ରାପ୍ତ ତହସିଲଦାର ବିଶ୍ୱଜିତ ପ୍ରଧାନ, ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ର ଡା.ସୀମା ତିଗ୍ଗା, ଫାଣ୍ଡି ଏଏସଆଇ ଶ୍ରୀନିବାସ ଦାସ ପ୍ରମୁଖଙ୍କ ସହ ଅନ୍ୟମାନେ ଉପସ୍ଥିତ ଥିଲେ।




କୁଆଁରମୁଣ୍ଡା ବାଇପାସ ରୋଡ଼ରେ ଥିବା ଶହୀଦ ଭଗତ ସିଂଙ୍କ ପ୍ରତିମୂର୍ତ୍ତିରେ ପୁଷ୍ପମାଲ୍ୟ ଅର୍ପଣ କରାଯାଇ ଶ୍ରଦ୍ଧାସୁମନ ଅର୍ପଣ କରାଯାଇଛି।

## ୨୧ ଉପଭୋକ୍ତାଙ୍କ ସମସ୍ୟା ସମାଧାନ

ବନ୍ଧମୁଣ୍ଡା, (ସୁବ୍ରତ ଦେ)

ବନ୍ଧମୁଣ୍ଡା କୋଏଲ ଗେଟ ଅଞ୍ଚଳରେ ସୋମବାର ଟିପିଡବ୍ଲ୍ୟୁ ବିଦ୍ୟୁତ୍ ବିଭାଗ ପକ୍ଷରୁ ଏକ ସମାଧାନ ଶିବିର ଆୟୋଜିତ ହୋଇଥିଲା। ଏହି ଶିବିରରେ ମୋଟ ୧୦୭ ଜଣ ବିଦ୍ୟୁତ୍ ଉପଭୋକ୍ତା ଯୋଗଦେଇ ନିଜ ସମସ୍ୟାକୁ ଅଧିକାରୀମାନଙ୍କ ସମ୍ମୁଖରେ ଉଠାଇଥିଲେ। ଏହି ଅବସରରେ ଜିଆର୍‌ଏଫ୍ ଅଧକ୍ଷ ଅନିଲ ପାତ୍ର, ରାଉରକେଲାର ଏସ୍‌ଡିଓ ରାଜେଶ ପାଣ୍ଡେ, ଏଏଫ୍‌ଏମ୍ ନିରଞ୍ଜନ ପାଣି ଓ ଜେଇ ପାନୁ ପ୍ରଧାନଙ୍କ ସହ ବିଭାଗର ଅନ୍ୟାନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ। ମୋଟ ୧୦୭ ଉପଭୋକ୍ତା ଶିବିରରେ ଯୋଗଦେଇ ନିଜ ଅଭିଯୋଗ ଦାଖଲ କରିଥିଲେ ଓ ଅଧିକାରୀମାନଙ୍କ ସହିତ ଆଲୋଚନା କରିଥିଲେ। ଶିବିର ସମୟରେ ୨୧ ଉପଭୋକ୍ତାଙ୍କ ସମସ୍ୟା ଶିବିରରେ ହିଁ ସମାଧାନ କରାଯାଇଥିଲା। ସେହିପରି ବକେୟା ବିଦ୍ୟୁତ୍ ବିଲ ଆଦାୟ ମାଧ୍ୟମରେ ବିଭାଗ ପକ୍ଷରୁ ପ୍ରାୟ ୩ ଲକ୍ଷ ଟଙ୍କା ସଂଗ୍ରହ କରାଯାଇଛି। ଏସ୍‌ଡିଓ ରାଜେଶ ପାଣ୍ଡେ କହିଛନ୍ତି, ଉପଭୋକ୍ତାଙ୍କ ସୁବିଧା ଓ ସମସ୍ୟାର ତ୍ୱରିତ ସମାଧାନ ପାଇଁ ଆଗାମୀ ଦିନରେ ସହରର ବିଭିନ୍ନ ସ୍ଥାନରେ ଏହିପରି ଶିବିରର ଆୟୋଜନ କରାଯିବ; ଯାହାଦ୍ୱାରା ଅଧିକ ଲୋକ ଲାଭାନ୍ୱିତ ହୋଇପାରିବେ।



ଶିବିରରେ ଉପଭୋକ୍ତାଙ୍କ ସମସ୍ୟା ବିଷୟରେ ଆଲୋଚନା କରାଯାଉଛି।

## ମହାବୀର ସେବାଟ୍ରଷ୍ଟ ପକ୍ଷରୁ ବିଭିନ୍ନ ପ୍ରତିଯୋଗିତା

ସୁନ୍ଦରଗଡ, ୨୩।୩(ଜୟ ନାରାୟଣ ମେଣ୍ଡୁଲି)

ଅଟଳ ଛକ ଠାରେ ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଆଗାମୀ ରାମନବମୀ ପାଇଁ ବିଭିନ୍ନ ପ୍ରତିଯୋଗିତା ଆରମ୍ଭ କରାଯାଇଛି। ଏହି ଅବସରରେ ରବିବାର ସନ୍ଧ୍ୟାରେ ବିଭିନ୍ନ ବିଦ୍ୟାଳୟର ଛାତ୍ରୀଛାତ୍ର ତାଙ୍କର କୃତିତ୍ୱ ପ୍ରଦର୍ଶନ କରି ରଙ୍ଗୋଲି, ଚିତ୍ରାଙ୍କନ ପ୍ରତିଯୋଗିତାରେ ସମସ୍ତଙ୍କୁ ଆକର୍ଷିତ କରିଥିଲା ବେଳେ ସୋମବାର ମହାବୀର ସେବାଟ୍ରଷ୍ଟ ପକ୍ଷରୁ ଝୋଟି ପ୍ରତିଯୋଗିତା କରାଯାଇଛି। ଛାତ୍ରୀଛାତ୍ର ମାନେ ରାସ୍ତା ଉପରେ ବିଭିନ୍ନ ସୁନ୍ଦର ଝୋଟି ପକାଇ ଥିଲେ। ସମସ୍ତ ସଫଳ ପ୍ରତିଯୋଗୀମାନଙ୍କୁ ରାମନବମୀ ଦିନ ପୁରସ୍କୃତ କରାଯିବ। ପୂର୍ବତନ ବିଧାୟିକା କୁସୁମ ଟେଟେ ଓ ଆୟୋଜକ କମିଟିର ରୋଶନ ସାହୁ, ସସ୍ମିତା ପୁରୋହିତ, ଶ୍ରୀମନ୍ତ ଦାସ, ରାକ୍ଷୀ ସାହୁ, ସୁବ୍ରତ ନାୟକ ପ୍ରମୁଖ ଉପସ୍ଥିତ ରହି ପ୍ରତିଯୋଗୀଙ୍କୁ ଉତ୍ସାହ ବଢ଼େଇଥିଲେ।

# ପଞ୍ଜୀକୃତ ହେଲା ୧୧୫ ଅଭିଯୋଗ

### ବଣାଇଁରେ ଜିଲାପାଳଙ୍କ ଯୁଗ୍ମ ଅଭିଯୋଗ ଶୁଣାଣି

- ଗୋଟେର ବି ସମାଧାନ ହେଲାନି
- ସବୁ ଅଭିଯୋଗ ତଳିଆ କର୍ମଚାରୀଙ୍କୁ ହସ୍ତାନ୍ତର




ମୁଖ୍ୟମନ୍ତ୍ରୀ ରିଲିଫ ପାଣ୍ଠିରୁ ଜଣଙ୍କୁ ସହାୟତା ପ୍ରଦାନ କରାଯାଉଛି।

ବଣାଇଁ, ୨୩।୩(ପ୍ରଦୀପ ତ୍ରିପାଠୀ)

ସୁନ୍ଦରଗଡ଼ ଜିଲା ବଣାଇଁ ଆଦିବାସୀ ଉନ୍ନୟନ ସଂସ୍ଥା ସଭା ଗୃହଠାରେ ସୋମବାର ଅନୁଷ୍ଠିତ ଯୁଗ୍ମ ଜନ ଅଭିଯୋଗ ଶୁଣାଣିରେ ସୁନ୍ଦରଗଡ଼ ଜିଲାପାଳ ଡ. ଶୁଭଙ୍କର ମହାପାତ୍ର ଯୋଗଦେଇଥିଲେ। ସମୁଦାୟ ୧୧୫ଟି ଅଭିଯୋଗ ପତ୍ର ପଞ୍ଜୀକୃତ ହୋଇଥିଲା। ତନ୍ମଧ୍ୟରୁ ୬୨ ସାମୂହିକ ଓ ୫୩ଟି ବ୍ୟକ୍ତିଗତ ସମସ୍ୟା ସମ୍ବଳିତ ଥିଲା। ମୁଖ୍ୟମନ୍ତ୍ରୀଙ୍କ ରିଲିଫ ପାଣ୍ଠିରୁ ୩ ଜଣଙ୍କୁ ସହାୟତା ରାଶି ପ୍ରଦାନ କରାଯାଇଥିଲା। ହେଲେ ସବୁଠାରୁ ବଡ଼ କଥା ହେଉଛି ଶିବିରକୁ ଜିଲାପାଳ ବିଳମ୍ବରେ ଆସିଥିବାରୁ ଜନ ଅସନ୍ତୋଷ ଦେଖିବାକୁ ମିଳିଥିଲା। ବିଳମ୍ବରେ ଆସି ତରବରିଆ ଭାବେ ଗୋଟେ ପରେ ଗୋଟେ ଅଭିଯୋଗ ଦେଖିଲେ ଆଉ ଦସ୍ତଖତ କରି ତଳିଆ କର୍ମଚାରୀଙ୍କୁ ବଢେଇ ଦେଇଥିଲେ। ବହୁ ଗୁରୁତ୍ୱପୂର୍ଣ୍ଣ ଅଭିଯୋଗ ମଧ୍ୟରେ ବଣାଇଁ ଓ ଗୁରୁଣ୍ଡିଆ ଅଞ୍ଚଳର ଚାଷୀ ଚଳିତବର୍ଷ ରବି ଚାଷ କରିଥିଲେ ହେଁ ପ୍ରଶାସନିକ ଅବ୍ୟବସ୍ଥା କାରଣରୁ ସରକାରଙ୍କଠାରେ ଫସଲ ବିକ୍ରି କରିବାରୁ ବଞ୍ଚିତ ହେବାକୁ ଯାଉଛନ୍ତି। ତା'ର କିଛି ସମାଧାନ ହେଲାନି। ବରସୁଆଁ ଅଞ୍ଚଳରୁ ଆରମ୍ଭ କରି ବଣାଇଁ ପର୍ଯ୍ୟନ୍ତ ସ୍ଥାନୀୟ ଗାଡ଼ି ମାଲିକ ଖଣିରୁ ପରିବହନ ସୁବିଧାରୁ ବଞ୍ଚିତ ହୋଇ ଭୋକ ଉପାସରେ ହନ୍ତସନ୍ତ ହେଉଥିବା ଅଭିଯୋଗ ସାଙ୍ଗକୁ କେତେଜଣ ମୁଷ୍ଟିମେୟଙ୍କ ଦୌରାତ୍ମ୍ୟ ପାଇଁ ଏଭଳି ଘଟୁଥିବା ଅଭିଯୋଗର ମଧ କିଛି ନିର୍ଯ୍ୟାସ ମିଳିଲା ନାହିଁ । କେବଳ ସେତିକି ନୁହେଁ ଆହୁରି ଅନେକ ଅଭିଯୋଗ ମଧ୍ୟରେ ଧାନ ଅଭାବୀ ବିକ୍ରି, ବିପର୍ଯ୍ୟସ୍ତ ମଣ୍ଡି ବ୍ୟବସ୍ଥା, ଜଳ ଯୋଗାଣ ଓ ଜଳସେଚନ, ଜବରଦଖଲ ଇତ୍ୟାଦି ଅଭିଯୋଗର କୌଣସି ସୁଫଳ ଲୋକେ ପାଇ ନ ପାରିବା କାରଣରୁ ପ୍ରବଳ ହୋହଲ୍ଲା ମଧ୍ୟରେ ଅଭିଯୋଗ ଶୁଣାଣି ଚାଲିଥିଲା। କାର୍ଯ୍ୟକ୍ରମରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ସୁରଞ୍ଜନ କୁମାର ସାହୁ, ବଣାଇଁ ଉପଜିଲାପାଳ ଅକ୍ଷୟ ପିଲ୍ଲେ, ଆଦିବାସୀ ଉନ୍ନୟନ ସଂସ୍ଥା ପ୍ରକଳ୍ପ ପ୍ରଶାସକ ସ୍ୱଦୀପ ଟପ୍ପୋ, ରାଉରକେଲା ଏସ୍‌ପି ନୀତିସ ୱାଧୱାନୀ, ବଣାଇଁ ଡିଏଫ୍‌ଓ ଲଳିତ କୁମାର ପାତ୍ର, ବଣାଇଁ ବିଡିଓ ଦିବ୍ୟ ଶଙ୍କର ଜୟପୁରିଆ, ଅତିରିକ୍ତ ତହସିଲଦାର ଜ୍ଞାନରଞ୍ଜନ ବେହେରାଙ୍କ ସମେତ ବିଭିନ୍ନ ବିଭାଗର ଅଧିକାରୀ, କର୍ମଚାରୀ ଓ ଅଭିଯୋଗକାରୀ ଉପସ୍ଥିତ ଥିଲେ।

**ଡିଏଭି ପବ୍ଲିକ୍ ସ୍କୁଲ ପ୍ରତିଷ୍ଠା ଦିବସ ପାଳିତ**

ଟିଟିଲାଗଡ଼, (ଶରତ ମିଶ୍ର): ଟିଟିଲାଗଡ ଡିଏଭି ପବ୍ଲିକ ସ୍କୁଲ ପରିସରରେ ବିଦ୍ୟାଳୟର ପ୍ରତିଷ୍ଠା ଦିବସ ସୋମବାର ପ୍ରଧାନଶିକ୍ଷକ ବାଳକୃଷ୍ଣ ଶର୍ମାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟର ଶିକ୍ଷକ ମହାଦେବ ସାହୁ ଓ ଅଜୟ ନାଗ ବିଦ୍ୟାଳୟ ପକ୍ଷରୁ କରାଯାଇଥିବା ବିଭିନ୍ନ କାର୍ଯ୍ୟ ସମ୍ପର୍କରେ ଛାତ୍ରୀଛାତ୍ରମାନଙ୍କୁ ଅବଗତ କରାଇଥିଲେ। ସଂସ୍କୃତ ଶିକ୍ଷକ ପଙ୍କଜ ବେହେରେଙ୍କ ତତ୍ତ୍ୱାବଧାନରେ ବୈଦିକ ଯଜ୍ଞ କାର୍ଯ୍ୟ ହୋଇଥିଲା । ସାଇମନ କୋଶଲିଆ ମଞ୍ଚ ପରିଚାଳନା କରିଥିବା ବେଳେ ଅମିତ ପାଢ଼ୀ ଧନ୍ୟବାଦ ଅର୍ପଣ କରିଥିଲେ ।

# ଭୂ ସର୍ବେକ୍ଷଣ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ

- ଆରମ୍ଭ ହେଲା ଖଣି ବିରୋଧୀ ଆନ୍ଦୋଳନ
- ଲୋଇସିଂହା ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ବିରୋଧ

**ବଲାଙ୍ଗୀର, ୨୩।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ବଲାଙ୍ଗୀର ଜିଲାରେ ଖଣି ବିରୋଧୀ ଆନ୍ଦୋଳନ ଜେତିବାରେ ଲାଗିଛି। ଲୋଇସିଂହା ବ୍ଲକ ତାଲଜୁରୀ ଗାଁରେ ଭୂତତ୍ତ୍ୱ ବିଭାଗ ପକ୍ଷରୁ କରାଯାଉଥିବା ସର୍ଭେ କାର୍ଯ୍ୟକୁ ତୁରନ୍ତ ବନ୍ଦ କରିବା ପାଇଁ ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଚେତାବନୀ ଦିଆଯାଇଛି। ତୁରନ୍ତ ଖଣି ସର୍ଭେ କାର୍ଯ୍ୟ ବନ୍ଦ କରି ଉକ୍ତ ସ୍ଥାନରୁ ସର୍ଭେ କ୍ୟାମ୍ପ ଉଠାଇ ନେବାକୁ କମିଟି ସଦସ୍ୟମାନେ ଚେତାବନୀ ଦେଇଥିବା ଜଣାପଡିଛି।

ମିଳିଥିବା ସୂଚନା ଅନୁଯାୟୀ, ଲୋଇସିଂହା ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟିର ଏକ ପ୍ରତିନିଧି ମଣ୍ଡଳୀ ଗତ ୨୧ ତାରିଖରେ ତାଲଜୁରୀ ଗାଁକୁ ଯାଇ ସେଠାରେ ଭାରତୀୟ ଭୂ ସର୍ବେକ୍ଷଣ ବିଭାଗ ପକ୍ଷରୁ କରାଯାଉଥିବା ସର୍ଭେ କାମକୁ ତୁରନ୍ତ ବନ୍ଦ କରିବାକୁ କହିଥିଲେ । ଖଣି ନିଲାମ ପାଇଁ ଏଠାକାର କୌଣସି ଗାଁରେ ପଲ୍ଲୀ ସଭା କି ଗ୍ରାମ ସଭା କରାଯାଇନାହିଁ। ଏହାସତ୍ତ୍ୱେ ସେମାନେ କାହିଁକି ଏଠାରେ ସର୍ଭେ କରୁଛନ୍ତି ବୋଲି ପ୍ରଶ୍ନ କରିଥିଲେ। ବିଭାଗୀୟ କର୍ତ୍ତୃପକ୍ଷ କୌଣସି ସନ୍ତୋଷଜନକ ଉତ୍ତର ଦେଇନପାରିବାରୁ ସେମାନଙ୍କୁ ତୁରନ୍ତ କାମ ବନ୍ଦ କରିବାକୁ କହିଥିଲେ । ଏହି ଅଞ୍ଚଳରେ କୌଣସି ପ୍ରକାର ଖଣି ସର୍ଭେ କାର୍ଯ୍ୟ କରାଇ ନ ଦେବାକୁ କମିଟି ନିଷ୍ପତ୍ତି ନେଇଥିବା ସର୍ଭେ କର୍ମଚାରୀଙ୍କୁ ଜଣାଇଥିଲେ। ଏପରିକି ସେଠାରୁ ସର୍ଭେ କ୍ୟାମ୍ପକୁ ମଧ୍ୟ ଉଠାଇ ନେବାକୁ ସେମାନେ କହିଥିଲେ। କମିଟିର ପ୍ରାୟ ୧୨ ଜଣ ସଦସ୍ୟ ତାଲଜୁରୀ ସର୍ଭେ କ୍ୟାମ୍ପକୁ ଯାଇଥିବା ଜଣାପଡିଛି।



ତାଲଜୁରୀ ଗାଁରେ ସର୍ଭେ କାର୍ଯ୍ୟକୁ ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର ଟିମ୍ ସଦସ୍ୟମାନେ ବିରୋଧ କରୁଛନ୍ତି।

ଉଲ୍ଲେଖଯୋଗ୍ୟ , କିଛିଦିନ ପୂର୍ବରୁ ବଲାଙ୍ଗୀର ଜିଲାର ଲୋଇସିଂହା ବ୍ଲକ ଅନ୍ତର୍ଗତ ବିଅରପାଲି, ବଜ୍ରା, ପାଟଣାଗଡ ବ୍ଲକର ସାଲେପାଲି, ଭରତବାହାଲ, ଲରମ୍ଭା ଏବଂ କନ୍ଧେଇଟାଲଠାରେ ଗ୍ରାଫାଇଟ ଓ ମାଙ୍ଗାନିଜ ଖଣି ନିଲାମ ହୋଇଥିବା ଜଣାପଡିଥିଲା। ଏହାପରେ ଗତ ୧୬ ତାରିଖ ଦିନ ଲୋଇସିଂହା ବ୍ଲକର ରତାଖଣ୍ଡି ଗାଁ ଠାରେ ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟି ପକ୍ଷରୁ ଚିନ୍ତନ ବୈଠକ ଡକାଯାଇଥିଲା। ଏଥିରେ ଆଖପାଖ ଅଞ୍ଚଳର ୬୦ଟି ଗାଁର ଜନସାଧାରଣ, ଜିଲାର ବିଭିନ୍ନ ଖଣି ବିରୋଧୀ ଆନ୍ଦୋଳନର ପ୍ରତିନିଧି ଏବଂ ସାମାଜିକ କାର୍ଯ୍ୟକର୍ତ୍ତା ଯୋଗଦାନ କରିଥିଲେ। ଜିଲାରେ କୌଣସି ପ୍ରକାର ଅବିଚାରିତ ଖଣି ଲିଜ୍ ଏବଂ ଖନନକୁ ପ୍ରଶ୍ରୟ ଦିଆଯିବ ନାହିଁ ବୋଲି ବୈଠକରେ ସର୍ବସମ୍ମତ ନିଷ୍ପତ୍ତି ହୋଇଥିଲା। ପଲ୍ଲୀସଭା ଓ ଗ୍ରାମସଭା କରାନଯାଇ ସରକାର କିଭଳି ଭାବେ ଏକତରଫା ଜିଲାର ୬ଟି ଖଣି ନିଲାମ କରିଛନ୍ତି ବୋଲି ବୈଠକରେ ପ୍ରଶ୍ନ କରାଯାଇ ଏହାକୁ ଘୋର ନିନ୍ଦା କରାଯାଇଥିଲା। ସରକାର ଏଭଳି ଜନବିରୋଧୀ କାର୍ଯ୍ୟରୁ ନିବୃତ୍ତ ରୁହନ୍ତୁ ନଚେତ୍ ଜୋରଦାର ଆନ୍ଦୋଳନ କରାଯିବ ବୋଲି ବୈଠକରେ ନିଷ୍ପତ୍ତି ହୋଇଥିଲା। ଏହି ନିଷ୍ପତ୍ତିର ୫ ଦିନ ପରେ ବିଶ୍ୱ ବନ ଦିବସ ପାଳନ ଅବସରରେ ବ୍ଲକସ୍ତରୀୟ ସମୂହ ଜଙ୍ଗଲ ଅଧିକାର କମିଟିର ପ୍ରତିନିଧିମାନେ ତାଲଜୁରୀ ଗାଁକୁ ଯାଇ ଭୂତତ୍ତ୍ୱ ବିଭାଗର ସର୍ଭେ କାର୍ଯ୍ୟ ବନ୍ଦ କରିବାକୁ ଚେତାବନୀ ଦେଇଛନ୍ତି। ଏହି ଅଞ୍ଚଳରେ ଖଣି ନିଲାମ ବିରୋଧରେ ଜନମତ ସୃଷ୍ଟି ହେଉଥିବା ଏବଂ ଆନ୍ଦୋଳନ ପାଇଁ ସଜବାଜ ହେଉଥିବା ଜଣାପଡିଛି।

# ଯୌନ ଉତ୍ପୀଡ଼ନ ଉପରେ ସଚେତନତା




ସଚେତନତା ରଥ ଶୁଭାରମ୍ଭ କରାଯାଉଛି।

**ଟିଟିଲାଗଡ଼, ୨୩।୩ (ଶରତ ମିଶ୍ର)**

ଆକ୍ସନ ଏଡ ଓ ଲୋକ ବିକାଶ ଅଭିଯାନ ତରଫରୁ ସୋମବାର ଯୌନ ଉତ୍ପୀଡନ ଉପରେ ଏକ ସଚେତନତା ରଥର ଶୁଭାରମ୍ଭ ହୋଇଛି। ବିଡିଓ ଚନ୍ଦ୍ରମଣି ନାଗ ଏହାର ଶୁଭାରମ୍ଭ କରିଥିଲେ। ଥାନା ଅଧିକାରୀ ମନୋଜ କୁମାର ମୁଣ୍ଡା , ଉପଖଣ୍ଡସ୍ତରୀୟ ପୋଲିସ ଅଧିକାରୀ ଯଶୋବନ୍ତ ନାରାୟଣ ପ୍ରଧାନୀ, ଟିଟିଲାଗଡ଼ ବଣିକ ସଂଘ ସଭାପତି ଶମ୍ଭୁ ପ୍ରସାଦ ଗୋଏଲ ଉପସ୍ଥିତ ଥିଲେ। ଏହି ସଚେତନତା ରଥ ଆସନ୍ତା ୨୫ ତାରିଖ ପର୍ଯ୍ୟନ୍ତ ଟିଟିଲାଗଡ଼ ବ୍ଲକର ମହୁଲପଡା, ବାଞ୍ଜିପଦର, ବିଜେପୁର, ନାରେନ, ଭାଲେଗାଁ ଓ ମୁରିବାହାଲ ବ୍ଲକର ମାଲିସିରା , ଶିରୋଲ, ବିଟାବନ୍ଧ, ବାଙ୍କେଲ ଗ୍ରାମ ପଞ୍ଚାୟତର ସମସ୍ତ ଗ୍ରାମ ପରିକ୍ରମା କରିବାର କାର୍ଯ୍ୟକ୍ରମ ରହିଛି। ଏହି ଅବସରରେ ଶ୍ରମଜୀବୀ ମହିଳା ଓ କିଶୋରୀମାନଙ୍କୁ ଯୌନ ଉତ୍ପୀଡ଼ନ ଏବଂ ସାମାଜିକ କଲ୍ୟାଣ ଯୋଜନା ଓ ଅଧିକାର ଉପରେ ସଚେତନ କରାଯିବ। ରଥ ପରିକ୍ରମା ସମୟରେ ଲିଫଲେଟ୍ ଓ ସଙ୍ଗୀତ ମାଧ୍ୟମରେ ଗ୍ରାମବାସୀଙ୍କୁ ସଚେତନ କରାଯାଇଛି। ଆକ୍ସନ ଆଡ୍ ଓ ଲୋକ ବିକାଶ ଅଭିଯାନର ମୁରଲୀ ଚରଣ ଦାସ, ଭୂପେନ୍ଦ୍ର, ସଞ୍ଜୀବ, ସୁଚିସ୍ମିତା, ପରମେଶ୍ୱର, ପ୍ରେମଲାଲ, ସନ୍ତୋଷ ପ୍ରମୁଖ ସହଯୋଗ କରିଥିଲେ।

# ବିଦ୍ୟାଳୟରେ ପାନୀୟ ଜଳ ସମସ୍ୟା

## ବ୍ଲକ ପ୍ରଶାସନର ଦୃଷ୍ଟି ଆକର୍ଷଣ

**ଲାଠୋର, ୨୩।୩ (ଭୁବନେଶ୍ୱର ବାରିକ)**

ବଲାଙ୍ଗୀର ଜିଲା ଖପ୍ରାଖୋଲ ବ୍ଲକ କରୁଆଁଝର ପଞ୍ଚାୟତ ସାନଗୁର୍ଜିଭଟା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟରେ ଗ୍ରୀଷ୍ମଋତୁ ଆରମ୍ଭରୁ ପାନୀୟ ଜଳ ସମସ୍ୟା ଦେଖାଦେଇଛି। ଫଳରେ ଛାତ୍ରୀଛାତ୍ରଙ୍କ ମଧ୍ୟରେ ଅସନ୍ତୋଷ ପ୍ରକାଶ ପାଇଛି।

ସୂଚନା ଅନୁସାରେ, ୧୯୬୧ ମସିହାରୁ ସ୍ଥାପିତ ଉକ୍ତ ବିଦ୍ୟାଳୟରେ ୧୨୦ ଛାତ୍ରୀଛାତ୍ର ପାଠ ପଢୁଛନ୍ତି। ବିଦ୍ୟାଳୟରେ ପାନୀୟ ଜଳର ସୁବିଧା ପାଇଁ ବହୁ ଦିନ ପୂର୍ବର ଏକ ନଳକୂପ ଖୋଳା ଯାଇଥିଲା। ତାହା ଅଚଳ ହୋଇ ପୋତି ହେବା ଫଳରେ ଆଉ ଏକ ନଳକୂପ ଖୋଳାଗଲା। କିନ୍ତୁ ସେହି ନଳକୂପରୁ ଗୋଳିଆ ପାଣି ବାହାରୁଛି। ତାକୁ ପାନୀୟ ରୂପେ ବ୍ୟବହାର କରିବା ଉପଯୋଗୀ ହେଉନାହିଁ। ଗ୍ରାମରେ ଥିବା ଓଭର ହେଡ୍ ଟାଙ୍କିରୁ ବିଦ୍ୟାଳୟକୁ ଜଳଯୋଗାଣ କରାଯାଉଛି ସତ। ହେଲେ ଟାଙ୍କିରୁ ଆସୁଥିବା ପାଣି ଏତେ ସଂଖ୍ୟକ ପିଲାଙ୍କୁ ନିଅଣ୍ଟ ହେଉଛି। ଏବେ ଗ୍ରୀଷ୍ମ ଋତୁ ଆରମ୍ଭ ହୋଇ ଯାଇଥିବାରୁ ପାନୀୟ ଜଳର ଆବଶ୍ୟକତା ବଢି ଚାଲିବ। ଫଳରେ ଛାତ୍ରୀଛାତ୍ର ପାନୀୟ ଜଳ ପାଇଁ ନା ନା ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ସୃଷ୍ଟି ହୋଇଛି। ସମସ୍ୟାକୁ ନେଇ ବିଦ୍ୟାଳୟ ପକ୍ଷରୁ ଖପ୍ରାଖୋଲ ଗ୍ରାମ୍ୟ ଜଳ ଯୋଗାଣ ଓ ପରିମଳ ବିଭାଗ ସହକାରୀ ଯନ୍ତ୍ରୀଙ୍କୁ ଗତ ୧୫ ତାରିଖରେ ଅଭିଯୋଗ ପତ୍ର ଦିଆଯାଇ ଏକ ନଳକୂପ ଖୋଳିବା ପାଇଁ ଅନୁରୋଧ କରାଯାଇଥିଲା। ଅଭିଯୋଗ ପାଇ ବିଭାଗ ପକ୍ଷରୁ କର୍ମଚାରୀ ବିଦ୍ୟାଳୟକୁ ପରିଦର୍ଶନରେ ଆସି ଫେରିଥିଲେ ମଧ୍ୟ ଅଦ୍ୟାବଧି କୌଣସି ପଦକ୍ଷେପ ଗ୍ରହଣ କରାଯାଇ ନାହିଁ। ନିକଟରେ ପ୍ରଧାନଶିକ୍ଷକ ସର୍ବେଶ୍ୱର ମିଶ୍ର ଗୋଷ୍ଠୀ ଉନ୍ନୟନ ଅଧିକାରୀଙ୍କୁ ଅଭିଯୋଗପତ୍ର ହ୍ୱାଟସ୍ ଆପ୍ ଯୋଗେ ପଠାଇ ଦୃଷ୍ଟି ଆକର୍ଷଣ କରିଛନ୍ତି। ଖପ୍ରାଖୋଲ ବ୍ଲକ ପ୍ରଶାସନ ଯଥାଶୀଘ୍ର ବିଦ୍ୟାଳୟରେ ଏକ ନୂତନ ନଳକୂପ ଖୋଳିବା ପାଇଁ ବିହିତ ପଦକ୍ଷେପ ନେବାକୁ ସାଧାରଣରେ ଦାବି ହେଉଛି।

# ରାସ୍ତା କାମରେ ଦୁର୍ନୀତି ଅଭିଯୋଗ

## ତଦନ୍ତ ପାଇଁ ଗଲେ ବ୍ଲକ ଅଧ୍ୟକ୍ଷ



ଛୁଟିଗୁଡି ଛକ ନିକଟରେ ବ୍ଲକ ଅଧ୍ୟକ୍ଷ ଘଟଣା ସମ୍ପର୍କରେ ତଦାରଖ କରୁଛନ୍ତି।

**ପାଟଣାଗଡ଼ ୨୩।୩ (ସଚ୍ଚିଦାନନ୍ଦ ମହାକୁର)**

ବଲାଙ୍ଗୀର ଜିଲା ପାଟଣାଗଡ଼ ବ୍ଲକ ତେଣ୍ଡାପଦର ପଞ୍ଚାୟତ ତେଣ୍ଡାପଦର ଗାଁ ମୁଣ୍ଡରେ ଥିବା ଛୁଟିଗୁଡି ଛକ ଆଡ଼ିବନ୍ଧଠାରୁ ରୁଷିମୁନି ଡୁଙ୍ଗୁରି ରାସ୍ତା ନିର୍ମାଣ ନାଁରେ ଦୁର୍ନୀତି ହୋଇଥିବା ଅଭିଯୋଗ ହୋଇଛି । ଏ ନେଇ ବ୍ଲକ ଅଧ୍ୟକ୍ଷ ନୀଳକାନ୍ତ ବାଗଙ୍କ ନିକଟରେ ଗତ କିଛି ଦିନ ତଳେ ଅଭିଯୋଗ ହୋଇଥିଲା । ଅଭିଯୋଗ ପରେ ବାଗ ଜେଇ ଓ ଏଇଙ୍କୁ ନେଇ ରବିବାର ଉକ୍ତ କାମର ତଦନ୍ତ ପାଇଁ ଯାଇଥିଲେ । କିନ୍ତୁ ଘଟଣାସ୍ଥଳରେ ପହଞ୍ଚିବା ପୂର୍ବରୁ ସେଠାରେ ଲାଗିଥିବା ସୂଚନା ଫଳକକୁ କେହି ଭାଙ୍ଗି ଦେଇଥିବା ଦେଖିବାକୁ ପାଇଥିଲେ । ଏହାପରେ ବ୍ଲକ ଅଧ୍ୟକ୍ଷ ବାଗ ଜେଇ ଓ ଏଇଙ୍କୁ ଘଟଣା ସମ୍ପର୍କରେ ପଚାରିବା ସହ ଫେରି ଆସିଥିଲେ । ପ୍ରକାଶ ଯେ, ୨୦୨୪-୨୫ ଆର୍ଥିକ ବର୍ଷରେ ପଞ୍ଚାୟତ ସମିତି ପାଟଣାଗଡ଼ ତରଫରୁ ଛୁଡିଗୁଡି ଛକ ଆଡ଼ିବନ୍ଧଠାରୁ ଋଷିମୁନି ଡୁଙ୍ଗୁରି ରାସ୍ତା କଂକ୍ରିଟ ପାଇଁ ୫ ଲକ୍ଷ ଟଙ୍କା ମଞ୍ଜୁର କରାଯାଇଥିଲା । କିନ୍ତୁ ଏହି ରାସ୍ତା ନିର୍ମାଣ ନ ହୋଇ ବିଲ୍ କରାଯାଇ ସରକାରୀ ଅର୍ଥ ଆତ୍ମସାତ କରାଯାଇଥିବା ବ୍ଲକ ଅଧ୍ୟକ୍ଷଙ୍କ ନିକଟରେ ସ୍ଥାନୀୟ ଲୋକେ ଅଭିଯୋଗ କରିଥିଲେ । ଏହାପରେ ଏହି ଘଟଣା ଲୋକଲୋଚନକୁ ଆସିଥିଲା । ବ୍ଲକ ଅଧ୍ୟକ୍ଷ ରାସ୍ତା ନିର୍ମାଣ ନାଁରେ ହୋଇଥିବା ଦୁର୍ନୀତି ଅଭିଯୋଗନେଇ ପିଡିଙ୍କୁ ଅବଗତ କରାଯିବ ବୋଲି କହିଛନ୍ତି । ଏ ସମ୍ପର୍କରେ ଜେଇ ସତ୍ୟ ନାରାୟଣ ତ୍ରିପାଠୀଙ୍କୁ ପଚାରିବାରେ କୌଣସି ସନ୍ତୋଷଜନକ ଉତ୍ତର ମିଳି ନ ଥିଲା । ଏଥିପ୍ରତି ଜିଲା ପ୍ରକଳ୍ପ ଅଧିକାରୀ ଦୃଷ୍ଟି ଦେଇ ଘଟଣାର ତଦନ୍ତ କରିବା ସହ ବିହିତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରିବାକୁ ସ୍ଥାନୀୟ ଲୋକେ ଦାବି କରିଛନ୍ତି ।

# ୨ ବ୍ଲକ୍‌ରେ କନିଷ୍ଠ ଯନ୍ତ୍ରୀ ଅଭାବ, ଉନ୍ନୟନ କାମ ବାଟବଣା

**ଲୋଇସିଂହା, ୨୩।୩ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ଓ ଆଗଲପୁର ବ୍ଲକରେ ଆବଶ୍ୟକ ସଂଖ୍ୟକ କନିଷ୍ଠ ଯନ୍ତ୍ରୀ ନିଯୁକ୍ତ କରାଯାଉନାହିଁ। ଲୋଇସିଂହା ଓ ବୁର୍ଡା ପଞ୍ଚାୟତ ଲୋଇସିଂହା ନୂତନ ଏନଏସି ଯୋଗୁ ବାଦ୍ ପଡିବା ପରେ ଲୋଇସିଂହା ବ୍ଲକରେ ଏବେ ୧୮ଟି ପଞ୍ଚାୟତ ଅଛି । ବ୍ଲକରେ ମାତ୍ର ୪ରୁ ୫ଜଣ କନିଷ୍ଠ ଯନ୍ତ୍ରୀ କାମ କରୁଛନ୍ତି । ଜଣେ ଜଣେ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ରହିଛନ୍ତି । ସେହିପରି ଆଗଲପୁର ବ୍ଲକରେ ୨୦ଟି ପଞ୍ଚାୟତ ଥିବା ବେଳେ ଏଠାରେ ମଧ୍ୟ ଏକାଧିକ ପଞ୍ଚାୟତ ଦାୟିତ୍ୱରେ ଜଣେ ଜଣେ କନିଷ୍ଠ ଯନ୍ତ୍ରୀ ରହିଛନ୍ତି। ଜନପ୍ରତିନିଧି ଓ ପ୍ରଶାସନିକ ଅଧିକାରୀଙ୍କ କର୍ତ୍ତୃତ୍ୱ ରହୁ ନ ଥିବାରୁ କର୍ମଚାରୀମାନେ ମନଇଚ୍ଛା କାର୍ଯ୍ୟାଳୟକୁ ଆସୁଥିବା ଅଭିଯୋଗ ହେଉଛି । ଏନେଇ ପଚାରିଲେ ଫିଲଡରେ ଥିବା କହି ଅଭିଯୋଗକୁ ଏଡାଇ ଯାଉଛନ୍ତି । ଫଳରେ ଉନ୍ନୟନ କାମରେ ସ୍ୱଚ୍ଛତା ଆସୁନାହିଁ। କନିଷ୍ଠ ଯନ୍ତ୍ରୀମାନଙ୍କ ଅବହେଳାର ସୁଯୋଗ ନେଇ ଜାଲ ମଷ୍ଟର ରୋଲ ବାହାର କରି ଶ୍ରମିକଙ୍କ ମଜୁରି ହଡପ କରାଯାଉଛି । ଏପରିକି ରାସ୍ତା, କୋଠାବାଡି କାମରେ ଭାଗମାପରେ ଅନିୟମିତତା କରାଯାଉଛି । ଏସବୁ କାମର ଉପରିସ୍ଥ ଅଧିକାରୀଙ୍କ ଦ୍ୱାରା ତଦାରଖ ହେଉନାହିଁ । ଏହାର ଫାଇଦା ନେଉଛନ୍ତି କନିଷ୍ଟ ଯନ୍ତ୍ରୀ ଓ ଗ୍ରାମୀଣ ଠିକାଦାର । ଲୋଇସିଂହା ନିର୍ବାଚନ ମଣ୍ଡଳୀର ଲୋଇସିଂହା ଓ ଆଗଲପୁର ବ୍ଲକରେ ହେଉଥିବା ଉନ୍ନୟନ କାମର ଉଚ୍ଚସ୍ତରୀୟ ତଦନ୍ତ କରିବାକୁ ସାଧାରଣରେ ଦାବି ହେଉଛି । ଏ ସମ୍ପର୍କରେ ବିଡିଓ ଅକ୍ଷୟପଣି ଉଦ୍ଧଙ୍କ ପ୍ରତିକ୍ରିୟା ମିଳିପାରିନାହିଁ ।

# ଏକତା ଓ ବିକାଶ ପାଇଁ ନୂଆ ସଂକଳ୍ପ

## ବ୍ଲକସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜର ବୈଠକ



ବୈଠକରେ ଯୋଗ ଦେଇଥିବା ସମାଜର କର୍ମକର୍ତ୍ତା ।

**ଖପ୍ରାଖୋଲ, ୨୩।୩ (ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ହରିଶଙ୍କରଠାରେ ବ୍ଲକସ୍ତରୀୟ ଲକ୍ଷେ ଘର ଗଣ୍ଡା ସମାଜର ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ରବିବାର ଅନୁଷ୍ଠିତ ହୋଇଥିଲା। ବ୍ଲକ ସଭାପତି ନିରାକାର ଛୁରାଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ବୈଠକରେ ମୁଖ୍ୟଅତିଥି ଭାବେ ସମାଜର ଚେୟାରମ୍ୟାନ ଚଇତୁ ଛୁରା ଯୋଗଦେଇ ସମାଜର ଏକତା, ସଂଗଠନ, ସାମାଜିକ ଓ ଅର୍ଥନୈତିକ ବିକାଶ ଉପରେ ଆଲୋକପାତ କରିଥିଲେ। ବୈଠକରେ ଖପ୍ରାଖୋଲ ବ୍ଲକର ୨୧ଟି ପଞ୍ଚାୟତରୁ ଆସିଥିବା ସମସ୍ତ ପଞ୍ଚାୟତ ସଭାପତି ଓ ସଦସ୍ୟମାନେ ଯୋଗଦେଇ ନିଜ ନିଜ ମତାମତ ରଖିଥିଲେ। ସମାଜର ସମସ୍ୟା, ସମାଧାନ ଓ ଆଗାମୀ କାର୍ଯ୍ୟପନ୍ଥା ଉପରେ ଆଲୋଚନା ହୋଇଥିଲା। ବୈଠକରେ ଶତାଧିକ କର୍ମକର୍ତ୍ତା ଯୋଗଦେଇଥିଲେ।

# ମୁରସିଂ ଗାଁରେ ପାନୀୟ ଜଳ ସମସ୍ୟା

- ଅଭିଯୋଗ କଲେ ଗ୍ରାମବାସୀ
- ଟ୍ୟାଙ୍କର ଯୋଗେ ପାଣି ଯୋଗାଉ ବ୍ଲକ ପ୍ରଶାସନ: ନରସିଂହ

**ବଲାଙ୍ଗୀର, ୨୨।୩ (ବୀରେନ୍ଦ୍ର କୁମାର ଝାଙ୍କର)**

ଦେଓଗାଁ ବ୍ଲକ ଅନ୍ତର୍ଗତ କୁତୁର୍ଲା ଗ୍ରାମ ପଞ୍ଚାୟତର ମୁରସିଂ ଗାଁରେ ପାନୀୟ ଜଳ ସମସ୍ୟା ଦେଖାଦେଇଛି । ବିଶେଷ କରି ଏହି ଗାଁର ପ୍ରତ୍ୟେକ ପଡା ଓ ଆଖପାଖ ଅଞ୍ଚଳର ଲୋକେ ପଞ୍ଚାୟତ ତଥା ବ୍ଲକ ପ୍ରଶାସନର ବାରମ୍ବାର ଦୃଷ୍ଟି ଆକର୍ଷଣ କରିଥିଲେ ମଧ୍ୟ କୌଣସି ସୁଫଳ ମିଳିନାହିଁ । ରବିବାର ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ମୁରସିଂ ଗାଁ ବାଟ ଦେଇ ବଡ଼ବନ୍ଧ ଗାଁର ଏକ କାର୍ଯ୍ୟକ୍ରମକୁ ଯାଉଥିବା ବେଳେ ଉପରୋକ୍ତ ଗାଁ ଲୋକେ ପିଇବା ପାଣି ସମସ୍ୟା ନେଇ ତାଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ଶୁଣିବା ପରେ ମିଶ୍ର ତୁରନ୍ତ ବିଭାଗୀୟ ଯନ୍ତ୍ରୀଙ୍କୁ ଏ ଦିଗରେ ବିହିତ ପଦକ୍ଷେପ ନେବାକୁ କହିବେ ବୋଲି ପ୍ରତିଶ୍ରୁତି ଦେଇଥିଲେ । ଏହାଛଡା ପାନୀୟ ଜଳ ସମସ୍ୟାର ସ୍ଥାୟୀ ସମାଧାନ ନ ହେବା ପର୍ଯ୍ୟନ୍ତ ବ୍ଲକ ପ୍ରଶାସନ ତରଫରୁ ଟ୍ୟାଙ୍କର ଯୋଗେ ପିଇବା ପାଣି ଗାଁ ଲୋକଙ୍କ ନିକଟରେ ପ୍ରତ୍ୟେକ ଦିନ ପହଞ୍ଚାଇବାର ବ୍ୟବସ୍ଥା କରିବାକୁ ଦେଓଗାଁ ଗୋଷ୍ଠୀ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ କୁମାରଙ୍କୁ କହିଥିଲେ । ଗୋଷ୍ଠୀ ଉନ୍ନୟନ ଅଧିକାରୀ ଟ୍ୟାଙ୍କର ଯୋଗେ ପାଣି ବଣ୍ଟନ କରାଯିବ ବୋଲି ମିଶ୍ରଙ୍କୁ ପ୍ରତିଶ୍ରୁତି ଦେଇଥିବା ଜଣାଇଛନ୍ତି।

ଏହି ଆଲୋଚନା ବେଳେ ପୂର୍ବତନ ମନ୍ତ୍ରୀ ମିଶ୍ରଙ୍କ ସହ କଂଗ୍ରେସ ନେତା ଅସିତ ମିଶ୍ର, ବିଶ୍ୱଜିତ ପାତ୍ର, ପିଣ୍ଟୁ ପୋଢ଼, ମଦନ ସାହୁ, ମନୋରଞ୍ଜନ ହରପାଲ, ବିବିଧ ବାଗ, ସନ୍ତୋଷ ବାଗ, ଶଶିକାନ୍ତ ପଟେଲ, ସମିତି ସଭ୍ୟ ପଙ୍କଜିନୀ ଛତ୍ରିଆ ପ୍ରମୁଖ ଉପସ୍ଥିତ ଥିଲେ ।



ଗ୍ରାମବାସୀଙ୍କ ସହ ପୂର୍ବତନ ମନ୍ତ୍ରୀ ନରସିଂହ ମିଶ୍ର ଆଲୋଚନା କରୁଛନ୍ତି ।

# ଗୁର୍ଜିଭଟାରେ ସ୍ୱାଭାବିକ ହେଲା ଜଳ ଯୋଗାଣ

## ପୋଲିସ ହସ୍ତକ୍ଷେପ ପରେ ପମ୍ପ ହାଉସର ଖୋଲିଲା ତାଲା

**ଲୋଇସିଂହା, ୨୩।୩ (ସୁଶାନ୍ତ ବାରିକ)**

ବଲାଙ୍ଗୀର ଜିଲା ଲୋଇସିଂହା ବ୍ଲକ ଯୋଗୀସର୍ଡା ପଞ୍ଚାୟତ ଗୁର୍ଜିଭଟା ଗ୍ରାମରେ ଗତ କିଛିଦିନ ଧରି ପାଇପ ଜଳ ଯୋଗାଣ ବନ୍ଦ ରହିଥିଲା । କେହି ଜଣେ ବ୍ୟକ୍ତି ପମ୍ପ ହାଉସରେ ତାଲା ପକାଇଥିବା କାରଣରୁ ଏପରି ପରିସ୍ଥିତି ସୃଷ୍ଟି ହୋଇଥିଲା । ଗ୍ରାମରେ ପିଇବା ପାଣି ନ ପାଇ ହାହାକାର ପରିସ୍ଥିତି ସୃଷ୍ଟି ହେବା ପରେ ଗ୍ରାମବାସୀଙ୍କ ମଧ୍ୟରେ ସୋମବାର ଉତ୍ତେଜନା ପ୍ରକାଶ ପାଇଥିଲା । ମହିଳାମାନେ ଏହାର ପ୍ରତିବାଦ କରିଥିଲେ । ଏହାପରେ ପମ୍ପ ହାଉସରେ ତାଲା ପକାଇଥିବା ବ୍ୟକ୍ତି ଜଣକ ତାଲା ଖୋଲିବା ପରେ ଜଳଯୋଗାଣ ସ୍ୱାଭାବିକ ହୋଇଥିବା ଜଣାପଡିଛି । ୩ ୱାର୍ଡ ବିଶିଷ୍ଟ ଗୁର୍ଜିଭଟା ଗ୍ରାମର ଲୋକସଂଖ୍ୟା ପାଖାପାଖି ୨ ହଜାର ହେବ । ଦୀର୍ଘ ବର୍ଷ ହେଲା ଯୋଗୀସର୍ଡା ପଞ୍ଚାୟତ ମୁଖ୍ୟାଳୟ ଓ ଗୁର୍ଜିଭଟା ଗାଁକୁ ସୁକତେଲ ନଦୀରୁ ପାଇପ ଜଳ ଯୋଗାଣ ହୋଇ ଆସୁଛି । ବୁର୍ଡା-ଅର୍ଜୁନପୁର ରାସ୍ତା ପାର୍ଶ୍ୱ ଗୁର୍ଜିଭଟା ଗାଁ କଟାଁ(ପୋଖରୀ) ଭିତରେ ଓଭରହେଡ ଟାଙ୍କି ଓ ପମ୍ପ ହାଉସ ନିର୍ମାଣ ହୋଇଛି । ଉକ୍ତ ପମ୍ପ ହାଉସରୁ ଗାଁକୁ ଏବେ ଜଳ ଯୋଗାଣ ହେଉଛି । ପମ୍ପ ହାଉସ ପରିଚାଳନା ପାଇଁ ପଞ୍ଚାୟତ ପକ୍ଷରୁ ପୂର୍ବରୁ କାମ କରୁଥିବା ସ୍ୱର୍ଗତ ଇନ୍ଦ୍ରଜିତ ବିଶ୍ୱାଳଙ୍କ ପୁଅଙ୍କୁ ଅବସ୍ଥାପିତ କରାଯାଇଛି । ହେଲେ ଗ୍ରାମର ଜଣେ ବ୍ୟକ୍ତି ଅଯଥାରେ ଯୁକ୍ତି କରି ପମ୍ପ ହାଉସରେ ତାଲା ପକାଇ ଦେଇଥିଲେ । ଏଣୁ ଗ୍ରାମରେ ଜଳ ଯୋଗାଣ ବାଧାପ୍ରାପ୍ତ ହୋଇଥିଲା । ପମ୍ପ ହାଉସ ଚାଳକ ଏନେଇ ସରପଞ୍ଚ, ପିଇଓଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ । ଅଭିଯୋଗ ପାଇ ସରପଞ୍ଚ ବିଜୁଳି ପଧାନ ପୋଲିସକୁ ଜଣାଇଥିଲେ । ପୋଲିସ ଘଟଣାରେ ହସ୍ତକ୍ଷେପ କଲା ପରେ ତାଲା ଖୋଲାଯାଇଥିବା ଜଣାପଡିଛି । ଏ ସମ୍ପର୍କରେ ସରପଞ୍ଚ ପଧାନଙ୍କୁ ପଚାରିବାରେ ଆଗକୁ ଏପରି କରାଗଲେ ଆଇନଗତ କାର୍ଯ୍ୟାନୁଷ୍ଠାନ ନିଆଯିବ ବୋଲି କହିଥିଲେ ।

# ଦିଶା ଇଂଲିଶ ମିଡିୟମ ସ୍କୁଲର ବାର୍ଷିକୋତ୍ସବ

**କଣ୍ଟାବାଞ୍ଜି, ୨୩।୩ (ଗୁରୁଦୟାଲ ହଂସ)**

ବଲାଙ୍ଗୀର ଜିଲା କଣ୍ଟାବାଞ୍ଜି ସହରସ୍ଥିତ ଦିଶା ଇଂଲିଶ ମିଡିୟମ ସ୍କୁଲର ୧୦ତମ ବାର୍ଷିକ ଉତ୍ସବ ସ୍କୁଲ ପରିସରରେ ରବିବାର ଦିନ ଅନୁଷ୍ଠିତ ହୋଇଯାଇଛି। ସ୍କୁଲର ପ୍ରତିଷ୍ଠାତା ତଥା ନିର୍ଦ୍ଦେଶକ ଡୋଲାମଣି ତାଣ୍ଡିଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଏହି ଉତ୍ସବରେ ମୁଖ୍ୟଅତିଥି ଭାବେ ପୂର୍ବତନ ବିଧାୟକ ସନ୍ତୋଷ ସିଂ ସାଲୁଜା ଯୋଗଦେଇ ଏହି ସ୍କୁଲ ଛାତ୍ରୀଛାତ୍ରଙ୍କ ଭବିଷ୍ୟତର ଦିଶା ହେବ ବୋଲି କହିଥିଲେ। ସମ୍ମାନିତ ଅତିଥି ଭାବେ ପୂର୍ବତନ ସୈନିକ ତଥା ତୁରେକେଲା ବ୍ଲକ ସମିତି ସଭ୍ୟ ଗିରିରାଜ ମାଝି, କେ.ଭି. ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ରାଜେଶ କୁମାର ମହାନ୍ତି, ବିଦ୍ୟାଳୟର ଜମିଦାତା ବିଷ୍ଣୁ ତାଣ୍ଡି, ମୁଖ୍ୟବକ୍ତା ଭାବେ ମୁରିବାହାଲ ପଞ୍ଚାୟତ ସମିତି ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ଡ. ରମେଶ ଚନ୍ଦ୍ର ମହାନନ୍ଦ ଯୋଗ ଦେଇଥିଲେ । ସ୍କୁଲ ଅଧ୍ୟକ୍ଷ ସୁଶାନ୍ତ କୁମାର ସେଠ ଅତିଥି ପରିଚୟ ପ୍ରଦାନ କରିଥିଲେ । ଶିକ୍ଷୟିତ୍ରୀ ଝାନ୍ସୀ ରାଣୀ ମହାନନ୍ଦ ମଞ୍ଚ ସଞ୍ଚାଳନ କରିଥିଲେ । ଲୋପାମୁଦ୍ରା ନନ୍ଦ ଧନ୍ୟବାଦ ଦେଇଥିଲେ । ସଭା ପରେ ବିଭିନ୍ନ ପ୍ରତିଯୋଗିତାର କୃତୀ ପ୍ରତିଯୋଗୀମାନଙ୍କୁ ଅତିଥିମାନଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଏହାଛଡା ଖବରଦାତା ଓ ସାମାଜିକ କର୍ମୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଏହି ଅବସରରେ ସ୍କୁଲର ଛାତ୍ରୀଛାତ୍ରମାନଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା ।




ବାର୍ଷିକ ଉତ୍ସବ ଅବସରରେ ମଞ୍ଚାସୀନ ଅତିଥି।

# ବଡ଼ଗୁର୍ଜିଭଟା ଚାମ୍ପିୟନ

## ଜୟ ବଜରଙ୍ଗବଳୀ କପ୍ କ୍ରିକେଟ ଟୁର୍ଣ୍ଣାମେଣ୍ଟ ଉଦ୍‌ଯାପିତ

**ଖପ୍ରାଖୋଲ, ୨୩।୩ (ଅଭୟ ତ୍ରିପାଠୀ)**

ଖପ୍ରାଖୋଲ ବ୍ଲକ ବଡଗୁର୍ଜିଭଟାଠାରେ ଜୟ ବଜରଙ୍ଗବଳୀ କ୍ରିକେଟ କ୍ଲବ ତରଫରୁ ଆୟୋଜିତ ବଜରଙ୍ଗବଳୀ କ୍ରିକେଟ ଟୁର୍ଣ୍ଣାମେଣ୍ଟ ସୋମବାର ଉଦ୍‌ଯାପିତ ହୋଇଯାଇଛି। ଉଦ୍‌ଯାପନୀ ମ୍ୟାଚ ମହୁରୁଣ୍ଡି ଓ ବଡ଼ଗୁର୍ଜିଭଟା ଦଳ ମଧ୍ୟରେ ଅନୁଷ୍ଠିତ ହୋଇଥିଲା। ମହୁରୁଣ୍ଡି ଦଳ ଟସ୍ ଜିତି ପ୍ରଥମେ ବ୍ୟାଟିଂ କରିଥିବା ବେଳେ ୧୨ ଓଭରରେ ୮ ଉଇକେଟ ହରାଇ ୭୫ ରନ ସଂଗ୍ରହ କରିଥିଲେ। ଏହାର ଜବାବରେ ବଡ଼ଗୁର୍ଜିଭଟା ଦଳ ୭ ଓଭରରେ ଗୋଟିଏ ଉଇକେଟ ହରାଇ ୭୮ ରନ ସଂଗ୍ରହ କରି ଚାମ୍ପିୟନ ହୋଇଥିଲେ। ସୁନୀଲ କୁମାର ନନ୍ଦ ଓ ରାଜେନ୍ଦ୍ର ବେହେରା ଖେଳ ପରିଚାଳନା କରିଥିଲେ । ବିଜୁ ସୁନା ଖେଳର ଧାରା ବିବରଣୀ ପ୍ରଦାନ କରିଥିଲେ। ଏହି ଅବସରରେ ଆୟୋଜିତ ଉଦ୍‌ଯାପନୀ ଉତ୍ସବରେ ଆୟୋଜକ କମିଟି ପରିଚାଳକ ହରିବୋଲ ପୋଢ଼ ଅଧ୍ୟକ୍ଷତା କରିଥିଲେ । ମୁଖ୍ୟଅତିଥି ଭାବେ ବିଡ଼ିଓ ବିବେକାନନ୍ଦ ଷଡଙ୍ଗୀ, ସମ୍ମାନିତ ଅତିଥି ଭାବେ ଉପ ମୁଖ୍ୟମନ୍ତ୍ରୀଙ୍କ ବ୍ଲକ ପ୍ରତିନିଧି ପଦ୍ମ କୁମାର ସିଂ ବରିହା, ଏସିଏଫ ଅରବିନ୍ଦ ନାଏକ, ଖପ୍ରାଖୋଲ ଥାନା ଅଧିକାରୀ ନରେନ୍ଦ୍ର ଛତର, ବ୍ଲକ ସହକାରୀ ନିର୍ବାହୀ ଯନ୍ତ୍ରୀ ରାଜକିଶୋର ନାଏକ, ଖପ୍ରାଖୋଲ ହରିଶଙ୍କର ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ ଅଧ୍ୟକ୍ଷ ବଳଭଦ୍ର ଦାଶ, ସାମାଜିକ କର୍ମୀ ସତ୍ୟାନନ୍ଦ ସେଦ୍ରିଆ ଯୋଗ ଦେଇଥିଲେ। ଚାମ୍ପିୟନ ଦଳକୁ ଟ୍ରଫି ସହ ନଗଦ ୧୩ ହଜାର ଟଙ୍କା ଓ ରନର୍ସ ଅପ ଦଳକୁ ଟ୍ରଫି ସହ ୮ ହଜାର ଟଙ୍କା ଅତିଥି ମାନେ ପ୍ରଦାନ କରିଥିଲେ। ଏହି ଅବସରରେ ଗାଁର ପୁରାତନ କ୍ରିକେଟ ଓ ଫୁଟବଲ ଖେଳାଳି ଙ୍କୁ ଉପଢ଼ୌକନ ଦେଇ ସମ୍ବର୍ଦ୍ଧିତ କରାଯାଇଥିଲା।




ଟ୍ରଫି ସହ ଚାମ୍ପିୟନ ଦଳ।

**୩ କୁଇଣ୍ଟାଲ ଗଞ୍ଜେଇ ଜବତ**

**ବାଉଁଶୁଣୀ, (ଦେବାଶିଷ ନେପାକ):** ବାଉଁଶୁଣୀ ଥାନା ଗୋଛାପଡା ପଞ୍ଚାୟତ ଉସୁମିଲିକା ଜଙ୍ଗଲରୁ ପୋଲିସ ସୋମବାର ୩ କୁଇଣ୍ଟାଲ ଗଞ୍ଜେଇ ଜବତ କରିଛି । ଏହି ଘଟଣାରେ କେହି ଗିରଫ ହୋଇନାହାନ୍ତି । ବାହାର ରାଜ୍ୟକୁ ଗଞ୍ଜେଇ ଚାଲାଣ ପାଇଁ ଉକ୍ତ ଜଙ୍ଗଲରେ ପ୍ରସ୍ତୁତି ଚାଲିଥିବା ସୂଚନା ପାଇ ଆରକ୍ଷୀ ଅଧୀକ୍ଷକ ରାହୁଲ୍ ଗୋୟଲଙ୍କ ନିର୍ଦ୍ଦେଶ କ୍ରମେ ଆଇଆଇସି ମହେନ୍ଦ୍ର ବେହେରାଙ୍କ ତତ୍ତ୍ୱାବଧାନରେ ପୋଲିସ ଚଢାଉ କରି ଗଞ୍ଜେଇ ଜବତ କରିଥିଲା । ଗଞ୍ଜେଇକୁ ମାଜିଷ୍ଟ୍ରେଟଙ୍କ ସାମ୍ନାରେ ଓଜନ କରାଯାଇଥିଲା । ଥାନାରେ ଏ ନେଇ ଏକ ମାମଲା (ନଂ.୪୮/୨୬) ରୁଜୁ ହୋଇଛି ।

# ସର୍ଜରି, ଅସ୍ଥିଶଲ୍ୟ ବିଭାଗରେ ଅସ୍ତ୍ରୋପଚାର ହେଉନି

## ଡିଏଚ୍ଏଚ୍ ଉପରେ ରୋଗୀଙ୍କ ଭରସା ତୁଟୁଛି

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**



ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ।

ସୁବର୍ଣ୍ଣପୁର ଜିଲା ମୁଖ୍ୟ ଚିକିତ୍ସାଳୟ (ଡିଏଚ୍ଏଚ୍)ରେ ରୋଗୀଙ୍କୁ ସାମାନ୍ୟ ସେବା ମିଳୁନି। ରୋଗୀ ଚିକିତ୍ସା କେବଳ ବର୍ହିଃ ବିଭାଗ(ଓପିଡି) ସେବାରେ ସୀମିତ ରହିଛି। ବିଶେଷଜ୍ଞ ଡାକ୍ତର ନିଯୁକ୍ତି ସତ୍ତ୍ୱେ ବର୍ଷ ବର୍ଷ ଧରି ସର୍ଜରି ଓ ଅସ୍ଥିଶଲ୍ୟ ବିଭାଗରେ କୌଣସି ଅସ୍ତ୍ରୋପଚାର ହେଉନି। ଗର୍ଭବତୀଙ୍କ ଅସ୍ତ୍ରୋପଚାର ମଧ୍ୟ ନାମକୁ ମାତ୍ର ହେଉଛି। ବିଶେଷଜ୍ଞ ଡାକ୍ତରମାନେ ମେଡିକାଲ କ୍ୟାମ୍ପସ ଛାଡି ନର୍ସିଂହୋମ ମୁହାଁ ହେଉଛନ୍ତି। ସାଧାରଣ ଅସ୍ତ୍ରୋପଚାର ପାଇଁ ରୋଗୀ ଘରୋଇ ନର୍ସିଂହୋମକୁ ଯାଇ ଅଯଥାରେ ଖର୍ଚ୍ଚାନ୍ତ ହେଉଛନ୍ତି। ଡିଏଚ୍ଏଚ୍ ଓ ଆଖପାଖ ସରକାରୀ ଡାକ୍ତରଖାନାର ଡାକ୍ତର ନର୍ସିଂହୋମରେ ରହି ଅସ୍ତ୍ରୋପଚାର କରିବାକୁ ପ୍ରାଥମିକତା ଦେଉଛନ୍ତି। ଜିଲା ସ୍ୱାସ୍ଥ୍ୟ ବିଭାଗର ପ୍ରଶାସନିକ ଅଧିକାରୀମାନେ ଏଥିପ୍ରତି ଦୃଷ୍ଟି ଦେଉ ନାହାନ୍ତି। ତେଣୁ ଡିଏଚ୍ଏଚ୍ ଉପରେ ରୋଗୀଙ୍କ ଭରସା ତୁଟିବାରେ ଲାଗିଛି। ନିକଟରେ ତରଭା ସହରର ମହାବୀର ଅଗ୍ରୱାଲଙ୍କ ଗୋଡ ଭାଙ୍ଗିଥିଲା। ସେ ଡିଏଚ୍ଏଚ୍କୁ ଯାଇଥିଲେ। ତାଙ୍କର ଅସ୍ତ୍ରୋପଚାର ହେଲାନି। ତାଙ୍କୁ ନର୍ସିଂହୋମକୁ ପଠାଗଲା। ଶେଷରେ ତାଙ୍କର ମୂଲ୍ୟବାନ ଜୀବନ ଚାଲିଗଲା। ସାଧାରଣରେ ଏଥିନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି।

୧୦୦କୋଟିରୁ ଉର୍ଦ୍ଧ୍ୱ ଟଙ୍କା ବ୍ୟୟରେ ଡିଏଚଏଚ୍‌ର ୭ମହଲା ବିଶିଷ୍ଟ ନୂତନ କୋଠା ନିର୍ମାଣ ହୋଇଛି। ସେହିପରି କ୍ୟାମ୍ପସ୍‌ରେ ୫୦ଶଯ୍ୟା ବିଶିଷ୍ଟ ପ୍ରସୂତିକାଳୀନ ମାତୃ ଓ ଶିଶୁ ସ୍ୱାସ୍ଥ୍ୟକେନ୍ଦ୍ର ରହିଛି। ତିନି ମହଲା ବିଶିଷ୍ଟ କୋଠାରେ ସମସ୍ତ ପ୍ରକାର ଅତ୍ୟାଧୁନିକ ସୁବିଧା ରହିଛି। ସୁବର୍ଣ୍ଣପୁର ଓ ବୌଦ୍ଧ ଜିଲାର କଣ୍ଟାମାଳ ବ୍ଲକ ଅଞ୍ଚଳର ରୋଗୀ ଏହି ଡାକ୍ତରଖାନା ଉପରେ ନିର୍ଭରଶୀଳ। ତେବେ ଚିକିତ୍ସା ସେବାକୁ ଦେଖି ଏଠାକୁ ଆସୁଥିବା ଲୋକେ ବାହାର ଚକାଚକ୍ ଭିତରେ ଖାଲି ବୋଲି ଅଭିଯୋଗ କରୁଛନ୍ତି। ପ୍ରଶାସନିକ ଅବହେଳା କାରଣରୁ ରୋଗୀଙ୍କୁ ସେବା ମିଳୁନି। ଡିଏଚ୍ଏଚ୍‌ରେ କେବଳ ପ୍ରସୂତି ବିଭାଗରେ ହିଁ ଅସ୍ତ୍ରୋପଚାର ହେଉଥିଲା। ଏବେ ଅନଭିଜ୍ଞ ଡାକ୍ତରଙ୍କୁ ଦାୟିତ୍ୱ ଦେବା ଫଳରେ ଅସ୍ତ୍ରୋପଚାର ସଂଖ୍ୟା ଯଥେଷ୍ଟ ହ୍ରାସ ପାଇଥିବା ବେଳେ ନର୍ସିଂହୋମ୍‌ରେ ବଢିଥିବା ଚର୍ଚ୍ଚା ହେଉଛି। ସାଧାରଣ ବଥଟିଏ ହୋଇଥିଲେ ଡିଏଚ୍ଏଚ୍‌ରେ ଅସ୍ତ୍ରୋପଚାର ହେଉନି। ବିଶେଷଜ୍ଞ ଡାକ୍ତରମାନେ ନର୍ସିଂହୋମକୁ ଯାଇ ସେହି ଅସ୍ତ୍ରୋପଚାର କରୁଛନ୍ତି। ପୂର୍ବରୁ ନିଶ୍ଚେତକ ଡାକ୍ତର ନାହାନ୍ତି, ସେଥିପାଇଁ ଅସ୍ତ୍ରୋପଚାର ହୋଇପାରୁନି ବୋଲି ଜିଲା ମୁଖ୍ୟ ଚିକିତ୍ସାଳୟ କର୍ତ୍ତୃପକ୍ଷ ସଫେଇ ଦେଉଥିଲେ। କିନ୍ତୁ ଗତ ଦେଢ ମାସ ହେବ ରାଜ୍ୟ ସରକାର ନିଶ୍ଚେତକ ବିଶେଷଜ୍ଞ ଡାକ୍ତର ସସ୍ମିତ ମହାନ୍ତିଙ୍କୁ ନିଯୁକ୍ତି ଦେଇଛନ୍ତି। ସେହିପରି ବୀରମହାରାଜପୁର ଉପଖଣ୍ଡ ଡାକ୍ତରଖାନା ଅଧିକ୍ଷକ ସୁବାସ ପଣ୍ଡାଙ୍କୁ ମଧ୍ୟ ଆବଶ୍ୟକ ସ୍ଥଳରେ ଡିଏଚ୍ଏଚ୍‌ରେ ଚିକିତ୍ସା ସେବା ଯୋଗାଇ ବାକୁ ନିର୍ଦ୍ଦେଶ ରହିଛି। କିନ୍ତୁ ଏ ପର୍ଯ୍ୟନ୍ତ ଡିଏଚ୍ଏଚ୍‌ରେ ସର୍ଜରୀ ଓ ଅସ୍ଥିଶଲ୍ୟ ବିଭାଗରେ ସାମାନ୍ୟ ଅସ୍ତ୍ରୋପଚାର ଆରମ୍ଭ ହେଉନି। ଏ ସମ୍ପର୍କରେ ଜିଲା ମୁଖ୍ୟ ଚିକିତ୍ସା ଓ ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର ଉଷାରାଣୀ ଦାଶ କୁହନ୍ତି, ଅସ୍ଥିଶଲ୍ୟ ଓ ସର୍ଜରୀ ବିଭାଗରେ ଆମର ଆବଶ୍ୟକ ବିଶେଷଜ୍ଞ ଡାକ୍ତର ଅଛନ୍ତି। ନିଶ୍ଚେତକ ବିଶେଷଜ୍ଞ ନିଯୁକ୍ତ ହେଲେଣି। ତେଣୁ ଏବେ ଡାକ୍ତରଖାନାରେ ଅସ୍ତ୍ରୋପଚାରକୁ ସୁନିଶ୍ଚିତ କରାଯିବ ବୋଲି କହିଛନ୍ତି।

# ଏସ୍‌ପି ଅଫିସ ଘେରିଲା ନବନିର୍ମାଣ କୃଷକ ସଙ୍ଗଠନ



ଏସ୍‌ପି ଅଫିସ ସମ୍ମୁଖରେ କୃଷକ ସଙ୍ଗଠନ ପକ୍ଷରୁ ବିକ୍ଷୋଭ ପ୍ରଦର୍ଶନ କରାଯାଉଛି।

## ପ୍ରଦ୍ୟୁମ୍ନ ପାଢ଼ୀଙ୍କ ଗିରଫ ଘଟଣାର ନିରପେକ୍ଷ ତଦନ୍ତ ଦାବି

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ନବ ନିର୍ମାଣ କୃଷକ ସଙ୍ଗଠନ ସୁବର୍ଣ୍ଣପୁର ଜିଲା ସଭାପତି ପ୍ରଦ୍ୟୁମ୍ନ ପାଢୀଙ୍କୁ ଜିଲାର ରାମପୁର ପୋଲିସ ଶୁକ୍ରବାର ଗିରଫ କରିଛି। ଏହି ଗିରଫଦାରୀକୁ ବେଆଇନ ଦର୍ଶାଇଛି ନବ ନିର୍ମାଣ କୃଷକ ସଙ୍ଗଠନ। ରାଜନୈତିକ ଚାପରେ ଠିକ୍‌ଭାବେ ତଦନ୍ତ ନ କରି ପୋଲିସ ପ୍ରଦ୍ୟୁମ୍ନଙ୍କୁ ମିଥ୍ୟା ମାମଲାରେ ଗିରଫ କରିଛି। ତେଣୁ ମାମଲାର ନିରପେକ୍ଷ ତଦନ୍ତ ପାଇଁ କୃଷକ ସଙ୍ଗଠନ ଦାବି କରିବା ସହ ସୋମବାର ଏସ୍‌ପିଙ୍କ ଅଫିସକୁ ଘେରାଉ କରିଥିଲା। ସଙ୍ଗଠନର ରାଜ୍ୟ ଉପସଭାନେତ୍ରୀ ସୋନାଲି ବିଶିଙ୍କ ନେତୃତ୍ୱରେ ଏହି ଆନ୍ଦୋଳନ କରାଯାଇଥିଲା। ପରେ ଏକ ସ୍ମାରକପତ୍ର ଏସ୍‌ପି ନାରାୟଣ ନାୟକଙ୍କୁ ପ୍ରଦାନ କରାଯାଇଛି। ରାମପୁରର ଉମେଶ କୁମାର ପୂଜାରୀଙ୍କ ଅଭିଯୋଗକ୍ରମେ ପୋଲିସ ପ୍ରଦ୍ୟୁମ୍ନଙ୍କୁ ତାଙ୍କ କୋଟସମଲେଇସ୍ଥିତ ବାସଭବନରୁ ଉଠାଇ ନେଇଥିଲା। ପରେ ତାଙ୍କୁ କୋର୍ଟଚାଲାଣ କରିଛି। ପ୍ରଦ୍ୟୁମ୍ନ ୧୮ ତାରିଖରେ ସୁବର୍ଣ୍ଣପୁର ସହରସ୍ଥିତ ଏକ ଦୋକାନରେ ଥିବା ବେଳେ ସେହି ସମୟରେ ସେ ରାମପୁରକୁ ଯାଇ ଆପରାଧିକ କାର୍ଯ୍ୟ କରିଥିବା ଭଳି ତାଙ୍କ ନାମରେ ମିଥ୍ୟା ଅଭିଯୋଗ କରାଯାଇଥିବା କୃଷକ ସଙ୍ଗଠନ ନେତୃବୃନ୍ଦ ଅଭିଯୋଗ କରିଛନ୍ତି। ଏସ୍‌ପି ଏଥିରେ ହସ୍ତକ୍ଷେପ କରିବା ସହ ଘଟଣାର ନିରପେକ୍ଷ ତଦନ୍ତ କରି ପ୍ରଦ୍ୟୁମ୍ନଙ୍କୁ ମୁକ୍ତ କରିବାକୁ ସେମାନେ ଦାବି କରିଥିଲେ। ସଙ୍ଗଠନର ଜିଲା ସଭାପତି ବୈକୁଣ୍ଠ ଶତପଥୀ, ଆରତୀ ପାଢୀ, ଶ୍ରୀକାନ୍ତ ସାହୁ, ସୁବ୍ରତ ଭୋଇ, ବିଶ୍ୱନାଥ ଦେହୁରୀ ଓ ତାରିଣୀ ବିନ୍ଧାଣୀ ଆନ୍ଦୋଳନର ନେତୃତ୍ୱ ନେଇଥିଲେ।

# ଯୁଗ୍ମ ଅଭିଯୋଗ ଶୁଣାଣିରେ ୧୩୧ ଅଭିଯୋଗ




ଅଧିକାରୀମାନେ ଲୋକଙ୍କ ଅଭିଯୋଗର ଶୁଣାଣି କରୁଛନ୍ତି।

**ବିନିକା, ୨୩।୩ (ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକସ୍ତରୀୟ ମିଳିତ ଅଭିଯୋଗ ଶୁଣାଣି ଓ ଉପଶମ ଶିବିର ବାଉଁଶୁଣୀ ଗ୍ରାମ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ସୋମବାର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ଅତିରିକ୍ତ ଜିଲାପାଳ ରାଜେନ୍ଦ୍ର ମାଝୀ ଯୋଗଦେଇ ଜନସାଧାରଣଙ୍କ ବିଭିନ୍ନ ଆପତ୍ତି ଓ ସମସ୍ୟା ନିହିତ ୧୩୧ଟି ପଞ୍ଜୀକୃତ ଅଭିଯୋଗ ଦରଖାସ୍ତ ଗ୍ରହଣ କରିଥିଲେ। ତନ୍ମଧ୍ୟରୁ ୧୧୪ଟି ବ୍ୟକ୍ତିଗତ ୧୭ଟି ସାମୂହିକ ଥିଲା। ୨୧ ଅଭିଯୋଗର ତତ୍କାଳ ସମାଧାନ କରାଯାଇଥିଲା। ଅବଶିଷ୍ଟ ଅଭିଯୋଗଗୁଡକୁ ନିର୍ଦ୍ଦିଷ୍ଟ ସମୟ ମଧ୍ୟରେ ସମାଧାନ କରିବା ପାଇଁ ସମ୍ପୃକ୍ତ ବିଭାଗ ଅଧିକାରୀଙ୍କୁ ପ୍ରଦାନ କରାଯାଇଛି। ଗୋଷ୍ଠୀ ଉନ୍ନୟନ ଅଧିକାରୀ ଶରତ କୁମାର ବାଗଙ୍କ ତତ୍ତ୍ୱାବଧାନରେ ଅନୁଷ୍ଠିତ ଶିବିରରେ ମୁଖ୍ୟ ଉନ୍ନୟନ ଅଧିକାରୀ ତଥା ନିର୍ବାହୀ ଅଧିକାରୀ ଜିଲା ପରିଷଦ ଅଶ୍ୱିନୀ କୁମାର ମେହେର, ଡେପୁଟି କଲେକ୍ଟର ସିଦ୍ଧାର୍ଥ ଶେଖର ଦାଶ, ସୁଶ୍ରୀ ପ୍ରିୟଦର୍ଶିନୀ ସାହୁ, ଅତିରିକ୍ତ ତହସିଲଦାର ଦୟାରାମ ମେହେର, ରେଞ୍ଜର ଡମ୍ବରୁଧର ପଧାନ, କାର୍ଯ୍ୟନିର୍ବାହୀ ଅଧିକାରୀ ମାନସ ରଞ୍ଜନ ଭୋଇ, ସରପଞ୍ଚ ରୀନା ମହଲା, ପଞ୍ଚାୟତ ନିର୍ବାହୀ ଅଧିକାରୀ ସରୋଜ କୁମାର ଧାରୁଆ, ଜିଲା ପଞ୍ଚାୟତ ଅଧିକାରୀ ତଥା ଜିଲା ସୂଚନା ଓ ଲୋକ ସମ୍ପର୍କ ଅଧିକାରୀ ଅର୍ଜୁନ ମାଝୀ ଉପସ୍ଥିତ ଥିଲେ।

# ଉଚ୍ଛେଦକୁ ପଡ଼ାବାସୀଙ୍କ ବିରୋଧ, ଫେରିଗଲା ବୁଲଡୋଜର

**ବରଗଡ଼, ୨୩।୩(ପ୍ରେମାନନ୍ଦ ଖମାରୀ)**



ଉଚ୍ଛେଦକୁ ବିରୋଧ କରି ପଡ଼ାବାସୀ ରାସ୍ତା ଉପରେ ବସିଛନ୍ତି।

ବରଗଡ଼ ସହରରେ ଜବରଦଖଲ ଉଚ୍ଛେଦ ଅଭିଯାନ ଚାଲିଛି। ପର୍ଯ୍ୟାୟକ୍ରମେ ସହରର ବିଭିନ୍ନ ଜବରଦଖଲ ସ୍ଥାନକୁ ଉଚ୍ଛେଦ କରାଯାଉଛି। ବଡ଼ବଡ଼ିଆ ଜବରଦଖଲକାରୀଙ୍କୁ ପ୍ରଥମେ ହଟାଇବା ବଦଳରେ ଗରିବ ଲୋକଙ୍କ କୁଡ଼ିଆ ଘର, ଠେଲାକୁ ଉଚ୍ଛେଦ ପାଇଁ ପ୍ରଶାସନ ଅଧିକ ତତ୍ପର ହୋଇ ପଡ଼ିଥିବା ଅଭିଯୋଗ ହୋଇଛି। ଏହାକୁ ନେଇ ପ୍ରଭାବିତ ଲୋକଙ୍କ ମଧ୍ୟରେ ଅସନ୍ତୋଷ ବଢ଼ିବାରେ ଲାଗିଛି। ସୋମବାର ବରଗଡ଼ ପୌର ପରିଷଦ ଅଧିନ ୱାର୍ଡ ନଂ-୧୪, ୱାର୍ଡ ନଂ-୧୫ରେ ରହିଥିବା କେନାଲ ପଡ଼ାରୁ ଉଚ୍ଛେଦ ଉଦ୍ୟମ କରାଯିବାବେଳେ ଉତ୍ତେଜନା ଦେଖାଯାଇଥିଲା। ପ୍ରଭାବିତ ଲୋକେ ବିରୋଧ କରିବାରୁ ଶେଷରେ ସେଠାକୁ ଆସିଥିବା ବୁଲଡ଼ୋଜର ଫେରି ଯାଇଥିଲା।

କେନାଲ ପଡ଼ାରେ ଦୀର୍ଘବର୍ଷ ଧରି ଗରିବ, ଖଟିଖିଆ ଲୋକେ ବସତି ସ୍ଥାପନ କରିଛନ୍ତି। ସେଠାରେ ଘରଦ୍ୱାର କରି ପରିବାର ଗୁଜୁରାଣ ମେଣ୍ଟାଉଛନ୍ତି। ଉକ୍ତ ପଡ଼ାର ଅଧିକାଂଶ ଅନୁସୂଚିତ ଜାତି(ଏସସି) ବର୍ଗର ଏବଂ ସେମାନେ ଦିନ ମଜୁରିଆ ଶ୍ରେଣୀର ଅଟନ୍ତି। ସେଠାରେ ରହି ସେମାନେ ନିଜ ପିଲାଛୁଆଙ୍କୁ ସ୍ଥାନୀୟ ସରକାରୀ ସ୍କୁଲ, କଲେଜରେ ପଢ଼ାଉଛନ୍ତି। ତେବେ ଉକ୍ତ ପଡ଼ା ଉଚ୍ଛେଦ କରାଯିବା ନେଇ ସେମାନେ ସୂଚନା ପାଇବା ପରେ ପର୍ଯ୍ୟାୟକ୍ରମେ ୨ଥର ଜିଲାପାଳଙ୍କ କାର୍ଯ୍ୟାଳୟକୁ ଯାଇଥିବାବେଳେ ସ୍ଥାନୀୟ ବିଧାୟକଙ୍କୁ ମଧ୍ୟ ଭେଟିଥିଲେ ଏବଂ ଉଚ୍ଛେଦ ପୂର୍ବରୁ ଥଇଥାନ ବ୍ୟବସ୍ଥା କରିବା ପାଇଁ ନିବେଦନ କରିଥିଲେ।

ମାତ୍ର ଏପର୍ଯ୍ୟନ୍ତ ସେମାନଙ୍କ କିଛି ଥଇଥାନ ବ୍ୟବସ୍ଥା କରାଯାଇ ନଥିବାବେଳେ ସୋମବାର ସକାଳୁ ଉଚ୍ଛେଦ ପାଇଁ ବୁଲଡ଼ୋଜର ଧରି ବିଭାଗୀୟ କର୍ମଚାରୀ ଏବଂ ପୋଲିସ କର୍ମଚାରୀ ଉକ୍ତ ପଡ଼ାକୁ ଆସିଥିଲେ। ମାତ୍ର ପଡ଼ାବାସୀ ଏକଜୁଟ୍ ହୋଇ ପିଲାଛୁଆ ଧରି ରାସ୍ତା ଉପରେ ବସି ଉଚ୍ଛେଦ ପ୍ରକ୍ରିୟାକୁ ବିରୋଧ କରିଥିଲେ। ବିନା ଥଇଥାନରେ ଉଚ୍ଛେଦ କଲେ ପିଲାଛୁଆଙ୍କ ପାଠପଢ଼ା ବାଧାପ୍ରାପ୍ତ ହେବା ସହିତ ସେମାନଙ୍କ ଜୀବନ, ଜୀବିକା ଉଜୁଡ଼ି ଯିବ ବୋଲି କହିଥିଲେ। ସେହିପରି ପରିବାରରେ ବୃଦ୍ଧାବୃଦ୍ଧ ଥିବାବେଳେ ନିକଟ ଭବିଷ୍ୟତରେ ପଡ଼ାର କେତେକ ଘରେ ବିବାହ ଉତ୍ସବ ହେବାର ସ୍ଥିରୀକୃତ ହୋଇ ସାରିଛି। ଫଳରେ ଏଭଳି ସ୍ଥିତିରେ ଉଚ୍ଛେଦ କରାଗଲେ ସେମାନେ ବହୁବିଧ ଅସୁବିଧାର ସମ୍ମୁଖୀନ ହେବ ବୋଲି ବିଭାଗୀୟ ଅଧିକାରୀଙ୍କୁ କହି ଉଚ୍ଛେଦକୁ ବିରୋଧ କରିଥିଲେ। ଏହାକୁ ନେଇ ଉପସ୍ଥିତ କର୍ମଚାରୀ ଏବଂ ପଡ଼ାବାସୀ ମୁହାଁମୁହିଁ ମଧ୍ୟ ହୋଇଥିଲେ। ପଡ଼ାବାସୀଙ୍କ ଦୃଢ଼ ବିରୋଧ ପରେ ବୁଲଡ଼ୋଜର ସହିତ ବିଭାଗୀୟ କର୍ମଚାରୀ, ପୋଲିସ ସେଠାରୁ ଫେରି ଯାଇଥିଲେ।

# ଶିଶୁ ସୁରକ୍ଷା, ସହାୟତା ସଚେତନତା କର୍ମଶାଳା

**ତରଭା, ୨୩।୩(ମାନଭଞ୍ଜନ ମିଶ୍ର)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ଶିବତୁଲା ହାଇସ୍କୁଲ, ତରଭା ବାଳିକା ହାଇସ୍କୁଲ, ସରଗଜ ହାଇସ୍କୁଲ ଏବଂ ବାଳାଶ୍ରମ ସୋନପୁରଠାରେ ବିଭିନ୍ନ ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ଶିଶୁ ଅଧିକାର, ଶିଶୁ ବିବାହ ଓ ଶିଶୁ ହେଲ୍ପ ଲାଇନ ୧୦୯୮ ସମ୍ପର୍କିତ ବିଭିନ୍ନ ବିଷୟରେ ଆଲୋଚନା କରାଯାଇଥିଲା। ଜିଲା ପ୍ରକଳ୍ପ ସଂଯୋଜକ ସୁଜିତ କୁମାର ମିଶ୍ର, କାଉନସିଲର ସୁଧୀର କୁମାର ଦାସ, ସୁପରଭାଇଜର ଧର୍ମେନ୍ଦ୍ର ଦାସ, ଚାଇଲ୍ଡ ହେଲ୍ପଲାଇନ ସଦସ୍ୟ ହେମନ୍ତ ସା ପ୍ରମୁଖ ଉପସ୍ଥିତ ଥିଲେ। ଶିଶୁ ଶ୍ରମିକମାନଙ୍କ ପାଇଁ ଥିବା ଆଇନ ବିଷୟରେ ଚାଇଲ୍ଡହେଲ୍ପ ଲାଇନ ଏବଂ ଶିଶୁ କଲ୍ୟାଣ ସମିତିର ସଚେତନତା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା। ଏଥିରେ ୩୫୦ରୁ ଉର୍ଦ୍ଧ୍ୱ ଶିଶୁ କର୍ମଶାଳାରେ ଯୋଗଦାନ କରିଥିଲେ । ୧୦୯୮ ଟୋଲ ଫ୍ରି ନମ୍ବରର କାର୍ଯ୍ୟକାରିତା ଏବଂ ଶିଶୁ ଶ୍ରମିକ, ଶିଶୁ ଶ୍ରମିକ ଦମନ ବାଲ୍ୟବିବାହ ନିରାକରଣ, ଶିଶୁଯତ୍ନ, ଅବହେଳିତ ଶିଶୁମାନଙ୍କ ବିଭିନ୍ନ ଯୋଜନା ବିଷୟରେ ଅବଗତ କରିଥିଲେ ।

# କେନ୍ଦ୍ର ସମାଜର ବାର୍ଷିକ ବୈଠକ

**ବିନିକା, ୨୩।୩ ( ରାମ ଗୋପାଳ ବାଘ)**

ସୁବର୍ଣ୍ଣପୁର ଜିଲା ବିନିକା ବ୍ଲକ ଗୁଲୁଣ୍ଡା କେନ୍ଦ୍ର କଦଳିପାଲି ଗ୍ରାମରେ ରବିବାର ଗୁଲୁଣ୍ଡା କେନ୍ଦ୍ର ସମାଜର ବାର୍ଷିକ ବୈଠକ ସେଭାପତି ବିଜୟ କୁମାର ମହାକୁଡ଼ଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି। ସମ୍ପାଦକ ଦେବାଶିଷ କଲତା ସ୍ୱାଗତ ଭାଷଣ ଦେଇଥିଲେ। କୋଷାଧକ୍ଷ ଡୋଳାମଣି ବାରିକ କେନ୍ଦ୍ରର ବାର୍ଷିକ ଆୟ ବ୍ୟୟ ଅଟକଳ ପାଠ କରିଥିଲେ। ଉପସଭାପତି ହରିହର ଚାନ୍ଦ, ନଗର ସଭାପତି ଗନ୍ଧର୍ବ ମାହାର, ଭୁବନେଶ୍ୱର ପାତ୍ରଙ୍କ ସମେତ ଜାତି ଭାଇମାନେ ସମାଜର କିପରି ଉନ୍ନତି ହୋଇପାରିବ ସେ ଉପରେ ବକ୍ତବ୍ୟ ପ୍ରଦାନ କରିଥିଲେ। ସଭାକୁ କଦଳିପାଲୀ ଗ୍ରାମର ସମାଜ ଭାଇମାନେ ସହଯୋଗ କରିଥିଲେ। କେନ୍ଦ୍ର ସଂଯୋଜକ ଗୋପାଳ ଚନ୍ଦ୍ର ବାରିକ ଧନ୍ୟବାଦ ଅର୍ପଣ କରିଥିଲେ।



ସୋମବାର ଚୈତ୍ର ନବରାତ୍ରର ପଞ୍ଚମ ଦିନରେ ମା' ସୁରେଶ୍ୱରୀଙ୍କ ଭୁବନେଶ୍ୱରୀ ବେଶ।

# ଯୁଗ୍ମ ଜନଶୁଣାଣି ଶିବିର, ୬୪ ଅଭିଯୋଗ ପଞ୍ଜୀକୃତ

**ହରଭଙ୍ଗା, ୨୩।୩(ନରେନ୍ଦ୍ର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ପଞ୍ଚାୟତ ସମିତି ଅଧୀନ ଧଳପୁର ଗ୍ରାମପଞ୍ଚାୟତ କାର୍ଯ୍ୟାଳୟରେ ସୋମବାର ଜିଲାପାଳଙ୍କ ଯୁଗ୍ମ ଜନଶୁଣାଣି ଶିବିର ଅନୁଷ୍ଠିତ ହୋଇଯାଇଛି। ଏଥିରେ ଜିଲାପାଳ ବିଭୂତି ଭୂଷଣ ନାୟକ ଯୋଗଦେଇ ଜନଶୁଣାଣି କରିଥିଲେ। ଶିବିରରେ ସମୁଦାୟ ୬୪ଟି ଅଭିଯୋଗ ପଞ୍ଜୀକୃତ ହୋଇଥିବାବେଳେ ସେଥିମଧ୍ୟରୁ ୬୦ଟି ଅଭିଯୋଗ ବ୍ୟକ୍ତିଗତ ଥିବାବେଳେ ୪ଟି ସାମୁହିକ ଥିଲା। ୨୧ଟି ଅଭିଯୋଗର ତତ୍କାଳ ଫଇସଲା କରାଯାଇଥିଲା। ଶିବିରରେ ୩ ଜଣଙ୍କୁ ୧୫ହଜାର ଟଙ୍କାର ଆର୍ଥିକ ସହାୟତା ପ୍ରଦାନ କରାଯାଇଥିଲା। ଜିଲା ଜିଲାସ୍ତରୀୟ ଅଧିକାରୀମାନେ ଉପସ୍ଥିତ ଥିଲେ।



ଜନଶୁଣାଣିରେ ଅଭିଯୋଗ ପାଇଁ ଆସିଥିବା ଲୋକମାନେ।

# ଗାଁ ମୁହାଁ ଗଜରାଜ, ଲୋକେ ଆତଙ୍କିତ

**ହରଭଙ୍ଗା, ୨୩।୩(ନରେନ୍ଦ୍ର ସାହୁ)**

ବୌଦ୍ଧ ଜିଲା ହରଭଙ୍ଗା ବ୍ଲକ ରାମ୍ପିକଟାରେ ଥିବା ବିଡିପିଏଲ କମ୍ପାନୀ ପାର୍ଶ୍ୱରେ ଥିବା ବିଜୁଳିମରା ଗ୍ରାମ୍ୟ ଜଙ୍ଗଲରେ ରବିବାର ବିଳମ୍ବିତ ରାତିରେ ଏକ ହାତୀ ରହିଥିବା ନେଇ ରାମ୍ପିକଟା, ଭରତାପୁର ଓ ତିତିରିକଟା ଗ୍ରାମବାସୀ ଦେଖିବାକୁ ପାଇଥିଲେ। ସୋମବାର ହାତୀଟି ଗୋଟିଏ ବାଇକ୍ ଓ ସାଇକେଲ ଭାଙ୍ଗି ଦେଇଥିଲା। ଫଳରେ ସମ୍ପୂର୍ଣ୍ଣ ଅଞ୍ଚଳବାସୀ ଭୟଭୀତ ହୋଇପଡିଥିଲେ। ଖବର ପାଇ ବୌଦ୍ଧ ବନ ବିଭାଗ କର୍ମଚାରୀ ଘଟଣାସ୍ଥଳରେ ପହଞ୍ଚି ହାତୀକୁ ଘଉଡାଇବାକୁ ଚେଷ୍ଟା କରିଥିଲେ ମଧ୍ୟ ସନ୍ଧ୍ୟା ପର୍ଯ୍ୟନ୍ତ ସଫଳ ହୋଇ ନ ଥିଲେ। ତେବେ ଖରାଦିନ ଯୋଗୁ ଜଙ୍ଗଲରେ ଗଛଗୁଡିକ ପତ୍ରଝଡା ଦେବା ସହ ନିଆଁ ଲାଗିଥିବାରୁ ହାତୀଟି ଖାଦ୍ୟ ପାଇଁ ଗାଁମୁହାଁ ହୋଇଥିବା ଗ୍ରାମବାସୀ କହିଚନ୍ତି। ବର୍ତ୍ତମାନ ହାତୀଟି ତିତିରିକଟା ଗାଁ ମୁଣ୍ଡରେ ରହିଥିବା ବେଳେ ବନ ବିଭାଗ ହାତୀ ଉପରେ ନଜର ରଖିଥିବା ଜଣାପଡିଛି।

# ମେଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ



ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି ବୃନ୍ଦ।

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ଜିଲା ତରଭା ବ୍ଲକ ମେଣ୍ଡା ଆଶ୍ରମ ବିଦ୍ୟାଳୟର ବାର୍ଷିକ ଉତ୍ସବ ପ୍ରଧାନ ଶିକ୍ଷକ ପ୍ରଫୁଲ୍ଲ କୁମାର ଦାସଙ୍କ ସଭାପତିତ୍ୱରେ ଅନୁଷ୍ଠିତ ହୋଇଯାଇଛି। ମୁଖ୍ୟ ଅତିଥି ଭାବେ ମେଣ୍ଡା କ୍ଲଷ୍ଟର ଶିକ୍ଷାଧିକାରୀ ହରିଶ୍ଚନ୍ଦ୍ର ସା, ସମ୍ମାନିତ ଅତିଥି ଭାବେ ବିଦ୍ୟାଳୟ ପରିଚାଳନା କମିଟିର ସଭାପତି କାମଦେବ ଦୀପ ଯୋଗଦେଇ ବଡ ମଣିଷ ହେବା ପାଇଁ ଛାତ୍ରୀଛାତ୍ରଙ୍କୁ କଠିନ ପରିଶ୍ରମ କରିବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସହକାରୀ ଶିକ୍ଷକ ଫଗୁଣ ପଲିଆ ବାର୍ଷିକ ବିବରଣୀ ପାଠ କରିଥିଲେ। ଶିକ୍ଷକ ଜିତେନ୍ଦ୍ରୀୟ କୁମାର ରଣା ମଞ୍ଚ ପରିଚାଳନା କରିଥିଲେ। ସ୍ନିଗ୍ଧାମିତା ରାଣୀ ନନ୍ଦ, ସୁନିତୀ କର୍ମୀ, ପ୍ରିୟଙ୍କା ପ୍ରିୟଦର୍ଶିନୀ ସୁନା ଓ ସୁଷମା ମହାକୁର ସହଯୋଗ କରିଥିଲେ। ଏହି ଅବସରରେ ବିଦ୍ୟାଳୟର ୨୦ କୃତୀ ଛାତ୍ରୀଛାତ୍ରଙ୍କୁ ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା।

# ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱ

## କମଝିପଡା ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ

**ସୋନପୁର, ୨୩।୩(ମୃତ୍ୟୁଞ୍ଜୟ ଶତପଥୀ)**

ସୁବର୍ଣ୍ଣପୁର ସହର ମଝିପଡା ସରକାରୀ ଉଚ୍ଚ ପ୍ରାଥମିକ ବିଦ୍ୟାଳୟର ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ବିଦ୍ୟାଳୟ ପରିଚାଳନା କମିଟି ସଭାପତି ସଞ୍ଜୁକ୍ତା ନାଏକ ଏଥିରେ ଅଧ୍ୟକ୍ଷତା କରିଥିଲେ। ସ୍ଥାନୀୟ କାଉନସିଲର କଇରୁ ସ୍ୱାଇଁ ମୁଖ୍ୟ ଅତିଥିଭାବେ ଯୋଗଦେଇ ସରକାରୀ ବିଦ୍ୟାଳୟ ପ୍ରତି ଛାତ୍ରୀଛାତ୍ରଙ୍କୁ ଅଧିକ ଆକୃଷ୍ଟ କରିବା ଓ ଗୁଣାତ୍ମକ ଶିକ୍ଷା ପ୍ରଦାନ ଉପରେ ଗୁରୁତ୍ୱାରୋପ କରିଥିଲେ। ସିଆରସିସି ବୁଦ୍ଧଦେବ ସା ମୁଖ୍ୟବକ୍ତାଭାବେ ଯୋଗଦାନ କରି ଛାତ୍ରୀଛାତ୍ରଙ୍କୁ ପାଠ ପଢି ଭଲ ମଣିଷ ହେବାକୁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ଭାରପ୍ରାପ୍ତ ପ୍ରଧାନଶିକ୍ଷକ ମିନାକ୍ଷୀ ନାଏକ ବାର୍ଷିକ ବିବରଣୀ ପାଠ କରିଥିଲେ। ସହକାରୀ ଶିକ୍ଷୟିତ୍ରୀ ଜୟଶ୍ରୀ ପଧାନ ସଭା ପରିଚାଳନା କରିଥିଲେ। ଏହି ଅବସରରେ ଚଳିତ ବର୍ଷ ବିଦ୍ୟାଳୟର ବିଜ୍ଞାନ ପ୍ରଦର୍ଶନୀ, ଗଣିତ ମେଳା, ମାତୃଭାଷା ଦିବସ ସମେତ ବିଭିନ୍ନ କ୍ରୀଡା ପ୍ରତିଯୋଗିତାରେ କୃତିତ୍ୱ ଅର୍ଜନ କରିଥିବା ଛାତ୍ରୀଛାତ୍ରଙ୍କୁ ମୁଖ୍ୟ ଅତିଥି ସ୍ୱାଇଁ ପୁରସ୍କୃତ କରିଥିଲେ। ସଭା ପରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଉତ୍ସବ ଆୟୋଜନରେ ବିଦ୍ୟାଳୟର ସହକାରୀ ଶିକ୍ଷୟିତ୍ରୀ ମମତା ଶତପଥୀ, ଗୀତାଞ୍ଜଳି ତାଣ୍ଡି ଓ ଅଞ୍ଜଳି ମହାଣା ସହଯୋଗ କରିଥିଲେ।




ବାର୍ଷିକ ଉତ୍ସବରେ ମଞ୍ଚାସୀନ ଅତିଥି।

# ଶହୀଦ ଦିବସ ଅବସରରେ ପଦଯାତ୍ରା

**ଅମରପାଲି, ୨୩।୩(ପୀତାମ୍ବର ସାହୁ)**

ସୁବର୍ଣ୍ଣପୁର ଜିଲା ଉଲୁଣ୍ଡା ବ୍ଲକରେ ଶହୀଦ ଦିବସ ଅବସରରେ ଏକ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଛି। ଏହି ପଦଯାତ୍ରା ମାଧ୍ୟମରେ ଦେଶର ଶହୀଦମାନଙ୍କ ଅମର ବଳିଦାନକୁ ସ୍ମରଣ କରାଯାଇଥିଲା। ମହାନ ସ୍ୱାଧୀନତା ସଂଗ୍ରାମୀ ଭଗତ ସିଂ, ସୁଖଦେବ ଓ ରାଜଗୁରୁଙ୍କ ଅଦ୍ଭୁତ ବଳିଦାନକୁ ସ୍ମରଣ କରି ଯୁବପିଢିଙ୍କ ମଧ୍ୟରେ ଦେଶପ୍ରେମ, ଏକତା ଓ ଦାୟିତ୍ୱବୋଧକୁ ଜାଗ୍ରତ କରାଯାଇଥିଲା। ଅବସରପ୍ରାପ୍ତ ସେନା ଅଧିକାରୀ ଅମ୍ବିରିଶ ପାଣିଗ୍ରାହୀ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିଲେ। ସେ ତାଙ୍କର ଉଦ୍‌ବୋଧନରେ ଶହୀଦମାନଙ୍କ ବଳିଦାନକୁ ସ୍ମରଣ କରି ଯୁବମାନଙ୍କୁ ଦେଶ ସେବା ଓ ନୈତିକ ମୂଲ୍ୟବୋଧ ପାଳନ ପାଇଁ ପ୍ରେରିତ କରିଥିଲେ।



ପଦଯାତ୍ରାରେ ସାମିଲ ଯୁବତୀ ଯୁବକ।

ଏହି କାର୍ଯ୍ୟକ୍ରମରେ ଧର୍ମ ନିରଞ୍ଜନ ପଣ୍ଡା ମୁଖ୍ୟବକ୍ତାଭାବେ ଯୋଗଦେଇ ଦେଶପ୍ରେମ ଓ ସମାଜସେବାର ଗୁରୁତ୍ୱ ଉପରେ ମତ ରଖିଥିଲେ। ସମ୍ମାନୀତ ଅତିଥି ଭାବେ ଉଲୁଣ୍ଡା ସକ୍ସେସ ଆଇଟି କମ୍ପ୍ୟୁଟର ଏଜୁକେସନ ନିର୍ଦ୍ଦେଶକ ଅଚ୍ୟୁତାନନ୍ଦ ବେହେରା, ଯୁବ ମହାସଂଘ ସଭାପତି ମହେଶ ରଞ୍ଜନ ପୁରୋହିତ, ଅଧ୍ୟାପକ କୈଳାଶ ପୁରୋହିତ, ଏବିଡିଓ ଶୁଭ୍ରାଂଶୁ ଶେଖର ମଲ୍ଲିକ, ସାମାଜିକ କର୍ମୀ ପ୍ରମୋଦ ପଧାନ ଉପସ୍ଥିତ ଥିଲେ। ଶମ୍ଭୁରାଜ କର୍ଣ୍ଣ ଅତିଥି ପରିଚୟ ପ୍ରଦାନ କରିଥିଲେ। ଏହି ପଦଯାତ୍ରାରେ ବହୁ ସଂଖ୍ୟକ ଯୁବତୀ ଯୁବକ ଓ ସ୍ଥାନୀୟ ନାଗରିକମାନେ ଯୋଗଦେଇ ଦେଶପ୍ରେମର ସନ୍ଦେଶକୁ ପ୍ରଚାର କରିଥିଲେ। ଡ. ହୃଷୀକେଶ ଦେହେରୀ ଧନ୍ୟବାଦ ଅର୍ପଣ କରିଥିଲେ।

# ସମ୍ବଲପୁର ସହରରେ ନାହିଁ ପାଦଚଲା ରାସ୍ତା



ସମ୍ବଲପୁର, ୨୩।୩ (ଭବାନୀ ଶଙ୍କର ଭୋଇ)

ସହରର ବ୍ୟସ୍ତ ଜୀବନ ଭିତରେ ସ୍ୱାସ୍ଥ୍ୟ ପାଇଁ ସକାଳେ ଏବଂ ସନ୍ଧ୍ୟାରେ ଅନେକେ ଲୋକ ଚାଲିବା ଅଭ୍ୟାସ ରଖିଛନ୍ତି । ତେବେ ସମ୍ବଲପୁର ଭଳି ସହରରେ ଆବଶ୍ୟକ ପାଦଚଲା ରାସ୍ତା ବା ଫୁଟପାଥ ନାହିଁ। ସମ୍ବଲପୁର ମହାନଗର ନିଗମ କିମ୍ବା ପୂର୍ତ୍ତ ବିଭାଗ ଯେ ସହରରେ ଫୁଟପାଥ ନିର୍ମାଣ ପାଇଁ ଅର୍ଥ ବ୍ୟୟ କରୁନାହିଁ ସେକଥା ନୁହେଁ। ହେଲେ ସହରର ରାସ୍ତାକଡରେ ନିର୍ମାଣ ହୋଇଥିବା କୌଣସି ଗୋଟିଏ ଫୁଟପାଥ ବ୍ୟବହାର ଯୋଗ୍ୟ ହୋଇପାରୁ ନ ଥିବା ଅଭିଯୋଗ ହୋଇଥାଏ। ସେଥିପାଇଁ

## ଫୁଟ୍‌ପାଥ ପାଇଁ ଖର୍ଚ୍ଚ ହେଉଛି ଟଙ୍କା

କୋଟିକୋଟି ଟଙ୍କା ବ୍ୟୟରେ ନିର୍ମାଣ ହେଉଥିବା ଫୁଟପାଥ ଅଦରକାରୀ ହୋଇ ପଡିଛି କିମ୍ବା ଲୋକଙ୍କ ଦୋକାନ ସାମଗ୍ରୀ ପ୍ରଦର୍ଶନ ପାଇଁ ଉପଯୋଗ ହେଉଥିବା ଅଭିଯୋଗ ହେଉଛି। ଏହି କାରଣରୁ ସକାଳ ଓ ସାନ୍ଧ୍ୟ ଭ୍ରମଣ ସହ ଚାଲି କରି ଯାଉଥିବା ଲୋକେ ବହୁ ସମୟରେ ଦୁର୍ଘଟଣାର ଶିକାର ହେଉଛନ୍ତି। ଏହାକୁ ନେଇ ଏକ ଉପସ୍ଥାପନା।

### ସେମାନେ ଯାହା କହନ୍ତି...



"ଚନ୍ଦ୍ରଶେଖର ବେହେରା ଜିଲାସ୍କୁଲ ସାମନାରେ ରହିଥିବା ଫୁଟପାଥରେ ପୂର୍ତ୍ତ ବିଭାଗ ପକ୍ଷରୁ ଟାଇଲ ଲଗାଯିବା ସହ ଲୁହା ରେଲିଂ ବ୍ୟବସ୍ଥା କରାଯାଇଛି। ହେଲେ ଫୁଟ୍‌ପାଥ ମଝିରେ ସ୍ଲାବ ବସା ଯାଇ ନ ଥିବାରୁ ଲକ୍ଷାଧିକ ଟଙ୍କା ଖର୍ଚ୍ଚ ସତ୍ତ୍ୱେ ଛାତ୍ରୀଛାତ୍ର ସେହି ଫୁଥପାଥରେ ଯାତାୟାତ କରିପାରୁ ନାହାନ୍ତି ।

-ବିରଞ୍ଚି ନାରାୟଣ ନାୟକ, ମୁଦିପଡା



"ସହରର କୌଣସି ଗୋଟିଏ ଫୁଟପାଥ ଚାଲିବା ଉପଯୋଗୀ ହୋଇ ରହିନାହିଁ। ବହୁ ସ୍ଥାନରେ ଦୋକାନୀମାନେ ଫୁଟପାଥକୁ ନିଜ ସାମଗ୍ରୀ ପ୍ରଦର୍ଶନୀ ପାଇଁ ବ୍ୟବହାର କରୁଛନ୍ତି। ତେଣୁ ସହରର ଟ୍ରାଫିକ ସମସ୍ୟା ଏବଂ ଯାତାୟାତକୁ ସୁଗମ କରିବାକୁ ହେଲେ ଫୁଟପାଥଗୁଡିକୁ ବ୍ୟବହାର ଉପଯୋଗୀ କରିବା ଜରୁରୀ ହୋଇପଡିଛି ।

-କ୍ଷୀତିଶ ବିଶ୍ୱାଳ, ପଣ୍ଡିତ ଲକ୍ଷ୍ମୀନାରାୟଣ ବାସିନ୍ଦା



"ଡ୍ରେନ ଢଙ୍କାଯାଇ ପାଦଚଲା ରାସ୍ତା ନିର୍ମାଣ କରାଯାଇଛି। ଫୁଟପାଥରେ ଟାଇଲ ଲଗାଯାଇଛି। ହେଲେ ଫୁଟପାଥ ମଝି ମଝିରେ ଡ୍ରେନ ଖୋଲା ପଡିଥିବାରୁ ଫୁଟପାଥରେ ଚାଲିବା ବିପଦପୂର୍ଣ୍ଣ। ସେଥିପାଇଁ ଲୋକେ ଫୁଟ୍‌ପାଥ ଛାଡି ରାସ୍ତକଡରେ ଚାଲିବାକୁ ବାଧ ହେଉଛନ୍ତି । ଡ୍ରେନ ମୁକୁଳା ଥିବାବେଳେ ଟାଇଲ କାହିଁକି ପକା ଯାଇଛି ତାହା ବୁଝା ପଡୁନାହିଁ ।

-ପ୍ରଦୀପ କିଶୋର ସୁଶାରୀ, ଲକ୍ଷ୍ମୀ ଟକିଜ ନିକଟ ଗ୍ରୀନପାର୍କ



"ସହରରେ ଟ୍ରାଫିକ ସମସ୍ୟା ଦୂର କରିବା ସହ ଲୋକଙ୍କ ସୁରକ୍ଷା ପାଇଁ ରାସ୍ତାକଡରେ ଡ୍ରେନ ଉପରେ କଭର କରାଯାଇ ଫୁଟପାଥ ନିର୍ମାଣ କରାଯାଉଛି। ମୁଖ୍ୟ ରାସ୍ତାଗୁଡିକ ପୂର୍ତ୍ତ ବିଭାଗ ପକ୍ଷରୁ ନିର୍ମାଣ କରାଯାଉଛି । ତେବେ ନିର୍ମାଣ କରାଯାଉଥିବା ଫୁଟପାଥ ଉପଯୋଗ ହେଉ ନ ଥିବା ବିଷୟରେ ପୂର୍ତ୍ତ ବିଭାଗ ସହ ଆଲୋଚନା କରାଯାଇ ପଦକ୍ଷେପ ନିଆଯିବ।

- ରେହାନ କ୍ଷତ୍ରୀ, ସମ୍ବଲପୁର ମହାନଗର ନିଗମ କମିଶନର

# ଡଇଁଚା ପ୍ରାଥମିକ କୃଷି ସମବାୟ ସମିତି ବାର୍ଷିକ ସଭା

ନାକଟିଦେଉଳ, ୨୩।୩ (ବୈକୁଣ୍ଠନାଥ ସାହୁ)

ସମ୍ବଲପୁର ଜିଲା ନାକଟିଦେଉଳ ବ୍ଲକ ଡଇଁଚା ପ୍ରାଥମିକ କୃଷି ସମବାୟ ସମିତିର ବାର୍ଷିକ ସାଧାରଣ ସଭା ସୋମବାର ଅନୁଷ୍ଠିତ ହୋଇଯାଇଛି। ହିନ୍ତରାଇ ଗ୍ରାମ ତେନ୍ତୁଳିପଦାଠାରେ ଆୟୋଜିତ ଏହି ବୈଠକରେ ସମିତି ସ୍ଥାୟୀ ସଭାପତି ପ୍ରହଲାଦ ବେହେରା ଅଧ୍ୟକ୍ଷତା କରିଥିଲେ। ଅତିଥିଭାବେ ସମ୍ବଲପୁର ଜିଲା ସମବାୟ ବ୍ୟାଙ୍କ ନାକଟିଦେଉଳ ଶାଖା ପରିଚାଳକ ଅନିଲ କୁମାର ବେହେରା, ନିରୀକ୍ଷକ ନିହାର ରଞ୍ଜନ ସାହୁ, ରେଢ଼ାଖୋଲ ସମବାୟ ସମୂହ ନିବନ୍ଧକ ଡମ୍ବରୁଧର ନାଏକ, ଡଇଁଚା କୃଷି ଅଧିଦର୍ଶକ ଜିତେନ୍ଦ୍ର କୁମାର ଦେବତା ଅତିଥିଭାବେ ଯୋଗଦେଇଥିଲେ। ସମିତି ସମ୍ପାଦକ ଆର୍ତ୍ତତ୍ରାଣ ରାଉଳ ବାର୍ଷିକ ବିବରଣୀ ପାଠ କରିବା ସହ ୨୦୨୫-୨୬ ଆୟ ବ୍ୟୟ ଅଟକଳ ଏବଂ ୨୦୨୬-୨୭ ଆର୍ଥିକ ବର୍ଷର ବଜେଟ ଉପସ୍ଥାପନା କରିଥିଲେ। ଏହି ବୈଠକରେ ମୁଖ୍ୟତଃ କୃଷି ଋଣ ଲଗାଣ ଓ ଅସୁଲି ଉପରେ ଗୁରୁତ୍ୱାରୋପ କରାଯାଇଥିବା ବେଳେ ଠିକ ସମୟରେ ଋଣ ନେଇ ନିର୍ଦ୍ଧାରିତ ସମୟ ସୀମା ମଧ୍ୟରେ ଋଣ ପରିଶୋଧ କରି ସମିତିକୁ ଆଗକୁ ନେବା ଦିଗରେ ସମସ୍ତେ ଯତ୍ନବାନ ହେବାକୁ ଆହ୍ୱାନ ଦିଆଯାଇଥିଲା। ଏଥି ସହିତ ଚାଷୀ ମାନଙ୍କ ବିଭିନ୍ନ ଅଭାବ ଅସୁବିଧା ସମ୍ପର୍କରେ ଚାଷୀମାନେ ଅଭିଯୋଗ କରିଥିଲେ। ସଠିକ ସମୟରେ ସାର ଯୋଗାଣ ସହ ତରଳ ସାର ଯୋଗାଣକୁ ଚାଷୀମାନେ ବିରୋଧ କରିଥିଲେ। ଅନ୍ୟମାନଙ୍କ ମଧ୍ୟରେ ସମିତି ଉପସଭାପତି ଜପାଗନା ପ୍ରଧାନ, ନିର୍ଦ୍ଦେଶକ ଯତୀନ୍ଦ୍ର କୁମାର ପ୍ରଧାନ, ସୁବଳ ସାହୁ, ବାଇ ମାଝୀ, ଦଶରଥ କିସାନ, ବଟକୃଷ୍ଣ ପ୍ରଧାନ, ବାସୁଦେବ ଦେହୁରୀ ଏବଂ ତ୍ରିପୁରା ପ୍ରଧାନ ଯୋଗଦେଇ ବିଭିନ୍ନ ପ୍ରସଙ୍ଗରେ ଆଲୋଚନା କରିଥିଲେ। କାର୍ଯ୍ୟକ୍ରମରେ ସମିତି ସହସମ୍ପାଦକ ସୁଦର୍ଶନ ସାହୁ, କର୍ମଚାରୀ ଯୋଗେଶର ପ୍ରଧାନ, ଜୟନ୍ତ ଗଡ଼ନାୟକ, ରିଙ୍କୁ ସାହୁ, ଚିନ୍ମୟ ଦେହୁରୀ, ଗିରିଜା ଶଙ୍କର ଦେହୁରୀ, ରୁଦ୍ର ଦେହୁରୀ ଏବଂ ନୂତନ ସାହୁ ପ୍ରମୁଖ ସହଯୋଗ କରିଥିଲେ।

# ବନ ହେଉଛି ଜୀବନର ଆଧାର




ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ଟିପିଡବ୍ଲ୍ୟୁଓଡିଏଲ ଆୟୋଜିତ ଅନ୍ତର୍ଜାତୀୟ ବନ ଦିବସରେ ଅତିଥି ଓ ପ୍ରତିନିଧିମାନେ ।

## ଟିପିଡବ୍ଲ୍ୟୁଓଡିଏଲ୍ ପକ୍ଷରୁ ଅନ୍ତର୍ଜାତୀୟ ବନ ଦିବସ

ସମ୍ବଲପୁର, ୨୩।୩ (ବି.ଶଙ୍କର)

ଟିପିଡବ୍ଲ୍ୟୁଓଡିଏଲର ସାମାଜିକ ଦାୟିତ୍ୱବୋଧ ଏବଂ ପରିବେଶ ବିଭାଗ ପକ୍ଷରୁ ଅନ୍ତର୍ଜାତୀୟ ବନ ଦିବସ ସୋମବାର ଦେବ୍ରିଗଡ଼ ବନ୍ୟପ୍ରାଣୀ ଅଭୟାରଣ୍ୟରେ ପାଳିତ ହୋଇଛି। ଅଭୟାରଣ୍ୟ ରେଞ୍ଜର ରାଜେଶ କୁମାର ମହାକୁଡ଼ ମୁଖ୍ୟ ଅତିଥିଭାବେ ଯୋଗଦେଇ କହିଥିଲେ, ବନ ହେଉଛି ଜୀବନର ଆଧାର, ଯାହା ମାନବ ଓ ପ୍ରାଣୀଜଗତ ଉଭୟଙ୍କୁ ଧାରଣ କରିଥାଏ। ବନ ସୁରକ୍ଷା, ବନ୍ୟପ୍ରାଣୀ ସୁରକ୍ଷା, ପରିବେଶ ସଂରକ୍ଷଣ ଏବଂ ଭବିଷ୍ୟତ ପିଢ଼ି ପାଇଁ ପରିବେଶଗତ ସ୍ଥାୟିତ୍ୱକୁ ପ୍ରୋତ୍ସାହିତ କରିବା ଉପରେ ସେ ଜୋର ଦେଇଥିଲେ। ଟାଟା ଭଲଣ୍ଟିୟରିଂ ସପ୍ତାହର ୨୫ତମ ସଂସ୍କରଣ ଅଧିନରେ ପ୍ରକୃତି ଭ୍ରମଣ କାର୍ଯ୍ୟକ୍ରମରେ କମ୍ପାନୀର ବରିଷ୍ଠ ଅଧିକାରୀ, କର୍ମଚାରୀ, ସ୍ୱେଚ୍ଛାସେବୀ ଏବଂ ତାଙ୍କ ପରିବାର ସଦସ୍ୟମାନେ ଯୋଗଦେଇ ବନର ସୌନ୍ଦର୍ଯ୍ୟ ଓ ଗୁରୁତ୍ୱକୁ ଉତ୍ସବ ମୁଖର ଭାବେ ପାଳନ କରିଥିଲେ। କାର୍ଯ୍ୟକ୍ରମରେ ଅଂଶଗ୍ରହଣକାରୀ ଜଙ୍ଗଲ ମାର୍ଗ ଦେଇ ପଦଯାତ୍ରା କରି ଦେବ୍ରିଗଡ଼ର ସମୃଦ୍ଧ ଜୈବ ବିବିଧତାକୁ ପରିଦର୍ଶନ କରିଥିଲେ। ସେମାନେ ବନ୍ୟପ୍ରାଣୀ ଓ ବିଭିନ୍ନ ପ୍ରଜାତିର ଉଦ୍ଭିଦକୁ ନିକଟରୁ ଦେଖିବା, ଅବଲୋକନ କରିବା ସହିତ ଜଙ୍ଗଲ ସଂରକ୍ଷଣର ଗୁରୁତ୍ୱ ଉପରେ ଅଧିକ ଜାଣିବାକୁ ପାଇଥିଲେ। ସେହିପରି ଅଂଶ ଗ୍ରହଣକାରୀମାନେ ନିକଟସ୍ଥ ଗ୍ରାମଗୁଡ଼ିକୁ ପରିଦର୍ଶନ କରିଥିଲେ। ସେହିପରି ହୀରାକୁଦ ଡ୍ୟାମ କିପରି କୃଷିକୁ ଅବଦାନ ଦିଏ, ଜୀବିକାକୁ ସମର୍ଥନ କରେ ଏବଂ ବିକାଶ ଓ ପରିବେଶଗତ ସ୍ଥାୟିତ୍ୱ ମଧ୍ୟରେ ସନ୍ତୁଳନ ବଜାୟ ରଖି ପରିବେଶ ପର୍ଯ୍ୟଟନକୁ ପ୍ରୋତ୍ସାହିତ କରେ ତାହା ପ୍ରଦର୍ଶିତ ହୋଇଥିଲା।

# ଗାଡ଼ିଧକ୍କାରେ ବାଇକ୍ ଆରୋହୀ ମୃତ

ସମ୍ବଲପୁର, ୨୩।୩ (ପ୍ରମୋଦ ବହିଦାର)

ସମ୍ବଲପୁର ସଦର ଥାନା ଅନ୍ତର୍ଗତ ଜାତୀୟ ରାଜପଥ-୫୩ର କେନ୍ଦୁଘାଟି ନିକଟରେ ସୋମବାର ଅପରାହ୍ନ ପ୍ରାୟ ୫ଟାରେ ଏକ ସଡ଼କ ଦୁର୍ଘଟଣା ଘଟିଛି। ଏକ ଗାଡ଼ି ଧକ୍କାରେ ଜଣେ ବାଇକ୍ ଆରୋହୀଙ୍କ ମୃତ୍ୟୁ ଘଟିଥିବା ବେଳେ ଅନ୍ୟଜଣେ ଗୁରୁତର ଆହତ ହୋଇଛନ୍ତି। ମୃତକ ସିନ୍ଦୁରପଙ୍କ ରେଳଲାଇନ ପଡ଼ାର ମଣ୍ଟୁ ମାଝୀ(୩୨) ଏବଂ ଆହତ ମେଘପାଳ ଅଞ୍ଚଳର ବିଜୁ ମିର୍ଦ୍ଧା(୩୦)। ପୋଲିସ ସୂତ୍ରରୁ ମିଳିଥିବା ସୂଚନା ଅନୁସାରେ ମଣ୍ଟୁ ଏବଂ ବିଜୁ ବାଇକ୍(ନଂ.ଓଡି-୧୫-ଏଡି-୭୯୫୨)ରେ ଯାଉଥିବା ବେଳେ କେନ୍ଦୁଘାଟି ନିକଟରେ ବିପରୀତ ଦିଗରୁ ଆସୁଥିବା ଏକ ଗାଡ଼ି ସେମାନଙ୍କୁ ଧକ୍କା ଦେଇଥିଲା। ଦୁର୍ଘଟଣା ଘଟାଇ ଡ୍ରାଇଭର ଗାଡିକୁ ନେଇ ପଳାଇ ଯାଇଥିଲେ। ସ୍ଥାନୀୟ ଲୋକେ ସେମାନଙ୍କୁ ଉଦ୍ଧାର କରି ଭିମ୍‌ସାର ପଠାଇ ପୋଲିସକୁ ଖବର ଦେଇଥିଲେ। ତେବେ ସେଠାରେ ଡାକ୍ତ ମଣ୍ଟୁଙ୍କୁ ମୃତ ଘୋଷଣା କରିଥିଲେ। ବିଜଙ୍କେ ଚିକିତ୍ସା ଚାଲିଛି। ପୋଲିସ ଦୁର୍ଘଟଣାଗ୍ରସ୍ତ ବାଇକ୍‌କୁ ଜବତ କରିଛି। ସିସି କ୍ୟାମେରା ଯାଞ୍ଚ ପୂର୍ବକ ଦୁର୍ଘଟଣା ଘଟାଇ ପଳାଇ ଥିବା ଗାଡ଼ିକୁ ଠାବ କରିବାକୁ ପୋଲିସ ପ୍ରୟାସ ଜାରି ରଖିଛି।

# ବିଶ୍ୱ ଜଳ ଦିବସ ପାଳିତ



ଆୟୋଜିତ ବିଶ୍ୱ ଜଳ ଦିବସରେ ଅତିଥି, ଅଧିକାରୀ ଓ କର୍ମଚାରୀମାନେ ।

ସମ୍ବଲପୁର, ୨୩।୩ (ବି.ଶଙ୍କର)

ହିଣ୍ଡାଲକୋ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ ହୀରାକୁଦ ପାୱାର ଏବଂ ସ୍ମେଲଟରରେ ବିଶ୍ୱ ଜଳ ଦିବସ ସୋମବାର ପାଳିତ ହୋଇଛି । କାର୍ଯ୍ୟକ୍ରମରେ ୟୁନିଟ୍ ମୁଖ୍ୟ ସୁମିତ ମୁଖର୍ଜୀ, ସିପିପି ପ୍ଲାଣ୍ଟ ମୁଖ୍ୟ ଅରୁଣ କୁମାର ସିଂହ, ସ୍ମେଲଟର ପ୍ଲାଣ୍ଟ ମୁଖ୍ୟ ପ୍ରତାପ ସାହୁ, ଜଳ ଟାସ୍କଫୋର୍ସ ଅଧ୍ୟକ୍ଷ ଶୈଳେନ୍ଦ୍ର ପାଣ୍ଡେ ଏବଂ ପରିବେଶ ବିଭାଗ ମୁଖ୍ୟ ରଞ୍ଜନ କୁମାର ଜେନା ଉପସ୍ଥିତ ଥିଲେ। ସେମାନେ ଶିଳ୍ପ କାର୍ଯ୍ୟକଳାପ ଓ ପାର୍ଶ୍ୱବର୍ତ୍ତୀ ଅଞ୍ଚଳରେ ଜଳର ଦାୟିତ୍ୱପୂର୍ଣ୍ଣ ବ୍ୟବହାର, ଜଳ ସଂରକ୍ଷଣ ଉଦ୍ୟମ ଏବଂ ଦୀର୍ଘକାଳୀନ ଜଳ ସୁରକ୍ଷାର ଆବଶ୍ୟକତା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ବକ୍ତାମାନେ କହିଥିଲେ, ସୁରକ୍ଷିତ ପାନୀୟ ଜଳ ଓ ପରିଷ୍କାରତାର ସମାନ ପ୍ରବେଶ ସାମାଜିକ ସମାନତା ଏବଂ ସମାବେଶୀ ବିକାଶ ପାଇଁ ଆବଶ୍ୟକ। ଚଳିତ ବର୍ଷର ବିଶ୍ୱ ଜଳ ଦିବସର ବାର୍ତ୍ତା(ଥିମ) ଜଳ ଏବଂ ଲିଙ୍ଗ ସମାନତା ଯେଉଁଠି ଜଳ ବହେ, ସେଠି ସମାନତା ବୃଦ୍ଧି ପାଏ ରହିଥିଲା । ସହାୟକ ପରିବେଶ ଯନ୍ତ୍ରୀ ରାକେଶ କୁମାର ପାଣ୍ଡା, ସହାୟକ ପରିବେଶ ବୈଜ୍ଞାନିକ ମନୋରଞ୍ଜନ ପ୍ରଧାନ ସଚେତନତାର ବାର୍ତ୍ତା ଦେଇଥିଲେ । ସମ୍ବଲପୁର ସ୍ଥିତ ରାଜ୍ୟ ପ୍ରଦୂଷଣ ନିୟନ୍ତ୍ରଣ ବୋର୍ଡ ସହଯୋଗରେ କାର୍ଯ୍ୟକ୍ରମ ହୋଇଥିଲା । କାର୍ଯ୍ୟକ୍ରମର ଶେଷରେ ଜଳ ସମ୍ପଦ ସୁରକ୍ଷା, ସମାନତା ଏବଂ ଦାୟିତ୍ୱପୂର୍ଣ୍ଣ ପରିବେଶ ପରିଚାଳନା ପ୍ରତି ସଙ୍କଳ୍ପ କରାଯାଇଥିଲା ।

# ଭତ୍ରାରେ ଶହୀଦ ଦିବସରେ ପଦଯାତ୍ରା

ସମ୍ବଲପୁର, ୨୩।୩ (ବି.ଶଙ୍କର)

ସମ୍ବଲପୁର ସହର ଉପକଣ୍ଠ ଭାତ୍ରା ଅଞ୍ଚଳରେ ଶହୀଦ ଦିବସରେ ସୋମବାର ସ୍ୱତନ୍ତ୍ର ସେବା କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି । ସମ୍ବଲପୁର ମେରା ଯୁବ ଭାରତ, ଜୟ ମା' ମଙ୍ଗଳା କ୍ରିକେଟ କ୍ଲବର ମିଳିତ ଆନୁକୂଲ୍ୟରେ କାର୍ଯ୍ୟକ୍ରମ ଆୟୋଜିତ ହୋଇଥିଲା । ସ୍ୱାଧୀନତା ସଂଗ୍ରାମର ତିନି ବୀର ସନ୍ତାନ ଭଗତ ସିଂହ, ରାଜଗୁରୁ ଏବଂ ସୁଖଦେବଙ୍କୁ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରାଯାଇଛି । ଏହିକ୍ରମରେ ଜୟ ମା' ମଙ୍ଗଳା କ୍ରିକେଟ କ୍ଲବର ସଦସ୍ୟମାନେ ଏବଂ ଅଞ୍ଚଳର ଶତାଧିକ ଯୁବକ ଦେଶପ୍ରେମର ଭାବନା ଏବଂ ସାମାଜିକ ଦାୟିତ୍ୱବୋଧକୁ ଆଧାର କରି ଭାତ୍ରା ଅଞ୍ଚଳକୁ ସ୍ୱଚ୍ଛ କରିଥିଲେ । ଏଥିସହ ଅଞ୍ଚଳର ସାମୂହିକ ବିକାଶ ପାଇଁ ଶପଥ ନେଇଥିଲେ । ସେହିପରି ଯୁବତୀ, ଯୁବକମାନେ ପଦଯାତ୍ରା ସାମିଲ ହୋଇ ଶହୀଦମାନଙ୍କ ବଳିଦାନକୁ ଅଞ୍ଚଳବାସୀଙ୍କୁ ସଚେତନ କରିଥିଲେ ।

# ଭାଜପା ପ୍ରଶିକ୍ଷଣ ଶିବିର ଉଦ୍‌ଯାପିତ

କୁଚିଣ୍ଡା, ୨୩।୩ (ବିରଞ୍ଚି ଦର୍ଶା)

ସମ୍ବଲପୁର ଜିଲା କୁଚିଣ୍ଡା କଲେଜ ପ୍ରେକ୍ଷାଳୟରେ ଚାଲିଥିବା ଭାଜପା ନଗର ମଣ୍ଡଳ ପକ୍ଷରୁ ଦୀନଦୟାଲ ଉପାଧ୍ୟାୟ ପ୍ରଶିକ୍ଷଣ ଶିବିର ସୋମବାର ଅପରାହ୍ନରେ ଉଦ୍‌ଯାପିତ ହୋଇଯାଇଛି। ଏହି ଶିବିରରେ ମୋଟ ୮ଟି ଅଧିବେଶନ ହୋଇଥିଲା। ଭାରତକୁ କିଭଳି ଏକ ବିକଶିତ ରାଷ୍ଟ୍ର ଭାବେ ପରିଣତ କରାଯିବ ଓ ସରକାରଙ୍କ ନୀତି ଆଦର୍ଶ ଉପରେ ଆଲୋକପାତ କରାଯାଇଥିଲା। ଆଗାମୀ ନିର୍ବାଚନରେ ଭାଜପା କିଭଳି ଭଲ ପ୍ରଦର୍ଶନ କରିବ ସେ ନେଇ କାର୍ଯ୍ୟକର୍ତ୍ତାଙ୍କୁ ଶିକ୍ଷା ଦିଆଯାଇଥିଲା। ନଗର ମଣ୍ଡଳ ସଭାପତି ପ୍ରାଣବନ୍ଧୁ ନାଥଙ୍କ ସଭାପତିତ୍ୱରେ ହୋଇଥିବା ଉଦ୍‌ଯାପନୀ କାର୍ଯ୍ୟକ୍ରମରେ ଜିଲା ପରିଷଦ ସଭ୍ୟ ଦିବ୍ୟରାଜ କିଷାନ, ପୂର୍ବତନ ଜିଲା ପରିଷଦ ସଭ୍ୟ ରୁଦ୍ରପ୍ରତାପ ଦେଓ, ଜିଲା ସମ୍ପାଦକ ବିଭୂତି କଲ୍ୟାଣ ପଟେଲ ଯୋଗଦେଇଥିଲେ। ନଗର ମଣ୍ଡଳ ସାଧାରଣ ସମ୍ପାଦକ ମହେଶ ରାୟ ସଭା ପରିଚାଳନା କରିଥିଲେ।

# ବଳିଦାନ ଦିବସରେ ରକ୍ତଦାନ ଶିବିର

ସମ୍ବଲପୁର, ୨୩।୩ (ପ୍ରମୋଦ ବହିଦାର)

ସହିଦ ଭଗତ ସିଂ, ରାଜଗୁରୁ ଓ ସୁଖଦେବଙ୍କ ବଳିଦାନ ଦିବସ ଅବସରରେ ସେବା ଭାରତୀ ପଶ୍ଚିମ ପ୍ରାନ୍ତ ତରଫରୁ ସ୍ଥାନୀୟ ଭୀମ ଭୋଇ କଲ୍ୟାଣ ମଣ୍ଡପରେ ଏକ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇଯାଇଛି। ଶିବିରରେ ୩୮ ୟୁନିଟ୍ ରକ୍ତ ସଂଗୃହୀତ ହୋଇଥିଲା। ମୁଖ୍ୟଅତିଥି ଭାବେ ଜିଏମ୍‌ୟୁ କୁଳପତି ସୁଶାନ୍ତ କୁମାର ସାହୁ ଯୋଗଦେଇ କାର୍ଯ୍ୟକ୍ରମର ଶୁଭାରମ୍ଭ କରିଥିଲେ। ସମ୍ମାନୀତ ଅତିଥିଭାବେ କାର୍ତ୍ତିକ ଚନ୍ଦ୍ର ବହିଦାର, ଡ. ସଞ୍ଜୀବ କୁମାର ମିଶ୍ର ଓ ମାନସ ରଞ୍ଜନ ମିଶ୍ର ଉପସ୍ଥିତ ଥିଲେ। ପ୍ରାରମ୍ଭରେ ଭାରତୀର ମହାନଗର ସଭାପତି ବିବେକାନନ୍ଦ ଦାଶ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ମହାନଗର ସଂଘଚାଳକ ଗୋବିନ୍ଦ ଅଗ୍ରୱାଲ, ଡ. ପ୍ରଭାସ ଦେବତା, ରାମଦାସ ପଣ୍ଡା ଓ ସୁଧୀର ବହିଦାର ପ୍ରମୁଖ ଉପସ୍ଥିତ ରହି ରକ୍ତଦାତାମାନଙ୍କୁ ଉତ୍ସାହିତ କରିଥିଲେ। ବିଶ୍ୱରଞ୍ଜନ ଜେନା ସଭା ପରିଚାଳନା କରିଥିଲେ। ହୃଷୀକେଶ ନାଗ ଶିବର ଆୟୋଜନରେ ପ୍ରମୁଖ ଭୂମିକା ଗ୍ରହଣ କରିଥିଲେ।

# ସମ୍ବଲପୁର ମଣ୍ଡଳ କାରାଗାରରେ ପୋଲିସ ଚଢ଼ାଉ

ସମ୍ବଲପୁର, ୨୩।୩ (ପ୍ରମୋଦ ବହିଦାର)

ସମ୍ବଲପୁର ମଣ୍ଡଳ କାରାଗାରରେ ସୋମବାର ସକାଳେ ଉପଜିଲାପାଳ ଡା. ପୁଷ୍ପାଞ୍ଜଳି ପଣ୍ଡାଙ୍କ ଉପସ୍ଥିତିରେ ଚଢ଼ାଉ କରାଯାଇଥିଲା। ୨ଜଣ ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର ଓ ଶ୍ରୀମନ୍ତ ବାରିକ, ଏସ୍‌ଡିପିଓ ତୋଫାନ ବାଗଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଏକ ଟିମ୍ ପକ୍ଷରୁ ଜେଲର ପ୍ରତି କୋଠରି, ଶୌଚାଳୟ ଆଦି ଯାଞ୍ଚ କରାଯାଇଥିଲା। ଯାଞ୍ଚ ପରେ ଉପଜିଲାପାଳ ପଣ୍ଡା ଗଣମାଧ୍ୟମକୁ ସୂଚନା ଦେଇ କହିଛନ୍ତି, କାରାଗାର ଭିତରୁ କୌଣସି ପ୍ରକାରର ମାଦକ ଦ୍ରବ୍ୟ କିମ୍ବା ଅନ୍ୟ କୌଣସି ଆପତ୍ତିଜନକ ସାମଗ୍ରୀ ମିଳିନାହିଁ। ସେ କହିଛନ୍ତି, ଏହା ଏକ ଗୋପନୀୟ ପ୍ରକ୍ରିୟା ଥିଲା। ଜେଲ୍ ଭିତରେ ବିଭିନ୍ନ ବେଆଇନ କାରବାର ଚାଲୁଥିବା ନେଇ ଗୁପ୍ତ ସୂଚନା ମିଳିବା ପରେ ପୋଲିସ ପକ୍ଷରୁ ଏହି ପଦକ୍ଷେପ ନିଆଯାଇଥିଲା ବୋଲି ଅତିରିକ୍ତ ଏସ୍‌ପି ଅଜୟ କୁମାର ମିଶ୍ର କହିଛନ୍ତି। ଏହି ଚଢାଉରେ ୫ଟି ଥାନାର ଭାରପ୍ରାପ୍ତ ଅଧିକାରୀ, ୧୫ ଜଣ ଇନ୍ସପେକ୍ଟରଙ୍କ ସମେତ ପୋଲିସ୍ ବାହିନୀ ସାମିଲ ଥିଲା। ସମ୍ବଲପୁର ମଣ୍ଡଳ ଜେଲ ସହ କୁଚିଣ୍ଡା ଓ ରେଢ଼ାଖୋଲ ଉପଖଣ୍ଡ ଜେଲରେ ମଧ୍ୟ ସମାନ ଧରଣର ଚଢ଼ାଉ ହୋଇଛି ବୋଲି ସେ କହିଛନ୍ତି।

# ଧର୍ମପ୍ରାଣା ସୈରେନ୍ଦ୍ରୀ ବୈଠାରୁଙ୍କ ପରଲୋକ

ସମ୍ବଲପୁର, ୨୩।୩ (ବି.ଶଙ୍କର)

ଧର୍ମପ୍ରାଣା ମହିଳା ସୈରେନ୍ଦ୍ରୀ ବୈଠାରୁଙ୍କ ସୋମବାର ଅପରାହ୍ନ ୧ଟାରେ ସମ୍ବଲପୁର



ସହର ମାଳିପଡାସ୍ଥିତ ବାସଭବନରେ ପରଲୋକ ହୋଇଛି। ମୃତ୍ୟୁବେଳକୁ ତାଙ୍କୁ ୭୯ ବର୍ଷ ହୋଇଥିଲା। ବହୁ ଆତ୍ମୀୟ ସ୍ୱଜନ, ବନ୍ଧୁ ପରିଜନ ଓ ବିଭିନ୍ନ ବର୍ଗର ବ୍ୟକ୍ତିବିଶେଷ ତାଙ୍କର ଶେଷ ଦର୍ଶନ କରିଥିଲେ। ସମ୍ବଲପୁର ରାଜଘାଟଠାରେ ତାଙ୍କର ଶେଷକୃତ୍ୟ ସମ୍ପନ୍ନ ହୋଇଛି। ମଝିଆ ପୁତ୍ର ତଥା ସମ୍ବଲପୁରର ବରିଷ୍ଠ ବିଜ୍ଞାପନ ଅଧିକାରୀ ପ୍ରଭଞ୍ଜନ ବୈଠାରୁମୁଖାଗ୍ନି ଦେଇଥିଲେ। ସୂଚନାଯୋଗ୍ୟ ଯେ, ଗତ ମାର୍ଚ୍ଚ ୨ ତାରିଖ ବିଳମ୍ବିତ ରାତିରେ ସୈରେନ୍ଦ୍ରୀଙ୍କ ସ୍ୱାମୀ ପି. କୃଷ୍ଣଚନ୍ଦ୍ର ବୈଠାରୁଙ୍କ ପରଲୋକ ହୋଇଯାଇଥିଲା।

# ରେଙ୍ଗାଲି ପିଏଚ୍‌ସିକୁ ଆମ୍ବୁଲାନ୍ସ ପ୍ରଦାନ କାର୍ଯ୍ୟକ୍ରମ

ସମ୍ବଲପୁର, ୨୩।୩ (ବି.ଶଙ୍କର)

ସମ୍ବଲପୁର ଜିଲା ଲପଙ୍ଗାସ୍ଥିତ ଆଦିତ୍ୟ ଆଲୁମିନିୟମ ପକ୍ଷରୁ ସୋମବାର ରେଙ୍ଗାଲି ପିଏଚ୍‌ସିକୁ ଏକ ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି । କମ୍ପାନୀର ସିଏସଆର ମୁଖ୍ୟ ରବି ନିୱାସଙ୍କ ତତ୍ତ୍ୱାବଧାନ ଏବଂ ଉପ ପ୍ରବନ୍ଧକ ମନୋରଞ୍ଜନ ବେହେରାଙ୍କ ପରିଚାଳନାରେ କାର୍ଯ୍ୟକ୍ରମ ହୋଇଥିଲା। ଆମ୍ବୁଲାନ୍ସ ପ୍ରଦାନ କାର୍ଯ୍ୟକ୍ରମରେ ପୂର୍ବତନ ବିଧାୟକ ଦୁର୍ଯ୍ୟୋଧନ ଗର୍ଡିଆ ଏବଂ ନାଉରୀ ନାୟକ, ସିଡିଏମଓ ଡାକ୍ତର ପ୍ରଦୀପ ହୋତା, ବିଡିଓ ପ୍ରିତମ ତନ୍ତୀ, ତହସିଲଦାର ତକ୍ଷରାଜ ଭିତ୍ରିଆ, ଆରଟିଓ ସମ୍ବଲପୁର ରାମଦାସ ଟୁଡୁ, ଲଇଡା ସିଏଚସି ଡାକ୍ତର ଏ. ରଞ୍ଜନ ମାଝୀ, ପିଏଚ୍‌ସି ରେଙ୍ଗାଲିର ଅଧିକାରୀ ଡାକ୍ତର ଶୁଭମ ସିଂ , ଆଦିତ୍ୟ ଆଲୁମିନିୟମ ଅଧିକାରୀ କ୍ଲଷ୍ଟର ମାନବସମ୍ବଳ ମୁଖ୍ୟ ଡ. କ୍ରିଷ୍ଣା ପାଢ଼ୀ, ମୁଖ୍ୟ ପରିଚାଳକ ଜଗନ୍ନାଥ ପ୍ରସାଦ ନାୟକ, ମାନବସମ୍ବଳ ମୁଖ୍ୟ ବିନୋଦା ନନ୍ଦ ଠାକୁର ସବୁଜ ପତାକା ଦେଖାଇ ଆମ୍ବୁଲାନ୍ସର ଶୁଭାରମ୍ଭ କରିଥିଲେ । ଅନ୍ୟମାନଙ୍କ ମଧ୍ୟରେ ଜିଲା ପରିଷଦ ସଭ୍ୟ ଦେଓନାରାୟଣ ତିୱାରୀ, ବ୍ଲକ ଅଧକ୍ଷ ସତ୍ୟନାରାୟଣ ଅଗ୍ରୱାଲ, ବରିଷ୍ଠ ନାଗରିକ ଅନ୍ତର୍ଯ୍ୟାମୀ ପାଣି, କତରବଗା ସରପଞ୍ଚ ନୀଳାମ୍ବର ରୋହିଦାସ, ନିଶାନଭଙ୍ଗା ସରପଞ୍ଚ ସରୋଜ ମେହେର, ପୂର୍ବତନ ସରପଞ୍ଚ ଶେଷଦେବ ପଧାନ, ମୁରାରି ବିଶ୍ୱାଳ ଉପସ୍ଥିତ ଥିଲେ। ସ୍ଥାନୀୟ ଅଧିବାସୀଙ୍କ ଦାବି ଓ ରେଙ୍ଗାଲି ପିଏଚ୍‌ସିରେ ରୋଗୀଙ୍କ ସଂଖ୍ୟାକୁ ଆଖି ଆଗରେ ରଖି ଆମ୍ବୁଲାନ୍ସ ପ୍ରଦାନ କରାଯାଇଛି ।



ସୋମବାର ଆଦିତ୍ୟ ଆଲୁମିନିୟମ ପକ୍ଷରୁ ରେଙ୍ଗାଲି ପିଏଚ୍‌ସିକୁ ଆମ୍ବୁଲାନ୍ସ ପ୍ରଦାନ କାର୍ଯ୍ୟକ୍ରମରେ ଅତିଥିମାନେ।

# ବସ୍ତୁବାଦୀ ସମାଜରେ ମଣିଷ ମାନବିକତା ମୂଲ୍ୟବୋଧ ହରାଉଛି

## ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ ଉଦ୍‌ଯାପିତ

## ଅନ୍ତିମ ରଜନୀରେ ନାଟକ ଦାମୁର ମଞ୍ଚସ୍ଥ

ସମ୍ବଲପୁର, ୨୩।୩ (ବି.ଶଙ୍କର)

ଭାରତ ସରକାରଙ୍କ ସଂସ୍କୃତି ମନ୍ତ୍ରଣାଳୟ ପ୍ରଯୋଜିତ ଏବଂ ଶ୍ରୀକଲରାଲ ଆସୋସିଏଶନ୍ ଆୟୋଜିତ ଜାତୀୟ ନାଟ୍ୟ ଉତ୍ସବ ଶ୍ରୀରଙ୍ଗ ସମାଗମ-୨୦୨୬ ସୋମବାର ସ୍ଥାନୀୟ ତପସ୍ୱିନୀ ପ୍ରେକ୍ଷାଳୟରେ ଉଦ୍‌ଯାପିତ ହୋଇଛି। ଅନ୍ତିମ ରଜନୀରେ ସମ୍ବଲପୁରୀ ନାଟକ ଦାମୁର ମଞ୍ଚସ୍ଥ ହୋଇଥିଲା। ଜିତେନ୍ଦ୍ର ନାଥ ପଟ୍ଟନାୟକଙ୍କ ରଚିତ ଓ ନିର୍ଦ୍ଦେଶିତ ଏହି ନାଟକଟିକୁ ପରିବେଷଣ କରିଥିଲେ ଖଡ଼ିଆଳ ସାଂସ୍କୃତିକ ଅନୁଷ୍ଠାନର କଳାକାର। ଜୀବନର ସର୍ବସ୍ୱ ତ୍ୟାଗ କରି ମା' ବାପାମାନେ ନିଜ ସନ୍ତାନମାନଙ୍କୁ ପାଳିଥାନ୍ତି। ହେଲେ ସମୟ କ୍ରମେ ସେହି ସନ୍ତାନମାନେ ନିଜ ରାସ୍ତାରେ ଚାଲି ଯାଆନ୍ତି। ଆଜିର ବସ୍ତୁବାଦି ସମାଜରେ ମଣିଷ ଆପଣା ମାନବିକତାର ମୂଲ୍ୟବୋଧକୁ ହରାଇ ବସୁଛି। ମା'ବାପାଙ୍କ ସ୍ନେହଶ୍ରଦ୍ଧା ତାଙ୍କ ପାଇଁ ମୂଲ୍ୟହୀନ ପାଲଟିଛି। ମଙ୍ଗଲୁ ଓ ଯଶୋଦା ଏକ ନିଃସନ୍ତାନୀ ଦମ୍ପତି। ଏଣୁ ଘରେ ପାଳିଥିବା ଗାଈ ଗୌରୀ ଓ ତାର ବାଛୁରୀ (ଦାମୁର)ଛୁଆ ମନୁକୁ



ଅନ୍ତିମ ରଜନୀରେ ମଞ୍ଚସ୍ଥ ନାଟକ ଦାମୁରାର ଏକ ଦୃଶ୍ୟ ।

ସେମାନେ ଜନ୍ମିତ ସନ୍ତାନ ପରି ସ୍ନେହ ଶ୍ରଦ୍ଧାରେ ପାଳନ କରୁଥାନ୍ତି। ଦିନେ କାହ୍ନୁ ନାମକ ଏକ ପୁଅକୁ ସେମାନେ ପାଆନ୍ତି। କାହ୍ନୁ ଓ ମନୁ ସେମାନଙ୍କ ପୁଅ ପରି ତାଙ୍କ ଗୃହରେ ବଡ଼ ହୁଅନ୍ତି। ସମୟ ଗଡ଼ି ଚାଲେ। କାହ୍ନୁର ସମସ୍ତ ଆବଶ୍ୟକତାକୁ ପୂରଣ କରିବା ପାଇଁ ମଙ୍ଗଲୁ ଓ ଯଶୋଦାଙ୍କୁ ଅନେକ ତ୍ୟାଗ ସ୍ୱୀକାର କରିବାକୁ ପଡ଼େ। ଏପରିକି କାହ୍ନୁର ଭବିଷ୍ୟତ ପାଇଁ ଦିନେ ବିକ୍ରି ହୋଇଯାଏ ମନୁ। ଦିନ ଆସେ କାହ୍ନୁ ତାର ପାଳିତ ମା' ବାପାଙ୍କୁ ଭୁଲି ଯାଏ ଏବଂ ନିଜ ବାଟରେ ଚାଲି ଯାଏ। ହେଲେ ଦିନେ ମନୁ ମଙ୍ଗଲୁକୁ ରାସ୍ତାରେ ଦେଖି ଦୌଡ଼ି ଆସି ତା'ର ପୁରୁଣା ମାଲିକକୁ ଚିହ୍ନି ପାରେ। ତେଣୁ ବାସ୍ତବିକ୍ ଆଜିର ସମାଜରେ ମଣିଷ କିପରି ପଶୁଠାରୁ ମଧ୍ୟ ହୀନ ହୋଇଯାଉଛି। ଏଭଳି ଏକ ଜ୍ୱଳନ୍ତ କଥାବସ୍ତୁକୁ ନେଇ ସମ୍ବଲପୁରୀ ନାଟକ ଦାମୁର ଗତିଶୀଳ ହୋଇଥିଲା। ନାଟକରେ ସଙ୍ଗୀତ ଦେଇଥିଲେ ପୃଥ୍ୱୀରାଜ ଦୁରିଆ। ଆୟୋଜକ କମିଟି ସମ୍ପାଦକ ସତ୍ୟ ରଞ୍ଜନ ବେହେରାଙ୍କ ପରିଚାଳନାରେ ଉତ୍ସବ ହୋଇଥିଲା। କଣ୍ଠଶିଳ୍ପୀ ବିଭୁତି ପଟନାୟକ, ଅନୁଷ୍ଠାନର ଉପଦେଷ୍ଟା ପ୍ରଫୁଲ୍ଲ ହୋତା, ସୁଶାନ୍ତ ପୁରୋହିତ, ସମଲେଶ୍ୱରୀ ମନ୍ଦିର ଟ୍ରଷ୍ଟ ବୋର୍ଡର ସଭାପତି ସଞ୍ଜୟ ବାବୁ ସମ୍ମାନୀତ ଅତିଥି ଭାବେ ଯୋଗଦେଇ କଳାକାରମାନଙ୍କୁ ଉତ୍ସାହିତ କରିଥିଲେ। ନାଟକ ପ୍ରଦର୍ଶନ ପରେ କଳାକାରମାନଙ୍କୁ ନୃତ୍ୟଗୁରୁ ରଞ୍ଜନ ସାହୁ ସମ୍ବର୍ଦ୍ଧିତ କରିଥିଲେ।

# ବ୍ୟାଙ୍କିଙ୍ଗ୍ ବ୍ୟବସ୍ଥାରେ ଆର୍‌ବିଆଇର ୭୯,୨୫୬ କୋଟି ନିବେଶ

ମୁମ୍ବାଇ, ୨୩।୩ (ପି.ଟି.)




ଭାରତୀୟ ରିଜର୍ଭ ବ୍ୟାଙ୍କ (ଆର୍‌ବିଆଇ) ସୋମବାର ଓଭରନାଇଟ୍ (ରାତାରାତି) ଭାରିଏବଲ ରେଟ୍ ରେପୋ (ଭିଆର୍‌ଆର୍) ନିଲାମ ମାଧ୍ୟମରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ୭୯,୨୫୬ କୋଟି ଟଙ୍କାର ଅସ୍ଥାୟୀ ନଗଦ ଅର୍ଥ ପ୍ରଦାନ କରିଛି।

ସାଧାରଣତଃ ମାର୍ଚ୍ଚ ମାସରେ ବ୍ୟାଙ୍କିଙ୍ଗ ବ୍ୟବସ୍ଥାରେ ନଗଦ ଅର୍ଥର ଅଭାବ ଦେଖାଯାଏ। ଏହାର ଦୁଇଟି ମୁଖ୍ୟ କାରଣ ରହିଛି। ପ୍ରଥମତଃ କମ୍ପାନୀ ଏବଂ ବ୍ୟକ୍ତିବିଶେଷ ମାର୍ଚ୍ଚ ମାସରେ ସରକାରଙ୍କୁ ଅଗ୍ରିମ ଟିକସ ପ୍ରଦାନ କରନ୍ତି। ଏହି ଅର୍ଥ ବ୍ୟାଙ୍କ ଖାତାରୁ ବାହାରି ସରକାରଙ୍କ ଆର୍‌ବିଆଇ ଖାତାକୁ ଚାଲିଯାଏ, ଯାହାଫଳରେ ବ୍ୟାଙ୍କ ପାଖରେ ଥିବା ନଗଦ ପରିମାଣ କମିଯାଏ। ବର୍ତ୍ତମାନ ବଜାରରେ ପ୍ରାୟ ୬୫,୩୯୫.୬୪ କୋଟି ଟଙ୍କାର ନଗଦ ନିଅଣ୍ଟ ଥିବା ଅନୁମାନ କରାଯାଉଛି। ଦ୍ୱିତୀୟରେ ଆର୍ଥିକ ବର୍ଷର ଶେଷ ସମୟ ହୋଇଥିବାରୁ ବ୍ୟାଙ୍କଗୁଡ଼ିକ ସେମାନଙ୍କ ବାଲାନ୍ସ ଶିଟ୍ ସଜାଡ଼ିବା ପାଇଁ ଅଧିକ ନଗଦ ଆବଶ୍ୟକ କରନ୍ତି। ଏଭଳିସ୍ଥଳେ ବଜାରରେ ସୁଧହାରକୁ ସ୍ଥିର ରଖିବା ପାଇଁ ଏବଂ ବ୍ୟାଙ୍କଗୁଡ଼ିକୁ ସାମୟିକ ଭାବେ ଟଙ୍କା ଧାର ଦେବା ପାଇଁ ଆର୍‌ବିଆଇ ଭିଆର୍‌ଆର୍ ନିଲାମ କରେ। ଏହାହେଉଛି ବ୍ୟାଙ୍କଗୁଡ଼ିକୁ ଆର୍‌ବିଆଇର ଅସ୍ଥାୟୀ ସହାୟତା। ଓଭରନାଇଟ୍ (ରାତାରାତି) ଭିଆର୍‌ଆର୍ ମାଧ୍ୟମରେ ଆର୍‌ବିଆଇ କେବଳ କିଛି ଦିନ ପାଇଁ ଟଙ୍କା ପ୍ରଦାନ କରେ। ଯେତେବେଳେ ବ୍ୟାଙ୍କଗୁଡ଼ିକ ପାଖରେ ପୁଣି ଟଙ୍କା ଆସିଯାଏ, ସେମାନେ ଆର୍‌ବିଆକୁ ତାହା ଫେରସ୍ତ କରିଦିଅନ୍ତି। ବର୍ତ୍ତମାନ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଏହି ଆର୍ଥିକ ସହାୟତା ଦେବା ପାଇଁ ୫.୨୬% ସୁଧ ହାର (କଟ୍-ଅଫ୍ ରେଟ୍) ଧାର୍ଯ୍ୟ କରିଛି। କଟ୍-ଅଫ୍ ରେଟ୍ ହେଉଛି ସର୍ବନିମ୍ନ ସୁଧ ହାର, ଯେଉଁଥିରେ ଆର୍‌ବିଆଇ ବ୍ୟାଙ୍କଗୁଡ଼ିକୁ ଟଙ୍କା ଦେବା ପାଇଁ ରାଜି ହୋଇଛି। ଯେଉଁ ବ୍ୟାଙ୍କଗୁଡ଼ିକ ଏହି ହାର କିମ୍ବା ଏହାଠାରୁ ଅଧିକ ସୁଧ ଦେବାକୁ ପ୍ରସ୍ତୁତ ଥିଲେ, ସେମାନଙ୍କୁ ହିଁ ପାଣ୍ଠି ମିଳିଛି। ସମସ୍ତ ବ୍ୟାଙ୍କ ଦେଇଥିବା ଭିନ୍ନ ଭିନ୍ନ ସୁଧ ହାରର ଏକ ହାରାହାରି ପରିମାଣ ହେଉଛି ୫.୨୬%। ଆର୍‌ବିଆଇର ଏହି ପଦକ୍ଷେପ ଦର୍ଶାଉଛି ଯେ, ବଜାରରେ ଅଧିକ ସୁଧ ହାର ବୃଦ୍ଧି ରୋକିବାକୁ କେନ୍ଦ୍ରୀୟ ବ୍ୟାଙ୍କ ଚାହୁଁଛି, ଯାହାଫଳରେ ସାଧାରଣ ଋଣ ଉପରେ କୌଣସି ପ୍ରଭାବ ପଡ଼ିବ ନାହିଁ। ହେଲେ ଆର୍‌ବିଆଇ ୧ ଲକ୍ଷ କୋଟି ଟଙ୍କା ନିବେଶ ପାଇଁ ବିଜ୍ଞପ୍ତି ପ୍ରକାଶ କରିଥିଲେ ମଧ୍ୟ ପ୍ରକୃତରେ ପ୍ରାୟ ୭୯,୨୫୬ କୋଟି ଟଙ୍କା ବ୍ୟାଙ୍କିଙ୍ଗ ବ୍ୟବସ୍ଥାକୁ ଯାଇଛି।

ପୂର୍ବରୁ ମଧ୍ୟ ଆର୍‌ବିଆଇ ଏଭଳି କେତେକ ପଦକ୍ଷେପ ନେଇଛି। ତଦନୁଯାୟୀ ମାର୍ଚ୍ଚ ୨୦ରେ ୩ ଦିନିଆ ଭିଆର୍‌ଆର୍ ମାଧ୍ୟମରେ ୨୫,୧୦୧ କୋଟି ଟଙ୍କା, ମାର୍ଚ୍ଚ ୧୭ରେ ୭ ଦିନିଆ ଭିଆର୍‌ଆର୍ ମାଧ୍ୟମରେ ୪୮,୦୧୪ କୋଟି ଟଙ୍କା ଏବଂ ଜାନୁଆରୀ ୨୦୨୬ରୁ ଓପନ ମାର୍କେଟ ପରଚେଜ୍ (ଓଏମ୍‌ଓ) ମାଧ୍ୟମରେ ସରକାରୀ ସିକ୍ୟୁରିଟି କିଣି ଆର୍‌ବିଆଇ ବଜାରରେ ୩.୫୦ ଲକ୍ଷ କୋଟି ଟଙ୍କାର ସ୍ଥାୟୀ ନଗଦ ଅର୍ଥ ପ୍ରବାହ କରିଛି।

# ଲଗାତର କମୁଛି ସୁନାରୁପା ଦର

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ମଧ୍ୟପ୍ରାଚ୍ୟ ଯୁଦ୍ଧ ଭିତରେ ଖସିଲା ସୁନା ଦର। ଏହା ଲଗାତର ତଳମୁହାଁ ହେଉଛି। ସୋମବାର ପୁଣି ୨୪ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ୫ ହଜାର ୯୫୦ ଟଙ୍କା ଖସିଥିବାବେଳେ ୨୨ କ୍ୟାରେଟ ସୁନା ୧୦ ଗ୍ରାମ୍ ପିଛା ୫ ହଜାର ୪୫୦ ଟଙ୍କା କମିଛି। ସେହିପରି ୨୨ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ଦର ରହିଛି ୧ ଲକ୍ଷ ୨୮ ହଜାର ୩୫୦ ଟଙ୍କା। ୨୪ କ୍ୟାରେଟ ସୁନା ୧୦ ଗ୍ରାମ୍ ପ୍ରତି ଦର ୧ ଲକ୍ଷ ୪୦ ହଜାର ୨୦ ଟଙ୍କା ରହିଛି। ମଧ୍ୟପ୍ରାଚ୍ୟ ଯୁଦ୍ଧରେ ଡଲାର୍ ମହଙ୍ଗା ହେବା କାରଣରୁ ନିବେଶକମାନେ ସୁନା ବଦଳରେ ଡଲାରରେ ନିବେଶ କରୁଛନ୍ତି। ଅନ୍ୟପଟେ ରୁପା ଦର ୨୦ ହଜାର ଟଙ୍କା କମି ୨ ଲକ୍ଷ ୩୦ ହଜାର ଟଙ୍କା ରହିଛି। ରବିବାର ରୁପା ଦର ୨ ଲକ୍ଷ ୫୦ ହଜାର ଟଙ୍କା ରହିଥିଲା।

# ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଉଦ୍‌ଘାଟିତ



ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆର ନୂଆ ଶାଖା ଭୁବନେଶ୍ୱର ସୁନ୍ଦରପଦା କୋକିଳା କାଞ୍ଚନ ଟାୱାରଠାରେ ଉଦ୍‌ଘାଟିତ ହୋଇଯାଇଛି। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ଭୁବନେଶ୍ୱର ଅଞ୍ଚଳର ଆଞ୍ଚଳିକ ପ୍ରବନ୍ଧକ ହରେକୃଷ୍ଣ ଦାସ ଏହି ଶାଖାକୁ ଉଦ୍‌ଘାଟନ କରିଥିଲେ। ଏହି ଅବସରରେ ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର କ୍ଷେତ୍ରୀୟ ମୁଖ୍ୟ ନିରଞ୍ଜନ ବାରିକ, ସହାୟକ ମହାପ୍ରବନ୍ଧକ ବିନୟ ଶର୍ମା, ସୁନ୍ଦରପଦା ଶାଖାର ଶାଖା ମୁଖ୍ୟ ସୌମେନ୍ଦ୍ର ଦାଶ ପ୍ରମୁଖ ଉପସ୍ଥିତ ଥିଲେ। ଏହି ଶାଖା ବ୍ୟାଙ୍କର ଭୁବନେଶ୍ୱର କ୍ଷେତ୍ରର ୬୪ ତମ ଶାଖା। ୟୁନିୟନ୍ ବ୍ୟାଙ୍କ ଅଫ୍ ଇଣ୍ଡିଆ ସୁନ୍ଦରପଦା ଅଞ୍ଚଳର ଜନସାଧାରଣଙ୍କୁ ସର୍ବୋତ୍ତମ ଗ୍ରାହକ ସେବା ପ୍ରଦାନ କରିବା ସହ ଏହି ଅଞ୍ଚଳର ଆର୍ଥିକ ଅଭିବୃଦ୍ଧିରେ ସହାୟକ ହେବ ବୋଲି ଆଞ୍ଚଳିକ ପ୍ରବନ୍ଧକ ଦାସ ସୂଚନା ଦେଇଛନ୍ତି।

# ବିଦ୍ୟୁତ କାଟ୍ ହ୍ରାସ ପାଇଁ ଟାଟା ଡିସ୍‌କମ୍‌କୁ 'ଏ+' ମାନ୍ୟତା

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ପକ୍ଷରୁ ପ୍ରକାଶିତ ଆର୍ଥିକ ବର୍ଷ ୨୦୨୪-୨୫ର ବିତରଣ କମ୍ପାନୀର ଉପଭୋକ୍ତା ସେବା ମୂଲ୍ୟାଙ୍କନ ରିପୋର୍ଟ (ସିଏସଆରଡି)ରେ ଓଡ଼ିଶାର ୪ ଡିସକମ୍ ଯଥା ଟିପିସିଓଡିଏଲ, ଟିପିଏସଓଡିଏଲ, ଟିପିଡବ୍ଲ୍ୟୁଓଡିଏଲ୍ ଏବଂ ଟିପିଏନଓଡିଏଲ ଦେଶର ସର୍ବୋତ୍ତମ ପ୍ରଦର୍ଶନକାରୀ ୟୁଟିଲିଟି ମଧ୍ୟରେ ସ୍ଥାନ ପାଇଛନ୍ତି। ରାଜ୍ୟର ୧୦ ମିଲିୟନରୁ ଅଧିକ (ପ୍ରାୟ ୧ କୋଟି) ଉପଭୋକ୍ତାଙ୍କୁ ସେବା ଯୋଗାଉଥିବା ଏହି ଡିସକମ୍‌ଗୁଡ଼ିକ ସମଗ୍ର ରାଜ୍ୟରେ ଭରସାଯୋଗ୍ୟ ଏବଂ ଗ୍ରାହକ-କୈନ୍ଦ୍ରିକ ବିଦ୍ୟୁତ ଯୋଗାଣ ପାଇଁ ସେମାନଙ୍କର ପ୍ରତିବଦ୍ଧତା ଜାରି ରଖିଛନ୍ତି। ବିଦ୍ୟୁତ ଜନିତ ତ୍ରୁଟିର ସମାଧାନ ଏବଂ ଉପଭୋକ୍ତାଙ୍କ ଅଭିଯୋଗର ସମାଧାନ କ୍ଷେତ୍ରରେ ସେମାନେ 'ଏ' ଏବଂ 'ଏ+' ମାନ୍ୟତା ହାସଲ କରିଛନ୍ତି। ଏହା ଉପଭୋକ୍ତାଙ୍କ ସମସ୍ୟାକୁ ଠିକ୍ ସମୟରେ ଦୂର କରିବା ପାଇଁ ସେମାନଙ୍କର ତତ୍ପରତା ଓ ନିଷ୍ଠାକୁ ପ୍ରମାଣିତ କରୁଛି। ନିଜର ପରିଚାଳନାଗତ ଦକ୍ଷତାକୁ ଆହୁରି ସୁଦୃଢ଼ କରି ଓଡ଼ିଶାର ଚାରୋଟିଯାକ ଡିସକମ୍ ପରିଚାଳନା କ୍ଷେତ୍ରରେ ନିର୍ଭରଯୋଗ୍ୟତା ପାଇଁ 'ଏ+' ମାନ୍ୟତା ପାଇଛନ୍ତି। ପୂର୍ବରୁ କେନ୍ଦ୍ର ଶକ୍ତି ମନ୍ତ୍ରଣାଳୟ ଦ୍ୱାରା ପ୍ରକାଶିତ ଆର୍ଥିକ ବର୍ଷ ୨୦୨୫ ପାଇଁ ବିଦ୍ୟୁତ ବିତରଣ ୟୁଟିଲିଟିର ୧୪ତମ ସମନ୍ୱିତ ରେଟିଂ ଏବଂ ର୍ୟାଙ୍କିଙ୍ଗ ରିପୋର୍ଟରେ ମଧ୍ୟ ଟାଟା ପାୱାର ଓଡ଼ିଶା ନେତୃତ୍ୱାଧୀନ ଦୁଇଟି ଡିସକମ୍ 'ଏ+' ମାନ୍ୟତା ପାଇଥିଲେ।

# ଗ୍ରାମାଞ୍ଚଳରେ ଜେଏସ୍‌ଡବ୍ଲ୍ୟୁର ବିଜ୍ଞାନ ପ୍ରଦର୍ଶନୀ




ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ ଏବଂ ପ୍ରଥମ ଏଜୁକେଶନ ଫାଉଣ୍ଡେଶନଙ୍କ ସହଯୋଗରେ 'ହମାରା ଗାଁ' କାର୍ଯ୍ୟକ୍ରମ ଅଧୀନରେ ଗ୍ରାମାଞ୍ଚଳର ପ୍ରାଥମିକ ବିଦ୍ୟାଳୟ ଛାତ୍ରୀଛାତ୍ରଙ୍କୁ ନେଇ ଏକ ବିଜ୍ଞାନ ପ୍ରଦର୍ଶନୀ ଅନୁଷ୍ଠିତ ହୋଇଯାଇଛି। ଏହି ପ୍ରଦର୍ଶନୀଗୁଡ଼ିକ ଠେଲକୋଲୋଇ, ଲପଙ୍ଗା, ଘିଚାମୁରା, ଶ୍ରୀପୁରା ଏବଂ ଖିଣ୍ଡା ପଞ୍ଚାୟତ ସମେତ ବିଭିନ୍ନ ଅଞ୍ଚଳରେ ଅନୁଷ୍ଠିତ ହୋଇଥିଲା। ଆଖପାଖ ଗ୍ରାମର ପ୍ରାଥମିକ ବିଦ୍ୟାଳୟର ୭୦ରୁ ଅଧିକ ଛାତ୍ରୀଛାତ୍ର ଅଂଶଗ୍ରହଣ କରି ବିଭିନ୍ନ ବିଜ୍ଞାନ ମଡେଲ ଓ ପରୀକ୍ଷଣ ପ୍ରଦର୍ଶନ କରିଥିଲେ। କାର୍ଯ୍ୟକ୍ରମରେ ସ୍ଥାନୀୟ ସରପଞ୍ଚ, ବିଦ୍ୟାଳୟ ପ୍ରଧାନଶିକ୍ଷକ, ସ୍କୁଲ ମ୍ୟାନେଜମେଣ୍ଟ କମିଟି ଅଧ୍ୟକ୍ଷ, ସିଆରସିସି, ଆଶା ଓ ଅଙ୍ଗନୱାଡ଼ି କର୍ମୀମାନେ ଉପସ୍ଥିତ ଥିଲେ। ଠେଲକୋଲୋଇ ଗ୍ରାମପଞ୍ଚାୟତରେ ଅନୁଷ୍ଠିତ ପ୍ରଦର୍ଶନୀରେ ଉପସ୍ଥିତ ଥିବା ଜେଏସ୍‌ଡବ୍ଲ୍ୟୁ ଫାଉଣ୍ଡେଶନ (ସମ୍ବଲପୁର ଓ ଝାରସୁଗୁଡ଼ା)ର ମୁଖ୍ୟ ବିଶାଳ ରାଜ ଛାତ୍ରୀଛାତ୍ରଙ୍କର ଉତ୍ସାହ ଓ ସୃଜନଶୀଳତାକୁ ପ୍ରଶଂସା କରିଥିଲେ। ସେ କହିଥିଲେ, ଛୋଟ ବୟସରୁ ବୈଜ୍ଞାନିକ ମନୋଭାବନା ବିକାଶ କରିବା ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଆଧୁନିକ ଶିକ୍ଷା ପ୍ରଣାଳୀରେ ମିଳିତ ଗବେଷଣାକୁ ଗୁରୁତ୍ୱ




ଭୁବନେଶ୍ୱର, ୨୩।୩ (ସୁଚିସ୍ମିତା ସାହୁ)

**ଓୟୁଟିଆର୍‌ରେ ଏମର୍ଜିଙ୍ଗ୍ ଟ୍ରେଣ୍ଡ୍‌ସ ଇନ୍ କେମିକାଲ ସାଇନ୍ସେସ ଜାତୀୟ ସମ୍ମିଳନୀ**

ଓଡ଼ିଶା ବୈଷୟିକ ଓ ଗବେଷଣା ବିଶ୍ୱବିଦ୍ୟାଳୟ (ଓୟୁଟିଆର୍)ର ସ୍କୁଲ ଅଫ୍ ବେସିକ ସାଇନ୍ସେସ ଏଣ୍ଡ ହ୍ୟୁମାନିଟିଜ୍ (ଡିପାର୍ଟମେଣ୍ଟ ଅଫ୍ କେମିଷ୍ଟ୍ରି) ପକ୍ଷରୁ ସୋମବାର ଏମର୍ଜିଙ୍ଗ ଟ୍ରେଣ୍ଡ୍‌ସ ଇନ୍ କେମିକାଲ ସାଇନ୍ସେସ ଶୀର୍ଷକ ଦୁଇଦିନିଆ ଜାତୀୟ ସମ୍ମିଳନୀ ବିଶ୍ୱବିଦ୍ୟାଳୟ ପରିସରରେ ଉଦ୍‌ଘାଟିତ ହୋଇଛି। ମୁଖ୍ୟ ଅତିଥି ଭାବେ ରେଭେନ୍‌ଶା ବିଶ୍ୱବିଦ୍ୟାଳୟ କୁଳପତି ଡା. ସଞ୍ଜୟ କୁମାର ନାୟକ ଯୋଗଦେଇ କହିଲେ, ଆଧୁନିକ ଶିକ୍ଷା ପ୍ରଣାଳୀରେ ଗବେଷଣାକୁ ଆଗକୁ ନେବା ପାଇଁ ବିଭିନ୍ନ ସହର ଓ ବିଶ୍ୱବିଦ୍ୟାଳୟ ମଧ୍ୟରେ ସଂଯୁକ୍ତ ପ୍ରୟାସ ଅତ୍ୟନ୍ତ ଆବଶ୍ୟକ। ଏଥିରେ ସହମତି ପ୍ରକାଶ କରି ଓୟୁଟିଆର୍ କୁଳପତି ପ୍ରଫେସର ବିଭୁତି ଭୂଷଣ ବିଶ୍ୱାଳ କହିଲେ, ବିଶ୍ୱବିଦ୍ୟାଳୟ ଗବେଷଣାକୁ ପ୍ରାଧାନ୍ୟ ଦେବା ସହ ଛାତ୍ରୀଛାତ୍ରଙ୍କ ଭିତରେ ନୂତନ ଜ୍ଞାନ ଓ ଗରିମାକୁ ଉଦ୍ରେକ କରିବା ଲାଗି ସବୁବେଳେ ପ୍ରୟାସରତ। ମୁଖ୍ୟବକ୍ତା ଭାବେ ପ୍ରଫେସର କେ. କେ. ନନ୍ଦା ଫ୍ୟୁଏଲ ସେଲ୍‌ସର ଅଜଣା କାହାଣୀ ବିଷୟରେ ଆଲୋଚନା କରିଥିଲେ। ପ୍ରଫେସର ଦେବବ୍ରତ ପ୍ରଧାନ ନାନୋ ପଦାର୍ଥର ବିକାଶ ଓ ହାଇଡ୍ରୋଜେନ ଉତ୍ପାଦନ ବିଷୟରେ କହିଥିଲେ। ଡାକ୍ତର ମଳୟ କୁମାର ରଣା କ୍ୟାନ୍‌ସର ଚିକିତ୍ସାରେ କୃତ୍ରିମ ବୁଦ୍ଧିମତ୍ତାର ଭୂମିକା ଉପରେ ଆଲୋକପାତ କରିଥିଲେ। ଏହି ଅବସରରେ ଇଟିସିଏସ୍- ୨୦୨୬ର ବାର୍ଷିକ ଅବଷ୍ଟ୍ରାକ୍ଟ ପୁସ୍ତକ ଉନ୍ମୋଚନ ହୋଇଥିଲା। ସମ୍ମିଳନୀର ସଂଯୋଜକ ଭାବେ ପ୍ରଫେସର ବିଜ୍ଞାନ ରଞ୍ଜନ ଦାସ, ସହସଂଯୋଜକ ଭାବେ ଡା. ଆଲ୍‌ଫା ଶର୍ମା ଓ ଡା. ବିଶ୍ୱଜିତ ସାମନ୍ତରାୟ ସହଯୋଗ କରିଥିଲେ। ଦ୍ୱିତୀୟ ଅଧିବେଶନରେ ଡାକ୍ତର ରତି ରଞ୍ଜନ ନାୟକ ସୃଜନଶୀଳ ଗ୍ଲାଇକୋଲିପିଡ୍ସ ଓ ମଲ୍ଟି ଫଙ୍କ୍ସନାଲ ସଫ୍ଟ ମେଟେରିଆଲ୍ସ ବିଷୟରେ ଉପସ୍ଥାପନା କରିଥିଲେ। ପ୍ରଫେସର ହିମାଂଶୁ ଶେଖର ବିଶ୍ୱାଳ ଓ ପ୍ରଫେସର ଉମାପ୍ରସନ୍ନ ଓଝା ରସାୟନ ଗବେଷଣାର ଆଧୁନିକ ପ୍ରବଣତା ଏବଂ ଡାକ୍ତର ନିମାଇଁ ମିଶ୍ର ହରିତ ଆମୋନିଆ ଉତ୍ପାଦନରେ ନୂତନ ଉତ୍ପ୍ରେରକ ବିଷୟରେ ତାଙ୍କ ଗବେଷଣା ଉପସ୍ଥାପନା କରିଥିଲେ।

# ଲାୟନ୍ସ ଇଣ୍ଟରନ୍ୟାଶନାଲ୍ ସ୍କୁଲର ବାର୍ଷିକ ଉତ୍ସବ

ଓଡ଼ାପଡ଼ା, ୨୩।୩ (ରଞ୍ଜିତ୍ ନାୟକ)

ଢେଙ୍କାନାଳ ଜିଲା ଓଡ଼ାପଡ଼ା ବ୍ଲକ ହିନ୍ଦୋଳ ରୋଡ୍‌ସ୍ଥିତ ଲାୟନ୍ସ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ୧୨ତମ ବାର୍ଷିକ ଉତ୍ସବ ସୋମବାର ଅନୁଷ୍ଠିତ ହୋଇଯାଇଛି। ଅଧ୍ୟକ୍ଷ ସୁକାନ୍ତ ଚରଣ ସାହୁଙ୍କ ସଭାପତିତ୍ୱରେ ଅନୁଷ୍ଠିତ ଉତ୍ସବରେ ମୁଖ୍ୟ ଅତିଥି ଭାବେ ବ୍ଲକ ଅଧ୍ୟକ୍ଷା ସସ୍ମିତା ମହାନ୍ତି ଯୋଗଦେଇଥିଲେ। ମୁଖ୍ୟବକ୍ତା ଭାବେ ଅବସରପ୍ରାପ୍ତ ପ୍ରାଧ୍ୟାପକ ଗୁରୁଚରଣ ରାଉତରାୟ, ସମ୍ମାନିତ ଅତିଥି ଭାବେ ଡ. ସୌମ୍ୟରଞ୍ଜନ ମହାନ୍ତି, ହିନ୍ଦୋଳ ରୋଡ୍ ଆଇଟିସି ଅଧ୍ୟକ୍ଷ ଜିତେନ୍ଦ୍ର କୁମାର ସାମଲ ଓ ବିଦ୍ୟାଳୟ ପରିଚାଳନା ନିର୍ଦ୍ଦେଶକ ରମେଶ ଚନ୍ଦ୍ର ସ୍ୱାଇଁ ପ୍ରମୁଖ ଯୋଗଦେଇଥିଲେ। ସମ୍ପାଦକ ପ୍ରିୟବ୍ରତ ସ୍ୱାଇଁ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ଛାତ୍ରୀଛାତ୍ରଙ୍କ ଦ୍ୱାରା ବିଭିନ୍ନ ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। କୃତୀ ଛାତ୍ରୀଛାତ୍ରଙ୍କୁ ଅତିଥିଙ୍କ ଦ୍ୱାରା ପୁରସ୍କୃତ କରାଯାଇଥିଲା। ଶେଷରେ ଛାତ୍ରୀଛାତ୍ରଙ୍କ ଦ୍ୱାରା ସାଂସ୍କୃତିକ କାର୍ଯ୍ୟକ୍ରମ ପରିବେଷଣ ହୋଇଥିଲା। ଡି.ଡି. ଲେଙ୍କା ଧନ୍ୟବାଦ ଅର୍ପଣ କରିଥିଲେ।

# ବିଜ୍ଞାନ ଇଣ୍ଟରନ୍ୟାଶନାଲ ବିଦ୍ୟାଳୟର ବାର୍ଷିକ ଉତ୍ସବ



ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଜୟପୁର ଉପକଣ୍ଠ ଫୁଲବାଡସ୍ଥିତ ବିଜ୍ଞାନ ଇଣ୍ଟର ନ୍ୟାଶନାଲ ବିଦ୍ୟାଳୟ ଓ ବିଜ୍ଞାନ ଇଣ୍ଟର ନ୍ୟାଶନାଲ ପ୍ରାଥମିକ ବିଦ୍ୟାଳୟର ଦଶମ ବାର୍ଷିକ ଉତ୍ସବ ପାଳନ ହୋଇଯାଇଛି। କାର୍ଯ୍ୟକ୍ରମରେ ବିଦ୍ୟାଳୟର ସଭାପତି ପ୍ରକାଶ କୁମାର ନାୟକ ସଭାପତିତ୍ୱ କରିଥିବାବେଳେ ମୁଖ୍ୟ ଅତିଥି ସ୍ୱାମୀ ସୁଧାନନ୍ଦ ସରସ୍ୱତୀ ମହାରାଜ ଓ ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ଯୋଗ ଦେଇଥିଲେ। ବିଜ୍ଞାନ ଇଣ୍ଟର ନ୍ୟାଶନାଲର ଅଧ୍ୟକ୍ଷ ଡ.ରାଜକିଶୋର ମଲ୍ଲିକ ଏବଂ ତାରିଣୀ ଛକସ୍ଥିତ ବିଜ୍ଞାନ ଇଣ୍ଟରନ୍ୟାଶନାଲ ପ୍ରାଇମେରୀ ସ୍କୁଲର ଅଧ୍ୟକ୍ଷା ଗୀତାରାଣୀ ମିଶ୍ର ୨୦୨୫-୨୦୨୬ ଶିକ୍ଷାବର୍ଷର ବାର୍ଷିକ ବିବରଣୀ ପାଠ କରିଥିଲେ। ବିଦ୍ୟାଳୟର ବାର୍ଷିକ ମୁଖପତ୍ର 'ସମାଧାନ'ର ଉନ୍ମୋଚନ କରାଯିବା ସହ ପରିଚାଳନା କମିଟି ତଥା ଟ୍ରଷ୍ଟିମାନଙ୍କୁ ସମ୍ମାନିତ କରାଯାଇଥିଲା। ମୁଖ୍ୟ ଅତିଥି ସଦାନନ୍ଦ ମହାରାଜ ନିଜ ବକ୍ତବ୍ୟ ରଖି ଦେଶ ଗଠନରେ ମାତୃଶକ୍ତିହିଁ ମହାନ ଶକ୍ତି ବୋଲି ମତବ୍ୟକ୍ତ କରିଥିଲେ। ସମ୍ମାନିତ ଅତିଥି ସ୍ଥାନୀୟ ବିଧାୟକ ତାରାପ୍ରସାଦ ବାହିନୀପତି ମାତାପିତା ପିଲାଙ୍କୁ ପାଶ୍ଚାତ୍ୟାଭିମୁଖୀ ଅପେକ୍ଷା ଆମ ବିଚାର ଧାରାରେ ଯେଉଁ ଆଦର୍ଶ ରହିଛି ତାହା ଅନୁସରଣ କରିବା ପାଇଁ ପରାମର୍ଶ ଦେଇଥିଲେ। ବିଦ୍ୟାଳୟର ସମ୍ପାଦକ ଡ. ଯୁଗଳ କିଶୋର ମିଶ୍ର ୨୦୨୫-୨୬ ଶିକ୍ଷାବର୍ଷର ବିଭିନ୍ନ କାର୍ଯ୍ୟକ୍ରମ ସଫଳତା ଓ ଆଗାମୀ ଶିକ୍ଷା ବର୍ଷର ଶୈକ୍ଷିକ ଯୋଜନାକୁ ଉପସ୍ଥାପନା କରିଥିଲେ। ତାରିଣୀ ଛକ ବିଦ୍ୟାଳୟର ବାର୍ଷିକ ଅଗ୍ରଗତି ସମ୍ପର୍କରେ ପରିଚାଳନା କମିଟିର ସଭାପତି ପ୍ରଭାକର ପ୍ରଧାନ ବିବରଣୀ ପ୍ରଦାନ କରିଥିଲେ। ବିଦ୍ୟାଳୟର ବିଜେତା ୪ଟି ହାଉସକୁ ପୁରସ୍କାର ପ୍ରଦାନ କରିଥିଲେ। ଟ୍ରଷ୍ଟି ସଦସ୍ୟ ଡ. ମନୋରଞ୍ଜନ ପ୍ରଧାନ ଧନ୍ୟବାଦ ଦେଇଥିଲେ। ଶିକ୍ଷୟିତ୍ରୀ ସୁଶ୍ରୀ ସରିତା ଦାସ ଏବଂ ଭାଗ୍ୟଲତା ପାଣିଗ୍ରାହୀ ପ୍ରଥମ ପର୍ଯ୍ୟାୟକୁ ପରିଚାଳନା କରିଥିଲେ। ଏହି ଅବସରରେ ଆୟୋଜିତ ସାଂସ୍କୃତିକ କାର୍ଯ୍ୟକ୍ରମ ବେଶ୍ ମନୋରଞ୍ଜନ କରିଥିଲା।

# ପିଏନ୍‌ବି କଟକ ସର୍କଲର ସିଏସ୍‌ଆର୍ କାର୍ଯ୍ୟକ୍ରମ

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)




ପଞ୍ଜାବ ନ୍ୟାଶନାଲ ବ୍ୟାଙ୍କ (ପିଏନ୍‌ବି)ର କଟକ ସର୍କଲ ପକ୍ଷରୁ ସିଏସ୍‌ଆର୍ କାର୍ଯ୍ୟକ୍ରମ ଅନ୍ତର୍ଗତ ଭକ୍ତମାନଙ୍କ ସୁବିଧା ନିମନ୍ତେ ମା' ହିଙ୍ଗୁଳା ମନ୍ଦିରକୁ ଏକ ୱାଟର ପ୍ୟୁରିଫାୟାର ପ୍ରଦାନ କରାଯାଇଛି। ବ୍ୟାଙ୍କର ସର୍କଲ ମୁଖ୍ୟ ସୁଜିତ ନେଗି, ଶାଖା ମୁଖ୍ୟ ଅଖିଳ କୁମାର ପ୍ରଧାନଙ୍କ ସମେତ ସ୍ଥାନୀୟ ଶାଖାର ଶାଖା ମୁଖ୍ୟମାନେ କାର୍ଯ୍ୟକ୍ରମରେ ଯୋଗଦେଇଥିଲେ। ଡିଜିଟାଲ ସଶକ୍ତୀକରଣ ଦିଗରେ ଏକ ପ୍ରୟାସ ଭାବରେ ମନ୍ଦିରରେ ଏକ କ୍ୟୁଆର୍ କୋଡ୍ ମଧ୍ୟ ଚାଲୁ କରାଯାଇଛି, ଯାହା ଭକ୍ତମାନଙ୍କ ମଧ୍ୟରେ ଡିଜିଟାଲ କାରବାର ଓ ଡିଜିଟାଲ ବ୍ୟାଙ୍କିଙ୍ଗ୍ ସେବାକୁ ଆହୁରି ସୁଦୃଢ଼ କରିପାରିବ।

# ଉଦୀୟମାନ କ୍ଷେତ୍ରରେ ନୂତନ ସୁଯୋଗ ସୃଷ୍ଟି କରୁଛି ବଜାର ଅସ୍ଥିରତା

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଭାରତୀୟ ଇକ୍ୱିଟି ବଜାର ଏବେ ମିଶ୍ର ସଙ୍କେତ ଓ ବଢ଼ିଥିବା ଅସ୍ଥିରତାର ପର୍ଯ୍ୟାୟକୁ ଅତିକ୍ରମ କରୁଥିବା ସତ୍ତ୍ୱେ ଏହା ଏଭଳି ଏକ ପର୍ଯ୍ୟାୟ ଯାହା ଦୀର୍ଘକାଳୀନ ନିବେଶକମାନଙ୍କ ପାଇଁ ଶକ୍ତିଶାଳୀ ବ୍ୟବସାୟଗୁଡ଼ିକୁ ସଂଗ୍ରହ କରିବାର ଅର୍ଥପୂର୍ଣ୍ଣ ସୁଯୋଗ ସୃଷ୍ଟି କରିପାରେ। ବଜାଜ ଫିନସର୍ଭ ଏଏମସିର ସିଆଇଓ ଇକ୍ୱିଟିସ୍ ନିମେଶ ଚନ୍ଦନ କହିଛନ୍ତି, ଏପରି ପର୍ଯ୍ୟାୟଗୁଡ଼ିକ ଶୃଙ୍ଖଳିତ ନିବେଶକମାନଙ୍କୁ ମୂଳ ଭିତିରୁ ଶକ୍ତିଶାଳୀ କମ୍ପାନୀମାନଙ୍କୁ ଅଧିକ ଯୁକ୍ତିସଙ୍ଗତ ମୂଲ୍ୟାୟନରେ ନିବେଶ କରିବାର ସୁଯୋଗ ଦେଇପାରେ। ରିଅଲ୍ ଇଷ୍ଟେଟ୍ ଏବଂ ରଙ୍ଗରେ ଚାହିଦା ଉପରେ ଆଲୋକପାତକରି ସେ କହିଛନ୍ତି, ବଢ଼ୁଥିବା ପରିମାଣକୁ ସାଧାରଣତଃ କୌଣସି ଶିଳ୍ପରେ ଚାହିଦା ଶକ୍ତିଶାଳୀ ହେଉଥିବାର ପ୍ରଥମ ସଙ୍କେତଗୁଡ଼ିକ ମଧ୍ୟରୁ ଗୋଟିଏ ଭାବେ ଦେଖାଯାଏ। ଯେଉଁ କ୍ଷେତ୍ରଗୁଡ଼ିକରେ ଏପରି ପ୍ରାରମ୍ଭିକ ଗତିଶୀଳତା ଦେଖାଯିବା ଆରମ୍ଭ ହୁଏ, ପୁନରୁତ୍ଥାନର ଗତି ବଢ଼ିବା ସହିତ ସେଗୁଡ଼ିକ ଆକର୍ଷଣୀୟ ନିବେଶ ସୁଯୋଗରେ ପରିଣତ ହୋଇପାରେ।

# ପୂର୍ବତଟ ରେଳପଥର ୨ କର୍ମଚାରୀ ସମ୍ମାନିତ




ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ସୁରକ୍ଷିତ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବାରେ ଉଲ୍ଲେଖନୀୟ ଅବଦାନ ପାଇଁ ପୂର୍ବତଟ ରେଳପଥ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ ୨ ଜଣ ରେଳ କର୍ମଚାରୀଙ୍କୁ ସମ୍ମାନିତ କରିଛନ୍ତି। ପୁରସ୍କାରପ୍ରାପ୍ତ କର୍ମଚାରୀମାନେ ହେଉଛନ୍ତି ସମ୍ବଲପୁର ଡିଭିଜନ ଅନ୍ତର୍ଗତ ଲୋଇସିଂହାରେ କାର୍ଯ୍ୟରତ ଟ୍ରାକ୍ ମେଣ୍ଟେନର-୨ ଶ୍ରୀନିବାସ ଭୋଇ ଏବଂ ଖୋର୍ଦ୍ଧା ରୋଡ ଡିଭିଜନ ଅନ୍ତର୍ଗତ ପୁରୀରେ କାର୍ଯ୍ୟରତ ଲୋକୋ ପାଇଲଟ (ଯାତ୍ରୀ) ଧୀରେନ୍ଦ୍ର କୁମାର ଜେନା। ଶ୍ରୀନିବାସ ଭୋଇ ଲୋଇସିଂହା ଏବଂ ବଲାଙ୍ଗୀର ମଧ୍ୟରେ କିମ୍ୟାନ ଡ୍ୟୁଟି କରୁଥିବା ସମୟରେ ଅତିକ୍ରମ କରୁଥିବା ଏକ ଟ୍ରେନର ଚକରେ ଏକ ଲକ୍ ଆକ୍ସଲ ଏବଂ ଗମ୍ଭୀର ଚକ ତ୍ରୁଟି ଚିହ୍ନଟ କରିଥିଲେ, ଯାହାଫଳରେ ଏକ ସମ୍ଭାବ୍ୟ ବଡ଼ ଦୁର୍ଘଟଣାକୁ ରୋକାଯାଇପାରିଲା। ସେହିପରି ପୁରୀରୁ ଖୋର୍ଦ୍ଧା ରୋଡକୁ ଏକ ମେମୁ ଟ୍ରେନ୍ ଚଲାଉଥିବା ସମୟରେ ଧୀରେନ୍ଦ୍ର କୁମାର ଜେନା ମାଳତୀପାଟପୁର ଏବଂ ସାକ୍ଷୀଗୋପାଳ ମଧ୍ୟରେ ଟ୍ରାକ୍ ବ୍ଲକିଂ ହେଉଥିବା ଲକ୍ଷ୍ୟ କରିଥିଲେ। ସତର୍କତାର ସହ ସେ ତୁରନ୍ତ ଟ୍ରେନ୍‌କୁ ଅଟକାଇ ସମ୍ପୃକ୍ତ ଅଧିକାରୀମାନଙ୍କୁ ଜଣାଇଥିଲେ। ପରବର୍ତ୍ତୀ ସମୟରେ ଟ୍ରାକଟି ମରାମତି କରାଯାଇଥିଲା, ଯାହା ଫଳରେ ଟ୍ରେନ୍ ସେବା ସୁରକ୍ଷିତ ଭାବରେ ପୁନଃଆରମ୍ଭ ହୋଇଥିଲା। କର୍ମଚାରୀମାନଙ୍କୁ ସମ୍ବର୍ଦ୍ଧିତ କରିବା ଅବସରରେ କହିଥିଲେ, ସୁରକ୍ଷିତ ଏବଂ ନିରବଚ୍ଛିନ୍ନ ଟ୍ରେନ୍ ପରିଚାଳନା ସୁନିଶ୍ଚିତ କରିବା ପାଇଁ କର୍ମଚାରୀମାନଙ୍କର ସତର୍କତା ଏବଂ ସମୟୋଚିତ ପଦକ୍ଷେପ ଅତ୍ୟନ୍ତ ଗୁରୁତ୍ୱପୂର୍ଣ୍ଣ।

# ଇଣ୍ଡିଗୋର ସିଏସ୍‌ଓ ହେଲେ ଆଲୋକ ସିଂହ

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)

ଇଣ୍ଡିଗୋ ଏଭିଏଶନ ଜଗତର ଅଭିଜ୍ଞ ବ୍ୟକ୍ତିତ୍ୱ ଆଲୋକ ସିଂହଙ୍କୁ ନିଜର ଚିଫ ଷ୍ଟ୍ରାଟେଜି ଅଫିସର (ସିଏସ୍‌ଓ) ଭାବେ ନିଯୁକ୍ତ କରିଛି। ଏହି ନିଯୁକ୍ତି ଏପରି ସମୟରେ ହୋଇଛି ଯେତେବେଳେ ଇଣ୍ଡିଗୋ ଘରୋଇ ବଜାରରୁ ବାହାରି ବିଶ୍ୱସ୍ତରରେ ନିଜର ପରିଚୟ ଗଢ଼ିବାର ପ୍ରସ୍ତୁତି କରୁଛି। ୩୦ ବର୍ଷରୁ ଅଧିକ ଏଭିଏସନ ଅନୁଭବ ଥିବା ଆଲୋକ ସିଂହ ପୂର୍ବରୁ ଏୟାର ଇଣ୍ଡିଆ ଏକ୍ସପ୍ରେସର ମ୍ୟାନେଜିଂ ଡାଇରେକ୍ଟର ଓ ସିଇଓ ଭାବେ କାର୍ଯ୍ୟ କରିଥିଲେ ଏବଂ ସେଠାରେ କମ୍ପାନୀର ଟ୍ରାନ୍ସଫର୍ମେଶନରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ତୁଲାଇଥିଲେ। ଏହା ବ୍ୟତୀତ ସେ ଏୟାର ଇଣ୍ଡିଆ ଓ ଓମାନ ଏୟାର ଭଳି ବଡ଼ ଏୟାରଲାଇନ୍ସରେ ମଧ୍ୟ ଉଚ୍ଚ ପଦବୀରେ କାମ କରିଛନ୍ତି। ଚିଫ ଷ୍ଟ୍ରାଟେଜି ଅଫିସର ଭାବେ ଆଲୋକ ସିଂହ ଇଣ୍ଡିଗୋର ଦୀର୍ଘମିଆଦୀ ଗ୍ରୋଥ ଯୋଜନା ପ୍ରସ୍ତୁତ କରିବା, ଅପରେସନ କାର୍ଯ୍ୟକ୍ଷମତା ବଢ଼ାଇବା, ଗ୍ରାହକ ଅନୁଭବକୁ ଉନ୍ନତ କରିବା ଏବଂ ଆନ୍ତର୍ଜାତୀୟ ବଜାରରେ ମଜବୁତ୍ ଉପସ୍ଥିତି ଗଢ଼ିବା ପାଇଁ ଷ୍ଟ୍ରାଟେଜି ତିଆରି କରିବେ ବୋଲି ଆଶା କରାଯାଉଛି।

# ଭୁବନେଶ୍ୱରରେ ରୟାଲ ଏନ୍‌ଫିଲ୍‌ଡ ଶୋ'ରୁମ 'ଶକ୍ତି ସ୍ପିଡ୍'

ଭୁବନେଶ୍ୱର, ୨୩।୩ (ଅନୁରାଧା ମହାରଣା)




ଭୁବନେଶ୍ୱର ମାଷ୍ଟରକ୍ୟାଣ୍ଟିନଠାରେ ରୟାଲ ଏନଫିଲ୍‌ଡର ନୂଆ ଶୋ'ରୁମ ଶକ୍ତି ସ୍ପିଡ ଏଲ୍‌ଏଲ୍‌ପି ଖୋଲିଛି। ସୋମବାର ଲ୍ୟୁଟନାଣ୍ଟ ଜେନେରାଲ ସତୀଶ ଦୁଆ ଏହି ଶୋ'ରୁମ୍‌ର ଉଦଘାଟନ କରିଛନ୍ତି। ଏହି ଅବସରରେ ରୟାଲ ଏନଫିଲ୍ଡର ରିଜିଓନାଲ ମ୍ୟାନେଜର୍ ନରେନ୍ଦ୍ର ଶାଓ, ରିଜିଓନାଲ ସର୍ଭିସ ମ୍ୟାନେଜର୍ କରୁଣାନିଧି ସୁମନ ଏବଂ ଶକ୍ତି ସ୍ପିଡ ଏଲଏଲପିର ମ୍ୟାନେଜିଂ ପାର୍ଟନର୍ ଯୋଗେନ୍ଦ୍ର ହନ୍ସ ଓ ଅକ୍ଷୟ ହନ୍ସ ପ୍ରମୁଖ ଉପସ୍ଥିତ ଥିଲେ। ଉଦ୍‌ଘାଟନ ଅବସରରେ ସ୍ଥାନୀୟ ଏକ ହୋଟେଲରେ ଅନୁଷ୍ଠିତ ଖବରଦାତା ସମ୍ମିଳନୀରେ ଲ୍ୟୁଟନାଣ୍ଟ ଜେନେରାଲ ସତୀଶ ଦୁଆ କହିଥିଲେ, ରୟାଲ ଏନଫିଲ୍ଡ ଅଭିଯାନ, ସାହସ ଏବଂ ଅନୁସନ୍ଧାନର ଆତ୍ମାକୁ ପ୍ରତିନିଧିତ୍ୱ କରେ। ଭୁବନେଶ୍ୱରରେ ଶକ୍ତି ସ୍ପିଡ ଦ୍ୱାରା ବ୍ରାଣ୍ଡର ଉପସ୍ଥିତି ଆହୁରି ମଜବୁତ୍ ହେବା ଆନନ୍ଦର ବିଷୟ। ଶକ୍ତି ସ୍ପିଡର ମ୍ୟାନେଜିଂ ପାର୍ଟନର୍ ଅକ୍ଷୟ ହନ୍ସ କହିଥିଲେ, ରୟାଲ ଏନଫିଲ୍ଡ ସହ ଯୋଡ଼ି ହେବା ଆମର ଭାଗ୍ୟ। ଭୁବନେଶ୍ୱରର କେନ୍ଦ୍ରସ୍ଥଳରେ ଥିବା ଆମର ଶୋ'ରୁମ ଓ ସର୍ଭିସ ସେଣ୍ଟର୍ ଆଧୁନିକ ସୁବିଧା ସହିତ ଅଞ୍ଚଳରେ ଗ୍ରାହକ ସନ୍ତୁଷ୍ଟିର ନୂଆ ମାନଦଣ୍ଡ ସ୍ଥାପନ କରିବ। ରୟାଲ ଏନଫିଲ୍ଡ ସହ ମିଶି ଆମେ ଗ୍ରାହକଙ୍କୁ ଅତୁଳନୀୟ ସେବା ଓ ବ୍ରାଣ୍ଡ ଅନୁଭବ ପ୍ରଦାନ କରିବାକୁ ପ୍ରୟାସ କରିବୁ। ସୂଚନା ଥାଉକି, ନିରନ୍ତର ଉତ୍ପାଦନରେ ଥିବା ବିଶ୍ୱର ସବୁଠାରୁ ପୁରୁଣା ମୋଟରସାଇକେଲ କମ୍ପାନୀ ରୟାଲ ଏନଫିଲ୍ଡ ୧୯୦୧ରେ ପ୍ରଥମ ମୋଟରସାଇକେଲ ତିଆରି କରିଥିଲା। ଚେନ୍ନାଇରେ ଉତ୍ପାଦନ କେନ୍ଦ୍ର ରହିଥିବା କମ୍ପାନୀ ବିଭିନ୍ନ ମଡେଲ ଯୋଗାଇଥାଏ, ଯେପରିକି ବୁଲେଟ, କ୍ଲାସିକ, ଥଣ୍ଡରବର୍ଡ ଓ ଇଣ୍ଟରସେପ୍ଟର୍ ୬୫୦ସିସି। ଦେଶର ପ୍ରମୁଖ ସହରରେ ୭୫୦ରୁ ଅଧିକ ଡିଲର୍ ସହିତ ଏହା ବିଶ୍ୱର ୪୫ରୁ ଅଧିକ ଦେଶକୁ ରପ୍ତାନି କରୁଛି। ରୟାଲ ଏନଫିଲ୍ଡ ରାଇଡର୍ ମାନିଆ ଓ ହିମାଳୟନ ଓଡିସି ଭଳି ଅନେକ ଉତ୍ସାହୀ କାର୍ଯ୍ୟକ୍ରମ ଆୟୋଜନ କରିଥାଏ।

## ଜନ୍ମଦିନର ଶୁଭେଚ୍ଛା

ନାମ: ....................................
ବୟସ:....................................
ଜନ୍ମ ତାରିଖ: ..............................



ଗୁନ୍‌ଗୁନ୍
ପରିବାରବର୍ଗ

ଏଠାରେ ୨ X ୨ ସେ.ମି. ଫଟୋ ଲଗାନ୍ତୁ

ସର୍ତ୍ତାବଳୀ: ଏହି କୁପନ ବ୍ୟବହାର କରି ସମ୍ପୂର୍ଣ୍ଣ ମାଗଣାରେ ଜନ୍ମଦିନର ଶୁଭେଚ୍ଛା ଜଣାନ୍ତୁ। ଫଟୋଗ୍ରାଫ ସହିତ କୁପନଟି ପ୍ରକାଶନ ତାରିଖର ୭ ଦିନ ପୂର୍ବରୁ ଜନ୍ମଦିନ ଶୁଭେଚ୍ଛା, ଧରିତ୍ରୀ, ବି-୨୬, ରସୁଲଗଡ ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦ ଠିକଣାରେ ପହଞ୍ଚିବା ଆବଶ୍ୟକ।


## ଆବାସିକ କଲେଜରେ ଯୁକ୍ତ ୨ ଛାତ୍ରଙ୍କ ଆତ୍ମହତ୍ୟା

**ହତ୍ୟା ଅଭିଯୋଗ ଆଣିଲେ ପରିବାର ଲୋକ**

ବାଲେଶ୍ୱର,୨୩।୩(ମୃତ୍ୟୁଞ୍ଜୟ ପଟ୍ଟନାୟକ)

ବାଲେଶ୍ୱର ଟାଉନ ଥାନା ଅଧୀନ ମଲ୍ଲିକାସପୁରସ୍ଥିତ ସ୍ୱସ୍ତିକ ଘରୋଇ ଆବାସିକ କଲେଜର ଜଣେ ଯୁକ୍ତ ୨ କଳାର ପ୍ରଥମ ବର୍ଷ ଛାତ୍ର ରବିବାର ରାତିରେ ବିଷ ପିଇ ଆତ୍ମହତ୍ୟା କରିଛନ୍ତି। ତେବେ ଛାତ୍ରଙ୍କୁ ହତ୍ୟା କରାଯାଇଥିବା ନେଇ ପରିବାର ଲୋକେ ଅଭିଯୋଗ ଆଣିଛନ୍ତି। କଲେଜ କର୍ତ୍ତୃପକ୍ଷଙ୍କୁ ଦାୟୀ କରି ଛାତ୍ରଙ୍କ ପରିବାର ଲୋକେ ଟାଉନ ଥାନାରେ ଏତଲା ଦେଇଛନ୍ତି।

# ଶୁକ୍ରୁଙ୍କୁ ଧରିବାକୁ ଗାଁ ଲୋକଙ୍କ ସାହାରା

ଭୁବନେଶ୍ୱର/ଫୁଲବାଣୀ,୨୩।୩(ତ୍ରିନାଥ ମହାନ୍ତି/ରାକେଶ କୁମାର ରାଉତ)

- ୧୧ ମାଓବାଦୀଙ୍କ ପୋଷ୍ଟର ମାରିଲା ପୋଲିସ
- କନ୍ଧମାଳ ଜଙ୍ଗଲ ଡେଇଁ ଶୁକ୍ରୁ ଫେରାର ହୋଇଥିବା ସନ୍ଦେହ
- ସୀମାନ୍ତ ଜଙ୍ଗଲରେ କୋମ୍ବିଂ ଜୋରଦାର

ରାଜ୍ୟକୁ ମାଓବାଦୀମୁକ୍ତ କରିବା ପାଇଁ ସ୍ୱରାଷ୍ଟ୍ରମନ୍ତ୍ରୀ ଦେଇଥିବା ଡେଡ୍‌ଲାଇନକୁ ଆଉ ମାତ୍ର ୮ଦିନ ରହିଲା। ଏହିକ୍ରମରେ କନ୍ଧମାଳରେ ବହୁ ମାଓବାଦୀ ଆତ୍ମସମର୍ପଣ କରିଥିବାବେଳେ ଶୁକ୍ରୁଙ୍କ ସମେତ ୧୧ଜଣ ଆତ୍ମସମର୍ପଣ କରୁନାହାନ୍ତି, ଯାହାକୁ ନେଇ ପୋଲିସର ଚିନ୍ତା ବଢ଼ିଛି। ନିକଟ ଅତୀତରେ କନ୍ଧମାଳ ଜିଲାରେ ୧୦ ଓ କଳାହାଣ୍ଡି ଜିଲାରେ ୧୦ ମାଓବାଦୀ ଆତ୍ମସମର୍ପଣ କରିସାରିଥିବାବେଳେ ବର୍ତ୍ତମାନ କନ୍ଧମାଳରେ କେବଳ ୧୧ଜଣ ମାଓବାଦୀ ବଞ୍ଚିଛନ୍ତି। ସେମାନେ କନ୍ଧମାଳ-ରାୟଗଡ଼ା-କଳାହାଣ୍ଡି ଜିଲାର ସୀମାନ୍ତବର୍ତ୍ତୀ



ଶୁକ୍ରୁ ଏବଂ ତାଙ୍କ ୧୧ସାଥୀଙ୍କୁ ଧରିବା ପାଇଁ ଗ୍ରାମରେ ଲାଗିଥିବା ପୋଷ୍ଟର

ପ୍ରାୟ ୫୦ରୁ ୬୦ କିଲୋମିଟର ବ୍ୟାପୀ ଘଞ୍ଚ ଜଙ୍ଗଲରେ ଲୁଚି ରହିଛନ୍ତି। ସେମାନଙ୍କର ନେତୃତ୍ୱ ନେଉଛନ୍ତି ମାଓବାଦୀ ନେତା ଶୁକ୍ରୁ। ତେଣୁ ସେମାନଙ୍କୁ ଧରିବା ପାଇଁ ରାଜ୍ୟ ପୋଲିସର ଏହି ସୀମାନ୍ତବର୍ତ୍ତୀ ଜଙ୍ଗଲରେ ବଡ଼ କୋମ୍ବିଂ ଅପରେଶନ ଜାରି ରହିଛି। ଏସ୍‌ଓଜି, ସିଆର୍‌ପିଏଫ୍ ଏବଂ ବିଏସ୍‌ଏଫ୍ ଯବାନମାନେ ମିଳିତ ଭାବେ କୋମ୍ବିଂ ଅପରେଶନ କରୁଛନ୍ତି। ଖୁବ୍‌ଶୀଘ୍ର ଶୁକ୍ରୁ ପୋଲିସ ଜାଲରେ ପଡ଼ିବ ବୋଲି କୁହାଯାଉଛି।

ଶୁକ୍ରୁଙ୍କୁ ଧରିବା ପାଇଁ ପୋଲିସ ଏବେ ଗାଁ ଲୋକଙ୍କ ସାହାରା ନେଇଛି। ଗ୍ରାମର ବିଭିନ୍ନ ଛକରେ ଶୁକ୍ରୁ ସମ୍ପର୍କରେ ପୋଷ୍ଟର ମରାଯାଇଛି। ଯେଉଁମାନେ ଶୁକ୍ରୁ ଏବଂ ତାଙ୍କ ସହଯୋଗୀଙ୍କୁ ଗିରଫ କରିବାରେ ସହଯୋଗ କରିବେ କିମ୍ବା ସୂଚନା ଦେବେ, ତାଙ୍କୁ ପୁରସ୍କୃତ କରାଯିବ। ଆହୁରି ମଧ୍ୟ ସେମାନଙ୍କ ନାମ ଗୋପନ ରଖାଯିବା ସହ ବିଭିନ୍ନ ପ୍ରକାର ସହଯୋଗ ଯୋଗାଇ ଦିଆଯିବ ବୋଲି ପୋଷ୍ଟରରେ କୁହାଯାଇଛି। ଯେଉଁ ୧୧ ଜଣ ମାଓବାଦୀ ବଞ୍ଚିଛନ୍ତି, ସେମାନଙ୍କ ମଧ୍ୟରେ ସିପିଆଇ ମାଓବାଦୀ ସ୍ପେସିଆଲ ଜୋନାଲ କମିଟି ମେମ୍ବର ଶୁକ୍ରୁ, ଡିଭିଜନାଲ କମିଟି ମେମ୍ବର ଶୀଳା, ୫ଜଣ ଏରିଆ କମିଟି ମେମ୍ବର ରଜିତା, ମଙ୍ଗୁ, ସନ୍ତୋଷ, ସନ୍ଧ୍ୟା ଏବଂ ସୁଷମା ଅଛନ୍ତି। ଜଙ୍ଗଲରେ ଲୁଚି ରହିଥିବା ଏହି ୧୧ ମାଓବାଦୀଙ୍କ ପୋଷ୍ଟର ଓଡ଼ିଶା ପୋଲିସ ରିଲିଜ୍ କରିଛି। ଏମାନଙ୍କ ମୁଣ୍ଡ ଉପରେ ଥିବା ଅର୍ଥରାଶି ସହିତ ମାଓବାଦୀ ଧରାନ୍ତୁ ଏବଂ ପୁରସ୍କାର ପାଆନ୍ତୁ ବୋଲି ପୋଷ୍ଟରରେ ଉଲ୍ଲେଖ କରାଯାଇଛି। କନ୍ଧମାଳ ଜିଲାର ସୀମାନ୍ତବର୍ତ୍ତୀ ଜଙ୍ଗଲ ଏବଂ ଜଙ୍ଗଲ ଭିତରେ ରହିଥିବା ଛୋଟିଆ ଛୋଟିଆ ଗାଁ ଗୁଡ଼ିକରେ ବହୁଳ ଭାବେ ଏହି ପୋଷ୍ଟର ଲଗାଯାଇଛି। ପୋଲିସର କୋମ୍ବିଂ ଅପରେଶନ ମଧ୍ୟ ଜୋରଦାର ଚାଲିଛି। ଏଭଳି ସ୍ଥଳେ ଶୁକ୍ରୁ ସମେତ ଏହି ୧୧ଜଣ ମାଓବାଦୀ ଯଦି ଆତ୍ମସମର୍ପଣ ନ କରନ୍ତି, ତେବେ ନିଶ୍ଚିତ ଭାବେ ସୁରକ୍ଷାକର୍ମୀଙ୍କ ଗୁଳିରେ ଏମାନେ ଟଳିବେ ବୋଲି ଅନୁମାନ କରାଯାଉଛି। ଏନେଇ କନ୍ଧମାଳ ଏସ୍‌ପି ହରିଶ୍ ବିଶି କହିଛନ୍ତି, ଶୁକ୍ରୁ ସମ୍ପର୍କରେ ସୂଚନା ଦେବାକୁ ଗାଁ ଲୋକଙ୍କୁ ସାମିଲ କରାଯାଇଛି। ଯେଉଁମାନେ ଶୁକ୍ରୁ ଏବଂ ତାଙ୍କ ସାଥୀଙ୍କ ସମ୍ପର୍କରେ ସୂଚନା ଦେବେ, ଆମେ ସେମାନଙ୍କୁ ପୁରସ୍କାର ଦେବା ସହ ନାମ ଗୋପନ ରଖିବୁ। ସବୁଆଡ଼ୁ ଶୁକ୍ରୁଙ୍କୁ ଘେରାବନ୍ଦୀ କରାଯାଇଛି। ପୋଲିସ ଅପରେଶନକୁ ଜୋରଦାର କରିଛି। ଖୁବ୍‌ଶୀଘ୍ର ଭଲ ଖବର ଆସିବ ବୋଲି ଏସ୍‌ପି ବିଶି କହିଛନ୍ତି।


# Classified Everyday
0674-2580101, 9692975378



REAL ESTATE
SALE

**2&3BHK Flats sale at Kalarahanga, Patia, Bhubaneswar. Close to school, college and hospital. Completed project. Near to possession. Contact: 7440045095, 7077771880.** D-101

ଭୁବନେଶ୍ୱର, ଫୁଲନଖରା ଛକ, ପାହାଳ, ଜଟଣୀ ଗେଟ୍, ଅନୁଗୁଳ **IIT**, ପିପିଲି, ରଙ୍ଗବଜାର, ପାତ୍ରପଡ଼ା ନିକଟରେ ଘରବାରୀ ପ୍ଲଟ୍/**Duplex** ମିଳୁଛି। **8327785834.** D-3649

3BHK Flats near 200sqft. Sikharchandi Chandaka Road, Sundarpur (The New Patia) Bhubaneswar. Rera & BDA approved. Near DN Wisdom Tree School and KIMS Hospital. Bricks work completed. Book Site Visit- 8018461579, 9437095996. D-105

ଭୁବନେଶ୍ୱର ନଖରା Dadhichi College ପାଖରେ Sqft. 1099/ରେ ଘରବାଡ଼ି, ବାଉଣ୍ଡାରୀ, Electric ଥାଇ ବାସୋପଯୋଗୀ ପ୍ଲଟ୍ ମିଳୁଛି। 8093465134. D-3683

ଭୁବନେଶ୍ୱର ଜଟଣୀଗେଟ୍‌ରୁ ଅଳ୍ପ ଦୂରତାରେ 1500sqft. 7,50,000/- ପ୍ଲଟ୍ ବିକ୍ରିହେବ। 9658891108. D-25



All types of physiotherapy and massage contact 9556924059 / 7656969134. D-3668


## AFFIDAVIT

I, Bijay Kumar Agrawal, S/o- Harishankar Agrawal, Word-5, Msjidgali, Bargarh, Dist.- Bargarh, Odisha-768028 declare by the affidavit No.- 599, dt. 16.03.26 before Executive Magistrate, Bargarh that I have changed my name Bijay Agrawal to Bijay Kumar Agrawal. Henceforth, I shall be known as Bijay Kumar Agrawal for all purposes. D-3726

By virtue of an affidavit before Executive Magistrate, Kakatpur on dtd. 31.10.2022 and published in The Orissa Gazette on dtd. 19.06.2007, I have changed my name from Kuna Chandra Swain to Kunal Swain. Henceforth I shall be known as Kunal Swain for all purposes.
Kunal Swain,
Sorabha, Gop, Puri. D-3725

By virtue of affidavit sworn before Executive Magistrate, Bhubaneswar, dated 23.03.2026, I, Pravat Nalini Mohanty, Address: Plot No.- 23 & 24, Sailashree Vihar, Chandrasekharpur declare that I have changed my name from Sarat bala Pattnaik to Pravat Nalini Mohanty. Henceforth, I shall be known as Pravat Nalini Mohanty for all purposes.
Pravat Nalini Mohanty D-3724

I, Hitherto known as Durlab Guntha, S/o- Padu Guntha, R/o Vtc: Rajabedei, P.O.- Rajaput, Sub District.- Similiguda, Koraput, Odisha- 764036 have changed my name and shall hereafter be known as Dullabha Guntha for all future purposes. D-3723

## LEGAL NOTICE

ନୋଟିସ U/o- 5 R-20 of CPC
ମହକୁମେ ତାଳଚେର, ସିଭିଲ ଜଜ୍ ସିନିୟର ଡିଭିଜନ, ତାଳଚେର, ଜି ଅନୁଗୁଳ
MAT ୫୨/୨୦୨୫

ନିରଞ୍ଜନ ଦାଶ
...ଦରଖାସ୍ତକାରୀ
ବନାମ
କଲ୍ୟାଣୀ ମହାପାତ୍ର
....ବିରୁଦ୍ଧ ପକ୍ଷ

To, ଶ୍ରୀମତୀ କଲ୍ୟାଣୀ ମହାପାତ୍ର, ବୟସ ୪୭ ବର୍ଷ, ସ୍ୱା- ନିରଞ୍ଜନ ଦାଶ, ମାର୍ଫତ- ସୁରେଶ ଚନ୍ଦ୍ର ମହାପାତ୍ର। ସା- ଗୁରୁ ବିହାର, ମାଟିଆପଡ଼ା, ଥାନା-ତାଳବଣିଆଁ, ଜିଲ୍ଲା- ପୁରୀ
....ବିରୁଦ୍ଧ ପକ୍ଷ

ଜାଣିବେ, ଏହିକି ତୁମ୍ଭ ବିରୁଦ୍ଧରେ ଦରଖାସ୍ତକାରୀ ନିରଞ୍ଜନ ଦାଶ ଛାଡ଼ପତ୍ର ସକାଶେ ଉକ୍ତ କେସ୍ ଦାଖଲ କରିଛନ୍ତି। ଆପଣ ଆଗାମୀ ତା୦୬।୦୪।୨୦୨୬ରିଖ ଦିନ ସକାଳ ୭.୩୦ ମିନିଟ୍ ସମୟରେ ଉକ୍ତ କୋର୍ଟରେ ହାଜର ହେବେ ନଚେତ୍ ଉକ୍ତ କେସ୍‌ର ବିଚାର ତୁମ୍ଭର ଅନୁପସ୍ଥିତିରେ ହେବ।
ଅଦ୍ୟ ତାରିଖ ୧୩।୦୩।୨୦୨୬
Sd./- Senior Civil Judge, Talcher D-3722


ପାଠକଙ୍କ ପାଇଁ ସୂଚନା: କ୍ଲାସିଫାଏଡରେ ପ୍ରକାଶିତ କେତେକ ବିଜ୍ଞାପନକୁ ଭିତ୍ତିକରି କିଛି ପାଠକ ଠକାମିର ଶିକାର ହେଉଥିବା ଆମର ଦୃଷ୍ଟିଗୋଚର ହେଉଛି। ବିଜ୍ଞାପନ ଦେଉଥିବା ସଂସ୍ଥାମାନଙ୍କ ସହ କାରବାର କରିବା ପୂର୍ବରୁ ସବିଶେଷ ତଥ୍ୟ ଓ ନିଜର ବିବେକ ଖଟାଇ କାରବାର କରନ୍ତୁ। ଏଥିପାଇଁ ଧରିତ୍ରୀ କର୍ତ୍ତୃପକ୍ଷ ଦାୟୀ ରହିବେ ନାହିଁ।


## LEGAL NOTICE

ମାନ୍ୟବର ଶ୍ରୀଯୁକ୍ତ ସେକେଣ୍ଡ ଆଡିସିନାଲ ଜଜ୍‌ଙ୍କ ଅଦାଲତ, ପୁରୀ
ସି.ଏସ୍. ନଂ- ୫୫୩/୨୦୨୧
ନୋଟିସ

ପ୍ରତିଲତା ଜେନା, ସ୍ୱାମୀ- ପ୍ରକାଶ ଚନ୍ଦ୍ର ଜେନା, ସାକିନ- ତୁଳସୀ କ୍ୟାମ୍ପସ, ଫ୍ଲାଟ୍ ନ-୭/୬, ବାଲିଘାଟ, ଥାନା- ପେଣ୍ଠକଟା ମେରାଇନ୍, ଜିଲ୍ଲା- ପୁରୀ, ପିନ୍- ୭୫୨୦୦୨
....ଆବେଦନକାରୀ
ବନାମ

୧. ଅଶୋକ କୁମାର ପରିଡ଼ା @ ଅଶୋକ ବବ୍ ପରିଡ଼ା, ପିତା: ଗୌରାଙ୍ଗ ଚରଣ ପରିଡ଼ା, ସାକିନ୍ - ଉପର ମାଳିସାହି, ଥାନା- କୁମ୍ଭାରପଡ଼ା, ପୋଷ୍ଟ/ଜିଲ୍ଲା- ପୁରୀ
.....ପ୍ରତିବାଦୀ ନଂ-୧

୨. ଉଦୟନ ରାଉତରାୟ, ପିତା: ୰ବିଭୂତି ଭୂଷଣ ରାଉତରାୟ, ସାକିନ୍- ଏ.ଏସ୍. ୦୩, ଏଫ୍.ସି.ଓ.ଟି.ଏଲ୍.ଏ. ଆପାର୍ଟମେଣ୍ଟ, ନେଖାମ୍‌ପୁର, ହାଇଦ୍ରାବାଦ।
ପ୍ରତିବାଦୀ ନଂ-୫

୩. ତ୍ରିଲୋଚନ ପରିଡ଼ା, ପିତା : ୰କୃଷ୍ଣମୋହନ ପରିଡ଼ା,
....ପ୍ରତିବାଦୀ ନଂ-୬

୪. କିରଣ ପରିଡ଼ା, ପିତା- ୰କୃଷ୍ଣମୋହନ ପରିଡ଼ା,
......ପ୍ରତିବାଦୀ ନଂ-୭

୫. ମିନତୀ ପରିଡ଼ା, ପିତା- ୰କୃଷ୍ଣମୋହନ ପରିଡ଼ା, ଏମାନଙ୍କ ସାକିନ୍ ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।
ପ୍ରତିବାଦୀ ନଂ-୮

୬. ଲୁନା ପରିଡ଼ା, ପିତା- ୰ହରମୋହନ ଓରଫ ହରକୃଷ୍ଣ ପରିଡ଼ା,
..... ପ୍ରତିବାଦୀ ନଂ-୧୦

୭. ଶୁଭଶ୍ରୀ ପରିଡ଼ା, ପିତା- ୰ହରମୋହନ ଓରଫ ହରକୃଷ୍ଣ ପରିଡ଼ା, ସାକିନ୍- ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।
..... ପ୍ରତିବାଦୀ ନଂ-୧୨

୮. ନଟ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୩

୯. ପହଲି ପାତ୍ର, ପିତା: ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୪

୧୦. ବଂଶୀ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୫

୧୧. ମୁରଲୀ ପାତ୍ର, ପିତା- ୰ବାଉରୀବନ୍ଧୁ ପାତ୍ର
..... ପ୍ରତିବାଦୀ ନଂ-୧୬

୧୨. ଯଦୁମଣି ପାତ୍ର, ପିତା- ୰ବାଞ୍ଛାନିଧି ପାତ୍ର
..... ପ୍ରତିବାଦୀ ନଂ-୧୭

୧୩. ଶଙ୍କର ପାତ୍ର, ପିତା- ୰କୃତ୍ତିବାସ ପାତ୍ର
..... ପ୍ରତିବାଦୀ ନଂ-୧୮

୧୪. ରଘୁ ପାତ୍ର, ପିତା- ୰କହ୍ନେଇ ପାତ୍ର
..... ପ୍ରତିବାଦୀ ନଂ-୧୯

୧୫. ହଟ ପାତ୍ର, ପିତା- ୰ବ୍ରଜବନ୍ଧୁ ପାତ୍ର ନଂ୮ ଲଗାୟତ ୧୫ମ୍ବର ସାକିନ୍- ଶ୍ରୀଚନ୍ଦନପୁର, ପୋଷ୍ଟ/ଥାନା- କାକଟପୁର, ଜିଲ୍ଲା- ପୁରୀ
..... ପ୍ରତିବାଦୀ ନଂ- ୨୦

୧୬. ଧୋବେଇ ପାତ୍ର, ପିତା- ବ୍ରଜମୋହନ ପାତ୍ର, ସାକିନ୍- ଶ୍ରୀରାମଚନ୍ଦ୍ରପୁର, ଥାନା- କାକଟପୁର, ଜିଲ୍ଲା- ପୁରୀ,
..... ପ୍ରତିବାଦୀ ନଂ-୨୧

୧୭. ପ୍ରତିଭା ସ୍ୱାଇଁ, ପିତା- ୰ଭଗବାନ ସ୍ୱାଇଁ,
.... ପ୍ରତିବାଦୀ ନଂ-୨୪

୧୮. ପ୍ରଭାତୀ ସ୍ୱାଇଁ, ପିତା- ୰ଭଗବାନ ସ୍ୱାଇଁ
..... ପ୍ରତିବାଦୀ ନଂ-୨୫

୧୯. ରାଜକିଶୋର ସ୍ୱାଇଁ, ପିତା- ୰ନାରାୟଣ ସ୍ୱାଇଁ
...... ପ୍ରତିବାଦୀ ନଂ-୨୮

୨୦. ସୋମନାଥ ସ୍ୱାଇଁ, ପିତା- ୰ମହେଶ୍ୱର ସ୍ୱାଇଁ
...... ପ୍ରତିବାଦୀ ନଂ-୩୦

୨୧. ଇନ୍ଦ୍ରମଣି ସ୍ୱାଇଁ, ପିତା- ୰ମହେଶ୍ୱର ସ୍ୱାଇଁ
...... ପ୍ରତିବାଦୀ ନଂ-୩୧

୨୨. ରବୀନ୍ଦ୍ର ସ୍ୱାଇଁ, ପିତା- ବାସୁଦେବ ସ୍ୱାଇଁ
...... ପ୍ରତିବାଦୀ ନଂ-୩୨

୨୩. ଗୋପୀନାଥ ସ୍ୱାଇଁ, ପିତା- ମହାଦେବ ସ୍ୱାଇଁ
...... ପ୍ରତିବାଦୀ ନଂ-୩୫

୨୪. ଇନ୍ଦୁମତି ପରିଡ଼ା, ସ୍ୱାମୀ- ୰ଇନ୍ଦ୍ରମଣି ପରିଡ଼ା
...... ପ୍ରତିବାଦୀ ନଂ-୩୬

୨୫. ଦେବରାଜ ପରିଡ଼ା, ପିତା- ବ୍ରଜବନ୍ଧୁ ପରିଡ଼ା
...... ପ୍ରତିବାଦୀ ନଂ-୩୮

ସମସ୍ତଙ୍କ ସାକିନ୍ ଗଡ଼ନୟନଛଡ଼ା, ଥାନା- କାକଟପୁର, ଜିଲ୍ଲା- ପୁରୀ ।

ଏହିକି ଯେ, ପ୍ରତିବାଦୀ ନଂ୧, ଲଗାୟତ ୫ ଲଗାୟତ୮, ୧୦, ୧୨ ରୁ ୨୧, ୨୪, ୨୫, ୨୮, ୩୦, ୩୧, ୩୨, ୩୫, ୩୬, ୩୮ମ୍ବରଙ୍କ ନାମରେ ନୋଟିସ ଜାରି ହେବା ନିମନ୍ତେ ବାରମ୍ବାର ଯାଇଥିଲେ ମଧ୍ୟ ସେ ନୋଟିସ ମର୍ମମାନ ଜାଣିଶୁଣି ଉପରୋକ୍ତ ମୋକଦ୍ଦମାରେ ହାଜର ହେଉନାହାନ୍ତି। ତେଣୁ ଅତ୍ର ବିଜ୍ଞାପନ ଦ୍ୱାରା ପ୍ରତିବାଦୀମାନଙ୍କୁ ଜଣାଇ ଦିଆଯାଇଅଛି କି, ପ୍ରତିବାଦୀ ନଂ୧, ଲଗାୟତ ୫ ଓ ୧୦, ୧୨ ରୁ ୨୧, ୨୪, ୨୫, ୨୮, ୩୦, ୩୧, ୩୨, ୩୫, ୩୬, ୩୮ମ୍ବର ଆଜଦିନ ତା ୧୫।୦୪।୨୬ରିଖେ ଅତ୍ର ଅଦାଲତରେ ଆପଣମାନେ ନିଜେ କିମ୍ବା ଓକିଲଙ୍କ ଦ୍ୱାରା ଉପସ୍ଥିତ ହୋଇ କୌଣସି ଆପତ୍ତି ଥିଲେ ଜଣାଇବେ, ନଚେତ୍ ଆଇନ ଅନୁଯାୟୀ ଫଇସଲା ହେବ। ଅଦ୍ୟ ତା ୧୫।୦୪।୨୦୨୬ରିଖେ ସ୍ୱାକ୍ଷରିତ ଓ ଅଦାଲତର ମୋହର ନିମ୍ନ କ୍ରମେ ଦିଆଗଲା ।

2nd Additional Senior Civil Judge, Puri
D-3721

# ପେଟ୍ରୋଲ ପକାଇ ଛୁ ମାରୁଛନ୍ତି

**୨ ଦିନରେ ୪ ପେଟ୍ରୋଲ ପମ୍ପରୁ ୬୭ ହଜାର ଠକେଇ**

ଡେଙ୍କିକୋଟ,୨୩।୩(ନୀଳମଣି ମଣ୍ଡଳ)

କେନ୍ଦୁଝର ଜିଲା ଡେଙ୍କିକୋଟ୍ ପୋଲିସ ବିଟ୍ ହାଉସ ଅଞ୍ଚଳରେ ଅଭିନବ ଉପାରେ ପେଟ୍ରୋଲ ପମ୍ପରୁ ଠକେଇ ହେଉଛି। ଦୁର୍ବୃତ୍ତ ପେଟ୍ରୋଲ ପମ୍ପରେ ତେଲ ପକାଇବା ସହ ବ୍ୟାରେଲରେ ତେଲ ନେଇ ଟଙ୍କା ନ ଦେଇ ଛୁ ମାରୁଛନ୍ତି। ଗତ ୨ ଦିନ ମଧ୍ୟରେ ୪ ପେଟ୍ରୋଲ ପମ୍ପରୁ ପ୍ରାୟ ୬୭ ହଜାରୁ ଉର୍ଦ୍ଧ୍ୱ ଠକେଇ ହୋଇଥିବା ଅଭିଯୋଗ ହୋଇଛି। ପୋଲିସ ମାମଲା ରୁଜୁ କରି ତଦନ୍ତ କରୁଛି।

ପ୍ରକାଶ, ୨୦ ନମ୍ବର ଜାତୀୟ ରାଜପଥ କଡ଼ ବାଙ୍କପାଟୁଳିରେ ଥିବା ଗଣେଶ ପେଟ୍ରୋଲ ପମ୍ପରେ ସୋମବାର ୩ ଦୁର୍ବୃତ୍ତ ଏକ ହୁଣ୍ଡାଇ କାରରେ ଆସି ତେଲ ପକାଇଥିଲେ। ପରେ କାର ଭିତରେ ଥିବା ବ୍ୟାରେଲରେ ୧୭ ହଜାର ଟଙ୍କାର ପେଟ୍ରୋଲ ଭର୍ତ୍ତି କରିଥିଲେ। ପମ୍ପ କର୍ମଚାରୀ ବିଲ୍ ବାହାର କରିବା ସମୟରେ ଦୁର୍ବୃତ୍ତ କାର ଧରି ଚମ୍ପଟ ମାରିଥିଲେ। ସେହିପରି କଟରାବେଢ଼ାଠାରେ ଥିବା ଦିବ୍ୟାଂଶୁ ପେଟ୍ରୋଲ ପମ୍ପଠାରେ ସନ୍ଧ୍ୟା ୭ଟାରେ କାର ଭିତରେ ଥିବା ବ୍ୟାରେଲରେ ୧୮ ହଜାର ଟଙ୍କାର ପେଟ୍ରୋଲ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ସେହିପରି ରବିବାର ସାନମସିଣାବିଲା ଜଗାତାରିଣୀ ଫିଲିଂ ଷ୍ଟେଶନରୁ ସନ୍ଧ୍ୟା ୭ଟାରେ ଉକ୍ତ କାରରେ ଦୁର୍ବୃତ୍ତ ପେଟ୍ରୋଲ ଭର୍ତ୍ତି କରିବା ସହ କାର ଭିତରେ ଥିବା ବ୍ୟାରେଲରେ ୧୭ ହଜାର ୮୦୦ ଟଙ୍କାର ପେଟ୍ରୋଲ ଭର୍ତ୍ତି କରି ଚମ୍ପଟ ମାରିଥିଲେ। ପରେ ଘଟଗାଁଠାରେ ଥିବା ବୃନ୍ଦାବନ ପେଟ୍ରୋଲ ପମ୍ପରେ ମଧ୍ୟ ବ୍ୟାରେଲରେ ୧୫ ହଜାର ଟଙ୍କାର ପେଟ୍ରୋଲ ନେଇ ଦୁର୍ବୃତ୍ତ ଚମ୍ପଟ ମାରିଛନ୍ତି। ୨ ଦିନରେ ୪ ପେଟ୍ରୋଲ ପମ୍ପରୁ ମୋଟ ୬୭ ହଜାର ୮୦୦ ଟଙ୍କାର ପେଟ୍ରୋଲ ଚୋରି ହୋଇଛି। ଏ ନେଇ ଘଟଗାଁ ଥାନାରେ ବାଙ୍କପାଟୁଳି ପେଟ୍ରୋଲ ପମ୍ପର କର୍ତ୍ତୃପକ୍ଷ ଅଶୋକ ପାଣି ଓ କଟରାବେଢ଼ା ପେଟ୍ରୋଲ ପମ୍ପର ଜିତେନ୍ଦ୍ର କୁମାର ମହାନ୍ତ ଲିଖିତ ଅଭିଯୋଗ କରିଥିବା ଘଟଗାଁ ପୋଲିସ ପକ୍ଷରୁ ସୂଚନା ମିଳିଛି। ଅନ୍ୟ ୨ ପେଟ୍ରୋଲ ପମ୍ପ ଦ୍ୱୟ ଅଭିଯୋଗ କରି ନ ଥିବା ଜଣାପଡିଛି। ଏ ନେଇ ଘଟଗାଁ ଥାନାରେ ପୃଥକ ମାମଲା( ନଂ.୧୬୬/୨୬, ୨୦୦/୨୬) ରୁଜୁ ହୋଇ ଘଟଣାରେ ଛାନ୍‌ଭିନ୍ ଜାରି ରଖିଥିବା ଜଣାପଡ଼ିଛି।

# ତେଲ୍‌ନଦୀ କୂଳରୁ ୫୦କିଲୋ ଗଞ୍ଜେଇ ଜବତ

ସୋନପୁର/ତରଭା,୨୩।୩(ମୃତ୍ୟୁଞ୍ଜୟ ଶତପଥୀ/ମାନଭଞ୍ଜନ ମିଶ୍ର)

**ପୋଲିସ ଚଢ଼ାଉ ସମୟରେ ଅଭିଯୁକ୍ତ ଫେରାର**

ସୁବର୍ଣ୍ଣପୁର ଜିଲା ତରଭା ଥାନା ପୋଲିସ ମରାଡୁଗୋଛା ନିକଟସ୍ଥ ତେଲ୍‌ନଦୀ କୂଳରେ ସୋମବାର ଚଢାଉ କରି ୫୦କିଲୋ ୧୦୦ଗ୍ରାମ ଗଞ୍ଜେଇ ଜବତ କରିଛି। ତେବେ ଗଞ୍ଜେଇ ବ୍ୟବସାୟୀ ତଥା ବୌଦ୍ଧ ଜିଲା କଣ୍ଟାମାଳ ଥାନା ବନ୍ଧପାଲି ଗ୍ରାମର ରାମ ସାହୁ ଓ ତାଙ୍କର ସହଯୋଗୀ ଫେରାର ହୋଇଯାଇଛନ୍ତି। ଏ ସମ୍ପର୍କରେ ତରଭା ଥାନାରେ ଏନଡିପିଏସ୍ ଆକ୍ଟ ଅନୁଯାୟୀ ଏକ ମାମଲା ରୁଜୁ ହୋଇଛି। ଅଭିଯୁକ୍ତମାନେ ଫେରାର ହୋଇ ଯାଇଛନ୍ତି। ସେମାନଙ୍କୁ ଧରିବା ପାଇଁ ଉଦ୍ୟମ ଜାରି ରହିଥିବା ଏସ୍‌ପି ନାରାୟଣ ନାୟକ ଜିଲା ପୋଲିସ ମୁଖ୍ୟାଳୟରେ ଆୟୋଜିତ ଏକ ଖବରଦାତା ସମ୍ମିଳନୀରେ ସୂଚନା ଦେଇଛନ୍ତି। ଜବତ



ତରଭା ପୋଲିସ ଟିମ୍ ଜବତ କରିଥିବା ଗଞ୍ଜେଇ ପ୍ୟାକେଟ।

ଗଞ୍ଜେଇର ସରକାରୀ ମୂଲ୍ୟ ୫ଲକ୍ଷ ଟଙ୍କାରୁ ଉର୍ଦ୍ଧ୍ୱ ହେବ ବୋଲି ଏସ୍‌ପି କହିଛନ୍ତି।

କଣ୍ଟାମାଳ ଅଞ୍ଚଳର ଗଞ୍ଜେଇ ବ୍ୟବସାୟୀ ରାମ ସାହୁ ରାଜ୍ୟ ବାହାରକୁ ଗଞ୍ଜେଇ ଚୋରାଚାଲାଣ ପାଇଁ ମରାଡୁଗୋଛା ଗ୍ରାମର ତେଲ ନଦୀକୂଳରେ ଗଚ୍ଛିତ ରଖିଥିବା ପୋଲିସକୁ ବିଶ୍ୱସ୍ତ ସୂତ୍ରରୁ ସୂଚନା ମିଳିଥିଲା। ତରଭା ଆଇଆଇସି ଅନିତା କିଡୋ ପୋଲିସ ଟିମ୍ ସହିତ ଚଢାଉ କରିବା ସମୟରେ ଚୋରାଚାଲାଣକାରୀମାନେ ଫେରାର ହୋଇଯାଇଥିଲେ। ପୋଲିସ ଟିମ୍ ନଦୀ କୂଳରେ ତନଖି କରିବା ସମୟରେ ୨ଟି ଗଞ୍ଜେଇ ଭର୍ତ୍ତି ବଡ ବ୍ୟାଗ୍ ଚିହ୍ନଟ ହୋଇଥିଲା। ମାଜିଷ୍ଟ୍ରେଟ୍ ତଥା ସହକାରୀ ଜିଲାପାଳ ସୁବାଷ ଚନ୍ଦ୍ର ଭୋଇଙ୍କ ଉପସ୍ଥିତିରେ ଓଜନ କରିବା ପରେ ବ୍ୟାଗ୍‌ରେ ମୋଟ ୫୦ କିଲୋ ୧୦୦ ଗ୍ରାମ ଗଞ୍ଜେଇ ଥିବା ଜଣାପଡିଥିଲା। ଗଞ୍ଜେଇର ଉତ୍ସ ଓ ଅଭିଯୁକ୍ତଙ୍କ ବିଷୟରେ ଜାଣିବା ପାଇଁ ଅଧିକ ତଦନ୍ତ ଜାରି ରହିଥିବା ଏସ୍‌ପି କହିଛନ୍ତି। ତରଭା ଥାନା ଏସ୍‌ଆଇ ପ୍ରେମରାଜ ସାହୁ ମାମଲାର ତଦନ୍ତ କରୁଛନ୍ତି।

# ସ୍ତ୍ରୀଙ୍କୁ ହତ୍ୟା କରି ଜାଳିଦେଲେ: ସ୍ୱାମୀ ଅଟକ



ଅଟକ ଯଶୋବନ୍ତ ସାହୁ।



ଘଟଣାସ୍ଥଳରେ ପୋଲିସ ତଦନ୍ତ କରୁଛି।

ଦେବଗଡ଼,୨୩।୩
(ଶଶାଙ୍କ ଶେଖର ଝାଙ୍କର)

ଦେବଗଡ଼ ଜିଲା ରିଆମାଳ ବ୍ଲକ୍ କୁଣ୍ଡେଇଗୋଳା ଥାନା ଅଧୀନ ମହ୍ଲାରବାହାଲ ଗ୍ରାମରେ ରବିବାର ରାତିରେ ଏକ ହତ୍ୟାକାଣ୍ଡ ଘଟିଛି। ଜଣେ ମହିଳାଙ୍କୁ ହତ୍ୟା କରିବା ପରେ ପ୍ରମାଣ ନଷ୍ଟ କରିବା ପାଇଁ ଶରୀରରେ ନିଆଁ ଲଗାଇ ପୋଡି ଦିଆଯାଇଥିବା ଅଭିଯୋଗ ହୋଇଛି। ମୃତା ମହିଳା ହେଲେ ଲକ୍ଷ୍ମୀପ୍ରିୟା ସାହୁ। ଏହି ଘଟଣାରେ ଲକ୍ଷ୍ମୀପ୍ରିୟାଙ୍କ ସ୍ୱାମୀ ମହ୍ଲାରବାହାଲ ଗ୍ରାମର ଯଶୋବନ୍ତ ସାହୁଙ୍କୁ ପୋଲିସ ଅଟକ ରଖିଛି।

ଅଭିଯୋଗ ଅନୁଯାୟୀ, ଘରୋଇ କଳିକୁ କେନ୍ଦ୍ରକରି ଲକ୍ଷ୍ମୀପ୍ରିୟାଙ୍କୁ ବିଭିନ୍ନ ସମୟରେ ଯଶୋବନ୍ତ ମାଡ଼ ମାରୁଥିଲେ। ରବିବାର ଉଭୟଙ୍କ ମଧ୍ୟରେ ପାଣିତୁଣ୍ଡ ହୋଇଥିଲା। ଏଥିରେ ଯଶୋବନ୍ତ ଉତ୍‌କ୍ଷିପ୍ତ ହୋଇ ଲକ୍ଷ୍ମୀପ୍ରିୟାଙ୍କୁ ହତ୍ୟା କରିଥିଲେ। ପରେ ମୃତଦେହକୁ ଘର ପଛପଟ ଚାଷଜମିକୁ ନେଇ ନିଆଁ ଲଗାଇ ଦେଇଥିଲେ। ଫଳରେ ମୃତଦେହର ପ୍ରାୟ ୭୦ ପ୍ରତିଶତ ପୋଡ଼ିଯାଇଥିବା ଜଣାପଡିଛି। ଘଟଣାସ୍ଥଳରେ ମହିଳାଙ୍କ ଚପଲ ପଡିଥିବାବେଳେ ପେଟ୍ରୋଲ ଢାଳି ନିଆଁ ଲଗାଇ ଦିଆଯାଇଥିବା ଅନୁମାନ କରାଯାଉଛି। ଖବରପାଇ ପୋଲିସ ଘଟଣାସ୍ଥଳରେ ପହଞ୍ଚି ସାଇଣ୍ଟିଫିକ ଟିମ୍ ସହାୟତାରେ ତଦନ୍ତ ଚଳାଇଛି। ଏନେଇ ଲକ୍ଷ୍ମୀପ୍ରିୟାଙ୍କ ଭାଇ ମୁରଲୀ ସାହୁ ଅଭିଯୋଗ କରିବା ପରେ ଥାନାରେ ଏକ ହତ୍ୟା ମାମଲା(ନଂ.୧୦୧/୨୬) ରୁଜୁ ହୋଇଛି।

ସୌ ନ୍ଦ ର୍ଯ୍ୟ

# ଖରାଦିନରେ ଟ୍ୟାନିଂ ସମସ୍ୟା



ଖରାଦିନ ଆସିଲେ ଟ୍ୟାନିଂ ସମସ୍ୟା ଦେଖାଯାଇଥାଏ। ପ୍ରଚଣ୍ଡ ଖରାରେ ମୁହଁ, ପାଦ,ବେକ ହାତରେ ସବୁଠାରୁ ପ୍ରଭାବ ଅଧିକ ପଡ଼ିଥାଏ। ତ୍ୱଚା କେବଳ କଳା ହୋଇ ନ ଥାଏ ଏଥିସହ ଗରମ ଝାଳ ଯୋଗୁ ମୁହଁରେ ମୁଖ ବ୍ରଣ ଆଦି ସମସ୍ୟା ଦେଖାଯାଇଥାଏ। ଏମିତିରେ ଆୟୁର୍ବେଦରେ ଏପରି ଏକ ଉପାୟ ରହିଛି ଏହା କେବଳ ଟ୍ୟାନିଂ ସମସ୍ୟା ଦୂରକରିବା ସହ ମୁହଁରେ ଗୋରାପଣ ବି ଆଣିଥାଏ। ଏକ ପ୍ରାକୃତିକ ଉପଚାର ରହିଛି ଯାହାକୁ ଆପଣାଇପାରିବେ ..

**ଏହି ପ୍ରାକୃତିକ ଉପଚାର ବନାଇବାର ଉପାୟ :** ପ୍ରଥମେ କମଳା ଚୋପାର ପାଉଡର, ଅଳ୍ପ ମାତ୍ରାରେ କେଶର, ମୁଲେଠି ପାଉଡର ଏବଂ ଚନ୍ଦନ ପାଉଡର ଏବଂ ଆଲୋଭେରା ଜେଲ୍ ସହ ମିଶାଇ ଏକ ପେଷ୍ଟ ପ୍ରସ୍ତୁତ କରନ୍ତୁ। ଯଦି ପେଷ୍ଟ ବହୁ ଗାଢ଼ା ଲାଗୁଛି ତେବେ ସେଥିରେ ଗୋଲାପ ଜଳ, କଞ୍ଚାକ୍ଷୀର ମିଶାଇପାରିବେ। ଏହି ପେଷ୍ଟକୁ ସପ୍ତାହରେ ୨ ଥର ପ୍ରଭାବିତ ହୋଇଥିବା ସ୍ଥାନରେ ଲଗାଇପାରିବେ। ଏହି ପ୍ୟାକ୍ ଲଗାଇବା ଦ୍ୱାରା ମୃତ କୋଶିକା ଦୂର ହେବା ସହ ଏହା ତ୍ୱଚାକୁ ସଫା କରିବାରେ ସାହାଯ୍ୟ କରିଥାଏ। ଏହି ପ୍ୟାକ୍ଟି ତ୍ୱଚାକୁ ଭିତରୁ ପୋଷଣ ଦେଇଥାଏ। ମୁଲେଠି ମେଲାଲିନ୍‌କୁ ସନ୍ତୁଳିତ କରିଥାଏ। କେଶର ତ୍ୱଚାର ରଙ୍ଗକୁ ଉଜ୍ଜ୍ୱଳ କରିବାରେ ସାହାଯ୍ୟ କରିଥାଏ। ଅନ୍ୟପକ୍ଷରେ ଏହି ମିଶ୍ରଣରେ ଥିବା ଆଲୋଭେରା ଜେଲ୍ ତ୍ୱଚାକୁ ଗରମରୁ ରକ୍ଷା କରିଥାଏ। ଏହା ମଧ୍ୟ ତ୍ୱଚାରେ ହେଉଥିବା ଜ୍ୱଳନ ସମସ୍ୟାରୁ ରକ୍ଷାକରିଥାଏ। କମଳା ଚୋପାରେ ଭରପୂର ମାତ୍ରାରେ ଭିଟାମିନ୍ ସି ରହିଛି ଯାହା ତ୍ୱଚାକୁ ନୂଆ କୋଶିକା ପ୍ରସ୍ତୁତ କରିବାରେ ସାହାଯ୍ୟ କରିଥାଏ ଏବଂ ଏହା ସ୍କିନ୍‌କୁ ସଫା କରିବାରେ ସାହାଯ୍ୟ କରେ।



ଖାଦ୍ୟରୁଚି



## ଗ୍ରେପ୍ସ ଜୁସ୍

**ଆବଶ୍ୟକ ସାମଗ୍ରୀ:** ଫ୍ରେସ୍ ଅଙ୍ଗୁର ୨କପ୍, ଅଳ୍ପ ଥଣ୍ଡା ପାଣି,ସ୍ୱାଦ ଅନୁସାରେ ଚିନି, ମହୁ, କିଛି ବରଫ ଖଣ୍ଡ

**ପ୍ରସ୍ତୁତି ପ୍ରଣାଳୀ**

ପ୍ରଥମେ ଅଙ୍ଗୁରକୁ ଭଲଭାବେ ୨ରୁ ୩ଥର ଧୋଇନିଅନ୍ତୁ। ଅଙ୍ଗୁରରେ ଯଦି ଡେମ୍ଫ ଲାଗିଛି ତେବେ ତାକୁ ସେଥିରୁ କାଢ଼ିଦିଅନ୍ତୁ। ଏବେ ଏହି ଅଙ୍ଗୁରକୁ ମିକ୍ସଚରରେ ପକାନ୍ତୁ। ସବୁ ଅଙ୍ଗୁର ପେଷିହୋଇଗଲେ ଏହାକୁ ଛଣା କିମ୍ବା ସଫା କପଡ଼ା ସାହାଯ୍ୟରେ ଛାଣି ଦିଅନ୍ତୁ। ଚାହିଁଲେ ଏଥିରେ ଲେମ୍ବୁରସ ସହ ବିଟ୍ ଲୁଣ ବି ପକାଇପାରିବେ। ଫଳରେ ଏହାର ସ୍ୱାଦ ଆହୁରି ବଢ଼ିଯିବ। ଯେତେବେଳେ ଜୁସ୍ ପ୍ରସ୍ତୁତ ହୋଇଯିବ ଏହାକୁ କିଛି ସମୟ ଫ୍ରିଜ୍‌ରେ ରଖି ଦିଅନ୍ତୁ । ପରେ ଏହାକୁ ଗ୍ଲାସ୍‌ରେ କାଢ଼ି ସେଥିରେ ବରଫ ପକାଇ ଥଣ୍ଡା ଥଣ୍ଡା ସର୍ଭ କରନ୍ତୁ।

ଫ୍ୟାଶନ

# ସମର ଆଉଟ୍‌ଫିଟ୍



**ଯେ**ତେବେଳେ ତାପମାତ୍ରା ବଢ଼ିଥାଏ, ସେତେବେଳେ ଗୃହିଣୀ, କର୍ମଜୀବୀ କିମ୍ବା ଯୁବତୀମାନେ କ'ଣ ପିନ୍ଧିବେ ତାକୁ ନେଇ ଦ୍ୱନ୍ଦ୍ୱରେ ଥାନ୍ତି। ଏଥପାଇଁ ନିମ୍ନରେ କେତୋଟି ଟିପ୍ସ ଦିଆଯାଉଛି ଯାହାକୁ ଆପଣାଇଲେ ନିଜର ଲୁକ୍ ବଦଳିବା ସହିତ ଷ୍ଟାଇଲିଶ୍ ମଧ୍ୟ ଦେଖାଯିବେ।

**କୋର୍ଟ ସେଟ୍ସ :** ସମର ଫ୍ରେଣ୍ଡଲୀ ପାବ୍ରିକ୍ସର ଦେଖିବାକୁ ଗଲେ ଲିନେନ ଏବଂ କର୍ଟନ କୋର୍ଟ ସେଟ୍ ସବୁଠାରୁ ଅଧିକ ପସନ୍ଦ କରାଯାଏ। ଏହା ଆରାମ ଦାୟକ ହେବା ସହିତ ଆପଣଙ୍କୁ ଏକ କ୍ଲାସି ଲୁକ୍ ଦେଇଥାଏ। ପେଷ୍ଟାଲ କଲର ଭଳି ବ୍ଲୁ ମିଣ୍ଟ ଗ୍ରୀନ ଲେମନ୍ ୟେଲୋ କଲର ଡ୍ରେସ ପିନ୍ଧିଲେ ଏହା ଭଲ ମାନିଥାଏ।

**ଫ୍ଲୋରାଲ୍ ଡିଜାଇନ୍ :** ସିମ୍ପଲ କଲର ବ୍ୟତୀତ ବୋଲ୍ଡ ପ୍ରିଣ୍ଟର ଏବେ ବହୁତ କ୍ରେଜ୍ ଦେଖିବାକୁ ମିଳୁଛି। ବଡ ଫୁଲ ଥିବା ଜୋମେଟ୍ରୀ ଏବଂ ଆବ୍‌ଷ୍ଟ୍ରାକ୍ଟ ପ୍ରିଣ୍ଟ ଯୁବତୀମାନଙ୍କୁ ବହୁତ ପସନ୍ଦ ଆସୁଛି। ଏହା ଷ୍ଟାଇଲ୍ ଏବଂ ଭ୍ୟାକେସନ୍ ଏବଂ ଆଉଟଡୋର ଦେଇଥାଏ।



**ଏଥନିକ୍ ଟଚ୍ ସହିତ ଇଣ୍ଡୋ ୱେଷ୍ଟର୍ଣ୍ଣ ସେଟ୍ସ:** ଭାରତୀୟ ମହିଳାଙ୍କ ମଧ୍ୟରେ ଇଣ୍ଡୋ–ୱେଷ୍ଟର୍ଣ୍ଣ କୋର୍ଟର ସେଟ୍ ବହୁତ ଡିମାଣ୍ଡ ରହିଛି। ଏହା ଅଫିସ୍ ସହିତ ଛୋଟମୋଟ ପାରିବାରିକ ଫଙ୍କସନ୍‌ରେ ଲାଗି ଏକ ଭଲ ବିକଳ୍ପ।

**ଷ୍ଟାଇଲିସ୍ ଟିପ୍:** ଯଦି ଆପଣ ନିଜ କୋଟ ସେଟ୍‌କୁ ଅଳ୍ପ ଷ୍ଟାଇଲିଶ୍ କରିବାକୁ ଚାହାଁନ୍ତି ତେବେ ଏହା ସହିତ ଷ୍ଟେଟ୍‌ମେଣ୍ଟ ବେଲ୍ଟ ଏବଂ ମିନିମଲ ଆସେସରିଜ୍ କ୍ୟାରି କରିପାରିବେ। ଫୁଟ୍‌ୱେରରେ ହିଲ୍ସ ବଦଳରେ କୋଲ୍ହାପୁରୀ ଚପଲ କିମ୍ବା ୱାଇଡ୍ ସ୍ନିକର୍ସ ଏକ ନୂଆ ଲୁକ୍ ଦେଇପାରିବେ।



ଲାଗି ଏକଦମ୍ ପରଫେକ୍ଟ ।

**ଓଭରସାଇଜ୍ ଏବଂ କମ୍ଫର୍ଟ ଫିଟ୍:** ବର୍ତ୍ତମାନ ଟାଇଟ୍ ଫିଟିଂର ଜମାନା ଗଲାଣି। ଆଜିର ସମୟରେ ଓଭର ସାଇଜ୍ କୋର୍ଟ ଏବଂ ୱାଇଡ୍ ଲେଗ୍ ଟ୍ରାଉଜର ଫ୍ୟାଣ୍ଟ କମ୍ବିନେସନ୍‌ର ଏବେ ଫ୍ୟାଶନ୍ ଚାଲିଛି। ଏହା ଫ୍ୟାଶନ କ୍ରେଜ୍‌କୁ ବଢ଼ାଇବା ସହିତ ଆପଣଙ୍କୁ ଏଫର୍ଟଲେସ୍ କୁଲ୍ ଲୁକ୍

# କିପରି ରହିବେ ଫିଟ୍

ଆଜିକାଲି ମହିଳାମାନେ ଘର କାମ ବ୍ୟତୀତ ନିଜେ କିଛି ରୋଜଗାର କରିବାକୁ ପଛାଉନାହାନ୍ତି । ତେବେ ନିଜ ଦୈନନ୍ଦିନ ଜୀବନକୁ ନେଇ ଯେତେ ବ୍ୟସ୍ତ ରହିଲେ ମଧ୍ୟ ଗୋଟିଏ ବିଷୟ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦେବାକୁ ପଡ଼ିଥାଏ। ତାହା ହେଲା ଫିଟ୍‌ନେସ୍ । ତେଣୁ ନିଜକୁ କିପରି ଫିଟ୍ ରଖିବେ ଜାଣନ୍ତୁ ସେ ସମ୍ପର୍କରେ....

ଆପଣ କର୍ମଜୀବୀ ହୋଇଥାଆନ୍ତୁ ଅବା ଗୃହିଣୀ–ନିଜକୁ ଫିଟ୍ ରଖିବା ଏବେ ସବୁଠାରୁ ବଡ଼ କଥା ପାଲଟିଯାଇଛି। କାରଣ ବର୍ତ୍ତମାନର ଧାଁଧପଡ଼ ଜୀବନରେ ସୁସ୍ଥରହିବା ନିହାତି ଦରକାର। ତେଣୁ କିପରି ନିଜର ଫିଟ୍‌ନେସ୍ ରଖିବେ ସେ ନେଇ ବିଶେଷ ଯତ୍ନବାନ୍ ହେବା ଆବଶ୍ୟକ। ତେଣୁ ଏଥିପାଇଁ କେତେକ ବିଷୟ ପ୍ରତି ସ୍ୱତନ୍ତ୍ର ଧ୍ୟାନଦେବାକୁ ହିଁ ପଡ଼ିବ। ସେ ବିଷୟରେ ନିମ୍ନରେ ସୂଚନା ଦିଆଯାଉଛି।

ଯଦି ଜଣେ ମହିଳା ନିଜକୁ ଫିଟ୍ ନ ରଖନ୍ତି ତେବେ ସେ କେତେକ ସ୍ୱାସ୍ଥ୍ୟ ସମସ୍ୟାର ସମ୍ମୁଖୀନ ହେବା ଆଶଙ୍କା ରହିଛି। ବୟସ ଥାଇ କେଶ ଝଡ଼ିବା , ମୋଟା ହୋଇଯିବା, ଥକ୍କା ଲାଗିବା, ଆଣ୍ଠୁଗଣ୍ଠିରେ ଯନ୍ତ୍ରଣା ଅନୁଭବ କରିବା କିମ୍ବା ହର୍ମୋନାଲ ଇନ୍‌ବାଲାନ୍ସ ଭଳି ସମସ୍ୟା ସେଗୁଡ଼ିକ ମଧ୍ୟରୁ ଅନ୍ୟତମ। ଏଥିରୁ ରକ୍ଷାପାଇବାକୁ ହେଲେ ଫିଜିକାଲ୍ ଆକ୍ଟିଭିଟି କରିବା ଲାଭକାରୀ ହୋଇଥାଏ। କିନ୍ତୁ କେବେକେବେ କର୍ମଜୀବୀ ଏବଂ ଗୃହିଣୀ ଏହି ଦ୍ୱନ୍ଦ୍ୱରେ ରହିଥାନ୍ତି ଯେ ତାଙ୍କର ଫିଟ୍‌ନେସ୍ ପାଇଁ ତାଙ୍କୁ ଜିମ୍ ଯିବାକୁ ପଡ଼ିବ ନା ମର୍ନିଂ ୱାକ୍ କରିବାକୁ ପଡ଼ିବ। କେଉଁଟା ଅଧିକ ଲାଭଦାୟକ ହେବ ଆପଣ ନିଜ ହିସାବରେ କେଉଁଟା ଆପଣଙ୍କ ଲାଗି ଉପଯୁକ୍ତ ହେବ ସେଇଟା ଭାବିଚିନ୍ତି ନିଷ୍ପତ୍ତି ନେଇପାରିବେ। ଏହାଦ୍ୱାରା ଆପଣ ଫିଟ୍ ତ ରହିବେ ଏଥିପାଇଁ ରୋଗାକ୍ରାନ୍ତ ହେବେନାହିଁ।



**ୱାର୍କିଂର ଫାଇଦା:** କର୍ମଜୀବୀ ମହିଳା ନିଜ ଅଫିସ୍ ଟାଇମ୍‌କୁ ଦେଖି ପାର୍କ ଯାଇ ୱାକ୍ କରିବାକୁ ଯାଇପାରିବେ। ପ୍ରଥମେ ଅଧଘଣ୍ଟା ସାଧାରଣ ଗତିରେ ଚାଲନ୍ତୁ, ଏହାପରେ ୧୫ ମିନିଟ୍ ସ୍ପିଡ୍‌ରେ



ଚାଲନ୍ତୁ। ଏହି ଉପାୟକୁ ଗୃହିଣୀ ମଧ୍ୟ ଆପ୍ଲାଏ କରିପାରିବେ । କାମରୁ କିଛି ସମୟ ବାହାରିକରି ଚାଲନ୍ତୁ। ଯେମିତି ଆପଣ ଚାଲୁଛନ୍ତି ଏହାଦ୍ୱାରା ଆପଣଙ୍କ ହାର୍ଟବିଟ୍ ବଢ଼ିଥାଏ,ବ୍ଲଡ୍‌ସର୍କୁଲେଶନ ଭଲ ହୋଇଥାଏ। ହାର୍ଟ ସମସ୍ୟା ଏତେଟା ଦେଖାଯାଇ ନ ଥାଏ। ଏହାଦ୍ୱାରା ଷ୍ଟ୍ରେସ୍ କମ୍ ଦେଖାଯାଇଥାଏ। ହାଡ ମଜଭୁତ ହୋଇଥାଏ। ମେଣ୍ଟାଲ ହେଲ୍‌ଥ ଭଲ ରହିଥାଏ। ଅଷ୍ଟିଓପୋରୋସିସ୍ ଭଳି ସମସ୍ୟା ଏତେଟା ଦେଖାଯାଇ ନ ଥାଏ। ଚାଲିବା ଦ୍ୱାରା କ୍ୟାଲୋରି କମ୍ ହୋଇଥାଏ, ଓଜନ ନିୟନ୍ତ୍ରଣରେ ରହିଥାଏ। ଏପରି କରିବା ଦ୍ୱାରା ମୁଡ୍ ବି ଭଲ ରହିଥାଏ। ସମ୍ପୂର୍ଣ୍ଣ ଦିନ ଫ୍ରେଶ୍ ଲାଗିଥାଏ।

**ଜିମ୍‌ରେ ୱାର୍କ ଆଉଟ୍:** ୱାର୍କିଂ ଓମେନ୍ ଏବଂ ଗୃହିଣୀ ନିଜକୁ ସୁହାଇଲା ଭଳି ଜିମ୍‌ରେ ଜଏନ୍ କରିପାରିବେ କିମ୍ବା ପ୍ରପର ଫିଟ୍‌ନେସ୍ ପାଇଁ ଜିମ୍‌ରେ ଅତିକମ୍‌ରେ ଏକ ଘଣ୍ଟା ସମୟ ଦେବା ଆବଶ୍ୟକ ହୋଇଥାଏ। ଜିମ୍‌ରେ ଥିବା କାର୍ଡିଓ ଲିଫ୍ଟିଂ ଏକ୍ସରସାଇଜ୍ କରିପାରିବେ।

ଜିମ୍‌ରେ ୱାର୍କ ଆଉଟ୍ କରିବା ଦ୍ୱାରା କେତେକ ଫାଇଦା ରହିଛି। ଜିମ୍‌ରେ ୱେଟ୍ ଟ୍ରେନିଂ ଦ୍ୱାରା ମାଂସପେଶୀ ମଜଭୁତ ହୋଇଥାଏ। ମେଟାବଲିଜମ୍ ବଢ଼ିଥାଏ । ଏଥିରେ କାର୍ଡିଓ କରିବା ଦ୍ୱାରା କ୍ୟାଲୋରି ବର୍ନ ହୋଇଥାଏ ଏବଂ ଖୁବ୍ ସହଜରେ ଓଜନ ହ୍ରାସ ପାଇଥାଏ। ଜିମ୍ କରିବା ସମୟରେ ଆପଣ କୌଣସି ଏକ ଫିଟ୍‌ନେସ୍ ଯାରଗେଟ୍‌କୁ ଧ୍ୟାନରେ ରଖି ଏକ୍ସରସାଇଜ୍ କରିପାରିବେ। ଏହାଦ୍ୱାରା ଆପଣଙ୍କୁ ଆହୁରି ବି ଫାଇଦା ମିଳିଥାଏ।

**ଧ୍ୟାନରଖନ୍ତୁ:** ଚାଲିବା ଏବଂ ଜିମ୍ ଯିବା କାହାକୁ ବି ସିଲେକ୍ସନ କରିବା ସମୟରେ ଧ୍ୟାନ ରଖନ୍ତୁ, ଆପଣଙ୍କ ଟାର୍ଗେଟ୍ ୱେଟ୍‌ଲସ୍ ଏବଂ ମସଲ୍ସ ମଜଭୁତ କରିବା। ଯଦି ଆପଣଙ୍କ ଲକ୍ଷ୍ୟ ହାର୍ଟ ଠିକ୍ ରଖିବା, ଷ୍ଟ୍ରେସ୍ କମ୍ କରିବା , ମେଣ୍ଟାଲ ହେଲ୍‌ଥ ଏବଂ ଫିଜିକାଲ ହେଲ୍‌ଥକୁ ଠିକ୍ କରିବାକୁ ହେଲେ ଆପଣ ୱାକ୍ କରିପାରିବେ।

**ଖାଦ୍ୟପେୟ:** ନିଜକୁ ଫିଟ୍ ରଖିବା ପଛରେ ଖାଦ୍ୟପେୟର ମଧ୍ୟ ଭୂମିକା ରହିଛି। ତେଣୁ ସବୁବେଳେ ଏଭଳି ଖାଦ୍ୟ ଖାଆନ୍ତୁ ଯାହା ନିଜକୁ ସୁସ୍ଥ ରଖିବ ଏବଂ ଆପଣ ସବୁବେଳେ ଫିଟ୍ ଆଣ୍ଡ ଫାଇନ୍ ରହିବେ। ଯେତେସମ୍ଭବ ଫାଷ୍ଟଫୁଡ୍ ଏବଂ ମସଲାଜାତୀୟ ଖାଦ୍ୟ କମ୍ ଖାଇବେ ତାହା ସେତେ ଭଲ। ସବୁବେଳେ ଠିକ୍ ସମୟରେ ଖାଦ୍ୟ ଖାଆନ୍ତୁ। ରାତ୍ରିଭୋଜନ ଶୋଇବାକୁ ଯିବାର ଅତିକମ୍‌ରେ ୨ ଘଣ୍ଟା ପୂର୍ବରୁ ଶେଷ କରନ୍ତୁ।

**ଦୈନନ୍ଦିନ ଜୀବନଶୈଳୀ:** ମହିଳାମାନେ ନିଜକୁ ଫିଟ୍ ରଖିବାକୁ ଚାହୁଁଥିଲେ ନିଜର ଦୈନନ୍ଦିନ ଜୀବନଶୈଳୀ ପ୍ରତି ସଚେତନ ରହିବା ନିହାତି ଦରକାର। ରାତିରେ ଅତିକମ୍‌ରେ ୭–୮ ଘଣ୍ଟା ଶୁଅନ୍ତୁ। ବ୍ୟାୟାମ, ଯୋଗ, ପ୍ରାଣାୟାମକୁ ନିଜର ଜୀବନ ତାଲିକାରେ ସାମିଲକରନ୍ତୁ। ନିଜକୁ ସବୁବେଳେ ଟେନ୍‌ସନ ଏବଂ ଅବସାଦଠାରୁ ଦୂରେଇ ରଖିବାକୁ ଚେଷ୍ଟାକରନ୍ତୁ । ଶରୀରରେ ଯେପରି ଜଳୀୟ ଅଂଶ ସନ୍ତୁଳିତ ରହିବା ସେନେଇ ଦିନକୁ ଅତିକମ୍‌ରେ ୨.୫ ଲିଟର ପାଣି ପିଅନ୍ତୁ।



### ଏମାନେ କ'ଣ କରନ୍ତି

**ଫିଟ୍‌ନେସ୍ ପ୍ରତି ସବୁବେଳେ ଧ୍ୟାନ ଦେଇଥାଏ**



ମୁଁ ସବୁବେଳେ ନିଜ ଫିଟ୍‌ନେସ୍ ପ୍ରତି ଧ୍ୟାନଦିଏ। ସକାଳୁ ଯେମିତି ହେଲେ ଦେଢ଼ଘଣ୍ଟା ମୋ ନିଜ ପାଇଁ ସମୟ ବାହାର କରିଥାଏ। ପ୍ରତିଟି ଏକ୍ସରସାଇଜ୍‌କୁ ଅଧଘଣ୍ଟା ଲେଖା ସମୟ ଦେଇଥାଏ। ପ୍ରଥମେ ଏରୋବିକ୍ସ କରେ,ତା'ପରେ ଜୁମ୍ବା ଏବଂ ପରେ ଷ୍ଟ୍ରେଚ୍। ମୁଁ ପ୍ରତିଦିନ ପାର୍କ ଯାଇ ଏକ୍ସରସାଇଜ୍ କରିବା ସହ ଅନ୍ୟମାନଙ୍କୁ ମଧ୍ୟ ଟ୍ରେନିଂ ଦେଇଥାଏ। ଦିନ ଭିତରେ ଯେତେ ବ୍ୟସ୍ତ ରହିଲେ ବି ମୋ ସ୍ୱାସ୍ଥ୍ୟକୁ ନେଇ ଅଧିକ ଗୁରୁତ୍ୱ ଦିଏ। ମୋ ମତରେ ଯଦି ଆମେ ଠିକ୍ ଖାଦ୍ୟ ଖାଇବା ସହ ଡେଲି ଏକ୍ସରସାଇଜ୍ କରିବା ତେବେ ଆମ ସ୍ୱାସ୍ଥ୍ୟ ନିଶ୍ଚିତ ରୂପେ ସୁସ୍ଥ ରହିବ। ଏକଥା ମୁଁ ଭଲ ଭାବରେ ଜାଣିଛି ଯେ ଯଦି ମୁଁ ଫିଟ୍ ନ ରହିବି ତେବେ ତାହା ଭବିଷ୍ୟତରେ ବିଭିନ୍ନ ପ୍ରକାର ସ୍ୱାସ୍ଥ୍ୟ ସମସ୍ୟା ସୃଷ୍ଟିକରିବ। ତେଣୁ ସବୁବେଳେ ନିଜର ଫିଟ୍‌ନେସ୍ ପ୍ରତି ସ୍ୱତନ୍ତ୍ର ଦୃଷ୍ଟିଦିଏ।

–*ତପସ୍ୱିନୀ ସାହୁ , ଆଡ୍‌ଭୋକେଟ୍,ଭୁବନେଶ୍ୱର*

**ଏକ୍ସରସାଇଜ୍ ଏବଂ ଖାଦ୍ୟକୁ ପ୍ରାଧାନ୍ୟ ଦିଏ**



ଫିଟ୍ ରହିବାକୁ ମୁଁ ସବୁବେଳେ ଗୁରୁତ୍ୱ ଦେଇଥାଏ। ସକାଳେ ଏଥିପାଇଁ ଆମର ଅନ୍‌ଲାଇନ୍ ଜୁମ୍ କ୍ଲାସ୍‌ରେ ୭–୯ ଟା ଭିତରେ ଆମକୁ ଶିଖାଯାଏ କିପରି ଫିଟ୍ ରହିବ, ଏଥିପାଇଁ କେତେ ପରିମାଣରେ ଖାଦ୍ୟ ଖାଇବେ ଏକ୍ସପର୍ଟଙ୍କ ସହ ପରାମର୍ଶ ନିଏ। ଏ ବିଷୟରେ ପ୍ରଥମେ ଆମ ସାର୍ ମ୍ୟାଡମ୍ ଆମକୁ ପରାମର୍ଶ ଦେଉଥିଲେ। ଏହାକୁ ଏବେ ମୁଁ ଅନୁସରଣ କରିବା ସହ ନିଜର ଡାଏଟ୍ ପ୍ରତି ମଧ୍ୟ ଧ୍ୟାନ ଦେଇଥାଏ। ଦିନ ଭିତରେ ବ୍ୟସ୍ତ ରହିବା ପରେ ମୁଁ ସନ୍ଧ୍ୟା ୫–୬ ଜିମ୍ ଯାଏ। ସେଠାରେ କାର୍ଡିଓ,ଡମ୍ବଲ୍ସ, ସୋଲ୍‌ଡର ଏବଂ ଗୋଡ଼ ଏକ୍ସରସାଇଜ୍ କରେ। ଏଗୁଡିକ ସତେ ଯେମିତି ମୋର ଏକ ଡେଲି ରୁଟିନ୍‌ରେ ପରିଣତ ହୋଇଯାଇଛି। ଯେତେ ବ୍ୟସ୍ତ ରହିଲେ ମଧ୍ୟ ମୁଁ ପ୍ରତିଦିନ ଏକ୍ସରସାଇଜ କରେ। ଏହାବ୍ୟତୀତ ନିଜର ଖାଦ୍ୟପେୟ ଏବଂ ଲାଇଫ ଷ୍ଟାଇଲ୍ ପ୍ରତି ମଧ୍ୟ ସତର୍କ ରୁହେ।

–*ଅନୁରାଧା ଛୋଟରାୟ, ହେଲ୍‌ଥ କୋଚ୍, ଅନନ୍ତପୁର , ଖୋର୍ଦ୍ଧା*

# ଅନ୍ୟକୁ କେବେ ଦିଅନ୍ତୁ ନାହିଁ....



ବାସ୍ତୁଶାସ୍ତ୍ର ଅନୁଯାୟୀ କିଛି ଜିନିଷ ଅନ୍ୟକୁ ଦେବା ଦ୍ୱାରା ଘରେ ଅନେକ ସମସ୍ୟା ଦେଖାଯାଇପାରେ। ଏହିସବୁ ଜିନିଷ ଦେବା ଦ୍ୱାରା ନକାରାତ୍ମକ ଭାବନା ଜାଗ୍ରତ ହୋଇପାରେ। ଏଥିପାଇଁ ବାସ୍ତୁଶାସ୍ତ୍ର ଅନୁଯାୟୀ ଏହିସବୁ ଜିନିଷକୁ ଅନ୍ୟକୁ ଦେବା ପୂର୍ବରୁ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ। ଯଦି ଆପଣ କୌଣସି ଜିନିଷ ଦେବାକୁ ଚାହାନ୍ତି ତେବେ ଏହିସବୁ ଦେବା ସମୟରେ ତାଙ୍କଠାରୁ କିଛି ଟଙ୍କା ରଖନ୍ତୁ। ଏହାଦ୍ୱାରା ନକାରାତ୍ମକ ଭାବନାର ଆଦାନ ପ୍ରଦାନ ହେବନାହିଁ।

**ବିଛଣା:** ବାସ୍ତୁଶାସ୍ତ୍ର ଅନୁଯାୟୀ ନିଜ ବେଡ୍ ଅନ୍ୟକୁ ଦେବା ଦ୍ୱାରା ଜୀବନରେ ଆରାମ ଏବଂ ସୁଖ କମ୍ ମିଳିଥାଏ। ବେଡ୍ ଏପରି ଏକ ଜିନିଷ ଯାହା ଆପଣଙ୍କୁ ଆରାମ ଏବଂ ସ୍ୱାସ୍ଥ୍ୟ ପାଇଁ ଜରୁରୀ ଏବଂ ମହତ୍ୱପୂର୍ଣ୍ଣ। ଏଥିପାଇଁ ଏହାକୁ ଅନ୍ୟକୁ ଦେବା ଦ୍ୱାରା ଜୀବନରେ ନକାରାତ୍ମକ ପ୍ରଭାବ ପଡ଼ିଥାଏ।

**ଜୋତା :** ଜୋତା ଅନ୍ୟକୁ ଦେବା ଦ୍ୱାରା ଜୀବନରେ ସଂଘର୍ଷ ବଢ଼ିଯାଇପାରେ। ଜୋତା ଏପରି ଏକ ଜିନିଷ ଯାହା ପାଦକୁ ଆରାମ ଦେଇଥାଏ। କିନ୍ତୁ ଏହା ଅନ୍ୟକୁ ଦେବା ଦ୍ୱାରା ଜୀବନରେ ନକାରାତ୍ମକ ଶକ୍ତିର ପ୍ରଭାବ ପଡ଼ିଥାଏ।

**ଲୁଣ:** ଲୁଣ ଅନ୍ୟକୁ ଦେବା ଦ୍ୱାରା ଘରେ ଆର୍ଥିକ ସମସ୍ୟା ଆସିପାରେ। ଏଥିପାଇଁ ଏହା ଅନ୍ୟକୁ ଦେବା ଦ୍ୱାରା ଏହାର ନକାରାତ୍ମକ ପ୍ରଭାବ ପଡ଼ିପାରେ। ଯଦି ଦେଉଛନ୍ତି ତେବେ ତାଙ୍କଠାରୁ କିଛି ଟଙ୍କା ରଖନ୍ତୁ। ଏହାଦ୍ୱାରା ନକାରାତ୍ମକ ଶକ୍ତିର ପ୍ରଭାବ ଦେଖାଯିବନାହିଁ।

**ପୁରୁଣା ଭଙ୍ଗା ଜିନିଷ:** ପୁରୁଣା ଭଙ୍ଗା ଜିନିଷ ଅନ୍ୟକୁ ଦେବା ସମୟରେ ସାବଧାନତା ଅବଲମ୍ବନ କରିବା ଆବଶ୍ୟକ ; ଯାହା ଆପଣଙ୍କ ଜୀବନରେ ନକାରାତ୍ମକ ପ୍ରଭାବ ପକାଇପାରେ।

# କଳିଙ୍ଗରେ ଆଜିଠୁ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

ଓଡ଼ିଶା କ୍ରୀଡ଼ା ଇତିହାସରେ ଯୋଡ଼ି ହେବାକୁ ଯାଉଛି ଏକ ନୂଆ ଫର୍ଦ୍ଦ। ଅନେକ ଜାତୀୟ ଓ ଅନ୍ତର୍ଜାତୀୟ କ୍ରୀଡ଼ାକୁ ସଫଳତାର ସହ ଆୟୋଜନ କରି ପ୍ରଶଂସା ସାଉଁଟିଥିବା ଓଡ଼ିଶା ଏଥର ପ୍ରଥମଥରପାଇଁ ଜାତୀୟ ଇନ୍‌ଡୋର ଆଥଲେଟିକ୍ସ ଚାମ୍ପିୟନଶିପ୍ ଆୟୋଜନ କରିବାକୁ ଯାଉଛି। ଆଥ୍‌ଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ, ଓଡ଼ିଶା ଆଥ୍‌ଲେଟିକ୍ ଆସୋସିଏଶନ ଓ ରାଜ୍ୟ ସରକାରଙ୍କ କ୍ରୀଡ଼ା ବିଭାଗର ମିଳିତ ଆନୁକୂଲ୍ୟରେ ସର୍ବପ୍ରଥମ ଜାତୀୟ ଇନ୍‌ଡୋର ଆଥ୍‌ଲେଟିକ୍ସ ଚାମ୍ପିୟନଶିପ୍ କଳିଙ୍ଗ ଷ୍ଟାଡିୟମରେ ଆସନ୍ତା ୨୪ ଓ ୨୫ ତାରିଖରେ ଦୁଇଦିନଧରି ଅନୁଷ୍ଠିତ ହେବ। ପ୍ରତିଯୋଗିତାରେ ମୋଟ ୩୬ଟି ଇଭେଣ୍ଟ ଆୟୋଜନ ହେବ। ମଙ୍ଗଳବାର ପୂର୍ବାହ୍ନ ୯ଟାରେ ପୁରୁଷ ୩୦୦୦ ମିଟର ଇଭେଣ୍ଟ ସହ ପ୍ରତିଯୋଗିତା ଆରମ୍ଭ ହେବ। ପ୍ରତିଯୋଗିତାରେ ଓଡ଼ିଶାରୁ ମୋଟ ୩୩ ଆଥ୍‌ଲେଟ୍ ଅଂଶଗ୍ରହଣ କରିବେ। ଏହା ମଧ୍ୟରେ ୧୩ ମହିଳା ଓ ୨୦ ପୁରୁଷ ଆଥ୍‌ଲେଟ୍ ସାମିଲ।

କଳିଙ୍ଗ ଷ୍ଟାଡିୟମରେ ଉପଲବ୍ଧ ଇନ୍‌ଡୋର ଭିତ୍ତିଭୂମୀକୁ ଭୂୟସି ପ୍ରସଂସା କରିଥିଲେ ଆଥଲେଟିକ୍ସ ଫେଡେରେଶନ ଅଫ୍ ଇଣ୍ଡିଆ (ଏଏଫ୍‌ଆଇ) ସଭାପତି ବାହାଦୂର ସିଂ ସାଗୋ। ଭାରତରେ ଏକମାତ୍ର ଇନ୍‌ଡୋର ଆଥଲେଟିକ୍ସ ଷ୍ଟାଡିୟମ ଏବେ ଭୁବନେଶ୍ୱରରେ ଉପଲବ୍ଧ। ଓଡ଼ିଶା ସରକାରଙ୍କ ଏହି ପ୍ରଚେଷ୍ଟା ଫଳରେ ଭାରତୀୟ ଆଥଲେଟ୍‌ମାନେ ବହୁ ଉପକୃତ ହେଉଛନ୍ତି। ପୂର୍ବରୁ ବାହାରେ କୌଣସି ପ୍ରତିଯୋଗିତାରେ ଭାଗନେବାକୁ ଆମ ଆଥଲେଟ୍‌ମାନେ ଆଉଟ୍‌ଡୋରରେ ଅଭ୍ୟାସ କରୁଥିଲେ। ମାତ୍ର ଏବେ ଇନ୍‌ଡୋରରେ ଅଭ୍ୟାସ କରି ଯାଉଥିବାରୁ ଅଧିକ ସଫଳତା ମିଳୁଛି। ଏଠାରେ ହେବାକୁ ଯାଉଥିବା ପ୍ରତିଯୋଗିତାରୁ ଯୁବ ଆଥଲେଟ୍‌ଙ୍କୁ ବହୁ ଫାଇଦା ମିଳିବ। ଇନ୍‌ଡୋରରେ କିପରି ପ୍ରତିଦ୍ୱନ୍ଦ୍ୱିତା ହୁଏ ସେମାନେ ନିକଟରୁ ଦେଖିବାକୁ ପାଇବେ। ଏଥିରୁ ସେମାନେ ନିଶ୍ଚିତ ପ୍ରଭାବିତ ହେବେ। ନିକଟ ଅତୀତରେ ଅନୁଷ୍ଠିତ ହୋଇ ଯାଇଥିବା ପ୍ରତିଯୋଗିତା ଗୁଡ଼ିକରେ ଭାରତୀୟ ଆଥଲେଟ୍‌ମାନେ ଭଲ ପ୍ରଦର୍ଶନ କରିଛନ୍ତି। ତେଣୁ ଏଠାରେ ମଧ୍ୟ ଦକ୍ଷତା ଅନୁସାରେ ପ୍ରଦର୍ଶନ କରିବାନେଇ ଆଶା ରହିଛି ବୋଲି ସୋମବାର ଆୟୋଜିତ ଖବରଦାତା ସମ୍ମିଳନୀରେ ସେ ପ୍ରକାଶ କରିଛନ୍ତି। ଅନ୍ୟପକ୍ଷରେ ‘‘ଆମେ ଦୀର୍ଘ ବର୍ଷ ଧରି ଜାତୀୟ ଓ ଅନ୍ତର୍ଜାତୀୟ ପ୍ରତିଯୋଗିତା ଗୁଡ଼ିକୁ ସଫଳତାର ସହ ଆୟୋଜନ କରି ଆସୁଛୁ। ଏଏଫ୍‌ଆଇ ସଭାପତି ବାହାଦୂର ସିଂ ସାଗୋ ଆମର ଭିତ୍ତିଭୂମୀକୁ ଯେପରି ପ୍ରଶଂସା କରିଛନ୍ତି ତାହା ନିଶ୍ଚିତ ରାଜ୍ୟପାଇଁ ଗର୍ବର କଥା। ଏବେ ଜାତୀୟ ସ୍ତରରେ ଗୋଟିଏ ମାତ୍ର ଇନ୍‌ଡୋର ଆଥଲେଟିକ୍ସ ଭିତ୍ତିଭୂମୀ ରହିଛି। ତାହା ହେଉଛି ଭୁବନେଶ୍ୱର। ଏଥିରେ ଆମ ଆଥଲେଟ୍‌ଙ୍କ ପାଇଁ ବହୁତ ଭଲ ସୁବିଧା ସୁଯୋଗ ରହିଛି। ପ୍ରତିଯୋଗିତା ସଫଳ ପରିସମାପ୍ତି ଆମେ ଆଶା କରୁଛୁ’’ ବୋଲି ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଡୁଲା ବିଜୟ କହିଛନ୍ତି। ଉକ୍ତ ସମ୍ମିଳନୀରେ ଅତିରିକ୍ତ ସଚିବ ବିଜୟ କୁମାର ସ୍ୱାଇଁ, ଓଡ଼ିଶା ଅଲିମ୍ପିକ ଆସୋସିଏଶନ ସମ୍ପାଦକ ଅଭିଜିତ ପାଲ, ତାରକା ଆଥଲେଟ୍ ଅନିମେଶ କୁଜୁର ପ୍ରମୁଖ ଉପସ୍ଥିତ ଥିଲେ।



ଖବରଦାତା ସମ୍ମିଳନୀରେ ଏଏଫଆଇ ସଭାପତି ବାହାଦୁର ସିଂ ସାଗୋ, ରାଜ୍ୟ କ୍ରୀଡ଼ା ନିର୍ଦ୍ଦେଶକ ୟେଡୁଲା ବିଜୟ ଓ ଅନ୍ୟମାନେ। (ଫଟୋ: ବିକାଶ ନାୟକ)

### ଜାତୀୟ ଇନ୍‌ଡୋର ପାଇଁ ଓଡ଼ିଶା ଆଥଲେଟ୍

**ମହିଳା:** ସୁଖି ବାସ୍କେ, ବିନିତି ବେହେରା, ସନ୍ତୋଷୀ ଗୌଡ଼ା, ଲକ୍ଷ୍ମୀପ୍ରିୟା କିଶାନ, ବୋନିତା ଲାକ୍ରା, ମନୀଷା ମେରେଲ, ମାହେକ ନସରିନ ଦୟାନ ଖାଁ, ଶୁଭଶ୍ରୀ ପରିଡ଼ା, ଅର୍ପିତା ପ୍ରିୟଦର୍ଶିନୀ, ମୌସୁମୀ ରାୟ, ଉତ୍ତମ ରାୟ, ମେରିମୁକ୍ତା ସୋରେଙ୍ଗ, ସୁସ୍ମିତା ଟିଗା ଓ ସବିତା ଟପ୍ପୋ।

**ପୁରୁଷ:** ମଳୟ ବାରିକ, ଯଶବୀର ବିଲୁଙ୍ଗ, ଆର୍ଯ୍ୟନ ବ୍ରାହ୍ମିନ, ଦୋଳମଣି ଚିରଗୁନ, ଆର୍ଯ୍ୟନ ଏକ୍କା, ବାପି ହାଁସଦା, ଲୁସାନ ଖମାରି, ଅନିମେଶ କୁଜୁର, ସ୍ୱାଧୀନ କୁମାର ମାଝି, ପ୍ରତୀକ ମହାରଣା, ଦୋଣ୍ଡପତି ମୃତ୍ୟମ ଜୟରାମ, ଦୟାନିଧି ମୁଣ୍ଡା, ଦେବାଶିଷ ପଟ୍ଟନାୟକ, ସରୁନ ପାୟାସିଂ, ଆସ୍ତିକ ପ୍ରଧାନ, ଲାଲୁ ପ୍ରସାଦ ଭୋଇ, ଓଁକାର ପ୍ରସାଦ ନନ୍ଦ, ନରେଶ ରୋହିଦାସ, ମହେନ୍ଦ୍ର ସାନ୍ତା ଓ ଚିରଞ୍ଜୀବ ସିଂ।




# ଓଡ଼ିଶା ପୋଲିସର କୃତୀ କ୍ରୀଡ଼ାବିତ ସମ୍ବର୍ଦ୍ଧିତ

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

ରାଜ୍ୟ ଏବଂ ଜାତୀୟସ୍ତରର ବିଭିନ୍ନ କ୍ରୀଡ଼ା ପ୍ରତିଯୋଗିତାରେ ଉଲ୍ଲେଖନୀୟ ସଫଳତା ହାସଲ କରିଥିବା ଓଡ଼ିଶା ପୋଲିସର କ୍ରୀଡ଼ାବିତମାନଙ୍କୁ ସୋମବାର ଭୁବନେଶ୍ୱରସ୍ଥିତ ପୋଲିସ ଭବନରେ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ସମ୍ବର୍ଦ୍ଧିତ କରାଯାଇଛି। ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ମୁଖ୍ୟ ଅତିଥି ଭାବେ ଯୋଗଦେଇ କ୍ରୀଡ଼ାବିତମାନଙ୍କୁ ସେମାନଙ୍କର ଅସାଧାରଣ ପ୍ରଦର୍ଶନ ପାଇଁ ପ୍ରଶଂସାପତ୍ର ସହ ନଗଦ ଅର୍ଥ ରାଶି ପ୍ରଦାନ କରିଛନ୍ତି। ଡିଜିପି ଖୁରାନିଆ ପଦକ ବିଜେତାମାନଙ୍କୁ ଅଭିନନ୍ଦନ ଜଣାଇ ସେମାନଙ୍କର ପ୍ରତିଭା, ଶୃଙ୍ଖଳା ଓ ଦୃଢ଼ ପ୍ରୟାସକୁ ଭୂୟସୀ ପ୍ରଶଂସା କରିଛନ୍ତି। କ୍ରୀଡାବିତଙ୍କ ଏହି ସଫଳତା ରାଜ୍ୟ ଓ ଓଡ଼ିଶା ପୋଲିସ ପାଇଁ ଗୌରବର ବିଷୟ ଏବଂ ସେମାନଙ୍କ ଏହି ସଫଳତା ଓଡ଼ିଶାର ଯୁବ ପିଢ଼ୀକୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବ ବୋଲି ସେ କହିଛନ୍ତି। ନିକଟରେ ଆୟୋଜିତ ସର୍ବଭାରତୀୟ ପୋଲିସ ଓ ଜାତୀୟ ସିନିୟର ପ୍ରତିଯୋଗିତାରେ ଓଡ଼ିଶା ପୋଲିସର କ୍ରୀଡ଼ାବିତମାନେ ଏକାଧିକ ସ୍ୱର୍ଣ୍ଣ, ରୌପ୍ୟ ଓ ବ୍ରୋଞ୍ଜ ପଦକ ଜିତିଛନ୍ତି। ରୋଇଂରେ ରିତୁ କାଉଡି ଓ ସୋନାଲିକା ଦାସ ସ୍ୱର୍ଣ୍ଣ ପଦକ ଅର୍ଜନ କରିଛନ୍ତି। କାନୋଇଂ, କାୟାକିଂ, କରାଟେ ଏବଂ ଆଥଲେଟିକ୍ସରେ ମଧ୍ୟ କ୍ରୀଡ଼ାବିତମାନେ ସଫଳତା ଅର୍ଜନ କରିଛନ୍ତି। ସେହିପରି କଟକରେ ଆୟୋଜିତ ୭୪ତମ ରାଜ୍ୟ ପୋଲିସ ଆଥଲେଟିକ୍ ଚାମ୍ପିୟନଶିପ୍ ୨୦୨୫-୨୬ରେ ଓଡ଼ିଶା ପୋଲିସର ୭ ଆଥଲେଟ୍ ୧୧ଟି ଭିନ୍ନ ବିଭାଗରେ ନୂତନ ‘ମିଟ୍ ରେକର୍ଡ’ ସୃଷ୍ଟି କରି ଏକ ନୂଆ ମାଇଲଖୁଣ୍ଟ ସ୍ଥାପନ କରିଛନ୍ତି। ବିଘ୍ନରାଜ ମିରିଡ଼ିଆ, ଅଶୋକ ଦଣ୍ଡସେନା, ସୁସ୍ମିତା ଟିଗା ଓ ସବିତା ଟପ୍ପୋଙ୍କ ଭଳି କ୍ରୀଡ଼ାବିତମାନେ ନିଜ ନିଜ ବର୍ଗରେ ନୂତନ କୀର୍ତ୍ତିମାନ ଅର୍ଜନ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ଆଇନ ଓ ଶୃଙ୍ଖଳା) ସଞ୍ଜୟ କୁମାରଙ୍କ ସହ ଅନ୍ୟାନ୍ୟ ବରିଷ୍ଠ ପୋଲିସ ଅଧିକାରୀ ଏବଂ ଅନ୍ତର୍ଜାତୀୟ କରାଟେକା ଭାଲେନା ଭାଲଣ୍ଟିନା ଉପସ୍ଥିତ ଥିଲେ। ଓଡ଼ିଶା ପୋଲିସର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।


ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ ଯୋଗେଶ ବାହାଦୁର ଖୁରାନିଆ ଓ ଅନ୍ୟ ପୋଲିସ ଅଧିକାରୀଙ୍କ ଗହଣରେ ସମ୍ବର୍ଦ୍ଧିତ କ୍ରୀଡ଼ାବିତ୍। (ଫଟୋ: ବିକାଶ ନାୟକ)

## ଭାରତୀୟ କ୍ରୀଡ଼ା ଅର୍ଥନୀତି ୨ ବିଲିଅନ ଟପିଲା

**ନୂଆଦିଲ୍ଲୀ, ୨୩।୩(ପି.ଟି.):** ଭାରତୀୟ କ୍ରୀଡ଼ା ଅର୍ଥନୀତି ପ୍ରଥମ ଥର ପାଇଁ ୨ ବିଲିଅନ ଆମେରିକୀୟ ଡଲାର ଅତିକ୍ରମ କରିଛନ୍ତି। ଗତ ବର୍ଷ ଅପେକ୍ଷା ଏହା ୧୩.୪ ପ୍ରତିଶତ ବୃଦ୍ଧି ପାଇଛି। ଫଳରେ ଭାରତୀୟ କ୍ରୀଡ଼ା ଅର୍ଥନୀତୀ ବୃଦ୍ଧି ପାଇ ୨.୧୩ ବିଲିଅନରେ ପହଞ୍ଚିଛି। ଗତ ୪ ବର୍ଷ ମଧ୍ୟରେ ଏହି ଶିଳ୍ପ ଦୁଇ ଗୁଣା ବୃଦ୍ଧି ପାଇଛି। ଭାରତୀୟ କ୍ରୀଡ଼ାର ଅର୍ଥନୀତିର ୮୯ ପ୍ରତିଶତ କ୍ରିକେଟରୁ ଆସୁଛି। ୨୦୨୪ ବର୍ଷ ଏହା ୮୫% ଥିଲା। ଦେଶରେ ଲୋକପ୍ରିୟତା ବୃଦ୍ଧି ପାଉଥିବା ଅନ୍ୟ ସମସ୍ତ ଖେଳର ଅଂଶ ୧୧% ରହିଛି। ବର୍ତ୍ତମାନ କ୍ରିକେଟରୁ ୧୬,୭୦୪ କୋଟି ଟଙ୍କା ଆୟ ହୋଇଛି। ଏହି ମୂଲ୍ୟାଙ୍କନ ଡବ୍ଲ୍ୟୁପିପି ମିଡିଆ ପକ୍ଷରୁ ‘ସ୍ପୋର୍ଟିଂ ନେଶନ: ବିଲ୍ଡିଂ ଏ ଲିଗାସୀ’ ରିପୋର୍ଟରେ ପ୍ରକାଶ କରାଇଛି। ଏଥିରେ ସ୍ପନସରଶିପ୍ (ଗ୍ରାଉଣ୍ଡ, ଦଳ ଓ ଫ୍ରାଞ୍ଚାଇଜ ଫି), ଆଥଲେଟ୍‌ଙ୍କ ଏଣ୍ଡୋର୍ସମେଣ୍ଟ ଓ ବିଜ୍ଞାପନ ଖର୍ଚ୍ଚକୁ ଆଧାର କରି ରିପୋର୍ଟ ପ୍ରସ୍ତୁତ କରାଯାଏ।

# ଆଇପିଏଲ୍ ପାଇଁ ନୂଆ ଗାଇଡ୍‌ଲାଇନ୍ସ

**ନୂଆଦିଲ୍ଲୀ, ୨୩।୩**

ଆଗାମୀ ଆଇପିଏଲ୍ ଲାଗି ଭାରତୀୟ କ୍ରିକେଟ କଣ୍ଟ୍ରୋଲ ବୋର୍ଡ (ବିସିସିଆଇ) ପକ୍ଷରୁ ସୋମବାର ନୂଆ ଗାଇଡ୍‌ଲାଇନ ଜାରି କରାଯାଇଛି। କ୍ରିକ୍‌ବଜରେ ପ୍ରକାଶିତ ରିପୋର୍ଟ ମୁତାବକ, ନୂଆ ଗାଇଡ୍‌ଲାଇନ୍ସକୁ ସମସ୍ତ ଫ୍ରାଞ୍ଚାଇଜ ନିକଟକୁ ପଠାଯାଇଛି।

**ପ୍ରାକ୍ଟିସ ସମ୍ପର୍କିତ ନିୟମ**

ଦଳମାନଙ୍କୁ ପ୍ରାକ୍ଟିସ ଅଞ୍ଚଳରେ ୨ଟି ନେଟ୍ସ ଦିଆଯିବ। ରେଞ୍ଜ ହିଟିଂ ପ୍ରାକ୍ଟିସ କରିବା ପାଇଁ ଗ୍ରାଉଣ୍ଡର ମୁଖ୍ୟ ପିଚ୍‌ର ଉଭୟ ପାର୍ଶ୍ୱରେ ଥିବା ପିଚ୍‌ରେ ଦୁଇ ଦଳ ପ୍ରାକ୍ଟିସ କରିପାରିବେ। ଯଦି ଉଭୟ ଦଳ ସମାନ ସମୟରେ ପ୍ରାକ୍ଟିସ କରନ୍ତି, ତେବେ ସେମାନଙ୍କୁ ଦୁଇଟି ପିଚ୍ ଦିଆଯିବ। ବିନା ନେଟ୍ସରେ ପ୍ରାକ୍ଟିସ ହୋଇପାରିବ ନାହିଁ। ଯଦି କୌଣସି ଦଳ ତା’ର ପ୍ରାକ୍ଟିସ ଶୀଘ୍ର ଶେଷ କରି ସେହି ପ୍ରାକ୍ଟିସ ପିଚ୍‌ରେ ଅନ୍ୟ ଦଳ ପ୍ରାକ୍ଟିସ କରିପାରିବ ନାହିଁ। ମ୍ୟାଚ୍ ଦିନ ପ୍ରାକ୍ଟିସ କରାଯାଇପାରିବ ନାହିଁ। ମ୍ୟାଚ୍ ଦିନ ମୁଖ୍ୟ ଗ୍ରାଉଣ୍ଡରେ କୌଣସି ଫିଟ୍‌ନେସ ଟେଷ୍ଟ ହୋଇପାରିବ ନାହିଁ। ପ୍ରାକ୍ଟିସ ଦିନ କେବଳ ସ୍ୱୀକୃତିପ୍ରାପ୍ତ ଷ୍ଟାଫଙ୍କୁ ଡ୍ରେସିଂ ରୁମ ଓ ଫିଲ୍ଡ ମଧ୍ୟରେ ପ୍ରବେଶ କରିବାକୁ ଅନୁମତି ମିଳିବ। ଖେଳାଳିଙ୍କ ପରିବାରବର୍ଗ ଓ ବନ୍ଧୁ ଭିନ୍ନ ଗାଡ଼ିରେ ଟ୍ରାଭେଲ କରିବେ ଓ ହସ୍ପିଟାଲିଟି ଏରିଆରେ ବସି ଦଳର ପ୍ରାକ୍ଟିସ ଦେଖିପାରିବେ। ଥ୍ରୋ ଡାଉନ ସ୍ପେଶାଲିଷ୍ଟ ଓ ନେଟ୍ ବୋଲରଙ୍କ ଭଳି ସପୋର୍ଟ ଷ୍ଟାଫଙ୍କ ତାଲିକାକୁ ବିସିସିଆଇ ନିକଟରେ ଦାଖଲ କରିବାକୁ ପଡ଼ିବ। ଅନୁମୋଦନ ମିଳିବା ପରେ ସେମାନଙ୍କୁ ନନ୍-ମ୍ୟାଚ୍ ଡେ’ ଆକ୍ରିଡିଟେଶନ ଜାରି କରାଯିବ। ପ୍ରାକ୍ଟିସ ଲାଗି ଖେଳାଳିମାନେ ଦଳୀୟ ବସ ବ୍ୟବହାର କରିବେ ଏବଂ ଦଳଗୁଡ଼ିକ ଦୁଇ ବ୍ୟାଚ୍‌ରେ ଟ୍ରାଭେଲ କରିପାରିବେ।

**ମ୍ୟାଚ୍ ଦିନର ନିୟମ**

ପ୍ଲେୟର ଆଣ୍ଡ ମ୍ୟାଚ୍ ଅଫିସିଆଲ ଏରିଆ (ପିଏମ୍‌ଓଏ) ସ୍ୱୀକୃତି ପ୍ରାପ୍ତ ଷ୍ଟାଫ ମ୍ୟାଚ୍ ଦିନ ସେମାନଙ୍କ ଆକ୍ରିଡିଟେଶନ ଆଣିବା ବାଧ୍ୟତାମୂଳକ। ଆକ୍ରିଡିଟେଶନ ଆଣିବାରେ ବିଫଳ ହେଲେ ପ୍ରଥମ ଥର ଚେତାବନୀ ଦିଆଯିବ ଏବଂ ଦ୍ୱିତୀୟ ଥର ଦଳକୁ ଜରିମାନା କରାଯିବ। ଖେଳାଳି ଓ ସପୋର୍ଟ ଷ୍ଟାଫ ଏଲ୍‌ଇଡି ବୋର୍ଡ୍ସ ଆଗରେ ବସିପାରିବେ ନାହିଁ। ଖେଳାଳିଙ୍କ ପାଇଁ ଟାୱେଲ ଓ ପାଣି ବୋତଲ ନେଉଥିବା ସବଷ୍ଟିଚ୍ୟୁଟ ଖେଳାଳିଙ୍କ ଲାଗି ପଡ଼ିଆରେ ବସିବା ପାଇଁ ସ୍ପନସରଶିପ୍ ଦଳ ପକ୍ଷରୁ ଚିହ୍ନଟ କରାଯିବ। ଅରେଞ୍ଜ ଓ ପର୍ପଲ କ୍ୟାପ କ୍ଷେତ୍ରରେ ଖେଳାଳିଙ୍କୁ ଅତିକମ୍‌ରେ ଦୁଇ ଓଭର ପର୍ଯ୍ୟନ୍ତ କ୍ୟାପ ପିନ୍ଧିବାକୁ ଅନୁରୋଧ କରାଯାଇଛି, ଯାହା ଫଳରେ ପ୍ରସାରଣ ଚ୍ୟାନେଲ ତାହାକୁ କଭର କରିପାରିବ। ମ୍ୟାଚ୍ ପରବର୍ତ୍ତୀ ଉପସ୍ଥାପନରେ ହାତକଟା ଜର୍ସି ପିନ୍ଧି ହେବ ନାହିଁ। ଏଥିରେ ବିଫଳ ହେଲେ ପ୍ରଥମେ ଚେତାବନୀ, ଦ୍ୱିତୀୟ ଥରରେ ଦଳକୁ ଜରିମାନା କରାଯିବ। ଗତ ବର୍ଷ ଆଇପିଏଲ୍ ଭଳି ଟିମ ଡକ୍ଟରଙ୍କ ସମେତ ୧୨ ସ୍ୱୀକୃତିପ୍ରାପ୍ତ ସପୋର୍ଟ ଷ୍ଟାଫଙ୍କୁ ମ୍ୟାଚ୍ ଦିନ ଅନୁମତି ଦିଆଯିବ।

# ଅରୁନ୍ଧତୀ, ସାହିବଜାଦା ପ୍ଲେୟର ଅଫ୍ ଦି ମନ୍ଥ

**ଦୁବାଇ, ୨୩।୩ (ପି.ଟି.)**

ଅଷ୍ଟ୍ରେଲିଆ ବିପକ୍ଷ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଚମତ୍କାର ପ୍ରଦର୍ଶନ ପାଇଁ ଭାରତର ମିଡିୟମ ପେସ୍ ବୋଲର ଅରୁନ୍ଧତୀ ରେଡ୍ଡୀ ଫେବୃଆରୀ ମାସ ପାଇଁ ଆଇସିସି ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଅନ୍ୟପକ୍ଷରେ ପୁରୁଷ ଟି୨୦ ବିଶ୍ୱକପ୍‌ରେ ଉଲ୍ଲେଖନୀୟ ପ୍ରଦର୍ଶନ ପାଇଁ ପାକିସ୍ତାନ ଓପନର ସାହିବଜାଦା ଫରହାନ ପ୍ଲେୟର ଅଫ୍ ଦି ମନ୍ଥ ବିବେଚିତ ହୋଇଛନ୍ତି। ଡାଉନ୍ ଅଣ୍ଡରରେ ରେଡ୍ଡୀ ଚମତ୍କାର ସିମ୍ ବୋଲିଂ କରିଥିଲେ, ଯାହାଫଳରେ ଅଷ୍ଟ୍ରେଲିଆ ବିପକ୍ଷ ୩ ମ୍ୟାଚ ବିଶିଷ୍ଟ ଅନ୍ତର୍ଜାତୀୟ ଟି୨୦ ସିରିଜରେ ଭାରତ ୨-୧ରେ ବିଜୟୀ ହୋଇଥିଲା। ସିରିଜରେ ସେ ଅଗ୍ରଣୀ ଉଇକେଟହାସଲକାରୀ ବୋଲର ଥିଲେ। ଅନ୍ୟପକ୍ଷରେ ସାହିବଜାଦା ଅନେକ ଷ୍ଟଲୱାର୍ଟଙ୍କୁ ପଛରେ ପକାଇ ପୁରସ୍କାର ଜିତିଛନ୍ତି।

# ବିଦେଶୀ ଖେଳାଳିଙ୍କୁ ଆତଙ୍କବାଦୀ ଧମକ

**କରାଚୀ, ୨୩।୩**

### ଅନିଶ୍ଚିତତାରେ ପିଏସ୍‌ଏଲ୍

ପାକିସ୍ତାନ ସୁପର ଲିଗ୍ (ପିଏସ୍‌ଏଲ୍)ର ୧୧ତମ ସଂସ୍କରଣ ଆସନ୍ତା ଗୁରୁବାରଠାରୁ ଆରମ୍ଭ ହେବାକୁ ଥିବାବେଳେ ଏହାକୁ ନେଇ ଅନିଶ୍ଚିତତା ଦେଖାଦେଇଛି। ଏହି ଟୁର୍ନାମେଣ୍ଟରେ ବିଦେଶୀ ଖେଳାଳିଙ୍କୁ ଅଂଶଗ୍ରହଣ ନ କରିବା ପାଇଁ ଆତଙ୍କବାଦୀ ସଂଗଠନ ତେହରିକ-ଇ-ତାଲିବାନ ପାକିସ୍ତାନ (ଟିଟିପି) ଚେତାବନୀ ଦେଇଛି। ଏହି ଆତଙ୍କବାଦୀ ସଂଗଠନର ଶାଖା ଗୋଷ୍ଠୀ ଜମାତ-ଉଲ-ଆହରର ପକ୍ଷରୁ ବିଦେଶୀ ଖେଳାଳିଙ୍କୁ ସୁରକ୍ଷା କାରଣ ଦର୍ଶାଇ ଲିଗ୍‌ରୁ ଓହରିଯିବାକୁ ପରାମର୍ଶ ଦେଇଛି। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଓ ଏହାର ପ୍ରଭାବ ଯୋଗୁ ଚଳିତ ବର୍ଷ ପିଏସ୍‌ଏଲ୍‌କୁ କରାଚୀ ଓ ଲାହୋର ଭେନ୍ୟୁ ମଧ୍ୟରେ ସୀମିତ ରଖିବା ପାଇଁ ପାକିସ୍ତାନ କ୍ରିକେଟ ବୋର୍ଡ ଘୋଷଣା କରିବା ପରେ ଏଭଳି ଅପଡେଟ୍ ଆସିଛି। ପାକିସ୍ତାନର ଏକ ଏକ୍ସ’ ଆକାଉଣ୍ଟ ‘ଇସ୍ଲାମାବାଦ ପୋଷ୍ଟ’ରେ ଧମକପୂର୍ଣ୍ଣ ପୋଷ୍ଟ ଶେୟାର କରାଯାଇଛି। ‘ବ୍ୟକ୍ତିଗତ ସୁରକ୍ଷାକୁ ପ୍ରାଥମିକତା ଦିଅ ଏବଂ ତୁରନ୍ତ ଟୁର୍ନାମେଣ୍ଟରୁ ଓହରିଯାଅ। ଏବେ ଦେଶରେ ବ୍ୟବସ୍ଥିତ ସୈନ୍ୟ ଦମନ ଓ ସରକାରଙ୍କ ଦ୍ୱାରା କରାଯାଉଥିବା ହିଂସା କାରଣରୁ ମୁଖ୍ୟତଃ ଖାଇବର ପାଖତୁନଖ୍ୱା ଓ ବେଲୁଚିସ୍ତାନରେ ରହୁଥିବା ଲୋକେ ବଞ୍ଚିବା ପାଇଁ ସଂଘର୍ଷ କରୁଛନ୍ତି ବୋଲି ପୋଷ୍ଟ କରାଯାଇଛି।

# କ୍ୟାଣ୍ଡିଡେଟ୍ସ: ହମ୍ପିଙ୍କ ସ୍ଥାନରେ ୟୁକ୍ରେନର ମୁଜିଚୁକ

**ନୂଆଦିଲ୍ଲୀ, ୨୩।୩ (ପି.ଟି.)**

ସାଇପ୍ରସର ପାଫୋସଠାରେ ଶନିବାରଠାରୁ ଆରମ୍ଭ ହେବାକୁ ଥିବା ଆଗାମୀ କ୍ୟାଣ୍ଡିଡେଟ୍ସ ଟୁର୍ନାମେଣ୍ଟରୁ ଭାରତର କୋନେରୁ ହମ୍ପି ଓହରିବା ପରେ ତାଙ୍କ ବଦଳରେ ୟୁକ୍ରେନର ଆନା ମୁଜିଚୁକଙ୍କୁ ସାମିଲ କରାଯାଇଛି। ଏହି ଟୁର୍ନାମେଣ୍ଟର ପୁରୁଷ ଓ ମହିଳା ବିଭାଗର ବିଜେତା ବର୍ତ୍ତମାନ ୱାର୍ଲ୍ଡ ଚାମ୍ପିୟନ ଥିବା ଡି ଗୁକେଶ (ଓପେନ) ଓ ଜୁନ ୱେନଜୁନ (ମହିଳା)ଙ୍କୁ ଚ୍ୟାଲେଞ୍ଜ କରିବେ। ପଶ୍ଚିମ ଏସିଆରେ ଚାଲିଥିବା ଯୁଦ୍ଧ ଯୋଗୁ ଦୁଇ ଥରର ମହିଳା ୱାର୍ଲ୍ଡ ରାପିଡ ଚାମ୍ପିୟନ ବ୍ୟକ୍ତିଗତ ସୁରକ୍ଷାଗତ କାରଣରୁ ଟୁର୍ନାମେଣ୍ଟରୁ ଓହରି ଯାଇଥିଲେ।

# ଓଡ଼ିଶା ବାଳିକା ଦଳକୁ ସ୍ୱର୍ଣ୍ଣ, ବାଳକ ରୌପ୍ୟ

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

### ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍

ଓଡ଼ିଶା ରୋଲ ବଲ୍ ଆସୋସିଏଶନ ଆନୁକୂଲ୍ୟରେ ୪ର୍ଥ ଜାତୀୟ ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍ ସ୍ଥାନୀୟ ବିଡିଏ ବୁଦ୍ଧ ଜୟନ୍ତ ପାର୍କ ପରିସରରେ ଅନୁଷ୍ଠିତ ହୋଇଯାଇଛି। ଏଥିରେ ଓଡ଼ିଶା ବାଳିକା ଓ ବାଳକ ଦଳ ଚମତ୍କାର ଖେଳି ପ୍ରଦର୍ଶନର ଛାପ ଛାଡ଼ିଛନ୍ତି। ପ୍ରତିଯୋଗିତାରେ ଆସାମ, ଅରୁଣାଚଳ ପ୍ରଦେଶ, ଛତିଶଗଡ଼, ଝାଡ଼ଖଣ୍ଡ ଓ ପଶ୍ଚିମବଙ୍ଗ ଆଦି ୬ଟି ଦଳ ନିକଟରୁ ଓଡ଼ିଶା କଡ଼ା ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା। ମାତ୍ର ପ୍ରତିଭା ପ୍ରଦର୍ଶନ କରି ଘରୋଇ ଦଳ ଶେଷରେ ବାଜି ମାରିଛି। ଓଡ଼ିଶା ବାଳିକା ଦଳ ଫାଇନାଲରେ ଝାଡ଼ଖଣ୍ଡକୁ ୮-୩ରେ ପରାସ୍ତ କରି ସ୍ୱର୍ଣ୍ଣ ପଦକ ହାସଲ କରିଛି। ସେହିପରି ଓଡ଼ିଶା ବାଳକ ଦଳ ପ୍ରଭାବୀ ପ୍ରଦର୍ଶନ କରିଥିଲେ ହେଁ ଫାଇନାଲରେ ଝାଡ଼ଖଣ୍ଡଠାରୁ ହାରି ରୌପ୍ୟ ପଦକ ଅର୍ଜନ କରିଛି। ଓଡ଼ିଶା ରୋଲ ବଲ୍ ଆସୋସିଏଶନ ସମ୍ପାଦକ ସୌଦାମିନୀ ପାତ୍ର ଓଡ଼ିଶା ଦଳର ପ୍ରଦର୍ଶନକୁ ଉଚ୍ଚ ପ୍ରଶଂସା କରିଛନ୍ତି। ଜାତୀୟ ମଞ୍ଚରେ ଓଡ଼ିଶା ଖେଳାଳିମାନେ ରାଜ୍ୟକୁ ଗର୍ବିତ କରିଛନ୍ତି ବୋଲି ସେ ପ୍ରକାଶ କରିଛନ୍ତି।



ଜାତୀୟ ପୂର୍ବାଞ୍ଚଳ ରୋଲ ବଲ୍ ଚାମ୍ପିୟନଶିପ୍‌ରେ ସଫଳତା ଅର୍ଜନ କରିଥିବା ଓଡ଼ିଶା ବାଳିକା ଓ ବାଳକ ଦଳ।

## ହକି ପୁରସ୍କାର ଦୌଡ଼ରେ ହାର୍ଦ୍ଦିକ, ସୁଖଜିତ୍, ସଞ୍ଜୟ, ଅଭିଷେକ

**ନୂଆଦିଲ୍ଲୀ, ୨୩।୩ (ପି.ଟି.):** ଷ୍ଟାର ଭାରତୀୟ ମିଡ୍‌ଫିଲ୍ଡର ହାର୍ଦ୍ଦିକ ସିଂ, ଫରୱାର୍ଡ ଖେଳାଳି ସୁଖଜିତ୍ ସିଂ ଓ ସଞ୍ଜୟ ଏବଂ ଡିଫେଣ୍ଡର ଅଭିଷେକ ପ୍ରମୁଖ ୨୦୨୫ ବର୍ଷର ହକି ଇଣ୍ଡିଆ ବଲ୍‌ବୀର ସିଂ ସିନିୟର ପ୍ଲେୟର ଅଫ୍ ଦି ଇୟର ଦୌଡ଼ରେ ରହିଛନ୍ତି। ମହିଳା କାଟେଗୋରୀର ସାଲିମା ଟେଟେ, ନବନୀତ କୌର, ଲାଲ୍‌ରେମ୍‌ସିଆମି ଓ ସବିତା ପ୍ରମୁଖଙ୍କ ନାମ ଏହି ପୁରସ୍କାର ପାଇଁ ସୁପାରିସ ହୋଇଛି। ହକିଇଣ୍ଡିଆ ପୁରସ୍କାର ଉତ୍ସବ ଏଠାରେ ଶୁକ୍ରବାର ଅନୁଷ୍ଠିତ ହେବ। ଏଥିରେ ଉଦୀୟମାନ ଖେଳାଳିମାନଙ୍କୁ ମଧ୍ୟ ପୁରସ୍କୃତ କରାଯିବ। ଏହି ବର୍ଗରେ ଅପ୍‌କମିଂ ପ୍ଲେୟର ଅଫ୍ ଦି ଇୟର (୨୧ ବର୍ଷରୁ କମ୍ ପୁରୁଷ) ପାଇଁ ଯୁଗରାଜ ସିଂ ଆୱାର୍ଡ ଏବଂ ପ୍ଲେୟର ଅଫ୍ ଦି ଇୟର (୨୧ ବର୍ଷରୁ କମ୍ ମହିଳା) ପାଇଁ ଅସୁନ୍ତା ଲାକ୍ରା ପୁରସ୍କାର ରହିଛି।

### ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ

# ୟୁନିଟ୍-୬ କ୍ଲବ ଚାମ୍ପିୟନ


ଅତିଥିଙ୍କଠାରୁ ପୁରସ୍କାର ଗ୍ରହଣ ଅବସରରେ ଚାମ୍ପିୟନ ୟୁନିଟ-୬ କ୍ଲବର ଖେଳାଳିମାନେ।

**ଭୁବନେଶ୍ୱର, ୨୩।୩ (ତପନ ସ୍ୱାଇଁ)**

ସିଟି କ୍ଲବ, ଭୁବନେଶ୍ୱର ଆଥ୍‌ଲେଟିକ୍ ଆସୋସିଏଶନ ଏବଂ ଦେବେନ୍ଦ୍ର ପ୍ରଧାନ ଫାଉଣ୍ଡେଶନ ଟ୍ରଷ୍ଟ ଆନୁକୂଲ୍ୟରେ ୧ମ ଦେବେନ୍ଦ୍ର ପ୍ରଧାନ ସ୍ମାରକୀ ଫୁଟବଲ ଟୁର୍ନାମେଣ୍ଟ ଉଦ୍‌ଯାପିତ ହୋଇଛି। ଫାଇନାଲରେ ଅନୁଗୋଳ ଏଫ୍‌ସିକୁ ୧-୦ ଗୋଲରେ ହରାଇ ୟୁନିଟ-୬ ଦଳ ଚାମ୍ପିୟନ ହୋଇଛି। ଆଇନ୍ ଓ ପୂର୍ତ୍ତ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନ ମୁଖ୍ୟ ଅତିଥିଭାବେ ଯୋଗଦେଇ ଚାମ୍ପିୟନ ଦଳକୁ ଟ୍ରଫି ସହ ୨ ଲକ୍ଷ ଏବଂ ରନରଅପ୍ ଦଳକୁ ୧ ଲକ୍ଷ ଟଙ୍କା ପ୍ରଦାନ କରିଛନ୍ତି। ପରାଜିତ ଦୁଇ ସେମିଫାଇନାଲିଷ୍ଟ ଦଳ ମଙ୍ଗଳା କ୍ଲବ ଏବଂ ରାଧାରମଣ କ୍ଲବକୁ ୨୫,୦୦୦ ଟଙ୍କା ଲେଖାଏ ପ୍ରଦାନ କରାଯାଇଛି। ଅନୁଗୋଳ ଦଳର ସମୀର ମାଝି ଟୁର୍ନାମେଣ୍ଟର ଶ୍ରେଷ୍ଠ ଖେଳାଳି ପୁରସ୍କାର ହାସଲ କରିଛନ୍ତି। ଅନ୍ୟ ଅତିଥିଙ୍କ ମଧ୍ୟରେ ଓଡ଼ିଶା ଅଲିମ୍ପିକ୍ ଆସୋସିଏଶନ ସଭାପତି ସମୀର ମହାନ୍ତି, ସମ୍ପାଦକ ଅଭିଜିତ ପାଲ, ବିଧାୟକ ଅଶୋକ ମହାନ୍ତି, ବାବୁ ସିଂ, ପୂର୍ବତନ ବିଧାୟକ ପ୍ରିୟଦର୍ଶୀ ମିଶ୍ର, ଭାଜପା ନେତା ଜଗନ୍ନାଥ ପ୍ରଧାନ, ଭୁବନେଶ୍ୱର ସାଙ୍ଗଠନିକ ସଭାପତି ନିରଞ୍ଜନ ମିଶ୍ର, ସୁରଥ ବିଶ୍ୱାଳ, ଓଡ଼ିଶା କ୍ରିକେଟ ଆସୋସିଏଶନ ସଭାପତି ପଙ୍କଜ ଲୋଚନ ମହାନ୍ତି, ଭୁବନେଶ୍ୱର ଆଥଲେଟିକ୍ ଆସୋସିଏଶନ ସଭାପତି ସୁରେଶ କୁମାର ରାଉତରାୟ, ସମ୍ପାଦକ ସୌର୍ଯ୍ୟରଞ୍ଜନ ପରିଜା, ଏସ.ଆର. ପରିଜା, ଭାଗ୍ୟଧର ଜଗଦେବ, ଯଜ୍ଞାଶିଷ ମହାପାତ୍ର, ଦିଲୀପ ଦାସ ପ୍ରମୁଖ ଉପସ୍ଥିତ ଥିଲେ। ଫାଇନାଲ ପୂର୍ବରୁ ନୀତା ଫୁଟବଲ ଏକାଡେମୀ ଓ ସ୍ପୋର୍ଟ୍ସ ହଷ୍ଟେଲ ମଧ୍ୟରେ ଏକ ମହିଳା ପ୍ରଦର୍ଶନୀ ମ୍ୟାଚ ଅନୁଷ୍ଠିତ ହୋଇଥିଲା। ଆସନ୍ତା ବର୍ଷ ଏହି ଟୁର୍ନାମେଣ୍ଟକୁ ‘ଉତ୍କଳ କପ୍’ ନାମରେ ନାମିତ କରିବାକୁ ପ୍ରସ୍ତାବ ରହିଛି ବୋଲି ସିଟି କ୍ଲବ ସମ୍ପାଦକ ପ୍ରଦୀପ କୁମାର ରାଉତରାୟ ପ୍ରକାଶ କରିଛନ୍ତି।

Printed and Published by Adyasha Satpathy on behalf of Navajat Printers & Media Pvt. Ltd.& Printed at Navajat Printers, B/4, Bareipali, Sambalpur, Editor - Tathagata Satpathy ସମ୍ପାଦକ-ତଥାଗତ ସତପଥୀ